RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-159 ◆FRIDAY ◆5 DECEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୯ ◆ଶୁକ୍ରବାର ◆୫ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜାତୀୟ ବ୍ୟାଡ୍‌ମିଣ୍ଟନ୍ ସେମିରେ ତନ୍‌ଭୀ

▶ପୃଷ୍ଠା ୧୨ ଦେଖନ୍ତୁ...

## ଭାରତରେ ରୁଷ ରାଷ୍ଟ୍ରପତି ପୁତିନ

# ଆଜି ଦିଲ୍ଲୀ ଶିଖର ବୈଠକ



■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଦୁଇ ଦିନିଆ ଭାରତ ଗସ୍ତରେ ଆସି ଦିଲ୍ଲୀରେ ପହଞ୍ଚିଛନ୍ତି। ଆଜି ସନ୍ଧ୍ୟାରେ ତାଙ୍କ ବିମାନ ଦିଲ୍ଲୀ ବିମାନବନ୍ଦରରେ ଅବତରଣ କରିଥିବା ବେଳେ ସେଠାରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ କରିଛନ୍ତି। ୟୁକ୍ରେନ ଯୁଦ୍ଧ ପରେ ଏହା ହେଉଛି ପୁତିନଙ୍କ ପ୍ରଥମ ଭାରତ ଗସ୍ତ। ପୁଣି ଏହି ଯୁଦ୍ଧକୁ ନେଇ ରୁଷ ଉପରେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର କଟକଣା ଲଗାଇଥିବାରୁ ତାଙ୍କର ଭାରତ ଗସ୍ତ ଉପରେ ସାରା ବିଶ୍ୱର ନଜର ରହିଛି।

### ସାମରିକ, ବାଣିଜ୍ୟ, ଶକ୍ତି ସହଯୋଗ ଉପରେ ହେବ ଆଲୋଚନା

ଆଜି ସନ୍ଧ୍ୟାରେ ଦିଲ୍ଲୀ ବିମାନ ବନ୍ଦରରେ ପୁତିନଙ୍କୁ ସ୍ୱାଗତ କରିଥିଲେ ପ୍ରଧାନମନ୍ତ୍ରୀ ମୋଦୀ। ଏହାପରେ ସେଠାରୁ ଗୋଟିଏ କାରରେ ବସି ବାହାରିଥିଲେ ଦୁଇ ନେତା। ପ୍ରଧାନମନ୍ତ୍ରୀ ମୋଦୀ ଆଜି ସନ୍ଧ୍ୟାରେ ରାଷ୍ଟ୍ରପତି ପୁତିନଙ୍କ ସମ୍ମାନରେ ନୈଶ ଭୋଜିର ଆୟୋଜନ କରିଛନ୍ତି। ୪ ବର୍ଷ ପରେ ପୁତିନ ଭାରତ ଆସିଛନ୍ତି ଏବଂ ସେ ୨୩ତମ ଭାରତ-ରୁଷ ବାର୍ଷିକ ଶୀର୍ଷ ସମ୍ମିଳନୀରେ ଭାଗ ନେବେ। ଚଳିତ ବର୍ଷ ଦୁଇ ନେତାଙ୍କ ମଧ୍ୟରେ ୫ ଥର ଫୋନରେ କଥାବାର୍ତ୍ତା ହୋଇଥିବା ବେଳେ ଗତ ସେପଟେମ୍ବର ପହିଲାରେ ଚୀନରେ ହୋଇଥିବା ଏସ୍‌ସିଓ ଶୀର୍ଷ ସମ୍ମିଳନୀରେ ସାକ୍ଷାତ ଆଲୋଚନା ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ ଆସନ୍ତାକାଲି ଦିନ ୧୧ଟାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରୁଷ ରାଷ୍ଟ୍ରପତି ପୁତିନଙ୍କୁ ଆନୁଷ୍ଠାନିକ ଭାବେ ସ୍ୱାଗତ ଜଣାଇବେ। ସେଠାରୁ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ ପୁତିନ। ଏହାପରେ ହାଇଦ୍ରାବାଦ ହାଉସରେ ଦୁଇ ଦେଶ ମଧ୍ୟରେ ଶିଖର ବୈଠକ ଅନୁଷ୍ଠିତ ହେବ। ଦୁଇ ଦେଶ ମଧ୍ୟରେ ସାମରିକ, ବାଣିଜ୍ୟ ଓ ଶକ୍ତି ସହଯୋଗ ନେଇ ଆଲୋଚନା ହେବ।

ଆଗାମୀ ୨୦୩୦ ସୁଦ୍ଧା ଦୁଇ ଦେଶ ମଧ୍ୟରେ ଶହେ ବିଲିଅନ୍ ଡଲାର୍‌ର ବାଣିଜ୍ୟିକ କାରବାରର ପାଇଁ ଆଲୋଚନାରେ ଖସଡ଼ା ପ୍ରସ୍ତୁତ ହେବ। ଏହାଛଡ଼ା ଭାରତକୁ ଏସୟୁ-୫୭ ଯୁଦ୍ଧ ବିମାନ ଓ ଏସ୍ ୪୦୦/୫୦୦ ଏୟାର୍ ଡିଫେନ୍ସ ସିଷ୍ଟମ୍ ଯୋଗାଣ ଓ ଆଣବିକ ଶକ୍ତି ସମ୍ପର୍କିତ ଆଲୋଚନା ଓ ଚୁକ୍ତି ସ୍ୱାକ୍ଷରିତ ହୋଇପାରେ ବୋଲି ସୂଚନା ମିଳିଛି। ଆସନ୍ତାକାଲି ରାତି ୯ଟାରେ ପୁତିନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ।

# ଇଣ୍ଡିଗୋ ସେବାରେ ଅଚଳାବସ୍ଥା

## ତୃତୀୟ ଦିନରେ ୩୦୦ ବିମାନ ବାତିଲ




■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ପାଇଲଟ ଏବଂ ବିମାନ କର୍ମଚାରୀଙ୍କ ଅଭାବ ଯୋଗୁଁ ଆଜି ତୃତୀୟ ଦିନ ଧରି ଇଣ୍ଡିଗୋ ବିମାନ ସେବା ଗୁରୁତର ଭାବେ ବଧାପ୍ରାପ୍ତ ହୋଇଛି। ଦେଶର ସବୁଠାରୁ ବଡ଼ ବିମାନ ସେବା ଯୋଗାଣକାରୀ ଇଣ୍ଡିଗୋ ଆଜି ୩୦୦ ବିମାନ ବାତିଲ କରିଛି। ଏଥିରେ ଉଭୟ ଦେଶ ଓ ଆନ୍ତର୍ଜାତିକ ବିମାନ ସେବା ସାମିଲ ରହିଛି। ଫଳରେ ଦେଶବ୍ୟାପୀ ପ୍ରାୟ ସମସ୍ତ ବିମାନ ବନ୍ଦରରେ ଯାତ୍ରୀ ଭୀଷଣ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ସମେତ ବଡ଼ ବଡ଼ ବିମାନ ବନ୍ଦରରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶତାଧିକ ବିମାନ ସେବା ବିଳମ୍ବିତ ହୋଇଥିବା ବେଳେ ୩୦୦ ବିମାନ ବାତିଲ ଯୋଗୁଁ ହଜାର ହଜାର ଯାତ୍ରୀ ଅଣନିଶ୍ୱାସୀ ହୋଇପଡ଼ିଛନ୍ତି। ଏହି ଅସୁବିଧା ପାଇଁ ଇଣ୍ଡିଗୋ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିଛନ୍ତି। ବେସାମରିକ ବିମାନ ଚଳାଚଳ ସେବା ନିୟନ୍ତ୍ରଣ କରୁଥିବା ଡିଜିସିଏ ଆଜି ଇଣ୍ଡିଗୋ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିବା ଜଣାପଡ଼ିଛି।

ପାଇଲଟ ସମେତ ବିମାନ କ୍ରୁ ସଦସ୍ୟଙ୍କ ପାଇଁ ଡିଜିସିଏ ▶ପୃଷ୍ଠା-୭

## ଭୁବନେଶ୍ୱରରେ ଯାତ୍ରୀ ହିନସ୍ତା

▶▶ ୧୪ ବିମାନ ବାତିଲ, ୨୪ ବିଳମ୍ବିତ ଉଡାଣ

▶▶ ବିସ୍କୁଟ୍, ସ୍ନାକ୍ସ ଦେଇ କାମ ସାରି ଦେଉଛି କମ୍ପାନୀ

■ ଭୁବନେଶ୍ୱର, ୪।୧୨ (ସମିସ): କର୍ମଚାରୀ ନିଅଣ୍ଟ ଓ ବୈଷୟିକ ତ୍ରୁଟି ଯୋଗୁଁ ପ୍ରଭାବିତ ହୋଇଥିବା ଇଣ୍ଡିଗୋ ବିମାନ ସେବା ଲଗାତାର ତୃତୀୟ ଦିନରେ ମଧ୍ୟ ଅଚଳାବସ୍ଥା ଲାଗି ରହିଛି। ଗୁରୁବାର ଇଣ୍ଡିଗୋର ଏକାଧିକ ବିମାନ ଉଡ଼ାଣକୁ ବାତିଲ୍ କରାଯିବା ଦ୍ୱାରା ସାରା ଦେଶରେ ଯାତ୍ରୀ ସେବା ପ୍ରଭାବିତ ହୋଇଛି। ଏହି କ୍ରମରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ମଧ୍ୟ ଏହାର ଗୁରୁତର ପ୍ରଭାବ ପଡ଼ିଛି। ଯାତ୍ରୀଙ୍କୁ କୌଣସି ସୂଚନା ନଦେଇ ବିମାନ ବାତିଲ କରାଯାଉଥିବା ଯୋଗୁଁ ଯାତ୍ରୀଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଯାତ୍ରୀଙ୍କୁ ବିସ୍କୁଟ ଓ ସ୍ନାକ୍ସ ଦେଇ ଇଣ୍ଡିଗୋ ଠକୁଥିବା ଅଭିଯୋଗ କରିବା ସହ କମ୍ପାନୀ ▶ପୃଷ୍ଠା-୭

## ହଟିବ ସବୁ ଟୋଲ୍ ଗେଟ୍

■ ନୂଆଦିଲ୍ଲୀ, ୪।୧୨ (ଏଜେନ୍ସି): ଆସନ୍ତା ୨୦୨୬ ଡିସେମ୍ବର ସୁଦ୍ଧା ଦେଶର ଜାତୀୟ ରାଜପଥଗୁଡିକରୁ ସମସ୍ତ ଟୋଲ୍ ଗେଟ୍ ହଟିବ। ରାଜପଥରେ ପ୍ରଚଳିତ ବର୍ତ୍ତମାନର ଟୋଲ୍ ଆଦାୟ ବ୍ୟବସ୍ଥା ଉଚ୍ଛେଦ ହେବ। ଏହାକୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍, ପ୍ରତିବନ୍ଧକ-ମୁକ୍ତ ଟୋଲ୍ ବ୍ୟବସ୍ଥା ଦ୍ୱାରା ବଦଳାଯିବ ବୋଲି ଗୁରୁବାର ଲୋକସଭାରେ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନିତିନ ଗଡକରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ନୂତନ ବ୍ୟବସ୍ଥା ୧୦ଟି ସ୍ଥାନରେ ପାଇଲଟ୍ ପ୍ରକଳ୍ପ ଭିତ୍ତିରେ ଆରମ୍ଭ କରାଯାଇଛି। ଆଉ ଏକ ବର୍ଷ ମଧ୍ୟରେ ଏହାକୁ ଦେଶବ୍ୟାପୀ କାର୍ଯ୍ୟକାରୀ କରିବା ଲକ୍ଷ୍ୟ ରହିଛି। ପୂର୍ବରୁ ଯାନବାହାନଗୁଡ଼ିକୁ ଟୋଲ୍ ପ୍ଲାଜାରେ ଅଟକି ନଗଦ କିମ୍ବା କାର୍ଡ ସହିତ ଦେୟ ଦେବାକୁ ପଡୁଥିଲା। ଫାସ୍‌ଟ୍ୟାଗ୍ ପ୍ରଚଳନ ଦ୍ୱାରା ଟୋଲ୍ ପ୍ଲାଜାରେ ଯାନବାହାନ ରହିବା ▶ପୃଷ୍ଠା-୭

# ବିଧାନସଭାରେ ଗାନ୍ଧୀଙ୍କ ପ୍ରତି ଅପଶବ୍ଦ

## ତାତିଲେ ବିରୋଧୀ | ଗୃହରେ ହୋହଲ୍ଲା, ଗାନ୍ଧୀ ମୂର୍ତ୍ତି ତଳେ ମୌନ ଧାରଣା



■ ଭୁବନେଶ୍ୱର, ୪।୧୨ (ସମିସ): ବିଧାନସଭାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶାସକ ଦଳ ବିଧାୟକ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଛି। ବିରୋଧୀ ବିଜେଡି

### ବିଧାୟକଙ୍କ ମନ୍ତବ୍ୟକୁ ସରକାର ନାପସନ୍ଦ କରୁଛନ୍ତି: ମନ୍ତ୍ରୀ

ଓ କଂଗ୍ରେସ ବିଜେପି ବିଧାୟକଙ୍କ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛନ୍ତି। ବିଧାନସଭା ଓ ବାହାରେ ଉଭୟ ବିରୋଧୀ ଦଳ ସରକାର ଏବଂ ବିଜେପି ଉପରେ ପ୍ରଚଣ୍ଡ ବର୍ଷିଛନ୍ତି। ଇତିହାସକୁ କଦର୍ଥ କରାଗଲେ ଆଦୌ ବରଦାସ୍ତ କରାଯିବନି ବୋଲି ବିଜେଡି ଚେତାବନୀ ଦେଇଥିବା ବେଳେ କଂଗ୍ରେସ ମଧ୍ୟ ଏହାକୁ କଟୁ ଶବ୍ଦରେ ନିନ୍ଦା କରିଛି। ବିଜେପିର ଅସଲ ମାନସିକତା ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି। ଗୃହ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ବେଳେ ବିଜେପି ବିଧାୟକ ସନ୍ତୋଷ ଖଟୁଆ ମହାତ୍ମା ▶ପୃଷ୍ଠା-୭

## ମହିଳା ନିଶା ବେପାରୀଙ୍କ ଘରେ ବୁଲିଲା ବୁଲ୍‌ଡୋଜର୍



■ ପୁରୀ, ୪।୧୨ (ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେସନ୍ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ, ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ଏହି କ୍ରମରେ ଗୁରୁବାର ମହିଳା ନିଶା ବେପାରୀ ସୁକାନ୍ତି ପଣ୍ଡାଙ୍କ ଘରେ ବୁଲିଛି ବୁଲ୍‌ଡୋଜର। ମାଟିରେ ମିଶିଛି ଗୋଟିଏ ଦୋକାନ ଓ ୪ଟି ଘର। ଭୁବନେଶ୍ୱର ପରେ ପୁରୀରେ ପ୍ରଥମଥର ପାଇଁ ପୁଲିସ ଏପରି ବଡ଼ ପଦକ୍ଷେପ ନେଇଛି। କିଛି ଦିନ ତଳେ ସୁକାନ୍ତିଙ୍କ ଘରେ ଚଢ଼ଉ କରାଯାଇ ▶ପୃଷ୍ଠା-୭

# ହୀରାକୁଦର ଜଳଧାରଣ କ୍ଷମତା ୨୭% ହ୍ରାସ

■ ଭୁବନେଶ୍ୱର, ୪।୧୨ (ସମିସ): ହୀରାକୁଦରେ ବାଲି, ମାଟି ଓ ପଟୁ ଜମିବା କାରଣରୁ ବନ୍ଧର ଜଳଧାରଣ କ୍ଷମତା କମୁଛି। ଜଳଧାରଣା କ୍ଷମତା ପ୍ରାୟ ୨୫.୫୭ ପ୍ରତିଶତ ହ୍ରାସ ପାଇଥିବା ବେଳେ ସ୍ପିଲ ୱେ ଗୁଡ଼ିକ ଖରାପ ହୋଇଗଲାଣି। ଯାହା ରାଜ୍ୟ ପାଇଁ ମହାବିପଦ ଡାକିଆଣିବାର ଆଶଙ୍କା ସୃଷ୍ଟି କରିଛି। ଗୁରୁବାର ଶୂନ୍ୟକାଳରେ ଏ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ। ଏହାସହ ହୀରାକୁଦ ବନ୍ଧ କୂଳରେ ରାଜ୍ୟ ସରକାର ହୋଟେଲ ଖୋଲିବାକୁ ବଡ଼ ବଡ଼ କମ୍ପାନୀକୁ ଜମି ଦେଉଥିବା ବେଳେ ଏହାକୁ ମଧ୍ୟ ଶ୍ରୀ ଆଚାର୍ଯ୍ୟ ନାପସନ୍ଦ କରିଛନ୍ତି। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ ହୀରାକୁଦର ଜଳଧାରଣା କ୍ଷମତାକୁ ନେଇ ଶ୍ରୀ ଆଚାର୍ଯ୍ୟଙ୍କ ସହ ସ୍ୱର ମିଳାଉଥିବାର ଦେଖିବାକୁ ମିଳିଛି।

ଗୁରବାର ଶୂନ୍ୟକାଳରେ ଉପରୋକ୍ତ ପ୍ରସଙ୍ଗ ଉଠାଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ହୀରାକୁଦ ବନ୍ଧ ଏସିଆର ଦୀର୍ଘତମ ମାଟି ବନ୍ଧ। ୧୯୫୭ ମସିହାରେ ଡ୍ୟାମ ନିର୍ମାଣ ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ, ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ଏହାର ବହୁମୁଖୀ ଲକ୍ଷ୍ୟ ଥିଲା। ନିର୍ମାଣ ବେଳେ ଏହି ଜଳଭଣ୍ଡାରର ଜୀବନ କାଳ ୧୦୦ ବର୍ଷ ଧାର୍ଯ୍ୟ କରାଯାଇଛି। ଆସନ୍ତା ୨୦୫୭ରେ ୧୦୦ ବର୍ଷ ପୂରିବାକୁ ଥିବାବେଳେ ଏବେଠାରୁ ହୀରାକୁଦର ଜଳଧାରଣ କ୍ଷମତା ପ୍ରାୟ ୨୭ ପ୍ରତିଶତ କମିଗଲାଣି। ବାଲି, ମାଟି ଓ ପଟୁ ଜମିବା କାରଣରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି। ପୂର୍ବରୁ ଏହାକୁ ସଫା କରିବା ପାଇଁ ମାତ୍ର ଥରେ ଉଦ୍ୟମ ହୋଇଥିଲା। ତାହା ଫେଲ ମାରିବା ପରେ ସେବେଠାରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସେହିପରି ହୀରାକୁଦ ବନ୍ଧରେ ଆବଶ୍ୟକ ବୈଷୟିକ ଏବଂ ଅଣ ବୈଷୟିକ କର୍ମଚାରୀର ଘୋର ଅଭାବ ରହିଛି। ବନ୍ଧର ସ୍ପିଲ ୱେ ମଧ୍ୟ ଖରାପ ହୋଇଗଲାଣି। ଯାହା ବନ୍ଧ ଉପରେ ଅତ୍ୟଧିକ ଚାପ ସୃଷ୍ଟି କରୁଛି। ଏହା ଆଗକୁ ▶ପୃଷ୍ଠା-୭

▶▶ ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ: ପ୍ରସନ୍ନ

▶▶ ସ୍ୱୀକାର କଲେ ସରକାର: ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଓ ସ୍ପର୍ଶକାତର



## ମହାନଦୀ ଜଳ ବିବାଦ ମାମଲା

# ଆଜି ବୈଷୟିକ କମିଟି ବୈଠକ, ୨୦ରେ ଟ୍ରିବ୍ୟୁନାଲରେ ଶୁଣାଣି

■ ଭୁବନେଶ୍ୱର, ୪।୧୨ (ସମିସ): ମହାନଦୀ ଜଳ ବିବାଦ ମାମଲାର ସମାଧାନ ପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଉଦ୍ୟମ ଆରମ୍ଭ ହୋଇଛି। ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି। ଆସନ୍ତାକାଲି ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି।

ଆଜି ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗାପ୍ରସନ୍ନ ନାୟକ ମହାନଦୀ ଜଳବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି' ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ଏହାର ସ୍ଥିତାବସ୍ଥା ସଂପର୍କରେ ପ୍ରଶ୍ନ କରିଥିଲେ। ଉତ୍ତରରେ ଡ. ମହାଲିଙ୍ଗ କହିଥିଲେ ଯେ ଟ୍ରିବ୍ୟୁନାଲରେ ଏବେ ମହାନଦୀ ବିବାଦ ମାମଲା ବିଚାରାଧୀନ ରହିଛି। ଆପୋସ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ▶ପୃଷ୍ଠା-୭

# ସଂରକ୍ଷଣ ସଂକଳ୍ପ ଦାବିରେ ଗୃହ ଅଚଳ

■ ଭୁବନେଶ୍ୱର,୪।୧୨ (ସମିସ): ଚଳିତ ଶୀତ ଅଧିବେଶନ ଆରମ୍ଭରୁ ସୁରୁଖୁରୁରେ ଚାଲିଆସିଥିବା ବେଳେ ଗୁରୁବାର କଂଗ୍ରେସ ପ୍ରଶ୍ନକାଳରେ ଗୃହ ଅଚଳ କରିଛି। ବୁଧବାର ବେସରକାରୀ କାର୍ଯ୍ୟ ଦିବସରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍‌ଙ୍କୁ ସଂକଳ୍ପ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆ ନ ଯିବା ପ୍ରତିବାଦରେ ବିଧାୟକମାନେ ପ୍ରବଳ ହଟ୍ଟଗୋଳ କରିଥିଲେ। ଫଳରେ ପ୍ରଶ୍ନକାଶ ସ୍ୱାଭାବିକ ଭାବେ ଚାଲିପାରି ନ ଥିଲା। ଶୂନ୍ୟକାଳରେ କଂଗ୍ରେସ ବିଧାୟକମାନେ ସଂକଳ୍ପ ଆଲୋଚନା ପାଇଁ ନିର୍ଦ୍ଧାରିତ ତାରିଖ ଦାବିରେ ଅଡ଼ି ବସିଥିଲେ। ଆସନ୍ତା ୧୨ ତାରିଖରେ ସଂକଳ୍ପ ଆଲୋଚନା ହେବା ନେଇ ବାଚସ୍ପତି ଘୋଷଣା କରିବା ପରେ ଗୃହକାର୍ଯ୍ୟ ସ୍ୱାଭାବିକ ହୋଇଥିଲା।

ଗୁରୁବାର ପ୍ରଶ୍ନକାଳ ଆରମ୍ଭରୁ କଂଗ୍ରେସ ବିଧାୟକମାନେ ଗୃହର ମଧ୍ୟ ଭାଗକୁ ଆସି ସ୍ଲୋଗାନ ଦେଇଥିଲେ। ଅପରାହ୍ନରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ ରାଜ୍ୟରେ ଓବିସି, ଏସ୍‌ସିବିସି ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ମେଡିକାଲ/ ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ସମ୍ପର୍କିତ ସଂକଳ୍ପ ଉପସ୍ଥାପନ ଓ ଆଲୋଚନା ପାଇଁ ଅନୁମତି ମାଗିଥିଲେ। କିନ୍ତୁ ତାଙ୍କୁ ଏହି ସୁଯୋଗ ଦିଆ ନ ଯିବାରୁ ପ୍ରତିବାଦରେ କଂଗ୍ରେସ ବିଧାୟକମାନେ ନାରାବାଜି କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୦ଟା ୪୬ରୁ ୧୧ ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।



■ ପ୍ରଶ୍ନକାଳ ଅଚଳ, ଶୂନ୍ୟକାଳ ବାଧାପ୍ରାପ୍ତ
■ ବାଚସ୍ପତିଙ୍କ ରୁଲିଂ ପରେ ଗୃହ ସ୍ୱାଭାବିକ

ଶୂନ୍ୟକାଳରେ ମଧ୍ୟ କଂଗ୍ରେସ ବିଧାୟକଗଣ ସମାନ ପ୍ରସଙ୍ଗ ଉତ୍ଥାପନ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଶ୍ରୀ କାଡ଼ାମ୍ କହିଥିଲେ ଯେ ରାଜ୍ୟରେ ୪୦ ପ୍ରତିଶତ ଏସ୍‌ସି/ ଏସ୍‌ଟି ଏବଂ ୫୪ ପ୍ରତିଶତ ପଛୁଆ ବର୍ଗ ଅଛନ୍ତି। ମାତ୍ର ଇଞ୍ଜିନିୟରିଂ ଓ ମେଡିକାଲ ଶିକ୍ଷା କ୍ଷେତ୍ରରେ ଏସ୍‌ସି/ଏସ୍‌ଟିଙ୍କୁ ୨୦ ପ୍ରତିଶତ ସଂରକ୍ଷଣ ମିଳୁଥିବା ବେଳେ ପଛୁଆ ବର୍ଗଙ୍କୁ ଆଦୌ ସଂରକ୍ଷଣ ଦିଆଯାଇ ନାହିଁ। ସରକାର ସବୁବେଳେ ୫୦ ପ୍ରତିଶତ ସୀମାର ବାହାନା ନେଉଛନ୍ତି। ମାତ୍ର ତାମିଲନାଡୁ ସରକାର ନିଜ ବିଧାନସଭାରେ ୬୯ ପ୍ରତିଶତ ସଂରକ୍ଷଣ ସଂକଳ୍ପ ପାରିତ କରି କେନ୍ଦ୍ରକୁ ପଠାଇଥିଲେ। କେନ୍ଦ୍ର ସରକାର ଏହାକୁ ଅନୁମୋଦନ ଦେବା ପରେ ଏହା ସମ୍ବିଧାନର ନବମ ଅନୁଚ୍ଛେଦରେ ସାମିଲ ହୋଇସାରିଛି। ତେଣୁ ଏଥିରେ ଆଉ ଆଇନଗତ ସମସ୍ୟା ନାହିଁ। ସମାନ ଭାବେ ଓଡ଼ିଶା ବିଧାନସଭା ଏପରି ସଂକଳ୍ପ ପାରିତ କରିବାର ଆବଶ୍ୟକତା ଅଛି। ଉଚ୍ଚଶିକ୍ଷା କ୍ଷେତ୍ରରେ ଏସ୍‌ସି/ ଏସ୍‌ଟିଙ୍କୁ ୪୦ ପ୍ରତିଶତ ଓ ପଛୁଆ ବର୍ଗଙ୍କୁ ୨୭ ପ୍ରତିଶତ ଦିଆଯାଉ ବୋଲି ସେ ଦାବି କରିଥିଲେ।

ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରୁଲ୍ ୨୫ ନିୟମକୁ ଉଦ୍ଧାର କରି ବାଚସ୍ପତି ଏନେଇ ଏକ ସ୍ପଷ୍ଟ ନିର୍ଦ୍ଦେଶ ଦେବାକୁ କହିଥିଲେ। ଏହାପରେ ବାଚସ୍ପତି ୩ଟି ପର୍ଯ୍ୟାୟରେ ଗୃହକୁ ୨୪ ମିନିଟ ପାଇଁ ମୁଲତବୀ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ଆଣିଥିବା ସଂକଳ୍ପ ଉପରେ ଆସନ୍ତା ୧୨ ତାରିଖ ଦିନ ଆଲୋଚନା ହେବ ବୋଲି ବାଚସ୍ପତି ଘୋଷଣା କରିବା ପରେ ଗୃହ ସ୍ୱାଭାବିକ ହୋଇଥିଲା।

# କଳିଙ୍ଗା ଘାଟିରେ ଲାଗିଲା ସେନ୍ସର୍

## ଚାଳକକୁ କରିବ ସତର୍କ; କମିବ ଦୁର୍ଘଟଣା

■ ଜି.ଉଦୟଗିରି, ୪।୧୨ (ସମିସ): ଏଣିକି କଳିଙ୍ଗା ଘାଟିରେ ଗାଡ଼ି ଚାଳକଙ୍କୁ ସତର୍କ କରିବ ସେନ୍ସର୍। କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗା ପଞ୍ଚାୟତର କଳିଙ୍ଗା ଘାଟିରେ ପ୍ରଥମଥର ପାଇଁ ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଓଡ଼ିଶାର ପ୍ରଥମ ଘାଟି ଭାବେ କଳିଙ୍ଗା ଘାଟିକୁ ନେଇ ପରୀକ୍ଷାମୂଳକ ଭାବରେ 'ଭେଇକଲ ସେନ୍ସର୍ ଆଲର୍ଟ ମେସିନ' ଲଗାଯାଉଥିବା ଜଣାଯାଇଛି। ଏହା ସୌର ଚାଳିତ। ନିଜେ ପରିଚାଳିତ ହେବା ସହିତ ସେନ୍ସର ଓ କ୍ୟାମେରା ଦ୍ୱାରା ଗାଡ଼ି ଚାଳକଙ୍କୁ ସତର୍କ ସୂଚନା ଦେବ। ଏହା ଦୁଇଟି ପାର୍ଶ୍ୱରେ ଲାଗିବ। ଏହାଦ୍ୱାରା ଗୋଟିଏ ପାର୍ଶ୍ୱରେ ଗାଡ଼ି ଆସିଲେ ଅନ୍ୟପାର୍ଶ୍ୱରେ ନାଲିବତି ଜଳିବା ସହ ହର୍ଣ୍ଣ ବାଜିବ। ଫଳରେ ଅନ୍ୟପାର୍ଶ୍ୱରେ ଆସୁଥିବା ଗାଡ଼ି ଚାଳକ ଏହାର ସୂଚନା ପାଇପାରିବେ ଏବଂ ଆଗୁଆ ସତର୍କ ହୋଇଯିବେ। ଏହି ଅବସରରେ ପରିବହନ ବିଭାଗ ଅଧିକାରୀ ଶିବାନୀ ▶ପୃଷ୍ଠା-୭



# ଝାରସୁଗୁଡ଼ାର ପ୍ରଦୂଷଣ ରୋକିବା ଓ ବିକାଶରେ ବିଫଳ ବିଜେପି ସରକାର

## ପୂର୍ବତନ ବିଧାୟିକା ଦୀପାଳିଙ୍କ କୁଶପୁତ୍ତଳିକା ଦାହ ବିରୋଧରେ ସାମ୍ବାଦିକ ସମ୍ମିଳନୀ

ଝାରସୁଗୁଡ଼ା,୪ା୧୨(ସମିସ)

ଜିଲ୍ଲାରେ ବୃଦ୍ଧି ପାଉଥିବା ପ୍ରଦୂଷଣ ରୋକିବାରେ ସରକାର ବିଫଳ ହେବା ସହିତ ଝାରସୁଗୁଡ଼ାର ବର୍ତ୍ତମାନର ବିଧାୟକ ଟଙ୍କଧର ତ୍ରିପାଠୀ ବିକାଶଠୁ ବହୁଦୂରେ ଥିବା ଏବଂ ବିକାଶର ଧାରାକୁ ଝାରସୁଗୁଡ଼ା ଜିଲ୍ଲାରେ ବଜାୟ ରଖିବାରେ ବିଫଳ ହୋଇଥିବା ନେଇ ଗୁରୁବାର ଝାରସୁଗୁଡ଼ା ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ଶାସକ ବିଜେପି ପକ୍ଷରୁ ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ କୁଶପୁତ୍ତଳିକା ଦାହ କରିବା ହାସ୍ୟାସ୍ପଦ ବୋଲି ଜିଲ୍ଲା ବିଜେଡି ପକ୍ଷରୁ କୁହାଯାଇଛି।

କିଛିଦିନ ତଳେ ଝାରସୁଗୁଡ଼ାର ବିଭିନ୍ନ ସ୍ଥାନରେ କାରଖାନାର ବର୍ଜ୍ୟବସ୍ତୁ ପାଉଁଶ (ଆସ୍) ପଡୁଥିବା ଏବଂ ପ୍ରଦୂଷଣ ରୋକିବାରେ ସରକାର ଓ ବିଧାୟକ ଟଙ୍କଧର ତ୍ରିପାଠୀ ବିଫଳ ଥିବା ନେଇ ସାମାଜିକ ଗଣ ମାଧ୍ୟମରେ ପୂର୍ବତନ ବିଧାୟିକା ଦୀପାଳି ପୋଷ୍ଟ କରିଥିଲେ। ଏନେଇ ଜିଲ୍ଲା ବିଜେପି ପକ୍ଷରୁ ଲଇକେରା ଠାରେ ଦୀପାଳିଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଗୁରୁବାର ଜିଲ୍ଲା ବିଜେଡି ଓ ଲଇକେରା ଏବଂ କୁଲାବିରା ଜନପ୍ରତିନିଧି ମାନଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ କରି ଏକାର୍ଯ୍ୟକୁ ନିନ୍ଦା କରିବା ସହିତ ଏହା ସମଗ୍ର ନାରୀ ଜାତିର ଅପମାନ କରାଯାଉଥିବା ନେଇ ଅଭିଯୋଗ କରିଥିଲେ।

ପୂର୍ବତନ ବିଧାୟିକାଙ୍କ ପଛରେ ସମୟ ଅପଚୟ ନ କରି ଭୋଟରଙ୍କୁ ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରି ଦେଖାନ୍ତୁ ବୋଲି ବିଧାୟକ ଶ୍ରୀ ତ୍ରିପାଠୀଙ୍କୁ ସାମ୍ବାଦିକ ସମ୍ମିଳନୀରେ ପରାମର୍ଶ ଦେଇଥିଲେ। ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବା, ଝାରସୁଗୁଡ଼ାକୁ ସମ୍ପୂର୍ଣ୍ଣ ପ୍ରଦୂଷଣ ମୁକ୍ତ କରିବା ଭଳି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କୁଆଡେ ଗଲା ବୋଲି ବିଜେଡି ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ଜିଲ୍ଲାରେ ଯେଉଁ ବିକାଶ ଧାରା ଜାରି ରହିଥିଲା, ନୂତନ ସରକାର ଗଠନ ହେଲାପରେ ସେଥିରେ ସ୍ଥାଣୁତା ଆସିଛି ଏବଂ ବର୍ତ୍ତମାନର ବିଧାୟକ ବିକାଶ କାର୍ଯ୍ୟକୁ ଛାଡି କେବଳ ପ୍ରଳାପ କରୁଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରାଯାଇଥିଲା। ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ହରିଶ ଗଣତ୍ରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତି ମିଞ୍ଜ, ଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ରୋଜାଲିନ ପଟେଲ, ଜିଲ୍ଲା ପରିଷଦ ସଭ୍ୟ ନୃପଲାଲ ପଶାୟତ ଓ ରିତା ବାଗ, କୋଲାବିରା ବ୍ଲକ୍ ଅଧ୍ୟକ୍ଷ ଭୋଜରାଜ ପଟେଲ, ଭୂପାଲ ବେହେରା, ଅର୍ଜୁନ ମେହେର, ସତ୍ୟପ୍ରକାଶ ନାଏକ, ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୪ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଧୀନ ଓରିଏଣ୍ଟ ସବ ଏରିଆ କାର୍ଯ୍ୟାଳୟ ନିକଟସ୍ଥ ୱାର୍କସପ ନିକଟ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ୬୫ ବର୍ଷୀୟ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ବୁଢ଼ୀଜାମରେ ରହୁଥିବା ୬୫ ବର୍ଷୀୟ ଶ୍ରୁତିରତନ ପାଣିଗ୍ରାହୀ ବୋଲି ଜଣାପଡିଛି। କୌଣସି କାରଣକୁ ନେଇ ଘରେ କଳହ ପରେ ବୁଧବାର ରାତିରେ ସେ ଘରୁ ଚାଲି ଯାଇଥିଲେ। ଗୁରୁବାର ସକାଳେ ତାଙ୍କ ମୃତଦେହ ଏକ ଗଛରେ ଝୁଲୁଥିବା ନେଇ ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଓରିଏଣ୍ଟ ଥାନା ପୁଲିସ ଓ ଫୋରେନସିକ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପାରିବାରିକ କଳହକୁ ନେଇ ସେ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତଦେହକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ




ଝାରସୁଗୁଡ଼ା,୪ା୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଚାଷୀ ଓ ଚାଷ ସମସ୍ୟାକୁ ନେଇ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ କରିବା ସହିତ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶକ୍ରମେ ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ଚାଷୀଙ୍କ ସମସ୍ୟା, ମଣ୍ଡି ଖୋଲିବା ନେଇ ଦାବି ଜଣାଯାଇଛି। ଆଜି ପର୍ଯ୍ୟନ୍ତ ମଣ୍ଡି ଖୋଲି ପାରିଲା ନାହିଁ। ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ରେ ପ୍ରାୟ ୫୦ ପ୍ରତିଶତ ଧାନ ଅମଳ ସାରିଛି। କିନ୍ତୁ ଚାଷୀ ଏ ପର୍ଯ୍ୟନ୍ତ ମଣ୍ଡିରେ ପୈଠ କରିବା ପାଇଁ ଅସମର୍ଥ। ଏମିତିକି ଅନେକ ଚାଷୀ ବର୍ତ୍ତମାନ ପର୍ଯ୍ୟନ୍ତ ଟୋକନ ପାଇନାହାନ୍ତି। ଡବଲ ଇଞ୍ଜିନ ସରକାର ଟୋକନ ଦେବାପାଇଁ ଅସମର୍ଥ ଥିବା ନେଇ ଜିଲ୍ଲା କୃଷକ କଂଗ୍ରେସ ଅଭିଯୋଗ କରିଛି। ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଟୋକାନରୁ ବଞ୍ଚିତ ଚାଷୀ ଆନ୍ଦୋଳନରତ ଅଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କିଛି ଦିନ ପୂର୍ବେ କହିଛନ୍ତି କେନ୍ଦ୍ର ସରକାର ରାଜ୍ୟରୁ ୮ ଲକ୍ଷ ମେଟ୍ରିକ ଟନ ଧାନ ଓଡ଼ିଶା ରାଜ୍ୟରୁ କିଣିବେ। କିନ୍ତୁ ଏହା ଅର୍ଥଶୂନ୍ୟ ଏବଂ ଫମ୍ପା କଥା ବୋଲି କିଷାନ କଂଗ୍ରେସ ଅଭିଯୋଗ କରିଛି। ଯୁଦ୍ଧକାଳୀନ ଭିତ୍ତିରେ ମଣ୍ଡି ଖୋଲନ୍ତୁ ଏବଂ ଧାନ ସଂଗ୍ରହ କରନ୍ତୁ, ମଣ୍ଡିରେ କଟଣୀ ଛଟଣୀ ନ କରି ଏଫ୍ଏକ୍ୟୁ ମାନ ନିର୍ଦ୍ଧାରଣ ସହିତ ସମସ୍ତ ଅବ୍ୟବସ୍ଥାକୁ ଦୂରକରନ୍ତୁ ବୋଲି ରାଜ୍ୟ ସରକାରଙ୍କ ନିକଟରେ ଅନୁରୋଧ କରାଯାଇଛି। ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀ ପରିବାରଙ୍କୁ ସ୍ୱାସ୍ଥ୍ୟ ବୀମା ଭୁକ୍ତ କରନ୍ତୁ ବୋଲି କିଷାନ କଂଗ୍ରେସ କହିଛି। ଘେରଉ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା କିଷାନ କଂଗ୍ରେସ ସଭାପତି ଲିଙ୍ଗରାଜ ବଡ଼େଇ, ଝାରସୁଗୁଡ଼ା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ, ପୂର୍ବତନ ସଭାପତି ଭରତ ଅବସ୍ତି, ଦେବାନନ୍ଦ ବାରିକ, ମନୀଷ ବାଜପେୟୀ, ସଞ୍ଜୟ ମହାପାତ୍ର, ଭାସ୍କର ପଟେଲ, ହୀରାଧାର ମାଝୀ, ବ୍ରଜକିଶୋର ମେହେର, ରାମପ୍ରସାଦ ବାଗ, ପ୍ରିତିଶ ବଡ଼େଇ, ଶୈଳେଶ ଅବସ୍ତି, ରିୟାଜ ହୁସେନ, କାଜଲ ଘୋଷ, ଅମର କୋକଙ୍କ ସହିତ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

● ଆର୍ଏସ୍ପି ପକ୍ଷରୁ କୃତ୍ରିମ ଅଙ୍ଗ, ସହାୟତା ଉପକରଣ ବଣ୍ଟନ

# ୩୮ ଦିବ୍ୟାଙ୍ଗ, ୨୯ ବରିଷ୍ଠ ନାଗରିକଙ୍କୁ ଦିଆଗଲା ଉପକରଣ



ରାଉରକେଲା,୪ା୧୨(ସମିସ): ରାଉରକେଲା ଇସ୍ପାତ କାରଖାନା (ଆର୍ଏସ୍ପି)ର ସିଏସ୍ଆର୍ ପଦକ୍ଷେପ ଅଧୀନରେ ବୁଧବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ସୁନ୍ଦରଗଡ଼ ସଦର ବିଡିଓଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସହାୟକ କୃତ୍ରିମ ଅଙ୍ଗ ଓ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା। ସିଏସଆର ବିଭାଗର ଟିଜିଏମ ବିଭାବସୁ ମଲିକ, ଡିଜିଏମ ଆର.ଏସ. ବାରା, ସୁନ୍ଦରଗଡ଼ ସଦର ବିଡିଓ ମୋତିଲାଲ ସୁଲିଆ, ଏବିଡିଓ ସଂଜୀବ କୁମାର ଏକ୍କା, ଉପାଧ୍ୟକ୍ଷା ଚନ୍ଦ୍ରମା ମେହେର, ଉଲ୍ଲା ଗ୍ରାମ ପଞ୍ଚାୟତ ପିଏସ୍ ସଦସ୍ୟା ହରିପ୍ରିୟା ପଟେଲଙ୍କ ସମେତ ଆଲିମକୋର ଜିତେନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ। ସମ୍ମାନିତ ବ୍ୟକ୍ତିମାନେ ହିତାଧିକାରୀଙ୍କୁ ସହାୟକ ଉପକରଣ ପ୍ରଦାନ କରିଥିଲେ। ଏହି ଶିବିରରେ ସମୁଦାୟ ମୋଟ ୩୮ ଜଣ ଦିବ୍ୟାଙ୍ଗ ଏବଂ ୨୯ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରି ୧୯୪ଟି ସହାୟକ ଉପକରଣ ଗ୍ରହଣ କରିଥିଲେ। ଆର୍ଏସ୍ପିର ବରିଷ୍ଠ ଅଧିକାରୀମାନେ ସାମଗ୍ରିକ ଅଭିବୃଦ୍ଧି, ସାମାଜିକ ଦାୟିତ୍ୱ, ସମାଜ କଲ୍ୟାଣ ପ୍ରତି ଇସ୍ପାତ କାରଖାନାର ନିରନ୍ତର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ହିତାଧିକାରୀ ଆର୍ଏସ୍ପିର ସିଏସଆର ପ୍ରୟାସ ପାଇଁ କୃତଜ୍ଞତା ଜଣାଇଥିଲେ।

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା

# ତୀର୍ଥ ଅଭିମୁଖେ ୨୭ ବରିଷ୍ଠ ନାଗରିକ

ଦେବଗଡ଼,୪ା୧୨(ସମିସ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଦେବଗଡ଼ ଜିଲ୍ଲାର ତିନି ବ୍ଲକ୍ ଓ ଗୋଟିଏ ପୌରାଞ୍ଚଳର ୧୧ ମହିଳା ଓ ୧୬ ଜଣ ପୁରୁଷ ସମୁଦାୟ ୨୭ ଜଣ ବରିଷ୍ଠ ନାଗରିକ ରାମେଶ୍ୱରମ-ମଦୁରାଇ ଅଭିମୁଖେ ତୀର୍ଥ ଯାତ୍ରା କରିଛନ୍ତି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରୁ ଗୋଟିଏ ବସ ଯୋଗେ ତୀର୍ଥଯାତ୍ରୀ ଦଳ ସମ୍ବଲପୁର ଯାତ୍ରା କରିଛନ୍ତି। ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ ଯୋଗେ ସେମାନେ ରାମେଶ୍ୱରମ ଅଭିମୁଖେ ବାହାରିବେ। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଶୁଭେଚ୍ଛା କାର୍ଯ୍ୟକ୍ରମରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜିତ ଭୋଜ ଯୋଗ ଦେଇ ତୀର୍ଥଯାତ୍ରୀଙ୍କ ମଙ୍ଗଳ କାମନା ସହ ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ବରିଷ୍ଠ ନାଗରିକ ମାନଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସାମିଲ ହୋଇଥିଲେ। ଯାତ୍ରା ପୂର୍ବରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।




# ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବିରେ ଧାରଣା

ଦେବଗଡ଼,୪ା୧୨(ସମିସ): ଦେବଗଡ଼ ସହରର କେନ୍ଦ୍ର ସ୍ଥଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରୁ ନୂଆଁ ବାଲିରୋଇ ସ୍ଥିତ ନୂତନ କୋଠାକୁ ସ୍ଥାନାନ୍ତରିତ ହେବା ପରେ ପୁରୁଣା କୋଠାରେ ଅବଶ୍ୟକ ସଂଖ୍ୟକ ଡାକ୍ତର ନିଯୁକ୍ତି ପୂର୍ବକ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଜିଲ୍ଲାର ବିଭିନ୍ନ ମହଲରେ ଦାବି ହେଉଛି। ଏହି କ୍ରମରେ ଜିଲ୍ଲା ଯୁବ ଏକତା ମଞ୍ଚ ନେତୃତ୍ୱରେ ଶୋଭାଯାତ୍ରା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରଉ ଓ ଦେବଗଡ଼ ବନ୍ଦ ପାଳନ ଆଦି ଆନ୍ଦୋଳନ ସତ୍ତ୍ୱେ ଦାବି ପୂରଣ ହୋଇନାହିଁ। ଫଳରେ ବାଧ୍ୟ ହୋଇ ଯୁବ ଏକତା ମଞ୍ଚ ପକ୍ଷରୁ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ପରିସରରେ ଶାନ୍ତିପୂର୍ଣ୍ଣ ରିଲେ ଧାରଣା ଜାରି ରହିଛି। ଏହି ଧାରଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଜନସମର୍ଥନ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସେହିପରି ଜନସାଧାରଣଙ୍କ ନାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ଦାବି ପୂରଣରେ ବିଳମ୍ବତାକୁ ଦୃଷ୍ଟିରେ ରଖି ମଞ୍ଚ ପକ୍ଷରୁ ଦେବଗଡ଼ ପୌରାଞ୍ଚଳବାସୀଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି ଓ ସମ୍ଭାବ୍ୟ ଆନ୍ଦୋଳନକୁ ଦୃଷ୍ଟିରେ ରଖି ଅଧିକରୁ ଅଧିକ ସମର୍ଥନ ହାସଲ ପାଇଁ ସାହି ବସ୍ତି ଗୁଡିକରେ ସଚେତନତା କାର୍ଯ୍ୟକ୍ରମ ଓ ଦସ୍ତଖତ ଅଭିଯାନ ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆଜି ପୂର୍ବବତ ଧାରଣା ଜାରି ରହିଥିବା ବେଳେ ସଂଧ୍ୟାରେ ମଞ୍ଚର ଆବାହକ



## ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦସ୍ତଖତ ଅଭିଯାନ

ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଗୋକର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ବାସୀନ୍ଦା ମାନଙ୍କୁ ନେଇ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା।

ଏହି ସଭାରେ ଜିଲ୍ଲା ଯୁବ ଏକତା ମଞ୍ଚର ସନ୍ତୋଷ ଦେବତା, ଭିମସେନ ନାୟକ ଓ ମାନସ ଦ୍ୱିବେଦୀଙ୍କ ସମେତ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଉପରୋକ୍ତ ଦାବି ସମ୍ପର୍କରେ ବାସୀନ୍ଦା ମାନଙ୍କୁ ସଚେତନ କରିବାସହ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ସେମାନଙ୍କର ମତାମତ ଓ ଦସ୍ତଖତ ସଂଗ୍ରହ କରିଥିଲେ।

# ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରେ ଜାତୀୟ ନୌସେନା ଦିବସ



ଝାରସୁଗୁଡ଼ା,୪ା୧୨(ସମିସ): ଭାରତୀୟ ନୌସେନାର ବୀରତ୍ୱ, ତ୍ୟାଗ ଓ ବଳିଦାନକୁ ସ୍ମରଣ କରିବା ପାଇଁ ଡିସେମ୍ବର ୪ ତାରିଖ ସମଗ୍ର ଦେଶରେ ନୌସେନା ଦିବସ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ଗୁରୁବାର ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ନୌସେନା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ନୌସେନା ଦିବସ ପାଳିତ ହୋଇଯାଇଛି।

ନୌସେନା ଏନସିସି ଅଧିକାରୀ ଅଧ୍ୟାପକ ଡ.ଯାଦବ ଦେବୀ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଆୟୋଜିତ ଚିତ୍ତାକର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ତପନ ବାରିକ, ବ୍ରଜେଶ ସାହୁ, ଅଧ୍ୟାପକ ମନୀଷ ଦ୍ୱିବେଦୀ, ତପନ ସାହୁ, କ୍ୟାପଟେନ ମାନସ ରଞ୍ଜନ ଆଚାର୍ଯ୍ୟ, ଫ୍ଲାଇଂ ଅଫିସର ଡ.ଉଦ୍ଧବ ବିଶ୍ୱାଳ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ କ୍ୟାଡେଟ ଯଶ ବର୍ମା ଓ କ୍ୟାଡେଟ ରୁଚିତା ପ୍ରଧାନ ସଂଯୋଜନା କରିଥିବା ବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ସ୍ପୋର୍ଟ୍ସ ଆସୋସିଏସନ କ୍ରିକେଟ୍ ଏକାଡେମୀର ୩ ଜଣଙ୍କ ସଫଳତା

ରାଉରକେଲା,୪ା୧୨(ସମିସ)

ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ କ୍ରିକେଟ ଏକାଡେମୀର ଚଳିତବର୍ଷ ତିନି ଜଣ ଜୁନିଅର ଖେଳାଳି ଉନ୍ନତ ପ୍ରଦର୍ଶନ କରି ଓଡିଶାକୁ ପ୍ରତିନିଧିତ୍ୱ କରିଛନ୍ତି। ସେମାନେ ହେଲେ ରାଜ ଯାଦବ, ମହେଶ କୁମାର ସାହୁ ଓ ସୀବାନ ମାଝୀ। ଏହି ତିନି ଜଣଙ୍କ ମଧ୍ୟରୁ ସତ୍ୟଦେବ ଯାଦବ ଓ ସୋନମତି ଯାଦବଙ୍କ ପୁଅ ରାଜ ଯାଦବ ବାମହାତୀ ଅଫ୍ ସ୍ପିନର ନିଜର ଉନ୍ନତ ପ୍ରଦର୍ଶନ କରି ଚଳିତବର୍ଷ ଓଡ଼ିଶା ଅଣ୍ଡର-୧୯ କୁଚ୍ଛ୍ ବିହାର ଟ୍ରଫି ପାଇଁ ଓଡିଶାର ପ୍ରତିନିଧିତ୍ୱ କରୁଛନ୍ତି। ଏହାସହ ଓଡ଼ିଶା ପ୍ରିମିୟର ଟି -୨୦ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ ଯୋଗୁଁ ଆଜି ସେ ସିନିୟର କ୍ରିକେଟ ସୟଦ ମୁସ୍ତାକ ଅଲି ଟି-୨୦ ଟୁର୍ଣ୍ଣାମେଣ୍ଟ ପାଇଁ ମଧ୍ୟ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି। ସେହିପରି ପ୍ରଦୀପ ସାହୁ ଓ ସୁଜାତା ସାହୁଙ୍କ ଏକମାତ୍ର ପୁଅ ମହେଶ କୁମାର ସାହୁ ଡାହାଣ ହାତୀ ଦ୍ରୁତବୋଲର ନିଜର ଉଚ୍ଚ କୋଟିର ଖେଳ ପ୍ରଦର୍ଶନ କରି ଚଳିତ ବର୍ଷ ଓଡ଼ିଶା ଅଣ୍ଡର-୧୯ କୁଚ୍ଛ ବିହାର ଟ୍ରଫି ପାଇଁ ଓଡ଼ିଶାର ପ୍ରତିନିଧିତ୍ୱ କରୁଛନ୍ତି। ଆଉ ଜଣେ ଉଦୀୟମାନ ଯୁବ ଜୁନିଅର କ୍ରିକେଟ ଖେଳାଳି, ବନ୍ଧମୁଣ୍ଡା ନିବାସୀ ସୁରଜ ମାଝୀ ଓ ସଂଯୁକ୍ତା ମାଝୀଙ୍କର ବଡ଼ପୁଅ ସୀବାନ ମାଝୀ ଡାହାଣ ହାତୀ ଲେଗ୍ ସ୍ପିନର ନିଜର ଉନ୍ନତ ପ୍ରଦର୍ଶନ ଜରିଆରେ ସେ ଆଜ ଓଡ଼ିଶା ଅଣ୍ଡର -୧୬ ବିଜୟ ମର୍ଚାଣ୍ଟ ଟ୍ରଫି ପାଇଁ ଓଡିଶାର ପ୍ରତୋନିଧିତ୍ୱ କରିବେ। ଏହି ଉଦୀୟମାନ କ୍ରିକେଟ ଖେଳାଳିଙ୍କର କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ଆଜି ସେମାନେ ସଫଳତାର ପାହାଚରେ ପହଞ୍ଚିପାରିଛନ୍ତି। ଏହି ଖେଳାଳି ମାନଙ୍କର ପ୍ରଦର୍ଶନ ଓ ସଫଳତା ପାଇଁ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ କ୍ରିକେଟ ଏକାଡେମୀର ସଦସ୍ୟମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟ ପ୍ରଶିକ୍ଷକ ଓଡିଶା କ୍ରିକେଟ ଟିମର ପୂର୍ବତନ ଅଧିନାୟକ ଓ ଇଷ୍ଟଜୋନ୍ର ପୂର୍ବତନ ଅଧିନାୟକ ନଟରାଜ ବେହେରାଙ୍କ ନିରନ୍ତର ପ୍ରଚେଷ୍ଟା ଓ ନିଖୁଣ ପ୍ରଶିକ୍ଷଣରେ ଆଜି ଏହି ଏକାଡେମୀର ଖେଳାଳିମାନେ ନିଜ ନିଜର ପ୍ରତିଭା ପ୍ରତିପାଦନ କରିପାରୁଛନ୍ତି। ସେହିପରି ସହକାରୀ ପ୍ରଶିକ୍ଷକ ଶୁଭେନ୍ଦୁ ପଣ୍ଡା ତାଙ୍କୁ ପ୍ରତିଟି କ୍ଷେତ୍ରରେ ନିଜେ ନିଜକୁ ଫିଟ ରଖିବା ସଙ୍ଗେସଙ୍ଗେ ମାନସିକ ଓ ଶାରୀରିକ ଭାବରେ କେମିତି ବିଭିନ୍ନ ପ୍ରତିଯୋଗିତାପାଇଁ ପ୍ରସ୍ତୁତ ହେବେ କହିଛନ୍ତି। ଏହି ସଫଳତା ପାଇଁ ଏକାଡେମୀର ସିନିୟର ସଦସ୍ୟ ଅଙ୍କିତକର ଜୟସ୍ୱାଲ, ରିତେଶ ପାଣ୍ଡେ, ଶୁଭଙ୍କର ବିଶ୍ୱାସ, ମ୍ରିଦୁଲ ପାଣ୍ଡେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



'ମୁଁ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସ୍ନ କ୍ରିକେଟ ଏକାଡେମି ରେ ୨୦୧୮ ମସିହା ରୁ ଏହି ଏକାଡେମି ରେ ଜଡିତ ଅଛି। ଏହି ଏକାଡେମି ର ବର୍ଷ ସାରା ୮ ରୁ ୧୨ ଘଣ୍ଟା କଠିନ ପରିଶ୍ରମ କରୁଥିଲି ଓ ସବୁ ପ୍ରକାର ସାହାଯ୍ୟ ଏହି ଏକାଡେମି ରୁ ପାଇଛି। ଏବେ ମୋର ଫୋକସ୍ ରହିବ କେମିତି ଓଡିଶା ପାଇଁ ରେଗୁଲାର ଖେଳିବି ଏବଂ ଭାରତ ଓ ଆଇପିଏଲ ପାଇଁ ମନୋନୀତ ହେବା ପାଇଁ ଚେଷ୍ଟା କରିବି ଓ ନିଜର ଫିଟନେସ ପ୍ରତି ଗୁରୁତ୍ୱ ଦେବି।

ରାଜ ଯାଦବ



'ମୁଁ ଆଗରୁ ଅନ୍ୟ କ୍ଲବ ରେ ଖେଳୁଥିଲି ଓ କ୍ରିକେଟରେ ମୋର ଅଭିଜ୍ଞତା ନ ଥିଲା ଏବଂ ମୋ ବାପା ପ୍ରଦୀପ ସାହୁ ନଟରାଜ ବେହେରା ପୂର୍ବତନ ଓଡିଶା କ୍ରିକେଟ ଟିମର ଅଧିନାୟକଙ୍କ ସମ୍ପର୍କରେ ଆସି ମୁଁ ରାଉରକେଲା ସ୍ପୋର୍ଟ୍ସ ଆସ୍ପୋସିଏସନ କ୍ରିକେଟ ଏକାଡେମୀ ୨୦୨୧ରୁ ଏହି ଏକାଡେମୀ ରେ ଜଡିତ ଅଛି।

ମହେଶ କୁମାର ସାହୁ



ମୁଁ ରାଉରକେଲା ସ୍ପୋର୍ଟ୍ସ ଆସ୍ପୋସିଏସନ କ୍ରିକେଟ ଏକାଡେମି ରେ ୨୦୨୨ ମସିହା ରୁ ଏହି ଏକାଡେମି ରେ ଜଡିତ ଅଛି। ମୋ ମାମୁଁ ସାବନ ଟପ୍ପୋ ଏହି ଏକାଡେମି ରେ ଖେଳୁଥିଲେ ତାଙ୍କ ସହ ଆସି ମୋର କ୍ରିକେଟ ପ୍ରାକଟିସ ଆରମ୍ଭ କରିଥିଲି। ବହୁତ ବାଧା ବିଘ୍ନ ସତ୍ତ୍ୱେ ମୁଁ ମୋର ପ୍ରାକଟିସ ଆସୁଥିଲି ଓ ବଣ୍ଡମୁଣ୍ଡାରୁ ମୋ ବାପା ଡିଉଟି ଯିବା ଆଗରୁ ମୋତେ ଏକାଡେମୀ ରେ ଛାଡୁଥିଲେ ଓ ଦିନ ସାରା ସେଠାରେ ରହି ମୁଁ କଠିନ ପରିଶ୍ରମ କରିଥିଲି।ଏହି ଏକାଡେମି ରେ ବର୍ଷ ସାରା ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ମୁଁ ପାଇଛି। ମୋର ଚେଷ୍ଟା ରହିବ ଏହି ଏକାଡେମି ରେ କଠିନ ପରିଶ୍ରମ କରିବି ଆଉ ମୁଁ କେମିତି ଉପାୟରେ ନିଜେ ନିଜକୁ ଫିଟ ରଖିବି ସେଥିପ୍ରତି ଧ୍ୟାନ ଦେବି। ଭବିଷ୍ୟତରେ ମୁଁ କେମିତି ଭାରତ ପାଇଁ ଓ ନିଜ ରାଜ୍ୟ ଓଡିଶା ପାଇଁ ପ୍ରତିନିଧିତ୍ୱ କରିବା ପାଇଁ କଠିନ ପରିଶ୍ରମ ଜାରି ରଖିବି।

ସୀବାନ ମାଝୀ

# ପକ୍ଷାଘାତ ରୋଗୀଙ୍କୁ ଭୌତିକ ଚିକିତ୍ସାର ସୁବିଧା ଦାବି



**ରାଉରକେଲା, ୪।୧୨(ସମିସ):** ବିଭିନ୍ନ ଚିକିତ୍ସାଳୟରେ ପକ୍ଷାଘାତ ରୋଗୀଙ୍କୁ ଭୌତିକ ଚିକିତ୍ସାର ସୁବିଧା କରାଯିବା ଦାବିରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ତ୍ତମାନ ଜିଲ୍ଲାରେ ସହରଠୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠାରେ ପକ୍ଷାଘାତ (ପାରାଲିସିସ) ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହି ରୋଗୀମାନଙ୍କୁ ଡାକ୍ତରଙ୍କ ପରାମର୍ଶରେ ପ୍ରତ୍ୟେକ ଦିନ ଭୌତିକ ଚିକିତ୍ସା ( ଫିଜିଓଥେରାପି)ର ଆବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ଏହି ଫିଜିଓଥେରାପି ଚିକିତ୍ସା ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ କେତେକ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖୋଲା ଯାଇଛି। କିନ୍ତୁ ସ୍ଥାନୀୟ ସରକାରୀ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଛାଡ଼ିଦେଲେ ଅନ୍ୟ କୌଣସି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଠିକ ଭାବରେ କିମ୍ବା ପ୍ରତ୍ୟେକ ଦିନ ଫିଜିଓଥେରାପି ଚିକିତ୍ସା ହେଉନାହିଁ। ତେଣୁ ଦୂରଦୁରାନ୍ତ ଗାଁର ପକ୍ଷାଘାତ ରୋଗୀମାନେ ବାଧହୋଇ ଗାଡ଼ିଭଡ଼ା କରି ବହୁତ ଖର୍ଚ୍ଚକରି ସୁନ୍ଦରଗଡ଼ ଆସି ଏଠାରେ ଚିକିତ୍ସାଳୟରେ ଫିଜିଓଥେରାପି କରିବା ପରେ ଚିକିତ୍ସାଳୟରେ ସେମାନଙ୍କ ପାଇଁ ରହିବାର କୌଣସି ବ୍ୟବସ୍ଥା ନ ଥିବାରୁ ନିଜ ଘରକୁ ଫେରିଯାଉଛନ୍ତି। ହୋଟେଲ ରହି ବ୍ୟୟବହୁଳ ଚିକିତ୍ସା ସେମାନଙ୍କ ପାଇଁ ସମ୍ଭବ ହୋଇପାରୁନି। ତେଣୁ ଏହି ପକ୍ଷାଘାତ ରୋଗୀମାନଙ୍କ ପାଇଁ ସୁନ୍ଦରଗଡ଼ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହିତ ପ୍ରତ୍ୟେକ ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଅତି କମ୍‌ରେ ୧୫ଦିନ ରହି ଫିଜିଓଥେରାପି ଚିକିତ୍ସା ପ୍ରଦାନର ବ୍ୟବସ୍ଥା କରିବାପାଇଁ ଜିଲ୍ଲାପାଳଙ୍କୁ ଶ୍ରୀ ତ୍ରିପାଠୀ ଅନୁରୋଧ କରିଥିଲେ। ଜିଲ୍ଲାପାଳ ଏହି ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡି ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀ, ବରିଷ୍ଠ ନେତା ପ୍ରଫୁଲ୍ଲ ସୁନ୍ୟାନୀ, ପୂର୍ବତନ ମ୍ୟୁନିସିପାଲିଟି ନଗରପାଳ ବେଣୁଧର ତାଣ୍ଡିଆ, ଅନୀଲ କିଷାନ, ଅମରେଶ ପଣ୍ଡା, ଜିତୁ ଦାଶ, ସଞ୍ଜୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ ଟୁର୍ଣ୍ଣାମେଣ୍ଟ



**ରାଉରକେଲା, ୪।୧୨ (ସମିସ):** ଆର୍‌ଏସପିର ସିଏସ୍‌ଆର ବିଭାଗ ଦ୍ୱାରା କୁଆଁରମୁଣ୍ଡା ବ୍ଲକ ଅଧୀନ କଟାରୁ ପଞ୍ଚାୟତର ସିଆଲଜୋର ଗ୍ରାମରେ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଆରଏସପି ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ସହର ସେବା ଏବଂ ସିଏସଆର ବିଭାଗର ସିଜିଏମ ଟିଜି କାନେକର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ସରପଞ୍ଚ ଝୁବା ଟପ୍ପୋ, ପଞ୍ଚାୟତ ସମିତି ସଦସ୍ୟ ଅଶ୍ୱିନୀ କେର୍କେଟ୍ଟା, ମୁନମୁନ ମିତ୍ର, ଏଜିଏମ ବି ଜେନା, ଏସ୍.କେ ଶୁକୁଲାଙ୍କ ସମେତ ସିଏସଆର ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ, ସ୍ଥାନୀୟ ନେତୃବୃନ୍ଦ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଟିମକୁ ମଧ୍ୟ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଚାମ୍ପିଅନ ଦଳ ଟ୍ରଫି ସହିତ ୧୦, ୦୦୦ ଟଙ୍କାର ଅର୍ଥ ରାଶି ସହ ପୁରସ୍କାର ଗ୍ରହଣ କରିଥିବା ବେଳେ ପ୍ରଥମ ରନର୍ସ ଅପ ଦଳ ଟ୍ରଫି ସହିତ ୮୦୦୦ ଟଙ୍କାର ଅର୍ଥ ରାଶି ଗ୍ରହଣ କରିଥିଲେ। ଲୋଡସରା ଓ ଲୁଚାବାହାଲ ତୃତୀୟ ଏବଂ ଚତୁର୍ଥ ସ୍ଥାନ ଅଧିକାର କରି ଯଥାକ୍ରମେ ୬୦୦୦ ଓ ୪୦୦୦ ଟଙ୍କାର ଅର୍ଥରାଶି ଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଆୟୁଷ ମିଞ୍ଜ ଶ୍ରେଷ୍ଠ ଖେଳାଳି ଘୋଷିତ ହୋଇଥିବା ବେଳେ ବିଜୟ ମିଞ୍ଜ ଶ୍ରେଷ୍ଠ ସ୍କୋରର ଓ ଓସ୍କାର ଖାଖା ଶ୍ରେଷ୍ଠ ଗୋଲକିପର ଏବଂ ଆଲେକ୍ସ ମିଞ୍ଜ ଶ୍ରେଷ୍ଠ ଡିଫେଣ୍ଡର ଭାବେ ଘୋଷିତ ହୋଇଥିଲେ। ପ୍ରତି ଖେଳାଳିଙ୍କୁ ୧୦୦୦ ଟଙ୍କା ପୁରସ୍କାର ରାଶି ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟ ରାଉରକେଲା ଇସ୍ପାତ କାରଖାନା ପୃଷ୍ଠପୋଷକତାରେ ବୀଣାପାଣି, ଜୟ ମା ଲକ୍ଷ୍ମୀ ଓ ଦୁର୍ଗା ଦେବୀ ସ୍ୱୟଂ ସହାୟକ ଗୋଷ୍ଠୀ ସହାୟତାରେ ଅନୁଷ୍ଠିତ ହୋଇଥିଲା। ଉଲ୍ଲେଖନୀୟ ଯେ ଗ୍ରାମୀଣସ୍ତରରେ ପ୍ରତିବର୍ଷ ଆରଏସପିର ଚାରିଟି ପାର୍ଶ୍ୱାଞ୍ଚଳ ବ୍ଲକରେ 'ସମ୍ବର୍ଦ୍ଧନ ଗ୍ରାମୀଣ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ' ଆୟୋଜିତ ହେଉଛି। ଚାରିଟି ଜୋନ୍ ମଧ୍ୟରୁ ଚାମ୍ପିଅନ୍ ଏବଂ ରନର୍ସ ଅପ୍ ଦଳଙ୍କ ମଧ୍ୟରେ ଫାଇନାଲ୍ ଫୁଟବଲ୍ ମ୍ୟାଚ୍ ରାଉରକେଲାରେ ଅନୁଷ୍ଠିତ ହୋଇଥାଏ।

## ଇସ୍ପାତ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା

# ନାଟକ 'ସଦ୍‌ଗତି' ଓ 'ଚନ୍ଦ୍ରାଦିତ୍ୟ' ମଞ୍ଚସ୍ଥ

ରାଉରକେଲା, ୪।୧୨(ସମିସ)





'ଏକତ୍ର' ଆୟୋଜିତ ତୃତୀୟ ଇସ୍ପାତ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ପ୍ରଥମ ନାଟକ ମଞ୍ଚସ୍ଥ ହୋଇଥିଲା ସଂକଳ୍ପ ପ୍ରାୟୋଜିତ ନାଟକ 'ସଦ୍‌ଗତି'। ଆଧୁନିକତାର ଚାକଚକ୍ୟ ପାଶ୍ଚାତ୍ୟ ସଭ୍ୟତା ମଧ୍ୟରେ ମଧ୍ୟ ସମାଜରୁ ଏବେ ବି ଲୋପ ପାଇ ପାରିନି ଉଚ୍ଚନୀଚ ଜନିତ ଭେଦଭାବ ପରି ଅସ୍ପୃଶ୍ୟତାର ହୀନମନ୍ୟତା। ଉଚବ୍ୟକ୍ତିର ନିଜର ସର୍ବସ୍ୱ ସିଦ୍ଧି ପାଇଁ ନୀଚବ୍ୟକ୍ତି ତାର ସମସ୍ତ ଭକ୍ତି, ସେବାକୁ ବଳିଦାନ କରିଥାଏ। ସମାଜରେ ଉଚନୀଚର ବେଦଭାବ ଆଜି ମଧ୍ୟ କେବଳ ଗାଁ ଗହଳିରେ ନୁହେଁ ସହରରେ ମଧ୍ୟ ବସବାସ କରୁଥିବା ଧନୀ ଏବଂ ଗରିବ ଶ୍ରେଣୀରେ ଏକ ପ୍ରାଚୀର ହୋଇ ଦଣ୍ଡାୟମାନ ହୋଇଛି। କାଳଜୟୀ ଗାଳ୍ପିକ ପ୍ରେମ ଚାନ୍ଦଙ୍କ ରଚିତ ଏପରି ଏକ ସ୍ୱର୍ଣ୍ଣକାତର କାହାଣୀ 'ସଦଗତି' ମାଧ୍ୟମରେ ଜଣେ ନୀଚଶ୍ରେଣୀର ଗରିବ ଚମାର ଦୁଃଖିଆର ଭକ୍ତି, ନିଷ୍ଠା, ସେବାର ପରିଣାମ ସ୍ୱରୂପ ତାକୁ ପରିଶେଷରେ ମିଳିଲା କ'ଣ? ଏହି ଭଳି ଏକ ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ସଦ୍‌ଗତି'। ପ୍ରେମଚାନ୍ଦଙ୍କ ମୂଳ ରଚିତ କାହାଣୀ 'ସଦ୍‌ଗତି' କୁ ନାଟ୍ୟ ରୂପାନ୍ତର ରବି କୁମାର ଦେଇଥିଲାବେଳେ ଏହାକୁ ଓଡ଼ିଆ ଅନୁବାଦ କରିଛନ୍ତି ପ୍ରଶାନ୍ତ କୁମାର ପାତ୍ର। ସରୋଜ କବିଙ୍କ ନିର୍ଦ୍ଦେଶିତ ଏହି ନାଟକରେ 'ଦୁଃଖିଆ' ଭୂମିକାରେ କଳାକାର ରମେଶ ସେଠୀଙ୍କ ଅଭିନୟ ଆଜି ପ୍ରେକ୍ଷାଳୟର ଭରପୁର ଦର୍ଶକଙ୍କୁ ଅଭିଭୂତ କରିଦେଇଥିଲା। ଅନ୍ୟାନ୍ୟ ବିଭିନ୍ନ ଭୂମିକାରେ ସରୋଜ ଚନ୍ଦ୍ର କବି, ପ୍ରବୀର କୁମାର ମିଶ୍ର, ଭାଗିରଥି କବି, ରିପ୍ତି, ପାଏଲ, ସୁସ୍ମିତାଙ୍କ ଅଭିନୟ ବେଶ୍ ଚମତ୍କାର ହୋଇଥିଲା। ପର୍ଶୁରାମ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲା ବେଳେ ଗୋଲାପ ଓ ପ୍ରମୋଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ସେହିପରି ଦ୍ୱିତୀୟ ନାଟକ ସରନା ନବଯୁବକ ସଂଘ ତରଫରୁ ନାଟକ 'ଚନ୍ଦ୍ରାଦିତ୍ୟ' ପରିବେଷଣ କରାଯାଇଥିଲା। ପ୍ରେମରେ ଅସଫଳ ହୋଇ ବାପାମାଆଙ୍କ ଇଚ୍ଛା ଅନୁସାରେ ବିବାହ କରିଛି ସତ ହେଲେ ପୁଅଟିଏ ଜନ୍ମ ପରେ ସ୍ତ୍ରୀଙ୍କ ବିୟୋଗ ଘଟିଛି। ତେବେ ଉପଯୁକ୍ତ ଲାଳନ ପାଳନ କରି ପୁଅକୁ ଭଲ ମଣିଷଟିଏ କରିଛି। ତେବେ ପୁଅ ନିଜ ଇଛାରେ ବିବାହ କରିଛି ବିଦେଶରେ। ଆଦିତ୍ୟ ନିସଙ୍ଗତା ଅନୁଭବ କଲାବେଳେ ପୁଣି ଭେଟିଛି ନିଜର ପୁରୁଣା ପ୍ରେମିକା ଚନ୍ଦ୍ରାଣୀକୁ। ପରେ ସେ ପୁଅକୁ ଭେଟିବା ପାଇଁ ଆୟୋଜନ କରିଛି ମିଶନ ଚନ୍ଦ୍ରାଦିତ୍ୟ। ତେବେ ପୁଅ ମିତ୍ରଭାନୁ ବାପାଙ୍କୁ କରିଛି ଭର୍ତ୍ସନା। କିନ୍ତୁ ଶେଷରେ ଆଦିତ୍ୟଙ୍କ ତ୍ୟାଗ, ନିଷ୍ଠା ଆଗରେ ମିତ୍ରଭାନୁ କିପରି ହାର ମାନିଛି, ଏଭଳି ଏକ ସାମାଜିକ କାହାଣୀକୁ ନେଇ ଗତିଶୀଳ ହୋଇଥିଲା ନାଟକ 'ଚନ୍ଦ୍ରାଦିତ୍ୟ'। ପ୍ରଦୀପ କୁମାର ପଣ୍ଡାଙ୍କ ନିର୍ଦ୍ଦେଶନା ଓ ସାଲୁଖାମାଣ୍ଡିଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ମଞ୍ଚସ୍ଥ ଏହି ନାଟକର ବିଭିନ୍ନ ଭୂମିକାରେ ପ୍ରତାପ କୁମାର ନାୟକ, ପ୍ରତ୍ୟୁଷା ସେଠୀ ଓ ସୌମ୍ୟରଞ୍ଜନ ସାହୁ ଅଭିନୟ କରିଥିଲେ। ଉଦ୍‌ଘାଟକ ଭାବେ ଆର୍‌ଏସ୍‌ପିର ପ୍ରାକ୍ତନ ମହାପ୍ରବନ୍ଧକ ଅଜିତ ମୋହନ ପୂଝାରୀ ଭାବେ ଯୋଗ ଦେଇଥିଲା ବେଳେ ମୁଖ୍ୟଅତିଥି ଭାବେ ଟାଉନ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ମହାପ୍ରବନ୍ଧକ ବିଜୟକୁମାର ଯୋଜୋ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଶଙ୍କର ପ୍ରସାଦ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ଏକତ୍ରର ଉପଦେଷ୍ଟା ଭାସ୍କର ଚନ୍ଦ୍ର ମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଝିଲିମା ମହାନ୍ତି ମଞ୍ଚ ପରିଚାଳନା କରିଥିଲାବେଳେ ପ୍ରଫୁଲ୍ଲ ସେଠୀ ଧନ୍ୟବାଦ ଦେଇଥିଲେ।

# ୧୨ ହାଇୱା ଜବତ

**କୁତ୍ରା, ୪।୧୨(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ପକ୍ଷରୁ ବେଆଇନ ଭାବେ ଫ୍ଲାଏଆସ ବହୁଥିବା ୧୨ଟି ହାଇୱା ଜବତ କରାଯାଇଛି। ବେଆଇନ ଭାବେ ଫ୍ଲାଏଆସ୍ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ପକାଯାଉଥିବା ଅଭିଯୋଗ ଆଧାରରେ ଆଜି କୁତ୍ରା ପୁଲିସ ୧୨ଟି ହାଇୱାକୁ ରାଞ୍ଚିରୋଡ଼ ଛକରୁ ଧରି ଗୋଟିଏ ଗୋଟିଏ ଗାଡି ପିଛା ୫୦ ହଜାର ଟଙ୍କା ଲେଖାଏଁ ଜରିମାନା କରିଥିବାବେଳେ ଗାଡି ମାଲିକମାନେ ଗାଡି ନେବାପାଇଁ କେହି ଥାନାକୁ ଆସି ନ ଥିବା ଜଣାପଡ଼ିଛି। ତେଣୁ ୧୨ଟି ଗାଡ଼ିକୁ ପୁଲିସ ଥାନାରେ ଅଟକ ରଖିଛି।

# ଇସ୍ପାତ୍ ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ



**ରାଉଲକେଲା, ୪।୧୨(ସମିସ):** ଇସ୍ପାତ ସାହିତ୍ୟ ସଂସଦର ୫୬ତମ ପ୍ରତିଷ୍ଠା ଦିବସ ସେକ୍ଟର ୭ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାକୁ ପ୍ରାକ୍ତନ ସଭାପତି କବି ହରମୋହନ ମିଶ୍ର ଉଦ୍‌ଘାଟନ କରିଥିବାବେଳେ ଅନ୍ୟତମ ପ୍ରାକ୍ତନ ସଭାପତି ସାହିତ୍ୟିକ ତ୍ରିଲୋଚନ ମଥାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ସାଧାରଣ ସମ୍ପାଦକ ମାନୋଜ କୁମାର ନନ୍ଦଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ 'ଇସ୍ପାତ୍ ସାହିତ୍ୟ ସଂସଦର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା, ସହ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ନାୟକଙ୍କ ସମେତ ରଘୁବର ଧଳ, ପ୍ରଶାନ୍ତ କୁମାର ପତି, ବିଜୟିନୀ ଜେନା, ରଶ୍ମିତ୍ କୁମାର୍ ସାହାଣୀ, ସତ୍ୟବ୍ରତ ଦାସ ପ୍ରମୁଖ ଆଲୋଚ୍ୟ ବିଷୟରେ ଆଲୋକପାତ କରିଥିଲେ। ସ୍ୱର୍ଗତ ବିଦ୍ୟାଧର ବାରିକଙ୍କ ସହ ତିନି ଚାରି ଜଣ ଉଦ୍ୟୋକ୍ତା ମିଶି ୧୯୭୧ ଡିସେମ୍ବର ୩ ତାରିଖରେ ଆରମ୍ଭ କରିଥିବା ଏହି ସଂସଦ ବର୍ତ୍ତମାନ ମହାଦ୍ରୁମରେ ପରିଣତ ହୋଇଛି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଭାପତି ଶ୍ରୀ ବିଶ୍ୱାଳ ପ୍ରତିଷ୍ଠାତା ସଦସ୍ୟ ରଘୁବର ଧଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରତାପ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲାଲ୍‌ଧୁଳି ପରେ ଏବେ କଳାପାଉଁଶ ଆତଙ୍କ

**କୋଇଡ଼ା, ୪।୧୨(ସମିସ):** କୋଇଡ଼ା ଖଣି ଅଞ୍ଚଳରେ ଦଶନ୍ଧି ଦଶନ୍ଧି ଧରି ଅଞ୍ଚଳବାସୀ ଲାଲ୍ ଧୁଳି ଯୋଗୁଁ ଅଣନିଃଶ୍ୱାସୀ ହେଉଥିବାବେଳେ ବର୍ତ୍ତମାନ ଆଉ ଏକ ସମସ୍ୟା ସୃଷ୍ଟି କରିଛି ପ୍ଲାଣ୍ଟରୁ ନିର୍ଗତ କଳା ପାଉଁଶ। ରାତିପାହିଲେ ରାସ୍ତାକଡ଼ ସାଜୁଛି କଳା ପାଉଁଶର ପାହାଡ଼। ଧାନବିଲ, ନଦୀକୂଳ, ଜଙ୍ଗଲରେ ମନଇଚ୍ଛା ପକାଉଛନ୍ତି ପାଉଁଶ (ଫ୍ଲାଏ ଆସ୍)। ରାତିଅଧିଆ ଚାଲିଛି ଏହି କାମ। ପାଉଁଶ ପରିବହନ ଓ ଡମ୍ପିଂ ଆଇନ ସହ ପରିବେଶ, ମୋଟରଯାନ, ଜନଜୀବନ ଓ ବନ୍ୟଜନ୍ତୁ ସୁରକ୍ଷା ଆଇନର ଖୋଲା ଉଲ୍ଲଂଘନ କରି ଏଠିସେଠି ପାଉଁଶ ପକାଇ ଦିଆଯିବାରୁ ଚାଷଜମି ନଷ୍ଟ ହେଉଥିବାବେଳେ ଓ ପାଉଁଶ ପ୍ରଦୂଷଣରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବା ଅଭିଯୋଗ ଆସିଛି। ଏ ନେଇ କୋଇଡ଼ା ଜନସାଧାରଣ ବାରମ୍ବାର କୋଇଡା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଲୌହ ପ୍ଲାଣ୍ଟରେ କୋଇଲା ଜଳିଲା ପରେ ଯେଉଁ ରସାୟନଯୁକ୍ତ ପାଉଁଶ ବାହାରିଥାଏ, ତାକୁ ଏକ ନିର୍ଦ୍ଦିଷ୍ଟ ନୀତିନିୟମ ବା ସରକାରୀ ମାର୍ଗଦର୍ଶିକାରେ ଅନୁମତି ଥିବା ସ୍ଥାନରେ ସୁରକ୍ଷିତ ପ୍ରକ୍ରିୟାରେ ଗଦା କରାଯାଇଥାଏ। ବିଶେଷକରି ଜନବସତି ଓ ଚାଷ ଜମିଠାରୁ ବହୁଦୂରରେ ପ୍ରଶାସନ ଅନୁମତି ପ୍ରଦାନ କରିଥିବା ସ୍ଥାନରେ ଏହି ପାଉଁଶ ପକାଯିବା କଥା। କିନ୍ତୁ କମ୍ପାନୀ ଓ ପାଉଁଶ ପରିବହନ ସଂସ୍ଥା ବା ଠିକାଦାର ମନମର୍ଜିରେ କ୍ଷମତାଠାରୁ ଅଧିକ ପାଉଁଶ ଆଣି ଏଠିସେଠି ଗଦା କରିଚାଲିଛନ୍ତି। ପାଉଁଶ ପାଇଁ କୋଇଡା ଏବେ ବିଷବଳୟରେ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏ ନେଇ ସ୍ଥାନୀୟ ପ୍ରସାଶନ ଓ ପ୍ରଦୁଷଣ ବିଭାଗ ପକ୍ଷରୁ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସେ ନେଇ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି।




# ପ୍ରଦୂଷିତ ଜଳ ବିଶୋଧନ ପ୍ରଣାଳୀ ବିକଶିତ



ରାଉରକେଲା, ୪।୧୨(ସମିସ)

ଭାରତର ଧୋବା ଘାଟଗୁଡ଼ିକୁ ପୁନର୍ଜୀବିତ କରିବା ଏବଂ ସହରାଞ୍ଚଳ ଜଳାଶୟଗୁଡ଼ିକୁ ସୁରକ୍ଷା ଦେବାଲକ୍ଷ୍ୟରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ ରାଉରକେଲା (ଏନ୍‌ଆଇଟି ରାଉରକେଲା)ର ମହିଳା ଗବେଷକମାନେ ଏକ ପ୍ରକୃତି-ଆଧାରିତ ପ୍ରଦୂଷିତ ଜଳର ଉପଚାର ପ୍ରକ୍ରିୟା ଉଦ୍ଭାବନ ବିକଶିତ କରିଛନ୍ତି। ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ ପ୍ରଫେସର କସ୍ତୁରୀ ଦତ୍ତଙ୍କ ନେତୃତ୍ୱରେ ଗବେଷକ ଦିବ୍ୟାନୀ କୁମାରୀ ଓ କାର୍ତ୍ତିକା ଶନମୁଗମ ଧୋବା ଘାଟରୁ ଅତ୍ୟଧିକ ପ୍ରଦୂଷିତ ଜଳର ଉପଚାର ପାଇଁ ଏକ କନ୍‌ଷ୍ଟ୍ରକ୍ଟିଡ୍ ୱେଟ୍‌ଲ୍ୟାଣ୍ଡ- ମାଇକ୍ରୋବିୟଲ ଡ୍ୟୁଲ୍ ସେଲ୍‌ଫ ପ୍ରଣାଳୀ ବିକଶିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଧୋବାଘାଟ ତଥା ପାରମ୍ପରିକ ଭାବରେ କପଡ଼ା ଧୁଆଯାଉଥିବା ସ୍ଥାନଗୁଡ଼ିକ କପଡ଼ା ଧୁଆର ବାହାରୁଥିବା ଅଶୋଧିତ ବର୍ଜ୍ୟଜଳ, ଯେଉଁଥରେ କୃତ୍ରିମ ଡିଟରଜେଣ୍ଟ, ରଙ୍ଗ ଓ ମାଇକ୍ରୋଫାଇବର ରହିଛି, ନଦୀ ଓ ହ୍ରଦକୁ ପ୍ରଦୂଷିତ କରୁଛି, ଯାହା ଜଳ ଅଭାବକୁ ବଢ଼ାଇ ଦେଉଛି ଏବଂ ଜଳୀୟ ପରିସଂସ୍ଥାକୁ କ୍ଷତି ପହଞ୍ଚାଉଛି। ଏହି ଆହ୍ୱାନର ମୁକାବିଲା ପାଇଁ, ଏନ୍‌ଆଇଟି ରାଉରକେଲାର ଗବେଷଣା ଦଳ ଏକ ବିଶେଷ ଭାବରେ ଡିଜାଇନ କରାଯାଇଥିବା ବର୍ଜ୍ୟଜଳ ଉପଚାର ସମାଧାନ ବିକଶିତ କରିଛନ୍ତି, ଯାହା ଶସ୍ତା, ରାସାୟନିକ ମୁକ୍ତ ଏବଂ ଶକ୍ତି ପାଇଁ ଆତ୍ମନିର୍ଭର ଅଟେ। ଏହାକୁ ଏକ ୱେଟ୍‌ଲ୍ୟାଣ୍ଡ ପ୍ଲାଣ୍ଟ, ଏକ ଇଞ୍ଜିନିୟରଡ୍ ଫିଲ୍‌ଟରେସନ ଲେୟାର ଓ ବିଦ୍ୟୁତ୍ ଉତ୍ପାଦନକାରୀ ଅଣୁଜୀବମାନଙ୍କୁ ମିଶ୍ରଣ କରି ତିଆରି କରାଯାଇଛି। ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ, ଗବେଷକ ଦଳ ଏନ୍‌ଆଇଟି ରାଉରକେଲାର ଧୋବା ଘାଟରେ ଏହି ବିକଶିତ ପ୍ରଣାଳୀର ପରୀକ୍ଷଣ କରିଥିଲେ, ଯେଉଁଠାରେ ପ୍ରତିଦିନ ପ୍ରାୟ ୧୪୦୦ ଲିଟର ଡିଟରଜେଣ୍ଟ ମିଶ୍ରିତ ଦୂଷିତ ଜଳ ନିଷ୍କାସନ କରାଯାଏ। ଏହି ପ୍ରଣାଳୀ ଭାରତୀୟ ମାନକ ବ୍ୟୁରୋର ଅନୁମୋଦିତ ସୀମା (୧ ପିପିଏମ୍) ଯାଏଁ ସର୍ଫେକ୍ଟାଣ୍ଟ ଓ କେମିକାଲ୍ ଅକ୍ସିଜେନ୍ ଡିମାଣ୍ଡ (ସିଓଡି) ସଫଳତାର ସହ ବାହାର କରିଥିଲା। ଏହି

## ଏନ୍‌ଆଇଟି ବୈଜ୍ଞାନିକଙ୍କ ଆଉ ଏକ ସଫଳତା

ପ୍ରଣାଳୀର ଉପଯୋଗିତା ବିଷୟରେ ଏନ୍‌ଆଇଟି ରାଉରକେଲାର ବାୟୋଟେକ୍ନୋଲୋଜି ଆଣ୍ଡ ମେଡିକାଲ ଇଞ୍ଜିନିୟରିଂ ବିଭାଗର ଆସୋସିଏଟ ପ୍ରଫେସର କସ୍ତୁରୀ ଦତ୍ତ କହିଛନ୍ତି, ଏହି ପ୍ରଣାଳୀ ପ୍ରକୃତି ଦ୍ୱାରା ଅନୁପ୍ରାଣିତ ଏବଂ ଜଳକୁ ବିଶୋଧ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ପ୍ରଣାଳୀ ଜଳକୁ ବିଶୁଦ୍ଧ କରିବା ପାଇଁ ପ୍ରାକୃତିକ ପଦାର୍ଥ ବ୍ୟବହାର କରେ ଏବଂ ବିଶୋଧନ ସମୟରେ ଜୈବ ବିଦ୍ୟୁତ୍ ଉତ୍ପାଦନ କରେ। ତେଣୁ ଏହା ପ୍ରଦୂଷିତ ଜଳର ବିକେନ୍ଦ୍ରୀକରଣ ପ୍ରକ୍ରିୟା ପାଇଁ ଏକ ନୂତନ ପଥ ପ୍ରଶସ୍ତ କରିଛି। ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ କମ୍, ଯାହା ଏହାକୁ ସହରାଞ୍ଚଳ ବସ୍ତି, ଦୂରବର୍ତ୍ତୀ ଜନବସତି ଏବଂ ଗ୍ରାମାଞ୍ଚଳ ଧୋବା ଘାଟରେ ବ୍ୟବହାର ପାଇଁ ଆଦର୍ଶ ଅଟେ।

# ଦଣ୍ଡପାଟ ଧନୁଯାତ୍ରା ଶୁଭଖମ୍ବ ସ୍ଥାପନ

**ଧର୍ମଗଡ଼, ୪।୧୨(ସମିସ):** ଧର୍ମଗଡ଼ ବ୍ଲକ ବେହେରାଠାରେ ଦଣ୍ଡପାଟ ଧନୁଯାତ୍ରା ପାଇଁ ବୁଧବାର ଦିନ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ଶୁଭଖମ୍ବ ସ୍ଥାପିତ ହୋଇଯାଇଛି। ଧନୁଯାତ୍ରା ପାଇଁ ଏବେ ଠୁ ଦଣ୍ଡପାଟ ଅଞ୍ଚଳ ଚଳଚଞ୍ଚଳ ଦେଖିବାକୁ ମିଳିଛି।ଚଳିତ ବର୍ଷ ଦଣ୍ଡପାଟ ଧନୁଯାତ୍ରାର ଅଷ୍ଟମ ବର୍ଷ ପୂର୍ତ୍ତି ହେବାକୁ ଯାଉଛି।କଂସ ଭୂମିକାରେ ଗୋପାଳ ପଣ୍ଡା ରହିଥିବା ବେଳେ ତାଙ୍କ କଳା ଅଭିନୟ ମୁଖ୍ୟ ଆକର୍ଷଣ ପାଲଟିବ ଯାହା ସାଧାରଣ ଭାବେ ଚର୍ଚ୍ଚା ଆରମ୍ଭ ହୋଇଛି। ଅଞ୍ଚଳର ବିକାଶ ତଥା ଲୋକକଳା ସଂସ୍କୃତି ପରମ୍ପରା ଓ ସାମୂହିକ ଭାବେ ଭାବ ପ୍ରଣୟ ସ୍ଥାପନ ଉଦେଶ୍ୟରେ ଧନୁଯାତ୍ରା ଅନୁଷ୍ଠିତ ହୋଇ ଆସୁଛି।ବୁଧବାର ଶୁଭଖମ୍ବ ସ୍ଥାପନ କାର୍ଯ୍ୟକ୍ରମ ପୂଜାରେ କର୍ତ୍ତା ଭାବେ କ୍ଷୀରସିନ୍ଧୁ ବାଗ ଓ ତାଙ୍କ ଧର୍ମପତ୍ନୀ ରିତା ବାଗ ଦାୟିତ୍ୱ ନେଇଥିବା ବେଳେ ପୂଜକ ଭାବେ ବେହେରା ଜଗନ୍ନାଥ ମନ୍ଦିର ପୂଜକ ପଣ୍ଡିତ ମୋହନ ତିୱାରୀ ଦାୟିତ୍ୱ ନିର୍ବାହ କରିଥିଲେ।ଏହି ଅବସରରେ ଆୟୋଜନ କମିଟିର ସଭାପତି ଲଳିତ ମୋହନ ବାଣୁଆ, ସମ୍ପାଦକ ଗୁଣନିଧି ନାଗ, କୋଷାଧ୍ୟକ୍ଷ ଭବାନୀ ଶଙ୍କର ବାରିକ, ବିନ୍ଦୁସାର ବିଶି, ଭବେଶ ଗଇଁତା, ତ୍ରିଲୋକ ସିଂହ, ଉପେନ୍ଦ୍ର ନାଏକ, ତରେଶ ବିଶି, ହେମାଳ ବିଶି, କାହ୍ନକ୍ଷ ଭୋଇ, ଭିକାରୀ ଗୋପାଳ, ହୁକିମ ବିଶି, ଅଭୟ ଠାକୁର, ଚନ୍ଦ୍ରକାନ୍ତ ରଣା, ପିକରାଜ ବିଶି ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।ବଳରାମ



ପୂଝାରି, ତୁଳସୀରାମ ବାରିକ, ଧନୁର୍ଜ୍ୟ ବିଶି, ବେହେରା ସମିତି ସଭ୍ୟ କିଶୋର ଚନ୍ଦ୍ର ନାଗ, ଈଶ୍ୱର ଲାଲ ଅଗ୍ରୱାଲ, ଭକ୍ତ ଚରଣ ଭୋଇ, ଶଶୀ ଧର ସାହୁ, ସନଧର ପୂଝାରୀ, ହେମନ୍ତ ନାଏକ, ରଜନୀ କାନ୍ତ ନାଏକ, ଚନ୍ଦନ ବଣୁଆ, ଡମ୍ବରୁ ଗୋପାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଆସନ୍ତା ୨୫ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ପାଳିତ ହେବାକୁ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ମଶାଲ ଯାତ୍ରା ଓ ମିନା ବଜାର ସହ ଗୋପାଳ, କୋରାପୁଟର ଢେମସା ନୃତ୍ୟ, ବିଭିନ୍ନ ରାଜ୍ୟର ଲୋକ କଳା, ଘୁମୁରା, ମାଦଳୀ ନୃତ୍ୟ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଆୟୋଜନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗତ ବର୍ଷର ଭିଡ଼କୁ ଆକଳନ କରି ଚଳିତ ବର୍ଷ ମଧ୍ୟ ପ୍ରବଳ ଜନ ଗହଳି ହେବା ସମ୍ଭାବନା ଥିବାରୁ ଅଧିକ ସୁରକ୍ଷାବଳ ନିୟୋଜିତ କରାଯିବାକୁ କୋକସରା ଥାନା ଅଧିକାରୀଙ୍କୁ ନିବେଦନ କରାଯାଇଛି। ଶୁଭଖମ୍ବ ସ୍ଥାପନ ପରେ ଅଞ୍ଚଳରେ ଉତ୍ସାହ ଦେଖା ଦେଇଛି। ଅଞ୍ଚଳରେ କଂସ ରାଜାଙ୍କ ରାଜୁତି ସମେତ ଦରବାର ରେ ଅତିଥିଙ୍କ ଉପସ୍ଥିତି ଓ ବିଭିନ୍ନ ସମସ୍ୟା ଉପରେ ରାଜାଙ୍କ ତାଗିଦ ଦୃଶ୍ୟ ଦେଖିବାକୁ ଜନସାଧାରଣ ଭିତରେ ଏବେ ଠୁ ଆଗ୍ରହ ବଢ଼ିବାରେ ଲାଗିଛି।

# ରବିଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷି କାର୍ଯ୍ୟ ଖସଡ଼ା

**ନୂଆପଡ଼ା, ୪।୧୨(ସମିସ)**

୨୦୨୫-୨୬ ଋତୁ ପାଇଁ ଜିଲ୍ଲାସ୍ତରୀୟ କୃଷିଭିତ୍ତିକ କାର୍ଯ୍ୟଖସଡ଼ା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାରେ ଅଧିଗ୍ରହୀତ କୃଷି ଯୋଜନା, ବିଭିନ୍ନ କାର୍ଯ୍ୟକଳାପ ଓ ଆସନ୍ତା ରବି ଋତୁ ପାଇଁ ପ୍ରସ୍ତୁତ କୌଶଳ ଉପସ୍ଥାପନ କରିଥିଲେ। ଏହାସହିତ ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର ଲବ ସୋରେନ୍ ଓ ଉପନିର୍ଦ୍ଦେଶକ ଜଳଛାୟା ପ୍ରକଳ୍ପ ମଧ୍ୟ ନିଜ-ନିଜ ବିଭାଗୀୟ କାର୍ଯ୍ୟସୂଚୀ ଓ ରବି କାଳିନ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ।ଉକ୍ତ ବୈଠକରେ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ, କୃଷି ବିଭାଗର ସମସ୍ତ ଅଧିକାରୀ ଏବଂ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇଥିଲେ। ସଭାରେ ଆସନ୍ତା ରବି ପ୍ରକଳ୍ପ ସମ୍ପର୍କରେ ବ୍ୟାପକ ଆଲୋଚନା ହୋଇ ଥିଲା। ବୈଠକକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଲେ ଯେ, ପାଣିର ସଠିକ ବ୍ୟବହାର ଓ ଜୈବ ସାରର ଯୁକ୍ତିସଙ୍ଗତ ବ୍ୟବହାର ପାଇଁ ଧାନ ଠାରୁ ଅଣଧାନ ଫସଲକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ।ସେ ଜିଲ୍ଲାରେ ଏକ 'ଆଦର୍ଶ କୃଷି ଗ୍ରାମ'ଆରମ୍ଭ କରିବାକୁ ପ୍ରସ୍ତାବ ଦେଲେ, ଯେଉଁଠାରେ ସଂପୃକ୍ତ



## ଜିଲ୍ଲା ପାଇଁ ସୋରିଷ ଫୁଲ 'ଏବର୍ଷର ଫୁଲ' ଘୋଷିତ

ସମସ୍ତ ବିଭାଗ ତାଙ୍କର ଯୋଜନା ଓ ହସ୍ତକ୍ଷେପକୁ ଏକତ୍ରିକୃତ ଭାବେ କାର୍ଯ୍ୟାନ୍ୱିତ କରିବେ। ଏହା ସହିତ ୨୫-୨୬ ରେ'ସୋରିଷ କୁ ବର୍ଷର ଫୁଲ' ଭାବେ ଘୋଷଣା କରି ଜିଲ୍ଲାରେ ଏକକ ପ୍ୟାଚ୍‌ରେ ଫୁଲ ଚାଷ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ଘଟଣା, ଫେରାର ଅଭିଯୁକ୍ତ ଗିରଫ

**ଲାଞ୍ଜିଗଡ଼, ୪।୧୨(ସମିସ):** ବିଶ୍ୱନାଥପୁର ଥାନା ଅଞ୍ଚଳରେ ଜଣେ ୧୦ ବର୍ଷୀୟା ବାଳିକାକୁ ଦୁଷ୍କର୍ମ ଉଦ୍ୟମ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତ ମୂଷାନାଳ ଗ୍ରାମର କୋଶି ବାଗ ଫେରାର ଥିବା ବେଳେ ବୁଧବାର ରାତିରେ ଜାନବାହିଲି ଗାଁରୁ ତାକୁ ବିଶ୍ୱନାଥପୁର ପୁଲିସ ଗିରଫ୍ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସୂଚନାନୁଯାୟୀ, ବିଶ୍ୱନାଥପୁର ଥାନା ଅଞ୍ଚଳରେ



ନାବାଳିକାକୁ ମୂଷାନାଳ ଗ୍ରାମର କୋଶି ବାଗ (୫୦) ମଙ୍ଗଳବାର ଅପରାହ୍ନ ୧ଟାରେ ଖାଇବାକୁ ଦେବା ବାହାନା କରି ନିଜ ଘରକୁ ଡାକିଥିଲା। ନାବାଳିକା ଘର ଭିତରକୁ ଆସିବା ପରେ ଅଭିଯୁକ୍ତ କୋଶି ଦୁଷ୍କର୍ମ ଉଦ୍ୟମ କରିଥିଲା। ନାବାଳିକା ଚିତ୍କାର କରିବାରୁ ପାଖପଡ଼ୋଶୀ ଲୋକେ ଦୌଡ଼ି ଆସି ନାବାଳିକାକୁ ଉଦ୍ଧାର କରି ବିଶ୍ୱନାଥପୁର ସିଏଚ୍‌ସିରେ ଭର୍ତ୍ତି କରିଥିଲେ। ଡାକ୍ତରଖାନା ପକ୍ଷରୁ ବିଶ୍ୱନାଥପୁର ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲା। ଏନେଇ ପୀଡ଼ିତାଙ୍କ ବାପା ବିଶ୍ୱନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବିଶ୍ୱନାଥପୁର ପୁଲିସ ଏକ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ତୁଳସିରାମ ଶବରଙ୍କ ନେତୃତ୍ୱରେ ପୁଲିସ ମୂଷାନାଳ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ କୋଶି ଫେରାର ଥିବା ବେଳେ ବୁଧବାର ଭବାନୀପାଟଣା ଡାକ୍ତରଖାନାରେ ପୀଡିତାର ଡାକ୍ତରୀମାଇନା କରାଯାଇଥିଲା। ଲାଞ୍ଜିଗଡ଼ ବ୍ଲକ ଲାଞ୍ଜି ପଞ୍ଚାୟତର ଜାନବାହିଲି ଗାଁରେ ଅଭିଯୁକ୍ତ କୋଶି ବାଗ ଲୁଚି ରହିଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇ ବୁଧବାର ରାତିରେ ଗାଁକୁ ଯାଇ କୋଶିକୁ ଗିରଫ କରି ଥାନାକୁ ଆଣିବା ପରେ ଗୁରୁବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ତୁଳସିରାମ ଶବର ପ୍ରକାଶ କରିଛନ୍ତି।

## ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ

# ଏନ୍‌ଏସ୍‌ଏସ୍ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ




**ନୂଆପଡ଼ା/ଖଡ଼ିଆଳ, ୪।୧୨(ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଜାତୀୟ ସେବା ଯୋଜନା ତରଫରୁ 'ସଡକ ସୁରକ୍ଷା ସଚେତନତା ଅଭିଯାନ'କାର୍ଯ୍ୟକ୍ରମ ସମ୍ପାଦିତ ହୋଇଯାଇଛି।ୟୁକ୍ତ ତିନି, ୟୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଡ଼. ସୁରଞ୍ଜନ ପ୍ରଧାନ ଏବଂ ଅଧ୍ୟାପକ ଜିତେନ୍ଦ୍ର କଳସାଇଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ଉପସ୍ଥିତ ରହି ସମସ୍ତ ବାଇକ୍ ଚାଳକଙ୍କୁ ହେଲମେଟ ପିନ୍ଧିବା, ସଡକ ନିୟମ ଅନୁସରଣ ପୂର୍ବକ ସୁରକ୍ଷିତ ରହିବା ବିଷୟରେ ସଚେତନତା ସୃଷ୍ଟି କରିଥିଲେ।ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଡ଼. ଗୀତାଶ୍ରୀ ପ୍ରିୟମ୍ବଦା, ଶାରୀରିକ ଶିକ୍ଷା ଅଧ୍ୟାପକ ଡ଼ ସରୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ, ଅଧ୍ୟାପିକା ଯୋଗ ଦେଇ ସଡକ ସୁରକ୍ଷା ସଚେତନତା ସୃଷ୍ଟି କାର୍ଯ୍ୟକ୍ରମର ଆବଶ୍ୟକତା ଓ ଗୁରୁତ୍ୱକୁ ଜନସାଧାରଣଙ୍କୁ ଅବଗତ କରାଇଥିଲେ।

# ନିଆଁ ପୁଇଁବା ବେଳେ ପିଟିଲା ବାଇକ୍ ;ଜଣେ ମୃତ

**କୋକସରା, ୪।୧୨(ସମିସ):** କୋକସରା ବ୍ଲକ ଡାଲଗୁମା ଗ୍ରାମର ଅଶୋକ କୁମାର ଚଣ୍ଡୀ (୫୫) ନିଆଁ ପୁଇଁବା ବେଳେ ଦ୍ରୁତ ଗତିରେ ଆସି ଏକ ବାଇକ୍ ଧକ୍କା ଦେବାରୁ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ, ବୁଧୁବାର ରାତି ପ୍ରାୟ ୮ଟା ସମୟରେ ଅଶୋକ କୁମାର ଚଣ୍ଡୀ, ନରସିଂ ଚଣ୍ଡୀ ଓ ଆନନ୍ଦ ଚଣ୍ଡୀ ଏକାଠି ବସି ନିଆଁ ପୁଇଁଥିଲେ। ଡାଲଗୁମାର ଜଣେ ବ୍ୟକ୍ତି ବାଇକ୍ ଯୋଗେ ବେହେରା ପଟୁ ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଗୁରୁତର ଅଶୋକଙ୍କୁ ପରିବାର ଲୋକ ଧର୍ମଗଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର



ଜିଲ୍ଲାମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲେ। ତେବେ ଭାବନୀପାଟଣାସ୍ଥିତ ଜିଲ୍ଲାମୁଖ୍ୟ ଚିକତ୍ସାଳୟରେ ଗୁରୁତର ଅଶୋକଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। କୋକସରା ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି। ମୃତକ ଅଶୋକ କୁମାର ଚଣ୍ଡୀ ବେହେରା କଲେଜର କର୍ମଚାରୀ ରହିଥିଲେ।

# ମହମ୍ମଦ ଅସଲମ୍ ସ୍ମୃତି ସମାରୋହ ପାଇଁ ପ୍ରସ୍ତୁତି

**ଭବାନୀପାଟଣା, ୪।୧୨ (ସମିସ):** ସାମ୍ବାଦିକ ସ୍ୱର୍ଗତ ମହମ୍ମଦ ଅସଲମ ସ୍ମୃତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ସଭାପତି ବିଜୟ ସାହୁଙ୍କ ସଭାପତିତ୍ୱରେ ଭବାନୀପାଟଣାସହର ସ୍ଥିତ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୭ ତାରିଖ ଦିନ ଭବାନୀପାଟଣାସହରସ୍ଥିତ ଅମଲା ଭବନରେ ମହମ୍ମଦ ଅସଲମଙ୍କ ସ୍ମୃତିସଭା ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଏକ ଆନ୍ତଃ ମହାବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଯୁବ ସଂସ୍କାର ସଭା ଗୃହରେ ରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସମାରୋହରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଅବସରରେ ଚଳିତ ବର୍ଷର ସାମ୍ବାଦିକ କ୍ଷେତ୍ରରେ ଯୁବ ସାମ୍ବାଦିକା ଶତରୂପା ସାମନ୍ତରାୟଙ୍କୁ ରାଜ୍ୟସ୍ତରୀୟ ମହମ୍ମଦ ଅସଲମ୍ ସ୍ମୃତି ସମ୍ମାନ ୨୦୨୫ରେ ସମ୍ମାନିତ କରାଯିବା ନେଇ କମିଟି ସଦସ୍ୟ ନିଷ୍ପତ୍ତି ନେଇଥିବା ବେଳେ ସମାଜ ସେବା କ୍ଷେତ୍ରରେ ଲାଞ୍ଜିଗଡ଼ ରୋଡ (ଆୟୁଷମାନ ଆରୋଗ୍ୟ ମନ୍ଦିର) ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ୧୦୮ ଆମ୍ବୁଲାନ୍ସର ଫାର୍ମାସିଷ୍ଟ ମୋହିତ କୁମାର ସାଙ୍କୁ ମହମ୍ମଦ ଅସଲମ୍ ସ୍ମୃତି ସମ୍ମାନ-୨୦୨୫ ପ୍ରଦାନ କରାଯିବ। ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ଶାନ୍ତନୁ ବେହେରା, ଦୁଃଖୀଶ୍ୟାମ ପ୍ରଧାନ, ଅଜିତ ସିଂ, ବିକାଶ ଖେମକା, ବିକାଶ ଷଡଙ୍ଗୀ, ଶୁଭମ୍ ରୋହିଲା, ତାପସ ମହାନ୍ତି, ଦିବ୍ୟ ମହାପାତ୍ରଙ୍କ ସହ ସମାଜସେବୀ ଅଭିନାଶ ଠାକୁର, ଗିରିଧାରୀ ପାତ୍ର, ନରେଶ ଚୌଧୁରୀ, ରାଜେଶ ଦୀପ ପ୍ରମୁଖ ଉପସ୍ଥିତ ଥିଲେ।

# ବଡଚେରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ



**ଗୋଲାମୁଣ୍ଡା, ୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡଚେରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡା ମହୋତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଇଓ ରାଜେଶ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ଶ୍ରୀମତୀ ଲୀନା ଦାସ, ସରପଞ୍ଚ ପ୍ରତିନିଧି କୃଷଧର ସା, ଡ.ଯୋଗେନ୍ଦ୍ର ସାହୁ, ବଡଚେର ଗାଁ ଡିଗ୍ରୀ କଲେଜ ଅଧ୍ୟକ୍ଷ ସରୋଜ କୁମାର ସୁନା, ବଡଚେର ଗାଁ ପବ୍ଲିକ ଉଚ୍ଚ ବିଦ୍ୟାଳୟର ସହ ଶିକ୍ଷକ ସନ୍ଦିପ କୁମାର ମିଶ୍ର, ଜାତୀୟ ବ୍ୟାଡମିଣ୍ଟନ ଖେଳାଳି ଶ୍ରୀମତୀ ରାଜଲକ୍ଷ୍ମୀ ପ୍ରଧାନ, ରାହୁଲ ନାଏକ, ଚନ୍ଦ୍ରମଣି ମାଝି ପ୍ରମୁଖ ଯୋଗଦାନ କରି ମଞ୍ଚାସୀନ ହୋଇଥିଲେ। ଶିକ୍ଷୟିତ୍ରୀ ସୁଭଦ୍ରା ମଙ୍ଗରାଜ ଏବଂ କୁମାରୀ ନମ୍ରତା ପ୍ରିୟଦର୍ଶିନି ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ଯୋଗ ପ୍ରଶିକ୍ଷକ ମନୋଜ କୁମାର ସାହୁ ସହଯୋଗ କରିଥିଲେ।ଉତ୍ସବରେ ପ୍ରଥମେ ମା' ଡୋକରି ବୁଡି ମନ୍ଦିରରୁ ମଶାଲ ଆଣି ସ୍ଥାପନ ପରେ ବିଇଓ ଶ୍ରୀ ନାୟକ ଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ମଞ୍ଚାସିନ ଅତିଥିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ପରେ ସମସ୍ତ ଅତିଥି ଅଭିଭାଷଣ ରଖିଥିଲେ।ବିଦ୍ୟାଳୟରେ ପ୍ରଥମ କରି କ୍ରୀଡା ଉତ୍ସବ ହେଉ ଥିବାରୁ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ପତାକା ଉତ୍ତୋଳନ ପରେ ଛାତ୍ରଛାତ୍ରୀ ବିଦ୍ୟାଳୟ ପରିସରରେ ଶପଥ ପାଠ କରିଥିଲେ।କ୍ରୀଡା ଉତ୍ସବରେ ପ୍ରାୟ କୋଡିଏଟି ପ୍ରତିଯୋଗିତାର ଆୟୋଜନ ହୋଇ ଥିଲା ଏବଂ ସମସ୍ତ ଛାତ୍ରଛାତ୍ରୀ ଉତ୍ସାହର ସହ ଭାଗ ନେଇଥିଲେ। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।




# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ



**ଧର୍ମଗଡ଼, ୪।୧୨(ସମିସ)**

କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଓ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଉପସ୍ଥିତ ଥାଇ ଶୁଭ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ସମ୍ମାନିତ ଅତିଥି ଭାବରେ ଜିଲ୍ଲାପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ, କୃଷି ନିର୍ବାହୀଯନ୍ତ୍ରୀ ଅଜୟ କୁମାର ମାରାଣ୍ଡି, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ର କୃଷି ବୈଜ୍ଞାନିକ ଅମିତାଭ ପଣ୍ଡା, ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ନୌକେଶ୍ୱର ନାଗ, ଭବାନୀପାଟଣା କୃଷି ଜିଲ୍ଲା ଅଧିକାରୀ ଅଜିତ କୁମାର ମହାପାତ୍ର, ଧର୍ମଗଡ଼ ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ମଳୟ କୁମାର ସିଂ, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର କଳାହାଣ୍ଡି ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଭବାନୀ ନାଏକ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟତଃ କୃଷି ବିଭାଗ ଜରିଆରେ ସରକାରୀ ଯୋଜନା ଆସୁଛି। ଚାଷୀମାନେ ଠିକ ଭାବେ ତାର ଫାଇଦା ପାଉଛନ୍ତି ନା ନାହିଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ବେହେରା ଉପସ୍ଥିତ ଚାଷୀଙ୍କୁ ବୁଝାଇଥିଲେ। ଚାଷୀଙ୍କ ଫସଲ କିପରି ଦିଗୁଣିତ ହେବ ସେ ନେଇ ବିଭିନ୍ନ ପ୍ରକାର କୃଷି ଯନ୍ତ୍ରପାତି ମଧ୍ୟ ସରକାର ନିର୍ମାଣ କରିଛନ୍ତି। ଏହି କୃଷି ଯନ୍ତ୍ରପାତି ଗୁଡିକ ସବସିଡ଼ି ଅନେକ କ୍ଷେତ୍ରରେ ମିଳୁଛି। ତାର ଫାଇଦା ଚାଷୀମାନେ ସମ୍ପୂର୍ଣ୍ଣ ଉଠାଇ ଚାଷରେ ଦ୍ୱିଗୁଣିତ କରି ପାରିବେ ବୋଲି ମୁଖ୍ୟଅତିଥି ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ ଏବଂ ଜିଲ୍ଲା ପାରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ସହକାରୀ କୃଷି ଯନ୍ତ୍ରୀ ରଶ୍ମି ରଞ୍ଜନ ନାଏକ ପରିଚାଳନା କରିଥିବା ବେଳେ ଧର୍ମଗଡ଼ କୃଷି ଜିଲ୍ଲା ଅଧିକାରୀ ଶ୍ରୀ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।ସମସ୍ତ କୃଷି ବିଭାଗ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ ଷ୍ଟଲ ଦେଖିବାକୁ ମିଳିଥିଲା ଯେଉଁଥିରେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶିତ ହୋଇଛି।

# ଜିଲ୍ଲାସ୍ତରୀୟ ଆନ୍ତଃ ବିଭାଗୀୟ ଏକାଭିମୁଖୀ ବୈଠକ

**ଭବାନୀପାଟଣା, ୪।୧୨(ସମିସ):** କଳାହାଣ୍ଡି ଜିଲ୍ଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ମ୍ୟାଲେରିଆ/ ଡେଙ୍ଗୁ ତଥା ଅନ୍ୟ ବାହକ ଜନିତ ରୋଗ ନିରାକରଣ ନିମନ୍ତେ ଅନ୍ତ ବିଭାଗିୟଏକାଭିମୁଖୀ ବୈଠକ ଅନୁଷ୍ଠିତ ହୋଇ ଯାଇଅଛି।



ବୈଠକରେ ଡେଙ୍ଗୁ, ମ୍ୟାଲେରିଆ ଜ୍ୱର ସମ୍ପର୍କରେ ଲକ୍ଷଣ, ପ୍ରତିକାର ଏବମ ପ୍ରତିରୋଧ ବ୍ୟବସ୍ଥା ତଥା ବିଭିନ୍ନ ବିଭାଗର ଦାୟିତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଡେଙ୍ଗୁ ଓ ମ୍ୟାଲେରିୟା ରୋଗର ନିୟନ୍ତ୍ରଣ ନିମିତ ନିୟମିତ ସ୍ୱାସ୍ଥ୍ୟ ବିଭାଗ ଯୋଗାଇ ଦେଉଥିବା ମେଡିକେଟେଡ଼ ମଶାରୀ ବ୍ୟବହାର, ପରିବେଶ ସଫାସୁତୁର ରଖିବା, ଜ୍ୱର ହେଲାମାତ୍ରେ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଜୀବ। ବିଷୟରେ ସଚେତନତା କରିବାପାଇଁ ପରିପ୍ରକାଶ କରାଯାଇଥିଲା। ସମସ୍ତ ଆବାଶିକ ବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନର ପରିସର ପରିଷ୍କାର ପରିଛନତା ଏବମ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଅନୁରୋଧ କରାଯାଇଥିଲା। ପ୍ରତ୍ୟେକ ଆଶା କର୍ମୀମାନଙ୍କ ନିକଟରେ ମ୍ୟାଲେରିଆ ଔଷଧ ରଖିବା ପାଇଁ ନିର୍ଦ୍ଦେଶ ଦିଆଗଲା। ନୂତନ ଦୀର୍ଘ ସ୍ଥାୟୀ କୀଟନାଶକ ଉପଚାରିତ ମଶାରୀ ବ୍ୟବହାର ଲାଗି ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କରିବା ପାଇଁ ନିର୍ଦ୍ଦେଶ ଦିଆଗଲା। କାର୍ଯ୍ୟକ୍ରମ ଅର୍ନ୍ତଗତ ସହରାଞ୍ଚଳରେ ତଥା ସମସ୍ତ ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କରାଯିବ। ଆଶା କର୍ମୀ ଓ ଅଙ୍ଗନବାଡିକର୍ମୀ ମାନେ ଘରକୁ ଘର ଯାଇ ପତ୍ରିକା ବଣ୍ଟନ ସହ ଡେଙ୍ଗୁ, ମେଲେରିଆ ଜ୍ୱର ସମ୍ପର୍କରେ ବ୍ୟାପକ ସଚେତନତା କରିବେ।ଅତ୍ୟଧିକ ମ୍ୟାଲେରିଆ ପ୍ରବଣ ବ୍ଲକ ମ.ରାମପୁର, ବିଶ୍ୱନାଥପୁର, ଥୁ ରାମପୁର, ବୋର୍ଡା ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ନିର୍ଦ୍ଦେଶ ପ୍ରଦାନ କରାଗଲା। କାର୍ଯ୍ୟକ୍ରମର ସଫଳ ରୂପାୟନ ଲାଗି ଏକ ଖସଡା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ପ୍ରତ୍ୟେକ ବିଭଗିୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଡ.ନିହାରେନ୍ଦ୍ର ପଣ୍ଡା ଚିକିଛା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲାକୁ ମ୍ୟାଲେରିଆ/ ଡେଙ୍ଗୁ ମୁକ୍ତ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ।ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ତଥା ୧୩ଟି ବ୍ଲକର ଜନସ୍ୱାସ୍ଥ୍ୟ ଅଧିକାରୀ ଏବଂ ୧୩ଟି ବ୍ଲକର ଭେକ୍ଟର ବାହିତ ରୋଗ ପରିଦର୍ଶକ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଷ୍ଟେସନରେ ବିଧାୟକ-କାଉନସିଲର ମୁହାଁମୁହିଁ

**କଣ୍ଟାବାଞ୍ଜି, ୪।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ରେଳ ଷ୍ଟେସନରେ ବୁଦବାର ବିଳମ୍ବିତ ରାତିରେ ଏକ ରୋଚକ ଘଟଣା ଘଟିଛି। ଦାଦନ ଚାଲାଣକୁ ନେଇ

## ହତ୍ୟା ଧମକ ଦେଇଥିବା ବିଧାୟକଙ୍କ ଏତଲା

## ବିଧାୟକଙ୍କ ନାଁରେ କାଉନସିଲରଙ୍କ ପାଲଟା ଅଭିଯୋଗ





କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଏବଂ କଣ୍ଟାବାଞ୍ଜି ୧ ନମ୍ବର ୱାର୍ଡର କାଉନସିଲର ମହମ୍ମଦ ଇମ୍ରାନ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ପକ୍ଷରୁ କଣ୍ଟାବାଞ୍ଜି ସରକାରୀ ରେଳବାଇ ଥାନା (ଜିଆରପି)ରେ ମାମଲା ରୁଜୁ ହୋଇଛି।

ବୁଧବାର ରାତି ସାଢେ ୧୧ଟାରେ କଣ୍ଟାବାଞ୍ଜି ରେଳ ଷ୍ଟେସନ ୨ ନଂ ପ୍ଲାଟଫର୍ମରେ କୋର୍ବା-ବିଶାଖାପାଟଣା (ଲିଙ୍କ୍ ଏକ୍ସପ୍ରେସ)ରେ ଟ୍ରେନରେ ବିଧାୟକ ଲକ୍ଷ୍ମଣ ବାଗଙ୍କ ଜଣେ ବନ୍ଧୁ ଯାତ୍ରା ଅରୁଥିବା ବେଳେ ତାଙ୍କୁ ସାକ୍ଷାତ କରିବାକୁ ବିଧାୟକ ଯାଇଥିଲେ। ସେହି ସମୟରେ ରେଳଷ୍ଟେସନରେ ୫୦ରୁ ଅଧିକ ମହିଳା, ପୁରୁଷ ଓ ଶିଶୁ ଥିଲେ। ସେମାନଙ୍କୁ ଦେଖି ବିଧାୟକ କେଉଁ ଆଡେ ଯିବ ବୋଲି ପଚାରିଥିଲେ। ଉତ୍ତରରେ ସେମାନେ ହାଇଦ୍ରାବାଦ୍ ଯିବେ ବୋଲି କହିଥିଲେ। ଏହାପରେ ସେଠାରେ ନିୟୋଜିତ ରାଜ୍ୟ ସରକାରଙ୍କ ଟାସ୍କଫୋର୍ସ ଟିମ୍, ଆରପିଏଫ, ଜିଆରପି ଏବଂ କଣ୍ଟାବାଞ୍ଜି ପୁଲିସକୁ ଡାକି ବିଧାୟକ କାଗଜ ପତ୍ର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ସେଠାରେ ଥିବା କାଉନସିଲର ମହମ୍ମଦ ଇମ୍ରାନ ଖାଁ ବଣ୍ଟି ବେହେରାଙ୍କ ସମେତ ୬ରୁ ଅଧିକ ଯୁବକଙ୍କ ସହ ଆସି ବିଧାୟକଙ୍କୁ କୁଆଡେ ଦୁର୍ବ୍ୟବହାର କରିଥିଲେ। ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଭଳିକି ମାରିଦେଇ ଫିଙ୍ଗି ଦେବେ ବୋଲି ବିଧାୟକଙ୍କୁ ହତ୍ୟା ଧମକ ଦେଇଥିବା ଲକ୍ଷ୍ମଣ ଏତଲା ଦେଇଛନ୍ତି। ଅନ୍ୟପକ୍ଷେ କାଉନସିଲର ମଧ ବିଧାୟକଙ୍କ ନାଁରେ ପାଲଟା ଏତଲା ଦେଇଛନ୍ତି। କାଉନସିଲର ତାଙ୍କର ଜଣେ ବନ୍ଧୁଙ୍କୁ ଛାଡ଼ିବାକୁ ରେଳ ଷ୍ଟେସନ ଯାଇଥିଲେ। ତାଙ୍କୁ ଦେଖି ତୁମର ପ୍ଲାଟଫର୍ମ ଟିକେଟ ଅଛି କି ବୋଲି ପ୍ରଶ୍ନ କରି ଦେଖାଇବାକୁ କହିଥିଲେ। ତେବେ ପ୍ଲାଟଫର୍ମ ଟିକଟ ନ ଥିବା କାଉନସିଲର କହିଥିଲେ। ତାହା ଶୁଣି କାଉନସିଲରଙ୍କ ଟିକଟ ଯାଞ୍ଚ କରିବା ସହ ତାଙ୍କୁ ଆରପିଏଫ ଥାନାକୁ ନେବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଣୁ ସେଠାରେ କାଉନସିଲର ଓ ବିଧାୟକଙ୍କ ମଧରେ ଜୋରରେ ପାଟିତୁଣ୍ଡ ହୋଇଥିଲା। କାଉନସିଲରଙ୍କୁ ବିଧାୟକ ଜାତିଆଣ ଆକ୍ଷେପ କରିବା ସହ ହତ୍ୟା ଧମକ ଦେଇଥିବା ଜିଆରପିରେ ଅଭିଯୋଗ ହୋଇଛି। ତେବେ ଉଭୟ ପକ୍ଷରୁ ମାମଲା ରୁଜୁ କରି କଣ୍ଟାବାଞ୍ଜି ଜିଆରପି ଅଧିକ ତଦନ୍ତ ଆରମ୍ଭ କରିଛି।

# ଦୁର୍ଘଟଣାରେ ଦକ୍ଷିଣୀ ଶୈକ୍ଷିକ ମହାସଂଘର ଉପସଭାପତିଙ୍କ ମୃତ୍ୟୁ

**ଭବାନୀପାଟଣା, ୪।୧୨(ସମିସ):** ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଦକ୍ଷିଣୀ ଶୈକ୍ଷିକ ମହାସଂଘର ଉପସଭାପତି ରାଜେନ୍ଦ୍ର ସାହୁ(୬୨)ଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ଗୁରୁବାର ସକାଳେ ସେ ଭବାନୀପାଟଣାରୁ ନିଜ ଭଉଣୀ ଘର କୁସୁମଦର ଗ୍ରାମକୁ ବାଇକ୍‌ରେ ଯାଉଥିବା



ସମୟରେ ତାଙ୍କୁ ସାମ୍ନାରୁ ଏକ ପିକଅପ୍ ଭ୍ୟାନ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭବାନୀପାଟଣାସ୍ଥିତ ସର୍ଦାର ରେଣ୍ଡୋ ମାଝୀ ଭେଷଜ ମହାବିଦ୍ୟାଳୟ ଓ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ପହଞ୍ଚି ପୋଷ୍ଟ ମର୍ଟମ୍ ପରେ ଶବ ପରିବାରକୁ ହସ୍ତାନ୍ତର କରିଥିଲେ ହେଁ ଦୁର୍ଘଟନା ଘଟାଇ ଥିବା ଗାଡ଼ିକୁ ଏଯାଏଁ ଠାବ କରି ପାରିନଥିବା ଜଣାଯାଇଛି। ସ୍ୱର୍ଗତ ସାହୁ ଭବାନୀପାଟଣାର ମାଣିକେଶ୍ୱରୀ ଓ ଟାଉନ ହାଇସ୍କୁଲ ରେ ଶିକ୍ଷକତା କରିବା ପରେ ଲାଞ୍ଜିଗଡ଼ ବ୍ଲକର ବିଶ୍ୱନାଥପୁର ଆଦିବାସୀ ମଙ୍ଗଳ ବିଭାଗର ହାଇସ୍କୁଲରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ ତୁଲାଇ ଚାକିରିରୁ ଅବସର ଗ୍ରହଣ କରିଥିଲେ। ସେ ଦକ୍ଷିଣୀ ଶୈକ୍ଷିକ ମହାସଂଘ ର ଉପସଭାପତି ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ରହିଥିଲେ। ଜନ୍ମମାଟି ପରିଆ ଗ୍ରାମରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକ ମାତ୍ର ପୁଅ ଶିବା ସନ୍ତୋଷ ସାହୁ ମୁଖାଗ୍ନି ଦେଇଥିଲେ। ତାଙ୍କ ଦୁଃଖଦ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଦକ୍ଷିଣୀ ଶୈକ୍ଷିକ ମହାସଂଘ ର ସଭାପତି ଥବିର ପ୍ରସାଦ ସାହୁ, ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ସାହୁ ସମେତ ଦକ୍ଷିଣୀ ଶୈକ୍ଷିକ ମହାସଂଘର କଳାହାଣ୍ଡି-ଟିଟଲାଗଡ଼ ସବ ଡିଭିଜନର ଆଞ୍ଚଳିକ ସଂଘର କର୍ମକର୍ତ୍ତା ଶୋକ ବ୍ୟକ୍ତ କରି ଆତ୍ମାର ସଦଗତି କାମନା କରିଛନ୍ତି।

### ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ

# ଦେଶୀ ବସ୍ତ୍ରର ପୁନରୁତ୍ଥାନ ବିଷୟରେ ସମ୍ମାନ

**ଭବାନୀପାଟଣା, ୪।୧୨(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଆ।।ନିର୍ଭର ଭାରତ କାର୍ଯ୍ୟରେ ସ୍ୱଦେଶୀ ପଣ୍ୟର ପ୍ରଚାର ଓ ହବସପୁରୀ ହସ୍ତତନ୍ତକୁ ବିଶେଷ ଗୁରୁତ୍ୱ ଦେଇ ଦେଶୀ ବସ୍ତ୍ରର ପୁନରୁତ୍ଥାନ ବିଷୟରେ ସମ୍ମାନ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଅଧକ୍ଷ ଡ. ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ବିଶିଷ୍ଟ ଅତିଥି ମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରାଯାଇଥିଲା। ଡ.ରାଧାରାଣୀ ନାୟକ, ନୋଡାଲ ଅଫିସର ଆତ୍ମନିର୍ଭର ଭାରତ ବିଷୟରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ଧିରେଶ ଚନ୍ଦ୍ର ନନ୍ଦ ହସ୍ତତନ୍ତର ବହୁଳ ପ୍ରଶଂସା କରିବା ସହିତ ଏହାର ବ୍ୟବହାରକୁ ସର୍ବଜନ ବିଦିତ କରିବାର ମତବ୍ୟକ୍ତ କରିଥିଲେ। ଶିକ୍ଷାଗତ ଅଧିକାରୀ ଶ୍ରୀ ହେମନ୍ତ କୁମାର ମାଝୀ ହସ୍ତତନ୍ତର ବ୍ୟବସାୟ ଏବଂ ଏହାର ଆ।।ନିର୍ଭରଶୀଳ କରାଇବାରେ ଏହାର ଭୂମିକା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଆନ୍ତର୍ଜାତୀୟ ଫ୍ୟାସନ ଡିଜାଇନର ସୁଜିତ୍ ମେହର ହସ୍ତତନ୍ତର ଗୁରୁତ୍ୱ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହବସପୁରୀ ହସ୍ତତନ୍ତର ସମ୍ପର୍କରେ ନାମକରଣ, ଚାହିଦା ଏବଂ ହସ୍ତତନ୍ତ୍ର ପ୍ରତି ପ୍ରତିଟି ମନୁଷ୍ୟର ଭାବପ୍ରବଣତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ତର୍ଜାତୀୟସ୍ତରରେ ହସ୍ତଶିଳ୍ପର ଚାହିଦା ବିଶ୍ୱ ଦରବାରରେ ପହଞ୍ଚାଇବା ପ୍ରତିଟି ହସ୍ତଶିଳ୍ପୀର ଜୀବନର ମୁଖ୍ୟ ବ୍ରତ ହେବା ଆବଶ୍ୟକ ବୋଲି ଉଦବୋଧନ ଦେଇଥିଲେ।



ଅଧକ୍ଷ ଡ. ତ୍ରିଲୋଚନ ଜେନାଙ୍କ ହସ୍ତତନ୍ତର ଇତିହାସ ଓ ବର୍ତ୍ତମାନ ଅତ୍ମନିର୍ଭରଶୀଳ ଭାରତ ଲକ୍ଷ୍ୟ ପାଇଁ ଏହାର ଭୂମିକା ବିଷୟରେ ମତ ରଖିଥିଲେ। ସ୍ନାତକ ତୃତୀୟ ବର୍ଷର ଛାତ୍ରୀ ସୌମ୍ୟା ସୁସ୍ମିତା ଭୋଇଙ୍କ ଧନ୍ୟବାଦ ଦେଇଥିଲେ। ପରିଶେଷରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସ୍ୱଦେଶୀ ବସ୍ତ୍ରର ଏକ ଫ୍ୟାସନ ସୋ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସେମିନାର ହସ୍ତତନ୍ତର ଗୁରୁତ୍ୱକୁ ଉପଲବ୍ଧି କରାଇବା ସହ, ସମସ୍ତ କର୍ମଚାରୀ ଓ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲା।

# ରାଜସ୍ୱ ଗ୍ରାମ ପାଇଁ କ୍ଷେତ୍ର ଅନୁଧ୍ୟାନ



**ମ.ରାମପୁର, ୪।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ତହସିଲ ଅନ୍ତର୍ଗତ ଉର୍ଲାଦାନୀ ପଞ୍ଚାୟତର ଜୁରାଖମନ ଗାଁକୁ ରାଜସ୍ୱ ଗ୍ରାମ ମାନ୍ୟତା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।ତହସିଲଦାର୍ ସନ୍ଦୀପ କୁମାର ତିର୍କୀଙ୍କ ନେତୃତ୍ୱରେ ଏକ ଅନୁଧ୍ୟାନ କାରୀଦଳ ଜୁରାଖମନ ଗ୍ରାମକୁ ଯାଇ କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟ ଆରମ୍ଭ କରିଛନ୍ତି।ତହସିଲଦାର ନିଜେ ଉକ୍ତ ଜଙ୍ଗଲ ଗ୍ରାମକୁ ଯାଇ ତଳେ ବସି ନିଜ ଉପସ୍ଥିତିରେ ଅନୁଧ୍ୟାନ କରୁଥିବା ଦେଖିବାକୁ ମିଳିଛି। ଅନୁଧ୍ୟାନ ରିପୋର୍ଟ ପ୍ରଦାନ ପରେ ଏହି ଗ୍ରାମକୁ ଆଗାମୀ ଦିନରେ ବିଧିବଦ୍ଧ ଭାବେ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।କ୍ଷେତ୍ର ଅନୁଧ୍ୟାନ କାର୍ଯ୍ୟରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ସୁପରଭାଇଜର ଯତୀନ୍ଦ୍ର ଭୋଇ, ରାଜସ୍ୱ ନୀରିକ୍ଷକ ସତ୍ୟ ନାରାୟଣ ପଟ୍ଟନାୟକ, ଉର୍ଲାଦାନୀ ଆର୍‌ଆଇ ଲୋକେଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ

**କର୍ଲାମୁଣ୍ଡା, ୪।୧୨(ସମିସ)** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ବୁଧବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଯାଇଛି।ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ସମସ୍ତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାରେ ଖେଳ ଶିକ୍ଷକ ପଦ୍ମନାଭ ବନଛୋର, ଥବିର ଭୋଇ, ସହଶିକ୍ଷକ ପପୁ କୁମାର, ପ୍ରଜ୍ଞା ପରମିତା ପାସା, ହେମକାନ୍ତ ନାଏକ ଓ ସୁନୀତା ପାତ୍ର ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋପାମଣି ସାହୁ, କର୍ଲାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର୍ ମିଶ୍ର, ରତନ ଭୋଇ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଉତ ଓ ନୋଡାଲ ସିଆରସିସି ପ୍ରସନ୍ନ କୁମାର ସାହୁ ଉପସ୍ଥିତ ରହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ମୁଖ୍ୟସ୍ରୋତରେ କେମିତି ସାମିଲ କରିବା, ତାଙ୍କ ଶିକ୍ଷା କ୍ଷେତ୍ରରେ କେମିତି ଆଗକୁ ବଢ଼ାଇବାନେବା ଓ ବିଭିନ୍ନ ସଫଳ ଦିବ୍ୟାଙ୍ଗ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇ ଥିଲେ। କାର୍ଯ୍ୟକ୍ରମକୁ ରେଙ୍ଗାଲି ସିଆରସିସି. ଉଜ୍ଜଳ କୁମାର୍ ସାହୁ ସଂଯୋଜନା କରିଥିଲେ ଓ ବିଆରଟି ପ୍ରଦୀପ କୁମାର ବେହେରା ଓ ପ୍ରକାଶ କୁମାର ବିଶ୍ୱାଳ, ଆକାଉଣ୍ଟାଣ୍ଟ କ୍ଷିରୋଦ ଚନ୍ଦ୍ର ବଡ଼ମାଲି ତଥା କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଗୀତା ଜୟନ୍ତୀ

**ଭବାନୀପାଟଣା, ୪।୧୨(ସମିସ):** ସ୍ଥାନୀୟ ବାଲାଜୀ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜ କଳାହାଣ୍ଡି ପକ୍ଷରୁ ଗୀତା ଜୟନ୍ତୀ ପାଳିତ ହୋଇଛି। ଏହି ଉପଲକ୍ଷେ ଘୃତ ଯଜ୍ଞ, ଜ୍ଞାନଯଜ୍ଞ ଓ ଅନ୍ନ ଯଜ୍ଞ ଆୟୋଜିତ ହୋଇଥିଲା। ମନ୍ଦିରର ଯଜ୍ଞ ମଣ୍ଡପରେ ସକାଳେ ଯଜ୍ଞାଚାର୍ଯ୍ୟ ଶରତ କୁମାର ମିଶ୍ର ଓ ନିରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଗୀତା ଯଜ୍ଞରେ ହର୍ଷବର୍ଦ୍ଧନ ବେହେରା ସସ୍ତ୍ରିକ୍ ଯଜ୍ଞର କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ମନ୍ଦିର ପରିସରରେ ଉପସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀଙ୍କ ଅଧକ୍ଷତାରେ ଆୟୋଜିତ ଆଧ୍ୟାତ୍ମିକ ସଭାରେ ସମାଜ ସେବୀ ସୁଧାଂଶୁ ଶେଖର ନେଗୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ରମାକାନ୍ତ ପାଢ଼ୀ ମୁଖ୍ୟବକ୍ତା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ନିହାରେନ୍ଦ୍ର ପଣ୍ଡା, ବିଶିଷ୍ଟ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଗୀତା ଗ୍ରନ୍ଥ ଓ ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ପରେ ଆୟୋଜିତ ସାମୂହିକ ଗୀତା ପଞ୍ଚଦଶ ଅଧ୍ୟାୟ ଆବୃତ୍ତି କାର୍ଯ୍ୟକ୍ରମରେ ୩୭ ଜଣ ପୁରୁଷ ମହିଳା ଗୀତା ଆବୃତ୍ତି କରିଥିଲେ। ଚଳିତ ବର୍ଷ ଚାରି ଜଣ ସମ୍ମାନିତ ଶିଶୁ ବକ୍ତା ଭାବରେ ଗୀତା ଉପରେ ଉପସ୍ଥାପନା କରିଥିଲେ। ଗୀତା ସମଗ୍ର ମାନବ ସମାଜ ପାଇଁ ଏକ ଅମୂଲ୍ୟ ଗ୍ରନ୍ଥ, ମାନବର ସମସ୍ତ ପ୍ରଶ୍ନର ଉତ୍ତର ଗୀତାରୁ ପାଇ ପାରିବେ। ପ୍ରତିଦିନ ଗୀତା ପାଠ କରିବା ପାଇଁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ନବ ନିଯୁକ୍ତ ବିଜେପି ରାଜ୍ୟ ଉପ ସଭାପତି ଭବେନ୍ଦ୍ର କୁମାର ପଣ୍ଡା, ଆଇଆଇଟିରେ ୯୯.୬୬ ଶତକଡା ରଖି ଦିଲ୍ଲୀ ଆଇଆଇଟିରେ ଅଧ୍ୟୟନରତ ଅଂଶୁମାନ ଠାକୁର ଓ ଶାଶ୍ୱତ ସଙ୍ଗୀତ ଶ୍ରୀମଦ୍‌ଭାଗବଦ୍ ଗୀତାର ଲେଖିକା ସ୍ନେହଲତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରାହ୍ମଣ ସମାଜର ସାଧାରଣ ସମ୍ପାଦକ ମଞ୍ଚ ପରିଚାଳନା କରିଥିଲେ। ଗୋଲାମୁଣ୍ଡା ବ୍ଲକ ବ୍ରାହ୍ମଣ ସମାଜର ସମ୍ପାଦକ ପ୍ରତାପ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ନଗର ସମ୍ପାଦକ ଶେଷଦେବ ମିଶ୍ର, ପର୍ଶୁରାମ ସେନା ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର, ସଭ୍ୟ ସନ୍ତୋଷ ଦାଶ, ଚକ୍ରଧର ଦାଶ, ଭୋଳାନାଥ ମିଶ୍ର, ପ୍ରଭାତ ବ୍ରହ୍ମା, ଅର୍ଚ୍ଚନା ମିଶ୍ର, ସୌଦାମିନୀ ପାଢ଼ୀ, ଅନୁପମା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

### ସେମିରେ ନବରଙ୍ଗପୁର, ସମ୍ବଲପୁର, ବାଲେଶ୍ୱର ଓ ସୁନ୍ଦରଗଡ଼

# ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ୍

**ଭବାନୀପାଟଣା, ୪।୧୨ (ସମିସ):** ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଫୁଟବଲ୍ ପ୍ରତିଯୋଗିତାର ତୃତୀୟ ଦିବସର ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ବିଦ୍ୟାଳୟ କ୍ରୀଡା ସମୂହ ଦ୍ୱାରା ପ୍ରସ୍ତୁତ ଏହି କାର୍ଯ୍ୟକ୍ରମକୁ କଳାହାଣ୍ଡି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆୟୋଜନ କରିଛନ୍ତି। ଦ୍ୱିତୀୟ ଦିବସରେ ୨୪ ଟି ମ୍ୟାଚ୍ ଖେଳାଯାଇଥିବା ବେଳେ ଆଜି ୧୨ଟି ମ୍ୟାଚ୍ ଖେଳାଯାଇଥିଲା। ରିଜର୍ଭ ପୋଲିସ ପଡ଼ିଆ, ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍, ସ୍ପୋର୍ଟସ ହଷ୍ଟେଲ ପଡ଼ିଆ ଓ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ମ୍ୟାଚ୍ ଗୁଡ଼ିକ ଅନୁଷ୍ଠିତ ହୋଇଥିଲା।ଆସନ୍ତାକାଲି ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଆଜି ନବରଙ୍ଗପୁର, ସମ୍ବଲପୁର, ବାଲେଶ୍ୱର ଓ ସୁନ୍ଦରଗଡ଼ ସେମିଫାଇନାଲ ପାଇଁ ଉନ୍ନୀତ ହୋଇଛନ୍ତି। ନବରଙ୍ଗପୁର ଓ ସମ୍ବଲପୁର ମଧ୍ୟରେ ସ୍ପୋର୍ଟସ ହଷ୍ଟେଲ ଏବଂ ବାଲେଶ୍ୱର ଓ ସୁନ୍ଦରଗଡ଼ ମଧ୍ୟରେ ରିଜର୍ଭ ପଡ଼ିଆ ଠାରେ ଦୁଇଟି ସେମିଫାଇନାଲ ଅନୁଷ୍ଠିତ ହେବ। ଉଭୟ ମ୍ୟାଚ୍‌ରୁ ବିଜେତାମାନେ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ ଫାଇନାଲ ଖେଳିବେ ବୋଲି ଜଣାପଡ଼ିଛି। ଏହି ମ୍ୟାଚ୍ ସବୁକୁ ରାଜ୍ୟସ୍ତରୀୟ ଫିଲ୍ଡ କମିଶନର, ରେଫରିମାନେ ପରିଚାଳନା କରିଥିଲେ। ଏହି ଅବସରରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ରାଜ୍ୟ ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଜିଲ୍ଲାର ସମସ୍ତ ବିଇଓ, ଏବିଇଓ, ଆୟୋଜନ କମିଟିର ସଦସ୍ୟ ସଦସ୍ୟା, ଡିଇଓ ଏବଂ ଡିପିସି କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ପଥପ୍ରାନ୍ତ ସୁବିଧା କେନ୍ଦ୍ରର ଭାଗ୍ୟ ବିଗୁଡ଼ୁଛି

# ପୁନରୁଦ୍ଧାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଭବାନୀପାଟଣା, ୪।୧୨(ସମିସ)**

ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ମାଟିରେ ମିଶିବାକୁ ଯାଉଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ପଥ ପ୍ରାନ୍ତ ସୁବିଧା କେନ୍ଦ୍ର। କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିକଟସ୍ଥ ଚଞ୍ଚରାଭାଡି, ଆମପାଣି, ଉର୍ଲାଦାନୀ ନିକଟସ୍ଥ ରଙ୍ଗାପଦର ଓ ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ଗତ ଛଅ ବର୍ଷ ତଳେ ଏସବୁ ଉଦଘାଟିତ ହୋଇଥିଲା। ଜିଲ୍ଲା ଓ ଜିଲ୍ଲା ବାହାର ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଏହି ସୁବିଧା କେନ୍ଦ୍ର ଏକ ପ୍ରକାର ସାମୟିକ ଆଶ୍ରୟସ୍ଥଳୀ ଥିଲା। ଏଠାରେ ଶୌଚାଳୟ, ପିଇବା ପାଣି, ପାର୍କିଂ ବ୍ୟବସ୍ଥା, ଜଳପାନ ଆଦିର ସୁବିଧା ଥିଲା। ପୂର୍ତ୍ତ ବିଭାଗ ଦ୍ୱାରା ପ୍ରପର୍ଟି ସଲ୍ୟୁସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ଼ ଏହାର ପରିଚାଳନା ଦାୟିତ୍ୱ ନେଇଥିଲା। ଏହି କେନ୍ଦ୍ର ଗୁଡ଼ିକର ପରିଚାଳନା




ଓ ରକ୍ଷଣାବେକ୍ଷଣ ପାଇଁ ପ୍ରଥମେ ୧୩ ଜଣ ଓ ପରେ ଏହାକୁ କମାଇ ୬ ଜଣ ଲେଖାଏଁ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା। ସେମାନେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ସେବା ପ୍ରଦାନ କରୁଥିଲେ। କିନ୍ତୁ ଛଅ ବର୍ଷ ପରେ ଗତ ୨୦୨୪ ଜୁନ ୩୧ ତାରିଖରୁ ଏହି ସଂସ୍ଥାର ଟେଣ୍ଡର ଅବଧି ଶେଷ ହେବା ପରେ ସେଦିନଠାରୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକରେ ତାଲା ଝୁଲୁଛି। ଏବେ ପ୍ରାୟ ଦେଢ଼ ବର୍ଷ ପରେ ଏହି ଚାରୋଟି ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଲଟାବୁଦାରେ ଭର୍ତ୍ତି ହୋଇଯାଇଥିବାବେଳେ ସମ୍ପୂର୍ଣ୍ଣ ଭୁତକୋଠି ପାଲଟିଛି। ରକ୍ଷଣାବେକ୍ଷଣ ଅଭାବ ଓ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଠାରେ ଥିବା ଲାଇଟ, ଫ୍ୟାନ ଆଦି ଚୋରି ହେବାକୁ ଲାଗିଲାଣି। ଯେଉଁ ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଦିନେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ବିଭିନ୍ନ ସୁବିଧା ଯୋଗାଉଥିଲା, ସେସବୁ ଆଜି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯାହାଫଳରେ ଜିଲ୍ଲାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରଗୁଡିକ କାହା କାମରେ ଲାଗୁନାହିଁ। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହିସବୁ କେନ୍ଦ୍ର ଗୁଡିକ ମାଟିରେ ମିଶି ଯିବନି ତ ବୋଲି ପ୍ରଶ୍ନ ମନକୁ ଆସୁଛି। ତେଣୁ ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପୁନଃରୁଦ୍ଧାର ସହିତ ପୂର୍ବ ପରି ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ। ଶ୍ରୀ ବାଗ ଏନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଦାବି କରିଛନ୍ତି। ଗୁରୁବାର କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

### ପରିବେଶ ସୁରକ୍ଷା ପାଇଁ ଆଗେଇ ଆସିଲେ ଛାତ୍ରଛାତ୍ରୀ

# କୌଶଳ ଚନ୍ଦ୍ରାକରଙ୍କ ନେତୃତ୍ୱରେ 'ସିଡ୍‌ବଲ୍' ପ୍ରସ୍ତୁତି

**ନୂଆପଡ଼ା, ୪।୧୨(ସମିସ):** ପରିବେଶକୁ ସବୁଜସୁନ୍ଦର କରିବା ଏବଂ ଜଙ୍ଗଲସୃଷ୍ଟି କରିବା ଲକ୍ଷ୍ୟରେ ଯୁବ ପରିବେଶବିତ କୌଶଳ ଚନ୍ଦ୍ରାକରଙ୍କ ନେତୃତ୍ୱରେ ନିଆରା ସଚେତନତା ଓ ସିଡବଲ ପ୍ରସ୍ତୁତି ଅଭିଯାନ ଆରମ୍ଭ ହୋଇଯାଇଛି। କୌଶଳ ଚନ୍ଦ୍ରାକର 'ଓଡ଼ିଶା କନ୍‌ରେନ୍ସ ଅଫ ଯୁଥ-୨୦୨୫'କାର୍ଯ୍ୟକ୍ରମରୁ ସିଡବଲ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷା ଲାଭ କରିବା ପରେ, ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅଭିନବ ପ୍ରୟାସ ଆରମ୍ଭ କରିଛନ୍ତି।କାର୍ଯ୍ୟକ୍ରମ ମାଧ୍ୟମରେ ପିଲାମାନଙ୍କୁ ପରିବେଶ ସୁରକ୍ଷା ପ୍ରତି ଜାଗ୍ରତ କରାଯାଇଥିଲା। ସିଡବଲ ହେଉଛି ମାଟି, ଗୋବର ଏବଂ ବିଭିନ୍ନ ଫଳ କିମ୍ବା ଜଙ୍ଗଲୀ ଗଛର ମଞ୍ଜିର ଏକ ମିଶ୍ରଣ। ମଞ୍ଜିକୁ ମାଟି ଓ ଗୋବର ଭିତରେ ରଖିଗୋଲ କରାଯାଇଥାଏ, ଯାହା ମଞ୍ଜିକୁ ପକ୍ଷୀ, ପିମ୍ପୁଡ଼ି ବା ଅନ୍ୟ



କୀଟପତଙ୍ଗ ଦାଉରୁ ରକ୍ଷା କରେ ଏବଂ ଖରାରୁ ମଧ ବଞ୍ଚାଏ। ବର୍ଷା ହେଲେ ଏହି ସିଡବଲରୁ ସହଜରେ ଚାରା ବାହାରିଥାଏ। କୌଶଳ ଚନ୍ଦ୍ରାକରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ବହୁତ ଉତ୍ସାହର ସହ ଭାଗ ନେଇଥିଲେ। ଏଥିରେ ବେଲଟୁକ୍ରି ପଞ୍ଚାୟତ ହାଇସ୍କୁଲର ଛାତ୍ର ହିରାଲାଲ ପଟେଲ, କରଣ ବରିହା ଓ ଦୀପନ ବରିହା, ନେଗିପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ତୋରଣ କୁମାର ବରିହା ଓ ଥମେଶ୍ୱର ସିଂ ବରିହା ଏବଂ ଗୁଡ଼ାପତରା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ବେଦକୁମାରୀ ବରିହା, ଭୂମିକା ପାଣ୍ଡେ, ରସ୍ମିତା ବରିହା, ମହାବୀର ବରିହା, ସାହିଲ ବରିହା ଓ ଚେତସ ପଟେଲ ପ୍ରମୁଖ ସାମିଲ ହୋଇ ସିଡ୍‌ବଲ୍ ପ୍ରସ୍ତୁତ କରିଥିଲେ।

# ମିଗ୍ ଅଞ୍ଚଳ କଳିଙ୍ଗ ବୈଶ୍ୟ ସଂଘର ସାଧାରଣ ଅଧିବେଶନ



ସେମିଳିଗୁଡା, ୪।୧୨(ସମିସ): କୋରାପୁଟ ଜିଲ୍ଲାରେ ବସବାସ କରୁଥିବା କଳିଙ୍ଗ ବୈଶ୍ୟ ସମ୍ପ୍ରଦାୟକୁ ନେଇ ଗଠିତ କଳିଙ୍ଗ ବୈଶ୍ୟ ମିଗ୍ ଅଞ୍ଚଳର ୭ମ ସାଧାରଣ ଅଧିବେଶନ କୋରାପୁଟ ଜିଲ୍ଲାର ସେମିଳିଗୁଡା ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିଗ୍ ଅଞ୍ଚଳ ସଭାପତି ଚିନମ ରବୀନ୍ଦ୍ରନାଥ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାସଂଘ ସଭାପତି କେ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସୁନାବେଡା ପୌରାଧକ୍ଷ ରାଜେନ୍ଦ୍ର କୁମାର ପାତ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ସମ୍ମାନିତ ଅତିଥି ଭାବେ ମହାସଂଘର କର୍ମକର୍ତ୍ତା, ମହିଳା ମହାସଂଘ ସଭାପତି, ଯୁବକ ମହାସଂଘ ସଭାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମାଆ କନ୍ୟକା ପରମେଶ୍ୱରୀ ଙ୍କ ବନ୍ଦନା ଗାନ କରିବା ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ସଂଘ ଓ ସମାଜର ଉନ୍ନତି ଦିଗରେ ବିଶଦ ଆଲୋଚନା କରାଯାଇଥିଲା। ଇତି ଅବସରରେ ରାଜ୍ୟ ତଥା ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଲାଭ କରିଥିବା ପ୍ରତିଭା ମାନଙ୍କୁ ଅତିଥି ମାନେ ସମ୍ମାନୀତ କରିଥିଲେ। ଉକ୍ତ ଦିନ ବିଶ୍ୱ ଦିବ୍ୟାଙ୍ଗ ଦିବସ ଥିବାରୁ ବହୁ ଦିବ୍ୟାଙ୍ଗ ମାନଙ୍କୁ ଯଥୋଚିତ ଉପକରଣ ପ୍ରଦାନ କରାଯାଇଥିଲା। କୋରାପୁଟ ସହିଦ୍ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ରକ୍ତ ସଂଗ୍ରହକାରୀ ଦଳ ଉପସ୍ଥିତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ବିଭିନ୍ନ ସଂଘର ମହିଳା ଓ ଯୁବକ ଯୁବତୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗୀତାର ବିଜେତା ମାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶ ଥାଉ କି ମିଗ୍ ଅଞ୍ଚଳ ଅଧୀନରେ ଥିବା ଦାମନଯୋଡି, ସେମିଳିଗୁଡା, ସୁନାବେଡା, ଜୟପୁର, ବୈପାରିଗୁଡ଼ା, ବାଲିମେଳା, କାଲିମେଳା, ଇନ୍ଦ୍ରାବତୀ ଆଦି ସଂଘ କୁ ନେଇ ମିଗ୍ ଅଞ୍ଚଳ ସଂଘ ପରିଚାଳିତ। ମହାସଂଘ ଉପସଭାପତି ସୁରେଶ ଚନ୍ଦ୍ରା ପାତ୍ର, ସମ୍ପାଦକ ନାରାୟଣ ସୁବୁଦ୍ଧି, ମିଗ ଅଞ୍ଚଳ ସମ୍ପାଦକ ଟୁନା ପାତ୍ର, ପ୍ରଥମ ମିଗ୍ ସଭାପତି ପ୍ରେମାନନ୍ଦ ପୃଷ୍ଟି, ସେମିଳିଗୁଡା କଳିଙ୍ଗା ବୈଶ୍ୟ ସଂଘର ସଭାପତି ହରି ବନ୍ଧୁ ପାତ୍ର, ସମ୍ପାଦକ କାଳି ଚରଣ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ସାଧାରଣ ଅଧିବେଶନ ସେମିଳିଗୁଡା ସଂଘ ଆନୁକୁଲ୍ୟରେ ଆୟୋଜନ କରାଯାଇଛି।

# ୧୭,୧୪୮ଟି ପ୍ଲଟ୍‌ର ଧାନଚାଷ ଯାଞ୍ଚ ଶେଷ

## ଖରିଫ ଧାନମଣ୍ଡି ପୂର୍ବରୁ ପ୍ରକିୟା ଆରମ୍ଭ

ଜୟପୁର, ୪।୧୨(ସମିସ) : ଚଳିତ ବର୍ଷ ଖରିଫ ଧାନ ବିକ୍ରି ନେଇ ସାରା ରାଜ୍ୟ ସମେତ କୋରାପୁଟ ଜିଲ୍ଲାରେ ପ୍ରକ୍ରିୟାରେ ଆରମ୍ଭ ହୋଇଯାଇଛି। କୋରାପୁଟ ଜିଲ୍ଲାରେ ଗତ ଅଗଷ୍ଟ ମାସ ୩୧ ତାରିଖ ଶେଷ ସୁଦ୍ଧା ୪୪ ହଜାର ୧୦୪ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରି ନେଇ ପଞ୍ଜିକୃତ ଶେଷ କରିଛନ୍ତି। ସେହିପରି ସାଟେଲାଇଟ ଯାଞ୍ଚରେ ଚାଷୀ ପ୍ରଦାନ କରିଥିବା ଚାଷ ଜମି ଚିହ୍ନଟ ପ୍ରଦାନ କରିଥିବା ପ୍ଲଟ ନମ୍ବର ଅନୁଯାୟୀ ସମୁଦାୟ ୨୮ ହଜାର ୪୬୯ଟି ଚାଷଜମି ପ୍ଲଟରେ ଆଦୌ ଧାନ ଚାଷ ହୋଇନାହିଁ। ଅନ୍ୟାନ୍ୟ ଫସଲ ଚାଷ ହୋଇଛି ଏବଂ ଜମିର ପରିଣାମ ଅନୁଯାୟୀ କିଛି ମାତ୍ରା ଧାନ ଚାଷ ହୋଇଥିବା ସନ୍ଦେହ ଜନକ ଜମିର ପ୍ଲଟ ନମ୍ବର ଯାଞ୍ଚ ନେଇ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହିପରି କୋରାପୁଟ ଜିଲ୍ଲାରେ ଯାଞ୍ଚ ପ୍ରକିୟା ଆରମ୍ଭ ହୋଇଯାଇଛି ଏବଂ ଗତକାଲି ସୁଦ୍ଧା ୧୫୩ଜଣ କ୍ରୟକାରୀ ସଂସ୍ଥାର କର୍ମଚାରୀ ମାନେ ଚିହ୍ନଟ ହୋଇଥିବା ସନ୍ଦେହଜନକ ଭାବେ ୧୭ ହଜାର ୧୪୮ଟି ପ୍ଲଟ ଯାଞ୍ଚ କାର୍ଯ୍ୟ ଶେଷ କରିଛନ୍ତି। ଏହିପରି ଆସନ୍ତା ୧୦ ଦିନ ମଧ୍ୟରେ ବଳକା ଜମି ପ୍ଲଟ ଯାଞ୍ଚ ଶେଷ ହେବ ବୋଲି ଡିଆରସିଏସ ମୋନିକା ରାୟ ପ୍ରକାଶ କରିଛନ୍ତି। ମବାୟ ବିଭାଗର ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ମଣ୍ଡି ଗୁଡିକରେ ଚାଷୀଙ୍କ ଅମଳ ଖରୀଫ ଧାନ କ୍ରୟ ନେଇ ନିଯୁକ୍ତ ହୋଇଥିବା ୨୦ଟି ଲ୍ୟାମ୍ପ, ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୩ଟି ପାଣିପଞ୍ଚାୟତ ସଂସ୍ଥାକୁ ସନ୍ଦେଜ ଜନର ପ୍ଲଟର ସମସ୍ତ ବିବରଣୀ ପ୍ରଦାନ କରାଯିବା ସହ ଯାଞ୍ଚ ନେଇ ନିର୍ଦ୍ଦେଶ ପରେ ଗତ ୧୫ ତାରିଖ ସନ୍ଦେହ ଧାନଚାଷ ଜମିକୁ ଯାଇ ଜିପିଆରଏସ ମାଧ୍ୟମରେ ଯାଞ୍ଚ କରୁଛନ୍ତି। ଏହିପରି ଜୟପୁର ଉପଖଣ୍ଡର ୫ଟି ବ୍ଲକରେ ୧୯ ହଜାର ୨୫୪ଟି ଧାନ ଚାଷ ଜମି ପ୍ଲଟ,କୋରାପୁଟ ଉପଖଣ୍ଡର ୨୨୮୭ଟି ପ୍ଲଟ, ୨୪ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଅଧିନରେ ୬୦୫୫ଟି ପ୍ଲଟ ଏବଂ ୩ଟି ପାଣିପଞ୍ଚାୟତ ଅଧିନରେ ୮୭୩ଟି ପ୍ଲଟ ଏହିପରି ସମୁଦାୟ ୨୮ ହଜାର ୪୬୯ଟି ପ୍ଲଟରେ ଧାନ ଚାଷ ହୋଇ ନଥିବା ନେଇ ସନ୍ଦେହରେ ରହିଛି। ଏହିପରି କ୍ଷେତ୍ର ପରିଦର୍ଶନ ଏବଂ ଯାଞ୍ଚ ପରେ ପ୍ରକୃତ କେତେ ଚାଷଜମିରେ ଧାନ ଚାଷ ହୋଇଛି ନେଇ ସ୍ପଷ୍ଟ ହୋଇପାରିବ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶିକ୍ଷକ ସଂଘର ଦାବିପତ୍ର

ବୈପାରୀଗୁଡା, ୪।୧୨(ସମିସ): ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଙ୍ଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୨ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନହେଲେ ଆସନ୍ତା ଡିସେମ୍ବର ୫ ତାରିଖରେ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁରେନ୍ଦ୍ର ଖରାଙ୍କ ନେତୃତ୍ୱରେ ସ୍ଥାନୀୟ ନୋଡାଲ ପ୍ରାଥମିକ ବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ବିଇଓ ସୁକାନ୍ତି କର୍ତ୍ତାମୀଙ୍କ ଜରିଆରେ ୨ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ଆଜି ବୈପାରୀଗୁଡା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଛି ଯେ ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଶିକ୍ଷକମାନଙ୍କ ସମସ୍ୟାର ସମାଧାନ କରନ୍ତୁ। ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରାଯାଇଛି ଯେ, ବିରୋଧୀ ଦଳରେ ଥିବା ସମୟରେ ସେ ଏହି ଦାବିକୁ ପୂର୍ଣ୍ଣ ସମର୍ଥନ କରିଥିଲେ। ସରକାରକୁ ଆସିଲେ ଦାବି ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ସରକାର ବଦଳିଥିବାରୁ ମୁଖ୍ୟମନ୍ତ୍ରୀ ଏହି ଅନୁରୋଧକୁ ବିଚାରକୁ ନିଅନ୍ତୁ। ଯଦି ଦାବି ପୂରଣ ନହୁଏ, ତେବେ ବାଧ୍ୟ ହୋଇ ଶିକ୍ଷକମାନେ ରାଜ୍ୟ ସଂଘର ନିଷ୍ପତ୍ତି ଅନୁସାରେ ଆନ୍ଦୋଳନକୁ ଓହ୍ଲାଇବେ।

# ତ୍ରିବେଣୀ ହେଲଥ୍ ସାଇନ୍ସ ପକ୍ଷରୁ ଏଡସ୍ ସଚେତନତା ଶୋଭାଯାତ୍ରା

ପଦ୍ମପୁର, ୪।୧୨(ସମିସ): ରାୟଗଡ଼ା ଜିଲ୍ଲା ପଦ୍ମପୁର ବ୍ଲକ ଅନ୍ତର୍ଗତ ତ୍ରିବେଣୀ ଇନଷ୍ଟିଟ୍ୟୁଟ ଅଫ୍ ଫାର୍ମାସ୍ୟୁଟିକାଲ୍ ଆଣ୍ଡ ହେଲଥ୍ ସାଇନ୍ସ ତରଫରୁ ସଭାପତି ସ୍ୱାଗତ ଶେଖର ଜେନାଙ୍କ ତତ୍ତ୍ୱାବଧାନରେ ବିଶ୍ୱ ଏଡସ୍ ଦିବସ ସଚେତନତା ଶୋଭାଯାତ୍ରା, ସଭା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଋତୁପୂର୍ଣ୍ଣା ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ କଲେଜର ସିଇଓ ଅନୀତା ମିଶ୍ର ଅଂଶଗ୍ରହଣ କରିଥିଲେ। ସଭାରେ ଡାକ୍ତର ଋତୁପୂର୍ଣ୍ଣ ୨୦୩୦ ସୁଦ୍ଧା ବିଶ୍ୱକୁ କିପରି ଏଡସ୍ ମୁକ୍ତ କରାଯାଇ ପାରିବ ସେ ବିଷୟରେ ଦିଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ତ୍ରିବେଣୀ ଜିଏନଏମ ମହାବିଦ୍ୟାଳୟର ପ୍ରିନସିପାଲ ସରସ୍ୱତୀ ପ୍ରଧାନ, ସିଏଓ ରଞ୍ଜନ ସାହୁଙ୍କ ସମେତ କଲେଜର ଅଧ୍ୟାପକ ଓ ଅଧ୍ୟାପିକା ବିକାଶ କୁମାର, କୁମୁଦିନୀ ସହଯୋଗ କରିଥିଲେ। ଏହା ସହ ତ୍ରିବେଣୀ ବିଜ୍ଞାନ କଲେଜ ପ୍ରିନସିପାଲ ପ୍ରଶାନ୍ତ କୁମାର କାର୍ଜି, ମୁଖ୍ୟ ପ୍ରଶାସନିକ ଅଧିକାରୀ ଦେବବ୍ରତ ପରିଛା ଏବଂ ତ୍ରିବେଣୀ କଳା ବିଭାଗର ପ୍ରିନ୍‌ସିପାଲ ଅନୀତା ମିଶ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। ସନ୍‌ସାଇନ ସ୍କୁଲ ତରଫରୁ ପ୍ରିନସିପାଲ ମନ୍ମଥ ଲିମାଙ୍କ ସମେତ କର୍ମକର୍ତ୍ତାମାନେ ସଚେତନତା ଅଭିଯାନରେ ସାମିଲ ହୋଇଥିଲେ। ସଚେତନତା ଶୋଭାଯାତ୍ରା ତ୍ରିବେଣୀ ଜିଏନ୍‌ଏମ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ପ୍ରଚାର କରାଯାଇଛି। ତ୍ରିବେଣୀ କଲେଜର ଉପାଧ୍ୟକ୍ଷ ଗୋପାଳ କୃଷ୍ଣ ଦାମୋଦର ମଞ୍ଚ ପରିଚାଳନା କରି ଧନ୍ୟବାଦ ଜଣାଇଥିଲେ।

# ଚାଷୀଙ୍କୁ ନାକଚଣା ବଣ୍ଟନ

ଡାବୁଗାଁ, ୪।୧୨(ସମିସ) : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ଜୁନାପାଣି ପଞ୍ଚାୟତ ଅଧୀନ ମୋତିଗାଁ ଗ୍ରାମରେ ବ୍ଲକ କୃଷି ବିଭାଗ ତରଫରୁ ଚାଷୀ ମାନଙ୍କୁ ବୁଧବାର ମାଗଣାରେ ନାକଚଣା ବିହନ ବଣ୍ଟନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ଚାଷୀମାନଙ୍କୁ ବିହନ ବଣ୍ଟନ କରିଥିଲେ। ଚଳିତ ବର୍ଷ ରବି ଋତୁରେ ଧାନ ପରବର୍ତ୍ତୀ ଫସଲ ନିମନ୍ତେ ଏହି ଚଣା ବିହନ ଚାଷୀ ବଣ୍ଟନ କରାଯାଇଛି। ଡାବୁଗାଁ ବ୍ଲକରେ ଚଳିତ ରବି ଋତୁରେ ୧୫୦୦ ହେକ୍ଟର ନାକଚଣା ଚାଷ କରାଯିବ। ଏଥିରେ ସମ୍ମାନୀତ ଅତିଥି ଭାବେ ଡ଼ାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝୀ, ଜିଲା ପରିଷଦ ସଭ୍ୟ ଧନସିଂ ଭତ୍ରା ଓ ଗୁପ୍ତ ବିଶୋୟୀ, ଜୁନାପାଣି ସରପଞ୍ଚ ଦୟାନିଧି ଭତ୍ରା, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ମିଶ୍ର, ବ୍ଲକ କଂଗ୍ରେସ ସଭାପତି ଜି. ସାଇ ରାଜୁ, ଏମ୍. ଆପ୍ପା ରାଓ, ଭାଜପାର ନରେଶ ସିଂ, ନରୁ ସିଂ, ବ୍ଲକ କୃଷି ଅଧିକାରୀ ସୁଦେଷ୍ଣା ଧଳ, ସହକାରୀ କୃଷି ଅଧିକାରୀ ଜ୍ୟୋତିର୍ମୟୀ ତାଡ଼ିଙ୍ଗୀ, କୃଷି ଅଧିଦର୍ଶକ ମମତା ସାହୁ, ଦୀପାଳି ସମାଦାର, ଝରଣା ବାଲା ଓ ଏଟିଏମ କେ. ଉଦୟା କୁମାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କୃଷି ଅଧିଦର୍ଶକ ସୁଶାନ୍ତ କୁମାର ରାଉତ ପରିଚାଳନା କରିଥିଲେ।

## ● ସାଇବର ଠକେଇ

# ଯୁବକଙ୍କୁ ଉଠାଇନେଲା ହରିଆଣା ପୁଲିସ

ଉମରକୋଟ, ୪।୧୨(ସମିସ): ହରିଆଣାର ଫରିଦାବାଦ ଜିଲ୍ଲାର ବଲ୍ଲଭଗଡ ସାଇବର ଥାନାର ୩ ପୋଲିସ ଅଧିକାରୀ ଉମରକୋଟର ଜଣେ ଯୁବକକୁ ଆର୍ଥିକ ଠକେଇ ମାମଲାରେ ଗିରଫ କରି ହରିୟଣା ନେଇଛନ୍ତି। ଗିରଫ ଯୁବକର ନାମ। ରାକେଶ ମହାପାତ୍ର । ଯିଏ କି ଉମରକୋଟ ଡିଏନକେର ବୋଲି ଜଣା ପଡିଛି। ଗତ ୨୦୨୪ ମସିହା ସେପ୍ଟେମ୍ବର ମାସ ୨୬ ତାରିଖ ଦିନ ବଲ୍ଲଭଗଡ ସାଇବର ଥାନାରେ ରୁଜୁ ହେଇଥିବା ଘଟଣାରେ ରାକେଶ ମହାପାତ୍ର ବଲ୍ଲଭ ଗଡ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୧୭ ଲକ୍ଷ ଟଙ୍କା ଅନ୍‌ଲାଇନରେ ଠକେଇ କରି ତାଙ୍କ ମହିଳା ବାନ୍ଧବୀଙ୍କ ଆକାଉଣ୍ଟରେ ପ୍ରଥମେ ଡିପୋଜିଟ କରି ପରବର୍ତ୍ତୀ ସମୟରେ ନିଜ ଆକାଉଣ୍ଟକୁ ନେଇ ଯାଇଥିଲେ। ଏହି ଘଟଣାରେ ବଲ୍ଲଭ ଗଡ ସାଇବର ଥାନାରେ ରାକେଶ ବିରୋଧରେ ଭାରତୀୟ ନ୍ୟାୟ ସଂହିତା ଧାରା ୩୧୮(୪), ୬୧ (୨) ରେ ମୋକଦ୍ଦମା ରୁଜୁ କରିଥିଲେ। ପୋଲିସ ପ୍ରଥମେ ରାକେଶଙ୍କ ମହିଳା ବାନ୍ଧବୀଙ୍କୁ ଗିରଫ କରିଥିଲା ଏବଂ ପରେ ବାନ୍ଧବୀଙ୍କ ବୟାନକୁ ଆଧାର କରି ରାକେଶଙ୍କୁ ଗିରଫ କରିଛି। ବଲ୍ଲଭଗଡ ସାଇବର ଥାନାରୁ ଭୂପିନ୍ଦର ସିଂ, ସାଗର ଓ ଅନୁ ଉମରକୋଟ ଆସି ପ୍ରଥମେ ଉମରକୋଟ ଥାନାକୁ ଆସି ଲିଖିତ ଭାବେ ସୂଚନା ଦେବା ସହ ପୋଲିସ ସୁରକ୍ଷା ମାଗିଥିଲେ। ଉମରକୋଟ ପୋଲିସ ସୁରକ୍ଷା ଦେବା ପରେ ହରିଆଣା ପୋଲିସ ରାକେଶକୁ ଗିରଫ କରି ବଲ୍ଲଭଗଡକୁ ନେଇ ପଳାଇଛି।

# କୋରୁକୋଣ୍ଡା ବ୍ଲକ୍‌ସ୍ତରୀୟ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ



କୋରୁକୋଣ୍ଡା, ୪।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ତଥା ଗୋଷ୍ଠୀ ଶିକ୍ଷାଧିକାରୀ ଅସିତ କୁମାର ମିସ୍ତ୍ରୀଙ୍କ ନେତୃତ୍ୱରେ ମଙ୍ଗଳବାର ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୩୪ତମ ବାଳ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନିମନ୍ତେ ଆୟୋଜିତ ହୋଇଥିବା ଉଦଘାଟନୀ ସଭାରେ ମୁଖ୍ୟ ଅତିଥିଭାବେ ବାଲିମେଳା ଏନଏସିର ନଗରପାଳ ପ୍ରଦୀପ କୁମାର ନାୟକ, ମୁଖ୍ୟବକ୍ତା ଭାବେ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଆଧିକାରୀ ପ୍ରଦୋଷ ପ୍ରଧାନ, ସମ୍ମାନିତ ଅତିଥି ଭାବେ ମାଲକାନଗିରି ବିଧାୟକ ପ୍ରତିନିଧି ମୁୟା ମାଡକାମୀ, କୋରୁକୋଣ୍ଡା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅରୁଣ କୁମାର ରାୟ, ଚିତ୍ରକୋଣ୍ଡା ବିଧାୟକ ପ୍ରତିନିଧି ବିନାୟକ ପାତ୍ର, ବାଲିମେଳା ଏନଏସିର କାଉନସିଲର ମନୋଜ ଦେବ ପାଙ୍ଗି, ଏମଭି -୨୭ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀର ଶୁଭ ଉଦଘାଟନ କରିଥିଲେ। ୧୪ଟି ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ବିଭିନ୍ନ ବିଦ୍ୟାଳୟରୁ ମୋଟ ୧୨୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜଜ୍ ଭାବେ ଜଗନ୍ନାଥପାଲ୍ଲୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଅଜୟ କୁମାର ସ୍ୱାଇଁ ଏବଂ ଚିତ୍ରକୋଣ୍ଡା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ୭ଟି ପ୍ରକଳ୍ପକୁ ଆଗାମୀ ଦିନରେ ଜିଲ୍ଲାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ ପାଇଁ ଚୟନ କରାଯାଇଛି। ଅପରାହ୍ନ ୪ଟା ସମୟରେ ଏହି ପ୍ରକଳ୍ପ ପ୍ରଦର୍ଶନୀର ଉଦଯାପନୀ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅସିତ କୁମାର ମିସ୍ତ୍ରୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୁଲ୍ୟ କୁମାର ସାହୁ, ମୁଖ୍ୟବକ୍ତା ଭାବେ କୋରୁକୋଣ୍ଡା ବ୍ଲକ ସାଂସଦ ପ୍ରତିନିଧି ଅକ୍ଷୟ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ପିଏମ ଶ୍ରୀସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ହିଆଲ, ସ୍କୁଲ ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର କୁମାର ବେହେରା, ବରିଷ୍ଠ ସାମ୍ବାଦିକ ଶିବଦତ୍ତ ସାହୁ, ରବିରଶ୍ମି ଗୁରୁ ପ୍ରମୁଖ ମଞ୍ଚାସିନ ଥିଲେ। କୃତି ଛାତ୍ରୀଛାତ୍ର ମାନଙ୍କୁ ସିଲ ଓ କପ ଦେଇ ସମ୍ମାନିତ କରାଯାଇଥିଲା।

# ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ନବରଙ୍ଗପୁର, ୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ ତରଫରୁ ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ ସମ୍ପର୍କିତ ଦିନିକିଆ ଜିଲ୍ଲା ସ୍ତରୀୟ ତାଲିମ ଶିବିର ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ନବରଙ୍ଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ ଏବଂ ନବରଙ୍ଗପୁର ପୌର ଅଧ୍ୟକ୍ଷ କୁନୁ ନାୟକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ନଗରପାଳ କୁନୁ ନାୟକ ଏ ନେଇ ସମସ୍ତଙ୍କୁ ଆଲୋକପାତ କରାଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ ଚନ୍ଦ୍ର ବର୍ମନ ଉପସ୍ଥିତ ରହି ନିରନ୍ତର ବିକାଶ ଲକ୍ଷ୍ୟ ୨୦୩୦ର ଲକ୍ଷ୍ୟ ହାସଲ କରିବା ପାଇଁ ଏହାର ରଣକୌଶଳ ପ୍ରସ୍ତୁତ ଉପରେ କହିଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଉପ-ନିର୍ଦ୍ଦେଶକ ଐଶ୍ୱର୍ଯ୍ୟ ଭଞ୍ଜ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଡିପିଆର୍‌ସି, ନବରଙ୍ଗପୁର ତରଫରୁ ବ୍ରଜେଶ ସେନାପତି ନିରନ୍ତର ବିକାଶର ସ୍ଥାନୀୟକରଣ ଓ ବିଭିନ୍ନ କାର୍ଯ୍ୟ ଖସଡ଼ା ସମ୍ପର୍କରେ ଧାରଣା ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସିଡିଏ ଓ ସିଡିଭିଓ, ଡିଆଇପିଆର୍ ଓ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ପୌରପାଳିକା ନିର୍ବାହୀ ଅଧିକାରୀ, ଶିକ୍ଷାବିତ୍, ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷ, ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ଉମରକୋଟ ଏବଂ ବିଭିନ୍ନ ବେସରକାରୀ ସଂଗଠନର ପ୍ରତିନିଧି ଯୋଗଦେଇଥିଲେ। ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟର ଅଧିକାରୀ ସୁଧୀର କୁମାର ପ୍ରଧାନ, ସୁଦୀପ କୁମାର ମହାପାତ୍ର, ଅନୁରାଧା ବାରିକ, ଅଳକା ପ୍ରିୟଦର୍ଶିନୀ, ପ୍ରେମାନନ୍ଦ ପଣ୍ଡା ଓ ନିତେଶ କୁମାର ରଥ ପ୍ରମୁଖ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୁଧୀର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭିନ୍ନ ସ୍ଥାନରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ









ରାୟଗଡ଼ା, ୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସତ୍ୟନାରାୟଣ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଆଇନସେବା ପ୍ରାଧିକରଣ, ରାୟଗଡ଼ା ପକ୍ଷରୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ରାୟଗଡା କାର୍ଯ୍ୟାଳୟ ପରିସରରେ ଅର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସୁବ୍ରତ ଆଚାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ପରିବାର ଅଦାଲତର ବିଚାରପତି ସଞ୍ଜିତ କୁମାର ବେହେରା, ରାୟଗଡା ବାର ଆସୋସିଏସନର ଆଇନଜୀବୀ ସାମୁଏଲ ତାଣ୍ଡି, ବିଶ୍ୱନାଥ ଗନ୍ତାୟତ, କିଶୋର କୁମାର ସାହୁ, ଦେବରାଜ ନାଏକ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘର ସଭାପତି ଶିଶିର ରାଉଳ ଓ ସଚିବ ଅମରେନ୍ଦ୍ର ନାଥ, ରାୟଗଡା ଜିଲ୍ଲାର ସମସ୍ତ ଭିନ୍ନକ୍ଷମ ଓ ଅନ୍ୟ ଦିବ୍ୟାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଷଡଙ୍ଗୀ ନିଜର ଅଭିଭାଷଣରେ ଭିନ୍ନକ୍ଷମ ମାନଙ୍କ ପାଇଁ ଜାତୀୟ ସ୍ତରରେ ରହିଥିବା ଇନ୍ଦିରାଗାନ୍ଧୀ ପେନସନ୍ ଯୋଜନା ତଥା ରାଜ୍ୟ ସ୍ତରରେ ରହିଥିବା ମଧୁବାବୁ ପେନସନ୍ ଯୋଜନା କଥା କହିବା ସଙ୍ଗେ ସଙ୍ଗେ ଉଚ୍ଚତମ ନ୍ୟାୟାଳୟର ବିଭିନ୍ନ ରାୟ ଏବଂ ଜାତୀୟ ଆଇନ ସେବା ପ୍ରାଧିକରଣ ର ବିଭିନ୍ନ ଯୋଜନା ଉପରେ ମଧ୍ୟ ବିସ୍ତୃତ ଭାବରେ ଆଲୋଚନା କରିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜ ନିଜର ଅଭିଭାଷଣରେ ଭିନ୍ନକ୍ଷମ ମାନଙ୍କର ସାମ୍ବିଧାନିକ ଅଧିକାର ଉପରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ଭିନ୍ନକ୍ଷମ ମହାସଂଘ ସଭାପତି, ସଚିବ, ସମସ୍ତ ଭିନ୍ନକ୍ଷମ, ଆଇନଜୀବୀ, ଅନ୍ୟ ଦିବ୍ୟାଙ୍ଗ ଓ ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ଆଚାର୍ଯ୍ୟଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

ଗୁଡାରୀ : ଗୁଡାରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଭିନ୍ନକ୍ଷମ ଲିଖିତ ବୋର୍ଡ ଧରିବା ସହ ସ୍ଲୋଗାନ ଦେଇ ସହରରେ ଥିଲା ଗାନ୍ଧି ପ୍ରତିମୂର୍ତ୍ତୀ ଉପରେ ପୁଷ୍ପମାଲ୍ୟ ଦେଇଥିଲେ। ଛାତ୍ରଛାତ୍ରୀ ପରିକ୍ରମ ପରେ ମଞ୍ଚରେ ଷ୍ଟିଫନ ପ୍ରଧାନ ମଞ୍ଚ ପରିଚାଳନା ଦାୟିତ୍ୱରେ ରହିଥିଲେ। ମୁଖ୍ୟ ଅତିଥି ଭାବେ ଗୁଡାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା.ରାମକୃଷ୍ଣ ପାଠୀ ଉପସ୍ଥିତ ଥିବାବେଳେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଏବିଓ ସାଙ୍ଗୁଡ଼ାରୁପ ମାଝି, ବିଆରପି ହେମ୍‌ରାଜ ବାରିକ, ଡେପାଗୁଡ଼ା ଓ କର୍ଲାଘାଟି ପଞ୍ଚାୟତର ସିଆରସି ଅନିଲ୍ ବେହେରା ମଞ୍ଚରେ ଉପସ୍ଥିତ ଥିଲେ । ଏଥିରେ ବ୍ଲକର ସମସ୍ତ ସିଆରସି ଉପସ୍ଥିତ ଥିବାବେଳେ ଗୁଡାରୀ ବ୍ଲକର ସମସ୍ତ ବିଦ୍ୟାଳୟର ୧୦୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ସେମାନଙ୍କ ପାଇଁ ୫ଟି କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଅତିଥି ମାନଙ୍କ ଦ୍ୱାରା ୩ଟି ପର୍ଯ୍ୟାୟରେ ପୁରସ୍କୃତ କରାଯାଇଥିଲା।

ମାଥିଲି : ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ନୂଆଗୁଡା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ମାଥିଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁମିତ ବିଶ୍ୱାସଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଦିବ୍ୟାଙ୍ଗଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛତିଶ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଭାରପ୍ରାପ୍ତ ଗୋଷ୍ଠୀ ସମ୍ବଳ କର୍ମୀ ତଥା ବରିଷ୍ଠ ଶିକ୍ଷକ ରତ୍ନାକର ପାଳଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ସଂଚାଳିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଭାରାପ୍ରାପ୍ର ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ନାୟକ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜୟରାମ ଭୁମିଆ, ସମ୍ପାଦକ ସଞ୍ଜୟ କୁମାର ରାୟସିଂହ ମଞ୍ଚାସୀନ ଥିଲେ। ସ୍ୱାଗତ ଭାଷଣ ନାରାୟଣ ବେହେରା ଦେଇଥିବାବେଳେ ବିଭିନ୍ନ କାର୍ଯ୍ୟକ୍ରମ ଶିକ୍ଷକ ବିଶ୍ୱପାଣ୍ଡେ, ରାଜୀବ ପାଇକରାୟ ତୁଲାଇଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ ଯୋଗ ଦେଇଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବାସ୍କେଟ ବଲ୍ , ଜିଲାପି ଡିଆଁ, ଲେମନ୍ ରେସ, ଡ୍ରଇଂ, ମ୍ୟୁଜିକ୍ ଚେୟାର ପ୍ରଭୃତି ପ୍ରତିଯୋଗୀତା ହୋଇଥିଲା। କାର୍ଯ୍ୟକ୍ରମ ସଂଯୋଜକ ରତ୍ନାକର ପାଳ ମଞ୍ଚ ପରିଚାଳନା କରିଥିଲେ। କୃତି ପ୍ରତିଯୋଗୀଙ୍କ ସମେତ ଅନ୍ୟମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ୨୦ ଜଣ ମାନସିକ ଅନଗ୍ରସର ଓ ବୌଦ୍ଧିକ ବାଧିତ ବିଦ୍ୟାର୍ଥୀ ମାନଙ୍କୁ ଶିକ୍ଷଣ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନୂଆଗୁଡା ବିଦ୍ୟାଳୟ ସାମୟିକ ଭାବେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ବେହେରା, ମାଥିଲି ସିଆରସିସି ନିହାର ରଞ୍ଜନ ବିଶ୍ୱାସ ବରିଷ୍ଠ ଶିକ୍ଷକ ମନୋଜ କୁମାର ପାଳ, ମଧୁସୂଦନ ନାୟକ, ରଶ୍ମିରଞ୍ଜନ ଛୋଟରାୟ, ପି ଚିନ୍ତା, ବିଶ୍ୱନାଥ ରେ‡ୀ, ମାନସ ରଂଜନ ଦାଶ, ଶିକ୍ଷୟିତ୍ରୀ କେ ୱରା ଲକ୍ଷ୍ମୀ ପ୍ରାଣକୃଷ୍ଣ ପଣ୍ଡା, ମନୋରଞ୍ଜନ ଜେନା, ଗୋପାଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୨୦ଟି ପଞ୍ଚାୟତର ବିଭିନ୍ନ ଗ୍ରାମରୁରୁ ଶତାଧିକ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ସମେତ ଅଭିଭାବକ ଯୋଗଦେଇଥିଲେ।

ରାମନାଗୁଡା : ରାୟଗଡା ଜିଲ୍ଲା ରାମନାଗୁଡ଼ା ବ୍ଲକ ରେ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ରାମନାଗୁଡା ପଞ୍ଚାୟତ ସମିତି ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରାମନାଗୁଡା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଉପାଧ୍ୟକ୍ଷା ଜାନକୀ ନିମାଲା, ସରପଞ୍ଚ ଗୋଗୁପାତ୍ତୁ , ଭାରପ୍ରାପ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ, ପଦ୍ମନ ସାହୁ , ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତାଣ୍ଡାସି ପ୍ରମୁଖ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମନାଗୁଡା ବ୍ଲକର ବିଭିନ୍ନ ପଞ୍ଚାୟତରୁ ୧୦୦ ଜଣ ଭିନ୍ନକ୍ଷମ ଭାଇ ଭଉଣୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଭିନ୍ନକ୍ଷମ ବ୍ୟକ୍ତି ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଶୋଭାଯାତ୍ରା କରଯାଇଥିଲା। ଭିନ୍ନକ୍ଷମ ଦିବସ ଉପଲକ୍ଷେ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହୋଇଥିବା ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ରେ କୃତୀ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ୩୧ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ସଭାକୁ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନ ସାହୁ ପରିଚାଳନା କରିଥିଲେ। ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଥାମସ କୁମାର ତଣ୍ଡାସି ଏବଂ ପ୍ରୋଗ୍ରାମ ସହାୟକ, ଦିବ୍ୟଜିତ ଉଲାକା ସହଯୋଗ କରିଥିଲେ।

## ସ୍କୁଲରେ ୯ ଛାତ୍ରୀ ଆଖି ରୋଗରେ ପୀଡ଼ିତ

ଲକ୍ଷ୍ମୀପୁର,୪।୧୨(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକର ଛାତ୍ରଛାତ୍ରୀ ମାନେ ଆଖି ରୋଗରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳିଛି। ପଞ୍ଚଡା ଆଶ୍ରମ ବିଦ୍ୟାଳୟରେ ପାଠ ପଢୁଥିବା ୯ ଜଣ ଛାତ୍ରୀ ଲକ୍ଷ୍ମୀପୁର ସ୍ୱାସ୍ଥ୍ୟକେନ୍ଦ୍ର କୁ ଆସି ଚିକିତ୍ସା ହେଉଥିବା ଦେଖିବାକୁ ମିଳିଛି। ଏମାନେ ଦୀର୍ଘ ଦିନ ହେଲାଣି ଏହି ସମସ୍ୟା ଭଗୁଥିବା କହିଛନ୍ତି। ଏମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚିହ୍ନଟ କରି ବିଭିନ୍ନ ସ୍ଥାନରେ ଚକ୍ଷୁ ଶିବିର ସମୟରେ ପରୀକ୍ଷା ନିରୀକ୍ଷା କରାଇ ଥିବା ମଧ ଛାତ୍ରୀ ମାନେ କହିଛନ୍ତି। ଆଖି ସମସ୍ୟା ଭିଟାମିନ ଏ ଅଭାବ ରୁ ହୋଇ ଥାଏ। ତେଣୁ ଏହାର ନିରାକରଣ ପାଇଁ ଉପଯୁକ୍ତ ପଦକ୍ଷେପ ନେବା ଜରୁରୀ ଅଟେ। ଆଖି ହେଉଛି ମଣିଷ ର ସବୁ ଠାରୁ ମୂଲ୍ୟବାନ ଜିନିଷ। ମେଗା ଚକ୍ଷୁ ଶିବିର କରି ଏହାର ସମାଧାନ କରିବା ଆବଶ୍ୟକ ବୋଲି ଅଭିଭାବକ ମାନେ କହିଛନ୍ତି। ଚିହ୍ନଟ ଛାତ୍ରୀଙ୍କୁ ମାଗଣା ଚଷମା ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ଏହାର ସ୍ଥାୟୀ ନିରାକରଣ ନହେଲେ ଆଗାମୀ ଦିନରେ ଅନ୍ୟ ଛାତ୍ରଛାତ୍ରୀମାନେ ପ୍ରଭାବିତ ହେବେ ବୋଲି ମତ ପ୍ରକାଶ ପାଇଛି।

## ବାଇକ ସହ ଦେଶୀ ମଦ ଜବତ, ୨ ଗିରଫ

କୋରାପୁଟ,୪।୧୨(ସମିସ): ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗୁରୁବାର ଦିନ ବିଭିନ୍ନ ସ୍ଥାନରେ ଚଢଉ କରି ୬୮ ଲିଟର ଦେଶୀ ମଦ ଏବଂ ଏକ ବାଇକ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିବା ଜଣା ପଡିଛି। ଗିରଫ ଅଭିଯୁକ୍ତ ମାନେ ସେମିଳିଗୁଡା ଥାନା ଅନ୍ତର୍ଗତ ଦୁଧାରି ଗ୍ରାମର ରବିନ୍ଦ୍ର ବିଶୋଇ ଏବଂ ଶୁଣ୍ଡିପୁଟ ଗ୍ରାମର କୃଷ୍ଣ ଲାଙ୍ଗୁଡିଆ ବୋଲି ସଦର ଅବକାରୀ ଇନ୍ସପେକ୍ଟର ସୁଧୀର କୁମାର ସାହୁ ସୂଚନା ଦେଇଛନ୍ତି। ଗିରଫ ରବିନ୍ଦ୍ର ବିଶୋଇ ଓଡ଼ି ୧୦ଏସ ୮୯୪୯ ନମ୍ବର ମୋଟର ସାଇକେଲରେ ୬୦ ଲିଟର ଦେଶୀ ରନ୍ଧା ମଦ ନେଇ ଯାଉଥିବାବେଳେ ଅବକାରୀ ଟିମ ହାତରେ ଧରା ପଡ଼ିଥିଲେ। ସେହିପରି ଅନ୍ୟଜଣେ ଅଭିଯୁକ୍ତ କୃଷ୍ଣ ଲାଙ୍ଗୁଡ଼ିଆ ୮ ଲିଟର ଦେଶୀ ମଦ ନେଇ ବିକ୍ରୀ କରିବାକୁ ଯାଉଥିବା ବେଳେ ଧରା ପଡ଼ିଥିଲେ। ଅବକାରୀ ବିଭାଗ ପକ୍ଷରୁ ଉଭୟଙ୍କ ବିରୁଦ୍ଧରେ ୨ ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ସଦର ଓଆଇସି ଜଗବନ୍ଧୁ ଜାନି, ସୁରେନ୍ଦ୍ର ପଣ୍ଡା, ମୀର ମୁସ୍ତାକ ଅଲ୍ଲୀ, ଧନୁର୍ଜୟ ପୂଜାରୀ, ମମତା ମୟୀ ମହାନ୍ତି ପ୍ରମୁଖ ଟିମରେ ସାମିଲ ହୋଇଥିଲେ।

### ନନ୍ଦପୁର ବ୍ଲକସ୍ତରୀୟ 'ପରବ' ଉଦ୍‌ଯାପିତ

# ଲୁକ୍କାୟିତ କଳା ସଂସ୍କୃତିର ଅଭୂତପୂର୍ବ ମିଳନ



ନନ୍ଦପୁର,୪।୧୨(ସମିସ): ଦୁଇ ଦିନ ଧରି ଚାଲିଥିବା ଦୁଇ ଦିନିଆ ବ୍ଲକ୍ ସ୍ତରୀୟ 'ପରବ' ମହୋତ୍ସବ ଆଜି ଉଦଯାପିତ ହୋଇଛି। କୋରାପୁଟ ଜିଲ୍ଲାର ଆଦିବାସୀ କଳା ସଂସ୍କୃତି ପ୍ରତିଭା ପ୍ରଦର୍ଶନ 'ପରବ'ରେ କଳା ସଂସ୍କୃତି ପ୍ରତିଭା ପ୍ରଦର୍ଶନ କରିଥିଲେ କଳାକାର ପ୍ରତିଯୋଗୀ ମାନେ। ଉଦଯାପନୀ ଉତ୍ସବରେ କୋରାପୁଟ ପୂର୍ବତନ ସାଂସଦ ଝିନ ହିକ୍କା, ପୂର୍ବତନ ବିଧାୟକ ପୀତମ ପାଢ଼ି, ପ୍ରଫୁଲ୍ଲ କୁମାର ପାଙ୍ଗି, ବିଧାୟକ ପ୍ରତିନିଧି କାମେଶ କାମୁଡି, ସରପଞ୍ଚ ସଂଘ ସଭାପତି ଜଗବନ୍ଧୁ ଚେଟି, ବ୍ଲକ୍ ଅଧକ୍ଷା ସାବିତ୍ରି କର୍ତ୍ତୁଲ, ଜିଲ୍ଲା ପରିଷଦ ସଭ୍ୟା ଅଭିଳାସୀ ନାୟକ, କବି ବିଚିତ୍ରା ନନ୍ଦ ପଣ୍ଡା ପ୍ରମୁଖ ଯୋଗ ଦେଇ କୃତି କଳାକାର ମାନଙ୍କୁ ମାନ ପତ୍ର ଦେଇ ସମ୍ମାନିତ କରିଥିଲେ। ନନ୍ଦପୁର ବ୍ଲକ ପୁଣି ଜିଲ୍ଲାସ୍ତର ପ୍ରତିଯୋଗିତାରେ ଚାମ୍ପିଅନ୍ ହେବାକୁ ଆହ୍ୱାନ ଦିଆଯାଇଥିଲା। ଆଦିବାସୀ କଳା ସଂସ୍କୃତି ସହ ଚଳିତ ବର୍ଷ ନନ୍ଦପୁର 'ପରବ'ରେ ସାଜସଜ୍ଜା ନନ୍ଦପୁର ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ କର୍ମୀ ମୁନା ଦଳପତି, ଆଦିବାସୀ ସଙ୍ଘ ସଭାପତି ଭଗବାନ ପେଟିଆ, ସିମଞ୍ଚଳ ଖିଲ, ରାମକୃଷ୍ଣ ପଡ଼ାଲ, ଯୁବ ନେତା ପ୍ରଭାତ ଗୁରୁ ମାଇ, ବରିଷ୍ଠ ନେତା ସେକ ଗୋଫୁର, ଜୟରାମ ଭୋଇ, ସେକନୁରଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ଗ୍ରାମବାସୀ ବ୍ଲକ୍‌ର ବୁଦ୍ଧିଜୀବି ପ୍ରମୁଖ ଯୋଗ ଦେଇଥିଲେ। ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଆବାହକରେ ଆୟୋଜିତ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଆକାଶ ଖିଲ, ନୀଳାମ୍ବର ହଂସା, ପଦଲାମ୍ ହନ୍ତାଳ, ଅର୍ଜ୍ଜୁନ କ୍ରିଷାନି, ସହଦେବ ପାଙ୍ଗିଙ୍କ ସମେତ ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମସ୍ତ ସରକାରି କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରେସ କ୍ଲବ୍ ଉପ ସଭାପତି ସାମ୍ବାଦିକ ବିମଳ ରାଓ ସ୍ମିଥ ଓ ନିର୍ବାହୀ ଅଧିକାରୀ କୋମଳ ରାଓ ସ୍ମିଥ ମଞ୍ଚ ପରିଚାଳନା କରିଥିଲେ।

### ■ ପ୍ରେସର କୁକୁର ଫାଟି ଛାତ୍ର ଆହତ ଘଟଣା

## ସ୍କୁଲ୍ ପରିଦର୍ଶନ କଲେ ଶିଶୁ ଅଧିକାର ସୁରକ୍ଷା ଆୟୋଗ



କୋଷାଗୁମୁଡ଼ା,୪।୧୨(ସମିସ): ବହୁ ଚର୍ଚ୍ଚିତ ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କକଡୀ ସେମଳା ପ୍ରେସର କୁକର ଫାଟି ଛାତ୍ର ଧନେଶ୍ୱର ଭତ୍ରା ଆହତ ହେବା ଘଟଣା ନେଇ ଆଜି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ନବରଙ୍ଗପୁର ଜିଲ୍ଲା ଗସ୍ତ ରେ ଆସିଛନ୍ତି। ସେ କକଡୀ ସେମଳା ସ୍କୁଲକୁ ଯାଇ ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ସହିତ ତାଙ୍କ ଠାରୁ ସମ୍ପୂର୍ଣ୍ଣ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏହାସହ ସ୍କୁଲର ଅନ୍ୟ ଛାତ୍ର ଏବଂ ସ୍କୁଲ ରୋଷେଇଆ ଓ ଅନ୍ୟ କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିଥିଲେ। ସ୍କୁଲ ଛାତ୍ର ଆହତ ହେବା ପରେ ତାକୁ ମେଡ଼ିକାଲ ନ ନେଇ ଏକ ମେଡ଼ିକାଲ ଷ୍ଟୋରରୁ ମେଡ଼ିସିନ ଆଣି ଦେଇଥିବା ଜାଣି ବିରକ୍ତି ପ୍ରକାଶ କରିଥିଲେ। ଏହାସହ ପ୍ରଦୀପ ମାଝୀ ସ୍କୁଲ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ରାତି ଅଧରେ ସ୍କୁଲ ପାଚେରୀ ଡେଇଁ ସ୍କୁଲ ପରିସର ମଧ୍ୟରୁ ଛାତ୍ରକୁ ନିଜ ସହ ନେବା ଘଟଣାକୁ ନାପସନ୍ଦ କରିବା ସହିତ ସ୍କୁଲ ଛାତ୍ରଛାତ୍ରୀଙ୍କୁ ସ୍କୁଲ କର୍ତ୍ତୃପକ୍ଷ ଓ ନିଜ ଅଭିଭାବକଙ୍କ ବ୍ୟତୀତ ଅନ୍ୟ କାହା ସହିତ ବାହାରକୁ ନ ଯିବାକୁ ବୁଝାଇ ଥିଲେ। ଏହାପରେ ସ୍କୁଲ ହଷ୍ଟେଲ ବୁଲି ଛାତ୍ର ମାନଙ୍କୁ ସ୍କୁଲ ପାରିଚଳନା ନେଇ ପଚାରି ବୁଝିଥିଲେ। ଏହି ପରିପ୍ରେକ୍ଷୀରେ ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ସ୍ଥାନୀୟ ବିଡିଓ ଆଶିଷ ତ୍ରିପାଠୀ, ତହସିଲଦାର ତୁଳା ମୁଦୁଲି, ଡବ୍ଲୁଓ ରଞ୍ଜନ ମହାନନ୍ଦ, ବିଇଓ ସୌମେନ୍ଦ ଭୌମିକ, ଏବିଓ ଦିଗାମ୍ବର ହରିଜନ, ସିଆରସିସିଙ୍କ ସହ ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହା ପରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ବବିତା ପାତ୍ର ବଡଆମ୍ବଡା ନିକଟରେ ଥିବା ଛତୁଆ ସେଣ୍ଟରକୁ ଯାଇଥିଲେ।

## ୧୫ ଏକର ଗଞ୍ଜେଇ ଗଛ ନଷ୍ଟ କଲା ପୁଲିସ

ବୈପାରିଗୁଡ଼ା ୪।୧୨(ସମିସ): ବୈପାରୀଗୁଡା ପୁଲିସ ପକ୍ଷରୁ ୧୫ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ଥାନା ଅଧିକାରୀ ଡମ୍ବରୁ ବର୍ତିଙ୍କ ନେତୃତ୍ୱରେ ଅପରେସନ ଗ୍ରୀନ କ୍ଲିନ୍ ଜରିଆରେ ବୈପାରିଗୁଡା ବ୍ଲକର ଚିପାକୁର ପଞ୍ଚାୟତ ଅନ୍ତର୍ଗତ ଶିରାଘାଟ ଅଞ୍ଚଳରେ ବେଆଇନ ଭାବେ ହୋଇଥିବା ୧୫ ଏକର ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି। ଥାନା ଏସ୍‌ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା ଏବଂ ବନବିଭାଗର ଟିମ୍ ଚଢ଼ଉ କରି ୧୮ ହଜାର ଗଞ୍ଜେଇ ଗଛ ନଷ୍ଟ କରିବା ସହିତ ସେଥିରେ ନିଆଁ ଲଗାଇ ପୋଡି ଦେଇଥିବା ଜଣାପଡିଛି। ନଷ୍ଟ ହୋଇଥିବା ଗଞ୍ଜେଇ ଗଛର ଆନୁମାନିକ ମୂଲ୍ୟ ଦୁଇ କୋଟି ହେବ ବୋଲି ପୁଲିସ ସୂଚନା ଦେଇଛି। ଶିରାଘାଟ ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ଗଞ୍ଜେଇ ଚାଷ କରାଯାଉଥିବା ନେଇ ବୈପାରିଗୁଡା ପୁଲିସ ଖବର ପାଇଥିଲା। ଆଜି ସକାଳେ ବୈପାରିଗୁଡା ପୁଲିସ ଓଆଇସି ଡମ୍ବରୁଧର ବାତ୍ରିଆ, ଏସ୍‌ଆଇ ସଞ୍ଜୀବ ବେହେରା, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରାଙ୍କ ସହ ବନବିଭାଗ ଚଢ଼ଉ କରିଥିଲେ। ଶିରାଘାଟ ଗ୍ରାମ ନିକଟସ୍ଥ ପାହାଡ଼ ତଳେ ପ୍ରାୟ ୧୫ ଏକର ଜମିରେ ବେଆଇନ୍ ଭାବେ ଲଗାଯାଇଥିବା ୧୮ ହଜାର ଗଞ୍ଜେଇ ଗଛକୁ ପୋଡ଼ି ନଷ୍ଟ କରିଥିଲେ। ବ୍ଲକର ଅଧିକାଂଶ ଅଞ୍ଚଳ ଦୁର୍ଗମ ତଥା ମାଓପ୍ରବଣ ହୋଇଥିବାରୁ ଗଞ୍ଜେଇ ଚାଷ କରାଯାଉଥିବା ଜଣାପଡିଛି। ଏହି ଗଞ୍ଜେଇ ଚାଷ ନଷ୍ଟ କରିବା ପାଇଁ ଗ୍ରୀନ କ୍ଲିନ୍ ଅଭିଯାନ ଚାଲୁ ରହିବ ବୋଲି ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରକାଶ କରିଛନ୍ତି।

## କାର୍ ଓଲଟି ପଡ଼ିଲା, ୩ ଆହତ

ପୋଡ଼ାଗଡ଼,୪।୧୨(ସମିସ): କୋରାପୁଟ ରାୟଗଡ଼ା ସଂଯୋଗ କରୁଥିବା ୩୨୬ନଂ ଜାତୀୟ ରାଜପଥ ବଙ୍ଗଲାଗୁଡା ନିକଟ ଅସ୍ଥାୟୀ ପୋଲରେ କାର ଦୁର୍ଘଟଣା। ସୂଚନା ଅନୁଯାୟୀ, କୋରାପୁଟ ଅଞ୍ଚଳର ଏକ ପରିବାର ବ୍ରହ୍ମପୁର ହସ୍ପିଟାଲ ଯାଇଥିଲେ। ବ୍ରହ୍ମପୁର ହସ୍ପିଟାଲରୁ ନେଷ୍କ କାର ଯୋଗେ କୋରାପୁଟ ଅଭିମୁଖେ ଆସୁଥିବା ସମୟରେ ଘଟିଛି ଦୁର୍ଘଟଣା। ଆଜି ସକାଳ ୫.୩୦ମି ସମୟରେ ଅତି କୁହୁଡି ଯାଇଥିବାରୁ ବଙ୍ଗଳା ଗୁଡା ନିକଟ ଭଙ୍ଗା ପୋଲ ରେ ଅସ୍ଥାୟୀ ପୋଲ ନିକଟରେ ରାସ୍ତା ଜାଣି ନପାରି ନିର୍ମାଣ ଧୀନ ପୋଲ ଆଡ଼କୁ ଗଡି ଚାଲି ଯାଇଥିଲା। କିନ୍ତୁ ମାଟି ଗଦା ଥିବାରୁ ବଡ଼ ବିପଦରୁ ବଞ୍ଚି ଯାଇଥିଲେ। ମାଟି ଉପରେ ଚଢି ଯିବାରୁ କାରଟି ଓଲଟି ପଡ଼ିଥିଲା। ଫଳରେ କାର ରେ ଥିବା ୪ ଜଣ ସାମାନ୍ୟ ଆହତ ହୋଇଥିଲେ। ସକାଳେ ବ୍ୟାୟାମ ନିମନ୍ତେ ଯାଉଥିବା ବଙ୍ଗଳାଗୁଡାର କିଛି ମହିଳା ଓ ଯୁବକ ସେମାନଙ୍କୁ କାର୍ ଭିତରୁ ଉଦ୍ଧାର କରି କୋରାପୁଟ ସହିଦଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜ ଓ ହସପିଟାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ।। ନିର୍ମାଣ ଧୀନ ପୋଲ ନିକଟରେ କୌଣସି ସୂଚନା ଫଳକ ନଥିବାରୁ ଗାଡ଼ି ଚାଲକ ମାନେ ଜାଣି ପାରୁନଥିବା ବଙ୍ଗଳା ଗୁଡା ଗ୍ରାମର ମହିଳା ମାନେ କହିଛନ୍ତି। ଆଗାମୀ ଦିନରେ ସୂଚନା ଫଳକ ନ ଲଗାଇଲେ ଏପରି ଅନେକ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି।

## ନଦୀରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

କୋରୁକୋଣ୍ଡା,୪।୧୨ (ସମିସ): ମହିଳାଙ୍କ ମୁଣ୍ଡବିହୀନ ମୃତ ଶରୀର ନଦୀରୁ ଉଦ୍ଧାର ହୋଇଛି। ଆଜି ଏପରି ଏକ ଛାତିଥରା ଘଟଣା ମାଲକାନଗିରି ଜିଲ୍ଲା ପୋଟେରୁ ନଦୀର ଡୁଡୁମେଟଲା ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ମୁତାବକ କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତର ରାଖେଲଗୁଡା ଗ୍ରାମର ବିଧବା ମହିଳା ଲୋକେ ପଡିଆମୀ(୫୧) ଜମିକୁ କାମ କରିବାକୁ ଗତ ୧ ତାରିଖରେ ଯାଇ ଆଉ ଘରକୁ ଫେରି ନଥିଲେ। ନିଖୋଜ ନେଇ ମହିଳାଙ୍କ ପରିବାର ଲୋକେ ବୁଧବାର କୋରୁକୋଣ୍ଡା ଥାନାରେ ଏତଲା ଦେଇଥିଲେ। ତେବେ ଆଜି ସକାଳୁ ଉକ୍ତ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ପୋଟେରୁ ନଦୀରେ ଭାସି ଯାଇ ଡୁଡୁମେଟଲା ଗ୍ରାମର ମଶାଣି ନିକଟସ୍ଥ ଏକ ଗଛରେ ଲାଗିଥିବା ଗ୍ରାମବାସୀ ଦେଖିଥିଲେ। ପରେ ପୋଲିସକୁ ଖବର ଦେବା ପରେ କୋରୁକୋଣ୍ଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଶରୀର ଜବତ କରିଥିଲା। ତେବେ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ମୃତ ମହିଳାଙ୍କ ଜମିକୁ ଲାଗି ଏମଭି-୨୬ ଗ୍ରାମର ୩ ବ୍ୟକ୍ତିଙ୍କ ଜମି ରହିଛି। ଗତ କିଛି ବର୍ଷ ହେବ ମୃତ ମହିଳାଙ୍କ ସହ ଏହି ବ୍ୟକ୍ତିମାନଙ୍କ ଜମିଜମା ବାବଦକୁ ନେଇ ବଚସା ମଧ ହୋଇ ଆସୁଥିଲା। ତେଣୁ ଏହି ୩ ବ୍ୟକ୍ତି ହିଁ କାଣ୍ଡ ଘଟାଇଛନ୍ତି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ କୋରୁକୋଣ୍ଡା ଥାନାରେ କେସ ନଂ ୧୯୭/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ସନ୍ଦେହରେ ପୁଲିସ ଥାନାକୁ ଡକାଇ ସମସ୍ତଙ୍କୁ ପଚରାଉଚରା ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଅଧିକ ତଦନ୍ତ ନିମନ୍ତେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ ଆସି ପହଞ୍ଚିଥିବା ଥାନାଧିକାରୀ ହିମାଂଶୁ ଶେଖର ବାରିକ କହିଛନ୍ତି। ବର୍ତ୍ତମାନ ମହିଳାଙ୍କ ମୁଣ୍ଡ ଖୋଜା ପୁଲିସ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତକୁ ଖୋଜି ବାହାର କରିବା ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହେବ ବୋଲି ଅନୁମାନ କରାଯାଉଛି।

## କିଶାନ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ମାଲକାନଗିରି,୪।୧୨(ସମିସ): ମାଲକାନଗିରି ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ମଣ୍ଡି ଆରମ୍ଭ ଓ କଟନୀ ଛଟ୍‌ନୀ ଉପରେ ରୋକ ଲଗାଇବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ଆଜି ଜିଲ୍ଲା କିଶାନ କଂଗ୍ରେସ ପକ୍ଷରୁ ସମସ୍ତ ସଦସ୍ୟ ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ସରକାର ଯାହାପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। କୃଷି ପ୍ରଧାନ ରାଜ୍ୟ ଓଡିଶାରେ ଖରିଫ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ମଣ୍ଡି ଖୋଲିବା ସମୟ ମଧ ପାଖେଇଛି। ଚାଷ ଆରମ୍ଭ ବେଳେ ସରକାର ସାର ଯୋଗାଇବାରେ ବିଫଳ ହୋଇଥିଲେ। ଗତ ବର୍ଷ ଅନେକ ଚାଷୀ ବର୍ତ୍ତମାନ ସୁଦ୍ଧା ଧାନ ବିକ୍ରିର ବୋନସ ଅର୍ଥ ପାଇ ନାହାନ୍ତି। ତେଣୁ ବର୍ତ୍ତମାନ ଚାଷୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ତୁରନ୍ତ ମଣ୍ଡି ଆରମ୍ଭ କରାଯିବାକୁ ଦାବି କରାଯାଇଛି। ଏହା ସହ କଟନୀ ଛଟ୍‌ନୀ ବନ୍ଦ କରିବା ସହ କୃଷକ ଓ ଫସଲ ବୀମା ଲାଗୁ କରିବା, କୃଷକଙ୍କ ପାଇଁ ୧୦ ହଜାର ପ୍ରଦାନ କରାଯାଉ ବୋଲି ମଧ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସର ସଭାପତି ଜି ଶ୍ରୀନିବାସ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ପଦ୍ମ ପାଙ୍ଗି, ପ୍ରଭାକର ପାଳ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ବାବୁଶାନ୍ ଓ କୁଲଦୀପଙ୍କ ନୃତ୍ୟ ଓ ସଙ୍ଗୀତରେ ଝୁମିଲେ ଦର୍ଶକ



କାଳିମେଳା,୪।୧୨(ସମିସ): ତିନି ଦିନ ଧରି ଚାଲିଥିବା କାଳିମେଳା ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉଦଯାପନୀ ଉତ୍ସବରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର ଓ ବିଭିନ୍ନ ପ୍ରଶାସନିକ ଅଧିକାରୀ ଅତିଥି ଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଜନଜାତି ସମ୍ପ୍ରଦାୟର ଲୋକ ନୃତ୍ୟ, ଲୋକ ସଙ୍ଗୀତ ଓ ସ୍ଥାନୀୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ଚଳଚ୍ଚିତ୍ର ତାରକା ବାବୁଶାନ୍ ମହାନ୍ତି ଓ ଲୋକପ୍ରିୟ ଗାୟକ କୁଳଦୀପ ପଟ୍ଟନାୟକଙ୍କ ଅଭିନୟ, ନୃତ୍ୟ ଓ ସଙ୍ଗୀତରେ ଦର୍ଶକ ଝୁମି ଉଠିଥିଲେ।କାର୍ଯ୍ୟକ୍ରମରେ ଉପସ୍ଥାପକ ପୁପିନ୍ଦର ଏସ ରିଆର ଓ ଉପସ୍ଥାପିକା ଶୁଭଶ୍ରୀ ଗନ୍ତାୟତ ଆଙ୍କରିଂ କରିଥିଲେ। ଏହି ମାଲ୍ୟବନ୍ତ ମହୋତ୍ସବ ଅବସରରେ କାଳିମେଳା ଓ ପଡ଼ିଆ ବ୍ଲକର ହଜାର ହଜାର ଦର୍ଶକ ଉପସ୍ଥିତ ରହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିଥିବା ବେଳେ କାଳିମେଳା ପୁଲିସ୍ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା।

# ଅବକାରୀ ଚଢ଼ଉ, ମଦ ଜବତ



ନବରଙ୍ଗପୁର,୪।୧୨(ସମିସ): ନବରଙ୍ଗପୁର ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲୀପ କୁମାର ରଥଙ୍କ ନେତୃତ୍ୱରେ ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ଅଶେଷ କୁମାର ନାୟକ ଓ ବିଭାଗୀୟ କର୍ମଚାରୀ ମାନଙ୍କୁ ନେଇ ଏକ ଟିମ୍ ଗଠନ କରି ନବରଙ୍ଗପୁର ଥାନା ଅର୍ନ୍ତଗତ ପୁରୁଣାପାଣି ଗୁଡା ଗ୍ରାମରେ ଚଢ଼ଉ କରି ଜଣେ ମହିଳା ପ୍ରତିମା ଯାନୀ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରିଛନ୍ତି। ପୁରାଣାପାଣି ଗୁଡାରେ ଚଢଉ କରି ଜଣେ ପୁରୁଷ ନିକଟରୁ ୧୫ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଥିବା ବେଳେ ସେହିଭଳି କୋଡୀଙ୍ଗା ଥାନା ଅନ୍ତର୍ଗତ ସିରସୀ ଗ୍ରାମ ରାସ୍ତାରେ ଚଢ଼ଉ କରି ବୃନ୍ଦାବତୀ ବିଷୋୟୀ ନାମକ ଜଣେ ମହିଳାଙ୍କ ନିକଟରୁ ୧୩ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯାଇଛି। କୋଡୀଙ୍ଗା ଥାନା ଅନ୍ତର୍ଗତ ମୋଦିନାୟକଗୁଡା ଗ୍ରାମ ରାସ୍ତାରେ ଚଢଉ କର ବାବୁଲି ନୟାଜ ନିକଟରୁ ୧୮ ଲିଟର ଚୋରା ଦେଶୀ ହାତରନ୍ଧା ମଦ ଏବଂ ନବରଙ୍ଗପୁର ଥାନା ଅନ୍ତର୍ଗତ ପିପଲଗୁଡା ନିକଟରେ ଚଢାଉ କରି ସୁଶାନ୍ତ ମିର୍ଗାନ ନିକଟରୁ ୧୭ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଯିବା ସହିତ ଗୋଟିଏ ଟିଭିଏସ ମୋପେଡ ଜବତ କରିଛନ୍ତି। ନବରଙ୍ଗପୁର ଅବକାରୀ ଥାନା ଅଧିକାରୀ ମକଦମା ରୁଜୁ କରି ସମସ୍ତ ୫ଜଣ ଅଭିଯୁକ୍ତ ମାନଙ୍କୁ ନବରଙ୍ଗପୁର ଏସ୍‌ଡିଜେଏମଙ୍କ ଅଦାଲତରେ ହାଜର କରାଯାଇଥିବା ନବରଙ୍ଗପୁର ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ରଞ୍ଜୀ ଯାନୀ, ରିସମା ସୁନା, ସୁଧାଂଶୁ ଶେଖର ବାଘ, ଅକ୍ରମ ଖାନ, ଉମେଶ ହରିଜନ ଓ ସଦା ଶିବ ଭତ୍ତରା ପ୍ରମୁଖ ସହଯୋଗ କରିଥିବା ସୂଚନା ଦେଇଛନ୍ତି ଅବକାରୀ ନିରୀକ୍ଷକ ଶ୍ରୀ ରଥ।

## କାରଖାନାରେ ସ୍ଥାନୀୟ ନିଯୁକ୍ତି ଦାବି କଲେ ବିଧାୟକ

ରାୟଗଡ଼ା,୪।୧୨(ସମିସ): ରାୟଗଡ଼ା ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା। ଏଠାରେ ୭୦ ପ୍ରତିଶତ ଆଦିବାସୀ ସଂପ୍ରଦାୟର ଲୋକେ ବସବାସ କରୁଛନ୍ତି। ଅନେକ ପରିବାର ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଉଜ୍ଜ୍ୱଳ ଭବିଷ୍ୟତର ଆଶା ନେଇ ଉଚ୍ଚ ଶିକ୍ଷା ଗ୍ରହଣ କରି ଏଠାରେ ବହୁ ଶିକ୍ଷିତ ଯୁବକଯୁବତୀ ଯୋଗ୍ୟତା ଅନୁଯାୟୀ ଚାକିରି କିମ୍ବା ଅନ୍ୟ ରୋଜଗାର କରି ପାରୁ ନାହାନ୍ତି। ଅନ୍ୟ ବିକଳ୍ପ ନ ପାଇ କାମଧନ୍ଦା ପାଇଁ ଆନ୍ଧ୍ରପ୍ରଦେଶ, କେରଳ, ତାମିଲନାଡୁ ଭଳି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। କିଛି ଭଲରେ ସୁରକ୍ଷିତ ହୋଇ ନିଜ ଘରକୁ ଫେରୁଛନ୍ତି ତ କେହି କେହି ମୃତ୍ୟୁବରଣ କରି ଶବ ହୋଇ ଫେରୁଛନ୍ତି। ଜିଲ୍ଲାରେ ପ୍ରାୟ ୫ ଗୋଟି ବଡ଼ ବଡ଼ କଳକାରଖାନା ରହିଛି। ସେଥିମଧ୍ୟରୁ କୋଲନରା ବ୍ଲକର ଥେରୁବାଲିରେ ଇମ୍ଫା, ରାୟଗଡା ବ୍ଲକ୍ ଜେକେପୁରରେ ଜେକେ ପେପର ମିଲ୍ସ, କାଶିପୁର ବ୍ଲକ୍ ଦୋରାଗୁଡାରେ ଉତ୍କଳ ଆଲୁମିନା, କଂସାରୀଗୁଡାରେ ଆଦିତ୍ୟ ବିର୍ଲା ଏବଂ ରାୟଗଡ଼ା କଳାହାଣ୍ଡି ଜିଲ୍ଲା ସୀମାନ୍ତରେ ବେଦାନ୍ତ କମ୍ପାନୀ ରହିଛି। ତେବେ ସ୍ଥାନୀୟ ଶିକ୍ଷିତ ଯୁବକଯୁବତୀମାନଙ୍କୁ କିନ୍ତୁ ଉକ୍ତ କମ୍ପାନୀଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଉ ନାହିଁ। ଯୋଗ୍ୟତା ଭିତିରେ ୫୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରାଗଲେ ଜିଲ୍ଲାରେ ଦାଦନ ସମସ୍ୟାକୁ ରୋକାଯାଇପାରିବ ଏବଂ ଜିଲ୍ଲାର ଆର୍ଥିକ ଅଭିବୃଦ୍ଧି ଘଟିବ ବୋଲି ଚଳିତ ବିଧାନସଭା ଶୀତ ଅଧୀବେଶନ ଶୂନ୍ୟ କାଳରେ ରାୟଗଡ଼ା ବିଧାୟକ କାଡ୍ରକା ଆପଲାସ୍ୱାମୀ ସରକାରଙ୍କଠାରେ ଦାବି କରିଛନ୍ତି ବୋଲି କହିଛନ୍ତି।

### ବ୍ଲକସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ

# ପାରମ୍ପରିକ, ଆଧୁନିକ ଗୀତ ଓ ନାଚରେ ଦୁଲୁକିଲା ମଞ୍ଚ



### ହସାଇଲେ ପ୍ରଜ୍ଞା ଓ ଶଙ୍କର ଯୋଡି

ମାଥିଲି,୪।୧୨ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ମିନି ଷ୍ଟାଡିଅମ ଠାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ଆଦିବାସୀ ପାରମ୍ପରିକ ନାଚଗୀତ ଓ ଓଡିଶାର ସୁନାମ ଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ଆଧୁନିକ ଗୀତ ନାଚରେ ଦୁଲୁକିଛି ମଞ୍ଚ। କମେଡି କିଙ୍ଗ ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡି ହସି ହସି ବେଦମ କରିଛନ୍ତି। ଗତକାଲି ସନ୍ଧ୍ୟାରେ ବ୍ଲକ ସ୍ତରୀୟ ମାଲ୍ୟବନ୍ତ ଲୋକ ମହୋତ୍ସବ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ. ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ଏବଂ ବ୍ଲକ ଅଧକ୍ଷ ମହେଶ କୁମାର ବାକାଙ୍କ ସଭାପତିତ୍ୱରେ ଏକ ସ୍ୱତନ୍ତ୍ର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା, ଜିଲ୍ଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ସସ୍ମିତା ମାଝୀ, ଜିଲ୍ଲା ପରିଷଦ ସଭ୍ୟ ହୀରଣ୍ୟ ମୁଦୁଲି, ଅତିରିକ୍ତ ଜିଲ୍ଲାପାଳ ଅଜୟ କୁମାର ମଣ୍ଡାଙ୍ଗି, ତହସିଲଦାର ମାନସୀ ଭୋଇ ଓ ମାଥିଲି ଥାନା ଅଧିକାରୀଣୀ ଦୀପାଞ୍ଜଳି ପ୍ରଧାନ, ଆଦିବାସୀ ମହାସଂଘର ଜିଲ୍ଲା ସଭାପତି ବନ୍ଧୁ ମୁଦୁଲି, ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରତିନିଧି ସ୍ମୃତି ରଞ୍ଜନ ପାଢ଼ୀ ମଞ୍ଚାସୀନ ଥିଲେ। ମାଥିଲି ବ୍ଲକ ସମସ୍ତ ୨୦ଟି ପଞ୍ଚାୟତର ଜନପ୍ରତିନିଧିଙ୍କୁ ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ବିଭିନ୍ନ ବର୍ଗର ଆଦିବାସୀ କଳା ସଂସ୍କୃତି ଉପରେ କୃତିତ୍ୱ ହାସଲ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଧାୟକ ମଙ୍ଗୁ ଖିଲ ପହଞ୍ଚି ଉପସ୍ଥିତ ଦର୍ଶକ ଓ ଆୟୋଜକ ବ୍ଲକ ପ୍ରଶାସନଙ୍କୁ ଉତ୍ସାହିତ କରିଥିଲେ। ପରେ ଉତ୍କଳ ସମ୍ବାଦିକ ସଙ୍ଘ ଓ ମାଲକାନଗିରି ସମ୍ବାଦିକ ସଂଘର ସଦସ୍ୟଙ୍କୁ ମାଲ୍ୟବନ୍ତ ଲୋକ ମହୋତ୍ସବ ମଞ୍ଚରେ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ପରେ ପାରମ୍ପରିକ ନାଚଗୀତ ସହିତ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବତୀ ଓ କମେଡି କିଙ୍ଗ ପ୍ରଜ୍ଞା ଓ ଶଙ୍କରଙ୍କ ଯୋଡି କମେଡି ରେ ହଜାର ହଜାର ଦର୍ଶକ ମାନେ ମନ ଭରି ଉପଭୋଗ କରିଥିଲେ। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ. ପ୍ରମୋଦ କୁମାର ବେହେରା ପରିଚାଳନା କରିଥିବା ବେଳେ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ, ପଞ୍ଚାୟତ ଉନ୍ନୟନ ଅଧିକାରୀ ରତନ ରାଏ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସଞ୍ଜୟ କୁମାର ସାମଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବ ଶଙ୍କର ସାହୁ ଓ ଏପିଓ ଲିଙ୍ଗରାଜ କରକରିଆଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀଙ୍କ ସହ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ଓ ସ୍ଥାନୀୟ ଯୁବକ ମାନେ ସହଯୋଗ କରିଥିଲେ। ମାଥିଲି ଥାନା ଅଧିକାରିଣୀ ଦୀପାଞ୍ଜଳି ପ୍ରଧାନ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲା।

# ସଙ୍ଗୀତ ମହାବିଦ୍ୟାଳୟରେ ଉତ୍ତେଜନା

ଭୁବନେଶ୍ୱର, ୪।୧୨(ସମିସ): ଜଣେ ଅଧ୍ୟାପକ ଛାତ୍ରୀଙ୍କୁ ଅଶ୍ଳୀଳ ଇଙ୍ଗିତ ଏବଂ ନିର୍ଯ୍ୟାତନା ଦେବା ଅଭିଯୋଗରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପ୍ରତିବାଦ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଛାତ୍ରଛାତ୍ରୀମାନେ କଲେଜ ପରିସରରେ ଆନ୍ଦୋଳନ କରିବା ସହ ରାସ୍ତାକୁ

- ■ ଅଧ୍ୟାପକଙ୍କ ନାଁରେ କାଷ୍ଟିଂ କାଉଚ୍ ଅଭିଯୋଗ
- ■ ଛାତ୍ରଛାତ୍ରୀଙ୍କ ରାସ୍ତା ଅବରୋଧ ପରେ ବହିଷ୍କୃତ
- ■ ଗିରଫ ହେଲେ ରସିକିଆ ଡ୍ରାମା ଅଧ୍ୟାପକ

ଓହ୍ଲାଇଥିଲେ। ଯାହାକୁ କେନ୍ଦ୍ରକରି କଲେଜ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଶେଷରେ ପରିସ୍ଥିତିକୁ ଦୃଷ୍ଟିରେ ଅଭିଯୁକ୍ତ ଶତ୍ରୁଘ୍ନ ସାମଲଙ୍କୁ କଲେଜରୁ ବହିଷ୍କାର କରିବା ସହ ତାଙ୍କୁ ଗିରଫ କରାଯାଇଛି। ପ୍ରକାଶ ଥାଉ କି ଶତ୍ରୁଘ୍ନ ମହାବିଦ୍ୟାଳୟର ଡ୍ରାମା ବିଭାଗରେ ଅତିଥି ଅଧ୍ୟାପକ ଭାବେ କାମ କରୁଥିଲେ।

ଅଭିଯୋଗ ମୁତାବକ, ଶତ୍ରୁଘ୍ନ ବିଭିନ୍ନ ସମୟରେ ଛାତ୍ରୀମାନଙ୍କୁ ଟାର୍ଗେଟ କରୁଥିଲେ। ଛାତ୍ରୀମାନଙ୍କୁ ଦ୍ୱିଅର୍ଥ ବୋଧକ କଥାବାର୍ତ୍ତା କରିବା ସହ ପ୍ରେମ ନିବେଦନ ମଧ୍ୟ କରୁଥିଲେ। ଏମିତି କି ଅନେକ ଛାତ୍ରୀଙ୍କୁ ବାରମ୍ବାର ଫୋନ୍ କରି ବିରକ୍ତ କରୁଥିବା ଅଭିଯୋଗ ହୋଇଛି। ହେଲେ ଜଣେ ଛାତ୍ରୀଙ୍କ ସହ



କରିଥିବା ବାର୍ତ୍ତାଳାପର ଏକ ଅଡିଓ ଭାଇରାଲ ହେବା ପରେ କ୍ୟାମ୍ପସରେ ତାଙ୍କ ବିରୋଧରେ ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା। ତାଙ୍କ ବିରୁଦ୍ଧରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଥିଲା। ଏହାସହ ତାଙ୍କ ଗୋଟିଏ ପରେ ଗୋଟିଏ କଳାକାରନାମା ପଦାରେ ପଡ଼ିଥିଲା। ପିଲାମାନେ ଅନଶନରେ ବସିବାସହ ରାସ୍ତାକୁ ଓହ୍ଲାଇଥିଲେ। ଗୁରୁବାର କଲେଜ ସମ୍ମୁଖରେ ଜୋରଦାର ହଙ୍ଗାମା ଦେଖିବାକୁ ମିଳିଥିଲା। ଏମିତି କି କ୍ୟାମ୍ପସରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଛାତ୍ରଛାତ୍ରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ଡ୍ରାମା ବିଭାଗର ଅଧ୍ୟାପକଙ୍କ ବିରୋଧରେ ଅଭିଯୋଗ ପରେ, ମହାବିଦ୍ୟାଳୟ ଅଧ୍ୟକ୍ଷ ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବନ ଓ ଗିରଫ ଦାବିରେ ଛାତ୍ରଛାତ୍ରୀ ଅଡି ବସିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ଅଧ୍ୟାପକ ଶତ୍ରୁଘ୍ନଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିବା ପରେ ଗିରଫ କରିଛି। ଅଧ୍ୟାପକଙ୍କ ନାଁରେ ଖରାପ ସ୍ପର୍ଶ, ଯୌନ ଇଙ୍ଗିତ ଓ ଭଲ ଗ୍ରେଡ୍ ବା ସୁବିଧା ଦେବା ଲୋଭ ଦେଖାଇ ଶାରୀରିକ ସମ୍ପର୍କ ପାଇଁ ପ୍ରବର୍ତ୍ତାଇବା ଭଳି ଅଭିଯୋଗ ରହିଛି।

ଅପରପକ୍ଷେ ବିକ୍ଷୋଭ ସମୟରେ ଜଣେ ଛାତ୍ରୀ ଅସୁସ୍ଥ ହୋଇ ମେଡିକାଲ୍ ଯାଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ଟିମ୍ କଲେଜରେ ପହଞ୍ଚି ତଦନ୍ତ କରିଥିଲେ। ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଦାଶ ସଙ୍ଗୀତ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ସମ୍ପୃକ୍ତ ଅଧ୍ୟାପକଙ୍କୁ ବହିଷ୍କାର କରାଯାଇଛି ବୋଲି କହିଛନ୍ତି କଲେଜର ଅଧ୍ୟକ୍ଷ ବିଜୟ ଜେନା। ଗୋଟିଏ ଅଭିଯୋଗ ପରେ କଲେଜର ଅନ୍ୟ ୧୦ରୁ ୧୨ ଜଣ ଛାତ୍ରଛାତ୍ରୀ ଅଭିଯୋଗ କରିଥିବା ସୂଚନା ମିଳିଛି। ଶୁକ୍ରବାରଠୁ ସୁରୁଖୁରୁରେ ଡ୍ରାମା କ୍ଲାସ୍ ଚାଲିବ ବୋଲି କଲେଜ ପକ୍ଷରୁ ସୂଚନା ମିଳିଛି।

## ଡକାୟତି ଯୋଜନା ବେଳେ ଧରାପଡ଼ିଲେ ୪ ଲୁଟେରା



ଭୁବନେଶ୍ୱର, ୪।୧୨(ସମିସ): ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ଡକାୟତି ଯୋଜନାକୁ ପଣ୍ଡ କରିଛି ପୁଲିସ। ଡକାୟତି ଯୋଜନା ପ୍ରସ୍ତୁତ କରୁଥିବା ୪ଜଣଙ୍କ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଦାରୁଠେଙ୍ଗ ଅଞ୍ଚଳର ବୁଦ୍ଧଦେବ ବାରିକ, ମଞ୍ଚେଶ୍ୱର ଥାନା ଅଞ୍ଚଳର ଲକି ସୋରେନ୍, ଶିଖରଚଣ୍ଡୀ ନଗର ଅଞ୍ଚଳର ସାଗର ବିଶୋଇ ଓ ଶୈଳଶ୍ରୀ ବିହାର ଅଞ୍ଚଳର କରୁଣାକର ଦିଗଲ ଅଭିଯୁକ୍ତଙ୍କ ଠାରୁ ଦୁଇଟି ଖଣ୍ଡା

### ଖଣ୍ଡା, କଟୁରି, ଲଙ୍କାଗୁଣ୍ଡ ଜବତ

ଏବଂ ଗୋଟିଏ କଟୁରି ଜବତ କରାଯାଇଛି। ସୂଚନାଯୋଗ୍ୟ ବୁଧବାର ବିଳମ୍ବିତ ରାତିରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ପାଟ୍ରୋଲିଂ ଟିମ ରାତ୍ରି ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବିଶ୍ୱସ୍ତ ସୂଚନା ପାଇଥିଲେ ଯେ କିଛି ବ୍ୟକ୍ତି ମାରଣାସ୍ତ୍ର ସହିତ ସଜ୍ଜିତ ହୋଇ ପଟିଆ ବରାଦେଇ ମନ୍ଦିର ନିକଟସ୍ଥ ଏକ ଖୋଲା ପଡ଼ିଆରେ ଏକତ୍ରିତ ହୋଇଥିଲେ। ପଥଚାରୀଙ୍କ ଉପରେ ଡକାୟତି କରିବାକୁ ଯୋଜନା କରୁଥିଲେ। ପୁଲିସ ଟିମ ଘଟଣାସ୍ଥଳକୁ ପହଞ୍ଚିଥିଲା ଏବଂ ଛଅଜଣ ବ୍ୟକ୍ତିଙ୍କୁ ମଦ୍ୟପାନ କରି ଡକାୟତି ଯୋଜନା କରୁଥିବା ପୁଲିସ ପକ୍ଷରୁ କୁହାଯାଇଛି। ପୁଲିସକୁ ଦେଖି ସେମାନେ ଖସିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାରିଜଣ ଅଭିଯୁକ୍ତଙ୍କୁ ପୁଲିସ କାବୁ କରି ନେଇଥିଲା। ହେଲେ ଏମାନଙ୍କ ଦୁଇ ସହଯୋଗୀ ମୋଟରସାଇକେଲ୍ ଯୋଗେ ଖସି ପଳାଇବାରେ ସଫଳ ହୋଇଥିଲେ। ବ୍ୟକ୍ତିଗତ ତଲାସି ସମୟରେ ଗିରଫ ଅଭିଯୁକ୍ତମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଏବଂ ଲଙ୍କା ଗୁଣ୍ଡ ଜବତ ହୋଇଥିଲା। ତଦନ୍ତ ସମୟରେ ଜଣାପଡ଼ିଥିଲା ଯେ ଅଭିଯୁକ୍ତମାନେ ପଟିଆ ଷ୍ଟେସନ୍ ରୋଡ୍ ଅଞ୍ଚଳରେ ଡକାୟତି କରିବାକୁ ମିଳିତ ଯୋଜନା କରିଥିଲେ। ସେମାନେ ଅନେକ ଦିନ ଧରି ମାରଣାସ୍ତ୍ର ଧରି ସହର ଭିତରେ ବୁଲୁଥିବା ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରୁଥିଲେ। ତଦନ୍ତ ବେଳେ ଜଣାଗଲା ଯେ ଅଭିଯୁକ୍ତ ସାଗର ବିଷୋଇ ପୂର୍ବରୁ ଇନ୍‌ଫୋସିଟି ଥାନାର ଏକ ମାମଲାରେ ଜଡିତ ଥିଲେ। ପଳାତକ ଅଭିଯୁକ୍ତମାନେ ଶେଖ ଜାଇଦୁଲ ଏବଂ ଶେଖ ତୌଫିକଙ୍କୁ ଗିରଫ କରିବା ସହିତ ସମସ୍ତ ଗୋଷ୍ଠୀର ଅପରାଧିକ କାର୍ଯ୍ୟକଳାପ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଛି।

## ଟ୍ରକ୍‌କୁ ଧକ୍କା ଦେଲା ଟ୍ରକ୍



ଭୁବନେଶ୍ୱର, ୪।୧୨ (ସମିସ): ଷୋହଳ ନମ୍ବର ଜାତୀୟ ରାଜପଥର ଆଇଗିଣିଆ ଫ୍ଲାଇଓଭରରେ ଦୁର୍ଘଟଣା ଘଟିଛି। ଟ୍ରକ୍ ପଛକୁ ଟ୍ରକ୍ ଧକ୍କା ଦେବାରୁ ଚାଳକ ଗୁରୁତର ହୋଇଛନ୍ତି। ଚାଳକ ଜଣକ ହେଉଛନ୍ତି ତେଲେଙ୍ଗାନାର ବି ଆୟାପ୍ପା। ସୂଚନା ଅନୁସାରେ, ଓଡ଼ିଶାର ଏକ ଟ୍ରକ୍ ଓ ତେଲେଙ୍ଗାନାର ଆଇଚର୍ ଟ୍ରକ୍ ଆଗପଛ ହୋଇ ଖୋର୍ଦ୍ଧା ଆଡ଼କୁ ଯାଉଥିଲେ। ଆଇଗିଣିଆ ଫ୍ଲାଇଓଭରରେ ଅତିକ୍ରମ କରୁଥିବା ବେଳେ ଆଇଚର୍ ଗାଡ଼ିଟି ପଛପଟୁ ଟ୍ରକକୁ ଧକ୍କା ଦେଇଥିଲା। ଫଳରେ ଆଇଚର୍ ଚାଳକ ଆୟାପ୍ପା ଗୁରୁତର ହୋଇଥିଲେ। ଦୁର୍ଘଟଣା ଫଳରେ ଭୁବନେଶ୍ୱର - ଖୋର୍ଦ୍ଧା ଜାତୀୟ ରାଜପଥରେ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଖଣ୍ଡଗିରି ଥାନା ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣା ପରେ ଫସିଥିବା ଗୁରୁତର ଆୟାପ୍ପାଙ୍କୁ ଉଦ୍ଧାର କରି ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ଏଥିସହିତ ଯାତାୟାତକୁ ସ୍ୱାଭାବିକ କରିଥିଲେ। ଦୁଇଟି ଯାକ ଗାଡ଼ିକୁ ପୁଲିସ ଜବତ କରି ଥାନାକୁ ନେଇଛି।

## ବିବାହ ଉତ୍ସବକୁ ଆସିଥିଲେ; ଦୁର୍ଘଟଣାରେ ଚାଲିଗଲା ଜୀବନ

ଭୁବନେଶ୍ୱର, ୪।୧୨(ସମିସ): ବିବାହ ଉତ୍ସବରେ ଯୋଗ ଦେବାକୁ ଭୁବନେଶ୍ୱର ଆସିଥିବା ଜଣେ ଯୁବକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ପୁରୀ ଜିଲା ଗୋପିନାଥପୁରର ଦିବ୍ୟସିଂହ ବାହିନୀପତି (୧୮)। ବାଇକ୍ ପଛରେ ବସିଥିବା ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଠାରୁ ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ରାତିରେ ରଙ୍ଗବଜାର ଠାରେ ହେଉଥିବା ଏକ ବିବାହ ଉତ୍ସବରେ ଯୋଗ ଦେବାକୁ ଦିବ୍ୟସିଂହ ପରିବାର ଲୋକଙ୍କ ସହ ଆସିଥିଲେ। ଭୋର ସମୟରେ ସମ୍ପର୍କୀୟ ଭାଇଙ୍କ ସହ ବାଇକରେ ଟଙ୍କପାଣୀ ରୋଡରେ କୌଣସି ଏକ କାମରେ ଯାଉଥିବା ସମୟରେ ମେଘେଶ୍ୱରୀ ମନ୍ଦିର ନିକଟ ରାସ୍ତାରେ ବାଇକ ବୁଲାଉଥିଲେ। ଏହି ସମୟରେ ବାଇକ୍‌ଟି ଡିଭାଇଡରେ ଧକ୍କା ହେବାରୁ ଦିବ୍ୟସିଂହ ଗୁରୁତର ହୋଇପଡ଼ିଥିଲେ। ଦିବ୍ୟସିଂହଙ୍କୁ କ୍ୟାପିଟାଲ ହସ୍ପିଟାଲ ନେବା ପରେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଦିବ୍ୟସିଂହଙ୍କ ବାପାଙ୍କ ରିପୋର୍ଟ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଦିବ୍ୟସିଂହଙ୍କ ମୃତଦେହ ହସ୍ତାନ୍ତର କରାଯାଇଛି।

## ଟାଟା ଏସି ଧକ୍କାରେ ବୃଦ୍ଧ ମୃତ

ଯାଁଳା, ୪।୧୨(ସମିସ): ଇନଫୋଭ୍ୟାଲି ଥାନା ୧୬ ନମ୍ବର ଜାତୀୟ ରାଜପଥ ଓଗାଳପଡ଼ା ନିକଟରେ ଏକ ଟାଟା ଏସି ଧକ୍କାରେ ଜଣେ ବୃଦ୍ଧ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ହେଲେ ପୁରୀ ଜିଲ୍ଲା ଗଡ଼ିଶାଗଦା ଥାନା ନୁଆଗାଁର ଧନେଶ୍ୱର ସାହୁ (୭୦)। ବୁଧବାର ରାତିରେ ସେ ଓଗାଳପଡ଼ା ବଜାରକୁ ଆସିଥିବା ବେ।ଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଯାଉଥିବା ଏକ ଟାଟା ଏସି ଧନେଶ୍ୱରଙ୍କୁ ଧକ୍କା ଦେଇଥିଲା। ଧନେଶ୍ୱର ଛିଟିକି ପଡ଼ିବା ସହ ତାଙ୍କ ମୁଣ୍ଡ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ଘଟଣା ସ୍ଥଳରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଁଚି ମୃତ ବ୍ୟକ୍ତିଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଖୁବଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ପତ୍ନୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

ଭୁବନେଶ୍ୱର, ୪।୧୨ (ସମିସ): ପତ୍ନୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସ୍ୱାମୀକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ରେଣ୍ଟାଲ କଲୋନୀରେ ରହୁଥିବା କନ୍ଧମାଳ ରାଇକିଆ ଅଞ୍ଚଳର ଆଦର୍ଶ ଦିଗାଲ (୧୯)। ପୁଲିସ ସୂଚନା ଅନୁସାରେ, ଆଦର୍ଶ ରାଇକିଆ ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ ବିବାହ କରି ରେଣ୍ଟାଲ କଲୋନୀସ୍ଥିତ ଏକ ଭଡ଼ା ଘରେ ରଖିଥିଲେ। ତେବେ ଆଦର୍ଶ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ପୀଡ଼ିତା ସବୁବେଳେ ପରିବାର ଲୋକଙ୍କୁ କହି



ଆସୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ପତ୍ନୀ ବେକରେ ଓଢ଼ଣୀ ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ରାତି ପ୍ରାୟ ୩ଟା ବେଳକୁ ଆଦର୍ଶ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆଦର୍ଶ ଓ ତାଙ୍କ ପରିବାର ଲୋକେ ଭଉଣୀକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଉଥିବା ଅଭିଯୋଗ କରିଥିଲେ। ପୁଲିସ ତାଙ୍କ ଅଭିଯୋଗ ଆଧାରରେ ଆଜି ଆଦର୍ଶଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସରକାରଙ୍କ ପରିବେଶ ବିରୋଧୀ ସଂକଳ୍ପ ପତ୍ରକୁ ପ୍ରତ୍ୟାହାର ଦାବି

ଭୁବନେଶ୍ୱର, ୪।୧୨(ସମିସ): ରାଜ୍ୟ ସରକାର ସଂକଳ୍ପ ପତ୍ର ଆଗତ କରିବା ପୂର୍ବରୁ ଜନମତ ଗ୍ରହଣ ନ କରି ବିଧାନସଭା ଗୃହରେ ପାରିତ କରାଇଦେବା ଗଣତନ୍ତ୍ର ପ୍ରତି ଅବମାନନା ବୋଲି ଜନ ଆନ୍ଦୋଳନମାନଙ୍କର ରାଷ୍ଟ୍ରୀୟ ସମନ୍ୱୟ (ଏନ୍‌ଏପିଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଏହା ସଂକଳ୍ପ ପତ୍ର ନୁହେଁ, ବରଂ ପ୍ରଦୂଷଣକାରୀ କମ୍ପାନୀମାନଙ୍କ ପାଇଁ ସରକାରଙ୍କ ପ୍ରେମପତ୍ର ବୋଲି ଗୁରୁବାର ଲୋହିଆ ଏକାଡ଼େମୀ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ଓ ଜନଆନ୍ଦୋଳନଗୁଡ଼ିକର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି କହିଛନ୍ତି। ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ କୌଣସି କମ୍ପାନୀ ଜଳ ହେଉ, ବାୟୁ ହେଉ କିମ୍ବା ମାଟି ହେଉ ତାକୁ ପ୍ରଦୂଷିତ କରିପାରିବ ନାହିଁ। ସେଥିପାଇଁ ପରିବେଶ ମଞ୍ଜୁରୀ ବେଳେ ସର୍ତ୍ତ ଧାର୍ଯ୍ୟ ହୁଏ। ଏସବୁ ଉଲ୍ଲଂଘନ କଲେ ଦଣ୍ଡିତ ହେବାକୁ ବାଧ୍ୟ। ଏଥିପାଇଁ ଆଇନ ଥିବା ସତ୍ତ୍ୱେ ସରକାର ତଥା ପ୍ରଶାସନର କମ୍ପାନୀ ପ୍ରୀତି ପାଇଁ ମାମଲା ରୁଜୁ ହେଉନାହିଁ। ପ୍ରଦୂଷଣ ନିବାରଣ ଓ ନିୟନ୍ତ୍ରଣ ଆଇନରେ ସଂଶୋଧନ ଅଣାଯାଇ କିପରି ଉଲ୍ଲଂଘନକାରୀଙ୍କୁ ଅଧିକ ଜେଲଦଣ୍ଡ ଦିଆଯାଇପାରିବ ତାହା ନ କରି ଜେଲ ଦଣ୍ଡକୁ ଉଠାଇଦେଇ କେବଳ ସୀମିତ ଅର୍ଥଦଣ୍ଡ ଦେଇ ପ୍ରଦୂଷଣକାରୀଙ୍କୁ ନିର୍ଭୟ ବରଦାନ ସ୍ୱରୂପ ଏହି ସଂକଳ୍ପ ପତ୍ର ଚଳିତ ବିଧାନସଭାରେ ପାରିତ କରାଯାଇଛି, ଯାହା ଦ୍ୱାରା ରାଜ୍ୟର ନଦୀ, ନାଳ, ହ୍ରଦ ସମେତ ବାୟୁମଣ୍ଡଳ ପ୍ରଦୂଷଣର ଗନ୍ତାଘର ପାଲଟି ଯିବ ଓ ମଣିଷ ଜୀବନକୁ ହନ୍ତସନ୍ତ କରିବ। କଳିଙ୍ଗନଗର ଶିଳ୍ପାଞ୍ଚଳରେ ପ୍ରଦୂଷଣର ଶିକାର ହୋଇ ଶତାଧିକ ବ୍ୟକ୍ତିଙ୍କ ପ୍ରାଣହାନୀ ହେଲାଣି। ଏବେ ବି କିଡ଼ନୀ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅନୁଗୁଳ, ତାଳଚେର ଓ ଝାରସୁଗୁଡ଼ା ସହର ସମେତ ଆଖପାଖ ଗ୍ରାମରେ ସାଧାରଣ ଜନତାଙ୍କ ଜଳ ଓ ବାୟୁ ବିଷାକ୍ତ ହୋଇଛି। ଏହି ସଂକଳ୍ପ ପତ୍ର ଦ୍ୱାରା ପ୍ରଦୂଷଣ ଜନିତ କ୍ଷୟକ୍ଷତି ବିରୋଧରେ ନ୍ୟାସନାଲ ଗ୍ରୀନ୍ ଟ୍ରିବୁନାଲ ଓ ଉଚ୍ଚ ନ୍ୟାୟାଳୟରେ ଜନସାଧାରଣଙ୍କ ହିତରେ ତଥା ଜନହିତ ମାମଲା ରୁଜୁ କରିବା ଅଧିକାରକୁ ଛଡ଼ାଇ ନିଆଯାଇଛି ବୋଲି ବିଶିଷ୍ଟ ପରିବେଶବିତ୍ ଶ୍ରୀ ସାମନ୍ତରା ଓ ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି।

## ବଢ଼ୁଛି 'ରେପୋ' ଏଜେଣ୍ଟଙ୍କ ଦାଦାଗିରି

ଭୁବନେଶ୍ୱର, ୪।୧୨ (ସମିସ): ରାଜଧାନୀରେ ରେପୋ (ଗାଡ଼ି ରିକଭରୀ) ଏଜେଣ୍ଟଙ୍କ ଦାଦାଗିରି ବଢ଼ିବାରେ ଲାଗିଛି। କିସ୍ତି ଖିଲାପ କରିଥିଲେ, ରାସ୍ତାରୁ ହଉ ଅବା ଘରୁ ଗାଡ଼ି ଉଠାଇ ନେଉଛନ୍ତି। ଗାଡ଼ି ଛଡ଼ାଇ ନେବାକୁ ବିଭିନ୍ନ କୋର୍ଟ ବାରମ୍ବାର ବାରଣ କରୁଥିଲେ ମଧ୍ୟ, ତା'କୁ ଖାତିର କରୁନାହାନ୍ତି ରେପୋ ଏଜେଣ୍ଟ। ଏମିତିକି ଆପଣ କିସ୍ତି ଦେଇ ସାରିଥିଲେ ମଧ୍ୟ ସେମାନେ ଜୋରଜବରଦସ୍ତି ଗାଡ଼ି ଛଡ଼ାଇ ନେଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା

- ■ ଅସାମାଜିକଙ୍କୁ ଢାଲ କରୁଛନ୍ତି ରିକଭରୀ ସଂସ୍ଥା
- ■ ପୂର୍ବରୁ ଗାଡ଼ି ଜବତକୁ ନେଇ ଗଡ଼ିଛି ମୁଣ୍ଡ
- ■ ପୁଲିସ ପାଖରେ ରହୁନି ସଂସ୍ଥାର ତଥ୍ୟ

ହେଉଛି, ରିକଭରୀ ସଂସ୍ଥାମାନେ ଅପରାଧୀଙ୍କୁ ଢାଲ କରି ଏଭଳି ଜୁଲମ ଚଳାଇଛନ୍ତି। ଗାଡ଼ି ଜବତ କରିବାକୁ ନେଇ ରେପୋ ଏଜେଣ୍ଟମାନେ ବିଶୃଙ୍ଖଳା ସୃଷ୍ଟି କରିବାର ନଜିର ରହିଥିବା ବେଳେ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି।

ନିକଟରେ ଜଣେ ରେପୋ ଏଜେଣ୍ଟ ବ୍ୟାଙ୍କ କର୍ମଚାରୀ ପରିଚୟ ଦେଇ କିସ୍ତି ଖିଲାପ କରିଥିବା ମୟୂରଭଞ୍ଜର ଜଣେ ଡାକ୍ତରଙ୍କ ଗାଡ଼ିକୁ ଜବତ କରିଥିଲେ। ଡାକ୍ତର ଜଣକ କିସ୍ତି ଟଙ୍କା ଦେବାପରେ ମଧ୍ୟ ଗାଡ଼ି ଛାଡ଼ିବାକୁ ଆହୁରି ୩୦ ହଜାର ଟଙ୍କା ଦାବି କରିଥିଲା। ଡାକ୍ତରଙ୍କ ଡ୍ରାଇଭର ଏନେଇ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏଜେଣ୍ଟକୁ ଗିରଫ କରିଥିଲା। ତେବେ ଇଏ କେବଳ ଗୋଟିଏ ଘଟଣା ନୁହଁ, ଗାଡ଼ି ରିକଭରୀକୁ ନେଇ ପୂର୍ବରୁ ହତ୍ୟା ମଧ୍ୟ ହୋଇଛି। ୨୦୨୧ ଅଗଷ୍ଟ ମାସରେ ଡେଲିଭରୀ ବୟ ସୁପ୍ରଭାସ ମାନ୍ଧାତା ବାଇକ୍ ଉପରେ ବସିଥିବା ବେଳେ ରେପୋ ଏଜେଣ୍ଟମାନେ କିସ୍ତି ଟଙ୍କା ବାକି ଅଛି କହି ଗାଡ଼ି ଚାବି ଛଡାଇ ନେଇଥିଲେ। ଗାଡ଼ିଟି ୯ ବର୍ଷ ପୁରୁଣା ଗାଡ଼ି ହୋଇଥିବାରୁ କୌଣସି କିସ୍ତି ବାକି ନଥିବା ସୁପ୍ରଭାସ କହିଥିଲେ। ହେଲେ ମଧ୍ୟ ସେମାନେ କିଛି ନଶୁଣି ସୁପ୍ରଭାସଙ୍କୁ ହଠାତ୍ ମାଡ଼ ମାରିଥିଲେ। ପାଟିତୁଣ୍ଡ ଶୁଣି ଫୋନ ଯୋଗେ ଲାଇନ ରେ ଥିବା ବଡ଼ଭାଇ ସୌମ୍ୟରଞ୍ଜନ ମାନ୍ଧାତା ଘଟଣାସ୍ଥଳରେ ପହଞ୍ଚିବା ପରେ ଏଜେଣ୍ଟମାନେ ତାଙ୍କ ଅନ୍ୟମାନଙ୍କୁ ଡକାଇ ଦେଇଥିଲେ। ରେପୋ ଏଜେଣ୍ଟ ଓ ସହଯୋଗୀମାନେ ଦୁଇ ଭାଇଙ୍କୁ ଖଣ୍ଡା ଭୁଜାଲିରେ ଆକ୍ରମଣ କରିଥିଲେ। ସୁପ୍ରଭାସ ଆହତ ହୋଇଥିବା ବେଳେ ଗୁରୁତର ସୌମ୍ୟରଞ୍ଜନ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

ଲୋକମାନେ ଋଣରେ ଗାଡ଼ି କିଣିଥିବା ବେଳେ କିସ୍ତି ଅର୍ଥ ଦେବାରେ ଖିଲାପ କରୁଛନ୍ତି। କେତୋଟି ନିର୍ଦ୍ଦିଷ୍ଟ କିସ୍ତି ନ ଦେବା ପରେ ଋଣ ଦେଇଥିବା ସଂସ୍ଥା ଖିଲାପ ତାଲିକା କରି ରିକଭରୀ ସଂସ୍ଥାକୁ ଦେଉଛନ୍ତି। ଗାଡ଼ି ଜବତ କରିବାକୁ ରିକଭରୀ ସଂସ୍ଥାମାନେ ଅଭ୍ୟାସଗତ ଅପରାଧୀ ଓ ଜେଲ୍ ଫେରନ୍ତାଙ୍କୁ ଏଜେଣ୍ଟ ଭାବେ ନିୟୋଜିତ କରୁଛନ୍ତି। ସମ୍ପୃକ୍ତ ଏଜେଣ୍ଟମାନେ ରାସ୍ତାକଡ଼ରେ ତାଲିକା ଧରି ବସି ରହି ନମ୍ବରକୁ ନଜର କରୁଛନ୍ତି। ଗାଡ଼ି ଅତିକ୍ରମ କରିବା ମାତ୍ରେ ଗୋଡ଼ାଇ ଗୋଡ଼ାଇ ଗାଡ଼ି ଚାଳକଙ୍କୁ ଅଟକାଇ ଦେଉଛନ୍ତି। ସଙ୍ଘବଦ୍ଧ ଭାବେ ଚାଳକଙ୍କୁ ଘେରିଯାଇ ଗାଡ଼ି ଛଡ଼ାଇ ନେଉଛନ୍ତି। କୌଣସି ଜରୁରୀ କାମରେ ଯାଉଥିଲେ ମଧ୍ୟ ଏଜେଣ୍ଟମାନେ ଜୋରଜବରଦସ୍ତ ଗାଡ଼ି ଛଡ଼ାଇ ନେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗାଡ଼ି ଏଜେଣ୍ଟ ଭାବେ କାମ କରୁଥିବା ୯୦ ପ୍ରତିଶତ ଲୋକ ରିକଭରୀ ସଂସ୍ଥାର କର୍ମଚାରୀ ନୁହନ୍ତି। ସହଜରେ କାମ ହାସଲ କରିବା ସହ ଖର୍ଚ୍ଚାନ୍ତରୁ ବର୍ତ୍ତିବା ପାଇଁ ସଂସ୍ଥାମାନେ ଅପରାଧୀ ବା ଏଜେଣ୍ଟମାନଙ୍କୁ ଦରମା ଦେବା ବଦଳରେ କମିସନ ହିସାବରେ ନିଯୁକ୍ତି ଦେଉଥିବା ବେଳେ ଲୋକମାନେ ଜୁଲମର ଶିକାର ହେଉଛନ୍ତି।

କିସ୍ତି ନଦେବାରୁ ଗାଡ଼ି ଗୁଡ଼ିକ ଖିଲାପ ତାଲିକାଭୁକ୍ତ ହୋଇ ରେପୋ ସଂସ୍ଥା ପାଖକୁ ପଳାଉଛି। ଫଳରେ ସେମାନେ ଗାଡ଼ି ଜବତ କରିବାକୁ ଉଦ୍ୟମ କରୁଛନ୍ତି। ସେହି ସମୟ ମଧ୍ୟରେ ଗାଡ଼ି ମାଲିକ କିସ୍ତି ପୈଠ କରି ଦେଉଛନ୍ତି। ତଥାପି ଖିଲାପ ତାଲିକାରୁ ଗାଡ଼ି ହଟୁନି। ଫଳରେ ଅନେକ ଲୋକମାନେ ଟଙ୍କା ଦେଇ ସାରିବା ପରେ ମଧ୍ୟ ଏଜେଣ୍ଟମାନେ ତାଙ୍କ ଗାଡ଼ିକୁ ଜବତ କରି ନେଉଛନ୍ତି। ଋଣ ଦେଇଥିବା ବ୍ୟାଙ୍କ ଓ ରେପୋ ସଂସ୍ଥା ମଧ୍ୟରେ ସମନ୍ୱୟ ଅଭାବରୁ ଲୋକମାନେ ସେମାନଙ୍କ ଶୋଷଣର ଶିକାର ହେଉଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ କିଛିବର୍ଷ ମଧ୍ୟରେ ରାଜଧାନୀରେ ରେପୋ ସଂସ୍ଥାର ସଂଖ୍ୟା ଢେର୍ ବଢ଼ିଛି। ସଂସ୍ଥା ଗୁଡ଼ିକ ଯେ କୌଣସି ସ୍ଥାନରୁ ଜୋରଜବରଦସ୍ତି ଗାଡ଼ି ଉଠାଇ ନେଉଛନ୍ତି। ହେଲେ ଏହି ସଂସ୍ଥା କେତୋଟି ରହିଛି, ତା ତଥ୍ୟ ମଧ୍ୟ ପୁଲିସ ପାଖରେ ନାହିଁ।



**ଆଜି ବିଶ୍ୱ ମୃତ୍ତିକା ଦିବସ**

# କଂକ୍ରିଟ୍ ଜଙ୍ଗଲରେ ମାଟି ସ୍ୱପ୍ନ

## ସୁସ୍ଥ ସହର ପାଇଁ ସୁସ୍ଥ ମାଟି ଆସିବ କେଉଁଠୁ?

ଭୁବନେଶ୍ୱର, ୪।୧୨(ସମିସ): ବର୍ତ୍ତମାନ ଜୁଆଡ଼େ ଚାହିଁବ ସିଆଡ଼େ ବଡ଼ ବଡ଼ ଅଟ୍ଟାଳିକା ଦେଖିଯିବା ସହ ଚକାଚକ ରାସ୍ତା। ପିଚୁ, କଂକ୍ରିଟ୍, ପେଭର ବ୍ଲକ ରାସ୍ତା ଚାରିଆଡ଼େ ଦେଖିବାକୁ ମିଳୁଛି। ହେଲେ ମାଟି କେଉଁ ସ୍ଥାନରେ ବି ଦେଖିବାକୁ ମିଳୁନାହିଁ। ଫଳରେ ଏବେ ସମସ୍ତେ ସୁସ୍ଥ ସହର ପାଇଁ ସୁସ୍ଥ ମାଟିକୁ ଖୋଜୁଛନ୍ତି।

ରାଜଧାନୀର ରୂପରେଖ ମଧ୍ୟ ବଦଳି ଗଲାଣି। ଚାରିଆଡ଼େ ସୁଉଚ୍ଚ ଅଟ୍ଟାଳିକା ଦେଖିବାକୁ ମିଳୁଛି। ହେଲେ ରାଜଧାନୀରେ ଆଉ କେଉଁଠି ମାଟି ବି ଟିକେ ଦେଖିବାକୁ ମିଳୁନାହିଁ। ଉପକଣ୍ଠ କିଛି ଗାଁ ଛାଡ଼ିଲେ ସହରରେ ଯଦି କେଉଁଠି ଖୋଲାସ୍ଥାନ ରହୁଛି ସେହି ସ୍ଥାନ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି। ଏଥିସହିତ ଆଉ ଯଦି କିଛି ଖାଲି ସ୍ଥାନ ରହୁଛି ତେବେ ସେଠାରେ ଅଳିଆ ଆବର୍ଜନାର ପାହାଡ଼ ଛିଡ଼ା ହୋଇଛି। ଫଳରେ ସହରରୁ ମାଟି ସ୍ୱପ୍ନ ହୋଇଗଲାଣି। ଫୁଲ ଗଛ ଟିଏ ଲଗାଇବା ହେଲେ ମାଟିକୁ ପଇସା ଦେଇ କିଣିବାକୁ ପଡୁଛି। ସହରର ଚାରିପଟ ବୁଲି ଆସିଲେ ଭଲ ମାଟି ମୁଠେ କେଉଁଠାରୁ ମିଳୁନାହିଁ।

ସହରରୁ ପ୍ରତିଦିନ ପ୍ଲାଷ୍ଟିକ୍, ପଲିଥିନ୍ ଏବଂ ଇଲେକ୍ଟ୍ରୋନିକ୍ସ ଯାନ୍ତ୍ରିକ ବର୍ଜ୍ୟବସ୍ତୁ ବାହାରୁଛି। ଏହି ସବୁ ପଦାର୍ଥ ମାଟିରେ ନଷ୍ଟ ହେବା ପାଇଁ ଶହଶହ ବର୍ଷ ସମୟ ଲାଗିଥାଏ। ବିଶେଷ କରି ଇ-ବର୍ଜ୍ୟବସ୍ତୁ ଥିବା ପାରଦ ପରି ବିଷାକ୍ତ ପଦାର୍ଥ ମାଟିରେ ନିର୍ଗତ ହୋଇ ମାଟିକୁ ଦୂଷିତ କରୁଛି। ଏଥିସହିତ ବିଭିନ୍ନ ଗ୍ୟାରେଜ ସହ କଳକାରଖାନାରୁ ବାହାରୁଥିବା ଶହଶହ ଲିଟର ପୋଡ଼ା ତେଲ ମାଟିରେ ମିଶୁଛି। ଫଳରେ ଏହି ତେଲରେ ତମ୍ବା, ଜିଙ୍କ୍, ଆଇରନ, କ୍ୟାଡ଼ମିୟମ୍, କ୍ରୋମିୟମ୍, ଲୁହା ପରି ଭାରି ଧାତୁ ଥିବାରୁ ଏହି ସବୁ ମାଟିରେ ସହଜରେ ମିଶିଯାଇ ମାଟିରେ ଥିବା କଣିକାଗୁଡ଼ିକୁ ନଷ୍ଟ କରୁଛି। ଯାହାର ମାଟିରେ ଥିବା ନାଇଟ୍ରୋଜେନ୍ ଫସ୍‌ଫରସ୍‌କୁ ହ୍ରାସ କରୁଛି। ଯାହାଦ୍ୱାରା ପ୍ରତିଦିନ ମାଟିର ଗୁରୁତ୍ୱ କମିବା ସହ ମାଟି ପ୍ରଦୂଷିତ ହେଉଅଛି।

ଚଳିତ ବର୍ଷର ବିଶ୍ୱ ମୃତ୍ତିକା ଦିବସର ବିଷୟବସ୍ତୁ ରହିଛି, 'ସୁସ୍ଥ ସହର ପାଇଁ ସୁସ୍ଥ ମୃତ୍ତିକା' ଖୋଲା ମୃତ୍ତିକା ହ୍ରାସ ପାଉଥିବାରୁ ବର୍ଷ ଜଳ ଭୂତଳକୁ ପ୍ରବେଶ କରିବାରେ ସମର୍ଥ ହେଉନାହିଁ ଓ ଏଥି ପ୍ରତି ଲୋକମାନଙ୍କର ସଚେତନତା ମଧ୍ୟ ହ୍ରାସ ପାଉଛି। ଏପରି ପୃଷ୍ଠଭୂମିରେ ସହରଗୁଡ଼ିକର ମୃତ୍ତିକାକୁ ସୁସ୍ଥ ରଖିବା ନିମନ୍ତେ ଜଳ



ପରିଚାଳନା, ତାପମାତ୍ରା ନିୟନ୍ତ୍ରଣ, ଅଙ୍ଗାରକ ସଂରକ୍ଷଣ, ଜୈବବିବିଧତାକୁ ସମର୍ଥନ ଏବଂ ବାୟୁ ଗୁଣବତ୍ତା ଉନ୍ନତ କରିବା ପରି ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିବା ଏକାନ୍ତ ଆବଶ୍ୟକ। ନିର୍ଦ୍ଦିଷ୍ଟ ଭାବରେ, ନୀତି ନିର୍ଦ୍ଧାରକ, ନାଗରିକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କୁ ସହରାଞ୍ଚଳର ମୃତ୍ତିକାର ସୁରକ୍ଷା ବିଷୟରେ ପୁନର୍ବିଚାର କରିବାକୁ ଏବଂ ସବୁଜ, ସୁସ୍ଥ ଏବଂ ଅଧିକ ସ୍ଥିର ସହରୀ ପରିବେଶ ସ୍ଥାପନ ନିମନ୍ତେ ଏହି ଦିବସ ଆହ୍ୱାନ ପ୍ରଦାନ କରୁଛି ବୋଲି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି।

ସହରରେ ଥିବା ମାଟିକୁ ବିଭିନ୍ନ ଉପାୟରେ ଦୂଷିତ କରାଯାଉଛି। ପଲିଥିନର ବହୁଳ ବ୍ୟବହାର, ସହରର ଅଳିଆ ଆବର୍ଜନାକୁ ଉପଯୁକ୍ତ ଉପାୟରେ ପରିଚାଳନା ନ କରିବା ଦ୍ୱାରା ପରିବେଶ ଦୂଷିତ ହେଉଛି। ସେହିପରିମାଟିରେ ଥିବା ଅଣୁ ଜୀବ ମାନଙ୍କର ସଂଖ୍ୟା କମି କମି ଯାଉଛି। ସହର ଗୁଡିକରେ ମିଳୁଥିବା ବର୍ଜ୍ୟ ବସ୍ତୁକୁ ବାହାରେ ନ ଫୋପାଡ଼ି ଖତ୍ ପ୍ରସ୍ତୁତ କରିବା ଉଚିତ। ସହରର ଖାଲି ଜାଗା ମାନଙ୍କରେ ଜଙ୍ଗଲ ସୃଷ୍ଟି କରିବା ଉଚିତ। ଘରର ଛାତ ଉପରେ ଫସଲ ଚାଷ କରିବାକୁ ପ୍ରୋତ୍ସାହିତ କରାଯିବ ଉଚିତ। ରାସ୍ତାର ଦୁଇପଟେ ଗଛ ଲଗାଇବା ଦ୍ୱାରା ବୋହି ଯାଉଥିବା ପାଣି ଏବଂ ମାଟିକୁ ରକ୍ଷା କରାଯାଇ ପାରିବ ବୋଲି କୃଷି ବିଜ୍ଞାନ ମହାବିଦ୍ୟାଳୟସୋଆର ମୃତ୍ତିକା ବିଜ୍ଞାନ ଓ କୃଷି ରସାୟନ ବିଭାଗର ପ୍ରଫେସର ଆଶିଷ କୁମାର ଦାସ କହିଛନ୍ତି।

**● ଖଣ୍ଡଗିରି ଥାନା ଅଞ୍ଚଳରେ ବାଲ୍ୟ ବିବାହ ଘଟଣା**

## ମାମଲା ରୁଜୁ କରିବାକୁ ଅତିରିକ୍ତ ଡିସିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୪।୧୨(ସମିସ) ଖଣ୍ଡୁଆଳ ମନ୍ଦିରରେ ହୋଇଥିବା ବାଲ୍ୟ ବିବାହ ଘଟଣାରେ ଖଣ୍ଡଗିରି ଥାନା ପୁଲିସ ମାମଲା ରୁଜୁ କରୁ ନ ଥିଲା। ଏଣୁ ଶିଶୁ ସୁରକ୍ଷା ସଂଗଠନ ରୁଚିକାର ଏକ ଟିମ୍ ଗୁରୁବାର ଡିସିପିଙ୍କ ଦ୍ୱାରସ୍ଥ ହୋଇଥିଲା। ଆଲୋଚନା ପରେ ଅତିରିକ୍ତ ଡିସିପି ଖଣ୍ଡଗିରି ଥାନାକୁ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ ବୋଲି ରୁଚିକାର ନିର୍ଦ୍ଦେଶକ ବେଣୁଧର ସେନାପତି କହିଛନ୍ତି। ଡିସିପିଙ୍କ କାର୍ଯ୍ୟାଳୟରୁ ଚାପ ପଡ଼ିଲା ପରେ ଖଣ୍ଡଗିରି ଥାନା ପୁଲିସ ଖଣ୍ଡୁଆଳ ମନ୍ଦିର ବାଲ୍ୟ ବିବାହ ଘଟଣାରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନାବାଳିକାଙ୍କୁ ଉଦ୍ଧାର କରିବାକୁ ସିଡବ୍ଲୁସି ପୁଲିସକୁ ନିର୍ଦ୍ଦେଶ ଦେଇଛି।

ସୂଚନାଯୋଗ୍ୟ ଗତ ୩ ତାରିଖରେ ଖଣ୍ଡଗିରି ଥାନା ଖଣ୍ଡୁଆଳ ମନ୍ଦିର ପରିସରରେ ବାଲ୍ୟ ବିବାହ ସମ୍ପର୍ଣ୍ଣ ହେଉଥିଲା। ଖବରପାଇ ଶିଶୁ ସୁରକ୍ଷା କର୍ମୀ, ପ୍ରଶାସନିକ ଅଧିକାରୀ ଏବଂ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ। ହେଲେ ନାବାଳିକାଙ୍କୁ ତାଙ୍କ ପରିବାର ଲୋକେ, ବନ୍ଧୁବାନ୍ଧବ ଏବଂ ପୁଲିସ ସହ ଯୋଗାଯୋଗରେ ରହୁଥିବା କିଛି ପ୍ରଭାବଶାଳୀ ଲୋକେ ଲୁଚାଇ ଦେଇଥିଲେ। ଏନେଇ ରୁଚିକା ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ନାବାଳିକାଙ୍କ ମା'ଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯାଇଥିଲା। ସେ ଥାନାରେ ଥିଲା ବେଳେ ପୁଲିସ ଯୋଗାଯୋଗରେ ରହୁଥିବା ସ୍ଥାନୀୟ ଜଣେ ବ୍ୟକ୍ତି ଶିଶୁ ସୁରକ୍ଷା ଟିମ୍‌ର ସଦସ୍ୟଙ୍କୁ ଥାନା ଭିତରେ ଗାଳିଗୁଲଜ କରିଥିବା ଜଣାପଡ଼ିଥିଲା।

## ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡାରେ ଆକ୍ରମଣ

ଭୁବନେଶ୍ୱର ୪।୧୨(ସମିସ): ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପଟିଆ ଷ୍ଟେସନ ରୋଡ ବିଜୁ ନଗର ପାଖାପାଖି ଜଣେ ଫଳ ବେପାରୀଙ୍କୁ ଗୋଟେ ଗାଡିରେ ୩ ଜଣ ଯୁବକ ଆସି ଧାରୁଆ ଖଣ୍ଡାରେ ଆକ୍ରମଣ କରିଛନ୍ତି। ଆକ୍ରମଣ ଶିକାର ହୋଇଥିବା ଯୁବକ ଜଣକ ନାମ ରାଜକୁମାର ସ୍ୱାଇଁ। ତାଙ୍କ ଛାତି, ମୁଣ୍ଡ ଓ ହାତରେ ଗଭୀର ଆଘାତ ହେତୁ ରକ୍ତ ସ୍ରାବ ହୋଇଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ କାର୍ଯ୍ୟ ଜାରି ରଖିଛନ୍ତି। ଇନଫୋସିସ ଥାନା ଘଟଣା ସ୍ଥଳରେ ପହଞ୍ଚି ଯୁବକଙ୍କୁ କିମସ୍ ହସ୍ପିଟାଲକୁ ଚିକିତ୍ସା ପାଇଁ ପଠାଇଛନ୍ତି। ରାତି ୧୦ଟା ରେ ଏଭଳି ଘଟଣା ଘଟିଛି। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

## ୭ରେ 'ଓସା' ପକ୍ଷରୁ 'ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ'

ଭୁବନେଶ୍ୱର, ୪।୧୨(ସମିସ): ଆମେରିକାର ପ୍ରବାସୀ ଓଡ଼ିଆଙ୍କ ସଙ୍ଗଠନ 'ଓଡ଼ିଶା ସୋସାଇଟି ଅଫ୍ ଦ ଆମେରିକାସ୍' (ଓସା) ପକ୍ଷରୁ ଆସନ୍ତା ରବିବାର ଦିନ 'ଓଡ଼ିଶା ସର୍ବସାଧାରଣ ପାଠାଗାର ସମ୍ମିଳନୀ-୨୦୨୫' ଅନୁଷ୍ଠିତ ହେବ। ଭଞ୍ଜକଳା ମଣ୍ଡପଠାରେ ହେବାରୁ ଥିବା ଏହି ସମ୍ମିଳନୀରେ ବିକଶିତ ଗାଁ ବିକଶିତ ଓଡ଼ିଶା ଏବଂ ଓଡ଼ିଆ ଅସ୍ମିତା ଅଧୀନରେ ସ୍ଥାୟୀ ସର୍ବସାଧାରଣ ପାଠାଗାର ସ୍ଥାପନ, ଓଡ଼ିଶା ସର୍ବସାଧାରଣ ପାଠାଗାର ଆଇନ-୨୦୦୧ ଏବଂ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଅନ୍ତର୍ଗତ ଗ୍ରାମପଞ୍ଚାୟତ ଲାଇବ୍ରେରି ସର୍କୁଲାର ୨୦୧୮ ର ଦ୍ରୁତ କାର୍ଯ୍ୟାନ୍ୱୟନ ଉପରେ ଆଲୋଚନା କରାଯିବ ବୋଲି 'ଓସା' ଓଡ଼ିଶା ସର୍ବସାଧାରଣ ପାଠାଗାର ଅଭିଯାନର ଅଧ୍ୟକ୍ଷ ଡ. ଅଜୟ କୁମାର ମହାନ୍ତି ଏବଂ ସମ୍ମିଳନୀର ଆବାହକ ନିଶିକାନ୍ତ ସାହୁ ଗୁରୁବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## କେଦାରନାଥ ଗବେଷଣା ପ୍ରତିଷ୍ଠାନରେ ଗୀତା ଜୟନ୍ତୀ



ଭୁବନେଶ୍ୱର, ୪।୧୨ (ସମିସ): କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଶ୍ରୀମଦ ଭାଗବତ ଗୀତା ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ପ୍ରଶାସକ ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାକୁ ପଦ୍ମଶ୍ରୀ ଦେବୀପ୍ରସାଦ ପଟ୍ଟନାୟକ ଉଦଘାଟନ କରିଥିବା ବେଳେ ଦୈନିକ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ପ୍ରଫେସର ଗୋପାଳ କୃଷ୍ଣ ଦାସ, ଅନନ୍ତ ଗୋପାଳ ପଣ୍ଡା ଯୋଗ ଦେଇ ମାର୍ଗଶିର ଶୁକ୍ଳ ତ୍ରୟୋଦଶୀର ଗୀତା ଜୟନ୍ତୀ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ବେଦପାଠ ଓ ପ୍ରତିମା ନଳିନୀ ପତି, ସାଇ ସମ୍ପର୍ଣ୍ଣା ସିଂ ଗୀତା ପାଠ କରିଥିଲେ। ପ୍ରଫେସର ନବୀନଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ ଆଭିମୁଖ୍ୟ ବିଷୟରେ କହିଥିଲେ। ଯୁଗ୍ମ ସମ୍ପାଦକ ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ, ସମ୍ପାଦକ ରମେଶ ଚନ୍ଦ୍ର ପାଣି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୀତା ବିଶାରଦ ଡ. ଭରତ ଚନ୍ଦ୍ର ନାଥଙ୍କୁ 'ଗୀତାଶ୍ରୀ' ସମ୍ମାନ ପ୍ରଦାନ କରାଯାଇଥିଲା। ପରିଶେଷରେ ଡ. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୌରୀଶଙ୍କର ଦାଶଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା ସମ୍ମାନ'



ଭୁବନେଶ୍ୱର, ୩।୧୨(ସମିସ): ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଦାନ କରାଯାଇଥିବା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ୨୦୨୪ବର୍ଷ ପାଇଁ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୌରୀଶଙ୍କର ଦାଶଙ୍କୁ 'କବିଚନ୍ଦ୍ର କାଳୀଚରଣ ଯୁବ ପ୍ରତିଭା' ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ବିଧାୟକ ଅଭିନେତା ସିଦ୍ଧାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

## 'ଗୀତାଞ୍ଜଳି'ର ଓଡ଼ିଆ ଅନୁବାଦ ଲୋକାର୍ପିତ

ଭୁବନେଶ୍ୱର, ୪।୧୨(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟର ୧୯୮୨ ସଂସ୍କୃତ ଛାତ୍ରମାନଙ୍କ ଦ୍ୱାରା ବରକୁଳ ପାନ୍ଥନିବାସଠାରେ ଦୁଇଦିନିଆ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରବୀନ୍ଦ୍ର ନାଥ ଠାକୁରଙ୍କ ଗୀତାଞ୍ଜଳି କାବ୍ୟର ଓଡ଼ିଆ ଅନୁବାଦ 'ଗୀତାଞ୍ଜଳି' ଉନ୍ମୋଚିତ ହୋଇଥିଲା। ଓଡ଼ିଶାର ପ୍ରସିଦ୍ଧ ଗୀତିକାର ଲକ୍ଷ୍ମୀଧର ମିଶ୍ରଙ୍କ ଦ୍ୱାରା ଅନୁବାଦିତ 'ଗୀତାଞ୍ଜଳି' ସମ୍ପର୍କରେ ଚେନ୍ନାଇ ଆପୋଲୋ ହସ୍ପିଟାଲର ପ୍ରମୁଖ ହୃଦ୍‌ରୋଗ ବିଶେଷଜ୍ଞ ଡ. ଦିଲ୍ଲୀପ କୁମାର ମିଶ୍ର ଆଲୋଚନା କରିଥିଲେ। ଏହି ଲୋକାର୍ପଣ ଅବସରରେ ବାଣୀବିହାରର ପୂର୍ବତନ ପ୍ରଫେସର ଡ. ହରେକୃଷ୍ଣ ସ୍ୱାଇଁ ରବୀନ୍ଦ୍ର ନାଥ, କର୍ଣ୍ଣାଟକ କାନାରା ବ୍ୟାଙ୍କର ମହାମୁଖ୍ୟପ୍ରବନ୍ଧକ ଅଶୋକ ସାହୁ, ଆସାନସୋଲ(ପଶ୍ଚିମ ବଙ୍ଗ)ର ପ୍ରସିଦ୍ଧ ଲୋକସେବୀ ଅସ୍ଥିଶଲ୍ୟ ବିଶେଷଜ୍ଞ ଡ. ନରେନ୍ଦ୍ର ସାହୁ, ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ଯୁଗ୍ମସଚିବ ଅଦ୍ୱୈତ ଦାସ, ଶାନ୍ତିନିକେତନର ପୂର୍ବତନ ସଂସ୍କୃତ ପ୍ରଫେସର ଡ. ଅରୁଣ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଗାୟତ୍ରୀ ସାହୁ ଓ ଡ. ବସନ୍ତ ପଣ୍ଡାଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବା ସହ ଗୀତାରାଣୀ ମିଶ୍ର ଓ ବିଜୟିନୀ ମହାରଣାଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପୂର୍ବତନ ଏନ୍‌ସିଆରଟି ଅଧିକାରୀ ଅଚ୍ୟୁତାନନ୍ଦ ଗିରିଙ୍କ ତତ୍ତ୍ୱାବଧାନରେ ନାରାୟଣୀ, କାଳିଜାଇ ଓ ଭଗବତୀ ଦେବୀପୀଠ ଆଦି ଦର୍ଶନ ସହ ଓଡ଼ିଶାର ଦେବୀପୀଠ ମାନଙ୍କର ସାଂସ୍କୃତିକ ବୈଭବ ସମ୍ପର୍କରେ ଚର୍ଚ୍ଚା ହୋଇଥିଲା। ଶେଷରେ ଜୀବନ ବୀମା ଅଧିକାରୀ ସୁରେନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନ ଶିକ୍ଷକଙ୍କ ପରଲୋକ

ବାଲିଅନ୍ତା, ୪।୧୨(ସମିସ): ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଅଧୀନ ଝିଁଟିଶାସନ ଗ୍ରାମର ଗୋବିନ୍ଦପୁର ହାଇସ୍କୁଲରୁ ଅବସର ପ୍ରାପ୍ତ ବରିଷ୍ଠ ଇଂରାଜୀ ଶିକ୍ଷକ କୃତିବାସ ପାଣିଗ୍ରାହୀଙ୍କ ପରଲୋକ ଘଟିଛି। ସାରଙ୍କ ମୃତ୍ୟୁ ଖବର ପାଇ ସମାଜସେବୀ ଲକ୍ଷ୍ମୀଧର ଜେନା, ସ୍ଥାନୀୟ ସରପଞ୍ଚ ଅଜିତ କୁମାର ପାତ୍ର ଏବଂ ପୂର୍ବତନ ସରପଞ୍ଚ ରବି ନାରାୟଣ ପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ବିଭୁତିଭୁଷଣ ପାଣିଗ୍ରାହୀ ମୁଖାଗ୍ନି ଦେଇଥିଲେ।

**ବିଧାନସଭାରେ ଜାତିର ଜନକଙ୍କୁ ଅପମାନ**

## ବିଜେଡି ଯୁବ ଓ ଛାତ୍ର ଜନତା ଦଳର ନିନ୍ଦା



ନିସର୍ତ୍ତ କ୍ଷମା ପ୍ରାର୍ଥନା କରନ୍ତୁ ସନ୍ତୋଷ ଖଟୁଆ

ଭୁବନେଶ୍ୱର, ୪।୧୨(ସମିସ): ବିଧାନସଭାରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତି ବିଜେପି ବିଧାୟକ ସନ୍ତୋଷ ଖଟୁଆ ଦେଇଥିବା ବିବାଦୀୟ ବୟାନକୁ ତୀବ୍ର ନିନ୍ଦା କରିଛି ବିଜୁ ଜନତା ଦଳ। ଏହାକୁ ବିରୋଧ କରି ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଗୁରବାର ସଂଧ୍ୟାରେ ଭୁବନେଶ୍ୱରର ମାଷ୍ଟରକ୍ୟାଣ୍ଟିନ୍ ଛକରେ ପ୍ରତିବାଦ, ଆନ୍ଦୋଳନ କରାଯାଇଥିଲା। ଓଡ଼ିଶା ବିଧାନସଭାର ପବିତ୍ର ଗୃହରେ ଜାତିର ପିତାଙ୍କ ବିରୋଧରେ ବିଜେପି ବିଧାୟକ ଶ୍ରୀ ଖଟୁଆଙ୍କ ଦ୍ୱାରା ଅଶୋଭନୀୟ ଓ ଅପମାନଜନକ ମନ୍ତବ୍ୟକୁ କଡା ଭାଷାରେ ନିନ୍ଦା କରାଯିବା ସହ ନିସର୍ତ୍ତ କ୍ଷମା ପ୍ରାର୍ଥନା ପାଇଁ ଦାବି କରାଯାଇଛି।

ଯୁବ ଜନତା ଦଳ ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିସିଜେଡି ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ଦଳର ନେତୃବୃନ୍ଦ କହିଥିଲେ ଯେ ମହାତ୍ମା ଗାନ୍ଧୀ ସମଗ୍ର ଦେଶରେ ଜାତିର ପିତା ଭାବରେ ପୂଜା ପାଉଛନ୍ତି। ସେ ବିଶ୍ୱ ବନ୍ଦିତ। ବିଧାନସଭା ଭଳି ପବିତ୍ର ସ୍ଥାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତି ଏପରି ଅରୁଚିକର ମନ୍ତବ୍ୟ ବିଜେପି ବିଧାୟକଙ୍କ ରୁଗ୍ଣ ଓ ବିକୃତ ମାନସିକତାକୁ ପ୍ରଦର୍ଶିତ କରୁଛି। ଭାରତ ଭଳି ଏକ ମହାନ ରାଷ୍ଟ୍ରରେ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଏହା ଗଭୀର ଅପମାନ। ବିଧାନସଭାରେ ଶାସକ ଦଳର ବିଧାୟକ ମହାତ୍ମା ଗାନ୍ଧୀଙ୍କ ଦେଶ ପ୍ରତି ଥିବା ବଳିଦାନକୁ ମଳିନ କରିବାର ଅପଚେଷ୍ଟା କରିଛନ୍ତି। ସମଗ୍ର ଦେଶ ପ୍ରତି ଏହା ଘୋର ଅପମାନ। ଏପରି ବିଭାଜନମୂଳକ ଓ ଅପମାନସୂଚକ ମନ୍ତବ୍ୟ ଦେଶର ପ୍ରତ୍ୟେକ ସଚେତନ ନାଗରିକଙ୍କ ମନରେ ଗଭୀର ଆଘାତ ପହଞ୍ଚାଇଛି। ଏପରି ଅପକର୍ମ ପାଇଁ ଶ୍ରୀ ଖଟୁଆ ଓଡ଼ିଶାବାସୀଙ୍କ ନିକଟରେ ନିସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିବାଦ ସଭାରେ ସୋଫିଆ ଆଲମ୍, ତନ୍ମୟ ସ୍ୱାଇଁ, ଶୁଭ୍ରାଂଶୁ ପାଢ଼ୀ, ଦୀପକ ମହାପାତ୍ର, ସଞ୍ଜିତ୍ ମହାନ୍ତି, ଚିନ୍ମୟ ପ୍ରଧାନ, ଲଗ୍ନାଦିପ ମିଶ୍ର, ସୌମ୍ୟ ରଞ୍ଜନ ତ୍ରିପାଠୀ, ମନୋଜ ମହାନ୍ତି, ନୀଳମାଧବ ମହାନ୍ତି, ଦୀପକ ବେହେରା, ଜଗମୋହନ ବଳିଆର ସିଂହ, ସ୍ମୃତି ରଞ୍ଜନ ପଟ୍ଟନାୟକ, ଅରୂପ ଶ୍ରୀଚନ୍ଦନ, ମନୋରଞ୍ଜନ ସ୍ୱାଇଁ, ସୁଜିତ୍ ପାଲଟାସିଂହ, ରକି ଦାସ, ସମିମ୍ ଅଖତର୍, ସ୍ନେହାସିଶ୍ ଜେନା, କିଶୋର ନାୟକ, ତବରେଜ୍ ଖାଁ, ସାଗର ବଳବନ୍ତରାୟ, ଏସ୍. କେ ନୱାଜ୍, ଦୀପକ ସାହୁ, ଦିବ୍ୟ ସିଂ ସେଠୀ, ଅଶୋକ ନାୟକ, ଅମିତ୍ ଜେନା, ଫାତିମା ଖାତୁନ୍, ସଚ୍ଚିକାନ୍ତ ସାହୁ, ସିପୂଲ୍ ସ୍ୱାଇଁ ଓ ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ବାଲକାଟି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ମନମାନି**

## ୧୪ ବର୍ଷ ହେଲା କାମ କରୁଛନ୍ତି ୩ କିରାଣି

ବାଲିଅନ୍ତା, ୪।୧୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ବାଲକାଟିସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ୨ ଜଣ ସହକାରୀ କିରାଣୀଙ୍କର ବାଲକାଟି ମୋହ ଛାଡୁନି। ଉକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ୩ ଜଣଯାକ କିରାଣି ୧୪ ବର୍ଷ ହେଲା କାର୍ଯ୍ୟରତ ଅଛନ୍ତି। ବିଭିନ୍ନ ସମୟରେ ସେମାନଙ୍କର ଅନ୍ୟତ୍ର ବଦଳି ହୋଇଛି। ହେଲେ ସେମାନେ ବ୍ଲକ, ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ବିଧାୟକଙ୍କୁ ପ୍ରଭାବିତ କରି ବଦଳି ରଦ୍ଦ କରିବାରେ ସକ୍ଷମ ହେଉଛନ୍ତି। ସୁତରାଂ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସରକାରଙ୍କ ବଦଳି ନିୟମ ଏକ ପ୍ରକାର ପ୍ରହସନ ପାଲଟିଛି। ଅନ୍ୟପକ୍ଷରେ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ କାର୍ଯ୍ୟ କରିବା ଦ୍ୱାରା ଏହି କିରାଣିମାନେ ମନମୁଖି କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହେଉଛି। ପ୍ରତ୍ୟେକ କାର୍ଯ୍ୟ ଦିବସରେ ଅଧିକାଂଶ କର୍ମଚାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ରହିବା ଏବଂ ଅଫିସ କାର୍ଯ୍ୟ ସମ୍ପାଦନ କ୍ଷେତ୍ରରେ ଚରମ ଅବହେଳା କରୁଥିବା ଅଭିଯୋଗ ହେଉଛି। ଛାତ୍ରଛାତ୍ରୀଙ୍କୁ ମାଗଣା ପୋଷାକ, ଜୋତା ଓ ମାଗଣା ପାଠ୍ୟ ପୁସ୍ତକ ଯୋଗାଣରେ ଚରମ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ ଯେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଛାଡି ଏଠାରେ ଅନ୍ୟ ୧୨ ଜଣ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀ କେବେ କେମିତି କାର୍ଯ୍ୟାଳୟ ଆସୁଥିବା ସୂଚନା ମିଳିଛି। ୩ ବର୍ଷରୁ ଅଧିକ ବର୍ଷ କାର୍ଯ୍ୟରତ ଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## 'ଶେଷ ଶ୍ରାବଣ' ମଞ୍ଚରେ ମେଞ୍ଚାଏ ଅକୁହା କଥା ଓ ଅଲୋଡ଼ା ସ୍ୱପ୍ନ

ଭୁବନେଶ୍ୱର, ୪।୧୨(ସମିସ): ଅନେକ ଅକୁହା କଥା ଆଉ ମେଞ୍ଚାଏ ଅଲୋଡ଼ା ସ୍ୱପ୍ନର ଏକ ଅଦେଖା ପୁଟୁଳିକୁ ନେଇ କଳାକାର ଥିଏଟର୍ ଓ ଋତୁପ୍ରିୟା ପ୍ରଡକ୍ସନ୍ସ ପ୍ରାଇଭେଟ୍ ଲିମିଟେଡ୍ ମିଳିତ ଆନୁକୂଲ୍ୟରେ ନାଟକ 'ଶେଷ ଶ୍ରାବଣ: ଦ ଲାଷ୍ଟ ମନସୁନ' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଯାଇଛି। ସ୍ୱର୍ଗତ ବସନ୍ତ ମହାପାତ୍ର ଏହାର ରଚନା କରିଥିବା ବେଳେ ପୁନଃ ସମ୍ପାଦନା କରିଛନ୍ତି ରାଜେଶ ପଣ୍ଡା। ଏହାର ନିର୍ଦ୍ଦେଶନା ଦେଇଛନ୍ତି ହର ପ୍ରସାଦ ପଟ୍ଟନାୟକ। କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାସ, ଅଭିନେତା ହରିହର ମହାପାତ୍ର, ଓଡ଼ିଶା ନାଟ୍ୟ ସଂଘର ସଭାପତି ମିହିର ମେହେର, ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଯୋଗଦେଇଥିଲେ। ନାଟକର ବିଭିନ୍ନ ଭୂମିକାରେ ଏ.କେଦାରନାଥ, ହର ପ୍ରସାଦ, ସୌମ୍ୟ, ଉପେନ୍ଦ୍ର, ସତ୍ୟକାମ, ଅନିଲ, କାହ୍ନୁ, ଜୟଦେବ, ଜଗଦୀଶ, ରୋହନ, ଫକୀର, ଅରମାନ, ସୁରଜ, ରଞ୍ଜିତା, ସରୋଜିନୀ, ପ୍ରୀତି, ରଶ୍ମି ଅଭିନୟ କରିଛନ୍ତି।

## ଚଉଷଠୀ ଯୋଗିନୀ ସେବାୟତଙ୍କ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ

ବାଲିଅନ୍ତା, ୪।୧୨(ସମିସ): ବାଲିଅନ୍ତା ବ୍ଲକ ହୀରାପୁର ଚଉଷଠୀ ଯୋଗିନୀ ପୀଠର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ଉପ ମୁଖ୍ୟମନ୍ତ୍ରୀ ଘୋଷଣା କରିବା ପରେ ଏବେ ପୀଠ ଆଖପାଖ ଅଞ୍ଚଳରୁ ଜବରଦଖଲମୁକ୍ତ କରାଯିବା ଜିଲ୍ଲା ପ୍ରଶାସନର ପ୍ରଥମ ପଦକ୍ଷେପ ହୋଇଛି। ହେଲେ ଚଉଷଠୀ ଯୋଗିନୀ ପୀଠ ନିକଟରେ ବାପ ଜେଜେ ଅମଳରୁ ପିଢ଼ି ପରେ ପିଢ଼ି ରହିଆସୁଥିବା ପୂଜକ ଓ ମାଳି ମହାପାତ୍ର ସେବାୟତ ପରିବାର ଏନେଇ ଚିନ୍ତାରେ ପଡ଼ିଛନ୍ତି। ପିଢ଼ି ପରେ ପିଢ଼ି ବାପ ଜେଜେ ଅମଳରୁ ପୀଠର ରକ୍ଷଣାବେକ୍ଷଣ, ପରିଚାଳନା ଓ ପୂଜାନୀତି ଦାୟିତ୍ୱ ସମ୍ପାଦନ କରି ଆସୁଥିବା ୬ ପରିବାର ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାନଯାଉ ବୋଲି ଉପ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ସେବାୟତ ରଘୁନାଥ ମହାପାତ୍ର, ବଟକୃଷ୍ଣ ମହାପାତ୍ର, ମନୋଜ କୁମାର ମହାପାତ୍ର, ଭୀମସେନ ପାଢ଼ୀ, ପଙ୍କଜ କୁମାର ପାଢ଼ୀ, ଜଗବନ୍ଧୁ ମହାପାତ୍ର, ସନ୍ତୋଷ କୁମାର ପାଢ଼ୀ ଓ ଶ୍ରୀଧର ପାଢ଼ୀ ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଗୁହାରି ଜଣାଇଥିଲେ। ପୀଠର ଗୋଟିଏ ପାର୍ଶ୍ୱରେ ଏହି ପରିବାର ରହୁଥିବାରୁ ବିକାଶ କାର୍ଯ୍ୟ ସାଧନରେ କିଛି ଅସୁବିଧା ହେବ ନାହିଁ ବୋଲି କହିଥିଲେ।

## କଳ୍ପବଟ ସାଂସ୍କୃତିକ ଅନୁଷ୍ଠାନର ୨୫ ତମ ମହାଲକ୍ଷ୍ମୀ ପୂଜା

ବାଲିଅନ୍ତା, ୦୪।୧୨(ସମିସ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଶିଶିଲୋ ବଜାରଠାରେ କଳ୍ପବଟ ସାଂସ୍କୃତିକ ଅନୁଷ୍ଠାନର ୨୫ ତମ ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଅଛି। ବୁଧବାର ୨ଟା ସମୟରେ ସୁଭାଧିବାସ ନିତି ଅନୁଷ୍ଠିତ ହୋଇ ଗୁରୁବାର ପ୍ରାତଃରୁ ମା'ଙ୍କର ଜଥା ରିତିନିତି ଅନୁଯାୟୀ ପୂଜା କାର୍ଯ୍ୟ ପଣ୍ଡିତ କାର୍ତ୍ତିକ ଚନ୍ଦ୍ର ଦାସଙ୍କ ଏବଂ ପୂଜାର ପୁରୋଧା ବେଣୁଧର ସେନାପତିଙ୍କ ଦ୍ୱାରା ସମ୍ପାଦନ କରା ଯାଉଅଛି। ପୂଜା କମିଟିର ବରିଷ୍ଠ ସଦସ୍ୟ ବିଶ୍ୱରଞ୍ଜନ ପ୍ରହରାଜ, ରାଧାକାନ୍ତ ସ୍ୱାଇଁ, ସନ୍ତୋଷ କୁମାର ସେନାପତି, ଶତ୍ରୁଘ୍ନ ସାହୁ ଏବଂ ଗଣେଶ ଚନ୍ଦ୍ର ସେଠୀଙ୍କ ସମେତ ଆଖପାଖ ଗ୍ରାମର ମୁରବୀମାନଙ୍କ ସହଯୋଗରେ ଅନୁଷ୍ଠାନର ଏହି କାର୍ଯ୍ୟକ୍ରମଟି ବିଗତ ବର୍ଷ ମାନଙ୍କ ଠାରୁ ଅଧିକ ସରସ ସୁନ୍ଦର ଭାବରେ ପାଳିତ ହେଉଅଛି।

## ପୁନଃସୃଜନଶୀଳ ପରିସଂସ୍ଥା ସମ୍ବନ୍ଧୀୟ ଅନ୍ତର୍ଜାତୀୟ ସମ୍ମିଳନୀ

ଭୁବନେଶ୍ୱର, ୪।୧୨(ସମିସ): ଏଆଇଇଏସ୍‌ଏସ୍ କନସୋର୍ଟିୟମ୍ ଅଫ୍ ଇନଷ୍ଟିଚ୍ୟୁସନ୍ସ ଫର୍ ରିଜେନେରେଟିଭନେସ୍ ସହଯୋଗରେ ପୁନଃସୃଜନଶୀଳ ପରିସଂସ୍ଥା ଉପରେ ଅନ୍ତର୍ଜାତୀୟ ସମ୍ମିଳନୀ ଏକ୍ସଆଇଏମ୍ ୟୁନିଭର୍ସିଟି ପରିସରରେ ଆୟୋଜିତ ହେଉଅଛି। ଏହି ସମ୍ମିଳନୀ ଗତ ୨ ତାରିଖରୁ ଆରମ୍ଭ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ସମ୍ମିଳନୀରେ ନିରନ୍ତର ସ୍ଥାୟୀ ଢାଞ୍ଚା ଗୁଡ଼ିକୁ ଏକତ୍ର କରି 'ଅଲ୍ ଇଣ୍ଟରାକ୍ଟିଂ ଇଭଲଭିଂ ସିଷ୍ଟମ୍ ସାଇନ୍ସ' (ଏଆଇଇଏସଏସ)ର ଏକ ସାମଗ୍ରିକ ପ୍ରଣାଳୀ ଏବଂ ଉଦାହରଣ ବିକଶିତ କରିବା ନେଇ ଲକ୍ଷ୍ୟ ରହିଛି। ଏଆଇଇଏସ୍‌ଏସ୍ ଢାଞ୍ଚା ଯେକୌଣସି ପରିବେଶର ପ୍ରଧାନ ସ୍ତମ୍ଭ ଯଥା ପରିବେଶ, ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ପରିସଂଖ୍ୟାନଗୁଡିକୁ ଏକତ୍ରିତ କରି ପୁନଃସୃଜନ ଏବଂ ସମୃଦ୍ଧି ପାଇଁ ସୁସଙ୍ଗତ ପ୍ରଣାଳୀଗତ ମଡେଲ୍ ପ୍ରସ୍ତାବିତ ଓ ବିକାଶ କରେ। ଏହି ସମ୍ମିଳନୀରେ ଅଗ୍ରଣୀ ସିଷ୍ଟମ୍ ସାଇନ୍ସ ଏବଂ ଟ୍ରାନ୍ସଡିସିପ୍ଲିନାରୀ ବିଶେଷଜ୍ଞଙ୍କ ସହିତ ୬ଟି ପୂର୍ଣ୍ଣାଙ୍ଗ ଅଧିବେଶନ, ୧୭ଟି ସମାନ୍ତରାଳ ବୈଷୟିକ ଅଧିବେଶନ, ସିଷ୍ଟମ୍ ଚିନ୍ତାଧାରା ଏବଂ ଟ୍ରାନ୍ସଡିସିପ୍ଲିନାରୀ କାର୍ଯ୍ୟ ଉପରେ ଏକ କର୍ମଶାଳା ଆୟୋଜିତ ହେବ। ବରିଷ୍ଠ ବିଶେଷଜ୍ଞ ଏବଂ ନୀତି ନିର୍ଦ୍ଧାରକମାନଙ୍କ ପାଇଁ ପୁନଃସୃଜନ ବିଜ୍ଞାନକୁ ଅଭ୍ୟାସରେ ପରିଣତ କରିବା ଉପରେ ଏକ ଗୋଲ୍ ଟେବୁଲ୍ ଆଲୋଚନା ହେବ। ଆଇସିଆରଇ ୨୦୨୫ ରେ ବିଭିନ୍ନ ବିଷୟ ଉପରେ ପ୍ରାୟ ୧୧୦ ଟି ଗବେଷଣା ପତ୍ର ସ୍ଥାନ ପାଇବ, ଯାହାକୁ ପ୍ରାୟ ୧୦ ଟି ଦେଶରୁ ୧୨୦ ଜଣ ବିଦ୍ୱାନ ଉପସ୍ଥାପନ କରିବେ।

**ଖବର ପ୍ରକାଶ ପରେ ନିଆଗଲା ପଦକ୍ଷେପ**

# ଅଣଡାକ୍ତରଙ୍କୁ ହଟାଇ ଡାକ୍ତରଙ୍କୁ ଦିଆଗଲା ରେଡକ୍ରସ ବ୍ଲଡବ୍ୟାଙ୍କ୍ ଦାୟିତ୍ୱ

ଭୁବନେଶ୍ୱର, ୪।୧୨(ସମି): ରାଜ୍ୟର ସବୁଠାରୁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବ୍ଲଡ୍ ବ୍ୟାଙ୍କ୍ ରାଜଧାନୀ ବ୍ଲଡ ବ୍ୟାଙ୍କ ଜଣେ ଅଣଡାକ୍ତରୀ ଅଧିକାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ବେଳେ ଓଡ଼ିଶା ରକ୍ତଦାତା ମହାସଂଘର ଏକ ପ୍ରତିନିଧି ଦଳ ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଚିବ ଗଣେଶ ପାତ୍ରଙ୍କୁ ଭେଟି ବ୍ଲଡ ବ୍ୟାଙ୍କର ଇନଚାର୍ଜଙ୍କୁ ହଟାଇବାକୁ ଦାବି କରିଥିଲେ। ଡ୍ରଗ୍ସ ଆଣ୍ଡ କସମେଟିକ୍ସ ଆକ୍ଟ ଓ ଏନବିଟିସି (ନ୍ୟାସନାଲ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ କାଉନସିଲ) ବା ନାକୋ ନିର୍ଦ୍ଦେଶାବଳୀ ଅନୁସାରେ, ବ୍ଲଡ୍ ବ୍ୟାଙ୍କ ଏକ ଲାଇସେନ୍ସପ୍ରାପ୍ତ ଡାକ୍ତରଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟ କରିବା ଉଚିତ୍। ଯିଏ ତାଲିମ ଓ ଅଭିଜ୍ଞତା ଦ୍ୱାରା ଟ୍ରାନ୍ସଫ୍ୟୁଜନ୍ ମେଡିସିନ୍ ସ୍ପେଶାଲିଷ୍ଟ (ମେଡିକାଲ୍ ଅଫିସର, ବ୍ଲଡ୍ ବ୍ୟାଙ୍କ) ଭାବେ ଯୋଗ୍ୟ ହୋଇଥିବା ସହ ସମସ୍ତ ମେଡିକାଲ୍, ଟେକ୍ନିକାଲ୍ ଓ ଆଡମିନିଷ୍ଟ୍ରେଟିଭ୍ ସେବା ପାଇଁ ଦାୟୀ ରହିବେ। ଯେଉଁ ଯୋଗ୍ୟତା ଉକ୍ତ ଅଧିକାରୀଙ୍କ ନିକଟରେ ନଥିବାରୁ ତାଙ୍କ ସ୍ଥାନରେ ଆବଶ୍ୟକୀୟ ଯୋଗ୍ୟତା ଥିବା ନୂତନ ଅଧିକାରୀଙ୍କୁ ଅବସ୍ଥାପିତ କରାଯିବାକୁ ସଂଘ ଦାବି କରିଥିବା ନେଇ ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖାର ସଚିବ ଏହା ଉପରେ ପଦକ୍ଷେପ ନେଇ ନୂତନ ଅଧିକାରୀଙ୍କୁ ଅବସ୍ଥାପିତ କରିଥିବା ଜଣାପଡ଼ିଛି। ଏନେଇ ସଂଘ ପକ୍ଷରୁ ସଚିବଙ୍କୁ ଧନ୍ୟବାଦ ଜଣାଇଛନ୍ତି ପ୍ରତିନିଧି ଦଳ।

■ ବ୍ଲଡବ୍ୟାଙ୍କ ଇନଚାର୍ଜଙ୍କୁ ହଟାଇବାକୁ ଦାବି କରିଥିଲା ରକ୍ତଦାତା ମହାସଂଘ
■ ରେଡକ୍ରସ୍ ସଚିବଙ୍କୁ ଧନ୍ୟବାଦ ଜଣାଇଲେ ପ୍ରତିନିଧି ଦଳ




ସୂଚନା ଅନୁସାରେ, ଏହି ବ୍ଲଡବ୍ୟାଙ୍କରେ (ଜାନୁଆରି ୭, ୨୦୨୫ରୁ) ଇନଚାର୍ଜ ଭାବେ ରହିଥିବା ଅଧିକାରୀ (ଅଶୋକ ମହାନ୍ତି) ଡ୍ରଗସ୍ ଆଣ୍ଡ କସମେଟିକ୍ସ ଆକ୍ଟ ଓ ଏନବିଟିସି (ନ୍ୟାସନାଲ ବ୍ଲଡ ଟ୍ରାନ୍ସଫ୍ୟୁଜନ୍ କାଉନସିଲ) ବା ନାକୋ ନିର୍ଦ୍ଦେଶାବଳୀରେ ରହିଥିବା ଯୋଗ୍ୟାତାପ୍ରାପ୍ତ ନହୋଇ ମଧ୍ୟ ତାଙ୍କୁ ଏହି ପଦବୀରେ ଅବସ୍ଥାପିତ କରାଯାଇଥିଲା। ବ୍ଲଡ୍‌ବ୍ୟାଙ୍କ ଭଳି ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏମବିବିଏସ୍ ଅବସରପ୍ରାପ୍ତ ଡାକ୍ତରଙ୍କ ନିଯୁକ୍ତି ନିୟମ ରହିଥିବା ବେଳେ ଜଣେ ଅଣ ମେଡିକାଲ ଅଫିସର ଏହି ଦାୟିତ୍ୱ ନିର୍ବାହ କରୁଥିବାରୁ ବିଭିନ୍ନ ରକ୍ତଦାନ ଶିବିରରୁ ସଂଗୃହୀତ ରକ୍ତରୁ ଶତପ୍ରତିଶତ କମ୍ପୋନେଣ୍ଟ ମ୍ପୋନେଣ୍ଟ (ପ୍ଲାଟେଲେଟ୍, ପ୍ଲାଜ୍ମା ଆଦି) ପ୍ରସ୍ତୁତ ନହେବା ସହ ରକ୍ତର ଅପଚୟ ସାଙ୍ଗକୁ ଆବଶ୍ୟକ ସମୟରେ ରୋଗୀମାନେ କମ୍ପୋନେଣ୍ଟ ପାଇପାରୁ ନଥିଲେ। ଫଳରେ ରୋଗୀଙ୍କ ଜୀବନ ପାଇଁ ବିପଦ ଡାକୁଥିବା ସଂଘ ଅଭିଯୋଗ କରିଥିଲା।

# ବୋଲଂ ରାଜସ୍ୱ ନିରୀକ୍ଷକଙ୍କୁ ମରଣାନ୍ତକ ଆକ୍ରମଣ



**ସିଂଲା ଥାନାରେ ଅଭିଯୋଗ**

ଲଙ୍ଗଳେଶ୍ୱର, ୪।୧୨ (ସମିସ) : ବାଲେଶ୍ୱର ଜିଲ୍ଲା ସିଂଲା ଥାନା ବାଲିଆପାଳ ତହସିଲ ଅଧିନସ୍ଥ ବୋଲଂ ରାଜସ୍ୱ ନିରୀକ୍ଷକ(ଆର ଆଇ)ଙ୍କୁ ଗୋବିନ୍ଦପୁର ଛକ ନିକଟରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଛି।

ବାଲିଆପାଳ ତହସିଲ ଅଧିନସ୍ଥ ବୋଲଂ ରାଜସ୍ୱ ନିରୀକ୍ଷକ ରାଜକିଶୋର ନାୟକ ଗତ ସୋମବାର ଅପରାହ୍ନ ସମୟରେ ବୋଲଂ ପଞ୍ଚାୟତର ଗୋବିନ୍ଦପୁର ଗ୍ରାମକୁ ମୋଟର ସାଇକେଲ ଯୋଗେ ମୃତ ଖାତା ରୟତଙ୍କର ଉତ୍ତରାଧିକାରୀଙ୍କ ବିଷୟରେ ତଥ୍ୟ ସଂଗ୍ରହ ସହିତ ଟିକଟ ସେଲ ଯାତ୍ରା ଅନୁଷ୍ଠିତ ହେବା ପାଇଁ କ୍ଷେତ୍ର ପରିଦର୍ଶନ କରି ତଥ୍ୟ ପ୍ରଦାନ ପାଇଁ ଯାଉଥିଲେ। ଏହି ସମୟରେ ଗୋବିନ୍ଦପୁର ଛକ ନିକଟରେ ସାଉଡି ଗ୍ରାମର ବିକ୍ରମ ବେହେରା ଗ୍ରାମରୁ ଜବର ଦଖଲ ଉଚ୍ଛେଦ ସହିତ କୌଣସି ଏକ ଜମିର ପଟ୍ଟା ପ୍ରଦାନ କରିନଥିବା ଆଳ ଦେଖାଇ ଆର ଆଇ ଶ୍ରୀ ନାୟକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତଣ୍ଟିକୁ ଜୋରରେ ଚିପି ଧରି ଜୀବନରୁ ମାରିଦେବାକୁ ଚେଷ୍ଟା କରିବା ସହିତ ଡାହାଣ ହାତକୁ ମୋଡ଼ିବା, ଛାତିରେ ଜୋରରେ ଧକ୍କା ଦେବା ସହିତ ଦେଢ଼ ଘଣ୍ଟାରୁ ଅଧିକ ସମୟ ଅଟକାଇ ଲୋକଙ୍କ ସାମ୍ନାରେ ମାଡ ମାରିଥିଲେ। ଆରଆଇ ଜଣକ ସେଠାରୁ ଆସି ବାଲିଆପାଳ ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକଙ୍କୁ ଘଟଣା ବାବଦରେ ଜଣାଇବା ପରେ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଥିବାର ସୂଚନା ମିଳିଛି। ସରକାରୀ କାର୍ଯ୍ୟରେ ବାଧା ଦେବା ସହ ସରକାରୀ କର୍ମଚାରୀଙ୍କୁ ମାଡ ମାରିବା, ହତ୍ୟା ଉଦ୍ୟମ କରିବା ଏକ ଗୁରୁତର ଅପରାଧ ହୋଇଥିବାରୁ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ପାଇଁ ବିଭିନ୍ନ ମହଲରୁ ଦାବି କରାଯାଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ଡିଜିଟାଲ କ୍ରପ୍ ସର୍ଭେରେ ସାମିଲ ହେବ ଖଡ଼ି ଓ ଇକଡ଼ ଚାଷ

ବାଲେଶ୍ୱର(ଉତ୍ତର), ୪।୧୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ପାନ, ଧାନ ଓ ମୀନର ଅଞ୍ଚଳ ଭାବେ ପରିଚିତ। ଏହାକୁ ଜୀବିକା କରି ଏ ଅଞ୍ଚଳର ୭୦ ପ୍ରତିଶତରୁ ଅଧିକ ଲୋକେ ଜୀବନ ନିର୍ବାହ କରିଥାନ୍ତି। ଆଜି ପର୍ଯ୍ୟନ୍ତ ପାନ ଚାଷ ସହିତ ଏହି ଚାଷରେ ବ୍ୟବହୃତ ହେଉଥିବା ଖଡ଼ି, ଇକଡ଼ ଚାଷକୁ ସରକାରୀ ଭାବେ କୃଷିର ମାନ୍ୟତା ମିଳିପାରି ନାହିଁ। ଯାହା ଫଳରେ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ଫସଲର କ୍ଷତିପୂରଣ ସହିତ ରିହାତି ଦରରେ କିମ୍ବା ବିନା ସୁଧରେ କୃଷି ଋଣ ମିଳୁନାହିଁ। ତେଣୁ ଏହି ଚାଷକୁ କୃଷିର ମାନ୍ୟତା ଦେବାକୁ ଦୀର୍ଘଦିନ ଧରି ଚାଷୀମାନେ ଦାବି କରି ଆସୁଛନ୍ତି। ପୂର୍ବ ସରକାରଙ୍କ ଅମଳରେ ଗୁରୁତ୍ୱ ଦେବା ସହ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥର ମଧ୍ୟ ବିଧାନସଭାର ଶୀତ ଅଧିବେଶନରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ କୃଷି ବିଭାଗଙ୍କ ଠାରେ ପ୍ରଶ୍ନ ରଖିଥିଲେ ଯେ ଭୋଗରାଇ ବ୍ଲକରେ ୩୦ ହଜାରରୁ ଅଧିକ ପରିବାର ନିର୍ଭର କରୁଥିବା ଖଡ଼ି ଓ ଇକଡ଼ ଚାଷକୁ ଡିଜିଟାଲ କ୍ରପ ସର୍ଭେରେ ସାମିଲ କରିବାକୁ ଯେଉଁ ଅନୁରୋଧ କରାଯାଇଥିଲା, ସେ ଦିଗରେ କୃଷି ବିଭାଗ କିଛି ପଦକ୍ଷେପ ନେଇଛନ୍ତି କି ? ଏହାର ଉତ୍ତରରେ କୃଷି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଉତ୍ତର ରଖିଛନ୍ତି।

ଖଡ଼ି ଓ ଇକଡ଼ ଚାଷକୁ ପାନ ତଥା ଅନ୍ୟାନ୍ୟ ଲତାଜାତୀୟ ଫସଲରେ ସାହାରା ବାଡି ବା ଭାବରେ ବ୍ୟବହାର କରାଯାଏ। ଭୋଗରାଇ ବ୍ଲକର ଚାଷୀମାନେ ମୁଖ୍ୟ ଜମିରେ ଯଦି ଖଡ଼ି ଓ ଇକଡ଼ କୁ ପାନ ତଥା ଅନ୍ୟାନ୍ୟ ଲତାଜାତୀୟ ଫସଲରେ ସାହାରା ବାଡି ବା ରଞ୍ଜା ଭାବରେ ବ୍ୟବହାର କରୁଥିବାରୁ ରାଜ୍ୟ ସରକାର ୨୦୨୫-୨୬ ବର୍ଷ ରବି ଋତୁରୁ ଏହାକୁ ଡିଜିଟାଲ କ୍ରପ ସର୍ଭେ ରେ ଅନ୍ତର୍ଭୁକ୍ତ କରିବା ସହିତ ସର୍ଭେ

**ଭୋଗରାଇ ବିଧାୟକଙ୍କ ପ୍ରଶ୍ନର ଉତ୍ତର ରଖିଲେ କୃଷିମନ୍ତ୍ରୀ**

କରାଯିବ ବୋଲି ଉତ୍ତର ରଖିଛନ୍ତି। ତେବେ ଏହାକୁ ନେଇ ଭୋଗରାଇର ଶହ ଶହ ଖଡ଼ି ଓ ଇକିଡ଼ ଚାଷୀମାନଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଛି।

ପ୍ରକାଶ ଯେ, ଭୋଗରାଇ ବ୍ଲକର ପ୍ରାୟ ୨୦ହଜାର ପରିବାର ପାନ ଚାଷ କରୁଥିବା ବେଳେ ୧୫ ହଜାର ପରିବାର ପାନ ଚାଷରେ ବ୍ୟବହୃତ ଖଡ଼ି ଓ ଇକଡ଼ ଚାଷ କରି ଜୀବନ ଜୀବିକା ନିର୍ବାହ କରନ୍ତି। ସେହିପରି ଏହି ଚାଷରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ପ୍ରାୟ ୫୦ହଜାରରୁ ଊର୍ଦ୍ଧ୍ୱ ପରିବାର ସଂଶ୍ଳିଷ୍ଟ ରହିଛନ୍ତି। ଏହି ଚାଷ ସହିତ ଅର୍ଥକାରୀ ପାନ ଚାଷ ସଂଶ୍ଳିଷ୍ଟ ଥିବାରୁ ପରୋକ୍ଷରେ ପାନ ଚାଷୀମାନେ ମଧ୍ୟ ଉପକୃତ ହୋଇଥାନ୍ତି। ଓଡ଼ିଶାର ସର୍ବବୃହତ ପାନ ମଣ୍ଡି ଏଠାକାର ଜଳସୋହରିଆରୁ ଦେଶର ପ୍ରମୁଖ ସହର ଦିଲ୍ଲୀ, ମୁମ୍ବାଇ, ଆଗ୍ରା, ବନାରସ, କାନପୁର ସହିତ ବିଭିନ୍ନ ଅଞ୍ଚଳକୁ ପାନ ରପ୍ତାନୀ ହୋଇଥାଏ। ଯାହା ବାର୍ଷିକ ୧୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। ମାତ୍ର ଏହି ଚାଷ ଏପର୍ଯ୍ୟନ୍ତ ସରକାରୀ ସ୍ତରରେ କୃଷିର ମାନ୍ୟତା ପାଇନଥିବାରୁ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତି ହେଉଥିବା ପାନଚାଷ ସହିତ ଖରାଦିନେ ନିଆଁ ଲାଗି ନଷ୍ଟ ହେଉଥିବା ଖଡ଼ି ଓ ଇକଡ଼ ଫସଲର କ୍ଷତିପୂରଣ ଚାଷୀଙ୍କୁ ମିଳିପାରୁନାହିଁ। ସେହିପରି ଚାଷୀଙ୍କୁ ଚାଷ ପାଇଁ ବିଭିନ୍ନ ସମବାୟ ସମିତି, ବ୍ୟାଙ୍କ ରୁ ବିନା ସୁଧ କିମ୍ବା ରିହାତି ସୁଧ ରେ ଋଣ ମିଳିପାରୁନାହିଁ। ବାରମ୍ବାର ଏହି ଅର୍ଥକାରୀ ଫସଲ କ୍ଷତିଗ୍ରସ୍ତ ହେଉଥିବାରୁ ଅନେକ ଚାଷୀ ପରିବାର ଚାଷରୁ ମୁହଁ ଫେରାଇ ବାହାର ରାଜ୍ୟ କୁ ଦାଦନ ଖଟିଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଏହି ଅର୍ଥକାରୀ ଫସଲକୁ କୃଷିର ମାନ୍ୟତା ଦାବୀ ସହିତ କୃଷି ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଚାଷୀଙ୍କ ପାଇଁ ବିନା ସୁଧରେ ଋଣ ପ୍ରଦାନ ଇତ୍ୟାଦି ଦାବୀ ଦୀର୍ଘଦିନ ଧରି ହୋଇଆସୁଛି। ଯଦି ସରକାର ଏଥିପ୍ରତି ଦୃଷ୍ଟି ଦେବେ ତେବେ ହଜାର ହଜାର ଚାଷୀମାନଙ୍କ ଆର୍ଥିକ ମାନଦଣ୍ଡ ସୁଦୃଢ ହୋଇପାରିବ।

# ମୃତ ସାର୍କର ବ୍ୟବଚ୍ଛେଦ ପରେ ପୋତାଗଲା

ଚନ୍ଦନେଶ୍ୱର, ୪।୧୨(ସମିସ): ଭୋଗରାଇର ତାଳସାରୀରୁ ଉଦ୍ଧାର ହୋଇଥିବା ମୃତ ସାର୍କ ମାଛର ଦାୟିତ୍ୱ ବନ ବିଭାଗ ନେଇଛନ୍ତି। ଗୁରୁବାର ଏକ ଜେସିବି ଓ ଟ୍ରାକ୍ଟର ଯୋଗେ ବିଶାଳକାୟ ମାଛଟିକୁ ବେଳାଭୂମିରୁ ନେଇ ଉଦୟପୁର ଫରେଷ୍ଟ ଅଫିସ ପରିସର ମଧ୍ୟରେ ବ୍ୟବଚ୍ଛେଦ ପରେ ପୋତି ଦିଆ ଯାଇଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମାଛଟି କେଉଁଠାରୁ ଆସିଥିଲା ଓ କାହିଁକି ମୃତ୍ୟୁବରଣ କଲା ପ୍ରକୃତ କଥା ଜଣା ପଡ଼ିବ ବୋଲି ଉଦୟ ପୁର ବନପାଳ ସଞ୍ଜୟ କୁମାର ମହାନ୍ତି ପ୍ରକାଶ କରିଛନ୍ତି। ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବନ ବିଭାଗ ମାଛଟିର ଦାୟିତ୍ୱ ନେଇଥିଲେ। ମାଛଟିକୁ ଜେସିବିରେ ଟେକି ଟ୍ରାକ୍ଟରରେ ବୋଝେଇ କରି ନେବାକୁ ନାକେଦମ ହେବାକୁ ପଡ଼ିଥିଲା। ମାଛଟିର ଲମ୍ବ ୧୮ ଫୁଟ ୭ଇଞ୍ଚ ହୋଇଥିବା ବେଳେ ଓଜନ ୭ଟିନ ହେବ ଓ ତାର ବୟସ ୨୦ବର୍ଷ। ଗଭୀର ସମୁଦ୍ରରେ ଏହା ରହୁଥିବା ବେଳେ ଏହା ପ୍ରାୟ ୩ଦିନ ପୂର୍ବରୁ ବଡ ଜାହାଜରେ ଲାଗି ମୃତ୍ୟୁବରଣ କରିଥିବା ଅନୁମାନ କରା ଯାଉଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ପ୍ରକୃତ କାରଣ ଜଣା ପଡ଼ିବ। ଏଥିରେ ଜଳେଶ୍ୱର ବନ୍ୟଜୀବ ବନାଞ୍ଚଳର ସହକାରୀ ବନ ସଂରକ୍ଷକ ଜୟଶ୍ରୀ ମୁର୍ମୁ, ସିମିଳିପାଳ ବାୟୋ ଲଜିଷ୍ଟ ସ୍ୱରୂପ ଫୁଲଟନ, ଜୈବପ୍ରାଣୀ ତତ୍ତ୍ୱାବଧାରକ ଅଶ୍ୱିନୀ କୁମାର ଦାସ, ଭୋଗରାଇ ବ୍ଲକ ପ୍ରାଣୀ ଚିକିତ୍ସକ ଚିନ୍ମୟ କୁମାର ସାହୁ, ଫରେଷ୍ଟ ଗାର୍ଡ ପ୍ରମିଳା ସେଣ, ସବୁଜବାହିନୀର କର୍ମଚାରୀ ମାନେ ସାମିଲ ଥିଲେ। ସୂଚନା ଥାଉକି, ଭୋଗରାଇର ସାହାବାଳିପୁର ପଂଚାୟତ ଅଧୀନ ସେହି ଗାଁର ନନ୍ଦୁ ବେହେରାଙ୍କ ଭୁଟଭୁଟି ନେଇ ସମୁଦ୍ରକୁ ମାଛ ଧରିବାକୁ ଯାଇ ଏହି ବିଶାଳ କାୟ ମାଛକୁ କୂଳକୁ ଆଣିଥିଲେ।



# ନୀଳଗିରି ବିଧାୟକଙ୍କ କୁଶପୁତ୍ତଳିକା ଦାହ



ନୀଳଗିରି, ୪।୧୨(ସମିସ): ଆଜି ପବିତ୍ର ବିଧାନସଭା ଗୃହରେ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରତି ନୀଳଗିରି ବିଧାୟକ ଦେଇଥିବା ଅଶାଳୀନ ଓ ଅରୁଚିକର ମନ୍ତବ୍ୟକୁ ନେଇ ନୀଳଗିରି ବିଜେଡ଼ି ପକ୍ଷରୁ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମହାତ୍ମାଗାନ୍ଧୀଙ୍କ ପାଇଁ ଦେଶବିଭାଜନ ହୋଇଥିବା କହିବା ଭଳି ବକ୍ତବ୍ୟକୁ ନେଇ ସମଗ୍ରରାଜ୍ୟରେ ବିରୋଧାଭାସ ଦେଖାଦେଇଥିବା ବେଳେ କଂଗ୍ରେସ ସମେତ ବିଜେଡ଼ି ବିଧାୟକ ଏଭଳି ମନ୍ତବ୍ୟକୁ ସମାଲୋଚନା କରିବା ସହିତ ବିଧାନସଭା ପରିସରରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ମୌନ ପ୍ରତିବାଦ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ସନ୍ଧ୍ୟା ୮ଟାରେ ନୀଳଗିରି କଚେରୀ ଛକ ନିକଟରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏହି କୁଶପୁତ୍ତଳିକା ଦାହ କରାଯାଇଥିବା ବେଳେ ବିଜେଡ଼ି ଯୁବନେତା ଉଦୟଜ୍ୟୋତି ମହାନ୍ତି, ରାଜୀବ ଦାସବାବୁ, ଅଚ୍ୟୁତ ପ୍ରଧାନ, ଜଗବନ୍ଧୁ ମୁନି, ନଟୁ ସରକାର, ପ୍ରଫୁଲ୍ଲ ପରିଡ଼ା, ସୁନୀଲ ପ୍ରଧାନ ରଶ୍ମିରଞ୍ଜନ ରାଉତ, ରବୀନ୍ଦ୍ର ପାତ୍ର, ରାମକୃଷ୍ଣ ମହାପାତ୍ର ପ୍ରମୁଖ ବହୁ ବିଜେଡ଼ି କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତୀବ୍ରନିନ୍ଦା କରିବା ସହିତ ତୁରନ୍ତ ଦେଶବାସୀଙ୍କ ପାଖରେ କ୍ଷମାମାଗନ୍ତୁ ବୋଲି ଦାବି କରିଛନ୍ତି।

# ବିନା ଲାଇସେନ୍ସରେ ଚାଲିଥିବା ଔଷଧ ଦୋକାନ ସିଲ୍

ବାଲେଶ୍ୱର, ୪।୧୨(ସମିସ): ଜିଲ୍ଲାରେ ଲାଇସେନ୍ସବିହୀନ ଔଷଧ ଦୋକାନ ଚାଲୁଛି। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ଉ କରାଯାଇଛି। ଏ ନେଇ ବାଲେଶ୍ୱର ସଦର ଭେଷଜ ନିରୀକ୍ଷକଙ୍କ ପକ୍ଷରୁ ଚଢାଉ ଆରମ୍ଭ ହୋଇଛି। ଏଥିପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଛି। ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ଏଥିରେ ଦୁଇଟି ଦୋକାନ ବିନା ଲାଇସେନ୍ସବିହୀନ ଦୋକାନ ଚିହ୍ନଟ ହୋଇଛି। ଦୁଇଟି ଦୋକାନ ସିଲ୍ ସହିତ ଡକ୍ୟୁମେଣ୍ଟ ଏବଂ ଔଷଧ ଜବତ କରାଯାଇଛି। ଏଥିସହିତ କୋର୍ଟରେ ମାମଲା ଆରମ୍ଭ ହେବ। ଜିଲ୍ଲା ଏବଂ ସେସନ୍ସ କୋର୍ଟ ପୁନଃଯାଞ୍ଚ ପାଇଁ ଦିଆଯିବ ବୋଲି ସୂଚନା ମିଳିଛି।



**ଔଷଧ ଜବତ**

ଭେଷଜ ନିରୀକ୍ଷକ ତଥା ଟିମ୍ ପକ୍ଷରୁ ଆଜି ରେମୁଣାରେ ଚଢ଼ଉ କରାଯାଇଥିଲା। ସେଠାରେ ଗୋଟିଏ ମେଡିସିନ୍ ଷ୍ଟୋର୍ ବିନା ଲାଇସେନ୍ସରେ ଚାଲୁଥିବା ଜଣାପଡ଼ିଥିଲା। ଡ୍ରଗ୍ସ ଇନ୍ସପେକ୍ଟର ମୋନାଲିସା ମଲ୍ଲିକ, ଆସିଷ୍ଟାଣ୍ଟ ଡ୍ରଗ୍ସ ନିୟନ୍ତ୍ରକ ଜଗନ୍ନାଥ ମଲ୍ଲିକ, ଅଫିସ୍ ଆସିଷ୍ଟାଣ୍ଟ ବିନୟ କୁମାର ସେନାପତି, ଅଫିସ୍ ପିଅନ୍ ମନୋଜ ଧଳ, ଡିଇଓ ରାକେଶ ସେନାପତି, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଭାବରେ ରେମୁଣା ତହସିଲଦାର ଏବଂ ରେମୁଣା ଥାନା କର୍ମଚାରୀ ଉପସ୍ଥିତ ଥିଲେ। ସେହିପରି ଏଡିସି ଜେ. ମଲ୍ଲିକ, ସଦର ଡିଆଇ ଜେ. ପାତ୍ର, ବାରିପଦା ଏଡିସି ଆର୍.ଏନ୍ ସାହୁ, ମୋନାଲିସା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ନୀଳଗିରିରେ ଚଢ଼ଉ କରାଯାଇଥିଲା। ବିନା ଲାଇସେନ୍ସରେ ଔଷଧ ବିକୁଥିବା ନୀଳଗିରିର ବିଦୁ ବଜାରରେ ସତ୍ୟରଞ୍ଜନ ଦାସଙ୍କ ମେଡିସିନ ଷ୍ଟୋର୍‌ରେ ଚଢ଼ାଉ ହୋଇଥିଲା। ଏଥିସହିତ କାର୍ଯ୍ୟାନୁଷ୍ଠାନ ହେବା ନେଇ ବିଭାଗ ପକ୍ଷରୁ ପ୍ରକ୍ରିୟା ଜାରି ରହିବ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର ବ୍ଲକ, ୪।୧୨ (ସମିସ) : ଆଦିବାସୀ ମାନଙ୍କୁ କିପରି ଅତି କମ୍‌ରେ ୪ ଡେସିମିଲ ଠାରୁ ଆରମ୍ଭ କରି ଚାଷ ଜମି ୨.୫୦ ହେକ୍ଟର ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବରେ ପଟ୍ଟା ପ୍ରଦାନ କରାଯାଇ ପାରିବ ସେ ବାବଦରେ ଆଦିବାସୀ ଭାଇଭଉଣୀ ମାନଙ୍କୁ ନେଇ ଶ୍ୟାମନଗର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଗିରିଜା ଶଙ୍କର ସାସମଲ, ବରଡିହା ବନଖଣ୍ଡ ଅଧିକାରୀ ପ୍ରହ୍ଲାଦ କୁମାର ନାୟକ, ଜଙ୍ଗଲ ଜମି କୋଡ଼ିନେଟର ଉଦୟ ନାୟକ, ବସୁନ୍ଧରା ଯୋଜନାରରୁ ଅନନ୍ତ ବେହେରା, ଜଳେଶ୍ୱର ବ୍ଲକ ଜନଜାତି କଲ୍ୟାଣ ସମ୍ପ୍ରସାରଣ ଅଧିକାରୀ ସଜତ୍ ଅନୁପମ, ପିଇଓ ମନୋଜ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ଜଳେଶ୍ୱର ଅଞ୍ଚଳରେ ଜଙ୍ଗଲ ଜମି ଅଧିକାର ଆଇନ ବଳରେ ବ୍ୟକ୍ତିଗତ ୪୦୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଓ ଗୋଷ୍ଠୀଗତ ୯ ଟି ପଟ୍ଟା ପ୍ରଦାନ କରାଯାଇଛି।

# ଜ୍ଞାନଦୀପ ପ୍ରଜ୍ୱଳନ ଯାତ୍ରାର ଶୁଭାରମ୍ଭ

ନୀଳଗିରି, ୪।୧୨ (ସମିସ): ପ୍ରତିଘରେ ଶାସ୍ତ୍ରପାଠ - ପ୍ରତିଘରେ ଜଗନ୍ନାଥ, ଏହି ଲକ୍ଷ୍ୟରେ ସ୍ୱାମୀ ରୁଦ୍ରବେଶାନନ୍ଦ ଗିରି ମହାରାଜ ସମଗ୍ର ଓଡ଼ିଶାରେ ଏକ ଜ୍ଞାନଦୀପ-ପ୍ରଜ୍ୱଳନ-ଯାତ୍ରା ନୀଳଗିରି ଗୁଣ୍ଡିଚାମନ୍ଦିର ପ୍ରାଙ୍ଗଣରୁ ଶୁଭାରମ୍ଭ କରିଛନ୍ତି। ଜ୍ଞାନଦୀପ ଜାଳିବାର ଉଦ୍ଦେଶ୍ୟ ସମ୍ବନ୍ଧରେ ସ୍ୱାମୀଜୀ ଉପସ୍ଥିତ ଜନଗଣଙ୍କୁ ନିଜ ପ୍ରବଚନ ସତ୍ରରେ ସମ୍ବୋଧିତ କରିଥିଲେ। ଆଗାମୀ



ଦିନରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଏବଂ ପ୍ରମୁଖ ସ୍ଥାନମାନଙ୍କରେ ସ୍ୱାମୀଜୀଙ୍କ ଦ୍ୱାରା ଭିକ୍ଷାଲବ୍ଧ ଅର୍ଥରେ ଦୀପ ପ୍ରଜ୍ୱଳନ କରାଯାଇ ଲୋକଙ୍କୁ ଶାସ୍ତ୍ରପାଠ ସହିତ ନାମସଂକୀର୍ତ୍ତନ କରିବାକୁ ଲକ୍ଷ୍ୟ ରଖାଯାଇଥିବା ସ୍ୱାମୀଜୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବ୍ରହ୍ମାନନ୍ଦ ଦାସ, ଶରତ ଚନ୍ଦ୍ର ମହାପାତ୍ର, ଉତ୍ତମ ବିଶ୍ୱାଳ, ଜୟନ୍ତୀ ଦେବୀ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥଙ୍କ ୩୨ବେଶ ସମାରୋହର ୮ ମ ସନ୍ଧ୍ୟା




ବାଲେଶ୍ୱର(ଉତ୍ତର), ୪।୧୨(ସମିସ) : ଜଗନ୍ନାଥ ସଂସ୍କୃତି ହେଉଛି ସର୍ବୋତ୍କୃଷ୍ଟ। ଏହା ବିଭିନ୍ନତା ମଧ୍ୟରେ ଏକତା, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ତଥା ଜାତିପ୍ରେମ ଓ ସହନଶୀଳତା ର ପ୍ରଚାର କରିଥାଏ ବୋଲି ଭୋଗରାଇ ବ୍ଲକ ଥାନାଛକ ସ୍ଥିତ ହେଲିପେଡ ପଡ଼ିଆରେ ଅନୁଷ୍ଠିତ ଶ୍ରୀଜଗନ୍ନାଥଙ୍କ ୩୨ବେଶ ସମରୋହର ୮ମ ସନ୍ଧ୍ୟାରେ ଅତିଥି ମାନେ ଯୋଗ ଦେଇ ମତ ପ୍ରକାଶ କରିଛନ୍ତି। ବିଶିଷ୍ଟ ସମାଜସେବୀ ତଥା ବାବା ଚନ୍ଦନେଶ୍ୱର ଶୈବପୀଠର ମୁଖ୍ୟ ପୂଜକ ତପନ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ମୁଖ୍ୟବକ୍ତା ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ପ୍ରାଧାପକ ଡ. ନୀଳକଣ୍ଠ ଖଣ୍ଡା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ମମତା ସାହୁ, ଚନ୍ଦନେଶ୍ୱର ଶୈବପୀଠ ର ଉପମୁଖ୍ୟ ପୂଜକ ବୁଦ୍ଧଦେବ ପଣ୍ଡା ପ୍ରମୁଖ ଯୋଗ ଦେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ପରମ୍ପରା ଓ ଐତିହ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଶ୍ରୀକୁମାର ଘୋଷ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ ଓ ବରିଷ୍ଠ ସାମ୍ବାଦିକ ବିଶ୍ୱମ୍ବର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ମରଣାନ୍ତକ ଆକ୍ରମଣ ଘଟଣାରେ ମୁଦାଲା ଦଣ୍ଡିତ

ନୀଳଗିରି, ୪।୧୨ (ସମିସ): ମରଣାନ୍ତକ ଆକ୍ରମଣ ଘଟଣାରେ ଜନୈକ ମୁଦାଲାକୁ ସଶ୍ରମ କାରାଦଣ୍ଡ ଓ ୪ ହଜାର ଟଙ୍କାରେ ଦଣ୍ଡିତ କରାଯାଇଛି। ନୀଳଗିରିର ସହକାରୀ ଦୌରାଜଜ୍ ସୁନନ୍ଦା ପ୍ରଧାନ ୯ ଜଣ ସାକ୍ଷୀ ଓ ଦସ୍ତାବିଜକୁ ଭିତ୍ତିକରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସୂଚନାରୁ ଜଣାଯାଇଛି ନୀଳଗିରି ଉପଖଣ୍ଡ ଔପଦା ଥାନା ଅଧୀନ ଯୋକଗଡ଼ିଆ ଗ୍ରାମବାସୀଙ୍କ ଦ୍ୱାରା ୨୦୨୨ମସିହା ଅପ୍ରେଲ ୧୬ତାରିଖ ସନ୍ଧ୍ୟାରେ ନିକଟସ୍ଥ ବଧି ଗ୍ରାମକୁ ଶନିମନ୍ଦିର ପ୍ରତିଷ୍ଠାପାଇଁ କଳସ ବୁଡାଇବାକୁ ଯାଇଥିବା ବେଳେ ବଧି ଗ୍ରାମର ମହେନ୍ଦ୍ର ମଲ୍ଲିକ, ମୁକ୍ତିକାନ୍ତ ମଲ୍ଲିକ, ଗୟାଧର ନାୟକ ଓ କମଳାକାନ୍ତ ନାୟକଙ୍କ ଦ୍ୱାରା କୌଣସି କାରଣକୁ ନେଇ ବଚସାରୁ ଗଣ୍ଡଗୋଳ ହୋଇଥିଲା। ସମାଧାନ ପାଇଁ ଆଲୋଚନା ଚାଲିଥିଲା ବେଳେ ବଧି ଗ୍ରାମର ମହେଶ୍ୱର ରାଉତକୁ ଉକ୍ତ ଗ୍ରାମର ମହେନ୍ଦ୍ର ଏବଂ ମୁକ୍ତିକାନ୍ତ ଉତକ୍ଷିପ୍ତ ହୋଇ ଲୁହାରଡ଼ ଓ ଭୁଜାଲିରେ ସାହାଯ୍ୟରେ ମୁଣ୍ଡକୁମାରି ଗଭୀର ଆଘାତ କରିଥିଲେ। ଏ ନେଇ ମହେଶ୍ୱରଙ୍କ ଏତଲା ମୂଳେ ଔପଦା ଥାନା କେସ ନଂ ୩୦/୨୨ରେ ମାମଲା ରୁଜୁ ହୋଇଥିଲା। ଦୀର୍ଘ ୩ବର୍ଷ ପରେ ଡିସେମ୍ବର ୩ତାରିଖ ଉକ୍ତ ଘଟଣାର ବିଚାରକରି ଦୌରାଜଜ ଅଭିଯୁକ୍ତ ମହେନ୍ଦ୍ରକୁ ୨ବର୍ଷ ସଶ୍ରମ କାରାଦଣ୍ଡ ସହିତ ୪ହଜାର ଟଙ୍କା ଜୋରିମାନା ଆଦେଶ ଦେଇଥିଲା ବେଳେ ଅନ୍ୟ ୩ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଉକ୍ତ ମକଦ୍ଦମାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନା କରିଥିଲେ।

# ସରକାରୀ ଗାଡ଼ି ଅପବ୍ୟବହାର ଅଭିଯୋଗକୁ ବିଡିଓଙ୍କ ଖଣ୍ଡନ

ଖଇରା, ୪।୧୨ (ସମିସ): ଖଇରା ବ୍ଲକ ରେ କାର୍ଯ୍ୟରତ ବିଡିଓ ନାରାୟଣ ସାହୁ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ସରକାରୀ ଗାଡିର ବ୍ୟବହାରକୁ ନେଇ ଡ୍ରାଇଭର ଅରୁଣ କୁମାର ରାଉତ କରିଥିବା ଅଭିଯୋଗକୁ ବିଡିଓ ନାରାୟଣ ସାହୁ ସିଧାସଳଖ ଖଣ୍ଡନ କରିଛନ୍ତି। ତାଙ୍କ କହିବା ଅନୁଯାୟୀ ସେ ଯେତେବେଳେ ବି କାର୍ଯ୍ୟସ୍ଥଳରୁ ବାହାରକୁ ଯାଇଛନ୍ତି କୋର୍ଟ କାମ କିମ୍ବା ଅଫିସିଆଲ ବୈଠକରେ ଯୋଗ ଦେବାକୁ ଯାଇଛନ୍ତି। ଉକ୍ତ ଡ୍ରାଇଭର ଜଣକ କାର୍ଯ୍ୟରେ ସବୁବେଳେ ଅବହେଳା କରିଆସୁଥିଲା। ହଠାତ କୌଣସୀ ଦରକାର ବେଳେ ତାକୁ ଡାକିଲେ ସେ ଯିବାକୁ ଅନିଛା ପ୍ରକାଶ କରୁଥିଲା। ଏହା ଛଡା ଆହୁରି କିଛି ମନ୍ଦ ଉଦ୍ଦେଶ୍ୟ ମଧ୍ୟ ଥିଲା। ଏଣୁ ବାଧ୍ୟ ହୋଇ ବ୍ଲକରେ ଗାଡି ଲଗାଇଥିବା ମାଲିକକୁ କହି ସେ ଡ୍ରାଇଭରକୁ ବାହାର କରିବା ପରେ ଡ୍ରାଇଭର ଜଣକ ମୋ ନାମରେ ଏଣିତେଣୁ ମିଥ୍ୟା ଅଭିଯୋଗ ଆଣୁଥିବା କଥା କହିଛନ୍ତି। ବିଡ଼ିଓ ଶନିବାର ରବିବାର ସମେତ ଅନ୍ୟ ଛୁଟିଦିନରେ ମଧ୍ୟ ଗାଡି ନେଇ ନିଜର ଏବଂ ସମ୍ପର୍କୀୟ ଘରକୁ ଯାଆନ୍ତି। ଏକଥା ଲଗବୁକରୁ ମଧ୍ୟ ଜଣାପଡ଼ିବ। ତାଙ୍କୁ ଛୁଟି ଦିନରେ କାମ କରାଇବା ଓ ବ୍ୟକ୍ତିଗତ କାମରେ ଗାଡି ଲଗାଇବା କାର୍ଯ୍ୟକୁ ପ୍ରତିବାଦ କରିବା ପରେ ତାଙ୍କୁ କାର୍ଯ୍ୟରୁ ବାହାର କରିଦିଆଯାଇଥିବା ନେଇ ଡ୍ରାଇଭର ଅରୁଣ କୁମାର ରାଉତ କହିଛନ୍ତି।

# ଜଳିଗଲା ୨ ଧାନକଟା ମେସିନ

ଖଇରା, ୪।୧୨ (ସମିସ): ଖଇରା ବ୍ଲକରେ ୨ଦିନ ମଧ୍ୟରେ ପୃଥକ ପୃଥକ ସ୍ଥାନରେ ଧାନ କାଟୁଥିବା ୨ଟି ଧାନକଟା ମେସିନ ସର୍ଟସର୍କିଟ ଯୋଗୁଁ ଜଳି ଯାଇଥିବା ଅଭିଯୋଗ ହୋଇଛି। ଗୁରୁବାର ବାହାଗଡ଼ିଆ ଗ୍ରାମରେ ସାଉଣ୍ଡିଆ ଗ୍ରାମର କେଶବ ସେଣ୍ଡଙ୍କ ମେସିନ ଧାନ କାଟୁଥିବା ବେଳେ ପୋଡି ଯାଇଥିଲା। ଅଗ୍ନିଶମ ବାହିନୀ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମାନେ ନିଆଁକୁ ଆୟତ୍ତ କରିନେଇଥିଲେ। ସେହିଭଳି ବୁଧବାର ଭାଟପଡ଼ା ଗ୍ରାମ ନିକଟରେ ଧାନ କାଟୁଥିବା ବେଳେ ଅନ୍ୟ ଏକ ମେସିନ ପୋଡି ଯାଇଥିବା ନେଇ ଅଭିଯୋଗ ହୋଇଥିଲା।

# ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ



ଚନ୍ଦନେଶ୍ୱର, ୪।୧୨(ସମିସ): ସାହାବାଜିପୁର ସ୍ଥିତ ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ବିଶ୍ୱ ଏଡସ ଦିବସ ପାଳିତ ହୋଇ ଯାଇଛି। ଏନେଇ ଆୟୋଜିତ ସଚେତନତା ସଭାକୁ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଫାର୍ମାସିଷ୍ଟ ଭଞ୍ଜ କିଶୋର ଜେନା ଯୋଗ ଦେଇ ଏଡସର ଭୟାବହତା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସାହାବାଜିପୁର ସରପଞ୍ଚ ଅରୁଣ କୁମାର ଗିରି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚନ୍ଦନେଶ୍ୱର ସାମ୍ବାଦିକ ପ୍ରତିନିଧି ରାଧାକାନ୍ତ ପ୍ରଧାନ ଏବଂ ସାମ୍ବାଦିକ ଜଗନ୍ନାଥ ଗିରିଙ୍କୁ ସମ୍ମାନିତ କରା ଯାଇଥିଲା। ଅଧ୍ୟାପକ ହାରାଧନ ସେନାପତି ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଅଧ୍ୟାପିକା ଶିବାନୀ ନନ୍ଦ ଧନ୍ୟବାଦ ଦେଇଥିଲେ।

# ଅଲାଲପୁରରେ ୫.୭ କୋଟିରେ ନିର୍ମାଣ ହେବ ଗୋଶାଳା

ଜଳେଶ୍ୱର, ୪।୧୨(ସମିସ)



ଓଡ଼ିଶା-ପଶ୍ଚିମବଙ୍ଗ ସୀମା ଜଳେଶ୍ୱର ପୌରପାଳିକାର ଅଲାଲପୁର ଠାରେ ୫କୋଟି ୭୦ ଲକ୍ଷ ଟଙ୍କା ବ୍ୟୟରେ ଖୁବ୍‌ଶୀଘ୍ର ନିର୍ମାଣ ଆରମ୍ଭ ହେବ ଗୋଶାଳା। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆଜି ଜମି ଚିହ୍ନଟ ପ୍ରକ୍ରିୟା ଶେଷ ହୋଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଗାଈ, ବଳଦ, ବାଛୁରୀଗୁଡ଼ିକୁ କଲିକତା କଂସେଇ ଖାନାକୁ ପଠାଯାଇ ଆସୁଛି। ଅବୈଧ ଭାବେ ଜାତୀୟ ରାଜପଥ ୬୦ ଦେଇ ଚାଲାଣ ହେଉଥିବା ବେଳେ ବିଭିନ୍ନ ସମୟରେ ଏହାକୁ ଉଦ୍ଧାର କରାଯାଇ ବାଲେଶ୍ୱର ଗୋଶାଳାକୁ ପଠାଯାଇଥାଏ। ଉଦ୍ଧାର ହେଉଥିବା ଗାଈ ମାନଙ୍କୁ ଜଳେଶ୍ୱରରେ ସୁରକ୍ଷିତ ଭାବେ ରଖିବା ସୁବିଧା ନ ଥିବାରୁ ୫୦ କି. ମି. ଦୂର ବାଲେଶ୍ୱର ପଠାଇ ପ୍ରଶାସନ ପାଇଁ କଷ୍ଟକର ହେଉଥିବାରୁ ଦୁଇବର୍ଷ ତଳେ ଜଳେଶ୍ୱରରେ ଏକ ଗୋଶାଳା ନିର୍ମାଣ ଲାଗି ପ୍ରଚେଷ୍ଟା ଜାରି ରହିଛି। ୫ କୋଟି ୭୦ ଲକ୍ଷ

**ଜମି ଚିହ୍ନଟ ପ୍ରକ୍ରିୟା ଶେଷ; ଖୁବ୍‌ଶୀଘ୍ର ଆରମ୍ଭ ହେବ କାମ**

ଟଙ୍କା ବ୍ୟୟରେ ଜଳେଶ୍ୱର ପୌରପାଳିକାର ଅଲାଲପୁରଠାରେ ଗୋଶାଳା ପାଇଁ ଟେଣ୍ଡର ସରିଥିବାବେଳେ ଆଜି ଏହାର ଜମି ଚିହ୍ନଟ କାର୍ଯ୍ୟ ଶେଷ ହୋଇଛି। ୧୬ନଂ ୱାର୍ଡ ଅଲାଲପୁର ମୌଜାର ଖତିୟାନ ନଂ ୩୫୫ ପ୍ଲଟ ନମ୍ବର ୨୨୦ର ୨.୩୭ଏକର ଜମିରେ ହେବାକୁ ଥିବା ଏହି ଗୋଶାଳା ଲାଗି ଜମି ଚିହ୍ନଟ ବେଳେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଓ ତହସିଲଦାର ସତ୍ୟଜିତ ମହାନ୍ତି, ଆରଆଇ ସରୋଜ ଭଞ୍ଜ, ସୁପରଭାଇଜର ଶରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଫଳରେ ଗୋ-ରକ୍ଷକ ସଂଗଠନ ଓ ସାଧାରଣ ଲୋକଙ୍କ ଭିତରେ ଖୁସିର ଲହରୀ ଖେଳି ଯାଇଛି। ଏ ନେଇ ନଗରପାଳ ପ୍ରତିପ ପ୍ରଧାନଙ୍କୁ ପଚାରିବାରୁ ବିଧାୟକଙ୍କ ପ୍ରଚେଷ୍ଟା ଜାରି ରହିଛି, ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## କାର୍ଯ୍ୟକାରୀ ହେଉନି ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ

ବାଲେଶ୍ୱର, ୪।୧୨(ସମିସ): ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣରେ ବୃହତ ବନ୍ଦର ପ୍ରତିଷ୍ଠା ନେଇ ଘୋଷିତ ପ୍ରକଳ୍ପ ଏଯାବତ୍ କାର୍ଯ୍ୟକାରୀ ହୋଇପାରିନାହିଁ। ନିର୍ମାଣାଧୀନ ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପର ବର୍ତ୍ତମାନର ସ୍ଥିତାବସ୍ଥା, ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଥିବା ଅନୁଦାନର ପରିମାଣ, ପ୍ରକଳ୍ପ ବିଳମ୍ବିତ ହେବାର କାରଣ ଆଦି ସମ୍ପର୍କରେ ବିଧାନସଭାର ପ୍ରଶ୍ନକାଳରେ ପ୍ରଶ୍ନ ଉଠାଯାଇଛି। ସୁବର୍ଣ୍ଣରେଖା ବନ୍ଦର ପ୍ରକଳ୍ପ କେତେ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେବ ତଥା ଏହି ପ୍ରକଳ୍ପ ମାଧ୍ୟମରେ କେତେ ନିଯୁକ୍ତି ସୃଷ୍ଟି ହୋଇପାରିବ, ସେ ସମ୍ପର୍କରେ ବିଧାନସଭାରେ ତଥ୍ୟ ମାଗାଯାଇଥିଲା। ସରକାରଙ୍କ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ମୁହାଣରେ ପ୍ରତିଷ୍ଠା ହେବାକୁ ଥିବା ବନ୍ଦରର ପ୍ରାରମ୍ଭିକ କାର୍ଯ୍ୟ ସହିତ ସଡକ ପଥ ଓ ରେଳପଥ ନିମିତ୍ତ ଜମି ଅଧିଗ୍ରହଣ କାର୍ଯ୍ୟ ଜାରି ରହିଛି। ସରକାରୀ-ଘରୋଇ ସହଭାଗିତା (ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ)ରେ କାର୍ଯ୍ୟକାରୀ ହେଉଥିବା ଏହି ବନ୍ଦରର ବିକାଶ କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨୩୪୫ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି। ଏହି ପ୍ରକଳ୍ପ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ଅର୍ଥ ମଞ୍ଜୁର କରାଯାଇ ନଥିବା ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବିଧାନସଭାରେ ସୂଚନା ଦେଇଛନ୍ତି। ତେବେ କିଛି କାରଣ ବଶତଃ ବନ୍ଦର ପ୍ରତିଷ୍ଠା ବିଳମ୍ବିତ ହୋଇଥିବା ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି। ବନ୍ଦର ପ୍ରତିଷ୍ଠା ନିୟମ ଅନୁଯାୟୀ ହୋଇଥିବା ସରକାରୀ-ଘରୋଇ ସହଭାଗୀତା ଏମଓୟୁ ବିରୋଧରେ ୨୦୧୧ ମସିହାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନ ସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ୨୦୧୬ ମସିହାରେ ଉଚ୍ଚ ନ୍ୟାୟାଳୟ ଏହି ମାମଲାକୁ ଖାରଜ କରିଦେବା ପରେ ବନ୍ଦର ନିର୍ମାଣ ପାଇଁ ପଥ ପରିଷ୍କାର ହୋଇଥିଲା। ସେହିପରି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୨୦୧୭ ମସିହା ଅଗଷ୍ଟ ମାସ ୨୫ ତାରିଖରେ ମଞ୍ଜୁରି ପ୍ରଦାନ କରିବା ବନ୍ଦର ପ୍ରତିଷ୍ଠା ବିଳମ୍ବିତ ହେବାର ଅନ୍ୟ ଏକ କାରଣ। ସମ୍ପ୍ରତି ବନ୍ଦରର ବିକାଶ ନିମିତ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି। ଏହି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହେଲେ ପ୍ରାୟ ୧୨, ୦୦୦ ଯୁବକ ଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା ପ୍ରକାଶ କରାଯାଇଛି।

## ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ

ବାଲେଶ୍ୱର, ୪।୧୨(ସମିସ): ଜିଲ୍ଲାପାଳଙ୍କ ନୂତନ କାର୍ଯ୍ୟାଳୟ ଅଡିଟରିୟମ ହଲ୍‌ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ସମ୍ପର୍କିତ ଏକ ତାଲିମ କାର୍ଯ୍ୟକ୍ରମ ତଥା ଜିଲ୍ଲାସ୍ତରୀୟ ଏକଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହାକୁ ଉଦଘାଟନ କରିଥିଲେ। ଏହି କର୍ମଶାଳା ଆଇସିଡିଏସ୍ କର୍ମୀ, ସ୍ୱାସ୍ଥ୍ୟ କର୍ମଚାରୀ, ଶିଶୁ ଯତ୍ନ ପ୍ରତିଷ୍ଠାନ, ପୋଲିସ୍ କର୍ମୀ ଏବଂ ଚାଇଲ୍ଡ ହେଲ୍ପ ଲାଇନ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗହିର କର୍ମଶାଳାର ଉଦ୍ଦେଶ୍ୟ ଓ ପୃଷ୍ଠଭୂମି ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରିୟଦର୍ଶୀ ରାଜେଶ ପ୍ରମୁଖ ଯୋଗଦେଇ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ରିସୋର୍ସ ପର୍ସନମାନେ ଶିଶୁ ସ୍ୱାସ୍ଥ୍ୟ ଉପରେ ଆଲୋକପାତ କରିଥିଲେ। ଡିସିପିୟୁର ଏନଆଇସି ସୁରକ୍ଷା ଅଧିକାରୀ ସତ୍ୟରଞ୍ଜନ ସ୍ୱାଇଁ ଅନଲାଇନ୍ ଦତ୍ତକ ପ୍ରକ୍ରିୟା ବିଷୟରେ କହିଥିଲେ। ଏହି ଅବସରରେ ପୋଷ୍ୟ ସନ୍ତାନ ଆଇନର ପ୍ରକ୍ରିୟାରେ ଦୁଇ ଜଣ ଦମ୍ପତିଙ୍କୁ ପିଲାଙ୍କୁ ତାଙ୍କ କୋଳକୁ ଦିଆଯାଇଥିଲା।

**ଦୃଷ୍ଟିବାଧିତ ମହିଳା ବିଶ୍ୱକପ କ୍ରିକେଟରେ ଭାରତ ଚାମ୍ପିଅନ**

# ୪ ବିଶ୍ୱବିଜୟିନୀଙ୍କୁ ବାଲେଶ୍ୱରରେ ଭବ୍ୟ ସ୍ୱାଗତ

ବାଲେଶ୍ୱର, ୪।୧୨(ସମିସ)

ଗତ ମାସ ୨୩ ତାରିଖ ଥିଲା ଭାରତ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ପ୍ରଥମ ଥର କରି ଟି-୨୦ବିଶ୍ୱକପରେ ଭାରତର ଦୃଷ୍ଟିବାଧିତ ମହିଳା କ୍ରିକେଟ ଟିମ ନେପାଳକୁ ହରାଇ ବିଶ୍ୱ ବିଜୟୀ ହୋଇଥିଲା। ଆଉ ଏହି ବିଶ୍ୱ ବିଜୟୀ ଟିମରେ ରହିଥିଲେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ୪ ଝିଅ। ସେଥିମଧ୍ୟରୁ ୩ଜଣ ସ୍ଥାନୀୟ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ଅନ୍ୟ ଜଣେ ଭଦ୍ରକ ଠାରେ ପଢୁଛନ୍ତି। ଆଜି ସେମାନେ ବାଲେଶ୍ୱର ଫେରିବା ପରେ ବାଲେଶ୍ୱର ମାଟିରେ ସମସ୍ତଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ



ପକ୍ଷରୁ ସେମାନଙ୍କୁ ଫକୀରମୋହନ ଗୋଲେଇ ଠାରେ ସମ୍ବର୍ଦ୍ଧିତ କରାଯିବା ପରେ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ତାଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି।

ରେମୁଣା ଶାଳବଣୀର ଫୁଲ ସୋରେନ, ଯମୁନାରାଣୀ ଟୁଡୁ ନୀଳଗିରି କଳାକାଦର ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳର ପାର୍ବତୀ ମାର୍ଣ୍ଡି, ଉଦଳା ଅଞ୍ଚଳର ବାସନ୍ତୀ ହାଁସଦା। ଏପରିକି ବାଲେଶ୍ୱର ମାଟିର ଝିଅ ଫୁଲ ଇଣ୍ଡିଆ ଟିମର ଉପଅଧିନାୟକ ମଧ୍ୟ ରହିଥିଲେ। ଫୁଲ ଏବଂ ବାସନ୍ତୀ ପୂର୍ବରୁ ବାଲେଶ୍ୱର ରାଣୀପାଟଣାସ୍ଥିତ ଦୃଷ୍ଟିହୀନ ବିଦ୍ୟାଳୟରେ ରହି ପାଠ ପଢୁଥିବା ପାର୍ବତୀ ଏହି ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଏହି ଅବସରରେ ଫୁଲ କହିଛନ୍ତି ବିଶ୍ୱକପ ଚାମ୍ପିଅନ ହୋଇ ଆମେ ବହୁତ ଖୁସି।

ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟର ଅଧକ୍ଷ ଦିବାକର ସ କହିଛନ୍ତି ଯେ ଏହି ବିଶ୍ୱକପ ଭାରତ, ପାକିସ୍ଥାନ, ଅଷ୍ଟ୍ରେଲିଆ, ଶ୍ରୀଲଙ୍କା, ନେପାଳ ଆଦି ୬ଟି ଟିମ ଖେଳୁଥିଲେ। ଭାରତ ସମସ୍ତଙ୍କୁ ପରାସ୍ତ କରି ବିଶ୍ୱବିଜୟୀ ହୋଇଥିଲା। ଏଥିରେ ଓଡ଼ିଶାର ୪ଜଣ ଖେଳାଳୀଙ୍କ ମଧ୍ୟରୁ ରାଣୀପାଟଣା ବିଦ୍ୟାଳୟର ତିନିଜଣ ପିଲା ରହିଥିଲେ। ଏହା ବାଲେଶ୍ୱର ପାଇଁ ନୁହେଁ ସାରା ଭାରତ ବର୍ଷ ପାଇଁ ଗର୍ବର ବିଷୟ।

ଜିଲ୍ଲାପାଳ ଶ୍ରୀ ବିକାଶ କହିଛନ୍ତି ଯେ, ବିଶ୍ୱକପ ବିଜୟୀ ଦଳର ଏହି ଖେଳାଳୀଙ୍କ ପାଇଁ ବାଲେଶ୍ୱର, ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ସହ ପୁରା ଓଡ଼ିଶା ଗୌରବାନ୍ୱିତ। ସେମାନେ ଆମ ପାଇଁ ମଧ୍ୟ ଉଦାହରଣ ସାଜିଛନ୍ତି। ସେମାନଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ଆଲୋଚନା ମଧ୍ୟ ହୋଇଥିଲା। ଆଗକୁ ମଧ୍ୟ ଏଭଳି ପିଲାମାନେ ମଧ୍ୟ ବାଲେଶ୍ୱର ପାଇଁ ନାଁ ରଖିବେ। ଜିଲ୍ଲା ପ୍ରଶାସନ ସହଯୋଗ ଯୋଗାଇ ଦେବ।

## ଜିଲ୍ଲା ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା

ବାଲେଶ୍ୱର, ୪।୧୨(ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ୮୧ ତମ ଜିଲ୍ଲା ବାର୍ଷିକ ଦୌଡକୁଦ କ୍ରୀଡା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ଓ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଡିଆଇଜି ପିନାକ ମିଶ୍ର ଯୋଗଦେଇ ପିଲାମାନଙ୍କୁ ପୁରସ୍କାର ବିତରଣ କରି ସେମାନଙ୍କୁ ଉତ୍ସାହିତ କରିଥିଲେ। ଜିଲ୍ଲା କ୍ରୀଡା ସଂଘର ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ବାଲେଶ୍ୱରର କ୍ରୀଡା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରୀଡା ସଂଘର ଉପସଭାପତି ଜଗଦିଶ ବେହେରା, ଅମର ମହାନ୍ତ, କୋଷାଧକ୍ଷ ବିଷ୍ଣୁପ୍ରସାଦ ମହାନ୍ତି, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ସଞ୍ଜୟ ଲେଙ୍କା, କାର୍ତ୍ତିକ ଚନ୍ଦ୍ର ନାୟକ, ନିମାଇଁ ଚରଣ ରାଉତରାୟ, ଜନ୍ମଜୟ ଦେ ଓ ସଭ୍ୟ ସୁଜୟ ଆଚାର୍ଯ୍ୟ, ପ୍ରଦିପ କୁମାର ଦାସ, ରବିନ ମିତ୍ର, ଦିଲ୍ଲୀପ ଜେନା, ଗୋପାଳ ସେଠୀ, ରବୀନ୍ଦ୍ର ସାହୁ, ଅକ୍ଷୟ ଆଶ ଏବଂ ଜିଲ୍ଲା କ୍ରୀଡା ସଂଘର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ବାୟୋପ୍ରଯୁକ୍ତି ଗବେଷଣା ଉପରେ ବିଶେଷ ବ୍ୟାଖ୍ୟାନ



ବାଲେଶ୍ୱର, ୪।୧୨(ସମିସ): ଗବେଷଣାରତ ଛାତ୍ରଛାତ୍ରୀଙ୍କୁ ଜୀବସୁରକ୍ଷା ନିୟମାବଳୀ ଅନୁଯାୟୀ ଦାୟିତ୍ୱବାନ ଓ ସୁରକ୍ଷିତ ଗବେଷଣା ପ୍ରତି ଜାଗୃତ କରିବା ଉଦ୍ଦେଶ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ବାୟୋପ୍ରଯୁକ୍ତି ବିଭାଗ ଦ୍ୱାରା ଏକ ବିଶେଷ ବ୍ୟାଖ୍ୟାନ ଆୟୋଜିତ ହୋଇଯାଇଛି। ବାୟୋପ୍ରଯୁକ୍ତି ଭିତ୍ତିକ ଗବେଷଣା କାର୍ଯ୍ୟ କରୁଥିବା ପ୍ରତ୍ୟେକ ଶିକ୍ଷା ଓ ଗବେଷଣା ସଂସ୍ଥାରେ ସଂସ୍ଥାଗତ ଜୀବସୁରକ୍ଷା ସମିତି ଗଠନକୁ ବାଧ୍ୟତାମୂଳକ କରାଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟ ପ୍ରଥମ ସଂସ୍ଥାଗତ ଜୀବସୁରକ୍ଷା ସମିତି ସଭାରେ ଗବେଷଣାକାରୀମାନଙ୍କ ପାଇଁ ଜୀବସୁରକ୍ଷା ନିୟମାବଳୀ ଉପରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀଙ୍କ ନେତୃତ୍ୱ ଓ ପରାମର୍ଶରେ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଅତିଥି ଭାବେ ଉପସ୍ଥିତ ଥିଲେ।

ଏହି ଅବସରରେ ଭୁବନେଶ୍ୱରସ୍ଥିତ ଜୀବବିଜ୍ଞାନ ଅନୁଷ୍ଠାନର ପ୍ରତିଷ୍ଠିତ ଗବେଷକ ଡ. ଶୁଭୋବ୍ରତ ମଜୁମଦାର ମୁଖ୍ୟ ଅଭିଭାଷକ ଭାବେ ବିଶେଷ ବ୍ୟାଖ୍ୟାନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନ ସହକାରୀ ଅଧ୍ୟାପିକା ପୁନମ କୁମାରୀ କରିଥିଲେ ଓ ସହକାରୀ ଅଧ୍ୟାପିକା ଶୁଭଶ୍ରୀ ମହାଳିକ କୃତଜ୍ଞତା ଜଣାଇଥିଲେ।

## ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଭିନ୍ନକ୍ଷମ ଦିବସ




ବାଲେଶ୍ୱର, ୪।୧୨(ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଣୀପାଟଣା ଦୃଷ୍ଟିହୀନ ବିଦ୍ୟାଳୟରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତ ବିଚାରପତି ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ସୁମନ୍ ଜେନା ଅଧକ୍ଷତା କରି ଭିନ୍ନକ୍ଷମଙ୍କ ଅଧିକାର ସୁରକ୍ଷା ପାଇଁ ପ୍ରଣୟନ କରାଯାଇଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ର ଚିଫ୍ ଲିଗାଲ୍ ଏଡ୍ ଡିଫେନ୍ସ କାଉନ୍ସେଲ୍ ନଟଗୋପାଳ ପଣ୍ଡା, ତଥା ବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର, ୪।୧୨(ସମିସ): ଶ୍ରୀଜଗନ୍ନାଥ ଏଜୁକେଶନାଲ ଫାଉଣ୍ଡେସନ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ୱାଇଆରସି ଓ ଏନ୍ ଏସ୍ ଏସ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ୱାଇଆରସି ସଂଯୋଜକ ଅଧ୍ୟାପକ ଶାନ୍ତନୁ କୁମାର ପତି ଓ ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗଣେଶ ତିଆଡ଼ି ଛାତ୍ରଛାତ୍ରୀଙ୍କୁ




ଏଡସ୍ ଭୟାବହତା ସମ୍ପର୍କରେ ସଚେତନ କରାଇଥିଲେ। ମହାବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ଶଶିକାନ୍ତ ମହାନ୍ତି ଓ ଅଧ୍ୟାପକ ନିରଞ୍ଜନ ବେହେରା ଏଡସ ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ରଶ୍ମୀପ୍ରଭା ବାରିକ, କୈଳାଶ ଚନ୍ଦ୍ର ସାମଲ, ଜୟନ୍ତ କୁମାର ସେଠି, ତାପସୀ କୁଅଁର, ସୁଚରିତା ଶିଅଳ, ପ୍ରଦୀପ ଦାସ, ଅଂଶୁରେଖା ନାୟକ, ବିକାଶ ନାୟକ, ଗଣେଶ ପଲାଇ, ବାସୁଦେବ ପଣ୍ଡା, ପ୍ରଭାକର ପରିଡ଼ା, ପ୍ରଫୁଲ୍ଲ କୁମାର ଦାସ, ସରୋଜ ମଣ୍ଡଳ, ସୁକାନ୍ତି ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଆ ଅଧ୍ୟାପକ କୈଳାଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସାଇ ଧାମ'ର ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର, ୪।୧୨(ସମିସ): ବାଲେଶ୍ୱର ସହରର ଓମ ଶ୍ରୀ ଶିରିଡ଼ି ସାଇ ମହିମା ସଂସ୍ଥାନ ଟ୍ରଷ୍ଟର ଗୋପାଳଗାଁସ୍ଥିତ ଶିରିଡ଼ି ସାଇ ମନ୍ଦିର 'ସାଇ ଧାମ'ର ଚତୁର୍ଥ ପ୍ରତିଷ୍ଠା ଉତ୍ସବ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତର ବିରଞ୍ଚି ନାରାୟଣ ମହାନ୍ତି ଓ ତାଙ୍କ ଧର୍ମପତ୍ନୀ ମିନାକ୍ଷୀ ମହାନ୍ତି ସଂକଳ୍ପି ଭାବେ ଉପବିଷ୍ଟ ହୋଇ ଯଜ୍ଞାଦିକର୍ମରେ ସମ୍ପନ୍ନ କରିଥିଲେ।

ସାଇମନ୍ଦିରର ପ୍ରତିଷ୍ଠାତା ତଥା ସାଇ ମନ୍ଦିର ପରିଚାଳନା ସମିତିର ମୁଖ୍ୟ ନିରୋଦ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସାଇମନ୍ଦିରର ପରିଚାଳନା କମିଟିର ସଦସ୍ୟ ଅମର ମହାନ୍ତି, ଅଭୟ ମହାପାତ୍ର, ବିପ୍ଳବ ମହାନ୍ତି, ନିକୁଞ୍ଜ ମହାନ୍ତି, ଶିରିଶ ଜେନା, ପ୍ରଦୀପ ଦାସ, ଚିତ୍ତରଞ୍ଜନ ଓଝା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲାରେ ତୁରନ୍ତ ଧାନମଣ୍ଡି ଖୋଲିବା ଦାବି

ବାଲେଶ୍ୱର, ୪।୧୨(ସମିସ)

କୃଷିକ୍ଷେତ୍ରରେ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ବାଲେଶ୍ୱର ଜିଲ୍ଲାରେ ଧାନ କଟା ଓ ଖରିଫ ଫସଲ ଅମଳ କାମ ଏବେ ଜୋରସୋରରେ ଚାଲିଛି। ଚାଷୀ ତାର ଅମଳ ଧାନ ଘରକୁ ଆଣୁଆଣୁ ଏଣେ ବାହାର ରାଜ୍ୟର ଅସାଧୁ ବେପାରୀ ଓ ମିଲ ମାଲିକ ଅଳ୍ପ ଦରରେ ଚାଷୀଙ୍କ ଠାରୁ ଧାନ କିଣିବା ଲାଗି ଲାଇନ ଦେଲେଣି। ତେଣେ ଚାଷୀ ବିଚରା ଧାନ



କରଜ ଶୁଝିବା ପାଇଁ ସରକାରୀ ଦରରେ ତାର ଉତ୍ପାଦିତ ଧାନକୁ ଉଚିତ ଦରରେ ବିକ୍ରି କରିବା ଲାଗି ଚାହିଁବସିଛି। ଜିଲ୍ଲାରେ ଧାନ ଅମଳ କାର୍ଯ୍ୟ ପ୍ରାୟ ୫୦ ପ୍ରତିଶତ ସରିବାକୁ ବସିଲାଣି କିନ୍ତୁ ଏ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ସରକାରୀ କଳ, ସମବାୟ ଓ ଯୋଗାଣ ବିଭାଗ ପକ୍ଷରୁ ଜିଲ୍ଲାରେ ଧାନମଣ୍ଡି ଖୋଲାଯାଇନି ଗତ ଦୁଇ ତିନିମାସ ପୂର୍ବରୁ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଯୋଗୁଁ ଚାଷୀ ବିଚରା ପଞ୍ଜୀକରଣ କରିବାରେ ହନ୍ତସନ୍ତ ହୋଇଥିବା ବେଳେ ପ୍ରକ୍ରିୟାରୁ ମଧ୍ୟ ବହୁଚାଷୀ ବାଦ ପଡ଼ିଛନ୍ତି। ଏ କ୍ଷେତ୍ରରେ ସରକାର ଜିଲ୍ଲାର ସମସ୍ତ ଗ୍ରାମପଞ୍ଚାୟତରେ ଧାନମଣ୍ଡି ଖୋଲିବା, ଧାନ କୁଇଣ୍ଟାଲ ପିଛା ୩୧୫ଶହ ଟଙ୍କା ଦରରେ କିଣିବା, ବିନା କଟନୀ ଛଟନୀ ଏବଂ ବିନା ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗଚାଷୀଙ୍କର ସମସ୍ତ ବଳକା ଧାନ ଉଚିତ ଦରରେ କିଣିବା, ଫସଲ ବୀମାରେ ଥିବା ସମସ୍ତ ଅସଂଗତିକୁ ଦୂର କରିବା, ୫୫ବର୍ଷ ବୟସରେ ଉପନୀତ ସମସ୍ତ ଚାଷୀଙ୍କୁ ୧୦ହଜାର ଟଙ୍କା ଚାଷୀ ଭତ୍ତା ପ୍ରଦାନ କରିବା, ଆସନ୍ତା ରବି ଓ ଡାଲୁଅ ଧାନ ଫସଲ ଚାଷ ପାଇଁ ଚାଷୀଙ୍କୁ ରିହାତି ଦରରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇଦେବା, ଅକାମୀ ହୋଇ ପଡ଼ିଥିବା ସମସ୍ତ ଉଠା ଜଳସେଚନ ପଏଣ୍ଟ ଓ କେନାଲକୁ କାର୍ଯ୍ୟକ୍ଷମ କରିବା, ନଦୀମାତୃକାର ଜିଲ୍ଲା ଭାତହାଣ୍ଡି ରୂପେ ପରିଚିତ ବାଲେଶ୍ୱର ଜିଲ୍ଲାରେ ପ୍ରବାହିତ ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା, ସୋଣ, ଗଙ୍ଗାହାର ଓ କାଂଶବାଂଶ ଆଦି ନଦୀରେ ଛୋଟବଡ ବ୍ୟାରେଜ ଏବଂ ଚେକ ଡ୍ୟାମମାନ ନିର୍ମାଣ କରି ନଦୀ ଅବବାହିକାର ସମସ୍ତ ଚାଷଜମିକୁ ଜଳସେଚନର ସୁବ୍ୟବସ୍ଥା କରିବା ଆଦି ୭ଦଫା ଦାବି ନେଇ ଆଜି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ରାଜ୍ୟବ୍ୟାପୀ ଦାବି ଦିବସ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ଚାଷୀ ପ୍ରତିନିଧିମାନେ ଆସି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ଦଳରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସର ଉପସଭାପତି ଅରୁଣ ଜେନା, ବାଲେଶ୍ୱର ଜିଲ୍ଲା କିଷାନ କଂଗ୍ରେସ ସଭାପତି ଜୟନ୍ତ ମହାପାତ୍ର, କିଷାନ କଂଗ୍ରେସ ରାଜ୍ୟ ମୁଖପାତ୍ର ତୁଷାର ମହାପାତ୍ର, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ଯଶୋଦାନନ୍ଦନ ସିଂହ, ତରୁଣ ଦାସ, କହ୍ନେଇ ଚରଣ ବେହେରା, ସୁଧାଂଶୁ ଜେନା, ବିଜନ ନାୟକ, ଚାଷୀନେତା ପ୍ରଦୀପ ବେହେରା, ଯୋଗେଶ୍ୱର ବେହେରା, ପ୍ରଦୀପ ପରିଡ଼ା, ଉପେନ୍ଦ୍ର ବେହେରା, ଚକ୍ରଧର ଦାସବାବୁ, ହେମନ୍ତ ନାୟକ, ସନ୍ୟାସୀ ଜେନା, ଭାଗିରଥି ବେହେରା, ଦେବବ୍ରତ ନାୟକ, ଅବିନାଶ ନାୟକ, ମୁରଲିଧର ଦାସ, ଗଣେଶ ଭକ୍ତା, ଶିବାନନ୍ଦ ଦାସ, ମଧୁସୂଦନ ବାରିକ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ମଦନମୋହନ ଭକ୍ତା, ହାଡ଼ିବନ୍ଧୁ ମହାପାତ୍ର, ନରହରି ଘଡାଇ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



● ଯୁବକଙ୍କୁ ଅପହରଣ

## ୫ ଜଣଙ୍କୁ ଉଠାଇ ଆଣିଲା ପୁଲିସ

ରାଜନଗର,୪ ।୧୨(ସମିସ): ରାଜନଗର ଥାନା ଡିଆପାରି ଗାଁର ବଳରାମ ସେଠୀଙ୍କୁ ଅପହରଣ କରାଯାଇଛି । ସାନବଡ଼ ଗୋପାଳପୁର ବଜାରରେ ବିଦେଶୀ ଠିପିବନ୍ଦ ମଦ ଦୋକାନ ନିକଟରେ ବଳରାମଙ୍କ ଚାଖଣା ଦୋକାନ ରହିଛି । ୫ ଦିନ ତଳେ ବଳରାମଙ୍କୁ ଅପହରଣ କରଯାଇଥିଲା । ବଳରାମଙ୍କ ପୁଅ ଗୁଡ୍ଡୁ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏହି ଘଟଣାରେ ଅପହରଣ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି । ମାସେ ତଳେ ଚାଖଣା କିଣିବା ସମୟରେ ବଳରାମଙ୍କ ସହ କିଛି ଯୁବକଙ୍କ ପାଟିତୁଣ୍ଡ ହୋଇଥିଲା । ପୁଲିସ ଏହି ଘଟଣାରେ ଗୁରୁବାର କୋଇଲିପୁର ଅଞ୍ଚଳରୁ ୫ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଛି ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୪ ।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଗଙ୍ଗାରାମପୁର ପଞ୍ଚାୟତ ହାଇସ୍କୁଲ ଓ ସିଦ୍ଧ ପରମହଂସ ଉଚ୍ଚ ପ୍ରାଥମିକ ସ୍କୁଲର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ କ୍ରୀଡ଼ା ଶିକ୍ଷକ ବଙ୍ଗାଳୀ ଚରଣ ମଲ୍ଲିକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ହାଇସ୍କୁଲ ପରିଚାଳନା କମିଟି ସଭାପତି ବଙ୍ଗାଳୀ ଚରଣ ତରାଇ, ପୂର୍ବତନ ଶିକ୍ଷା ଅନୁନିରୀକ୍ଷକ ବିଜୟ କୁମାର ଜେନା, ମଦନପୁର ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ବେହେରା, ଆଳି ବ୍ଲକ ପ୍ରାକ୍ତନ ବିଆରସିସି ଉଦକର ସାମଲ, ସିଦ୍ଧ ପରମହଂସ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ପୃଷ୍ଟି, ସିଆରସିସି ରଞ୍ଜନ କୁମାର ବେହେରା, ପ୍ରାକ୍ତନ ପ୍ରଧାନଶିକ୍ଷକ ଭାବଗ୍ରାହୀ ଦାସ, ପ୍ରାକ୍ତନ ସିଆରସିସି ରମେଶ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ପ୍ରଭାକର ଦାସ, ସମାଜସେବୀ ପ୍ରମୋଦ କୁମାର ଗାହାଣ, ରଞ୍ଜିତ ତରାଇ, ବନମାଳୀ ତରାଇ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦାୟୀ କ୍ରୀଡ଼ା ଶିକ୍ଷକ ମଲ୍ଲିକଙ୍କ କର୍ମମୟ ଜୀବନ ଓ କ୍ରୀଡ଼ା ବିକାଶ କ୍ଷେତ୍ରରେ ତାଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷକ ସନ୍ତୋଷ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଅକ୍ଷୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ସନ୍ତୋଷ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଭୟ ମହାରଣା, ଶିଶିର ସାହୁ, ପ୍ରମୋଦ ତ୍ରିପାଠୀ, ଭରତ ସ୍ୱାଇଁ ରବୀନ୍ଦ୍ରନାଥ ଜେନା, ହରିହର ବାରିକ, ସତ୍ୟବ୍ରତ ସ୍ୱାଇଁ, ସତ୍ୟବାନ ତରାଇ ପ୍ରମୁଖ ଅଭିଭାଷଣ ରଖିଥିଲେ । ବିଦାୟୀ କ୍ରୀଡ଼ା ଶିକ୍ଷକଙ୍କୁ ଅତିଥିମାନେ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନ ଛାତ୍ରଛାତ୍ରୀ, ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇଥିଲେ । ବିଜୟ କୁମାର ନାୟକ ଧନ୍ୟବାଦ ଦେଇଥିଲେ ।

## ଶିବାନନ୍ଦ ଆଶ୍ରମରେ ଗୀତା ଜୟନ୍ତୀ



କେନ୍ଦ୍ରାପଡ଼ା,୪ ।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତ ଗରାପୁରସ୍ଥିତ ଦିବ୍ୟଜୀବନ ସଙ୍ଘ ଶିବାନନ୍ଦ ଆଶ୍ରମରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଛି । ଏହି ଉପଲକ୍ଷେ ଆଶ୍ରମ ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କଦ୍ୱାରାଶ୍ରୀମଦ୍‌ଭଗବତଗୀତାସମ୍ପୂର୍ଣ୍ଣପାରାୟଣଓହବନଯଜ୍ଞସମ୍ପାଦନ ହୋଇଛି । ଶିବାନନ୍ଦ ବିଦ୍ୟାମନ୍ଦିରର, ଗୁରୁଜୀ, ଗୁରୁମା, ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସମସ୍ତ କାର୍ଯ୍ୟକ୍ରମ ହୋଇଥିଲା । ବ୍ରହ୍ମଚାରୀ ନୃସିଂହ ନାଥ ଦାସ ଉପସ୍ଥିତ ଥିଲେ ।

## ଶ୍ରୀଧର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



କେନ୍ଦ୍ରାପଡ଼ା,୪ ।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ସାହସପୁର ଗ୍ରାମର ଶତାୟୁ ଶ୍ରୀଧର ମହାପାତ୍ରଙ୍କ ଏକାଦଶାହରେ ତାଙ୍କ ବାସଭବନରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି । ଏଥିରେ ପଦ୍ମଲୋଚନ ମହାପାତ୍ର, ଅଧ୍ୟାପକ ଖଗେଶ୍ୱର ମହାପାତ୍ର, ହରେକୃଷ୍ଣ ମହାପାତ୍ର, କାଳୀଚରଣ ମହାପାତ୍ର, ସଚ୍ଚିଦାନନ୍ଦ ମହାପାତ୍ର, ଦୀପକ କୁମାର ମହାପାତ୍ରଙ୍କ ସମେତ ବନ୍ଧୁ ଓ ପରିବାର ବର୍ଗ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ବିଇଓଙ୍କ ବଦଳି ଆଦେଶକୁ ଅବମାନନା ଘଟଣା

# ୯ ଦିନ ପରେ ବି ନୂତନ ସ୍ଥାନରେ ଯୋଗଦେଲେନି ଶିକ୍ଷକ

ରାଜନଗର,୪ ।୧୨(ସମିସ): ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ଦୂର କରିବା ପାଇଁ ଗତ ୨୬ ତାରିଖରୁ ବିଇଓ ଶିକ୍ଷକଙ୍କୁ ସାମୟିକ ଭାବେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ ବି ଶିକ୍ଷକ ଜଣକ ଆଜିଯାଏଁ ନୂତନ ସ୍ଥାନରେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି । ସରକାରୀ ଚିଠିର ୯ ଦିନ ପରେ ବି ଶିକ୍ଷକ ନୂତନ ବିଦ୍ୟାଳୟରେ ଯୋଗ ନ ଦେବା ଉଦବେଦ ସୃଷ୍ଟି କରିଛି । ପ୍ରଭାବଶାଳୀ ଏହି ଶିକ୍ଷକ ଜଣକ ବିଇଓଙ୍କ ନିର୍ଦ୍ଦେଶକୁ କେବଳ ଅମାନ୍ୟ କରିନାହାନ୍ତି ବରଂ ଛାତ୍ରଛାତ୍ରୀଙ୍କୁ ରାସ୍ତାକୁ ଆଣି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ ମଧ କରିଥିଲେ । ଏ ନେଇ ସମ୍ପୃକ୍ତ ସହକାରୀ ଶିକ୍ଷକଙ୍କୁ କାରଣଦର୍ଶାଅ ନୋଟିସ ଜାରି କରାଯିବା ସହ ଦରମା ବନ୍ଦ କରାଯାଇଥିଲା । କାରଣଦର୍ଶାଅ ନୋଟିସର ଉତ୍ତର ଶିକ୍ଷକ ନିରଞ୍ଜନ ପଲାଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି । ଉତ୍ତରରେ ଲେଖିଛନ୍ତି ଯେ ସମ୍ପୃକ୍ତ ସ୍କୁଲ କର୍ତ୍ତୃପକ୍ଷଙ୍କ ପ୍ରବଳ ଚାପ ଯୋଗୁଁ ମୁଁ ନୂଆଗାଁ ସ୍କୁଲରେ କ୍ଲାସ କରିବାର କୌଣସି

### କାରଣଦର୍ଶାଅ ନୋଟିସର ଉତ୍ତର; ସ୍କୁଲ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁଁ ଯାଇପାରୁନି

ସୁଯୋଗ ପାଉନାହିଁ । ଯେଉଁଦିନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ବନ୍ଦ କରି ରାସ୍ତାରେ ବସିଥିଲେ ସେ ଦିନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ସାହୁ ଆପଣଙ୍କ (ବ୍ଲକ ଶିକ୍ଷାଧିକାରୀ) ସହ ଟେଲିଫୋନରେ କଥା ହୋଇଥିଲେ । ଆପଣ ବଦଳି ନିର୍ଦ୍ଦେଶ ବାତିଲ କରିବାକୁ ଟେଲିଫୋନରେ ପତିଶ୍ରୁତି ଦେଇଥିଲେ । ଏଥିପାଇଁ ନୂତନ ସ୍ଥାନରେ ଯୋଗ ଦେଇ ନ ଥିବା ନିରଞ୍ଜନ କାରଣଦର୍ଶାଅ ନୋଟିସର ଉତ୍ତରରେ ଜଣାଇଛନ୍ତି ।

ସୂଚନାଯୋଗ୍ୟ, ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୮ ଶ୍ରେଣୀକୁ ମାତ୍ର ୨ ଶିକ୍ଷକ ଅଛନ୍ତି । ଶିକ୍ଷକ ଅଭାବ ପାଇଁ ବିଦ୍ୟାଳୟରେ ପାଠପଢ଼ା ଏକ ପ୍ରକାର ନାହିଁ କହିଲେ ଚଳେ । ମଧ୍ୟାହ୍ନଭୋଜନ ଓ ପିଲାଙ୍କୁ ଜଗିବାରେ ଦୁଇ ଶିକ୍ଷକଙ୍କ ସମୟ ଯାଉଛି । ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକମାନେ ଗତ ୨୬ ତାରିଖ ସ୍କୁଲରେ ତାଲା ପକାଇଥିଲେ । ଅନ୍ୟପଟେ ହାତିନାସ୍ଥିତ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ ଶ୍ରେଣୀ ପାଇଁ ୨୨ ଶିକ୍ଷକ ଥିବାରୁ ସହକାରୀ ଶିକ୍ଷକ ନିରଞ୍ଜନ ପଲେଇଙ୍କୁ ନୂଆଗାଁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଟେକ କ୍ଲାସରେ ଯୋଗଦେବା ପାଇଁ ବିଇଓ ନିର୍ଦ୍ଦେଶ ଦେଇଥିଲେ । ତେବେ ୨୭ ତାରିଖ ସକାଳେ ନିରଞ୍ଜନ ନୂଆଗାଁ ବିଦ୍ୟାଳୟରେ ଯୋଗଦେବାକୁ ଗଲେନାହିଁ । ବରଂ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ବସିଥିଲେ । କୋମଳମତି ଛାତ୍ରଛାତ୍ରୀଙ୍କୁ କିଏ ରାସ୍ତାକୁ ଆଣିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହା ପଛରେ ଥିବା ରାଜନୀତିକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ଏ ସମ୍ପର୍କରେ ବିଇଓ ମନୋରଞ୍ଜନ ସେଠୀଙ୍କୁ ପଚାରିବାରୁ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ଜିଲ୍ଲାପାଳ କାର୍ଯ୍ୟାଳୟରୁ ଚୋରି

କେନ୍ଦ୍ରାପଡ଼ା,୪ ।୧୨(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷା ବ୍ୟବସ୍ଥା ଉପରେ ପୁଣି ପ୍ରଶ୍ନ ଉଠିଛି । କାର୍ଯ୍ୟାଳୟରୁ ୧୧ଟି କମ୍ପ୍ୟୁଟର ଚୋରି ହୋଇଥିବା ଅଭିଯୋଗ ଆସିଥିଲା । ହେଲେ ସେଗୁଡ଼ିକ କମ୍ପ୍ୟୁଟର ନୁହେଁ, ଇନଭର୍ଟର ବ୍ୟାଟେରୀ ବୋଲି ଜିଲ୍ଲା ପ୍ରଶାସନ କହିଛି । ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ବ୍ୟାଟେରୀ/ଯନ୍ତ୍ରଗୁଡ଼ିକ ପେଟିରେ ପ୍ୟାକ୍ କରାଯାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏକ ସଂରକ୍ଷିତ କକ୍ଷରେ ରଖାଯାଇଥିଲା । କେହି ଦୁର୍ବୃତ୍ତ ସେଗୁଡ଼ିକୁ ଚୋରିକରି ନେଇଥିବା ଅନୁମାନ କରାଯାଉଛି । ତେବେ କେବେ ଓ କିପରି ଏହି ଚୋରି ହୋଇଥିଲା, ତାହା ସ୍ପଷ୍ଟ ହୋଇନାହିଁ । ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଜିଲ୍ଲାପାଳ ରଘୁରାମ ଆର. ଆୟାର ଏହାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତଦନ୍ତ ରିପୋର୍ଟ ଆସିବା ପରେ ସମ୍ପୂର୍ଣ୍ଣ ସତ୍ୟ ଉଜାଗର ହେବ ବୋଲି କୁହାଯାଇଛି ।

## ସରକାରୀ ବିଦ୍ୟାଳୟରେ ବିଜ୍ଞାନ ମେଳା



ପଞ୍ଚୁପାଣ୍ଡବ,୪ ।୧୨(ସମିସ): ଡେରାବିଶ ବ୍ଲକ ବେଣୀପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି । ପ୍ରଧାନଶିକ୍ଷକ ଶଶିକାନ୍ତ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ମେଳାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମୋହନ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ସିଆରସିସି ତ୍ରିଲୋଚନ ମଲ୍ଲିକ, ଛୋଟି ରାମଚଣ୍ଡୀ ଶିକ୍ଷା ନିକେତନର ବିଜ୍ଞାନ ଶିକ୍ଷକ ସତ୍ୟରାମ୍ ବାରିକ, ଶିକ୍ଷାବିତ୍ କାଳୀକିଙ୍କର ସାମଲ ପ୍ରମୁଖ ଯୋଗଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପଗୁଡ଼ିକୁ ଅତିଥିମାନେ ବୁଲି ଦେଖିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସୁନୀତା ସାହୁ, ସୌଭାଗ୍ୟଲକ୍ଷ୍ମୀ ପୃଷ୍ଟି, ତାପସ ସାହୁ, ପ୍ରିୟ ରଞ୍ଜନ ସାହୁ, ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ଗୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଣ୍ଡୁ ପୂର୍ଣ୍ଣିମାରେ ବଳଦେବଜୀଉଙ୍କ 'ଧେନୁକାସୁର ବଧ' ବେଶ

### ସନ୍ଧ୍ୟା ନୀତି ପରେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

କେନ୍ଦ୍ରାପଡ଼ା,୪ ।୧୨(ସମିସ): ପଣ୍ଡୁ ପୂର୍ଣ୍ଣିମା ଅବସରରେ ଗୁରୁବାର ପ୍ରଭୁ ବଳଦେବଜୀଉଙ୍କ ''ଧେନୁକାସୁର ବଧ' ବେଶ ଅନୁଷ୍ଠିତ ହୋଇଛି । ସନ୍ଧ୍ୟା ନୀତି ପରେ ପୂଜାପଣ୍ଡାମାନଙ୍କ ଦ୍ୱାରା ବେଶ କରାଯାଇଥିଲା । ଦର୍ଶନ ପାଇଁ ବହୁ ଭକ୍ତଙ୍କ ଭିଡ଼ ଜମିଥିଲା । ବଳଦେବଜୀଉଙ୍କ ବାହୁ, ଚରଣ, ପ୍ରତୀକାତ୍ମକ ତାଳଗଛ, ଧେନୁ ରୂପୀ ଅସୁରଙ୍କ ପ୍ରତୀକ ଓ ହସ୍ତରେ ହଳ-ମୁଷଳ ଶୋଭା ପାଉଥିଲା । ଭଗିନୀ ସୁଭଦ୍ରାଙ୍କୁ ''ଘେରାପାଟ' ଓ ଭଗବାନ ଜଗନ୍ନାଥଙ୍କୁ ବାହୁ, ଚରଣ ସହ ହସ୍ତରେ ଶଙ୍ଖ-ଚକ୍ର ବେଶରେ ଭକ୍ତମାନେ ଦର୍ଶନ କରିଥିଲେ । ପୌରାଣିକ କଥାବସ୍ତୁ ଅନୁସାରେ, ଦ୍ୱାପରଯୁଗରେ କଂସଙ୍କ ଆଦେଶରେ ମାୟାବୀ ଅସୁର ଧେନୁକା ଧେନୁ (ଗାଈ) ରୂପ ନେଇ କୃଷ୍ଣ-ବଳରାମଙ୍କୁ ବଧ କରିବାକୁ ଚେଷ୍ଟା କରିଥିଲା । ତାଳବନରେ ଲୀଳା ସମୟରେ ପ୍ରଭୁ ବଳରାମ ଧେନୁକାସୁରକୁ ବଧ କରି ଦେବତାମାନଙ୍କୁ ଉଦ୍ଧାର କରିଥିଲେ । ଏହି ଅବସରରେ ଦେବତାମାନେ ବଳରାମଙ୍କୁ ''ତାଳଧ୍ୱଜ ରଥ' ପ୍ରଦାନ କରିଥିଲେ । ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ ଏହି ବେଶର ଆଧ୍ୟାତ୍ମିକ ଏବଂ ପୌରାଣିକ ମହତ୍ତ୍ୱ ବିଷୟରେ ସୂଚନା ଦେଇଥିଲେ ।

## ପ୍ରାକ୍ତନ ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଜନଗର,୪ ।୧୨(ସମିସ): ରାଜନଗର ବ୍ଲକ ସଦଭାବନା ସଭାଗୃହରେ ପ୍ରାକ୍ତନ ବିଡିଓ ଅନିରୁଦ୍ଧ ବେହେରାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉପାଧ୍ୟକ୍ଷ ଗଣେଶଚନ୍ଦ୍ର ଗୁଡ଼ିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସାରଦା ପ୍ରସନ୍ନ ନାୟକ, ସରପଞ୍ଚ ଅଶୋକ କୁମାର ମହାନ୍ତି, ନିରଞ୍ଜନ ରାଉତ, ସସ୍ମିତା ମହାନ୍ତି, ପ୍ରମୋଦ କୁମାର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ପ୍ରଭାତ କୁମାର ମାଝୀ, କଣ୍ଡିରା ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟମାନେ ଯୋଗଦେଇଥିଲେ । ବିଦାୟୀ ବିଡିଓ ବେହେରାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସୂଚନାଯୋଗ୍ୟ ଏହି ବ୍ଲକରେ ନୂତନ ବିଡିଓ ଭାବେ ତିଲୋତ୍ତମା ପୃଷ୍ଟି ଯୋଗଦେବା ପରେ ପୂର୍ବରୁ ଦାୟିତ୍ୱରେ ଥିବା ବିଡିଓ ବେହେରା କେନ୍ଦ୍ରାପଡ଼ା ବ୍ଲକର ଅତିରିକ୍ତ ବିଡିଓ ଭାବେ ଯୋଗଦେଇଛନ୍ତି ।

## ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬

ଡେରାବିଶ,୪ ।୧୨(ସମିସ): ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାଏକ ସ୍ମାରକୀ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-୨୦୨୬ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଗଳ୍ପ ଲିଖନ, ପଦ୍ୟ ଲିଖନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ହୋଥିଲା । ପ୍ରାଧ୍ୟାପକ ବିନୟ କୁମାର ଷଡ଼ଙ୍ଗୀ, ସଞ୍ଜୟ ନାୟକ, ରମାକାନ୍ତ ଦାସ, ପ୍ରଦୀପ ରାଉତ, ବରଦା ପ୍ରସାଦ ଜେନା, ଶଶିଭୂଷଣ ଜେନା ଦିବ୍ୟକୁମାର ଦାସ, ଅଧ୍ୟାପିକା ଶ୍ରୀମତୀ ଦାସ, ମିନାକ୍ଷୀ ପ୍ରଧାନ, ଝରାଶ୍ରୀ ପରିଜା, ସୁକନ୍ୟା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କୃତୀ ଛାତ୍ରଛାତ୍ରୀମାନେ ଆସନ୍ତା ୫ ତାରିଖ ହେବାକୁ ଥିବା ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି କୁହାଯାଇଛି ।

## ଶିକ୍ଷକମାନଙ୍କ ଡେପୁଟେସନ୍ ବାତିଲ

ପଞ୍ଚୁପାଣ୍ଡବ,୪ ।୧୨(ସମିସ): ଡେରାବିଶ ବ୍ଲକର ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ୍‌ରେ ଯିବାକୁ ନିର୍ଦ୍ଦେଶ ଥିବାବେଳେ ଏହି ନିର୍ଦ୍ଦେଶକୁ ବାତିଲ କରାଯାଇଛି । ସମ୍ପୃକ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁଣି ନିଜ ବିଦ୍ୟାଳୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ହୋଇଛି । ଏ ବଦଳିକୁ ନେଇ ଗ୍ରାମବାସୀ ଏବଂ ପରିଚାଳନା କମିଟି ପକ୍ଷରୁ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଅଭିଯୋଗ ହୋଇଥିଲା । କିନ୍ତୁ ସମସ୍ୟା ସମାଧାନ ନ ହେବାରୁ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଥିଲା । ପରେ ଜିଲ୍ଲା ଶିକ୍ଷାଧିକାରୀ ତୁରନ୍ତ ସମାଧାନ କରିବା ପାଇଁ ଡେରାବିଶ ବିଇଓଙ୍କୁ କହିଥିଲେ । ଡିସେମ୍ବର ୧ ତାରିଖ ବିଇଓଙ୍କ ଚିଠି ଆଧାରରେ ଏହି ଡେପୁଟେସନ ବାତିଲ କରାଯାଇଥିବା ଜଣାପଡ଼ିଛି ।




## ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ



ଡେରାବିଶ,୪ ।୧୨(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ମଣ୍ଡଳ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ର ପରିସରରେ ମଣ୍ଡଳସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ବିଇଓ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଡିଓ ନମିତା ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଗୁଆଳସିଂ ସରପଞ୍ଚ ମଧୁସ୍ମିତା ଦାସ ଯୋଗଦେଇ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ପାଠପଢ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଥିଲେ । ସମ୍ମାନିତ ଅତିଥିଭାବେ ଏବିଇଓ ଦେବଦତ୍ତ ଶତପଥୀ, ସଚ୍ଚିକାନ୍ତ ମିଶ୍ର, ଖଗେଶ୍ୱର ନାୟକ, ସିଆରସିସି ଅକ୍ଷୟ ପୋଥାଳ, ସୁଦର୍ଶନ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ କନକଲତା ରାଉତ, ପ୍ରଧାନଶିକ୍ଷକ ଚକ୍ରଧର ନାୟକ ପ୍ରମୁଖ ଯୋଗଦେଇଥିଲେ । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୫ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜୁନିୟର ଓ ସିନିୟର ବର୍ଗରେ ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଗୋଷ୍ଠୀ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଲୋକ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଭବାନୀ ଶଙ୍କର ପଣ୍ଡାଙ୍କ ସମେତ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ ।

ରାଜନଗର: ରାଜନଗର ବ୍ଲକ ଶିକ୍ଷା ବିଭାଗ ତରଫରୁ ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଏବିଇଓ ଶିବଶଙ୍କର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆଜିର ଦିନରେ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସବୁ କ୍ଷେତ୍ରରେ ସଫଳ ହୋଇପାରୁଛନ୍ତି ବୋଲି କହିଥିଲେ । ସିଆରସିସି ରବୀନ୍ଦ୍ର କୁମାର ସେଠୀ, ସମରେନ୍ଦ୍ର ସାହୁ, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ସେଠୀ, ପ୍ରଶାନ୍ତ କୁମାର ସେଠୀ, ବିଆରଟି ରଶ୍ମିରଞ୍ଜନ ଜେନା, ହେମନ୍ତ ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିରେ ବ୍ଲକର ୪୬ ଜଣ ଦିବ୍ୟଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ । ଦିବ୍ୟଙ୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ମ୍ୟୁଜିକ ଚେୟାର, ଚିତ୍ରାଙ୍କନ, କୁଇଜ ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଭିରାମ ପାତ୍ର, ଗଣେଶ୍ୱର ପଲାଇ, କୁଞ୍ଜନ ନାୟକ, ଗଦାଧର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନୂଆ ରୂପରେ ପୁନଙ୍ଗ ହାଟ ପୋଲ



**ଜଗତସିଂହପୁର, ୪।୧୨(ସମିସ):** ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ପୁନଙ୍ଗ ପଞ୍ଚାୟତର ପବିତ୍ର ସିଦ୍ଧବାରଙ୍ଗ କ୍ଷେତ୍ରକୁ ସଂଯୋଗ କରୁଥିବା ପୋଲଟି ବର୍ଷ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିଲା। ପୋଲ ଉପରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ବାଡ଼ା ଭାଙ୍ଗି ପୋଲଟି ଏକପ୍ରକାର ବିପଦସଂକୁଳ ଅବସ୍ଥାରେ ରହିଥିଲା। ଜନସାଧାରଣଙ୍କ ଯାତାୟାତ ପାଇଁ ଅସୁରକ୍ଷିତ ଥିଲା। ଏହି ପୋଲ ଦେଇ ପ୍ରତିଦିନ ଶତାଧିକ ଶ୍ରଦ୍ଧାଳୁ ସିଦ୍ଧବାରଙ୍ଗ ପୀଠ ଏବଂ ଛାତ୍ରଛାତ୍ରୀ ସିଦ୍ଧ ବାରଙ୍ଗ କଲେଜକୁ ଯାତାୟାତ କରିଥାନ୍ତି। ସେହିପରି ମଣ୍ଡାସାହି, ତର୍ତ୍ତଙ୍ଗ, ମଧୁସୂଦନପୁର, କେନ୍ଦାଳ, ସରାମ୍ଭୋ ଏବଂ ଜାହାନପୁର ଅଞ୍ଚଳକୁ ଶହ ଶହ ସଂଖ୍ୟାରେ ଲୋକ ଏହି ପୋଲ ଦେଇ ଯାତାୟାତ କରନ୍ତି। କିଛି ଦିନ ପୂର୍ବେ ସ୍ଥାନୀୟ ବାସିନ୍ଦା, ବୟୋଜ୍ୟେଷ୍ଠ ବ୍ୟକ୍ତି ଏବଂ ପୁନଙ୍ଗ ଜୟଦୁର୍ଗା କ୍ଲବ ସଦସ୍ୟ ଉକ୍ତ ପୋଲ ପୁନଃଉଦ୍ଧାର କରିବା ପାଇଁ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ନିକଟରେ ଦାବି କରିଥିଲେ। ବିଧାୟକ ଜନସାଧାରଣଙ୍କ ଏହି ସମସ୍ୟାଟିକୁ ଗୁରୁତ୍ୱ ଦେଇ ଜଳସେଚନ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ପରେ ଏହି ପୋଲ ବାଡ଼ା ନିର୍ମାଣ ସରି ଆଜି ସର୍ବସାଧାରଣ ଯାତାୟତ ପାଇଁ ନିରାପଦ ହୋଇପାରିଛି।

## ଶିଶୁ ବିଦ୍ୟାମନ୍ଦିରରେ ଗୀତା ଜୟନ୍ତୀ

**ଜଗତସିଂହପୁର, ୪।୧୨(ସମିସ):** ଜଗତସିଂହପୁର ସହରର ବଡବଜାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ବିଦ୍ୟାଳୟ ପରିସରରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୩ଟି ବର୍ଗରେ ମୋଟ ୧୨୦ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ୩ୟରୁ ୫ମ କନିଷ୍ଠ ବର୍ଗରେ ନିବେଦିତା ଦାସ ପ୍ରଥମ, ସ୍ୱାତୀ ସ୍ୱାଗତିକା ଦ୍ୱିତୀୟ ଏବଂ ସମ୍ପୂର୍ଣ୍ଣା ପ୍ରିୟଦର୍ଶିନୀ ତୃତୀୟ ହୋଇଥିଲେ। ଷଷ୍ଠରୁ ଅଷ୍ଟମ ମାଧ୍ୟମ ବର୍ଗରେ ରୋଶନି ଖଟୁଆ ପ୍ରଥମ, ଅଙ୍କିତା ନାୟକ ଦ୍ୱିତୀୟ ଏବଂ ସ୍ୱନ୍ଦନା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ନବମ ଓ ଦଶମ ବରିଷ୍ଠ ବର୍ଗରେ ଶୁଭଶ୍ରୀ ବିଶ୍ୱାଳ ପ୍ରଥମ, ଶୁଭସ୍ମିତା ଦାସ ଦ୍ୱିତୀୟ ଏବଂ ଶଶାଙ୍କ ଶେଖର ସାବତ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଗୁରୁଜୀ ଶ୍ରୀକାନ୍ତ ରାଉତ, ଆଲୋକ ଖଟୁଆ, ରଶ୍ମି ରଞ୍ଜନ ଦାଶ୍ ଏବଂ ଗୁରୁମା ମଧୁସ୍ମିତା ମହାନ୍ତି ମୂଲ୍ୟାୟନ କରିଥିଲେ।

## ୧୨ରେ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ

**ଜଗତସିଂହପୁର, ୪।୧୨(ସମିସ):** ଆସନ୍ତା ୧୨ ତାରିଖରେ ଜଗତସିଂହପୁର ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଅନୁଷ୍ଠିତ ହେବ। ଏ ଅବସରରେ ୧୫ରୁ ୨୯ ବର୍ଷର ଯୁବ ପ୍ରତିଯୋଗୀଙ୍କ ମଧ୍ୟରେ ବକ୍ତୃତା, ଗଳ୍ପ ଲିଖନ, ପଦ୍ୟ ଲିଖନ, ଚିତ୍ରାଙ୍କନ, ଲୋକ ନୃତ୍ୟ, ଲୋକ ସଙ୍ଗୀତ, ବିଜ୍ଞାନ ପ୍ରତିଯୋଗିତା ଆୟୋଜିତ ହେବ। ଜିଲ୍ଲାର ଯୁବ ପ୍ରତିଭାଙ୍କୁ ଏହି ଉତ୍ସବରେ ଅଂଶଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଉତ୍ସବର କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଜଗତସିଂହପୁର ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଏଥିନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କିତ ତଥ୍ୟ ଜିଲ୍ଲା କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅଧିକ ତଥ୍ୟ ନିମନ୍ତେ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଇଣ୍ଡିଆନ୍ ଅଏଲ୍ ରିଫାଇନାରୀରେ ମକ୍‌ଡ୍ରିଲ

**ପାରାଦୀପ, ୪।୧୨(ସମିସ):** ଇଣ୍ଡିଆନ୍ ଅଏଲ୍ ପାରାଦୀପ ରିଫାଇନରୀ ପକ୍ଷରୁ ଏକ ଅନ୍‌ସାଇଟ୍ ଡିଜାଷ୍ଟର୍ ମକ୍‌ଡ୍ରିଲ ଆୟୋଜିତ ହୋଇଛି। ଏଥିରେ ରିଫାଇନରୀ ଜରୁରିକାଳୀନ ପ୍ରତିକ୍ରିୟା ଓ ପ୍ରସ୍ତୁତିର ପ୍ରଭାବ ପ୍ରତିପାଦନ କରିଥିଲା। ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନ୍ସ ଆଣ୍ଡ ଡିଜାଷ୍ଟର୍ ମ୍ୟାନେଜରମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା। ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧି ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ। ପାରାଦୀପ ରିଫାଇନରୀର ଏଫସିସି-ଏଲପିଜି ଟ୍ରେଟିଂ ୟୁନିଟରେ ଯଦି ଏଲପିଜି ଲିକ୍ ହୁଏ, ତାହାକୁ ସଫଳତାର ସହିତ କିପରି ମୁକାବିଲା କରାଯିବ, ସେହି ବିଷୟବସ୍ତୁ ଉପରେ ମକ୍‌ଡ୍ରିଲଟି ଆଧାରିତ ଥିଲା। ଏଥିରେ ଜରୁରିକାଳୀନ ପ୍ରତିକ୍ରିୟା ଓ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଓ ନିୟନ୍ତ୍ରଣ ପଦକ୍ଷେପ ସଠିକ୍ ଭାବେ ସମନ୍ୱିତ ହୋଇଥିଲା। ଏହି ମକ୍‌ଡ୍ରିଲ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ରିଫାଇନରୀ ପ୍ରମୁଖ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକର ଆୟୋଜନ କରାଯାଇଥିଲା।

## ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ

**ଜଗତସିଂହପୁର, ୪।୧୨(ସମିସ):** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା' ରମାଦେବୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପୌର ପରିଷଦ କାର୍ଯ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଜେ ସୋନାଲ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜଗତସିଂହପୁରର ଗର୍ବ ମା' ରମାଦେବୀ ଚୌଧୁରୀ ୧୮୯୯ ଡିସେମ୍ବର ୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଅସହଯୋଗ ଆନ୍ଦୋଳନ, ଆଇନ ଅମାନ୍ୟ ଆନ୍ଦୋଳନ, ଲବଣ ସତ୍ୟାଗ୍ରହ, ବିନୋବାଜୀଙ୍କ ଭୂଦାନ ଯଜ୍ଞର ସଫଳତା ପଛରେ ରମାଦେବୀଙ୍କ ପ୍ରମୁଖ ଭୂମିକା ଥିଲା। ତାଙ୍କ ଜନ୍ମତିଥିରେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ନିର୍ବାହୀ ଅଧିକାରୀ ସୀମା ଜେନା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ଓ ପୌର ପରିଷଦର କର୍ମଚାରୀ ଦୀପକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଠରବାଙ୍କୀ ମେଡିକାଲ ରାସ୍ତାରେ ଯୁବକଙ୍କ ଉନ୍ମତ୍ତକାଣ୍ଡ



**ପାରାଦୀପ, ୪।୧୨(ସମିସ):** ଅଠରବାଙ୍କି ମଦ ଦୋକାନ ସାମ୍ନା ମେଡିକାଲ ରାସ୍ତାରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମଦ ଦୋକାନ ନିକଟରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଏବେ ସୋସିଆଲ ମେଡିଆରେ ଭାଇରାଲ ହେଉଛି। ଯୁବକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଖଣ୍ଡା ବୁଲାଉଥିଲେ। ଖଣ୍ଡା ବୁଲାଇବାର କାରଣ କ'ଣ ଜଣାପଡ଼ିନାହିଁ। ଯୁବକ ଜଣଙ୍କ ପରିଚୟ ମଧ୍ୟ ଅସ୍ପଷ୍ଟ ରହିଛି। ଏହି ଯୁବକ ଜଣକ ବଙ୍ଗାଳି ଭାଷୀ ଓ ଏଠାରେ ସେ ପ୍ରାୟ ମଦ ପିଅନ୍ତି ବୋଲି କେତେକ ଦୋକାନୀ ଓ ସ୍ଥାନୀୟ ଲୋକେ କହିଛନ୍ତି। ଯୁବକଙ୍କ ଏଭଳି ଖଣ୍ଡା ବୁଲାଇବା ଦେଖି ସ୍ଥାନୀୟ ବ୍ୟବସାୟୀ ଓ ଉପସ୍ଥିତ ଲୋକେ ଭୟଭୀତ ହୋଇଥିଲେ। ଏଭଳି ଘଟଣା ଉପରେ ପୁଲିସ ଦୃଷ୍ଟି ଦେବା ସହ ଯୁବକକୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

## ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବ
## ମେଡିକାଲ ବିଭାଗ ପକ୍ଷରୁ ନାଟକ 'ଭାଲୁ' ମଞ୍ଚସ୍ଥ

ପାରାଦୀପ, ୪।୧୨(ସମିସ): ପାରାଦୀପ ବନ୍ଦର ପ୍ରାଧିକରଣ ସାଂସ୍କୃତିକ ଶାଖା ପକ୍ଷରୁ ସ୍ଥାନୀୟ ଜୟଦେବ ସଦନରେ ଆୟୋଜିତ ପାରାଦୀପ ବନ୍ଦର ସାଂସ୍କୃତିକ ମହୋତ୍ସବର ସପ୍ତମ ସନ୍ଧ୍ୟାରେ ବନ୍ଦର ମେଡିକାଲ ବିଭାଗ କର୍ମଚାରୀ ନାଟକ 'ଭାଲୁ' ମଞ୍ଚସ୍ଥ କରିଥିଲେ। କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ଉପକୂଳ ଜାତୀୟ ରାଜପଥ ସାଗରମାଳା ନକ୍ସା ପରିବର୍ତ୍ତନ

# ନାଉଗାଁ ବିକାଶ ପରିଷଦ ପକ୍ଷରୁ ବିରୋଧ

**ନାଉଗାଁ, ୪।୧୨(ସମିସ)**




ଉପକୂଳ ଜାତୀୟ ରାଜପଥ ସାଗରମାଳା ରାସ୍ତାର ନକ୍ସା ପରିବର୍ତ୍ତନକୁ ନାଉଗାଁ ବିକାଶ ପରିଷଦ ପକ୍ଷରୁ ବିରୋଧ କରାଯାଇଛି। ନାଉଗାଁ କାଦମ୍ବିନୀ ମଣ୍ଡପରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉକ୍ତ ରାଜପଥ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ୨୦୨୦ରେ ସର୍ଭେ କରିବା ପାଇଁ ଶ୍ରୀଚୈତନ୍ୟ ଗ୍ରୁପ୍ ନାମକ ଏକ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ସଂସ୍ଥା ପକ୍ଷରୁ ଉକ୍ତ ରାସ୍ତାକୁ କାକଟପୁରରୁ ନାଉଗାଁ ଦେଇ ଏରସମାକୁ ସଂଯୋଗ କରିବା ପାଇଁ ନାଉଗାଁ ବ୍ଲକର ଓଷକଣା, କୋରୁଆ ଓ ଡାବର ତିନୋଟି ପଞ୍ଚାୟତ ଦେଇ ନକ୍ସା ପ୍ରସ୍ତୁତ କରାଯାଇ ସରକାରଙ୍କୁ ପ୍ରଦାନ କରାଯାଇଥିଲା। ସେ ସମୟରେ ନାଉଗାଁ ବ୍ଲକର ଉକ୍ତ ପଞ୍ଚାୟତବାସୀ ଭିଟାମାଟି ରାସ୍ତାରେ ଚାଲିଯାଉଥିବାକୁ ନେଇ ବିରୋଧ କରିଥିଲେ। ଯାହାକୁ ନେଇ ସେହି ସମୟରୁ ବିଗତ ଦୁଇବର୍ଷ ଧରି ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟକୁ ବନ୍ଦ ରଖାଯାଇଥିବାବେଳେ ଏବେ ଉକ୍ତ ରାସ୍ତାକୁ କାକଟପୁରରୁ ଅସ୍ତରଙ୍ଗ ଦେଇ ଏରସମାକୁ ସଂଯୋଗ କରିବା ପାଇଁ ନୂତନ ନକ୍ସା ପ୍ରସ୍ତୁତ କରାଯାଇଛି। ଏହାକୁ ବିରୋଧ କରି ନାଉଗାଁ ବିକାଶ ପରିଷଦ ପକ୍ଷରୁ ପୂର୍ବ ପ୍ରସ୍ତୁତ ନକ୍ସା ଅନୁସାରେ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଛି।

ପରିଷଦର ଅଭିଯୋଗ ଅନୁଯାୟୀ, ବର୍ତ୍ତମାନର ପ୍ରସ୍ତୁତ ନକ୍ସା ଅନୁଯାୟୀ ରାସ୍ତା ନିର୍ମାଣ କରାଗଲେ ବାଲିକୁଦା ବ୍ଲକର ୨୨ଟି ପଞ୍ଚାୟତର ଲୋକେ ଉପକୃତ ହେବେ। ପ୍ରସ୍ତାବିତ ନକ୍ସା ପରିବର୍ତ୍ତନ ନ ହେଲେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଦେବୀନଦୀ ମୁହାଣରେ ୫ କିଲୋମିଟର ଦୈର୍ଘ୍ୟର ଏକ ବିଶାଳ ସେତୁ ନିର୍ମାଣ କରାଯିବ। ଯଦ୍ୱାରା ବନ୍ୟାଜଳ ନିଷ୍କାସନ ପାଇଁ ପ୍ରତିବନ୍ଧ ସୃଷ୍ଟି ହେବା ସହିତ ବର୍ଷାଦିନେ ନାଉଗାଁ ବ୍ଲକ ସମେତ ସମଗ୍ର ଜଗତସିଂହପୁର ଜିଲ୍ଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ସହ ଜିଲ୍ଲାବାସୀ ପ୍ରଭାବିତ ହେବେ। ସେତିକି ନୁହେଁ ପ୍ରସ୍ତାବିତ ନକ୍ସା ଅନୁଯାୟୀ ଏହି ରାସ୍ତା ନିର୍ମାଣ ହେଲେ ସାମୁଦ୍ରିକ ବାତ୍ୟା ସମୟରେ ଜିଲ୍ଲାବାସୀଙ୍କୁ ସୁରକ୍ଷା ଦେବାକୁ ସରକାରଙ୍କ ଜଙ୍ଗଲ ବିଭାଗ ଦ୍ୱାରା ପାଚେରି ସଦୃଶ ସୃଷ୍ଟି କରାଯାଇଥିବା ହେନ୍ତାଳ ବଣ ନଷ୍ଟ ହେବା ସହିତ ପ୍ରାକୃତିକ ବିପର୍ଯ୍ୟୟ ଘଟିବ। ସେତୁ ନିର୍ମାଣ ହେଲେ ବାଲିଚର ସୃଷ୍ଟି ହୋଇ ଜୁଆର ଯିବା ଆସିବାରେ ପ୍ରତିବନ୍ଧ ସୃଷ୍ଟି ହେବା ସହିତ ସରକାର ଅଲିଭ୍ ରିଡ୍‌ଲେ କଇଁଚଙ୍କ ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଏଠାରେ କଇଁଛଙ୍କୁ ଅଣ୍ଡା ଦେବାରେ ସମସ୍ୟା ସୃଷ୍ଟି ହୋଇ ଏମାନଙ୍କ ସଂଖ୍ୟା କମିବାର ସମ୍ଭାବନା ସୃଷ୍ଟି ହେବ। ଏହାକୁ ଦୃଷ୍ଟିରେ ରଖି ସରକାର ବର୍ତ୍ତମାନର ପ୍ରସ୍ତାବିତ ନକ୍ସା ବଦଳରେ ପୂର୍ବ ପ୍ରସ୍ତୁତ ନକ୍ସା ଅନୁସାରେ ଉକ୍ତ ରାସ୍ତାକୁ ନିର୍ମାଣ କରିବାକୁ ପରିଷଦ ପକ୍ଷରୁ ଦାବି କରାଯାଇଛି। ପରିଷଦର ସଭାପତି ସୁବାସ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସମ୍ମିଳନୀରେ ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପସଭାପତି ସୁଜିତ ପୁହାଣ, ବିଜେପି ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ନିଳୁରାମ ଜେନା, ନିରଞ୍ଜନ ବେହୁରା, ସୁବାସ ବିଶ୍ୱାଳ, ବିଷ୍ଣୁଚରଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଅମୂଲ୍ୟ ମିଶ୍ର ପାଇଲେ ବୈକୁଣ୍ଠନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର



**ଜଗତସିଂହପୁର, ୪।୧୨(ସମିସ):** ଅଲଣାହାଟ ସରକାରୀ ଉଚ୍ଚବିଦ୍ୟାଳୟରେ ବାସୁଦେବ ଏଡ୍ୟୁକେସନାଲ ୱେଲଫେୟାର ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବ ସଭାପତି ବିରଞ୍ଚି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଓ ବିଜ୍ଞାନ ଶିକ୍ଷାରେ ଉତ୍କର୍ଷତା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରେଡକ୍ରସ ପାଇଁ ରାଜ୍ୟପାଳଙ୍କଠାରୁ ଶ୍ରେଷ୍ଠ ପରାମର୍ଶଦାତା ପରସ୍କାର, ସ୍କାଉଟରେ ମର୍ଯ୍ୟାଦାଜନକ ବସନ୍ତ ବିଶ୍ୱାଳ ପୁରସ୍କାର, ପରିବେଶ ସୁରକ୍ଷା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତିବନ୍ଧୁ ପୁରସ୍କାର, ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରେରଣା ପକ୍ଷରୁ ଗ୍ରୀନ ୱାରିୟର ପୁରସ୍କାର, ଏନସିସିର ବିଭିନ୍ନ କ୍ୟାମ୍ପରେ ସଫଳତା ଓ ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ୫୦୦ରୁ ଉର୍ଦ୍ଧ୍ୱ ସାରସ୍ୱତ ସୃଷ୍ଟି ସମ୍ଭାର ପ୍ରଭୃତି କୃତିକୁ ଆଧାର କରି ବିଜ୍ଞାନ ଶିକ୍ଷକ ତଥା ଏନସିସି ଅଫିସର ଅମୂଲ୍ୟ କୁମାର ମିଶ୍ରଙ୍କୁ ବୈକୁଣ୍ଠନାଥ ଆଚାର୍ଯ୍ୟ ସ୍ମାରକୀ ଆଦର୍ଶ ଶିକ୍ଷକ ପୁରସ୍କାର ପ୍ରଦାନ କରାଯାଇଛି। ଏହି ବର୍ଣ୍ଣାଢ୍ୟ ଉତ୍ସବରେ ରାଜସ୍ୱ ବିଭାଗର ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ପ୍ରସନ୍ନ ଦାଶ, ପ୍ରାଧ୍ୟାପକ ଡ. ପ୍ରଶାନ୍ତ ପରିଡ଼ା, ଅଧ୍ୟକ୍ଷ ଡ. ବିଶ୍ୱଜିତ ରାୟ, ଅକ୍ଷୟ ମିଶ୍ର, ପ୍ରକାଶ ରାୟ, ସାନ୍ତନୁ ମିଶ୍ର, ଅଧ୍ୟାପକ ପ୍ରତାପ ଲେଙ୍କା ଓ ଟ୍ରଷ୍ଟର ସମ୍ପାଦକ ଡ. ରୁଦ୍ରନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀ ମିଶ୍ରଙ୍କୁ ଜିଲ୍ଲା ଶିକ୍ଷାଅଧିକାରୀ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ନାଉଗାଁ ମଣ୍ଡଳ ଶିକ୍ଷାଧିକାରୀ, ଅଲଣାହାଟ ବିଦ୍ୟାଳୟ ପ୍ରଧାନଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ପୂର୍ବତନ ସଦସ୍ୟ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ବନ୍ଧୁ ଅଭିନନ୍ଦନ ଜଣାଇଛନ୍ତି।

## ବନ୍ଦର ସଚିବ ଭାବେ କୃଷ୍ଣବାପୁ ରାଜୁଙ୍କ ଦାୟିତ୍ୱ ଗ୍ରହଣ



**ପାରାଦୀପ, ୪।୧୨(ସମିସ):** କୃଷ୍ଣବାପି ରାଜୁ ଆଜି ପାରାଦୀପ ବନ୍ଦରର ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କର ଭାରତର ପ୍ରମୁଖ ବନ୍ଦର କ୍ଷେତ୍ରରେ ତିନି ଦଶନ୍ଧିରୁ ଅଧିକ ସମୟ ଧରି ଏକ ସମୃଦ୍ଧ କ୍ୟାରିଅର ରହିଛି। ୧୯୯୫ ସେପ୍ଟେମ୍ବରରେ ଆନ୍ଧ୍ରପ୍ରଦେଶରେ ଓକିଲ ଭାବରେ ପଞ୍ଜିକୃତ ହୋଇଥିଲେ। ସେଠାରେ ସେ ଆଠବର୍ଷ ଆଇନ ଅଭ୍ୟାସ କରିଥିଲେ। ୨୦୦୩ରେ ବିଶାଖାପାଟଣା ସହରାଞ୍ଚଳ ବିକାଶ ପ୍ରାଧିକରଣରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ବୈଧାନିକ ସଂସ୍ଥାରେ ସେବା କରୁଥିବା ଜଣେ ଆଇନ ଅଧିକାରୀ ଭାବେ ମନୋନୀତ ହୋଇଥିଲେ। ସେ ୨୦୦୯ ଫେବୃଆରୀ ୨୭ରେ ବିଶାଖାପାଟଣା ପୋର୍ଟରେ ଆଇନ ଅଧିକାରୀ ଭାବେ ଯୋଗ ଦେଇଥିଲେ। ୨୦୧୭ରେ ତାଙ୍କୁ ପାରାଦୀପ ବନ୍ଦରରେ ଉପମୁଖ୍ୟ ଆଇନ ଅଧିକାରୀ ଭାବେ ପଦୋନ୍ନତି ଦିଆଯାଇଥିଲା। ପରେ ତାଙ୍କୁ ନ୍ୟୁ ମାଙ୍ଗାଲୋର ବନ୍ଦରର ବରିଷ୍ଠ ଉପସଚିବ ଭାବେ ପଦୋନ୍ନତି ଦିଆଯାଇ ସ୍ଥାନାନ୍ତର କରାଯାଇଥିଲା। ଆଜି ସେ ପାରାଦୀପ ପୋର୍ଟ ଅଥରିଟିର ସଚିବ ଭାବେ ଯୋଗ ଦେଇଛନ୍ତି।

## ମା' ମଙ୍ଗଳା ପୀଠରେ ଆଲୋଚନାଚକ୍ର

**ବିରିଡ଼ି, ୪।୧୨(ସମିସ):** ମଧ୍ୟଶାସନ ସଂସ୍କୃତି ସୁରକ୍ଷା ସଂଗଠନ ଓ କଟକର ଇନ୍ଦ୍ରମଣି ପ୍ରଧାନ ସ୍ମୃତି ସଂସଦ ମିଳିତ ଉଦ୍ୟମରେ ଦଳେଇ ଘାଇ ନିକଟସ୍ଥ ମା'ମଙ୍ଗଳା ମନ୍ଦିର ପରିସରରେ ଆଜି ମାର୍ଗଶିର ମାସ ଗୁରୁବାର ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସୂଚୀସ୍ମିତା ପଣ୍ଡା ଲକ୍ଷ୍ମୀ ପୁରାଣର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଅବିନାଶ ଦାସ, ସଂସ୍କୃତି ସୁରକ୍ଷା ସଂଗଠନ ଉପଦେଷ୍ଟା ମଣ୍ଡଳୀ ମୁଖ୍ୟ ପ୍ରମୋଦ ବ୍ରହ୍ମା ଯୋଗଦେଇ ସମାଜ ସଂସ୍କାରର ମୁଖ୍ୟ ମାର୍ଗ ହେଉଛି ବଳରାମ ଦାସଙ୍କ ରଚନା ବୋଲି ମତବ୍ୟକ୍ତ କରିଥିଲେ। ଇନ୍ଦ୍ରମଣି ପ୍ରଧାନ ସ୍ମୃତି ସଂସଦ ସମ୍ପାଦକ ପ୍ରଭୁଦତ୍ତ ପ୍ରଧାନ, ସଭାପତି ସଂଯୋଜ ସାମନ୍ତରାୟ, ଗୁରୁପ୍ରସାଦ ରଥ, ଉମାକାନ୍ତ ରଥ, ପ୍ରମୋଦ ବାଘୀ ପ୍ରମୁଖ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଝୋଟି ଚିତା ପ୍ରତିଯୋଗିତା ଆୟୋଜିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶ୍ୱରଞ୍ଜନ ବେହେରା, ଈଶ୍ୱର ଓଝା, ଭରତ ମାଝୀ ଓ ଅନନ୍ତ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଓଡ଼ିଆ ଭାଷା ସାହିତ୍ୟକୁ ସାରଳା ଦାସଙ୍କ ଅବଦାନ ଅତୁଳନୀୟ'



**ତିର୍ତ୍ତୋଲ, ୪।୧୨(ସମିସ):** ଓଡ଼ିଆ ଭାଷା ସାହିତ୍ୟକୁ ଆଦିକବି ସାରଳା ଦାସଙ୍କ ଅବଦାନ ଅତୁଳନୀୟ ବୋଲି ଆଦିକବି ସାରଳା ଦାସ ସାଧନା ପୀଠ ଉନ୍ନୟନ ପରିଷଦ ପକ୍ଷରୁ ତାଙ୍କ ଜନ୍ମମାଟି ତେନ୍ତୁଳିପଦା ଗ୍ରାମର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ସାରଳା ପାଠଚକ୍ରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଭାପତି ସୁରେଶ ମହାନ୍ତି ଅଧ୍ୟକ୍ଷତା କରି ସାରଳା ଦାସଙ୍କୁ ଏ ଜାତି ଯେତିକି ସମ୍ମାନ ଦେବା କଥା, ତାହା ଦେଇପାରିନାହିଁ ବୋଲି କ୍ଷୋଭର ସହ କହିଥିଲେ। ମୁଖ୍ୟଅତିଥି ଶିକ୍ଷୟିତ୍ରୀ ପ୍ରମୋଦିନୀ ଦାଶ, ମୁଖ୍ୟବକ୍ତା ସମାଜସେବୀ ବିରଜା ପରିଜା, ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ସବିତା ନାୟକ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟକୁ ଆଦିକବି ସାରଳା ଦାସଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅତିଥି ଶିକ୍ଷକ ତାପସ ମହାନ୍ତି, ଶ୍ରୀକାନ୍ତ ଦାଶ, ନିତ୍ୟାନନ୍ଦ ନାୟକ, ସୁରେନ୍ଦ୍ର ସାହୁ, ଶ୍ରଦ୍ଧାଞ୍ଜଳି ଦାସ, ମନୋରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ସାରଳା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସମ୍ପାଦକ ରାଧାମୋହନ ପରିଜା ସାରଳା ଦାସଙ୍କ ଜନ୍ମମାଟି ଓ ସମାଧି ପୀଠ ପ୍ରାଚୀନ ଝଙ୍କଡ଼ର ତେନ୍ତୁଳିପଦାକୁ ଐତିହ୍ୟ ଗ୍ରାମ ଭାବେ ମାନ୍ୟତା ଦେବାକୁ ଦାବି କରିଥିଲେ। ଏ ଅବସରରେ ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଭୁଦତ୍ତ ପରିଜା ଧନ୍ୟବାଦ ଦେଇଥିଲେ।

## ସାମ୍ବାଦିକଙ୍କ ଅକାଳ ବିୟୋଗ



**ନାଉଗାଁ, ୪।୧୨(ସମିସ):** ଗଜରାଜପୁର ପଞ୍ଚାୟତର ବାଲିସାହି ଗ୍ରାମର ଯୁବ ସାମ୍ବାଦିକ ପ୍ରଶାନ୍ତ ପରିଡ଼ାଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ଅକାଳ ବିୟୋଗ ଘଟିଛି। ସେ ନାଉଗାଁ ବ୍ଲକର ଦୈନିକ ଖବରକାଗଜ ପ୍ରଗତିବାଦୀ ପ୍ରତିନିଧି ଭାବେ କାର୍ଯ୍ୟ କରୁଥିଲେ। ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଜଗତସିଂହପୁର ଜିଲ୍ଲା ବିଜେପି ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ପ୍ରଶାସକ ରବୀନ୍ଦ୍ର ପଟ୍ଟନାୟକ, ଜଗନ୍ନାଥ ଧର୍ମ ପ୍ରଚାରକ ରାଜ୍ୟ ସଭାପତି ବାବା ସତ୍ୟାନନ୍ଦ ଦାସ, ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଶାନ୍ତ ମୁଦୁଲି, ବର୍ତ୍ତମାନର ବିଧାୟକ ଅମରେନ୍ଦ୍ର ଦାସ, ନାଉଗାଁ ବିଡିଓ ନିରଞ୍ଜନ ପରିଡ଼ା ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। କାଦମ୍ବିନୀ ମଣ୍ଡପରେ ନାଉଗାଁ ବ୍ଲକ ସାମ୍ବାଦିକ ବୈଷ୍ଣବ ରାଉଳ, ଦେବଜ୍ୟୋତି ମହାନ୍ତି, ମନୋଜ ନାୟକ, ଅଭିମନ୍ୟୁ ସାହୁ, ମାନସ ସ୍ୱାଇଁ, ଲିଲନ ପାଢ଼ୀ, ଆଲୋକ ଶିଶୁ, କୁନା ବାରିକ, ସୁଶାନ୍ତ ପରିଡ଼ା, ମାନସ ଦାସ, ଅଜିତ ଓଝା, ମହାଦେବ ନାୟକ, ରଶ୍ମୀକାନ୍ତ ପାଢ଼ୀ, ପ୍ରଦେଶ ମହାନ୍ତି, ଓଡ଼ିଶା ସାମ୍ବାଦିକ ସଂଘ ଜଗତସିଂହପୁର ଜିଲ୍ଲା ସଭାପତି ରମାକାନ୍ତ ଦାସ, ଉତ୍କଳ ସାମ୍ବାଦିକ ସଂଘ ଜିଲ୍ଲା ସଭାପତି ମନୋଜ ଦାସ ପ୍ରମୁଖ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ବରମୁଣ୍ଡଳୀ ସରସ୍ୱତୀ ଶିଶୁମନ୍ଦିର ରମାଦେବୀଙ୍କ ଜୟନ୍ତୀ

**ବାଲିକୁଦା, ୪।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଏକୁଡ଼ିଶାଳ ଅଲକା ଆଶ୍ରମ ପକ୍ଷରୁ ବ୍ଲକ ସଂଯୋଜକ ରମେଶ ବହିରାଙ୍କ ଆୟୋଜନରେ ବାଲିକୁଦା ବ୍ଲକର ବରମୁଣ୍ଡଳୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମା' ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳନ କରାଯାଇଛି। ପ୍ରଧାନଆଚାର୍ଯ୍ୟ ସର୍ବେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ପ୍ରାକ୍ତନ ଶିକ୍ଷାବିତ ପ୍ରେମାନନ୍ଦ ପରିଡ଼ା, ପବିତ୍ର ସ୍ୱାଇଁ ଯୋଗଦେଇ ମା' ରମାଦେବୀଙ୍କ ମାଟିପ୍ରୀତି ଓ ସ୍ୱାଧୀନତା ଆନ୍ଦୋଳନରେ ବିଶେଷ ଭୂମିକା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବ କବି ସବ୍ୟସାଚୀ ତ୍ରିପାଠୀ, ଶିକ୍ଷକ ଶଙ୍କରେଶ୍ୱର ଦାସ ଓ ମଥୁରି ଦଳାଇ ଯୋଗ ଦେଇଥିଲେ। ସମ୍ବାଦ ସାହିତ୍ୟ ଘର ସହଯୋଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା କରାଯାଇଥିଲା। କବି ରଞ୍ଜିତ ଦାସ, ଗୁରୁମା କ୍ଷଣପ୍ରଭା ସ୍ୱାଇଁ, ସୁଦେଷ୍ଣା ସାହୁ, ସୁଶାନ୍ତି ସ୍ୱାଇଁ, ନିର୍ମଳା ସାହୁ, ପୂଜାରାଣୀ ଓଝା, କରିସ୍ମା ବାରିକ, ସରସ୍ୱତୀ ମୁଦୁଲି, ବନୀତା ଦଳାଇ, ରୁକ୍ମିଣୀ ସାହୁ, ନିକିତା ପାତ୍ର, ଏଲିନା ପ୍ରିୟଦର୍ଶିନୀ ନାୟକ, ପ୍ରତୀକ୍ଷା ପ୍ରିୟଦର୍ଶିନୀ ଶୁକ୍ଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁମା ଅନୀମା ସୁନ୍ଦରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପଗଡ଼ ପଞ୍ଚାୟତରେ ସଚେତନତା କର୍ମଶାଳା

**ପାରାଦୀପ, ୪।୧୨(ସମିସ)**



ରାଜ୍ୟ ଖଦୀ ଓ ଗ୍ରାମ୍ୟ ଶିଳ୍ପ ଉଦ୍ୟୋଗ ପକ୍ଷରୁ ପାରାଦୀପଗଡ଼ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଗ୍ରାମାଞ୍ଚଳରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିର୍ମାଣ ନିମନ୍ତେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବରିଷ୍ଠ ଆଇନଜୀବୀ ସଞ୍ଜୟ ବେହେରା ସଭାପତିତ୍ୱ କରିଥିଲେ। ଏବେ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା କରି ଲୋକଙ୍କୁ ଆତ୍ମନିର୍ଭର ଓ ସ୍ୱାବଲମ୍ବୀ କରିବାକୁ ଚାହୁଁଛନ୍ତି। ଗ୍ରାମାଞ୍ଚଳରେ ବ୍ୟାପକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ନିର୍ମାଣ କରି ମହିଳା ଓ ପୁରୁଷଙ୍କୁ ଆତ୍ମନିର୍ଭର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ମହିଳାମାନେ ଘରେ ବସି କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାଧ୍ୟମରେ ବଡି, ପାମ୍ପଡ, ପେପର୍ ପ୍ଲେଟ୍, ଧୂପ କାଠି, ଧାନ କଳ, ତେଲ କଳ, ମିନେରାଲ ୱାଟର ପ୍ଲାଣ୍ଟ, ନୁଡୁଲ୍ସ ଆଦି ତିଆରି ମେସିନ୍ ସ୍ଥାପନ କରି ହଜାର ହଜାର ଟଙ୍କା ରୋଜଗାର କରିପାରିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ହିତାଧିକାରୀଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦିଆଯିବ। ସରକାର ମଧ୍ୟ ଏଥିପାଇଁ ଲକ୍ଷେ ଟଙ୍କାରେ ଶତକଡା ୩୫ ପ୍ରତିଶତ ସବ୍‌ସିଡ ଯୋଗେଇ ଦେବେ। ମେସିନ୍ ଚଳାଇବା ଓ ଦ୍ରବ୍ୟ ଉତ୍ପାଦନ ପାଇଁ ହିତାଧିକାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ସ୍ୱାଇର ଜନ ସମ୍ପର୍କ ଅଧିକାରୀ ଲିଜାରାଣୀ ପରିଡ଼ା ସୂଚନା ଦେଇଥିଲେ। ଶ୍ରଦ୍ଧାର ସଂଯୋଜକ ଜ୍ୟୋତି ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ପିଏମ୍ ଇଜିପିର ଘନଶ୍ୟାମ ମହାନ୍ତି, ସ୍ୱାଇ ରାଜ୍ୟ ମୁଖ୍ୟ କଳ୍ପଭାନୁ ପଟ୍ଟନାୟକ, ଜନ ସମ୍ପର୍କ ଅଧିକାରୀ ଅଭିଲିପ୍ସା ମଲ୍ଲିକ, ଅଜିତ ପ୍ରଧାନ, କେଏମସିର ଅନ୍ତରୀମ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଷ୍ଣୁଚରଣ ସାହୁ, ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ବିଚିତ୍ର ପ୍ରଧାନ, ସଚ୍ଚିଦାନନ୍ଦ ମହାପାତ୍ର, ରମେଶ ବେହେରା, ପ୍ରଭାତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନୃସିଂହ ପୀଠରେ ଗୀତା ଜୟନ୍ତୀ

**କୁଜଙ୍ଗ, ୪।୧୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ତେରମାଣପୁର ନୃସିଂହ ମଠରେ ପବିତ୍ର ଗୀତା ଜୟନ୍ତୀ ଶ୍ରଦ୍ଧା ଓ ଭକ୍ତି ସହକାରେ ପାଳିତ ହୋଇଯାଇଛି। ଅଧିକାରୀ ରମାକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ତେରମାଣପୁର ନୃସିଂହ ମଠରେ ଗୀତା ପାଠ କରାଯାଇଥିଲା। ଏଥିରେ କେଦାର ବାବା, ଭାଗୀରଥି, ଗିରିଧାରୀ, ଶାରଦା, ପ୍ରଭାସ, ଶିବପ୍ରସାଦ, ବ୍ରଜକିଶୋର ଓ ଅଜିତବ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଭଗବତ ଗୀତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଓ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।







## ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ ପୁଲିସ ପ୍ରସ୍ତୁତ

# ଏବେଠୁ ଲାଗିଲାଣି ଅମାନିଆଙ୍କ ଭିଡ଼



**ଷ୍ଟାଡିୟମକୁ ଜଗିବେ ୭୦ ପ୍ଲାଟୁନ୍ ଫୋର୍ସ**

**୮ ତାରିଖ ଅଭ୍ୟାସ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା**

**ଡ୍ୟୁଟିରେ ରହିବେ ୧ ୟୁନିଟ୍ ଓଡ୍ରାଫ୍ ଓ ୨ ୟୁନିଟ୍ ଏସ୍‌ଟିୟୁ**

**ଶୃଙ୍ଖଳା ଦାୟିତ୍ୱରେ ୯ ଅତିରିକ୍ତ ଏସ୍‌ପି, ୪୦ ଡିଏସ୍‌ପି ଓ ୬୫ ଇନ୍ସପେକ୍ଟର**

କଟକ,୪।୧୨(ସମିସ):

ବାରବାଟୀ ଟି-୨୦ ମ୍ୟାଚ୍ ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଏହି ପ୍ରତୀକ୍ଷିତ ମ୍ୟାଚ୍‌କୁ ଦୃଷ୍ଟିରେ ରଖି କମିସନରେଟ୍ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକରେ ସୁରକ୍ଷା ନେଇ ବ୍ୟାପକ ଆଲୋଚନା ହୋଇଛି। ବାରବାଟୀ ଷ୍ଟାଡିୟମର ସୁରକ୍ଷା ଓ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ପାଇଁ ମୋଟ ୯ ଜଣ ଅତିରିକ୍ତ ଏସ୍‌ପି, ୪୦ ଜଣ ଡିଏସ୍‌ପି, ୬୫ ଜଣ ଇନ୍ସପେକ୍ଟର, ୩୨୫ ଜଣ ଏସ୍‌ଆଇ, ୩୮ ହାବିଲଦାର/କନଷ୍ଟେବଲ, ୨୦୮ ଏପିଆର୍ କନଷ୍ଟେବଲ, ୭୩ ମହିଳା କନଷ୍ଟେବଲଙ୍କ ସମେତ ୭୦ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ କରାଯିବ। ଏହାସହ ୧ ୟୁନିଟ୍ ଓଡ୍ରାଫ୍ ଓ ୨ ୟୁନିଟ୍ ଏସ୍‌ଟିୟୁ ମଧ୍ୟ ମୁତୟନ ହେବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଟିମ୍ ଭୁବନେଶ୍ୱରଠାରେ ପହଞ୍ଚିବେ। ୮ ତାରିଖରେ କଟକ ବାରବାଟୀ ଷ୍ଟାଡିୟମଠାରେ ଉଭୟ ଟିମ୍ ଅଭ୍ୟାସ କରିବେ ଏବଂ ୯ ତାରିଖରେ ମ୍ୟାଚ୍ ଅନୁଷ୍ଠିତ ହେବ। ବିମାନବନ୍ଦର, ହୋଟେଲଠାରୁ ଆରମ୍ଭ କରି ବାରବାଟୀ ଷ୍ଟାଡିୟମ ପର୍ଯ୍ୟନ୍ତ ତଥା ଖେଳାଳିଙ୍କ ଯାତାୟାତ ରାସ୍ତାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଆସନ୍ତାକାଲି ଶୁକ୍ରବାର ୧୦ଟାରୁ ଟିକଟ୍ ବିକ୍ରି ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି। ଭାରତୀୟ ଖେଳାଳିଙ୍କୁ ନିକଟରୁ ଦେଖିବା ପାଇଁ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବାରୁ ଟିକଟ ବିକ୍ରୟ କେନ୍ଦ୍ର ନିକଟରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହେଲାଣି। ବାରବାଟୀ ଷ୍ଟାଡିୟମ ପରିସର ଓ ସ୍ଥାନୀୟ ଅଞ୍ଚଳକୁ ଡିସିପି ଶ୍ରୀ ଦ୍ୟାନଦେଓ ଅନୁଧ୍ୟାନ କରିଛନ୍ତି। ଗୁରୁବାର ସନ୍ଧ୍ୟାରୁ ଟକେଟ୍ କାଉଣ୍ଟର ସମ୍ମୁଖରେ ପୁଲିସ ନିୟୋଜିତ କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କୁ ପୁଲିସ ଘଉଡ଼ାଇବାରେ ଲାଗିଛି। ଡିସିପିଙ୍କ ନିର୍ଦ୍ଦେଶ ଅନୁସାରେ, ସକାଳ ୯ଟାରେ ଟିକଟ୍ ବିକ୍ରି ଆରମ୍ଭ ହେବ। ଏଣୁ ଭୋର୍ ୬ଟାରୁ ଆଶାୟୀମାନେ ବ୍ୟାରିକେଡ୍ ମଧ୍ୟରେ ଧାଡ଼ି ଲଗାଇବେ। ଆଜି କାହାରିକୁ ଧାଡ଼ି ଲଗାଇ ଦିଆଯାଉ ନଥିବା ଜଣାପଡ଼ିଛି।



**ବିରୂପା ନଦୀକୁ କାର୍ ଖସିବା ଘଟଣା**

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**କଟକ,୪।୧୨(ସମିସ):** ଜଗତପୁର ଥାନା ଆଇବି ରୋଡ୍‌ସ୍ଥିତ ବିରୂପା ନଦୀରୁ ଗୁରୁବାର ସକାଳେ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରରୁ ୨ ଜଣ ସାଙ୍ଗ କଟକ ଆସିଥିବା ବେଳେ କାର୍‌ଟି ନିୟନ୍ତ୍ରଣ ହରାଇ ବିରୂପା ନଦୀରେ ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ଭୁବନେଶ୍ୱର ଧଉଳି ଥାନା ଲିଙ୍ଗିପୁର ଅଞ୍ଚଳର ଅତୁଲ ଓରଫ ଉଦିତ ନାରାୟଣ ସାହୁ (୨୨) ନିଖୋଜ ହୋଇଯାଇଥିଲେ। ତାଙ୍କ ମୃତଦେହ ଆଜି ସକାଳେ ଉଦ୍ଧାର କରାଯାଇଛି। ୫ ଜଣ ସାଙ୍ଗ ଚାଉଳିଆଗଞ୍ଜରେ ଏକ ରେଷ୍ଟୁରାଣ୍ଟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାପରେ ଅତୁଲ ଓ ଅଂଶୁମାନ ଆଇବି ରୋଡ୍ ନାରାୟଣବିହାରରେ ଥିବା ଏକ ଦୋକାନକୁ ଯାଇ କିଣାକିଣି କରି ନଦୀତୁଠକୁ ଫେରୁଥିଲେ। ଏହି ସମୟରେ କାର୍‌ଟି ନିୟନ୍ତ୍ରଣ ହରାଇ ନଦୀ ମଧ୍ୟକୁ ପଶିଯାଇଥଲା। ଅତୁଲ ଓ ଅଂଶୁମାନଙ୍କୁ ନିମପୁର ବସ୍ତିର କେତେକ ଯୁବକ ତୁରନ୍ତ ଉଦ୍ଧାର କରିଥିଲେ। ଅଂଶୁମାନଙ୍କୁ ଏସ୍‌ସିବିରେ ଭର୍ତ୍ତି କରାଯାଇଥିଲା। ଗୁରୁବାର ଟାଙ୍ଗୀ, ଚୌଦ୍ୱାର ଓ ଚାଉଳିଆଗଞ୍ଜ ଅଗ୍ନିଶମ ଟିମ୍ ଏବଂ କଟକ ଓଡ୍ରାଫ୍ ଟିମ୍ ସହ ସ୍କୁବା ଡାଇଭର୍ ଉଦ୍ଧାର ଅଭିଯାନ ଚଳାଇବା ଫଳରେ ଅତୁଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଉଦିତ୍ ଜଣେ ଆଇନ ଛାତ୍ର ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ଜୋନ୍-୨ ଏସିପି ଅରୁଣ କୁମାର ସ୍ୱାଇଁ, ଜିଲ୍ଲା ଅଗ୍ନିଶମ ମୁଖ୍ୟ ଅଧିକାରୀ ସଂଜୀବ ବେହେରା, ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକ ପ୍ରମୁଖ ଅନୁଧ୍ୟାନ କରିଥିଲେ।




**ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଯୁବକ ଗୁରୁତର ଘଟଣା**

## କ୍ଷତିପୂରଣ ପାଇଁ ଓଏଚ୍‌ଆର୍‌ସିର ନିର୍ଦ୍ଦେଶ

**କଟକ,୪।୧୨(ସମିସ):** ଜଗତପୁର ଷ୍ଟେସନ ବଜାର ରାସ୍ତାରେ ନିର୍ମାଣାଧୀନ ଡ୍ରେନ୍‌ରେ ପଡ଼ି ଜଣେ ଯୁବକ ଗୁରୁତର ଆହତ ହେବା ଘଟଣାରେ ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି) ପୀଡ଼ିତଙ୍କୁ କ୍ଷତିପୂରଣ ନିର୍ଦ୍ଦେଶ ଦେଇଛନ୍ତି। କମିସନଙ୍କ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ମାନବାଧିକାର କର୍ମୀ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଆବେଦନର ଶୁଣାଣି କରିଛନ୍ତି। ବର୍ତ୍ତମାନ ଆଇସିୟୁରେ ଚିକିତ୍ସାଧୀନ ଥିବା ପୀଡ଼ିତ ସବ୍ୟସାଚୀ ଜେନାଙ୍କୁ କମିସନ ଚିକିତ୍ସା ପ୍ରସଙ୍ଗ ଦେଖାରଖା କରୁଥିବା ନିକଟ ସମ୍ପର୍କୀୟଙ୍କୁ ୫୦ ହଜାର ଟଙ୍କା ଅନ୍ତରୀଣ କ୍ଷତିପୂରଣ ପ୍ରଦାନ କରିବା ପାଇଁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ନଭେମ୍ବର ୩୦ ରାତିରେ ଭାରସାମ୍ୟ ହରାଇ ବିନା କୌଣସି ବାଡ଼ କିମ୍ବା ସୂଚନା ଫଳକ ଥିବା ନିର୍ମାଣାଧୀନ ଡ୍ରେନ୍‌ରେ ଶ୍ରୀ ଜେନା ପଡ଼ି ଗୁରୁତର ଆହତ ହୋଇଥିଲେ। କମିସନ ଏହି ମାମଲାରେ କଟକ ଆର୍ ଆଣ୍ଡ ବି ଡିଭିଜନ-୨ ଅଧୀକ୍ଷଣ ଯନ୍ତ୍ରୀ ଏବଂ ସିଏମ୍‌ସି କମିସନରଙ୍କ ନିକଟରୁ ରିପୋର୍ଟ ତଲବ କରିଛନ୍ତି। ସମ୍ପୃକ୍ତ ଡ୍ରେନ୍ ନିର୍ମାଣ ସ୍ଥଳରେ ତୁରନ୍ତ ବ୍ୟାରିକେଡ୍ ଓ ସିଗନାଲ ବ୍ୟବସ୍ଥା କରିବା ପାଇଁ କମିସନ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୦୨୬, ଜାନୁଆରୀ ୯ ରେ ହେବ ବୋଲି ଜଣାପଡ଼ିଛି।

## ନଦୀରୁ ଉଦ୍ଧାର ହେଲେ ବୃଦ୍ଧ

**କଟକ,୪।୧୨(ସମିସ):** ଗୁରୁବାର ସକାଳ ପ୍ରାୟ ୭.୩୦। କାଠଯୋଡ଼ି ନଦୀରେ ମୃତଦେହ ପଡ଼ିଥିବା ଭାବି ଶହଶହ ଲୋକ ଖାନନଗର ଆମିଷ ବଜାର ନିକଟରେ ରୁଣ୍ଡ ହୋଇଥିଲେ।



କୂଳଠାରୁ ପ୍ରାୟ ୧୦୦ମିଟର ଦୂରରେ ବୃଦ୍ଧ ଜଣକ ପଡ଼ି ରହିଥିଲେ। ମଧୁପାଟଣା ଥାନା ପୁଲିସ ଏବଂ ଅଗ୍ନିଶମ ବିଭାଗ ସୂଚନା ପାଇ ସୁଦ୍ଧା ପହଞ୍ଚି ନଥିଲେ। ସାମାଜିକ କର୍ମୀ ଅଭିମନ୍ୟୁ ଦାସ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କୁ ଧରି ନଦୀ ମଝିକୁ ଯିବା ପରେ ଘଟଣାର ସତ୍ୟତା ଜଣାପଡ଼ିଥିଲା। ସଠିକ ସମୟରେ ଉଦ୍ଧାର କରାଯିବା ଯୋଗୁଁ ବୃଦ୍ଧ ଜଣକ ନୂଆ ଜୀବନ ପାଇଛନ୍ତି। ବୃଦ୍ଧଙ୍କ ବୟସ ୭୦ ବର୍ଷରୁ ଅଧିକ ହେବ। ଏବେ ସେ ଏସ୍‌ସିବି ଟ୍ରମା କାଜୁଆଲଟିରେ ଚିକିତ୍ସିତ ହେଉଛନ୍ତି। କାଠଯୋଡ଼ି ସେତୁ ଉପରୁ ସେ ଖସି ପଡ଼ିଥିବା ଅନୁମାନ କରାଯାଉଛି। ସେ ଅଚେତ ହୋଇ ପଡ଼ିଥିଲେ। ଅଭିମନ୍ୟୁ ଏବଂ ଯୁବକ ଜଣକ ନଦୀ ମଝିକୁ ଯିବା ପରେ ବୃଦ୍ଧ ଜୀବିତ ଥିବା ଜଣାପଡ଼ିଥିଲା। ଅଭିମନ୍ୟୁଙ୍କ ଏଭଳି ସାହାସିକତାକୁ ନେଇ ପ୍ରଶଂସାର ସୁଅ ଛୁଟିଛି।

## ୭ରେ 'ଉତ୍କଳ ଫ୍ୟାଶନ ଦି ୱିଭ୍ କଲେକ୍‌ସନ୍'



**କଟକ,୪।୧୨(ସମିସ):** ଓଡିଶାର ପ୍ରାଚୀନ କଳା ଓ ସଂସ୍କୃତିକୁ ଭିତ୍ତିକରି ପୁରୁଣା ପୋଷାକ ଶୈଳୀକୁ ନୂତନ ଢଙ୍ଗରେ ପରିବେଷଣ କରିବା ଲକ୍ଷ୍ୟରେ 'ସ୍ୱା' ପକ୍ଷରୁ ଆସନ୍ତା ୭ ତାରିଖରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଏକଦିବସୀୟ 'ଉତ୍କଳ ଫ୍ୟାସନ ଦି ୱିଭ୍ କଲେକସନ୍' କାର୍ଯ୍ୟକ୍ରମ ଆୟୋଜନ ହେବ। ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର କୁହାଯାଉଥିବା କଟକରେ ଅନୁଷ୍ଠିତ ହେବାକୁ ଥିବା ଏହି ବର୍ଣ୍ଣାଢ୍ୟ ଉତ୍ସବ ଚଳିତ ଥର ସିଜିନ୍-୨ ଭାବରେ ଆୟୋଜିତ ହେଉଛି। ପୂର୍ବରୁ ସିଜିନ୍-୧ ମଧ୍ୟ ସଫଳତାର ସହ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ୧୬ ଜଣ ଡ୍ରେସ୍ ଡିଜାଇନରଙ୍କ ସହ ୨୫୦ରୁ ଅଧିକ ପ୍ରତିଯୋଗୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବେ। ଏଥିରେ ଫ୍ୟାସନ ଶୋ' ସହିତ ସୁଫି ଓ ଓଡିଶୀ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ଓଡିଶାର ଲୋକମାନେ ପୂର୍ବରୁ ପରିଧାନ କରୁଥିବା ବିଭିନ୍ନ କିସମର ହସ୍ତତନ୍ତ ପୋଷାକକୁ ନୂଆ ଢଙ୍ଗରେ ପ୍ରସ୍ତୁତ କରି ପ୍ରଦର୍ଶନ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଅଟେ। ଯାହାଦ୍ୱାରା ଓଡ଼ିଆ ସଂସ୍କୃତି ଓ ଓଡ଼ିଶାର ପୋଷାକ ବିଶ୍ୱ ଦରବାରରେ ପହଞ୍ଚି ପାରିବ। ସେଲିବ୍ରିଟି ଡିଜାଇନର ସ୍ୱାତି ମହାପାତ୍ରଙ୍କ ପରିଚାଳନାରେ ହେବାକୁ ଥିବା ଏହି ଉତ୍ସବରେ ଓଡ଼ିଆ ସିନେମା ଜଗତର ଅନେକ ନାମୀଦାମୀ କଳାକାରଙ୍କ ସହ ଓଡ଼ିଶାର ଅନେକ ପୋଷାକ ଡିଜାଇନର ମଧ୍ୟ ଭାଗ ନେବେ। ଏହା ବ୍ୟତୀତ ଡିଜାଇନର ଜିତ ଜଗଜିତଙ୍କ ସମେତ ଓଲିଉଡର ଅନେକ ନାମୀଦାମୀ ଅଭିନେତ୍ରୀମାନେ ମଧ୍ୟ ଏଥିରେ ଯୋଗଦେବେ ବୋଲି ଜଣାପଡ଼ିଛି।

# ଟିସି ପାଇଁ ଅର୍ଥ ଆଦାୟ

## ଚିନ୍ତାମଣି ବିଦ୍ୟାପୀଠରେ ଏବିଇଓଙ୍କ ତଦନ୍ତ

କିଶନନଗର,୪।୧୨(ସମିସ): ଟିସି ପ୍ରଦାନ ପାଇଁ କିଶୋରନଗର ଚିନ୍ତାମଣି ବିଦ୍ୟାପୀଠରେ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। କିଶୋରନଗର ସାମଲ ସାହିର ପ୍ରଫୁଲ୍ଲ ସାମଲ ନିଜ ପୁଅର ଟିସି ଆଣିବାକୁ ଯାଇଥିବା ବେଳେ ତତ୍କାଳୀନ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ରୋଜାଲିନା ସ୍ୱାଇଁ ତାଙ୍କଠାରୁ ୫ଶହ ଟଙ୍କା ନେଇଥିବା କଟକ ଶିକ୍ଷା ଜିଲ୍ଲା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ସଦର ଏବିଇଓ ରବୀନ୍ଦ୍ର ବେହେରା, ବିଆରସିସି ଅନନ୍ତ ଚରଣ ଦେହୁରୀ, ସିଆରସିସି ଜଗନ୍ନାଥ ମଲ୍ଲିକ ଅନ୍ୟ କେତେକ ସିଆରସିସି ଓ ଶିକ୍ଷକଙ୍କ ସହ ଚିନ୍ତାମଣି ବିଦ୍ୟାପୀଠରେ ପହଞ୍ଚି ଏହି ଅଭିଯୋଗର ତଦନ୍ତ କରିଥିବା ଜଣାପଡିଛି। ସେ ଅଭିଯୁକ୍ତ ଶିକ୍ଷୟିତ୍ରୀ, କିରାଣି ଓ ପିଅନଙ୍କୁ ପଚରାଉଚରା କରିବା ସହ ସେମାନଙ୍କଠାରୁ ଲିଖିତ ସ୍ୱଷ୍ଟୀକରଣ ସଂଗ୍ରହ କରିଥିବା ଜଣାପଡିଛି। ଏଥିସହିତ ସେ ତାଙ୍କ ତଦନ୍ତ ରିପୋର୍ଟ ବିଇଓଙ୍କୁ ପ୍ରଦାନ କରିଛନ୍ତି। ତେବେ ଆରମ୍ଭରୁ ତଦନ୍ତ ବାଟ ହୁଡ଼ିଥିବା ଅଭିଯୋଗ ହୋଇଛି। ତଦନ୍ତ ସମ୍ପର୍କରେ ଅଭିଯୋଗକାରୀଙ୍କୁ ଅବଗତ କରା ନ ଯିବା ଓ ଅଭିଯୋଗ ସମ୍ପର୍କରେ ତାଙ୍କ ମତାମତ ନିଆଯାଇ ନ ଥିବା ଜଣାପଡିଛି। ଯାହାକି ତଦନ୍ତର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ଲଗାଇଛି।

ସୂଚନା ମୁତାବକ, ଚିନ୍ତାମଣି ବିଦ୍ୟାପୀଠରେ ପାଠପଢ଼ା, ମଧ୍ୟାହ୍ନ ଭୋଜନରେ ଅଣ୍ଡା ପ୍ରଦାନ ଆଦିରେ ଅନିୟମିତତା ଲାଗିରହିଥିବାରୁ ୭ମ ଶ୍ରେଣୀରେ ପଢୁଥିବା ପୁଅ ଆକାଶକୁ ପ୍ରଫୁଲ୍ଲ ଜଗତସିଂହପୁରଠାରେ ମାମୁଘରେ ରଖି ପାଠ ପଢ଼ାଇବା ପାଇଁ ସ୍ଥିର କରିଥିଲେ। ଏଥିପାଇଁ ସେ ପୁଅର ଟିସି ଆଣିବାକୁ ଚିନ୍ତାମଣି ବିଦ୍ୟାପୀଠକୁ ଯାଇଥିଲେ। ତେବେ ସେତେବେଳେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଥିବାରୁ ୩ ଦିନ ପରେ ଆସିବାକୁ ସ୍କୁଲର କିରାଣି କହିଥିଲେ। ୩ ଦିନ ପରେ ପ୍ରଫୁଲ୍ଲ ସ୍କୁଲରେ ପହଞ୍ଚିବା ବେଳେ କିରାଣି ଅନୁପସ୍ଥିତ ଥିବାରୁ ସେଠାରୁ ଫେରିଆସିଥିଲେ। ପରଦିନ ସେ ପୁଣି ସ୍କୁଲକୁ ଯାଇଥିଲେ। ସେଠାରେ ଉଭୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଓ କିରାଣି ଉପସ୍ଥିତ ଥିଲେ। ଟିସି ପାଇଁ ୫ ଶହ ଟଙ୍କା ଦେବାକୁ ପଡିବ ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କହିଥିଲେ। ତେବେ ଟିସି ପାଇଁ ୨/୩ ଶହ ଟଙ୍କା ନେବାକୁ ପ୍ରଫୁଲ୍ଲ କହିବାରୁ ବିଇଓ କାର୍ଯ୍ୟାଳୟରେ ୨ଶହ ଟଙ୍କା ଦେବାକୁ ପଡିବ ଓ ଯିବା ଆସିବା ପାଇଁ ଅବଶିଷ୍ଟ ୩ଶହ ଟଙ୍କା ଖର୍ଚ୍ଚ ହେବ ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କହିବାରୁ ସେ ତାଙ୍କୁ ୫ଶହ ଟଙ୍କା ପ୍ରଦାନ କରିଥିଲେ। ପରଦିନ ଟିସି ନେବାକୁ ସ୍କୁଲରୁ ଫୋନ ପାଇବା ପରେ ନିଜ ଭାଇକୁ ପଠାଇ ସେ ସ୍କୁଲରୁ ଟିସି ନେଇଥିଲେ। ପୁଅର ନାଁ ଅନ୍ୟ ସ୍କୁଲରେ ଲେଖାଇବା ସମୟରେ ଚିନ୍ତାମଣି ବିଦ୍ୟାପୀଠରେ ଟିସି ପାଇଁ ତାଙ୍କଠାରୁ ୫ ଶହ ଟଙ୍କା ନିଆଯାଇଥିବା ସେ କହିଥିଲେ। ତେବେ ଟିସି ପାଇଁ ପଇସା ନେବାର ନିୟମ ନ ଥିବା ସେଠାକାର ଶିକ୍ଷକ ତାଙ୍କୁ କହିଥିଲେ। ଏହା ପରେ ସେ ଚିନ୍ତାମଣି ବିଦ୍ୟାପୀଠକୁ ଆସି ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ପଇସା ଫେରସ୍ତ ମାଗିଥିଲେ। ପଇସା ଫେରସ୍ତ ନ ପାଇବାରୁ ସେ ନଭେମ୍ବର ୧୫ ତାରିଖରେ କଟକ ଶିକ୍ଷା ଜିଲ୍ଲା ଅଧିକାରୀଙ୍କୁ ଅଭିଯୋଗ କରିବା ସହ କଟକ ସଦର ଉପଜିଲ୍ଲାପାଳ ଓ ସଦର ବିଇଓଙ୍କୁ ଅବଗତ କରିଥିଲେ।

## ସେବା ଦିବସର ଶୁଭାରମ୍ଭ




ଟାଙ୍ଗୀ,୪।୧୨(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ବିଶ୍ୱାଳିସ୍ଥିତ ଡାଲମିଆ ସିମେଣ୍ଟ ଭାରତ ଲିମିଟେଡର କପିଳାସ ସିମେଣ୍ଟ ମାନୁଫାକଚରିଂ ୱାର୍କର ପ୍ରତିଷ୍ଠାତା ଜୟ ଦୟାଲ ଡାଲମିଆଜୀଙ୍କ ୧୨୧ତମ ଜୟନ୍ତୀ ଉପଲକ୍ଷେ ସାତଦିନିଆ ସେବା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ଉକ୍ତ ଦିବସରେ ୧୨୧ ପ୍ରାକୃତିକ ଔଷଧୀୟ ଚାରାରୋପଣ କରାଯାଇଛି। ଏଥିସହ ଦକ୍ଷତା ତାଲିମ ପ୍ରଶିକ୍ଷଣ, ସମସ୍ୟା ଭିତ୍ତିକ ନୁକୁଡ ନାଟକ ଆଦି କରାଯାଇଥିଲା। ଆସନ୍ତା ଶନିବାର ରକ୍ତଦାନ ଶିବିର ଆୟୋଜିତ ହେବ ଏବଂ ଅନ୍ୟ ଜନହିତକର କାର୍ଯ୍ୟ କରାଯିବ ବୋଲି ମାନବ ସମ୍ବଳ ବିଭାଗର ମୁଖ୍ୟ ସୁଧିର ରଞ୍ଜନ ମହାନ୍ତି ଜଣାଇଛନ୍ତି।



ବାଇରୋଇରେ ଲକ୍ଷ୍ମୀ ନାରାୟଣଙ୍କ ପୂଜା

## ଅନ୍ତେବାସୀଙ୍କୁ ଗୀତା ପୁସ୍ତକ ବଣ୍ଟନ



ନରସିଂହପୁର,୪।୧୨(ସମିସ): ପବିତ୍ର ଗୀତା ଜୟନ୍ତୀ ଅବସରରେ ପଞ୍ଚାୟତ ବିଦ୍ୟାପୀଠ ନିମ ସାହି ସ୍କୁଲର ସମସ୍ତ ଅନ୍ତେବାସୀଙ୍କୁ ବୁଧବାର ଭଗବତ ଗୀତା ବଣ୍ଟନ କରାଯିବା ସହ ଗୀତାର ମହତ୍ତ୍ୱ ସମ୍ପର୍କରେ ସଭାପତି କୁଳମଣି ବାରିକ ଆଲୋକପାତ କରିଛନ୍ତି। ସମ୍ପାଦକ ବିଜୟ ପଣ୍ଡା, ସହସମ୍ପାଦକ ସନତ ମିଶ୍ର, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଦୀପ୍ତ ସାହୁ, ସୁଗମ ପ୍ରସାଦ ଡାଳୁଆ, କୁମୁଦିନୀ ସାହୁ, ସୁବାସଚନ୍ଦ୍ର ପ୍ରଧାନ, ଉଦ୍ଧବ ନାୟକ, ଶ୍ରୀଧର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ନୂତନ ସିଆର୍‌ସିସିଙ୍କୁ ସମ୍ବର୍ଦ୍ଧନା



ନିଶ୍ଚିନ୍ତକୋଇଲି,୪।୧୨(ସମିସ): ବେଣୀରାମପୁରର ନୂତନ ସିଆରସିସି ଭାବେ ଦିଲ୍ଲୀପ କୁମାର ସାମଲ ଯୋଗ ଦେଇଛନ୍ତି। ନାରାୟଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନବନିଯୁକ୍ତ ସିଆରସିସି ଓ ଏହି କ୍ଲଷ୍ଟରରୁ ବିଦାୟ ନେଇଥିବା ସିଆରସିସି କାର୍ତ୍ତିକଚନ୍ଦ୍ର ଦଳାଇ ଓ ପ୍ରାକ୍ତନ ସିଆରସିସି ଗୋଲାମ ମେହେନ୍ଦୀ ହାସନଙ୍କୁ କ୍ଲଷ୍ଟର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ସ୍ୱର୍ଣ୍ଣପ୍ରଭା ଶତପଥିଙ୍କ ପୌରହିତ୍ୟରେ ଏଥିରେ ନରେନ୍ଦ୍ର ଦାସ, ଜୟସ୍ମିତା ନାୟକ, ମାଧବାନନ୍ଦ ପତି, ରଘୁନାଥ ସାହୁ, ତିଳତ୍ତମା ବେହେରା, ଶାରଦା ପ୍ରସନ୍ନ ଆଚାର୍ଯ୍ୟ, ଅହଲ୍ୟା ସାହୁ, ଅକ୍ଷୟ ଖଣ୍ଡୁଆଳ, ରଞ୍ଜନ ବେହେରା, ଅନ୍ନପୂର୍ଣ୍ଣା ବେହେରା, ଦେବକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ତିନି ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ।

## ରତାପାଟ୍ ମହାଲକ୍ଷ୍ମୀ ଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ବଡ଼ମ୍ବା,୪।୧୨(ସମିସ): ରତାପାଟ ମହାଲକ୍ଷ୍ମୀ ପୂଜା ମହୋତ୍ସବ ଉଦଘାଟିତ ହୋଇଛି। ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଏହାକୁ ଉଦଘାଟନ କରିଥିଲେ। ବଡମ୍ବା ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ରତାପାଟ ସରପଞ୍ଚ ମଗୀରାମ ବେହେରା, ମାଳତୀ ସରପଞ୍ଚ ରତ୍ନାକର ବେହେରା, ଜିଲ୍ଲା ପରିଷଦ ୨୯ନମ୍ବର ଜୋନର ସଦସ୍ୟା ଜୟଶ୍ରୀ ବରାଳ, ବୈଜ୍ଞାନିକ ସୁରେନ୍ଦ୍ର ଦଳେଇ, ଅଧେଇଗୁଣ୍ଡି ସମିତିସଭ୍ୟ ମନୋଜ ପଣ୍ଡା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ରାଉତ, ସମାଜସେବୀ ପ୍ରସନ୍ନ ପ୍ରଧାନ, ସମୀର ରାଉତ, ଅଶୋକ ଧଳ ପ୍ରମୁଖ ଯୋଗଦେଇଥିଲେ। ରଜନୀକାନ୍ତ ବଳବନ୍ତରାୟ ଅଧ୍ୟକ୍ଷତା କରିଥିବାବେଳେ ସମ୍ପାଦକ ବାମନ ଚରଣ ପଲେଇ ସଂପାଦକୀୟ ବିବରଣୀ ଉପସ୍ଥାପନା କରିଥିଲେ। ବଜାର କମିଟିର ସଭାପତି ମିହିର ପ୍ରଧାନ, ସମ୍ପାଦକ ସୋମନାଥ ଖୁଣ୍ଟିଆ, କୋଷାଧ୍ୟକ୍ଷ ସୁଶାନ୍ତ ନାୟକ, ରାଜକିଶୋର ଦାସ, ସୁଶାନ୍ତ ନାୟକ, ଶିକ୍ଷକ ନେତା କଳିଙ୍ଗ କେଶରୀ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଅଶୋକ ଧଳ ଧନ୍ୟବାଦ ଦେଇଥିଲେ।

# ବିଶ୍ୱ ଏଡ୍‌ସ ଦିବସରେ ସଚେତନତା କାର୍ଯ୍ୟକ୍ରମ







ନିଶ୍ଚିନ୍ତକୋଇଲି,୪।୧୨(ସମିସ): ଅସୁରେଶ୍ୱରଠାରେ ଥିବା ସୁଭଦ୍ରା ମହତାବ ମହାବିଦ୍ୟାଳୟର +୩ ଯୁବ ରେଡକ୍ରସ ଏବଂ +୨ ଓ ଡିଗ୍ରୀ କଲେଜର ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ବଳରାମ ସ୍ୱାଇଁ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ସୂର୍ଯ୍ୟକାନ୍ତ ମଳିକଙ୍କ ସଂଯୋଜନାରେ ପ୍ରାଧ୍ୟାପକ ସୁଧୀର ଦାସଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷା ଡ. ସୁପ୍ରଭା ପରିଡା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ସ୍ମୃତିରଞ୍ଜନ ସାହୁ, ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ପ୍ରତାପଚନ୍ଦ୍ର ସାହୁ, ଅଧ୍ୟାପକ ମନମୋହନ ଖଟୁଆ, ଅଧ୍ୟାପକ ରଞ୍ଜନ ସେଠୀ, ଅଧ୍ୟାପକ ଡ. ନରୋତ୍ତମ ବଳ, ଅଧ୍ୟାପକ ସୁବାଷ ବେହେରା, ଅଧ୍ୟାପିକା ପୁଷ୍ପମିତ୍ରା ବରାଳ ଆଲୋଚନା କରିଥିଲେ। ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ଏଥିରେ ଉପସ୍ଥିତ ଥିଲେ।

**କିଶନନଗର:** କିଶନନଗର ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ବିଶ୍ୱ ଏଡସ ଦିବସ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ପ୍ରାୟ ୬୦ ଜଣ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସଞ୍ଜୀବ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଡ଼. ଅନାଦି ଚରଣ ବରାଳ, ଏକାଉଣ୍ଟେସ ବର୍ଷାର ଏମ୍‌ଡି. ସାଦିକ୍ ଅଲି, ଡ଼. ବିଜୟ ମଲ୍ଲିକ, ଡ. ବିନୟ ଭୂଷଣ ମହାପାତ୍ର (ଓଡ଼ିଆ ବିଭାଗ), ବିଦିଶା ବେହେରା (ଇଂରାଜୀ ବିଭାଗ) ଏବଂ ତୁଷାରକାନ୍ତ ଦେହୁରି (ପ୍ରାଣୀବିଜ୍ଞାନ ବିଭାଗ) ସହଯୋଗ କରିଥିଲେ।




**ଭଦ୍ରେଶ୍ୱର:** ମାହାଙ୍ଗା ବ୍ଲକ ପଲ୍ଲିସାହିସ୍ଥିତ ମାହାଙ୍ଗା ମହିଳା ମହାବିଦ୍ୟାଳୟ ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଶ୍ୱ ଏଡସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ ଷଡ଼ଙ୍ଗୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ କୁଆଁପାଳ ଜବାହାରଲାଲ ନେହରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ଦାସ ଯୋଗଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକଅଧ୍ୟାପିକା କର୍ମଚାରୀ ଓ ଛାତ୍ରୀ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରମିଳା ରାଉତ ଧନ୍ୟବାଦ ଦେଇଥିଲେ।

## ବିଶିଷ୍ଟ ଶ୍ରମିକନେତାଙ୍କ ଶ୍ରାଦ୍ଧବାର୍ଷିକୀ



ଚୌଦ୍ୱାର,୪।୧୨(ସମିସ): ସୁସଂଗଠକ, ସୁପ୍ରତିଷ୍ଠିତ ଶ୍ରମିକ ନେତା ତଥା ରାଜନୀତିଜ୍ଞ ସ୍ୱର୍ଗତ ବନମାଳି ଦାସଙ୍କ ସପ୍ତମ ଶ୍ରାଦ୍ଧୋତ୍ସବ ପାଳିତ ହୋଇଯାଇଛି। ଆଇନଜୀବୀ ସରିତା ଦାସଙ୍କ ସଂଯୋଜନାରେ ଚୌଦ୍ୱାର ପୌରପାଳିକାର ୧୧ ନମ୍ବର ୱାଡର୍ ଅନ୍ତର୍ଗତ ଓଟିଏମ୍ କଲୋନୀରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱକଲ୍ୟାଣ ଦାସ, ସମ୍ପାଦକ ଦିବ୍ୟଜ୍ୟୋତି ପାଣି, ଡା. ପିତାମ୍ବର ରାଉତରାୟ, ମାନସ ରଞ୍ଜନ ସାମଲ, ଆଡ଼ଭୋକେଟ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଅଧ୍ୟାପକ ପ୍ରଦୀପ ଦାସ, ଆଇନଜୀବୀ ମାନସ ରଞ୍ଜନ ଧଳ, ପିଆର ସିଂ, ଅମୂଲ୍ୟ ସାହୁ, ଦେବୀପ୍ରସାଦ ମହାପାତ୍ର, ସବିତା ଦାସ, ସୁଜାତା ଦାସ, ଜେକେ ଦାସ, ସୁନୀତା ଦାସ, ମଳୟ ପଟ୍ଟନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାରମ୍ଭରେ ଅତିଥିବୃନ୍ଦ, ବହୁ ସଂଖ୍ୟକ ଶ୍ରମିକ ଓ ସାଧାରଣ ନାଗରିକ କଲୋନୀସ୍ଥିତ ବନମାଳୀ ଷ୍ଟୋର ନିକଟସ୍ଥ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟର୍ପଣ କରିଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ





ଟିଗିରିଆ,୪।୧୨(ସମିସ): ଟିଗିରିଆ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳନ କରାଯାଇଛି। ବିଆରପି ସବିତା ପଣ୍ଡା ଓ ବିଜୟ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ଅମର ମହାରଣା, ସମ୍ମାନିତ ଅତିଥିଭାବେ ସହ ଶିକ୍ଷାଧିକାରୀ ସୌଦାମିନୀ ମିଶ୍ର ଓ ମାଧବ ଚନ୍ଦ୍ର ଦେହୁରୀ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ୪୦ଜଣ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସମେତ ସ୍ଥାନୀୟ କୁମ୍ଭୀପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଆଇଇଡି ସଞ୍ଜୟ ରତ୍ନ ରାଉତ ସହଯୋଗ କରିଥିଲେ। ସେହିପରି ଟିଗିରିଆ ତାଲୁକ ଆଇନସେବା କମିଟି ତରଫରୁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଟିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର ମହାରଣା ଏବଂ ତାଙ୍କ ସମସ୍ତ କର୍ମଚାରୀ, ତାଲୁକ ଆଇନସେବା କମିଟିର ରିଟେନର ଶରତଚନ୍ଦ୍ର ମହାପାତ୍ର, ଟିଗିରିଆ ଓକିଲ ସଂଘର ବରିଷ୍ଠ ଆଇନୀଜୀବୀ ରମେଶଚନ୍ଦ୍ର ମାଝୀ, ଟିଗିରିଆ ବ୍ଲକର ବିଭିନ୍ନ ସ୍କୁଲର ଭିନ୍ନକ୍ଷମ ପିଲାମାନେ ଉପସ୍ଥିତ ଥିଲେ।

**ବଡମ୍ବା :** ବଡମ୍ବା ମଣ୍ଡଳ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନାଙ୍କ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୦ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ତାଙ୍କ ପିତାମାତା ଅନ୍ତେବାସୀ ଶିକ୍ଷା ସ୍ୱେଚ୍ଛାସେବୀ ଓ ସାଧନା କର୍ମୀ ଏକ ଶୋଭାଯାତ୍ରାରେ ପରିକ୍ରମା କରିବା ପରେ ସଂଗୀତ ଗାନ, ବେଙ୍ଗଡିଆଁ, ଚିତ୍ରାଙ୍କନ, ୫୦ ମିଟର ଦୌଡ଼, ମ୍ୟୁଜିକ ଚେୟାର ପ୍ରତିଯୋଗିତା କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ସହ ଶିକ୍ଷାଧିକାରୀ ଶିବପ୍ରସାଦ ବ୍ରହ୍ମା ଓ ସୁଷମା ମଞ୍ଜରୀ ମହାଳିକ, ଅତିଥିରୂପେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଧନା କର୍ମୀ ଦୀନବନ୍ଧୁ ଦଳେଇ ଓ ମମତା ଦାସ ପରିଚାଳନା କରିଥିଲେ।

## କଟିକଟା-ଜୟପୁର ରାସ୍ତା ମରାମତିରେ ଅନିୟମିତତା

ନିଶ୍ଚିନ୍ତକୋଇଲି,୪।୧୨(ସମିସ): କେନ୍ଦ୍ରାପଡା ପୂର୍ତ୍ତ ବିଭାଗ ଅଧୀନରେ ଥିବା କଟିକଟା-ଜୟପୁର ରାସ୍ତା ଅବସ୍ଥା ଦୀର୍ଘ ଦିନ ହେବ ଅତ୍ୟନ୍ତ ଖରାପ ହୋଇପଡିଥିଲା। ଅଭିଯୋଗ ପରେ ବିଭାଗ ପକ୍ଷରୁ ୧୭ ଲକ୍ଷ ଟଙ୍କା ଅନୁଦାନରେ ଏବେ ରାସ୍ତା ମରାମତି କାର୍ଯ୍ୟ କରାଯାଉଛି। ରାସ୍ତାରେ ହୋଇଥିବା ଖାଲଖମା ଗୁଡିକୁ ପୋତାଯିବା ଏବଂ ଅତ୍ୟନ୍ତ ଖରାପ ହୋଇଥିବା ରାସ୍ତା ଉପରେ ପୁନର୍ବାର ପିଚୁ ପକାଯିବା କାର୍ଯ୍ୟ କରାଯାଉଛି। ହେଲେ ରାସ୍ତା ମରାମତି କରୁଥିବା ଠିକାଦାର ଜଣକ ସଂପୂର୍ଣ୍ଣ ବିଭାଗୀୟ ନୀତି ନିୟମକୁ ଉଲଙ୍ଘନ କରି ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ଲୋକମାନେ ଅଭିଯୋଗ କରିଛନ୍ତି। ରାସ୍ତା ମରାମତି କାର୍ଯ୍ୟ ହେଉଥିଲା ବେଳେ ବିଭାଗୀୟ ଅଧିକାରୀ ବା କର୍ମଚାରୀ ତଦାରଖ କରୁ ନ ଥିବାରୁ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ରାସ୍ତାକୁ ଅଧିକ ଓସାରିଆ କରିବା ପାଇଁ ଟେଣ୍ଡର କରାଯାଇଥିଲେ ମଧ୍ୟ ଉକ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆ ନ ଯାଇ କେବଳ ମରାମତି ପାଇଁ ଅନୁଦାନ ଯୋଗାଇ ଦିଆଯାଇଥିବା ଜଣାଯାଇଛି। ରାସ୍ତାରେ ହେଉଥିବା ଏହି ମରାମତି କାର୍ଯ୍ୟର ସ୍ଥାୟିତ୍ୱ ନେଇ ସନ୍ଦେହ ମଧ୍ୟ ପ୍ରକାଶ ପାଇଛି। କେତେକ ସ୍ଥାନରେ ମରାମତି ହେବା କ୍ଷଣି ସଙ୍ଗେ ସଙ୍ଗେ ପିଚୁ ଉଠିଯାଉଛି। ଏହି ମରାମତି କାର୍ଯ୍ୟକୁ ସଠିକ୍ ଭାବେ ତଦାରଖ କରି ନୀତି ନିୟମରେ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସଂକ୍ରାନ୍ତରେ କେନ୍ଦ୍ରାପଡା ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କହିଛନ୍ତି, କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ମରାମତି ହେଉଥିବା ରାସ୍ତା କାର୍ଯ୍ୟକୁ ସଠିକ୍ ତଦାରଖ କରିବା ସମ୍ଭବପର ହେଉ ନାହିଁ।



## ପଞ୍ଚାୟତ ଭବନରେ ପ୍ରସ୍ତୁତି ବୈଠକ

# ଜାନୁଆରୀ ୭ରୁ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା

କନ୍ଧମାଳ/ଫିରିଙ୍ଗିଆ,୪।୧୨(ସମିସ)



ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ପଞ୍ଚାୟତ ଭବନରେ ଜିଲ୍ଲାପାଳ, କନ୍ଧମାଳ ତଥା ଅଧ୍ୟକ୍ଷ, ଜିଲ୍ଲା ସଂସ୍କୃତି ପରିଷଦ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ କନ୍ଧମାଳ ମହୋତ୍ସବ, କୃଷି ମେଳା ଓ ପଲ୍ଲିଶ୍ରୀ ମେଳାର ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ପ୍ରାରମ୍ଭିକ ଅଭିଭାଷଣରେ କନ୍ଧମାଳ ଜିଲ୍ଲାର ସଂସ୍କୃତି ଓ ପରମ୍ପରା ଏବଂ ଅନ୍ୟ ରାଜ୍ୟ ଓ ଦେଶର ପରମ୍ପରା ସହ ଲୋକଙ୍କୁ ଯୋଡ଼ିବା ସହିତ କୃଷକ ଓ ଜନମାନସଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବାକୁ କନ୍ଧମାଳ ମହୋତ୍ସବ, କୃଷି ମେଳା ଓ ପଲ୍ଲିଶ୍ରୀ ମେଳା ଏକା ସାଙ୍ଗରେ କରାଯିବ ବୋଲି ସୂଚନା ଦେଇଛନ୍ତି। ଏଥିପାଇଁ କନ୍ଧମାଳକୁ ଅଗ୍ରାଧିକାର ଦେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ପୂର୍ବବର୍ଷର ଆୟବ୍ୟୟ ତଥ୍ୟ ଓରମାସ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ପୂର୍ବ ବର୍ଷର ପ୍ରସ୍ତୁତି ବୈଠକର ବିବରଣୀ ପଠନ କରିଥିଲେ ଏବଂ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସମସ୍ତ କମିଟିର କର୍ମକର୍ତ୍ତା ନିର୍ଦ୍ଧାରଣ କରିଥିଲେ। ସଭାରେ ଉପସ୍ଥିତ ବିଜ୍ଞବ୍ୟକ୍ତି ଏହି ମହୋତ୍ସବକୁ ସଫଳ କରିବାକୁ ବିଭିନ୍ନ ପରାମର୍ଶ ପ୍ରଦାନ କରିଥିଲେ ଏବଂ ଏହା ଉପରେ ଗୁରୁତ୍ୱ ଦେଇ ଏହାର କାର୍ଯ୍ୟକାରୀ ପାଇଁ ଜିଲ୍ଲାପାଳ ପତିଶ୍ରୁତି ଦେଇଥିଲେ। ଆଲୋଚନାରେ ଜାନୁଆରୀ ୭ ତାରିଖରୁ ୧୧ ଜାନୁଆରୀ ପର୍ଯ୍ୟନ୍ତ କନ୍ଧମାଳ ଷ୍ଟାଡିୟମଠାରେ ଆୟୋଜନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ବୈଠକକୁ ପ୍ରକଳ୍ପ ପ୍ରଶାସକ, ଆଇଟିଡିଏ, ଫୁଲବାଣୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ଗଦାଧର ପାତ୍ର ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ,କନ୍ଧମାଳ ଶମ୍ଭୁନାଥ ନନ୍ଦୀ, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପ୍ରବୀଣ ବାଣ୍ଡୁଆ, ସାଂସଦ,କନ୍ଧମାଳଙ୍କ ପ୍ରତିନିଧି ଅଜିତ ପଟ୍ଟନାୟକ, ବିଧାୟକ,ଫୁଲବାଣୀଙ୍କ ପ୍ରତିନିଧି ଭଗବାନ ମହାନ୍ତି, ପ୍ରକଳ୍ପ ପ୍ରଶାସକ, ଆଦିବାସୀ ଉନ୍ନୟନ ସଂସ୍ଥା,ବାଲିଗୁଡା କୃପାସିନ୍ଧୁ ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ବରିଷ୍ଠ ଆଇନଜୀବୀ, ବୁଦ୍ଧିଜୀବୀ, କଳାକାର ଓ ବିଭିନ୍ନ ଏନଜିଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ



ପାରଳାଖେମୁଣ୍ଡି,୪।୧୨(ସମିସ): ଗଜପତି ଜିଲ୍ଲା ଜଷ୍ଟିସ୍ କର୍ଣ୍ଣର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ମର୍କଡା ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଜଷ୍ଟିସ୍ କର୍ଣ୍ଣର ସଭାପତି ଭାଗ୍ୟଲକ୍ଷ୍ମୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଅଦାଲତର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଡି. ଅନୁପ ଆଚାରୀ, ମହିଳା ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ସାରଳା ପାତ୍ର ଅତିଥି ଭାବେ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ସାମାଜିକ କର୍ମୀ ରଶ୍ମିପ୍ରିୟା ପଣ୍ଡା, ଶିକ୍ଷୟିତ୍ରୀ ଏସ୍.ରାଧା, ଜଷ୍ଟିସ୍ କର୍ଣ୍ଣର ସମ୍ପାଦକ ଜଗନ୍ନାଥ ଚୌଧୁରୀ, ଅଙ୍ଗନବାଡ଼ି କର୍ମୀ ନର୍ମଦା ପଟ୍ଟନାୟକ ଉପସ୍ଥିତ ଥିଲେ।

## ରାଇକିଆରେ ମାଣବସା ଲକ୍ଷ୍ମୀପୂଜା



ରାଇକିଆ,୪।୧୨(ସମିସ): ରାଇକିଆ ଲକ୍ଷ୍ମୀପୂଜା କମିଟି ତରଫରୁ ନିଜସ୍ୱ ପୂଜା ମଣ୍ଡପରେ ମାଣବସା ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ଅଧିବାସ ଏବଂ ଗୁରୁବାର ପୂଜା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିବା ବେଳେ ରବିବାର ପୂର୍ଣ୍ଣାହୁତି, ପ୍ରସାଦସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିସର୍ଜନ କାର୍ଯ୍ୟକ୍ରମ ରହିଛି। କମିଟି ୩୦ ବର୍ଷ ଧରି ପୂଜା ପାଳନ କରିଆସୁଛି। ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଉପସଭାପତି ବିରୁପାକ୍ଷ ପାତ୍ର, ବନମାଳୀ ପଣ୍ଡା, ସମ୍ପାଦକ ବାଦଲ ସାହୁ, ସହ ସମ୍ପାଦକ ବେନୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାରତ ଭୂଷଣ ପାଣିଗ୍ରାହୀ ଓ ଉପଦେଷ୍ଟା ଶ୍ରୀଧର ଦାଶ, ବି. ତ୍ରିପତି ସୁବୁଦ୍ଧି, ସୁବାସ ଚନ୍ଦ୍ର ପଣ୍ଡା, ମଙ୍ଗୁଲୁ ପାତ୍ର, କର୍ତ୍ତା ବାବୁଲି ପାଳ ପ୍ରମୁଖ ଯୋଗ ଦେବା ସହ ପରିଚାଳନାରେ ସହଯୋଗ କରିଥିଲେ। କମିଟିର ନବ ନିର୍ମିତ ନିଜସ୍ୱ ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି।

## ବାର୍ଷିକ କ୍ରୀଡ଼ା ଉଦ୍ଯାପିତ




ରାୟଗଡ,୪।୯(ସମିସ): ଗଜପତି ଜିଲ୍ଲା ରାୟଗଡ ସରକାରୀ ଏସ୍ଏସ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୩ ଦିନ ଧରି ଚାଲିଥିବା କ୍ରୀଡ଼ା ପ୍ରତିଯୋଗିତା ଆଜି ଉଦଯାପିତ ହୋଇଛି। ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁକାରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ସୁଲୋମନ୍ ରାଇକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ଶିକ୍ଷା ନିରୀକ୍ଷକ ରମେଶ ଚନ୍ଦ୍ର ଦାସ ଓ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ମୁଦୁଲି ମଞ୍ଚାସୀନ ଥିଲେ। ଏହାପରେ ବାର୍ଷିକ କ୍ରୀଡ଼ାର ବିଜେତାଙ୍କୁ ମାନପତ୍ର ଓ ପୁରସ୍କାର ଦିଆଯାଇଥିଲା। ଏହି ବର୍ଷ ର ୩ଟି ବର୍ଗର ୬ଟି ଚମ୍ପିଆନଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଜୁନିୟର ବାଳକ ବର୍ଗରେ ଧର୍ମପଦ ଶବର, ଜୁନିୟର ବାଳିକା ବର୍ଗରେ ଦିଲେଶ୍ୱରୀ ନାୟକ, ସିନିଅର ବାଳକ ବର୍ଗରେ ଭରତ ଭୂୟାଁ, ସିନିଅର ବାଳିକା ବର୍ଗରେ ବେଦବତୀ ନାୟକ, ସୁପର ସିନିୟର ବାଳକ ବର୍ଗରେ ସଂଜୟ କୁମାର ବେହେରା, ସିନିଅର ବାଳିକା ବର୍ଗରେ ଗୟନ୍ତୀ ରଇତକୁ ଚଳିତ ବର୍ଷର ଚମ୍ପିଆନ ରୂପେ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ପରିଚାଳନରେ ସହଯୋଗ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ର ସୁରେଶ ବଡ଼ ରଇତ। ସେ ଅଖା ଡିଆଁରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

## ଦାରିଙ୍ଗବାଡ଼ିରେ ଅସହ୍ୟ ଶୀତ



ଦାରିଙ୍ଗବାଡି,୪।୧୨(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ଆଜି ତାପମାତ୍ରା୯ ଡ଼ିଗ୍ରୀ ରେକଡର୍ କରାଯାଇଛି। ଆଭ୍ୟନ୍ତରୀଣ ଇଲାକାରେ ଏହା ଠାରୁ ଅଧିକ ତାପମାତ୍ରା ହ୍ରାସ ପାଇଥିବା ଅନୁମାନ କରାଯାଉଛି। ଫଳରେ ଦାରିଙ୍ଗବାଡ଼ି ଅଞ୍ଚଳରେ ଥଣ୍ଡା ବୃଦ୍ଧି ପାଇଛି। ଦାରିଙ୍ଗବାଡ଼ିରେ ଥଣ୍ଡା ଓ ଶୀତ ବୃଦ୍ଧି ପାଇଥିବାରୁ ଏହାର ମଜା ନେବା ପାଇଁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଛି। ଏହା ସହିତ ଶୀତବସ୍ତ୍ର ବିକ୍ରି ଉଠା ଦୋକାନ ଖୋଲିଛି। ଚା' ଦୋକାନରେ ସକାଳ ଓ ସନ୍ଧ୍ୟାରେ ଭିଡ଼ ଦେଖିବାକୁ ମିଳୁଛି। ହାଡ଼ଭଙ୍ଗା ଶୀତ ଅନୁଭୂତି ହେଉଛି। ଜାଡ଼ରେ ଥରୁଛି ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳ। ଅସହ୍ୟ ଥଣ୍ଡା ପାଇଁ ବୃଦ୍ଧ ବୃଦ୍ଧାଙ୍କ ନିଆଁର ଆଶ୍ରୟ ନେଉଛନ୍ତି। ସେହିପରି ଦିନରେ କୋହଲା ପାଗ ଜାରି ସହିତ ଶୀତ ଅନୁଭୂତ ହେଉଛି।

## ଜି.ଉଦୟଗିରିରେ ପ୍ରବଳ କୁହୁଡ଼ି ସହିତ ଶୀତ

ଜି.ଉଦୟଗିରି,୪।୧୨(ସମିସ): ଜି. ଉଦୟଗିରି ଅଞ୍ଚଳରେ ଆଜି ପ୍ରବଳ କୁହୁଡି ସହିତ ଶୀତ ଅନୁଭୂତ ହୋଇଛି। ଫଳରେ ଗାଡି ମୋଟର ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଥିଲା। ସକାଳ ୯ ଟା ପର୍ଯ୍ୟନ୍ତ ସୂର୍ଯ୍ୟ କିରଣ ନ ପଡ଼ିବାରୁ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଥିଲା। ବିଶେଷ କରି ଘାଟି ରାସ୍ତାରେ ଯାତାୟାତରେ ସମସ୍ୟା ହୋଇଥିବା ବେଳେ ନୂଆ ଚାଳକଙ୍କ ପାଇଁ ବଡ଼ ସମସ୍ୟା ହୋଇଛି। ଏହି କାରଣରୁ କଳିଙ୍ଗା ଘାଟିରେ ଅନେକ ଦୁର୍ଘଟଣା ହେଉଥିବା ନଜିର ରହିଥିବା ବେଳେ ସତର୍କତା ସହିତ ଗାଡିଚଳାଇବାକୁ ପରାମର୍ଶ ଦିଆଯାଇଛି। ଅଧିକ କୁହୁଡି କାରଣରୁ ପନିପରିବା ଚାଷ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଥିବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି କୃଷି ବିଭାଗ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ



ପାରଳାଖେମୁଣ୍ଡି, ୪।୧୨ (ସମିସ): ପାରଳାଖେମୁଣ୍ଡି ସ୍ଥିତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଛାତ୍ରୀ ତଥା ପାରଳାଖେମୁଣ୍ଡି ପୌରପାଳିକାର ଅଧ୍ୟକ୍ଷା ନିର୍ମଳା ସେଠୀ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। କ୍ରୀଡ଼ା ପରିଷଦ ସଭାପତି ତଥା ବିଦ୍ୟାଳୟର ଅଧ୍ୟକ୍ଷ ଡ଼. ମହେନ୍ଦ୍ର ରଇତ ବିଭିନ୍ନ ପରାମର୍ଶ ଦେଇଥିଲେ। ବରିଷ୍ଠ କ୍ରୀଡ଼ା ପ୍ରଶିକ୍ଷକା ବିଜୟଲକ୍ଷ୍ମୀ ପଣ୍ଡା ପରିଚାଳନା କରିଥିଲେ। ଏଥିରେ ଯୁକ୍ତ ଦୁଇ କଳା ଦ୍ୱିତୀୟ ବର୍ଷର ଛାତ୍ରୀ ଅନିତା ନାୟକ ଚାମ୍ପିଅନ ହୋଇଛନ୍ତି। କ୍ରୀଡ଼ା ପରିଷଦ ଉପସଭାପତି ଟି. ତେଜା ରାଓ ସଂଯୋଜନା କରିଥିବା ବେଳେ ସମସ୍ତ ସହସଭାପତି ଓ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ସହଯୋଗ କରିଥିଲେ।

## ପାଣି ପାଇଁ ପ୍ରଶାସନର ଦ୍ୱାରସ୍ଥ ହେଲେ ୨ ଗ୍ରାମବାସୀ



ପାରଳାଖେମୁଣ୍ଡି,୪।୧୨(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ କର୍ଚ୍ଚବାଡ଼ି ପଞ୍ଚାୟତ ଖାରୀକୁଟି ଏବଂ ଢେପାଲାଜୁ ଗ୍ରାମରେ ପାନୀୟ ଜଳ ସମସ୍ୟାକୁ ନେଇ ଦୁଇ ଗ୍ରାମବାସୀ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଉଭୟ ଗ୍ରାମରେ ପ୍ରାୟ ୩ଶହ ଲୋକ ବସବାସ କରୁଥିଲେ ସୁଦ୍ଧା ଏବେ ବି ଜଳ ସଂକଟ ଲାଗି ରହିଥିବା ପ୍ରକାଶ କରିଛନ୍ତି। ଗ୍ରୀଷ୍ମକାଳରେ ଗ୍ରାମବାସୀ ଦୁଇ କିଲୋମିଟର ଅତିକ୍ରମ କରି ନାଳପାଣି ଆଣିବାକୁ ପଡିଥାଏ। ଏହି ନାଳପାଣି ପିଇବା ଦ୍ୱାରା ନାନାଦି ସଂକ୍ରମଣ ରୋଗର ଶିକାର ହେବା ସହ ପାଣି ପାଇଁ ଉହଲବିକଳ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଲୋକେ। ଗ୍ରାମରେ ନଳକୂପ ଥିଲେ ସୁଦ୍ଧା ଲୌହଗନ୍ଧ ଯୁକ୍ତ ପାଣି ବାହାରୁଥିବାରୁ ଏହା ପାନୀୟ ଉପଯୁକ୍ତ ହେଉନାହିଁ। ଜଳସଂକଟ ଦୂର ଲାଗି ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା କହିଛନ୍ତି। ଏନେଇ ଯୁବନେତା ତଥା ସମାଜସେବୀ ଅଭାନ ନାୟକ ଓ ଲକ୍ଷଣେ ମଲ୍ଲିକ କହିଛନ୍ତି ଏହି ଗ୍ରାମରେ ସୌରଚାଳିତ ପମ୍ପ ଓ ମୋଟର ବ୍ୟବସ୍ଥା କରି ଜଳ ଯୋଗାଇଦେଲେ ଜଳକଷ୍ଟ ଦୂର ହେବ। ବର୍ତ୍ତମାନ ଆମେ ନିଜ ନିଜ ଉଦ୍ୟମରେ ନଳକୂପ ଗୁଡିକୁ ସଜାଡି ପାଣି ସଂଗ୍ରହ କରୁଛୁ। କିଛିଦିନ ପରେ ପୁଣି ଏହି ନଳକୂପ ଭାଙ୍ଗିଯାଉଛି। ଫଳରେ ଯେଉଁ ଜଳକଷ୍ଟ ଅବସ୍ଥାକୁ ସେହି ଅବସ୍ଥା। ସୌରଚାଳିତ ପମ୍ପ ଓ ମୋଟର ସହ ଓଭର ହେଡ୍ ଟାଙ୍କି ସ୍ଥାପନ କଲେ ହିଁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଭାରପ୍ରାପ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନାଗାଙ୍କୁ ଅନୁରୋଧ କରିଛନ୍ତି। ଏନେଇ ଭାରପ୍ରାପ୍ତ ଜିଲ୍ଲାପାଳ ସମସ୍ୟାର ସମାଧାନ କରାଯିବା ଲାଗି ପଦକ୍ଷେପ ନିଆଯିବ ବୋଲି କହିଥିବା ଗ୍ରାମାଞ୍ଚଳବାସୀ ପ୍ରକାଶ କରିଛନ୍ତି।

## ପରିଡ଼ା ପଞ୍ଚାୟତରେ ଚାରିଟିକିଆ ହାତୀ ପଲ

ଗୁମ୍ମା,୪।୧୨(ସମିସ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ପରେ ଏବେ ଗୁମ୍ମା ବ୍ଲକରେ ଚାରିଟିକିଆ ହାତୀପଲ। ଗୁମ୍ମା ବ୍ଲକ ପରିଡ଼ା ପଞ୍ଚାୟତର ଆଦାନଗୁଡ଼ା ଓ ଯାନିଗୁଡ଼ା ଜଙ୍ଗଲର ଆଖପାଖରେ ଚାରି ଟିକିଆ ହାତୀପଲ ଦେଖିବାକୁ ମିଳିଛି। ଗତକାଲି ବିଳମ୍ବିତ ରାତିରେ କାଶୀନଗର ବନ ଅଞ୍ଚଳରେ ଦେଖା ଦେଇଥିବା ବେଳେ ଜଙ୍ଗଲି ହାତୀ ଆଜି ଗୁମ୍ମା ବ୍ଲକରୁ ଆସିଥିବା ଦେଖି ଗ୍ରାମବାସୀ ଭୟଭୀତ ହୋଇ ପଡିଛନ୍ତି। ଗ୍ରାମବାସୀ ତୁରନ୍ତ ବନ ଅଧିକାରୀଙ୍କୁ ସୂଚନା ଦେଇଥିଲେ। ବନଅଧିକାରୀ ରାତି ସାରା ଜଗି ରହି ଆଖପାଖରେ ରହୁଥିବା ଜନସାଧାରଣଙ୍କୁ ସତର୍କ କରିଥିଲେ। ଏହି ଗ୍ରାମାଞ୍ଚଳର ଲୋକେ ବର୍ତ୍ତମାନ ହାତୀକୁ ନେଇ ଭୟଭୀତ ହୋଇପଡିଥିବା ବେଳେ ଧାନ ଅମଳ ସମୟରେ ହାତୀଙ୍କ ବିଚରଣକୁ ନେଇ ଅଞ୍ଚଳର ଚାଷୀ ଆଶଙ୍କାରେ ରହିଛନ୍ତି। ଏହି ଚାରି ଟିକିଆ ହାତୀପଲ କିଛି ମାସ ହେଲା ପଡୋଶୀ କାଶୀନଗର ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ବିଚରଣ କରୁଥିଲେ। ଏବେ ସେହି ହାତୀପଲ ଗୁମ୍ମା ବ୍ଲକ ଅଞ୍ଚଳରେ ପଶିଥିବାର ଅନୁମାନ କରୁଛନ୍ତି ଲୋକେ। ଏନେଇ ଆଜି ରାତି ପରେ ହାତୀ ମାନଙ୍କ ଗତିବିଧିର ସମ୍ପୂର୍ଣ୍ଣ ସୂଚନା ମିଳିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ



ମୋହନା, ୪।୧୨(ସମିସ): ଗଜପତି ଜିଲ୍ଲା ମୋହନା ସ୍ଥିତ ହିଲଟପ୍ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ ଗୁରୁବାର ଉଦଘାଟିତ ହୋଇଛି। ସ୍ଥାନୀୟ ବୁଢ଼ୀ ଠାକୁରାଣୀ ମନ୍ଦିରରେ ପୂଜାର୍ଚ୍ଚନା ସହ ମଶାଲ ଶୋଭାଯାତ୍ରା ବାହାରି ମହାବିଦ୍ୟାଳୟ ପରିସରରେ ପହଞ୍ଚିଥିଲା। ପରେ +୨ ଅଧ୍ୟକ୍ଷ ଭଗବାନ ବିଷୋୟୀ ଏବଂ +୩ ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତି ଯୁଗ୍ମ ଭାବେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଆୟୋଜିତ କ୍ରୀଡ଼ା ସମାରୋହରେ ଲମ୍ବଡିଆଁ, ଉଚ୍ଚଡିଆଁ, ସଟପୁଟ୍, ଡ଼ିସକସ୍ ଥ୍ରୋ, କବାଡି ଭଳି ପ୍ରତିଯୋଗିତା ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର +୨ ଏବଂ +୩ ବିଭାଗର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଅଧ୍ୟାପକ ଡ. ଅନ୍ତର୍ଯ୍ୟାମୀ ଗୌଡ଼, ଏସ୍. ରମେଶ, ଅନିଲ ତ୍ରିପାଠୀ, ସନ୍ତୋଷ ନନ୍ଦ, ମନୋରଞ୍ଜନ ପାଣିଗ୍ରାହୀ, ଜିତେନ୍ଦ୍ର ସ୍ୱାଇଁ ଓ ନୀଳମାଧବ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତାକାଲି କ୍ରୀଡ଼ା ସମାରୋହ ଉଦଯାପିତ ହେବ।

## ଠକ ପୋଷ୍ଟମାଷ୍ଟରକୁ କୋର୍ଟ ଚାଲାଣ



ବାଲିଗୁଡ଼ା/କ.ନୂଆଗାଁ,୪।୧୨(ସମିସ): କନ୍ଧମାଳ ଜିଲ୍ଲା କ.ନୂଆଗାଁ ଥାନା ଅନ୍ତର୍ଗତ ସାଇନପଡା ପୋଷ୍ଟମାଷ୍ଟର ରମେଶ ଚନ୍ଦ୍ର ସାହୁ ଲୋକଙ୍କ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିବା ବେଳେ ଆଜି ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସର ସୂଚନା ଅନୁସାରେ, ଉକ୍ତ ପୋଷ୍ଟ ଅଫିସରେ ୨୦୨୧ରୁ ରମେଶ ବିପିଏମ ଭାବେ କାର୍ଯ୍ୟରତ ଥିଲେ। ଗ୍ରାମାଞ୍ଚଳର ଲୋକଙ୍କ ବିଶ୍ୱାସ ଭାଜନ ହେବା ପରେ ସୁକନ୍ୟା ଯୋଜନା, ଆର୍‌ଡି ସହ ବିଭିନ୍ନ ଯୋଜନାରେ ପୋଷ୍ଟ ଅଫିସରେ ଟଙ୍କା ବାନ୍ଧିବାକୁ ଆଣି ଆତ୍ମସାତ କରିଥିଲେ। ଘଟଣା ପ୍ରଘଟ ପରେ ଅଭିଯୁକ୍ତ ପୋଷ୍ଟ ମାଷ୍ଟର ଛୁଟି ନେଇ ଫେରାର ହୋଇଯାଇଥିଲେ। ଏନେଇ ଗତ ସେପ୍ଟେମ୍ବର ୩୦ ତାରିଖରେ ସାଇନପଡାର କଳ୍ପନା ମଲ୍ଲିକ, ରୁକ୍ମିଣୀ ବେହେରା, ପ୍ରାଣକୃଷ୍ଣ ମହାପାତ୍ର କ.ନୂଆଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ଅଧିକାରୀ ତଦନ୍ତ ଜାରି ରଖି ଗତକାଲି ବ୍ରହ୍ମପୁର ପାର୍କସାହିରୁ ଅଭିଯୁକ୍ତ ରମେଶ ସାହୁ (୩୨)କୁ ଗିରଫ କରିଥିଲେ। ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି। ଟଙ୍କା କିପରି ଫେରସ୍ତ ପାଇବେ ସେନେଇ ଗ୍ରାହକମାନେ ଚିନ୍ତିତ ଥିବା ବେଳେ ସରକାର କିଛି ବ୍ୟବସ୍ଥା କରିବା ପାଇଁ ଦାବି କରିଛନ୍ତି।

## ପ୍ରାକ୍ ବଡ଼ଦିନ ମହୋତ୍ସବ



ଜି.ଉଦୟଗିରି,୪।୧୨(ସମିସ): ଜି.ଉଦୟଗିରି ଗୁଡ୍ରିପଡ଼ି ମିଶନ କ୍ୟାମ୍ପସ୍‌ରେ ଜି.ଉଦୟଗିରି ପାଷ୍ଟରେଟ, ଫୁଲବାଣୀ ଧର୍ମାଞ୍ଚଳ ଓ ଉତ୍ତର ଭାରତ ମଣ୍ଡଳୀ ପକ୍ଷରୁ ପ୍ରାକ୍ ବଡ଼ଦିନ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଜି.ଉଦୟଗିରି ପାଷ୍ଟରେଟ ଆଚାର୍ଯ୍ୟ ଆଲୋକ ପ୍ରଧାନ ଏଥିରେ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟବକ୍ତା ଫୁଲବାଣୀ ଧର୍ମାଞ୍ଚଳର ମହାଚାର୍ଯ୍ୟ ବିଶପ ଭାଓଲେଟ୍ ନାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ପବିତ୍ର କୁମାର ନାୟକ ସ୍ୱାଗତ କରିଥିଲେ। କୋଷାଧ୍ୟକ୍ଷ ଭୀମସେନ ନାୟକ ସହିତ ଅନ୍ୟ ଅଧିକାରୀ ଓ ପଦାଧିକାରୀ ଉପସ୍ଥିତ ଥିଲେ। ଫୁଲବାଣୀର ଉପସଭାପତି ଜର୍ଜ ବାକ୍ୟ ଓ ଦାନ ପାଇଁ ପ୍ରାର୍ଥନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମନିବେଦିତ ପ୍ରଧାନ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# କତଲକଇଠା-ମର୍କଡ଼ା ରାସ୍ତା ଶୋଚନୀୟ



■ ୭ ବର୍ଷ ତଳେ ନିର୍ମିତ ରାସ୍ତାର ମରାମତି ହୋଇନି
■ ୩ ହଜାରରୁ ଊର୍ଦ୍ଧ୍ୱ ଲୋକେ ହନ୍ତସନ୍ତ

ପାରଳାଖେମୁଣ୍ଡି,୪।୧୨(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ସଦରମହକୁମା ଠାରୁ ମର୍କଡା ଗ୍ରାମ୍ୟରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏଥିଯୋଗୁ ଏହି ରାସ୍ତା ଉପରେ ନିର୍ଭର କରୁଥିବା ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ଗମନାଗମନରେ ବାଧା ଉପୁଜୁଛି। କତଲକଇଠା ଠାରୁ ମର୍କଡା ୪.୫୦ କିମି ରାସ୍ତା ୭ ବର୍ଷ ପୂର୍ବେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିଲା। ରକ୍ଷଣାବେକ୍ଷଣ ତଥା ଆବଶ୍ୟକୀୟ ମରାମତି କରାନଯିବାରୁ ଏହି ରାସ୍ତା ଏବେ ଖାଲଖମାରେ ପରିଣତ ହୋଇ ଶୋଚନୀୟ ହୋଇପଡିଛି। ରାସ୍ତାର କିଛି ଅଂଶ ଭଲ ଥିବାବେଳେ ଅନେକାଂଶ ଖାଲଖମାରେ ପରିପୂର୍ଣ୍ଣ ହୋଇପଡିଛି। ରାସ୍ତା ଶୋଚନୀୟ ହୋଇପଡିଥିବାରୁ ମର୍କଡା, କମଳାବାଞ୍ଜିରି, ସିଦ୍ଧିପାଲେମ ଆଦି ଗ୍ରାମ ସମେତ ଗୁମ୍ମା ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳ ଲୋକେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୪ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମାଞ୍ଚଳ ବାସୀ କହିବା ମୁତାବକ ବିଶେଷ କରି ରାସ୍ତାର ଅବସ୍ଥା ଏପରି ଦେଖି ରୋଗୀଙ୍କୁ ନେବାକୁ ୧୦୮ ଆମ୍ବୁଲାନ୍ସ ମଧ୍ୟ ଆସୁନାହିଁ। ଏହା ସହ ଏହି ଖାଲଖମା ରାସ୍ତାରେ ଦୈନିକ ଦୁର୍ଘଟଣା ଘଟୁଛି। ରାତିରେ ଜରୁରୀ କୌଣସି କାମରେ ଯିବା ଆସିବା ବେଳେ ଅନେକ ପଡ଼ି ଆହତ ହେଉଛନ୍ତି। କିଛିଦିନ ପୂର୍ବେ ସିଦ୍ଧିପାଲମର ଗ୍ରାମର ଜଣେ ବ୍ୟକ୍ତି ପରିସ୍ରା କରିବାକୁ ଯାଇଥିବା ବେଳେ ଗର୍ତ୍ତ ରାସ୍ତାରେ ପଡି ଆହତ ହୋଇଥିଲେ। ଏହା ସହ ଏହି ଅଞ୍ଚଳର ଆଖପାଖ ଗ୍ରାମାଞ୍ଚଳର ଲୋକେ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହର ଅତି ନିକଟରେ ରହିଥିବାରୁ ବଜାର, ହାଟ, ଚିକିତ୍ସା ପାଇଁ ଚିକିତ୍ସାଳୟକୁ ଯିବାଆସିବା, ଛାତ୍ରଛାତ୍ରୀସ୍କୁଲ କଲେଜକୁ ଯିବା ଆସିବା କରିଥାନ୍ତି। ଏହି ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲ୍ଲା ସଦରମହକୁମାରୁ ମାତ୍ର ୫ ରୁ ୮ କିମି ଦୂରତାରେ ଏହି ସବୁ ଗ୍ରାମ ରହିଥିଲେ ହେଁ ଅନୁନ୍ନତ ହୋଇପଡିଛି ବୋଲି କ୍ଷୋଭର ସହ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ରାସ୍ତା ନିର୍ମାଣକୁ ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ମର୍କଡାବାସୀ କହିଛନ୍ତି। ସେହିପରି ସିଦ୍ଧିପାଲମର ଜଣେ ମହିଳା କହିଛନ୍ତି ଯେ, ପଞ୍ଚାୟତ ସଦରମହକୁମାକୁ କୌଣସି କାମରେ ବିଶେଷ କରି ବୃଦ୍ଧବୃଦ୍ଧା ରାସ୍ତାର ଏପରି ଦୁରାବସ୍ଥା ଦେଖି ପ୍ରାୟତଃ ଯିବାକୁ ମଙ୍ଗୁନାହାନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପଗ୍ରହଣକରାଯିବାକୁ ଦାବିହେଉଛି।

# ଡ୍ରୋନ୍ କ୍ୟାମେରା ନଜରରେ ରହିବ ବ୍ରହ୍ମପୁର ଜେଲ୍

ବ୍ରହ୍ମପୁର,୪।୧୨(ସମିସ): ଡ୍ରୋନ କ୍ୟାମେରା ନଜରରେ ରହିବ ବ୍ରହ୍ମପୁର ଜେଲ। ଫଳରେ ଜେଲ୍‌ର ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଜେଲରେ କ'ଣ ହେଉଛି କ୍ୟାମେରା ଜରିଆରେ



ନଜର ରଖିବେ ଉପରିସ୍ଥ ଅଧିକାରୀ। ଜେଲ ବାହାରେ ଓ ଭିତରେ କଏଦୀଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଦେଖି ଦାୟିତ୍ୱରେ ଥିବା ଅଧିକାରୀ ପଦକ୍ଷେପ ଗ୍ରହଣ କରିବ ବୋଲି ଜଣାପଡ଼ିଛି। ବ୍ରହ୍ମପୁର ଜେଲରେ ଅନ୍ତେବାସୀ ରହିବାକୁ ମୋଟ ୩୨ ୱାର୍ଡ ହୋଇଛି। ସେଥିମଧ୍ୟରେ ଗ୍ୟାଙ୍ଗଷ୍ଟାର, ହାର୍ଡକୋର୍, ଆତଙ୍କବାଦୀ, ଦେଶଦ୍ରୋହୀଙ୍କ ଭଳି ଅପରାଧୀ ରହିବା ପାଇଁ ବ୍ରହ୍ମପୁର ଜେଲ୍‌ରେ ନିର୍ମାଣ ହୋଇଛି ୩ଟି ହାଇସିକ୍ୟୁରିଟି ୱାର୍ଡ। ୱାର୍ଡ ବାହାରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ରହିଛି। ବ୍ରହ୍ମପୁର ଜେଲ୍‌ରେ ମୋଟ ୩୨ଟି ୱାର୍ଡ ରହିଥିବା ବେଳେ ୨୪ଟି ସେଲ୍ ରହିଛି। ଅନ୍ୟ ଜେଲମାନଙ୍କରୁ କଏଦୀ ଚମ୍ପଟ ମାରିବା ପରେ ଏବେ ସମସ୍ତ ଜେଲରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଉଛି। ସେହିକ୍ରମରେ ବ୍ରହ୍ମପୁର ଜେଲର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଜେଲ ଉପରେ ଉଡ଼ିବ ଗୋଟିଏ ଡ୍ରୋନ କ୍ୟାମେରା। ଏହି କ୍ୟାମେରା ଖୁବଶୀଘ୍ର ବ୍ରହ୍ମପୁର ଜେଲରେ କାର୍ଯ୍ୟକାରୀ ହୋଇ ଉଡ଼ିବ ବୋଲି ଜେଲର ବରିଷ୍ଠ ଅଧିକ୍ଷକ ଧୀରେନ୍ଦ୍ର ନାଥ ବାରିକ ସୂଚନା ଦେଇଛନ୍ତି। ଏହି ଡ୍ରୋନ କ୍ୟାମେରା ଦ୍ୱାରା ଭିତରେ ଥିବା କଏଦୀମାନେ କୌଣସି ଅଘଟଣ କରିବା ପୂର୍ବରୁ ଭୟ କରିବେ ନଚେତ ଯାହା କରିବେ ତାହା ଡ୍ରୋନ କ୍ୟାମେରାରେ କଏଦ ରହିବ। ଯାହା ଫଳରେ ଜେଲ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ପାରିବ ବୋଲି କୁହାଯାଇଛି। ଡ୍ରୋନ କ୍ୟାମେରା କେବଳ ଜେଲ ଭିତରେ ନୁହେଁ ଜେଲର ଆଖପାଖ ପାଚେରୀ ଉପରେ ମଧ୍ୟ ନଜର ରଖିବ।

# ଗଞ୍ଜାମ ଜିଲ୍ଲାରେ ଶିଥିଳ ଶୀତଳଭଣ୍ଡାର

ବ୍ରହ୍ମପୁର,୪।୧୨(ସମିସ):

ପନିପରିବା ଚାଷ କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି। ଜଳସେଚନର ସୁବିଧା ଥିବା ଇଲାକାରେ ବ୍ୟାପକ ମାତ୍ରାରେ ପନିପରିବା, ଫଳମୂଳ ଆଦି ଚାଷ ହେଉଛି। କିନ୍ତୁ ଜିଲ୍ଲାରେ ପର୍ଯ୍ୟାପ୍ତ ପରିମାଣରେ ଶୀତଳ ଭଣ୍ଡାର ଅଭାବ କାରଣରୁ ବହୁ ସମୟରେ ପନିପରିବା'ର ଓ ଫଳମୂଳର ଅଭାବ ବିକ୍ରି ଦେଖିବାକୁ ମିଳୁଛି। ଏଥିଯୋଗୁଁ ବହୁ ସମୟରେ ଚାଷୀ ଏହି କାର୍ଯ୍ୟରୁ ମୁହଁ ଫେରାଉଥିବା ବେଳେ ଦୀର୍ଘଦିନ ହେବ ବିଭିନ୍ନ ଇଲାକାରେ ଶୀତଳଭଣ୍ଡାର ଲାଗି ଦାବି କରାଯାଉଥିଲେ ହେଁ ଏହା କିଛି ମାତ୍ରାରେ କାର୍ଯ୍ୟକାରୀ ହୋଇଥିବା ବେଳେ ଅନ୍ୟଥା ଫଳପ୍ରଦ ହୋଇନଥିବା ଜଣାପଡ଼ିଛି। ଫଳରେ ଚାଷୀକୂଳ ବହୁ ସମୟରେ ନିରାଶ ହେଉଛନ୍ତି। ସୂଚନାପ୍ରକାରେ, ଗଞ୍ଜାମ ଜିଲ୍ଲାର ତିନି ଉପଖଣ୍ଡ ଭଞ୍ଜନଗର, ବ୍ରହ୍ମପୁର ଓ ଛତ୍ରପୁର ଲାଗି ୫ହଜାର ଟନ୍ ବିଶିଷ୍ଟ ତିନୋଟି ଶୀତଳ ଭଣ୍ଡାରର ଆବଶ୍ୟକତା ରହିଥିବା ଚାଷୀ ମହଲରୁ ମତପ୍ରକାଶ ପାଇଛି। ତେବେ ଗଞ୍ଜାମ ଜିଲ୍ଲାରେ ସରକାରୀ ଓ ବେସରକାରୀକୁ ମିଶାଇ ଛୋଟବଡ଼ ମାତ୍ର ୧୧ଟି ଶୀତଳ ଭଣ୍ଡାର ରହିଛି। ତନ୍ମଧ୍ୟରୁ ସରକାରୀ ସ୍ତରରେ ଆସିକା ରୋଡ଼ ଓ ଜଗନ୍ନାଥପୁରରେ ଦୁଇଟି ବଡ଼ ଶୀତଳ ଭଣ୍ଡାର ରହିଥିବା ବେଳେ ଏହାର କ୍ଷମତା ଯଥାକ୍ରମେ ୫ହଜାର ଟନ୍ ଓ ୨୦ହଜାର ଟନ୍ ବୋଲି ସୂଚନା ମିଳିଛି। ସେହିଭଳି ଆମ୍ବପୁଆ, ହିଞ୍ଜିଳି ଓ ବେସରକାରୀ ଷ୍ଟୋରେଜ୍‌କୁ ମିଶାଇ ସମୁଦାୟ ଛୋଟ ବଡ଼ ହୋଇ ୧୧ଟି ଶୀତଳ ଭଣ୍ଡାର ରହିଛି। ଫଳରେ ଚାଷୀକୂଳ ଆବଶ୍ୟକ ଅନୁସାରେ ଏଭଳି ସୁବିଧାରୁ ବଞ୍ଚିତ ହେଉଛନ୍ତି।

**୩ ଉପଖଣ୍ଡରେ ୫ ହଜାର ଟନ୍ କ୍ଷମତା ବିଶିଷ୍ଟ ତିନୋଟି ଶୀତଳ ଭଣ୍ଡାରର ଆବଶ୍ୟକତା ରହିଛି**

**ନଷ୍ଟ ହେଉଛି ଚାଷୀଙ୍କ ପନିପରିବା ଓ ଫଳମୂଳ**

ଅପରପକ୍ଷେ ଶୀତଳ ଭଣ୍ଡାର ସମ୍ପର୍କରେ ଚିକିଟି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ସମ୍ପର୍କରେ ସେଠାକାର ବିଧାୟକ ମନୋରଞ୍ଜନ ଦ୍ୟାନ ସମାନ୍ତରା ଗତ କିଛିଦିନ ପୂର୍ବେ ବିଧାନସଭାରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାରେ ଗୁରୁତ୍ୱ ଦେବାକୁ କହିଥିଲେ। ଏ ସମ୍ପର୍କରେ ମନ୍ତ୍ରୀ ଉତ୍ତର ଦେଇଥିଲେ ଯେ, ସରକାର ଯେ କୌଣସି ଉଦ୍ୟୋଗୀ ଚାହିଁଲେ ତାଙ୍କୁ ସରକାର ସମ୍ପୂର୍ଣ୍ଣ ସହଯୋଗ କରି ନୂତନ ପ୍ରୋତ୍ସାହନ ଯୋଗାଇବେ। ଏହା କରିବା ଆବଶ୍ୟକତା ରହିଛି। ନୂତନ ଜ୍ଞାନକୌଶଳ ମାଧ୍ୟମରେ ରାଜ୍ୟରେ ଛୋଟ ଛୋଟ ସୋଲାର କୋଲ୍ଡ ରୁମ ୨୩୯ଟି ୧୦ହଜାର ୭୯୫ମେଟ୍ରିକ ଟନ୍ କ୍ଷମତାର ଆରମ୍ଭ ହେବାକୁ ପ୍ରଚେଷ୍ଟା କରାଯାଉଛି। ଓରେଡ଼ା, ହର୍ଟିକଲ୍‌ଚର ମିଶନ ଦ୍ୱାରା ପଞ୍ଚାୟତସ୍ତରରେ ଏହାର ଉପଯୋଗ କରାଯାଉଛି। ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି। ଓରେଡ଼ା ପକ୍ଷରୁ ୫୫ଟି ନିର୍ମାଣ ଚାଲିଥିବା ବେଳେ ୨୬ଟି ସରିଛି। ନ୍ୟାସନାଲ ହର୍ଟିକଲଚର ମିଶନ ଦ୍ୱାରା ୩୦ଟି ସୋଲାର ବିଶିଷ୍ଟ ଓ ୧୦ଟି ଇଲେକ୍ଟ୍ରି ବାହିତ ଶୀତଳ ଭଣ୍ଡାର ନିର୍ମାଣ କାର୍ଯ୍ୟ ଜାରି ରହିଛି। ପାଖାପାଖି ଗତ ୪ବର୍ଷ ଭିତରେ ଏହି କାମ ହେଉଥିବା ବେଳେ ପାଖାପାଖି ୨୬ଲକ୍ଷ ଟଙ୍କା ବିନିଯୋଗରେ ୩୫ପ୍ରତିଶତରୁ ୫୦ପ୍ରତିଶତ ସବ୍‌ସିଡ଼ି ରହିଛି। ଏହା ହେବା ଫଳରେ ଉତ୍ପାଦନ ବୃଦ୍ଧି ପାଉଛି। ବିଭାଗ ତରଫରୁ ସଚେତନ କରାଯାଉଛି। ଅଗ୍ରଗତି ନେଇ ତ୍ୱରାନ୍ୱିତ ବେଗରେ ଆରମ୍ଭ ହୋଇଥିବା ମନ୍ତ୍ରୀ ଉତ୍ତର ଦେଇଥିଲେ। ଅନ୍ୟପକ୍ଷରେ ଗଞ୍ଜାମ ଜିଲ୍ଲାରେ ଶୀତଳ ଭଣ୍ଡାର ଅଭାବ ଚାଷୀମାନଙ୍କ ପାଇଁ ଗୁରୁତର ସମସ୍ୟା ହୋଇଛି। ଏହି ଜିଲ୍ଲା କୃଷି ସମ୍ପଦରେ ସମୃଦ୍ଧ ଥିବା ସତ୍ତ୍ୱେ ବି ବିଭିନ୍ନ ସମୟରେ ଚାଷୀକୂଳ ନିର୍ଦ୍ଦିଷ୍ଟ ଦରରେ ବଜାରକୁ ପନିପରିବା, ଫଳମୂଳ ଆଦି ବିକ୍ରି କରିବା ଦିଗରେ ନିଜକୁ ଅସମର୍ଥ ମନେ କରନ୍ତି। ବହୁ ସମୟରେ ଅଭାବି ବିକ୍ରିର ଶିକାର ହୁଅନ୍ତି। ଚାଷୀଙ୍କ ପାଇଁ ଏହା କେବଳ ଏକ ସୁବିଧା ନୁହେଁ, ବରଂ ତାଙ୍କର ମୂଳ ଆବଶ୍ୟକତା ହୋଇଥିବା ବେଳେ ବାହାର ଜିଲ୍ଲା ଓ ରାଜ୍ୟମାନଙ୍କୁ ରପ୍ତାନି କରିବାକୁ ପଡୁଥିବାରୁ ପରିବହନ ଖର୍ଚ୍ଚ ବଢୁଛି ଏବଂ ଲାଭ ହ୍ରାସ ପାଉଥିବା ଚାଷୀନେତାମାନେ କହିଛନ୍ତି। ଏମିତି ପରିସ୍ଥିତିରେ ଗଞ୍ଜାମରେ ଯଥେଷ୍ଟ ଶୀତଳ ଭଣ୍ଡାର ସୃଷ୍ଟି, ଚାଷୀ ଗୋଷ୍ଠୀ ଭିତ୍ତିକ ମ୍ୟାନେଜମେଣ୍ଟ, ସରକାରୀ ଓ ବେସରକାରୀ ମିଶ୍ର ପ୍ରୟାସ ଦ୍ୱାରା ସଂଗଠିତ ନିବେଶ ଚାଷୀଙ୍କ ଅର୍ଥନୈତିକ ସ୍ଥିରତା ଓ ବଜାର ନିର୍ଭରତାକୁ ଦୃଢ଼ କରିପାରିବ ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

■ ଆନ୍ଧ୍ରରେ ନିଶା ଔଷଧ କାରବାର

# ବ୍ରହ୍ମପୁରରୁ ଜଣଙ୍କୁ ଉଠାଇନେଲା ପୁଲିସ

ବ୍ରହ୍ମପୁର, ୪।୧୨ (ସମିସ): ଆନ୍ଧ୍ରପ୍ରଦେଶରେ ନିଶା ଔଷଧ କାରବାର କରୁଥିବା ଅଭିଯୋଗରେ ବ୍ରହ୍ମପୁରର ଜଣେ ବ୍ୟକ୍ତିଙ୍କୁ ସେଠାକାର ପୁଲିସ ଉଠାଇ ନେଇଛି। ସମ୍ପୃକ୍ତ ବ୍ୟକ୍ତି ଜଣକ ପ୍ରେମନଗର ନିବାସୀ ସନ୍ତୋଷ କୁମାର(୪୬) ବୋଲି ଜଣାପଡିଛି। ସୂଚନାପ୍ରକାରେ, ଆନ୍ଧ୍ରପ୍ରଦେଶର ବିଶାଖାପଟଣା ସହରରେ ବିନା ଡାକ୍ତରଙ୍କ ଚିଠାରେ ନିଶା ଔଷଧ ବିକ୍ରି ହେଉଥିଲା। ଘଟଣା ସାମ୍ନାକୁ ଆସିବା ପରେ ବିଶାଖାପାଟଣାର ଜି. ସଞ୍ଜୀବ ରେଡ୍ଡୀ ଏନେଇ ଏମଭିପି ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ତଦନ୍ତ ବେଳେ ବ୍ରହ୍ମପୁରର ସନ୍ତୋଷଙ୍କର ଉକ୍ତ ନିଶା ଔଷଧ କାରବାରରେ ସଂପୃକ୍ତି ଥିବା ଜଣାପଡିଥିଲା। ସେହିକ୍ରମରେ ଏମିଭିପି ଥାନାର ୩ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ନେଇ ଏକ ଟିମ ଗତକାଲି ବ୍ରହ୍ମପୁରରେ ପହଞ୍ଚିବା ପରେ ବଡବଜାର ଥାନା ପୁଲିସର ସହଯୋଗ ନେଇଥିଲେ। ଆଜି ଅଭିଯୁକ୍ତ ସନ୍ତୋଷଙ୍କୁ କାବୁ କରିବା ପରେ ଆନ୍ଧ୍ର ପୁଲିସ ତାଙ୍କୁ ବିଶାଖାପଟଣା ନେଇ ଯାଇଥିବା ଜଣାପଡିଛି। ତେବେ ଅଭିଯୁକ୍ତ ସନ୍ତୋଷ ବ୍ରହ୍ମପୁରରେ ମଧ୍ୟ ନିଶା ଔଷଧ କାରବାର ଚଳାଉଥିବା ନେଇ ସନ୍ଦେହ ଦୃଢ଼ୀଭୂତ ହୋଇଛି।

## ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

# ଅଜୟ ପଢ଼ିବେ ପର୍ବତାରୋହଣ ପ୍ରଶିକ୍ଷଣ ପାଠ୍ୟକ୍ରମ

ବ୍ରହ୍ମପୁର,୪।୧୨(ସମିସ): ଦକ୍ଷିଣ ସିକିମରେ ଏନ୍‌ସିସି ପକ୍ଷରୁ ଅନୁଷ୍ଠିତ ପର୍ବତାରୋହଣ ପ୍ରଶିକ୍ଷଣ ପାଠ୍ୟକ୍ରମରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ଛାତ୍ର ତଥା ଏନ୍‌ସିସି ସିନିଅର ଅଣ୍ଡର ଅଫିସର ଅଜୟ କୁମାର ବେହେରା ଅଂଶଗ୍ରହଣ କରି ବ୍ରହ୍ମପୁର ପାଇଁ ସୁନାମ ଆଣିଛନ୍ତି। ଉକ୍ତ ଶିବିର ନିମନ୍ତେ ସର୍ବଭାରତୀୟସ୍ତରରେ ଚୟନ ହୋଇଥିବା ୪୦ଜଣଙ୍କୁ ଚୟନ କରାଯାଇଥିବା ବେଳେ ସେଥିମଧ୍ୟରେ ଅଜୟ ସ୍ଥାନ ପାଇଛନ୍ତି। ପ୍ରଶିକ୍ଷଣ ପାଇ ସେ ଉତ୍ତର ସିକିମର ବରଫାଚ୍ଛନ



କାଞ୍ଚନଜଙ୍ଘା ଅଞ୍ଚଳକରେ ପ୍ରଶିକ୍ଷଣ କରିଥିଲେ। ହିମାଳୟର ପାଦଦେଶରେ ରହିଥିବା ଶୃଙ୍ଗକୁ ଭିଷଣ ଥଣ୍ଡାରେ ପ୍ରଶିକ୍ଷଣ ସହ ୧୬ହଜାର ଫୁଟ ଉଚ୍ଚତା ବିଶିଷ୍ଟ ପର୍ବତାରୋହଣ କରି ରେକର୍ଡ କରିଥିଲେ। ଏହି ସଫଳତାରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ, ପିଜିସି ଡ.ମନୋଜ କୁମାର ପଟ୍ଟନାୟକ, ଛାତ୍ର କଲ୍ୟାଣ ଅଧିକାରୀ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ, ଡ. ପ୍ରଶାନ୍ତ କୁମାର ନରେନ୍ଦ୍ର, ଏନସିସି ଆର୍ମି ୟୁନିଟର ସହଯୋଗୀ ଅଫିସର କ୍ୟାପଟେନ ଡ. ଯତୀନ ବିଷୋୟୀ ସମେତ ବହୁ ଅଧ୍ୟାପକଅଧ୍ୟାପିକା ଶୁଭେଚ୍ଛା ଜଣାଇଛନ୍ତି।

# ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ଗୀତାଯଜ୍ଞ



ବ୍ରହ୍ମପୁର,୪।୧୨(ସମିସ): ଲାଞ୍ଜିପଲ୍ଲି ସ୍ଥିତ ଆଶ୍ରମ ପରିସରରେ ଦିବ୍ୟ ଜୀବନ ସଂଘ ମହିଳା ଶାଖା ପକ୍ଷରୁ ପବିତ୍ର ଗୀତା ଯଜ୍ଞ ଅନୁଷ୍ଠିତ ହୋଇଛି। ଆଶ୍ରମର ପୂଜକ ଅରୁଣ କୁମାର ଦାଶଙ୍କ ପୌରହିତ୍ୟରେ ଭାଗବତ ଗୀତାର ସମ୍ପୂର୍ଣ୍ଣ ଶ୍ଳୋକର ଆବୃତ୍ତି ପରେ ଘୃତ ଯଜ୍ଞ କରାଯାଇଥିଲା। ଭାଗବତ ଗୀତାର ପ୍ରତ୍ୟେକ ଶ୍ଳୋକ ଏକ ମନ୍ତ୍ର ଏବଂ ଭାଗବତ ଗୀତା ପରି ମୋକ୍ଷାଦାୟିନୀ ଏବଂ କଲ୍ୟାଣକାରୀ ଆଧ୍ୟାତ୍ମିକ ଜ୍ଞାନ ଅତ୍ୟନ୍ତ ବିରଳ ବୋଲି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜଙ୍କ ମତ ରହିଛି। ଏହାକୁ ମନଯୋଗ ପୂର୍ବକ ଏବଂ ଶ୍ରଦ୍ଧାର ସହିତ ପରାୟଣ କଲେ ପରମାତ୍ମାଙ୍କ କୃପା ଲାଭ କରିବା ସହିତ ମୋକ୍ଷର ମାର୍ଗ ମଧ୍ୟ ଉନ୍ମୁକ୍ତ ହୋଇଥାଏ ବୋଲି ଦକ୍ଷିଣାଞ୍ଚଳ ସମନ୍ୱୟ ସମିତିର କୋଷାଧ୍ୟକ୍ଷ ଶାନ୍ତିଭୂଷଣ ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ଗୁରୁ ଭଉଣୀ ମାମି ବେହେରା, ଭଗବାନ ଖଟେଇ, ଲିପିବାଲା ସାହୁ ଓ ମଧୁସୂଦନ ମହାପାତ୍ରଙ୍କ ପ୍ରମୁଖ ଗୀତା ପାରାୟଣ କରିଥିଲେ। ସେହିପରି ସ୍ୱାମୀ ନିର୍ବିକଳ୍ପାନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଗୀତା ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ। ଦିବ୍ୟ ଜୀବନ ସଂଘ ମହିଳା ଶାଖା ଓ ଗୋଇଲୁଣ୍ଡି ସ୍ଥିତ ବିଏସ୍‌ଆର୍ ଲାଇଫକ୍ୟାର ମିଳିତ ଆନୁକୁଲ୍ୟରେ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ମାଗଣା ପୁଷ୍ଟିକର ଖାଦ୍ୟ ସହ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳା ମହାରଣା, ଟୁନି ପାତ୍ରୀ, ସୁରେଶ ବରାଡ, ସାରଦା ଦାସ, ଲକ୍ଷ୍ମୀ ପାତ୍ର, ସନ୍ତୋଷିନୀ ପଣ୍ଡା, ଅରୁଣ ମହାନ୍ତି, ରମନନ୍ଦ ପଟ୍ଟନାୟକ, ଅଲେଖ ବେହେରା ଓ କ୍ରିଷ୍ଣା ଦୋରା ପ୍ରମୁଖ ଉପସ୍ଥିତ ଥିଲେ।

# ରୋଗୀଙ୍କ ମୃତ୍ୟୁ ପରେ ବନ୍ଧା ପଡୁଛି ଶବ

ବ୍ରହ୍ମପୁର,୪।୧୨(ସମିସ):

ଏମ୍‌କେସିଜି ମେଡ଼ିକାଲକୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଦିନ ଶତାଧିକ ଅସୁସ୍ଥ ବ୍ୟକ୍ତି ଚିକିତ୍ସା ନିମନ୍ତେ ଆସିଥାନ୍ତି। ଚିକିତ୍ସିତ ଅବସ୍ଥାରେ ହିଁ ଅନେକଙ୍କ ମୃତ୍ୟୁ ଘଟିବାର ନଜିର ରହିଛି। ଏହା ପରେ ମେଡ଼ିକାଲର ବିଭିନ୍ନ ସ୍ଥାନରେ ମୃତ ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ଜୋର ଜବରଦସ୍ତି ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ବିଭିନ୍ନ ସମୟରେ ଅଭିଯୋଗ କରାଯାଉଥିବା ବେଳେ ଏହାକୁ ରୋକିବାକୁ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଏମକେସିଜି ମେଡ଼ିକାଲର ମେଡ଼ିସିନ, ଆଶୁ ଚିକିତ୍ସା ବିଭାଗ ଓ ଶିଶୁ ବିଭାଗ ସମେତ ବିଭିନ୍ନ ବିଭାଗରେ ପ୍ରତ୍ୟେକ ଦିନ ୧୦ରୁ ଅଧିକ ରୋଗୀ ଚିକିତ୍ସାଧୀନ ସମୟରେ ମୃତ୍ୟୁ ହୋଇଥାଏ। ଏହା ପରେ ମୃତ ବ୍ୟକ୍ତିଙ୍କୁ ମେଡ଼ିକାଲ ପରିସରରେ ଥିବା ଶବ ଗୃହକୁ ଆଣିବା ପାଇଁ ଅନେକ ଠିକା କର୍ମଚାରୀ ୫୦ରୁ ୧୦୦ଟଙ୍କା ସମ୍ପର୍କୀୟଙ୍କ ଠାରୁ ଆଦାୟ କରାଯାଉଥିବା ଅଭିଯୋଗ ହୋଉଛି। ସେହିପରି କିଛି ଘଣ୍ଟା ପର୍ଯ୍ୟନ୍ତ ଶବଗୃହରେ ମୃତ ବ୍ୟକ୍ତିଙ୍କ ଶବ ସଂରକ୍ଷଣ କରି ରଖାଯାଇଥାଏ। ଏଠାରୁ ଶବ ନେବା ନିମନ୍ତେ ଅତି କମରେ ୨ଶହ ଟଙ୍କା ଦେବାକୁ ପଡ଼େ। ପରେ ଆବଶ୍ୟକ ସ୍ଥଳରେ ରୋଗୀଙ୍କ ମୃତ ଦେହକୁ ବ୍ୟବଚ୍ଛେଦ କରିବାକୁ ପଡ଼ିଥାଏ। ଏମକେସିଜି ମେଡ଼ିକାଲ ଏଫଏମଟି ବିଭାଗ ଅଧିନରେ ଥିବା ଶବ ବ୍ୟବଚ୍ଛେଦ ଗୃହରେ



**ଅଜବ ନୀତି ଆପଣାଇଛି ଏମ୍‌କେସିଜି**

**ଟଙ୍କା ନେବାକୁ ପଛାଉନାହାନ୍ତି କର୍ମଚାରୀ**

**ସବୁ ଜାଣିଶୁଣି ନୀରବ କର୍ତ୍ତୃପକ୍ଷ**

ଶବ ବ୍ୟବଚ୍ଛେଦ ନିମନ୍ତେ ୨୦୦ରୁ ୩୦୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ସେହିପରି ରୋଗୀଙ୍କ ମୃତ ଶରୀର ମେଡ଼ିକାଲରୁ ଘରକୁ ନେବା ନିମନ୍ତେ 'ମହାପ୍ରୟାଣ ଯୋଜନା'ରେ ମାଗଣା ସେବା ରହିଛି। କିନ୍ତୁ ଶବ ଘରେ ପହଞ୍ଚାଇବାକୁ ପ୍ରତି ୧୦କିଲୋମିଟର ପିଛା ଏକ ଲିଟର ପେଟ୍ରୋଲ ଏହା ସହ ସର୍ଭିସ ଚାର୍ଜ ବାବଦକୁ ୩୦୦ଟଙ୍କା ମଗାଯାଉଛି। ଏଭଳି ଭାବେ ବିଭିନ୍ନ ସ୍ଥାନରେ ମେଡ଼ିକାଲର ନିୟମିତ ଓ ଠିକା ସଂସ୍ଥାର କର୍ମଚାରୀମାନେ ମୃତ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ଠାରୁ ଜୋର ଜବରଦସ୍ତି ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳିଛି। ମେଡ଼ିକାଲରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ ପରେ ତାଙ୍କ ସମ୍ପର୍କୀୟଙ୍କୁ ଅତି କମରେ ୧୨ଶହରୁ ୧୫ଶହ ଟଙ୍କା ବେଆଇନ ଭାବେ ମେଡ଼ିକାଲାର ବିଭିନ୍ନ କର୍ମଚାରୀଙ୍କୁ ପ୍ରଦାନ କରିବାକୁ ପଡ଼ିଥାଏ। ଟଙ୍କା ନମିଳିଲେ କର୍ମଚାରୀ ମାନେ ବିଭିନ୍ନ ବାହାନା କରି ସମ୍ପର୍କୀୟଙ୍କୁ ଶବ ହସ୍ତାନ୍ତରରେ ଘଣ୍ଟା ଘଣ୍ଟା ବିଳମ୍ବ କରନ୍ତି। ଫଳରେ ଟଙ୍କା ନିମନ୍ତେ ରୋଗୀଙ୍କ ମୃତଦେହ ବିଭିନ୍ନ ସମୟରେ ମେଡ଼ିକାଲର ବିଭିନ୍ନ ସ୍ଥାନରେ ବନ୍ଧା ପଡୁଛି।

ତେବେ ଟଙ୍କା ନ ଦେବାକୁ ଲାଞ୍ଚରୁ ଦୂରେଇ ରହିବାକୁ ମେଡ଼ିକାଲ ପରିସରରେ ଥିବା ବିଭିନ୍ନ ୱାଡର୍ ସମେତ ଶବ ଗୃହ, ଶବ ବ୍ୟବଚ୍ଛେଦ ଗୃହ ଓ ଆଶୁ ଚିକିତ୍ସା ବିଭାଗରେ କୌଣସି ସୂଚନା କିମ୍ବା ସଚେତନତା ମୂଳକ ପୋଷ୍ଟର ଲଗାଯାଉନି। ଫଳରେ ରୋଗୀଙ୍କ ସମେତ ମୃତଦେହ ନାମରେ ଟଙ୍କା ଆଦାୟ କରିବାରେ ଏହି ଲାଞ୍ଚୁଆ କର୍ମଚାରୀମାନେ ସଫଳ ହୋଉଛନ୍ତି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଆଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କ ଅବଗତ ନିମନ୍ତେ ବିଭିନ୍ନ ସ୍ଥାନରେ ବ୍ୟପକ ପୋଷ୍ଟ ଲଗାଇବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏନେଇ ଏମକେସିଜି ମେଡ଼ିକାଲ ଅଧୀକ୍ଷକ ପ୍ରଫେସର ଡ଼ାକ୍ତର ଦୁର୍ଗାମାଧବ ଶତପଥୀ କହିଛନ୍ତି ଯେ, ରୋଗୀଙ୍କୁ ଚିକିତ୍ସା କିମ୍ବା ଶବ ହସ୍ତାନ୍ତର ବେଳେ ଟଙ୍କା ଆଦାୟ କରୁଥିବା ଲାଞ୍ଚୁଆ କର୍ମଚାରୀଙ୍କ ବିରୋଧରେ ଯଦି ଅଭିଯୋଗ ଆସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହା ସହ ଏହି ପରମ୍ପରା ଭାଙ୍ଗିବା ନିମନ୍ତେ ମେଡ଼ିକାଲ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରୁଥିବା ସେ କହିଛନ୍ତି।



୫ମ ସୁନକ୍ଷତ୍ର

ସକାଳ
THE SAKALA
www.sakalaepaper.com
ଯାଜପୁର

# ମା' ମହାଲକ୍ଷ୍ମୀ ପୀଠରେ ବାର୍ଷିକ ଉତ୍ସବ

**ପାଣିକୋଇଲି, ୪।୧୨(ସମିସ):** ପବିତ୍ର ପଣ୍ଡୁ ପୂର୍ଣ୍ଣିମା ଅବସରରେ ପାଣିକୋଇଲିର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା' ମହାଲକ୍ଷ୍ମୀଙ୍କ ବିଗ୍ରହ ସ୍ଥାପନାର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ବେଦ ପ୍ରକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅରୁପାନନ୍ଦ କର, ବ୍ରହ୍ମାନନ୍ଦ ଦାଶ, ପ୍ରଭାକର ପାଣିଗ୍ରାହୀ, ତପନ ମିଶ୍ର, ଅମରେଶ ପଣ୍ଡା ପ୍ରମୁଖ ପ୍ରତ୍ୟୁଷରୁ ରୀତିନୀତି ଅନୁଯାୟୀ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ସଂକଳ୍ପ କରିଥିବାବେଳେ ମା'ଙ୍କ ପୂଜା ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପରେ ଏକ ସୁସଜ୍ଜିତ ପାଲିଙ୍କିରେ ମା'ଙ୍କ ପ୍ରତୀମାକୁ ନାମ ସଂକୀର୍ତ୍ତନ ସହିତ ଗ୍ରାମ ପରିକ୍ରମା କରାଯିବା ସହିତ ମା' ଜାଗୁଲାଇ ଓ ମା' ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ମା' ଲକ୍ଷ୍ମୀ ଭୋଗ ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏ ଅବସରରେ ନାଗାବାବାଙ୍କ ଧୂନି ନିକଟରେ ଦର୍ଶକଙ୍କ ଭିଡ଼ ଜମିଥିଲା। ବହୁ ସାଧୁସନ୍ଥଙ୍କ ଆଗମନ ହୋଇଥିଲା। ଏହି କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ଡକ୍ଟର ଅଭୟ ପତି, ଆଇନଜୀବୀ ତଥା ଜେମ୍ସ ସ୍କୁଲର ସଭାପତି ଅସ୍ମିତା ପତି, ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସମ୍ବାଦ ଡିଜିଏମ ଗଦାଧର ପଣ୍ଡା, ସମ୍ବାଦ ଜିଲ୍ଲା ପ୍ରତିନିଧି ମନୋଜ ରାଉଳ, କର୍ତ୍ତବ୍ୟ ନ୍ୟୁଜର ସମ୍ପାଦକ ରାଜେଶ କୁମାରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ଜିତୁ ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ହଜାର ହଜାର ସଂଖ୍ୟକ ହେଲାକ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଞ୍ଚାନନ ଓଝା, ଅରୁପାନନ୍ଦ ମଲ୍ଲିକ, ଦିଲ୍ଲୀପ ମଲ୍ଲିକ, ଅଶ୍ରୁମୋଚନ ରାଉତ, ଭାଗ୍ୟଧର ରାୟଙ୍କ ସମେତ ଅଳତିରି ଗ୍ରାମର ବହୁ ଗୌର ଭକ୍ତ ଯୋଗ ଦେଇଥିଲେ।



# ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ବରୀ, ୪।୧୨(ସମିସ):** ବରୀ ଶିକ୍ଷାମଣ୍ଡଳ ଅଧୀନସ୍ଥ ରାମପୁର ଉଚ୍ଚବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ତହସିଲଦାର ଦୀପ୍ତିମୟୀ ବେହେରା ଯୋଗ ଦେଇଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବାବେଳେ ମଣ୍ଡଳ ଶିକ୍ଷାଧିକାରୀ ପ୍ରତିଶ୍ରୁତି ସିଂ ଅଧ୍ୟକ୍ଷତା ଓ ପ୍ରଧାନଶିକ୍ଷକ ନିର୍ମଳ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ପତି, ଇନ୍ଦ୍ରମଣି ନାୟକ, ପ୍ରମୋଦ ଦାସ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଜଳଧର ଖଟୁଆ, ସଂଯୁକ୍ତା ମିଶ୍ରଙ୍କ ସମେତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ। ବରୀ ଶିକ୍ଷାମଣ୍ଡଳର ସମସ୍ତ ସାଧନକେନ୍ଦ୍ର ସଂଯୋଜକ ଯୋଗଦେବା ସହିତ ପ୍ରକଳ୍ପ ପ୍ରଦର୍ଶନୀକୁ ପରିଚାଳନା କରିଥିଲେ। ବିଚାରପତି ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟାପକ ଡ. ନାରାୟଣ ଶାସନି, ଅଧ୍ୟାପିକା ରାଜଲକ୍ଷ୍ମୀ ଦାସ, ସୀତାକାନ୍ତ ପଣ୍ଡା ଓ ନାରାୟଣ ମଲ୍ଲିକ ଯୋଗ ଦେଇଥିଲେ। ବିଭିନ୍ନ ବିଭାଗର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଜୟ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳନା କମିଟି ସଭାପତି ନକୁଳ ଚରଣ ଦାସ ଓ କେଦାର ଚରଣ ସାମଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

● ଅଳକୁଣ୍ଡ ଥାନାରେ ହାତାହାତି ଘଟଣା

# ଥାନାଧିକାରୀ ଓ ଏଏସଆଇଙ୍କ ବଦଳି

**ବିଞ୍ଝାରପୁର,୪।୧୨(ସମିସ):** ବିଞ୍ଝାରପୁର ବ୍ଲକ୍ ଅଳକୁଣ୍ଡ ଥାନା ଆଇଆଇସି ଦେବାଶିଷ ଶତପଥୀ ଓ ଏଏସଆଇ ପ୍ରକାଶ ସିଂହଙ୍କ ମଧ୍ୟରେ ଲାଞ୍ଚ ଟଙ୍କାକୁ ନେଇ ହୋଇଥିବା ଗଣ୍ଡଗୋଳ ଘଟଣାରେ ଯାଜପୁର ଏସପି ଉଭୟଙ୍କୁ ବଦଳି କରିଛନ୍ତି। ଉଭୟଙ୍କ ମଧ୍ୟରେ ଘଟିଥିବା ହାତାହାତି ଘଟଣାର ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ବିଞ୍ଝାରପୁର ଥାନା ଅଧିକାରୀ ରଞ୍ଜନ ମଲ୍ଲିକଙ୍କୁ ଅଳକୁଣ୍ଡ ଥାନା ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ଏସଡିପିଓ ପ୍ରଶାନ୍ତ ମାଝୀ କରୁଥିବାବେଳେ ସିସିଟିଭି ଫୁଟେଜକୁ ଆଧାର କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାଯାଇଛି। ଏହି ଘଟଣା ଏସଡିପିଓ ପ୍ରଶାନ୍ତ କୁମାର ମାଝି ତଦନ୍ତ କରୁଥିବାବେଳେ ଏହାର ସବିଶେଷ ତଥ୍ୟ ଦେବା ପରେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଅଳକୁଣ୍ଡ ଥାନା ଥାନା ଅଧିକାରୀ ଦେବାଶିଷ ଶତପଥୀ ଓ ଏଏସଆଇ ପ୍ରକାଶ ସିଂହଙ୍କ ମଧ୍ୟରେ ଲାଞ୍ଚ ଟଙ୍କା ଆଦାୟକୁ ନେଇ ପ୍ରଥମେ ବଚସା ଓ ପରେ ହାତାହାତି ହୋଇଥିଲେ। ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ହୋଇଥିଲା। ଏସଡିପିଓ ପ୍ରଶାନ୍ତ ମାଝୀ ମଙ୍ଗଳବାର ସନ୍ଧ୍ୟାରେ ଅଳକୁଣ୍ଡ ଥାନାରେ ପହଞ୍ଚି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରି ଫେରିଯିବା ପରେ ଆରକ୍ଷୀ ଅଧୀକ୍ଷକ ଶ୍ରୀମଲ ଅଧିକାରୀଙ୍କୁ ଦ୍ୱୟଙ୍କୁ ଜିଲ୍ଲା ମୁଖ୍ୟାଳୟକୁ ବଦଳି କରିଛନ୍ତି।




● ମାଡ଼ ମାରି ଆଖି ନଷ୍ଟ ମାମଲାରେ ବରୀ ପୁଲିସ ଚୁପ୍

# ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୀଡ଼ିତ ପରିବାର

**ପାଣିକୋଇଲି,୪।୧୨(ସମିସ):** ଗୋଟିଏ ଆଖି ନଷ୍ଟ କରିବା ପରେ ଅନ୍ୟ ଆଖି ତାଡ଼ି ଦେବାକୁ ଧମକ ଦେବା ପରେ ବି ବରୀ ପୁଲିସ ଚୁପ୍ ବସିଛି। ଶେଷରେ ନିରାଶ ହୋଇ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି ପୀଡ଼ିତ ପରିବାର। ବରୀ ଥାନା ଅନ୍ତର୍ଗତ ନାଥପୁରପାଟଣା ଗ୍ରାମର ମଧୁସୂଦନ ଓଝାଙ୍କ ଅଭିଯୋଗ ମୁତାବକ ସାମାନ୍ୟ ବଚସାକୁ ନେଇ ତାଙ୍କ ପଡ଼ୋଶୀ ଚଗଲା ଜେନା ଓ ତାଙ୍କ ସ୍ତ୍ରୀ ତାଙ୍କୁ ବାଟରେ ଅଟକାଇ ମାଡ଼ ମାରି ଗୋଟିଏ ଆଖି ନଷ୍ଟ କରିଦେଇଥିଲେ। ତାଙ୍କର ପୁଅ ନ ଥିବାରୁ ତାଙ୍କ ସ୍ତ୍ରୀ ଆସି ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରିଥିଲେ ବି ଗୋଟିଏ ଆଖି ନଷ୍ଟ ହୋଇଯାଇଛି। ବରୀ ଥାନାରେ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅପରପକ୍ଷେ ଅଭିଯୁକ୍ତମାନେ ଅନ୍ୟ ଆଖି ତାଡ଼ି ଦେବାକୁ ଧମକ ଦେଉଛନ୍ତି। ଫଳରେ ଥାନାରୁ ନ୍ୟାୟ ନ ପାଇ ଶେଷରେ ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡିଛନ୍ତି ମଧୁସୂଦନ ଓ ତାଙ୍କ ସ୍ତ୍ରୀ।

# ଅବହେଳିତ କୁଆଁସ ମଙ୍ଗଳା ଶକ୍ତିପୀଠ

**ଦଶରଥପୁର, ୪।୧୨(ସମିସ):**

ଯାଜପୁର ଜିଲ୍ଲାର ପ୍ରମୁଖ ଧାର୍ମିକ ସ୍ଥଳୀ ମଧ୍ୟରୁ ଦଶରଥପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ଅବସ୍ଥିତ କୁଆଁସ ମଙ୍ଗଳା ପୀଠ ଅନ୍ୟତମ ଶକ୍ତିପୀଠ। ଏଠାରେ ମଙ୍ଗଳମୟୀ ମା' ମଙ୍ଗଳା କେଉଁ ଆବାହମାନ କାଳରୁ ପୂଜା ପାଇ ଆସୁଛନ୍ତି। ବିଶ୍ୱାସ ରହିଛି ଯଦି କେହି ଭାବ ଭକ୍ତିରେ ମା'ଙ୍କ ଆରାଧନା କରେ ତେବେ ମା' ସେମାନଙ୍କ ସକଳ ମନବାଞ୍ଛା ପୂର୍ଣ୍ଣ କରିଥାଆନ୍ତି। ମା'ଙ୍କର ଅନେକ ମହିମା ରହିଛି।



ମନ୍ଦିର ନିର୍ମାଣ ସମୟରେ ପାତାଳି ମହାଦେବଙ୍କ ଆବିର୍ଭାବ ହୋଇଥିଲା। ଗୋଟିଏ ସ୍ଥାନରେ ମହାଦେବ ଏବଂ ମା' ମଙ୍ଗଳା ଅଥବା ପାର୍ବତୀଙ୍କ ଆବିର୍ଭାବ ଅନନ୍ୟ। ସେହିପରି ପୂର୍ବ କାଳରେ ନିକଟସ୍ଥ ଲୋକଙ୍କୁ ରାନ୍ଧି ଖାଇବାକୁ ବାସନ ମିଳୁନଥିଲା। ସେମାନେ ମା'ଙ୍କ ନିକଟରେ ଗୁହାରି କରିଥିଲେ। ମା' ସେମାନଙ୍କ ଗୁହାରୀ ଶୁଣି ସବୁପ୍ରକାର ଖାଦ୍ୟ ସାମଗ୍ରୀ ସହିତ ନିକଟରେ ଥିବା ବଡ଼ ପୋଖରୀରେ ବାସନ ଭସାଇ ଲୋକଙ୍କ ଆବଶ୍ୟକତା ପୂରଣ କରୁଥିଲେ। କୁଆଁସ ଗ୍ରାମର ବାସିନ୍ଦା କୁହନ୍ତି ମା' କୁଆଁସ ମଙ୍ଗଳା ଯୋଗୁ ସେମାନଙ୍କୁ ଏପର୍ଯ୍ୟନ୍ତ କେବେ କୌଣସି ବଡ଼ ବିପଦ ଛୁଇଁ ପାରିନାହିଁ। ଯଦିବା ବିପଦ ଆସେ ମା' ମଙ୍ଗଳା ଗ୍ରାମବାସୀଙ୍କୁ ସବୁ ବିପଦରୁ ଉଦ୍ଧାର କରନ୍ତି। ଏହି ମନ୍ଦିରର ଏକ ଚମତ୍କାର ମହିମା ରହିଛି। ଯଦି କେହି ଭାବ ଭକ୍ତିରେ ନିଜର ଦୁଃଖକୁ ନେଇ ମା'ଙ୍କ ନିକଟରେ ଗୁହାରୀ କରିଥାଏ ମା' ମଙ୍ଗଳା କାଳବିଳମ୍ବ ନକରି ସେମାନଙ୍କ ଦୁଃଖ ନିବାରଣ କରିଥାନ୍ତି। କିମ୍ବଦନ୍ତୀ ଅଛି ମା' କୁଆଁସ ମଙ୍ଗଳା ସର୍ବଦୁଃଖ ହାରିଣୀ। ମାନବ ଜାତି ସମେତ ପଶୁପକ୍ଷୀମାନଙ୍କୁ ସନ୍ତାନ ଭଳି ପାଳନ କରିଥାନ୍ତି। ସେଥିପାଇଁ ଦିନରାତି ଶହ ଶହ ପ୍ରଜାତିର ପକ୍ଷୀ ମା'ଙ୍କ ମନ୍ଦିର ଏବଂ ଚତୁ ପାର୍ଶ୍ୱର୍ରେ ଥିବା ଗଛ ମାନଙ୍କରେ ନିଜର ଆଶ୍ରୟ ସ୍ଥଳି ଗଢିଛନ୍ତି।

ଅନେକ ବିଶ୍ୱାସ ଓ କିମ୍ବଦନ୍ତୀରେ ଭରପୁର ଏହି ପୀଠରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ଭକ୍ତ ମା'ଙ୍କ ଦର୍ଶନ ଏବଂ ଆଶୀର୍ବାଦ ପାଇଁ ଧାଇଁଆସିଥାଆନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ଲାଗିରହିଥାଏ। ସ୍ଥାନୀୟ ବାସିନ୍ଦା ଆଶ୍ୱିନ ମାସର ଆରମ୍ଭରୁ ପାଞ୍ଚପାଳି ଅବା ପାଞ୍ଚ ମଙ୍ଗଳବାର ଭକ୍ତମାନେ ମା' ମଙ୍ଗଳାଙ୍କ ବିଗ୍ରହମୂର୍ତ୍ତି ସ୍ଥାପନ କରି ପୂଜାର୍ଚ୍ଚନା କରିଥାଆନ୍ତି। ଏହି ଅବସରରେ ପ୍ରାୟ ଏକ ମାସ ଧରି ଏଠାରେ ସ୍ୱତନ୍ତ୍ର ମେଳା ଲାଗିଥାଏ। ମା'ଙ୍କ ମନ୍ଦିର ଭିତରର ପରିବେଶ ଯେତିକି ମନଲୋଭା, ତାହାଠୁ ଅଧିକ ସୁନ୍ଦର ମନ୍ଦିର ବାହାରର ଦୃଶ୍ୟ। ମନ୍ଦିର ଚତୁ ପାର୍ଶ୍ୱର୍ରେ ବଡ଼ ବଡ଼ ବଟ ବୃକ୍ଷ, ଅଶ୍ୱତ୍ଥ ବୃକ୍ଷ, ପୁଷ୍ପ ବୃକ୍ଷ ଏବଂ ଭରପୁର ସବୁଜିମା ପରିବେଶ ଭକ୍ତ ଏବଂ ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ।

କପୀଠରେ ବର୍ଷ ତମାମ ଭକ୍ତମାନଙ୍କ ଭିଡ଼ ଲାଗି ରହିଥାଏ। ପ୍ରତ୍ୟେକ ମାସର ସଂକ୍ରାନ୍ତି, ଅମାବାସ୍ୟା, ପୂର୍ଣ୍ଣିମା ତିଥିରେ ଦୂରଦୂରାନ୍ତରୁ ଶହ ଶହ ଭକ୍ତମାନଙ୍କ ଆଗମନ ହୋଇଥାଏ। ଯାଜପୁର ଟାଉନ ଠାରୁ ମନ୍ଦିର ଦୂରତା ପାଖାପାଖି ୧୫କିଲୋମିଟର। ତେବେ ଏହି ମନ୍ଦିରରେ ଆବଶ୍ୟକ ବିକାଶ ହୋଇନଥିବା ଅଭିଯୋଗ ହୁଏ। ମନ୍ଦିର କମିଟି ପକ୍ଷରୁ ଭକ୍ତଙ୍କ ବିଶ୍ରାମ ପାଇଁ ଆବଶ୍ୟକ ବନ୍ଦୋବସ୍ତ ନଥିବାରୁ ଏଠାକୁ ଆସୁଥିବା ଭକ୍ତଗଣ ମନ୍ଦିରବେଢ଼ା ସମେତ ପଡ଼ଆ ପରିସରରେ ଥିବା ବଟବୃକ୍ଷ କିମ୍ବା ଅନ୍ୟ ବୃକ୍ଷ ତଳେ ଥକ୍କା ମେଣ୍ଟାଇଥାନ୍ତି। ତେଣୁ ଏଠାରେ ବିକାଶ କରିବା ପାଇଁ ଦାବି ହୋଇଛି।

# ସୁକିନ୍ଦା କଲେଜ ଇତିହାସ ବିଭାଗର ଆଲୋଚନାଚକ୍ର

**ସୁକିନ୍ଦା,୪।୧୨(ସମିସ):** ସୁକିନ୍ଦା ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ "ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର ଐତିହାସିକ ସମୀକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧ୍ୟକ୍ଷ ହିମାଂଶୁ ଦ୍ୱିବେଦୀ ଉଦଘାଟନୀ ଅଭିଭାଷଣରେ ଓଡ଼ିଶାର ପ୍ରାଚୀନ ନୌବାଣିଜ୍ୟର ଐତିହ୍ୟ ଓ ସମୃଦ୍ଧ ପରମ୍ପରା ଉପରେ ଉଲ୍ଲେଖ କରିଥିବାବେଳେ କାର୍ଯ୍ୟକ୍ରମର ଆବାହକ ଅତିଥି ପରିଚୟ ପ୍ରଦାନ ଓ ସୁଚିତ୍ରା ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ଏହି ସେମିନାରରେ ମୟୂରଭଞ୍ଜ ଜିଲ୍ଲା ବାଇଗଣବାଡିଆସ୍ଥ ବିବି ମହାବିଦ୍ୟାଳୟର ଇତିହାସ ବିଭାଗ ଅଧ୍ୟାପକ ଡଃ ଅରବିନ୍ଦ ବୋଷ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ଓଡ଼ିଶାର ପ୍ରାଚୀନ ସାମୁଦ୍ରିକ ନୌବାଣିଜ୍ୟ ଖ୍ରୀଷ୍ଟପୂର୍ବ ୭ମଠାରୁ ଆରମ୍ଭ କରି ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଭାରତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ରରେ ପ୍ରଭୁତ୍ୱ ବିସ୍ତାର କରିଥିଲା ବୋଲି ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିଥିଲେ। ଡଃ ବୋଷଙ୍କ ପୂର୍ବରୁ ଅନେକ ଛାତ୍ରଛାତ୍ରୀ ଏହି ବିଷୟ ସମ୍ବନ୍ଧୀୟ ନିଜର ପେପର ଉପସ୍ଥାପନ କରିଥିଲେ। ବିଭାଗୀୟ ମୁଖ୍ୟ ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସେମିନାରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକଅଧ୍ୟାପିକା ଅଂଶଗ୍ରହଣ କରିଥିଲେ।

# ନକଲି ମଦ ଜବତ, ୨ କୋର୍ଟ ଚାଲାଣ

**ସୁକିନ୍ଦା,୪।୧୨(ସମିସ):** ଅବକାରୀ ବିଭାଗ ପକ୍ଷରୁ ସୁକିନ୍ଦାସ୍ଥ ବିଦେଶୀ ମଦ ଦୋକାନ ଉପରେ ଚଢ଼ଉ କରାଯାଇ ନକଲି ମଦ, ବିଭିନ୍ନ ନାମୀ କମ୍ପାନୀର ବୋତଲ ଓ ଠିପି ଜବତ କରାଯିବା ସହ ଏହି ଘଟଣାରେ ସଂପୃକ୍ତ ଦୁଇ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୁକିନ୍ଦା-ହାତୀବାରି ରାସ୍ତାର ଆମ୍ବଲବା ନିକଟରେ ଥିବା ବିଦେଶୀ ମଦ ଦୋକାନ (ଅଫ୍ ସପ୍)ରେ ନକଲି ବିଦେଶୀ ମଦ କାରବାର ହେଉଥିବା ଅଭିଯୋଗ ହୋଇଆସୁଥିଲା। ବାରମ୍ବାର ଅଭିଯୋଗ ପରେ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦିନ ଚଢ଼ଉ କରାଯାଇଥିଲା। ଚଢାଉ ସମୟରେ ଦୋକାନରୁ ୧୬ ଲିଟର ନକଲି ମଦ, ୭୦ଟି କ୍ୱାଟ ବୋତଲ, ୬୦ ଠିପି ସହ ବିଭିନ୍ନ ସରଞ୍ଜାମ ଜବତ ହୋଇଛି। ନକଲି ମଦ ପ୍ରସ୍ତୁତ କରୁଥିବା ତିନିଜଣ ଯୁବକଙ୍କ ମଧ୍ୟରୁ ଦୁଇଜଣ ଗିରଫ ହୋଇଥିବାବେଳେ ଅନ୍ୟ ଜଣେ ଖସି ପଳାଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ମଦ ପ୍ରସ୍ତୁତ କରୁଥିବା ଅବସ୍ଥାରେ ଗିରଫ କର୍ମଚାରୀ ଦ୍ୱୟଙ୍କ ମଧ୍ୟରୁ ଜଣେ କଟକ ଜିଲ୍ଲା ଚୋଦ୍ୱାର ଥାନା ପଦନିଆ ଗ୍ରାମ ପ୍ରଭାକର ବେହେରାଙ୍କ ପୁଅ ସୁଧାକର ବେହେରା (୫୩) ଓ ଅନ୍ୟ ଜଣେ ସୁକିନ୍ଦା ଥାନା ରାଜଗୋଲା ଗ୍ରାମର ପୂର୍ଣ୍ଣଚନ୍ଦ୍ର କରଙ୍କ ପୁଅ ରାଜକିଶୋର କର(୫୦) ଓରଫ୍ ରାଜନ। ସେମାନଙ୍କୁ ଗୁରୁବାର ଦିନ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗ ପକ୍ଷରୁ ସସ୍ମିତା ହୋତା, ବିଭୁପ୍ରସାଦ ସାହୁ ଓ ଦେବାକାନ୍ତ ଆଚାର୍ଯ୍ୟଙ୍କ ସମେତ କିଛି କର୍ମଚାରୀ ସାମିଲ ଥିଲେ।

# ନଦୀରେ ବୁଡ଼ି ଜଣେ ମୃତ

**ଧର୍ମଶାଳା,୪।୧୧(ସମିସ):** କାଏମା ପଞ୍ଚାୟତର ଲକ୍ଷ୍ମୀସାହି ଗ୍ରାମ ନିକଟ କେଲୁଅ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ଲକ୍ଷ୍ମୀସାହିର ରଞ୍ଜନ ଗାହାଣ (୫୬) ବୋଲି ଜଣାପଡ଼ିଛି। ରଞ୍ଜନ ଆଜି ଦିନ ୨ଟା ସମୟରେ ନିକଟସ୍ଥ କେଲୁଅ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ତାଙ୍କୁ ପାଇ ନ ଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ନଦୀରୁ ଉଦ୍ଧାର କରାଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଭାଗବତ ସେବାଶ୍ରମକୁ ସାରସ୍ୱତ ତୀର୍ଥ ମାନ୍ୟତା

**ପ୍ରୀତିପୁର,୪।୧୨(ସମିସ):** ବିଂଝାରପୁରରେ ପ୍ରତିଷ୍ଠିତ ବହୁ ପ୍ରାଚୀନ ଅନୁଷ୍ଠାନ ଭାଗବତ ସେବାଶ୍ରମର ପ୍ରତିଷ୍ଠାତା ସାଧକ ବଳରାମ ବାନପ୍ରସ୍ଥୀଙ୍କ ୨୯ତମ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ ସାରସ୍ୱତ ତୀର୍ଥର ମାନ୍ୟତା ଦିଆଯାଇଛି। ଆଶ୍ରମର ଉପଦେଷ୍ଟା ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ବୌଦ୍ଧିକ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ସାଧକ ବଳରାମ ବାନପ୍ରସ୍ଥୀ ସମ୍ମାନ ବିଶିଷ୍ଟ ଗବେଷକ ସାହିତ୍ୟିକ ଡଃ ଚିତ୍ତରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସାଧକ ବାନପ୍ରସ୍ଥୀଙ୍କ ଦ୍ୱାରା ପ୍ରତିଷ୍ଠିତ ଭାଗବତ ସେବାଶ୍ରମକୁ ଅଖିଳ ଚକ୍ରର ସମ୍ପାଦକ ତଥା ସଭାର ସଭାପତି ହରେକୃଷ୍ଣ ପଣ୍ଡା ଓ ଅନ୍ୟ କର୍ମକର୍ତ୍ତା ସାରସ୍ୱତ ତୀର୍ଥର ମାନ୍ୟତା ଘୋଷଣା କରି ଫଳକ ସ୍ଥାପନ କରିଥିଲେ।

ଅଖିଳଚକ୍ରର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମଗ୍ର ବିଂଝାରପୁର ଅଂଚଳରେ ବାନପ୍ରସ୍ଥୀ ୧୯୫୬ରୁ ଯଜ୍ଞ ଓ ଭାଗବତ ପ୍ରବଚନ ମାଧ୍ୟମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୭୬ ବର୍ଷ ଧରି ଏଠାରେ ସାରସ୍ୱତ ମେଳାର ଆୟୋଜନ ହୋଇଆସୁଥିବାରୁ ଏହି ପୀଠଟି ଏବେ ତୀର୍ଥରେ ପରିଣତ ହୋଇଛି। ସମ୍ବର୍ଦ୍ଧିତ ପ୍ରତିଭା ଡଃ ଚିତ୍ତରଞ୍ଜନ ବେହେରା ଆଲୋଚନାରେ ଅଂଶଗ୍ରହଣ କରି ଭାଗବତ ସମାଜରେ ବ୍ୟକ୍ତିଙ୍କ ମଧ୍ୟରେ ସହନଶୀଳତା ଓ ସମର୍ପଣ ମନୋଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଡଃ ଶ୍ରୀହରି ଧଳ ସାଧୁସନ୍ଥଙ୍କ ବାସ୍ତବ ଚରିତ୍ର ଉପରେ ସାରଗର୍ଭକ ଆଲୋଚନା କରିଥିଲେ। ଅଧ୍ୟାପକ ଅଜୟ ଓଝା, ଶିକ୍ଷାବିତ ଅଟଳବିହାରୀ ନାୟକ, ସମାଜସେବୀ ସନ୍ତୋଷ ବେଉରିଆ, କବି ସୁବାସ ସାହାଣୀ, ସାମ୍ବାଦିକ ଅଜୟ ଦାସ, ଭକ୍ତ ଗୌରାଙ୍ଗ ନାୟକ, ପ୍ରଧାନଶିକ୍ଷକ ନାରାୟଣ ଦାସ ପ୍ରମୁଖ ଭାଗବତ ଉପରେ ଆଲୋଚନା କରିବା ସହିତ ବାନପ୍ରସ୍ଥୀଙ୍କ ସ୍ମୃତିଚାରଣ କରିଥିଲେ। ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହିତ ଘୋଷଣା କରାଯାଇଥିବା ସାରସ୍ୱତ ତୀର୍ଥର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଆଶ୍ରମ ପରିଚାଳନା କମିଟି ପକ୍ଷରୁ ମନୋଜ ପୋଥାଳ, ସୁରେନ୍ଦ୍ର ନାୟକ, ଗୋବର୍ଦ୍ଧନ ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ପାଳିତ



**ଯାଜପୁର, ୪।୧୨(ସମିସ):** ଲିଙ୍ଗଭିତ୍ତିକ ହିଂସା ରୋକିବା ଉଦ୍ଦେଶ୍ୟ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଏକ ସଚେତନତା ଅଧିବେଶନ ଅନୁଷ୍ଠିତ ହୋଇଛି। ନଭେମ୍ବର ୨୫ରୁ ଡିସେମ୍ବର ୧୦ ଯାଏଁ ହେଉଥିବା ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ହିଂସା ନିରାକରଣ ସଚେତନତା ପକ୍ଷ ଅଧୀନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଯାଜପୁର ଜିଲ୍ଲାରେ ମହିଳା ହିଂସା ରୋକିବାକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ, ଏ ଦିଗରେ ଥିବା ଆହ୍ୱାନ ଓ ସମାଧାନକୁ ବୈଠକରେ ଉପସ୍ଥାପନ କରିଥିଲେ। ଲିଙ୍ଗଗତ ହିଂସା ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା ଓ ପଦକ୍ଷେପ ଗ୍ରହଣ କରାଯାଉଛି, ଯେଉଁଥିରେ ମିଶନ ଶକ୍ତି, ଶକ୍ତି ୱାନଷ୍ଟପ ସେଣ୍ଟର, ମହିଳା ସହାୟତା ନମ୍ବର ୧୮୧ ଓ ୧୦୯୧ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ। ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ପ୍ରୟାସ କରାଯାଉଛି ଓ ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ମାଧ୍ୟମରେ ତଥ୍ୟ ସଂଗ୍ରହ ସହ ସଚେତନତା ସୃଷ୍ଟି କରାଯାଉଛି। ଲିଙ୍ଗଗତ ହିଂସାର ଶିକାର ହୋଇଥିବା ମହିଳାଙ୍କୁ କାଉନସେଲିଂ କରାଯାଉଛି। କର୍ମକ୍ଷେତ୍ରରେ ଲିଙ୍ଗଗତ ହିଂସାକୁ ବନ୍ଦ କରିବାକୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବିଭାଗରେ ଅନ୍ତରୀଣ କମିଟି କରାଯାଇଛି। ସେହିଭଳି ଓଡ଼ିଶା ପୁଲିସ ପକ୍ଷରୁ ଆରମ୍ଭ ହୋଇଥିବା ପରୀ କାର୍ଯ୍ୟକ୍ରମ, ଶକ୍ତି ଟିମ୍ ଓ ପିଙ୍କ୍ ପୁଲିସ ପାଟ୍ରୋଲିଂ ଏହି ଦିଗରେ ବିଶେଷ ସହାୟକ ହେଉଛି। ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ମହିଳାଙ୍କୁ ମାଗଣା ଆଇନ ସେବା ଯୋଗାଇବା ସହ ଲିଙ୍ଗଭିତ୍ତିକ ହିଂସା ସମ୍ପର୍କିତ ଆଇନ ଉପରେ ସଚେତନତା ସୃଷ୍ଟି କରୁଛି। ସମ୍ମାନର ସହ ବଞ୍ଚିବା ସମସ୍ତ ମହିଳା ଓ ଝିଅଙ୍କର ମୌଳିକ ଅଧିକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଓ ଜିଲ୍ଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କୁ ହତ୍ୟା ଘଟଣାରେ ପୁଅ ଅଟକ

**ବ୍ୟାସନଗର, ୪।୧୨(ସମିସ):** କଳୁଷିତ ହେବାରେ ଲାଗିଛି ପାରିବାରିକ ସମ୍ପର୍କ। ରକ୍ତ ସମ୍ପର୍କ ଏବେ ତୁଚ୍ଛ ପାଲଟିଛି। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ୍ ପହଙ୍ଗା ଗ୍ରାମରେ ଦେଖିବାକୁ ମିଳିଛି। ନିଜ ଜନ୍ମ କଲା ମାଆକୁ ହତ୍ୟା କରିବା ଅଭିଯୋଗରେ ଜଣେ ଯୁବକକୁ ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ଅଟକ ରଖିଛି। ଯାଜପୁରରୋଡ୍ ଆଦର୍ଶ ଥାନା ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରହଙ୍ଗା ପଞ୍ଚାୟତର ଗୁରୁବାରୀ ବିନ୍ଧାଣିଙ୍କୁ ତାଙ୍କ ପୁଅ କୃଷ୍ଣ ବିନ୍ଧାଣି ଗତ ୩ ତାରିଖ ମଧ୍ୟ ରାତ୍ରରେ ହତ୍ୟା କରିଥିବା ନେଇ କେନ୍ଦୁଝର ଜିଲ୍ଲା ଘଷିପୁରା ଥାନା ଓସ୍ତପୁରା ଗ୍ରାମର ବୁଦୁନି ବିନ୍ଧାଣି ଯାଜପୁର ରୋଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଯାଜପୁରରୋଡ୍ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ସାଇଣ୍ଟିଫିକ ଟିମ୍ ସହିତ ଗୁରୁବାର ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ମୁଖ୍ୟ ଅଭିଯୁକ୍ତ ଗୁରୁବାରୀଙ୍କ ପୁଅ କୃଷ୍ଣକୁ ଅଟକ ରଖିଛି। ମୃତଦେହ ଜବତ କରି ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବାବେଳେ ଏନେଇ ଅଧିକ ତଦନ୍ତ ଚାଲୁ ରହିଥିବା ଥାନାଧିକାରୀ ଆଶିଷ ସାହୁ ସୂଚନା ଦେଇଛନ୍ତି।

# କାମଧେନୁ ଯୋଜନାରେ ଗୋ-ଚାଷୀ ଶୋଷଣର ଶିକାର

**କୁଆଖିଆ, ୪।୧୨(ସମିସ):**

ଗୋପାଳନ କରୁଥିବା ଚାଷୀଙ୍କ ଉନ୍ନତି ପାଇଁ ସରକାର କାମଧେନୁ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଗାଈ ଓ ବାଛୁରୀ ପାଇଁ ଗୁହାଳ ନିର୍ମାଣ କରିବା ସହିତ ଦୁଇଟି ଉନ୍ନତ ପ୍ରଜାତିର ଗାଈ ଏହି ଯୋଜନାରେ ମିଳୁଛି। ଏହାର ପ୍ରକଳ୍ପ ମୂଲ୍ୟ ୨,୩୦,୪୦୦ ଟଙ୍କା ରହିଥିବାବେଳେ ହିତାଧିକାରୀ ଚାଷୀ ମହିଳା, ଅନୁସୂଚିତ ଜାତି କିମ୍ବା ଜନଜାତି କିମ୍ବା ଶାରିରୀକ ଭିନ୍ନକ୍ଷମ ହୋଇଥିଲେ ୭୦ ପ୍ରତିଶତ ଓ ସାଧାରଣ ବର୍ଗର ଚାଷୀଙ୍କ ପାଇଁ ୬୦ ପ୍ରତିଶତ ସବସିଡ୍ ରହିଛି। ଏଥିପାଇଁ ଗୋ ସୁଗମ ପୋର୍ଟାଲରେ ଆବେଦନ କରିବାକୁ ପଡ଼େ। ବାହାର ରାଜ୍ୟରେ ଥିବା ପଞ୍ଜିକୃତ ଫାର୍ମରୁ ଗାଈ କିଣାଯାଇଥାଏ। ଝାଡଖଣ୍ଡ, ପଶ୍ଚିମବଙ୍ଗ, ଛତିଶଗଡ, ଆନ୍ଧ୍ରପ୍ରଦେଶ, ଉତ୍ତରପ୍ରଦେଶ ଓ ହରିୟାନା ପ୍ରଭୃତି ରାଜ୍ୟରୁ ଗାଈ କିଣାଯାଉଛି। ଏହି ଗାଈ କିଣିବାରେ ଚାଷୀ ଶୋଷଣର ଶିକାର ହେଉଥିବା ଜଣାଯାଇଛି।

**ସବସିଡି ହଡ଼ପ କରୁଛନ୍ତି ଦଲାଲ**

ବାହାର ରାଜ୍ୟରୁ ଗାଈ କିଣିବାକୁ ହେଲେ ଦଲାଲଙ୍କ ସହାୟତା ନେବାକୁ ପଡୁଛି। ଦଲାଲଙ୍କ ଦ୍ୱାରା କିଣା ଯାଉଥିବା ଗାଈ ପ୍ରକୃତ ମୂଲ୍ୟଠାରୁ ଅଧିକ ଅର୍ଥରେ କିଣାଯାଇ ଚାଷୀଙ୍କୁ ମିଳିବାକୁ ଥିବା ସବସିଡ୍‌କୁ ହଡ଼ପ କରାଯାଉଛି। ଯେଉଁ ଗାଈ ସେଠାରୁ ୬୦ ହଜାର ଟଙ୍କାରେ କିଣାଯାଉଛି, ତାହାର ପ୍ରକୃତ ମୂଲ୍ୟ ୩୦ରୁ ୩୫ ହଜାର ଟଙ୍କା ହେବ ବୋଲି ନାମ ପ୍ରକାଶ କରିବାକୁ ଅନିଚ୍ଛୁକ କିଛି ଗୋ-ଚାଷୀ କହିଛନ୍ତି। ଏଥିରେ ପ୍ରାଣୀ ପାଳନ ବିଭାଗ ଓ ପ୍ରାଣୀ ଚିକିତ୍ସା ବିଭାଗ ଅଧିକାରୀଙ୍କ ହାତ ରହୁଛି। ଗାଈଗୁଡିକୁ ଏତେ ବାଟରୁ ଆଣିବା ପରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। କିଣିବା ସ୍ଥାନରେ ଯେଉଁ ଗାଈ ୧୨ରୁ ୧୪ ଲିଟର କ୍ଷୀର ଦେଉଛି, ଓଡ଼ିଶାକୁ ଆସିବା ପରେ ସେହି ଗାଈ ୧୦ ଲିଟର କମ୍ କ୍ଷୀର ଦେଉଛି। ଏତେ ବାଟ ଆଣିବା ପରେ ଗାଈ ଓ ବାଛୁରୀଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି ଓ ଚାଷୀଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି କିଛି ଗାଈ ଓ ବାଛୁରୀ ମଧ୍ୟ ମରିଯାଉଛନ୍ତି। ସମସ୍ତ କାଗଜପତ୍ର ଠିକ୍ ଥିଲେ ମଧ୍ୟ ଗାଈ ଆଣୁଥିବାବେଳେ ବାଟରେ ଅନେକ ସ୍ଥାନରେ ବିନା କାରଣରେ ଚାନ୍ଦା ଦେଇ ଚାଷୀ ହତାଶ ହେଉଛନ୍ତି। ଏହି ଚାନ୍ଦାର ପରିମାଣ ବେଳେବେଳେ ୧୦ ହଜାର ଟଙ୍କାରୁ ଅଧିକ ହେଉଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ୍ ଭିଏଏସ ଡ. ସନ୍ଦୀପ ବାରିକ କୁହନ୍ତି, ପରିବେଶ ସୁହାଉ ନ ଥିବାରୁ ବାହାର ରାଜ୍ୟରୁ ଆସୁଥିବା ଗାଈଙ୍କ କ୍ଷେତ୍ରରେ ଏପରି ହେଉଛି। ଚଳିତ ବର୍ଷ କାମଧେନୁ ଯୋଜନାରେ କିଣାଯାଇଥିବା ଗାଈଙ୍କ ମଧ୍ୟରୁ ୧୦ଟି ଗାଈ ଓ ବାଛୁରୀ ମୃତ୍ୟୁବରଣ କରିଥିବା ତାଙ୍କ ପାଖରେ ସୂଚନା ଅଛି ବୋଲି ଡଃ ବାରିକ କହିଛନ୍ତି।

# ବାଇକ୍‌କୁ ଧକ୍କା ଦେଲା କାର୍, ୨ ଆହତ

**ପାଣିକୋଇଲି,୪।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ତଳେ ଗୋଟିଏ ଦ୍ରୁତଗାମୀ କାର୍ ରଙ୍ଗରୁଟରେ ଆସି ଏକ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀ ଓ ସହଯାତ୍ରୀ ଆହତ ହୋଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ଏହି ଥାନା ଅନ୍ତର୍ଗତ ଅଳତିରି ଗ୍ରାମର ଚକ୍ରଧର ଓଝା ଓ ଅମୂଲ୍ୟ ଓଝା ବାଇକ୍‌ରେ ଏକ ବିବାହ ଭୋଜିରୁ ଘରକୁ ଫେରୁଥିବାବେଳେ ଓଭରବ୍ରିଜ ତଳେ ଏକ ଦ୍ରୁତଗାମୀ କାର୍ ଯାଜପୁର ରୋଡ୍ ପଟୁ ରଙ୍ଗରୁଟରେ ଆସି ଧକ୍କା ଦେବା ସହିତ ବାଇକ୍‌କୁ କିଛି ବାଟ ଘୋଷାଡ଼ି ନେଇଥିଲା। ଫଳରେ ଉଭୟ ଆହତ ହୋଇଥିଲେ। ବଡ଼ ଦୁର୍ଘଟଣାରୁ ଦୁଇ ଆରୋହୀ ବର୍ତ୍ତିଯାଇଥିଲେ ମଧ୍ୟ ବାଇକ୍‌ଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଛି। ସ୍ଥାନୀୟ ଲୋକ ଦୁଇ ଆରେହୀଙ୍କୁ ଉଦ୍ଧାର କରି ନିକଟସ୍ଥ ଏକ ବେସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

# ମଣ୍ଡଳସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ




**ବାରିକପୁର, ୩।୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାପୀଠ ଠାରେ ଆଜି ମଣ୍ଡଳ ସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଫୁଲ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ଉଦଘାଟନୀ ସଭାରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଦେବଦତ ଦାସ, ମୁଖ୍ୟବକ୍ତା ଭାବେ ଇଂ.ଅଭୟ ସୂତାର, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ନିମନ୍ତ୍ରିତ ଅତିଥି ଭାବେ ସମିତିସଭ୍ୟ ସନ୍ତୋଷ ନାୟକ, ବିଜ୍ଞାନ ସଂଯୋଜକ ରବୀନ୍ଦ୍ର ମହାରଣା, ଏବିଓ ମଞ୍ଜୁଳା ନାୟକ, ବିଦ୍ୟୁତଲତା ନାୟକ ପ୍ରମୁଖ ଯୋଗଦେଇ ବିଜ୍ଞାନ ମେଳା ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲମୁନା କମିଟି ବିଶ୍ୱନାଥ ବାରିକ, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, କୈଳାସ ଯେନା, ପରିଚାଳନା କମିଟି ସଭାପତି ଶକ୍ତିଶେଖର ଜେନା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ଦେଇଥିଲେ। ପ୍ରଧାନଶିକ୍ଷକ ସୁଦର୍ଶନ ସେଠୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସିଆରସିସି କୁସୁମଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ମେଳାରେ ବିଭିନ୍ନ ବିଦ୍ୟାଳୟ ରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୨୦ଗୋଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ମନୋଜ କୁମାର ରାୟ, ଲକ୍ଷ୍ମୀକାନ୍ତ ପାଢ଼ୀ, ଡ଼ ଅକ୍ଷୟ ପଣ୍ଡା ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ସର୍ବଶ୍ରେଷ୍ଠ ୨ଟି ବିଭାଗରେ ୧୪ ଗୋଟି ପ୍ରକଳ୍ପକୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶିକ୍ଷକ ଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ, ପ୍ରଦୀପ ନାୟକ, ପ୍ରଧାନଶିକ୍ଷକ ଅଜୟ କୁମାର ନନ୍ଦ, ଶିକ୍ଷାବିତ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, କୈଳାସ ଚନ୍ଦ୍ର ସାମଲ, ବିପିନ ବିହାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଜରାଶ୍ରମରେ କମ୍ବଳ ବାଣ୍ଟିଲେ ବିଚାରପତି



**ବାସୁଦେବପୁର, ୪।୧୨ (ସମିସ):** ବାସୁଦେବପୁର ପୌରପାଳିକାର ବାସନ୍ତୀ ବାଲାଜୀ ଟ୍ରଷ୍ଟ ଜରାଶ୍ରମର ଅନ୍ତେବାସୀଙ୍କୁ ଭଦ୍ରକ ଜିଲ୍ଲା ଅତିରିକ୍ତ ଜିଲ୍ଲା ଜଜ୍ ତଥା ପସକୋ ସ୍ପେଶାଲ କୋର୍ଟର ଜଜ୍ ବିକାଶ କୁମାର ଦେ କମ୍ବଳ ଓ ଫଳ ବଣ୍ଟନ କରିଛନ୍ତି। ସୁନାର ସଂସାର ଗଢ଼ିବାର ଯିଏ ଦିନେ ସ୍ୱପ୍ନ ଦେଖିଥିଲେ, ଆଜି ସେ ଜରାଶ୍ରମରେ ଜର୍ଜରିତ ଭଙ୍ଗା ମନକୁ ଧିକ୍କାର କରୁଛନ୍ତି। ଯାହାକୁ ହାତ ଧରି ଦୁନିଆ ଦାଣ୍ଡର ବାଟ ଚଲାଇବା ଶିଖାଇ ଛପର ତଳେ ବାସ ଯୋଗାଇ ଦେଇଥିଲେ। ହେଲେ ବୟସର ଅପରାହ୍ନରେ ସବୁ ସମ୍ପର୍କ ଛିନ୍ନ କରିବାରୁ ଜରାଶ୍ରମର ଏକମାତ୍ର ଭରସା ପାଲଟିଛି। ଗଡ଼ି ଯାଉଥିବା ବୟସରେ ଅସହ୍ୟ ହେଉଛି ହାଡ ଭଙ୍ଗା ଶୀତରେ ଛାତିକୁ ଦୋହଲାଇ ଦେଉଛି। ନ୍ୟାୟିକ ବ୍ୟବସ୍ଥାରେ ରହି ଅନେକ ବିଚାର କରିଥିବା ମାନ୍ୟବର ବିଚାରପତି ବିକାଶ କୁମାର ଦେ ନିଜସ୍ୱ ଅର୍ଥରେ ସହାୟତାର ହାତ ବଢ଼ାଇଛନ୍ତି। ବାସୁଦେବପୁର ଥାନା ଆଇଆଇସି ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ ଉପସ୍ଥିତ ରହି ସହଯୋଗ କରିଥିଲେ।

**ରାତିଅଧିଆ ଚଢ଼ଉ**

# ୨ ଭଡ଼ାଘରୁ ଧରାପଡ଼ିଲେ ୧୭ ବାଂଲାଦେଶୀ

**ବାସୁଦେବପୁର, ୪।୧୨(ସମିସ)**

ଉପକୂଳ ଅଞ୍ଚଳରେ କାୟା ବିସ୍ତାର କରିଛନ୍ତି ବାଂଲାଦେଶୀ। ଛଦ୍ମବେଶୀ ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ରାତିଦିନ ଏକ କରିଛି ବାସୁଦେବପୁର ପୁଲିସ। ବାସୁଦେବପୁର ବ୍ଲକର ସୁଦର୍ଶନପୁର ପଞ୍ଚାୟତର ଜଗନ୍ନାଥୀ ଓ ସୁଦର୍ଶନପୁର ବାଘୁଆ ଅଞ୍ଚଳରେ ଚଢ଼ଉ କରିଛି ପୁଲିସ। ଜଗନ୍ନାଥୀ ଗ୍ରାମର ମୁଷା ସାହୁଙ୍କ ଭଡ଼ା ଘରେ ରାଜମିସ୍ତ୍ରି ଭାବେ ରହୁଛନ୍ତି ସନ୍ଦିଗ୍ଧ ବାଂଲାଦେଶୀ। ଜଗନ୍ନାଥୀ ଗ୍ରାମରେ ରହୁଛନ୍ତି ୬ ଜଣ। ବାଘୁଆ ଗ୍ରାମର ରାମକୃଷ୍ଣ ପଲାଇଙ୍କ ଭଡ଼ା ଘରେ ରହିଛନ୍ତି ୧୧ଜଣ ବାଂଲାଦେଶୀ। ବିଭିନ୍ନ ବେଶରେ ଉପକୂଳ ଅଞ୍ଚଳରେ ଆସ୍ଥାନ ଜମାଇଥିବାବେଳେ ସେମାନଙ୍କ ଦ୍ୱାରା ଦେଶ ପ୍ରତି ବିପଦ ଆଶଙ୍କା କରି ଏଭଳି ଚଢ଼ଉ ଜାରି ରହିଛି। ଏହି ବାଂଲାଦେଶୀ କେତେବେଳେ ଗାଁ ଗଣ୍ଡାରେ ଫେରି କରୁଛନ୍ତି ତ ପୁଣି କେତେବେଳେ ରାଜମିସ୍ତ୍ରି କାମରେ ଲାଗି ରହୁଛନ୍ତି। ପକ୍କାଘର କାମକରି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଭାଜନ ହୋଇ ୧୦ /୧୨ ବର୍ଷ ଧରି ଆସ୍ଥାନ ଜମାଇଥିଲେ ବି ଯିବାର ନାଁ ଧରୁନାହାନ୍ତି। ଭଦ୍ରକ ଜିଲ୍ଲାର ବାସୁଦେବପୁର ଅଞ୍ଚଳ ବାଙ୍ଗଲାଦେଶୀଙ୍କ ପେଣ୍ଠସ୍ଥଳୀ ପାଲଟିଛି। ବାଂଲାଦେଶୀ ଆସ୍ଥାନ ଜମାଇ ଥିବାରୁ ପୁଲିସର ମୁଣ୍ଡ ବ୍ୟଥାର କାରଣ ହୋଇଛି। ଗତକାଲି ରାତି ଅଧିଆ ବାସୁଦେବପୁର ଥାନାର ଆଇଆଇସି ଲୋପାମୁଦ୍ରା ନାୟକ ଏକ ଟିମ୍ ସହିତ ଚଢ଼ଉ କରିଥିଲେ। ଦିନରେ ଏମାନଙ୍କ ଠିକଣା ପାଇବା କଷ୍ଟକର ହେଉଥିବାରୁ ରାତିରେ ଚଢ଼ଉବେଳେ ସବୁ ଏକାଠି ପାଇଥିଲେ। ଜଣ ଜଣ କରି ୧୧ ଜଣଙ୍କର ଆଧାର ଓ ଭୋଟର କାର୍ଡ ଯାଞ୍ଚ କରାଯାଇଥିଲା। ଆସନ୍ତାକାଲି ଜମି ପଟ୍ଟା ଓ ଆଧାର କାର୍ଡ ଧରି ଥାନାକୁ ଆସିବାକୁ ସେମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିଛି ବଙ୍ଗାଳୀ ସମ୍ପ୍ରଦାୟର ବାସୁଦେବପୁର ଅଞ୍ଚଳର ଫେରି କରୁଛନ୍ତି ତ ପୁଣି କିଏ ରାଜମିସ୍ତ୍ରି କାମ କରି ବର୍ଷ ବର୍ଷ ରହି ଏଭଳି ସୁବିଧା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ କିଏ ଅସଲି କିଏ ନକଲି ଜାଣିବା କଷ୍ଟକର। ଦେଶର ସୁରକ୍ଷା ବିପଦ ଏଡ଼ାଇବାକୁ ଚଢ଼ଉ ଜୋରଦାର କରାଯିବ ବୋଲି ପୁଲିସ କହିଛି। ଉପକୂଳ ଥାନା ଅଞ୍ଚଳ ମୁକୁଳା ପଡ଼ିଥିବାବେଳେ ବିନା କର୍ମଚାରୀ ଓ ବିନା ଯନ୍ତ୍ରପାତିରେ କେବଳ ବାଡ଼ି ଧରି ପୁଲିସ ବସିଛି। ଯାହା ଦ୍ୱାରା ବିପଦ ଆଶଙ୍କା ବଢ଼ୁଛି। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ରାତିରେ ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତ ବାସୁଦେବପୁର ଥାନାରେ ପହଞ୍ଚି ଏଭଳି ଯାଞ୍ଚ ଆରମ୍ଭ କରିଥିଲେ। ତାଙ୍କ ନିର୍ଦ୍ଦେଶରେ ବାସୁଦେବପୁର ଥାନାର ଭାରପ୍ରାପ୍ତ ଇନ୍ସପେକ୍ଟର ଲୋପାମୁଦ୍ରା ନାୟକ ବୁଧବାର ବିଳମ୍ବିତ ରାତିରେ ସୁଦର୍ଶନପୁର ପଞ୍ଚାୟତର ଦୁଇ ସ୍ଥାନରେ ଯାଞ୍ଚ ଆରମ୍ଭ କରିଥିଲେ। ସୁରକ୍ଷା ଢିଲା ଥିବାରୁ କେତେବେଳେ ଏମାନେ ବିପଦର କାରଣ ହେବେ ଏହି ଆଶଙ୍କା ସୃଷ୍ଟି ହୋଇଥିବାବେଳେ ଏଭଳି ଯାଞ୍ଚର ଗୁରୁତ୍ୱ ଥିବା ଅଞ୍ଚଳବାସୀ କହିଛନ୍ତି। ବାସୁଦେବପୁର ଠାରୁ ଅଳ୍ପ ଦୂରରେ ରହିଛି ପ୍ରତିରକ୍ଷା କ୍ଷେପଣାସ୍ତ୍ର ଘାଟି ହୁଇଲର ଦ୍ୱୀପ। ପ୍ରତିଦିନ ପ୍ରତିରକ୍ଷା ବିଭାଗର ଗୁରୁତ୍ୱପୂର୍ଣ୍ଣ ଗାଡ଼ି ବାସୁଦେବପୁର ଦେଇ ଯାତାୟତ କରୁଛି। ତେଣୁ ବିପଦ ଆଶଙ୍କା ଏଡ଼ାଇବା ଲକ୍ଷ୍ୟରେ ଆଗକୁ ଆହୁରି ଜୋରଦାର ଯାଞ୍ଚ ହେବ ବୋଲି କୁହାଯାଇଛି।



## ବାଲ୍ ବୈଜ୍ଞାନିକ ଓ ସୁସ୍ଥ ଜୀବନ ଶୈଳୀ ପ୍ରକଳ୍ପ ପ୍ରଦର୍ଶନ

**ଦୋଳସାହି, ୪।୧୨(ସମିସ):** ତିହିଡ଼ି ବ୍ଲକ ଅଧୀନ ହରସିଂପୁର ପଞ୍ଚାୟତ ବାରବାଟିଆ ୟୁଜି ୟୁପି ସ୍କୁଲ ଠାରେ ଆଜି ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ଓ ସୁସ୍ଥ ଜୀବନ ଶୈଳୀ ପ୍ରକଳ୍ପ ପ୍ରଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ତିହିଡ଼ି ବ୍ଲକ ବିଡିଓ ନିରଞ୍ଜନ ବାରିକ ଓ ମୁଖ୍ୟବକ୍ତା ରୂପେ ଓଡ଼ିଶା ବିଜ୍ଞାନ ଏକାଡେମୀ ସଦସ୍ୟ ରବୀନ୍ଦ୍ର ଜେନା, ତିହିଡ଼ି ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୂର୍ଯ୍ୟଶିଖା ମହାନ୍ତି, ଏବିଓ ଲକ୍ଷ୍ମୀପ୍ରିୟା ମାଝୀ, ସରପଞ୍ଚ ଅଜୟ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୧୨୧ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ବେଳେ ୧୪ ଟି ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା ଜଣାପଡ଼ିଛି।

## କୁନି କ୍ରୀଡ଼ାବିତ୍ ଶାକ୍ୟ ପ୍ରତୀକଙ୍କୁ ମହତାବ ସମ୍ମାନ

**ବନ୍ତ/ଆଗରପଡ଼ା, ୪।୧୨(ସମିସ):** କୁନି କ୍ରୀଡ଼ାବିତ୍ ସାକ୍ୟ ପ୍ରତୀକ ବେହେରାଙ୍କୁ ମିଳିଛି ମହତାବ ସମ୍ମାନ-୨୦୨୫। ସ୍ଥାନୀୟ ହେମପଦ୍ମ ଗାଲାକ୍ସିରେ ଆୟୋଜିତ ଜିଲ୍ଲାସ୍ତରୀୟ ମହତାବ ଜୟନ୍ତି ଉତ୍ସବରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଡାକ୍ତର ଦାମୋଦର ପଣ୍ଡା, ଆଡ଼ଭୋକେଟ ମନୋଜ ରାୟ ପ୍ରମୁଖ ଯୋଗଦେଇ ସାକ୍ୟ ପ୍ରତୀକଙ୍କୁ ଅର୍ଥରାଶି, ମାନପତ୍ର ସହ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଆଗରପଡ଼ାସ୍ଥିତ ଟିକିରା ଗ୍ରାମବାସୀ ସାମ୍ବାଦିକ ମନୋଜ ବେହେରା ଓ ସ୍ୱପ୍ନା ସୋନାଲିକାଙ୍କ ବଡ଼ ପୁଅ ସାକ୍ୟ ପ୍ରତୀକ ସ୍ଥାନୀୟ କୃଷ୍ଣଚରଣ ବିଦ୍ୟାମନ୍ଦିରରେ ଅଧ୍ୟୟନରତ। ପାଠ ସହ କ୍ରୀଡ଼ା କ୍ଷେତ୍ରରେ ବିଭିନ୍ନ ପାରଙ୍ଗମତା ପ୍ରଦର୍ଶନ କରି ଅନେକ ପ୍ରଶଂସା ସାଉଁଟିଛନ୍ତି। ନବରଙ୍ଗପୁରସ୍ଥିତ ଉମରକୋଟରେ ରାଜ୍ୟସ୍ତରୀୟ ବ୍ୟାଡ଼ମିଣ୍ଟନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସେ ଉପବିଜେତା ହୋଇଥିଲେ। ବ୍ୟାଡ଼ମିଣ୍ଟନ ତାଙ୍କର ପ୍ରିୟ କ୍ରୀଡ଼ା ହୋଇଥିଲେ ସୁଦ୍ଧା ଅନ୍ୟ କ୍ରୀଡ଼ା ପ୍ରଦର୍ଶନ କରିବାରେ ସେ ସିଦ୍ଧହସ୍ତ। ରାଜ୍ୟସ୍ତରରେ ଉଚ୍ଚ ପ୍ରଶଂସିତ କୋଚଙ୍କ ଠାରୁ ସେ ବ୍ୟାଡ଼ମିଣ୍ଟନ ଶିକ୍ଷାଗ୍ରହଣ କରିବାକୁ ସ୍ଥିର କରିଛନ୍ତି ଓ ଭବିଷ୍ୟତରେ ଜଣେ ନାମକରା ଖେଳାଳି ହେବାର ଆଶା ରଖିଛନ୍ତି ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି।

# ଭଦ୍ରକ ବ୍ଲକ୍‌ରେ ବିଜ୍ଞାନ ପ୍ରଦର୍ଶନୀ ମେଳା

**ଭଦ୍ରକ, ୪।୧୨(ସମିସ):** ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନୀକ ପ୍ରଦର୍ଶନୀ ମେଳା ଭଦ୍ରକ ବ୍ଲକ ସାହାଡା ସ୍ଥିତ ଲାଲାଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜ୍ଞାନ ସଂଯୋଜକ ବୈକୁଣ୍ଠ ବିଶ୍ୱାଳଙ୍କ ସହାୟତାରେ ୨୩ଗୋଟି କ୍ଲଷ୍ଟର ଅଧିନସ୍ଥ ଉଚ୍ଚ ପ୍ରାଥମିକ ଓ ହାଇସ୍କୁଲ ରୁ ୧୦୨ଗୋଟି ବିଜ୍ଞାନ ବିଭାଗ ରେ ଏବଂ ପରିବେଶ ବିଜ୍ଞାନରେ ୬୩ଗୋଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଆୟୋଜିତ ବିଜ୍ଞାନ ପ୍ରଦର୍ଶନୀ ଉତ୍ସବକୁ ଡେପୁଟି କଲେକ୍ଟର ତଥା ଡିଆଇପିଆରଓ କାର୍ତିକ ନାଥ ମଣ୍ଡଳ ଉଦ୍‌ଘାଟନ କରିଥଲେ। ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲିକଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ରାଜ୍ୟ ବିଜ୍ଞାନ ଏକାଡେମି ର ସଦସ୍ୟ ନିହାର ରଞ୍ଜନ କର ମୁଖ୍ୟବକ୍ତା ଭାବେ ଉପସ୍ଥିତ ହୋଇ ମାନବ ସମାଜ ନିମନ୍ତେ ବିଜ୍ଞାନର ଆବଶ୍ୟକତା ଓ ଉପକାରିତା ବିଷୟରେ ଗୁରୁତ୍ୱାରୋପ କରିଥଲେ। ସ୍ଥାନୀୟ ସରପଞ୍ଚ ମାଧବ ମଲ୍ଲିକ, ଏ ଡି ଇ ଓ ଜଗବନ୍ଧୁ ସାହୁ, ବିଡିଓ ରଶ୍ମୀ ରଞ୍ଜନ ମଲ୍ଲିକ, ଡ. ପୂର୍ଣ୍ଣଚନ୍ଦ୍ର ଦାଶ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ସିଆରସିସି ବାଜୁନ ସିଂ, ଭଦ୍ରକ ସରକାରୀ ହାଇସ୍କୁଲ୍‌ର ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଲାଲାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଓ ସଭା ପତି ହିରାଲାଲ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ମେଳାରେ ସ୍ଥାନ ପାଇଥିବା ପ୍ରକଳ୍ପ ଗୁଡ଼ିକୁ ସତ୍ୟରଞ୍ଜନ ଖୁଣ୍ଟିଆ, ରମେଶ ଦାଶ, ମୃତ୍ୟୁଞ୍ଜୟ ସାମଲ ଓ ବିନୟ ରଞ୍ଜନ ଜେନା ପ୍ରକଳ୍ପ ର ବିଭିନ୍ନ ଦିଗ କୁ ବିଚାର କରି ମୂଲ୍ୟାୟନ କରିଥଲେ। ଅପରାହ୍ନ ବେଳକୁ ଦ୍ୱିତୀୟ ପର୍ଯ୍ୟାୟ ରେ ଆରମ୍ଭ ହୋଇଥିଲା ଉଦଯାପନ ଉତ୍ସବ। ଏହି ଉଦଯାପନ ଉତ୍ସବ ରେ ଅତିଥି ରୂପେ ଏ. ବି .ଇ.ଓ ସୁମନମାଳା ରାଉତ୍, ଜିଲ୍ଲା ସ୍କୁଲ ପ୍ରଧାନଶିକ୍ଷକ ପାନମଣୀ ବେଶ୍ରା, ଉମେଶ ଚନ୍ଦ୍ର ମାଝୀ, ଭୀମଚରଣ ପରିଡ଼ା, ନରେନ୍ଦ୍ର ପ୍ରସାଦ ସାହୁ, ପ୍ରଶାନ୍ତ କୁମାର ସାହୁ ଓ ଲାଲଜୀ ପଞ୍ଚସଖା ଶିକ୍ଷାସେତୁ ହାଇସ୍କୁଲ ର ଅଧ୍ୟକ୍ଷ ଯୋଗ ଦାନ କରିଥିଲେ। ବ୍ଲକର ୨୩ଟି କ୍ଲଷ୍ଟରରେ ସିଆରସିସି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଆୟୋଜିତ ସଭାରେ ଚନ୍ଦ୍ରକାନ୍ତ ଶୁକ୍ଲ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ରାଜେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ମଣ୍ଡଳ ସ୍ତରୀୟ ବିଜ୍ଞାନ ମେଳାକୁ ସଫଳ କରାଇବାରେ ଚାରୁଲତା ମହାପାତ୍ର, ଅରବିନ୍ଦ ଦୀକ୍ଷିତ, ସମୀର ଜେନା, ନୀଳାଦ୍ରି ତ୍ରିପାଠୀ, ରାଜେଶ ଦାସ ପ୍ରମୁଖ ଶିକ୍ଷକ ନେତା ସହଯୋଗ କରିଥିଲେ।



# ୧୭୪ଜଣ ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ

**ଧାମନଗର, ୪।୧୨(ସମିସ):** ଧାମନଗର ଏନ୍‌ଏସିଅନ୍ତର୍ଗତ ମୁନସିପାଟଣା ଗାଁ ସ୍ଥିତ ଥିବା ମାଦ୍ରାସା ତାହେରିୟା ହନିଫିଆ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କୁ ପୋଷାକ ବଟଂନ ଉତ୍ସବ ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଦ୍ରାସାର ପ୍ରଧାନ ଶିକ୍ଷକ ସେକ ନାସିରୁଦ୍ଦିନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କ୍ଲଷ୍ଟର୍ ସିଆରସିସି ସେକ ମୁଜାଫର ହୋସେନ, ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇ ସରକାରଙ୍କ ତରଫରୁ ପୋଷାକ ବଟଂନର ଉଦ୍ଦେଶ୍ୟ ଓ ଲକ୍ଷ ଏବଂ ବିଦ୍ୟାଳୟର ପାଠପଢ଼ା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ ୧୭୪ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଦୁଇ ହଳ ଲେଖାଏଁ ପୋଷାକ, ଜୋତା, ମୌଜା, ଟି ଶାର୍ଟ, ଟ୍ରାକ ପେଟଂ, ଟୋପି ଓ ଆଇ କାର୍ଡ ବଣ୍ଟନ କରାଯାଇଛି। ଏହି ଅବସରରେ ପ୍ରଧାନଶିକ୍ଷକ ଶ୍ରୀ ସେଠୀ, ବର୍ତ୍ତମାନର ସିଆରସିସି ମୁଜାଫର ହୋସେନ ଉଭୟଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, ଉତରିୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ପୋଷାକ ବଣ୍ଟନ ଉତ୍ସବରେ ଗ୍ରାମର ଅଭିଭାବକ ଗାଁର ମୁରବି ପ୍ରମୁଖ ଯୋଗ ଦେଇଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ପ୍ରାରମ୍ଭରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସେକ ଖଲିଲ ଅତିଥି ମାନଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



**୨୨ ବର୍ଷରେ ଏଡ୍‌ସ୍ ନେଲାଣି ୩୦୧ ଜୀବନ**

# ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୩, ଭଦ୍ରକରେ ସର୍ବାଧିକ ୨୮୫

**ଭଦ୍ରକ, ୪।୧୨(ସମିସ**

ଭଦ୍ରକ ଜିଲ୍ଲାରେ ଗତ ୨୨ବର୍ଷରେ ମାରାତ୍ମକ ଏଡ୍‌ସ ରୋଗ ନେଲାଣି ୩୦୧ ଜୀବନ। ଗତ ୨୦୦୩ରୁ ଚଳିତ ଅକ୍ଟୋବର ମାସ ସୁଦ୍ଧା ମିଳିଥିବା ତଥ୍ୟାନୁଯାୟୀ ଜିଲ୍ଲାରେ ଅର୍ଥାତ ୨୨ବର୍ଷରେ ଏଡସ୍ ନିୟନ୍ତ୍ରଣ କକ୍ଷକୁ ୭ଲକ୍ଷ ୩୮ହଜାର ୪୩୩ଜଣ କାଉନସେଲିଂ ପାଇଁ ଆସିଥିଲେ। ସେଥିରୁ ୭ଲକ୍ଷ ୧୬ହଜାର ୨୭୬ଜଣଙ୍କ ନମୁନା ପରୀକ୍ଷା କରାଯାଇଥିଲା। ଏଥିରେ ୧୨୭୩ଜଣଙ୍କ ଏଚ୍‌ଆଇଭି ପଜିଟିଭ୍ ବା ଏଡ୍‌ସ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଥିଲା। ଜିଲ୍ଲାରେ ଚିହ୍ନଟ ହୋଇଥିବା ୧୨୭୩ ଏଡ୍‌ସ ଆକ୍ରାନ୍ତଙ୍କ ମଧ୍ୟରୁ ସର୍ବାଧିକ ସଂଖ୍ୟକ ଭଦ୍ରକ(ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳ)ରେ ୨୮୫ଜଣ ବୋଲି ଜଣାଯାଇଛି। ଏହା ପଛକୁ ରହିଛି ବାସୁଦେବପୁର ଅଞ୍ଚଳରେ। ଏଠାରେ ୨୮୫ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଧାମନଗର ଅଞ୍ଚଳରେ ୧୫୫ଜଣ, ଚାନ୍ଦବାଲି ଅଞ୍ଚଳରେ ୧୦୫ଜଣ, ତିହିଡିରେ ୧୩୯ଜଣ, ଭଣ୍ଡାରିପୋଖରୀ ଅଞ୍ଚଳରେ ୫୯ଜଣ, ବନ୍ତ ଅଞ୍ଚଳରେ ୮୮ଜଣ ଚିହ୍ନଟ ହୋଇଥିବା ଜଣାଯାଇଛି। ସେହିଭଳି ଭଦ୍ରକରେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ୧୮୪ଜଣ ବାହାର ଜିଲ୍ଲାର ରୋଗୀ ବୋଲି ସୂଚନା ମିଳିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଜିଲ୍ଲାରେ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ୯୧ଜଣ ପ୍ରସୂତି ରୋଗୀ ଥିବା ବେଳେ ୪୯ଜଣ ଶିଶୁପୁତ୍ର ଓ ୪୪ଜଣ ଶିଶୁକନ୍ୟା ଅଛନ୍ତି। ଚିହ୍ନଟ ଏଡ୍‌ସ୍ ଆକ୍ରାନ୍ତଙ୍କ ମଧ୍ୟରେ ଏଆର୍‌ଟି ଔଷଧରେ ମୋଟ ୯୩୪ଜଣ ଜୀବୀତ ଥିବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାଯାଇଛି। ତେବେ ଜିଲ୍ଲାରେ ଗତ ୨୨ବର୍ଷ ର ଏଡ୍‌ସ୍ ତାଲିକାକୁ ତର୍ଜମା କଲେ ଜିଲ୍ଲାରେ ଏଡ୍‌ସ୍ ସଂକ୍ରମଣ ହାର ହ୍ରାସ ପାଇବାରେ ଲାଗିଛି। ବିଗତ ୨୦୦୩ରେ ଏଡ୍‌ସ ଚିହ୍ନଟଙ୍କ ପ୍ରତିଶତ ୧୯.୨୦ ଥିବା ବେଳେ ଚଳିତ ୨୦୨୫ରେ ଏହି ହାର ୦.୧୩ ପ୍ରତିଶତରେ ପହଞ୍ଚିଛି। ତେବେ ସଚେତନତା ଓ ସତର୍କତା ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ବୁଦ୍ଧଜୀବୀ ମହଲ ମତବ୍ୟକ୍ତ କରିଛି। ସୂଚନାଯୋଗ୍ୟ, ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡସ୍ କବଳରୁ ବର୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି। ତେବେ ଏହାର ଭୟବହତା ବିଷୟରେ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ କେବଳ ଡିସେମ୍ବର ୧ ନୁହେଁ ବରଂ ନିୟମିତ ଭାବେ ସଚେତନତା କାର୍ଯ୍ୟ କରିବାକୁ ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛନ୍ତି।






# ମାଫିଆଙ୍କ ଆଗରେ ଜିଲ୍ଲା ପ୍ରଶାସନର ଷ୍ଟ୍ରାଟେଜି ଫେଲ୍



ଖୋର୍ଦ୍ଧା, ୪।୧୨(ସମିସ): ଖୋର୍ଦ୍ଧା ଜିଲ୍ଲାରେ ବେଆଇନ ଭାବେ ପଥର ଖନନ ଏବଂ ମାଙ୍କଡା ଚୋରା ଚାଲାଣ ବଢିବାରେ ଲାଗିଛି। କିଛି ବର୍ଷ ତଳେ ଏନଜିଟିର ଛାଟ୍ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧରପଗଡ ଜୋରଦାର ଆରମ୍ଭ ହୋଇଥିଲା। ବେଆଇନ ଭାବେ ଚାଲାଣ ହେଉଥିବା ଲଘୁ ଖଣିଜ ପଦାର୍ଥ ଉପରେ ଜରିମାନା ଆଦାୟ କରାଯାଇଥିଲା। ମାଫିଆଙ୍କ ଦୌରାମ୍ତ୍ୟ ଆଗରେ ଜିଲ୍ଲା ପ୍ରଶାସନର ଷ୍ଟ୍ରାଟେଜି ଫେଲ୍ ମାରିଛି। ରୀତିମତ ଭାବେ ଜିଲ୍ଲାରେ ମାଙ୍କଡା ଚୋଚାଚାଲାଣ ବଢୁଛି। ଜାତୀୟ ଓ ରାଜ୍ୟ ରାଜପଥରେ ବେଧଡକ ଭାବେ ଚୋରା ଚାଲାଣ ଚାଲିଛି। ଦୈନିକ ବିଳମ୍ବିତ ରାତିରେ ଶହ ଶହ ଟ୍ରକ, ହାଇୱାରେ ପଥର ଓ ମୋରମ ଚୋରା ଚାଲାଣ ହେଉଛି। ପ୍ରଶାସନ, ପୁଲିସର କେତେଜଣ ଅସାଧୁ କର୍ମଚାରୀ ଏବଂ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁ ଦିନ ଦିନ ଖୋର୍ଦ୍ଧାରେ ବେଆଇନ ପଥର ଖଣି ଖନନ ବଢିବାରେ ଲାଗିଛି।

ଅନ୍ୟପଟେ ବିନା ପଞ୍ଜୀକରଣରେ ଖୋର୍ଦ୍ଧା, ଜଟଣୀ, ଭୁବନେଶ୍ୱର ସହର ତଳି ଅଞ୍ଚଳ ଏବଂ ବୋଲଗଡ ଓ ବେଗୁନିଆ ପ୍ରଭୃତି ଅଞ୍ଚଳରୁ ଚୋରା ମାଙ୍କଡା ପଥର ଚାଲାଣ ହେଉଛି। ଜଟଣୀ ତହସିଲ ଅନ୍ତର୍ଗତ ଷଣ୍ଢପୁର, କନ୍ତିଆ, ମୁଣ୍ଡଳ, ବରକୁଦା, ରଥିପୁର, ନରଞ୍ଜନପୁର, ଗୋବିନ୍ଦପୁର, କୁଦିଆରୀ, ତିରିମଲ, ପିତାପଲି, ଗଙ୍ଗପଡା, ପଳାଶପୁର, ଜାମୁଝାରୀ ଏବଂ ଖୋର୍ଦ୍ଧା ତହସିଲ ର ଅରାଙ୍ଗ, ଦୋରିହା, ନିଆଳ, ପାଇକତିଗିରିଆ ଅଞ୍ଚଳରେ ଥିବା ବେଆଇନ ଖଣିରୁ ରାତିରେ ନିୟମିତ ଭାବେ ପଥର ଓ ମୋରମ ଚାଲାଣ କରାଯାଉଛି। ଖୋର୍ଦ୍ଧା ଓ ଜଟଣୀ ସମେତ ଭୁବନେଶ୍ୱର ତଳି ଅଞ୍ଚଳକୁ ଏଠାରୁ ବେଆଇନ ଚାଲାଣ କରାଯାଉଛି। ପ୍ରତି ରାତିରେ ୧୦୦ରୁ ଉଦ୍ଧ୍ୱର୍ ହାଇୱାରେ ମୋରମ ଚାଲାଣ ହେଉଛି। ଏ ନେଇ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିଥିଲେ ମଧ ଫଳ ଶୂନ ରହିଛି। ରାତିରେ ମାଫିଆମାନେ ଏକର ଏକର ଜମିକୁ ତାଡି ମୋରମ ଚୋରାଚାଲାଣ କରୁଛନ୍ତି। ଏଥିରେ ଗୋଚର ଏବଂ ଜଙ୍ଗଲ ଜମି ମଧ ରହିଛି। ଉପରଭୂଇଁରୁ ଖଣି ତଳକୁ ଅନାଇଲେ ଆଖିପାଉନଥିବାବେଳେ ଏହି ଅଂଚଳରେ ପୁଲିସ୍ କି ତହସିଲ ପ୍ରଶାସନ ପକ୍ଷରୁ ଚଢଉ କରାଯାଉନି।

ଏହି ଖଣି ଏବେ ନିୟମିତ ରାତିରେ କିପରି ଏବଂ କିଏ ଚଳାଉଛି ତାକୁ ନେଇ ଜିଲ୍ଲା ପ୍ରଶାସନକୁ ଅଙ୍ଗୁଳି ଉଠାଇଲେଣି ସ୍ଥାନୀୟ ଲୋକ। ବେଆଇନ୍ ଖଣିର ମୋରମ ନିକଟସ୍ଥ ବହୁ ପ୍ରକଳ୍ପରେ ବେଆଇନ ଭାବେ ପକାଯାଉଥିବାବେଳେ ଉକ୍ତ ଖଣିକୁ ଦେଖିଲେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ଜଣାଯାଉଛି। ଖଣିଗୁଡିକରୁ ଲୁଟ ହୋଇଥିବା ପଥର ଓ ମୋରମର ଆନୁମାନିକ ପରିମାଣ ପ୍ରାୟ ୫୦କୋଟିରୁ ଉଦ୍ଧ୍ୱର୍ ହେବ ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ବେଆଇନ୍ ଖଣି ହେବା ଦ୍ୱାରା ସ୍ଥାନୀୟ ଅଞ୍ଚଳର ଗୋଚର ଜମି କମୁଥିବାବେଳେ ଗୋରୁ ଚରିବାକୁ ଆଉ ଜମି ମିଳୁନି। ଗଭୀର ଖଣିରେ ପଡି ବହୁ ଗୋରୁଗାଇ ଓ ମଣିଷ ମଧ ମୃତାହତ ହେବାର ନଜିର ଥିବା ଲୋକ ପ୍ରକାଶ କରିଛନ୍ତି।

- ବଢ଼ିଚାଲିଛି ଚୋରା ପଥର ଖନନ ଓ ଚାଲାଣ
- କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ସରକାର
- ଅସାଧୁ କର୍ମଚାରୀ ଓ ମାଫିଆ ମାଲାମାଲ
- ଉତ୍ତର ଖୋର୍ଦ୍ଧା ଓ ଜଟଣୀରେ ଖଣି ଖନନକୁ ମିଳିନି ଅନୁମତି

ଅନ୍ୟପକ୍ଷରେ ମାଫିଆ ଏବଂ ପ୍ରଶାସନର କେତେଜଣ ଅସାଧୁ କର୍ମଚାରୀଙ୍କ ମଧ୍ୟରେ ସଲାସୁତରା ଯୋଗୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରଶାସନର କିଛିଦିନର ଚଢାଉ ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ପଥର ଖଣି ବନ୍ଦ ରହିଥିଲା। ମାତ୍ର ଏବେ ପ୍ରଶାସନିକ ହୁଗୁଳା ଯୋଗୁ ରୀତିମତ ଭାବେ ପଥର ଚୋରା ଚାଲାଣ ଚାଲିଛି। ବରଂ ଲୋକ ଦେଖାଣିଆ ରାସ୍ତା ଉପରୁ କିଛି ଗାଡି ଧରି ପୁଲିସ ବାହା ବାହା ନେଉଥିବାବେଳେ ଖଣି ରେ ପଶିବାକୁ ଭୟ କରୁଥିବା ଚର୍ଚ୍ଚା ହେଉଛି। ତେଣୁ ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ଏ ସମ୍ପର୍କରେ ଖଣି ଅଧିକାରୀ ଜଗନ ବେହେରାଙ୍କ କହିବା କଥା ଉତ୍ତର ଖୋର୍ଦ୍ଧା ତଥା କୁମାରବସ୍ତରୁ ହଳଦିଆ ଅଞ୍ଚଳରେ କୌଣସି ଖଣିକୁ ଲିଜ୍ ଦିଆଯାଇନାହିଁ। ସେହିପରି ଜଟଣୀ ଅଞ୍ଚଳରେ ଗୋଟେ ହେଲେ ବି ଖଣି ଲିଜ୍ ଦିଆଯାଇନି। ବେଆଇନ ଖନନକୁ ପ୍ରଶ୍ରୟ ଦିଆଯାଉନି। ଅଭିଯୋଗର ମଧ ତଦନ୍ତ କରାଯାଇ ଦୁର୍ବୃତ୍ତଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଖଣି ଅଞ୍ଚଳରେ ବିଭାଗ ପକ୍ଷରୁ ଅନବରତ ଚଢଉ ଜାରି ରହିଛି ଏବଂ ଏହାକୁ ଜୋର କରାଯିବ। କେବଳ ଖୋର୍ଦ୍ଧାର କାଳିବତୀ ମୌଜାରେ ଗୋଟିଏ ମୋରମ ଖଣିକୁ ଉତ୍ତୋଳନ ଲାଗି ଅନୁମତି ମିଳିଥିବାବେଳେ ମଳିପଡାରେ ଦୁଇଟି, ନରସିଂହପ୍ରସାଦରେ ଗୋଟିଏ, ମୁଣ୍ଡାଆମ୍ବରେ ଗୋଟିଏ ମାଙ୍କଡା ଖଣିକୁ ଅନୁମତି ମିଳିଛି।

## ପୂର୍ବତନ ସରପଞ୍ଚଙ୍କ ପତ୍ନୀ ବିୟୋଗ



ଟାଙ୍ଗୀ, ୪।୧୨(ସମିସ) : ଚାନ୍ଦପୁରର ପୂର୍ବତନ ସରପଞ୍ଚ ବିଜୟ ସାହୁଙ୍କ ପତ୍ନୀ ମନୋରମା ସାହୁ (୬୯)ଙ୍କ ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀମତୀ ସାହୁଙ୍କ ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ୱାମୀ, ପୁଅଝିଅ ଓ ପରିବାରବର୍ଗଙ୍କ ସମେତ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ। ଖାଉଟି ସୁରକ୍ଷା ଅଦାଲତର ପୂର୍ବତନ ଅଧ୍ୟକ୍ଷ ନାରାୟଣ ମହାପାତ୍ର, ଗ୍ରାମ କମିଟି ସଭାପତି ସୁକାନ୍ତ ସେନାପତି, ଅବସରପ୍ରାପ୍ତ ସହକାରୀ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାୟକ, ବଣିକ ସଂଘ ସଭାପତି ନାଥୁମଲ୍ଲ ମହାରାଜୀ, ପରିବା ବ୍ୟବସାୟୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ଅନ୍ୟମାନେ ସ୍ୱର୍ଗତ ମନୋରମାଙ୍କ ଅନ୍ତିମ ଦର୍ଶନ କରିବାସହ ତାଙ୍କର ସଦ୍‌ଗତି କାମନା କରିଛନ୍ତି।

## ମହିଳା ହିଂସା ବିରୋଧୀ ସଚେତନତା କାର୍ଯ୍ୟକ୍ରମ



ବାଣପୁର, ୪।୧୨(ସମିସ): ବାଣପୁର ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ମହିଳା ହିଂସା ବିରୋଧୀ ଅଭିଯାନ କାର୍ଯ୍ୟକ୍ରମ ଚାଲିବ। ଏହି କ୍ରମରେ ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ସନ୍ଧ୍ୟା ଦେବୀଙ୍କ ତତ୍ତ୍ୱାବଧାନରେ ଗ୍ରାମୀଣ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମହିଳା ଡିଜିଟାଲ ହିଂସା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ପ୍ରଶାନ୍ତ ଦାଶ, ମନୋଜ ମହାପାତ୍ର, ଅଧ୍ୟାପିକା ପ୍ରମୋଦିନୀ ସାମନ୍ତରାୟ, ସୁଚିତ୍ରା ଦାସ, ସାଗରିକା ଦାସ, କସ୍ତୁରୀ ପଟ୍ଟନାୟକ, ରବିନ୍ଦ୍ର ମାର୍ଥା ପ୍ରମୁଖଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଇଣ୍ଟରନେଟ ମାଧ୍ୟମରେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ମହିଳାଙ୍କ ପ୍ରତି ଘଟୁଥିବା ହିଂସାକୁ ଦମନ କରିବାର ବିଭିନ୍ନ ନିରାକରଣ ସମ୍ପର୍କରେ ଆଲୋଚନା କରିଥିଲେ।

## ନୂତନ ବ୍ଲକ୍ ଶିକ୍ଷାଧିକାରୀଙ୍କ ଯୋଗଦାନ

ଟାଙ୍ଗୀ, ୪।୧୨(ସମିସ): ଦୀର୍ଘଦିନ ଧରି ଟାଙ୍ଗୀ ବ୍ଲକ୍‌ରେ ଶିକ୍ଷାଧିକାରୀ ପଦବୀ ଖାଲିପଡ଼ିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ରାଙ୍କ ସଂଖ୍ୟା ୩୨୭୫୭,୨୮।୧୧।୨୫ ଅନୁଯାୟୀ ନଅଁପଲ୍ଲୀ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ସାହୁ ପଦୋନ୍ନତି ପାଇ ଆଜି ଟାଙ୍ଗୀ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଭାବେ ଯୋଗଦେଇଛନ୍ତି। ବିଭନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ଶ୍ରୀ ସାହୁଙ୍କୁ ସ୍ୱାଗତ କରାଯାଇଛି।

## ଜମି ହଡ଼ପ ଅଭିଯୋଗରେ ଅଭିଯୁକ୍ତ କୋର୍ଟ ଚାଲାଣ

ବେଗୁନିଆ, ୪।୧୨(ସମିସ): ବାଘମାରୀ ଥାନା ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମର ଅଗାଧୁ ମଲ୍ଲିକଙ୍କ ପୁଅ କାହ୍ନୁ ବଡ଼ଭାଇ ବଂଶୀଧରଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଜାଲ୍ ପ୍ରମାଣପତ୍ର ହସ୍ତଗତ ସହ ଜମିକୁ ହଡ଼ପ କରିନେଇଥିଲେ। ବଂଶୀଧରଙ୍କ ପତ୍ନୀ ସବିତା ବେଗୁନିଆ ତହସିଲ କାର୍ଯ୍ୟାଳୟରେ ଅନ୍ୟାୟ ପାଇବା ପାଇଁ ନିବେଦନ କରିବାରୁ ତହସିଲଦାର ତାପସ ବିଶି ଘଟଣାକୁ ଗୁରୁତ୍ୱର ସହ ବିଚାରକୁ ନେଇ ପୁଲିସ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନିର୍ଦ୍ଦେଶରେ ଉପନିରୀକ୍ଷକ ଚନ୍ଦନ ଦାସ ଘଟଣାର ସତ୍ୟତା ନିର୍ଦ୍ଧାରଣ କରିବା ପାଇଁ ଜାଲ ମୃତ୍ୟୁ ପ୍ରମାଣପତ୍ର ସମେତ ବିଭିନ୍ନ ଦସ୍ତାବିଜ୍ ଉପସ୍ଥାପନ କରିଥିଲେ। ତେବେ ସମସ୍ତ ଜାଲ ପ୍ରମାଣ ପତ୍ର ବ୍ୟବହାର କରି ଜମିକୁ ଅକ୍ତିଆର କରିଥିବା ଅଭିଯୋଗକୁ ଭିତ୍ତି କରି କାହ୍ନୁକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କ ସହ ସଂପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ ଆଗାମୀ ଦିନରେ ଗିରଫ କରାଯିବ ବୋଲି ଥାନାଧିକାରୀ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ଜିଲ୍ଲା ପେନ୍‌ସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ



ଖୋର୍ଦ୍ଧା, ୪।୧୨(ସମିସ): ସ୍ଥାନୀୟ ଶ୍ୟାମମାଧବ ବାସନ୍ତୀ ଦେବୀ ସ୍ମାରକୀ ପାଠାଗାର ପରିସରରେ ଖୋର୍ଦ୍ଧା ଜିଲ୍ଲା ପେନସନର୍ସ ଆସୋସିଏସନର କାର୍ଯ୍ୟକାରିଣୀ ବୈଠକ ଆଜି ସଭାପତି ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ଶାଖାର ସମ୍ବିଧାନ ସମ୍ପର୍କରେ ବିସ୍ତୃତ ଆଲୋଚନା ପରେ ସଂଶୋଧନ କରାଯାଇଛି। ସଭ୍ୟମାନଙ୍କଠାରୁ ଏଣିକି ବାର୍ଷିକ ଦୁଇଶହ ଟଙ୍କା ଅଦାୟ କରାଯିବନି। ବରଂ ଆଜୀବନ ସଭ୍ୟ ଚାନ୍ଦା ପାଞ୍ଚଶହ ଟଙ୍କା ଆଦାୟ ଲାଗି ବୈଠକରେ ନିଷ୍ପତ୍ତି ହୋଇଛି। ସେହିପରି କେବଳ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ସଭ୍ୟ ହେବାର ବ୍ୟବସ୍ଥା ପ୍ରବର୍ତ୍ତିତ କରାଯାଇଛି। ଅଧିକରୁ ଅଧିକ ସଭ୍ୟ ହୋଇ ରାଜ୍ୟ ପେନସନର୍ସ ଆସୋସିଏସନ ସହିତ ଅନୁବନ୍ଧିତ ହେବା ପାଇଁ ନିଷ୍ପତ୍ତି ହୋଇଛି। ଆଲୋଚନାରେ ଉପସଭାପତି ବିମଳ ଚନ୍ଦ୍ର ଷଡଙ୍ଗୀ, ସମ୍ପାଦକ ନସିମୁଦ୍ଦିନ ଖାନ୍, ସତ୍ୟବାଦୀ ବଳିୟାରସିଂହ, ବୈକୁଣ୍ଠନାଥ ମହାପାତ୍ର, ଦେବପ୍ରସାଦ ମଜୁମଦାର ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ଦେଇଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

## ରୀତା ଟିକିନା ସ୍ମାରକୀ ଟ୍ରଫି
## ଜରିପୁଟ ଟିମ୍ ଓ କୁରାଢମଲ୍ଲ ଟିମ୍ ବିଜୟୀ

ଖୋର୍ଦ୍ଧା, ୪।୧୨(ସମିସ): କୁରାଢମଲ୍ଲ ଠାରେ ଚାଲିଥିବା ତୃତୀୟ ରୀତା ଟିକିନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ ମ୍ୟାଚ୍ ଜରିପୁଟ ଓ ସାରୁଅ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜରିପୁଟ ଦଳ ବ୍ୟାଟିଂ କରି ୧୩ ଓଭର ଖେଳି ୫ ୱିକେଟ ହରାଇ ୧୯୭ ରନ୍ କରିଥିଲା। ଦଳ ପକ୍ଷରୁ ପ୍ରକାଶ ସାମନ୍ତରାୟ ୨୬ ବଲରୁ ୬୬ ରନ କରିଥିଲେ। ଜବାବରେ ସାରୁଅ ଦଳ ବ୍ୟାଟିଂ କରି ୧୩ ଓଭର ୭ ୱିକେଟ ବିନିମୟରେ ୧୧୧ ରନ୍ କରିବାରେ ସକ୍ଷମ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ କୁରାଢମଲ୍ଲ ଓ କୋଣାର୍କ ନଗର (ଖୋର୍ଦ୍ଧା) ମଧ୍ୟରେ ହୋଇଥିଲା। କୋଣାର୍କ ନଗର (ଖୋର୍ଦ୍ଧା) ପ୍ରଥମେ ବ୍ୟାଟିଂ କରି ୭ୱିକେଟ ବିନିମୟରେ ୧୦୦ ରନ କରିଥିଲେ। ଜବାବରେ କୁରାଢମଲ୍ଲ ଦଳର ତିରୁପତି ସାମନ୍ତରାୟଙ୍କ ୩୯ ରନ ଯୋଗେ କୁରାଢମଲ୍ଲ ୧୦୨ ରନ କରି ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଖେଳକୁ ଝଜ ସାମନ୍ତରାୟ ଓ ଆକାଶ ପରିଡା ପରିଚାଳନା କରିଥିବାବେଳେ ସ୍କୋରର ସତ୍ୟପ୍ରିୟ ସାମନ୍ତରାୟ, ଭାଷ୍ୟକାର ଅଂଶୁମାନ ପରିଡା ଥିଲେ। ଅତିଥି ଭାବେ ଗୋପିନାଥ ମହାରଥୀ, ସାରଙ୍ଗ ପାତାଳସିଂହ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ଦୁଇମୁଣ୍ଡିଆ ବାଛୁରୀ ଜନ୍ମ



ବେଗୁନିଆ, ୪।୧୨(ସମିସ): ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ପରିଛଳ ଗ୍ରାମର ରତିକାନ୍ତ ଜେନା ନବଜାତ ଦୁଇମୁଣ୍ଡିଆ ମାଈ ବାଛୁରୀକୁ ଲାଳନ ପାଳନ କରୁଛନ୍ତି। ଗୁରୁବାର ପୂର୍ବାହ୍ନରେ ଗ୍ରାମ ଶ୍ମଶାନ ନିକଟରେ ଏକ ଗାଈ ଦୁଇମୁଣ୍ଡିଆ ମାଈ ବାଛୁରୀ ଛୁଆକୁ ଜନ୍ମ ଦେଇଥିଲା। ଏହା ଦେଖି ରତିକାନ୍ତ ଛୁଆକୁ ଘରକୁ ଆଣିଥିଲେ। ତେବେ ଗାଈର ମାଲିକ କିଏ ବୋଲି ଖବର ଲେଖା ହେବା ବେଳକୁ ଜଣାପଡ଼ିନାହିଁ।

## ଆଦର୍ଶ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବେଗୁନିଆ, ୪।୧୨(ସମିସ): ଦେଉଳି ପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମସ୍ଥ ଲିଙ୍ଗରାଜ ଉଚ୍ଚବିଦ୍ୟାଳୟର ଆଦର୍ଶ ଶିକ୍ଷକ ବିକ୍ରମ ପାଲଟାସିଂହଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତୀକ୍ଷା ପ୍ରଧାନଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ରତିକାନ୍ତ ସିଂହଙ୍କ ସଂଯୋଜନାରେ ଶିକ୍ଷାବିତ୍ ଲକ୍ଷ୍ମୀପ୍ରସାଦ ସାହୁ ମୁଖ୍ୟଅତିଥି, ଶିକ୍ଷାବିତ ଡଃ ଗୌରହରି ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ ପବିତ୍ର ମୋହନ ଖାଡଙ୍ଗା, କେଦାର ରାଉତରାୟ, ସରପଞ୍ଚ ଅକ୍ଷୟ ରାଉତରାୟ, ପ୍ରଧାନଶିକ୍ଷକ ବସନ୍ତ ପାଇକରାୟ, ପ୍ରଭାତ ସାହୁ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ, ପରିଚାଳନା କମିଟି ସଭାପତି ବିଜୟ ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ କୈଳାସ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶୀମଦ ଜବତ, ଜଣେ ଗିରଫ



ବାଣପୁର, ୪।୧୨(ସମିସ): ବାଲୁଗାଁ ବାଣପୁର ଅଞ୍ଚଳରେ ବେଆଇନ ଭାବେ ବ୍ୟାପକ ପରିମାଣର ମଦ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବାବେଳେ ପୁଲିସକୁ ଖାତିର ନ କରି କିଛି ଚୋରାମଦ ବେପାରୀ ବେଆଇନ ଭାବେ ମଦ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ଫଳରେ ବିଭିନ୍ନ ଗ୍ରାମରେ ଖୁଲମଖୁଲା ଭାବେ ମଦର ଆସର ଜମୁଛି। ଏହାକୁ ଗୁରୁତ୍ୱର ସହ ନେଇ ବାଣପୁର ଥାନା ଅଧିକାରୀ ରମେଶ ଦେବତାଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଟିମ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛନ୍ତି। ଗୁରୁବାର ବାଣପୁର ପୁଲିସ ଟିମ ଦୈନିକ ପାଟ୍ରୋଲିଂ ସମୟରେ ବାଣପୁର ଥାନା ଅଞ୍ଚଳର କନ୍ଧପୁଞ୍ଜିଆମା ଗ୍ରାମର ଖରିନାଳ ବ୍ରିଜ ନିକଟରୁ ବାଲୁଗାଁ ଥାନା ଅନ୍ତର୍ଗତ ହାତିବାରୀ ଗ୍ରାମର ପୂର୍ଣ୍ଣ ଦାସ ନାମକ ଜଣେ ମଦ ବେପାରୀକୁ ଗିରଫ କରି ତା' ନିକଟରୁ ୧୦୦ ପାଉଚ ପ୍ୟାକେଟ ତଥା ୫୦ ଲିଟର ଦେଶୀ ମଦ ଜବତ କରିବାରେ ସଫଳ ହୋଇଛି। ପୁଲିସ ଏ ନେଇ ବାଣପୁର ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୂର୍ଣ୍ଣକୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ମାଣବସାରେ ପଲ୍ଲୀଠୁ ସହର ଉତ୍ସବମୁଖର



ବାଲୁଗାଁ; ୪।୧୨(ସମିସ): ଓଡ଼ିଆ ପରମ୍ପରାର ମାର୍ଗଶୀର ମାସ ଗୁରୁବାର ମାଣବସାରେ ଧନଦାତ୍ରୀ ମା' ମହାଲକ୍ଷ୍ମୀଙ୍କୁ ଘରେ ଘରେ ଆବାହନ କରାଯିବାର ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସୁଛି। ୪ ତାରିଖ ମାର୍ଗଶୀର ମାସର ଶେଷ ଗୁରୁବାରରେ ତଥା ଶେଷ ପାଳି ମାଣବସାରେ ପଲ୍ଲୀଠାରୁ ସହର ପର୍ଯ୍ୟନ୍ତ ସମଗ୍ର ବାଣପୁର ଓ ବାଲୁଗାଁ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ବୁଧବାର ସୁଦ୍ଧପୁତ ଭାବେ ଘର ସଫାସୁତୁରା କରିବା ସହ ରାତ୍ରରେ ଘର ଓ ଦାଣ୍ଡରୁ ବାରି ଯାଏଁ ଚାରିଆଡେ ଲିପି ମା' ଲକ୍ଷ୍ମୀଙ୍କୁ ଗୃହ ମଧ୍ୟକୁ ପ୍ରବେଶ ନିମନ୍ତେ ନିମନ୍ତ୍ରଣ ସୁରୂପ ସୁନ୍ଦର ଝୋଟି ପକାଇଥିବା ଦେଖାଯାଇଛି। ପ୍ରତ୍ୟେକଙ୍କ ଘର ସମ୍ମୁଖରେ ଝୋଟି ପଡ଼ିବା ଦ୍ୱାରା ରାଜ ରାସ୍ତା ସୌନ୍ଦର୍ଯ୍ୟମୟ ହୋଇପଡିଛି। ଗୁରୁବାର ଭୋରୁ ଝୋଟି ଉପରେ ଗାଈ ଗୋବର ଥୋଇ ସେଥିରେ ଗେଣ୍ଡୁ ଫୁଲ ବସାଇ ମା'ଲକ୍ଷ୍ମୀଙ୍କ ଆଗମନ ଲାଗି ଘରଦ୍ୱାର ସୁନ୍ଦର ଭାବେ ସଜାଯାଇଥିଲା। ସକାଳ ସମୟରେ ମହିଳାମାନେ ସୁଦ୍ଧପୁତ ଭାବେ ପୂଜା ଘରେ ଖଟୁଲିରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କ ସ୍ୱରୂପ ସ୍ୱଚ୍ଛ ନୂଆ ଧଳା ଧାନ ପରିପୂର୍ଣ୍ଣ ଅଡ଼ା, ବୋଡ଼ା ଓ ସୋଲାରେ ଗେରୁ ଲେପନ ସହ ଝୋଟି ଆଙ୍କି ମା'ଙ୍କୁ ଆବାହନ କରି ପ୍ରଥମେ ବାଲ ଭୋଗରେ ଫଳମୂଳ ନିଶଙ୍କୁଡ଼ି ଭୋଗ ଲଗାଇ ମାଣବସାର ବହି ପଠନ କରିଛନ୍ତି। ପରେ ମଧ୍ୟାହ୍ନରେ ନୂଆ ଚାଉଳରେ ଶଙ୍କୁଡ଼ି ଭୋଗ ଓ ଖିରୀ ସହ ନାନାଦି ସ୍ୱାଦିଷ୍ଟ ପିଠା ପଣା ପୂଜା କରାଯାଇଥିଲା।

## ବାଲୁଗାଁ ବଜାରରୁ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ
# ମାପ, ଚିହ୍ନଟରେ ଅନିୟମିତତା ଅଭିଯୋଗ

ବାଲୁଗାଁ, ୪।୧୨(ସମିସ)



ଏସିଆର ସର୍ବ ବୃହତ୍ତମ ଲବଣା ହ୍ରଦ ନିଳାମ୍ବୁ ଚିଲିକା ତଟଦେଶରେ ଅବସ୍ଥିତ ବାଲୁଗାଁ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ମତ୍ସ୍ୟ ବ୍ୟବସାୟର ପେଣ୍ଠସ୍ଥଳ ହୋଇଥିବା ବେଳେ ଏଠାକୁ ଦୈନନ୍ଦିନ ହଜାର ହଜାର ପର୍ଯ୍ୟଟକ ତଥା ଲୋକେ ସହ ବହୁ ଯାନବାହାନ ଯାତାୟତ କରୁଥିବାରୁ ସଦାସର୍ବଦା ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଏହାର ସ୍ଥାୟୀ ସମାଧାନ ସହ ବାଲୁଗାଁ କ୍ଷୁଦ୍ର ସହରକୁ ସରସ ସୁନ୍ଦର କରିବା ନିମନ୍ତେ ଚାରି ଥାକିଆ ରାସ୍ତାର ଆବଶ୍ୟକତା ପଡୁଛି। ଏଥିନିମନ୍ତେ ବାଲୁଗାଁ ବଜାର ଦେଇ ରାଜ୍ୟର ୫ନଂ ଜାତୀୟ ରାଜପଥ ଯାଇଥିବା ବେଳେ ବଜାର ଉଭୟ ପାଶ୍ୱର୍ରେ ଜବରଦଖଲ କରି ଘର ଓ ଦୋକାନ କରିଆସୁଥିବା ବ୍ୟକ୍ତି ବିଶେଷଙ୍କୁ ଉଚ୍ଛେଦ ନିମନ୍ତେ ମାପ ଚିହ୍ନଟ କରାଯାଇଥିଲା।

୧୯୯୮ ମସିହାରେ ବାଲୁଗାଁ ବଜାର ଉଭୟ ପାଶ୍ୱର୍ରେ ଜବର ଦଖଲ ହୋଇଥିବା ଜାଗାର ସଠିକ୍ ଭାବେ ମାପ ଚିହ୍ନଟ କରାଯାଇଥିଲା। ତେବେ ଉକ୍ତ ସମୟରେ ଜବର ଦଖଲ ଉଚ୍ଛେଦ ବେଳେ ପ୍ରାୟ ଲୋକଙ୍କ ଘର ଦଶ ଫୁଟ ଯାଉଥିବା ବେଳେ ଉଚ୍ଛେଦ ନିମନ୍ତେ ଦିନ ଧାର୍ଯ୍ୟ ହେବାରେ ପ୍ରଶାସନ ପ୍ରଚୁର ଅର୍ଥ ପାଇ ବିଭିନ୍ନ ଆଳ ଦେଖାଇ ବାରମ୍ବାର ଜବର ଦଖଲ ଉଚ୍ଛେଦକୁ ବନ୍ଦ କରାଯାଇ ଆସୁଥିଲା। ପରବର୍ତ୍ତୀ ସମୟରେ ଗତ ୨୦୨୪ ମସିହାରେ ଉଚ୍ଛେଦ ନିମନ୍ତେ ଚାରି ଚାରି ଥର ଜବର ଦଖଲ ଉଚ୍ଛେଦ ପାଇଁ ଦିନ ଧାର୍ଯ୍ୟ କରାଯିବା ପରେ ଯାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ କରାଯାଇ ବର୍ତ୍ତମାନର ଉଚ୍ଛେଦକୁ ମିଶାଇ ତିନୋଟି ପର୍ଯ୍ୟାୟରେ ବାଲୁଗାଁ ବଜାରରୁ ଉଚ୍ଛେଦ କରାଯାଇଥିଲା। ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ଗତ ୨୦୨୪ ଅକ୍ଟୋବର ୪ରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଉଚ୍ଛେଦ ୨୦୨୫ ଜାନୁଆରୀ ୫ ଏବଂ ତୃତୀୟ ପର୍ଯ୍ୟାୟରେ ୨୦୨୫ ନଭେମ୍ବର ୨୬ରେ ବୁଧବାର ଶେଷ ଥର ପାଇଁ ପୁଣିଥରେ ଜବର ଦଖଲ ଉଚ୍ଛେଦ କରାଯାଇଛି। ବାଲୁଗାଁ ବଜାର ଉଚ୍ଛେଦ ନିମନ୍ତେ ୪ ଥର ମାପ ଚିହ୍ନଟ କରାଯାଇ ୯୭ ଜଣଙ୍କୁ ଜବରଦଖଲ ନିମନ୍ତେ ନୋଟିସ ଦିଆଯାଇଥିଲା। ଚଳିତ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ସମୟରେ ବିଭାଗ ପକ୍ଷରୁ ମାପଚିହ୍ନଟ କରାଯାଇ ଦାଗ ଦିଆଯାଇ ଥିବା ଜାଗାରୁ କିଛି ଜବରଦଖଲକାରୀ ଦାଗ ଲିଭାଇ ଆଗକୁ ଦାଗ ଦେଇଥିବା ବେଳେ ପ୍ରଶାସନ ପକ୍ଷରୁ ବର୍ତ୍ତମାନ ସେହି ଦାଗକୁ ଦେଖି ସେଠାରୁ ହିଁ ଜବରଦଖଲ ଉଚ୍ଛେଦ କରିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶେଷ ଥର ମଧ ପ୍ରିୟା ପ୍ରୀତି ତୋଷଣରେ ସଠିକ୍ ଭାବେ ମାପ ଚିହ୍ନଟ କରାଯାଇ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। ୧୯୬୨ ନକ୍ସା ଅନୁଯାଇ ୧୯୯୮ ମସିହାରେ ସଠିକ ଭାବେ କରାଯାଇଥିବା ମାପଚିହ୍ନଟ ଅନୁଯାୟୀ ଉଚ୍ଛେଦ ଦାବି ହେଉଥିବା ବେଳେ ତାହା କରା ନ ଯାଇ ଉଚ୍ଛେଦ କାର୍ଯ୍ୟ ଧର୍ମକୁ ଆଖିଠାର ସଦୃଶ ହୋଇଥିବା ଅଭିଯୋଗ ହେଉଛି। ମାପ ଚିହ୍ନଟରେ ଅନିୟମିୟତା ହୋଇଥିବା ନେଇ ଏହାକୁ ବିରୋଧ କରି ୨୨ଜଣ ରାଜ୍ୟ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ନ୍ୟାୟାଳୟ ଇତି ମଧ୍ୟରେ ପ୍ରଶାସନକୁ ସଠିକ ମାପ ଚିହ୍ନଟ କରି ଉଚ୍ଛେଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପ୍ରଶାସନ ପକ୍ଷରୁ ଯେଉଁ ମାପଚିହ୍ନଟ କରାଯାଇଥିଲା ଉକ୍ତ ମାପ ଚିହ୍ନଟ ଅନୁଯାୟୀ ସଠିକ ଭାବେ ଉଚ୍ଛେଦ କରା ନ ଯାଇ ଅର୍ଥ ଦେଣ ନେଣରେ ମୁହଁ ଦେଖାରେ ପ୍ରାୟ ସ୍ଥାନ ମାପ ଚିହ୍ନଟରେ ଏପଟ ସେପଟ କରାଯାଇ ଉଚ୍ଛେଦ କରାଯାଇଥିବା ଚର୍ଚ୍ଚା ହେଉଛି।

ଏ ସମ୍ପର୍କରେ ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇଙ୍କୁ ପଚାରିବାରେ ସେ ପୂର୍ତ୍ତ ବିଭାଗକୁ ପଚାରିବାକୁ କହିଥିବା ବେଳେ ପୂର୍ତ୍ତ ବିଭାଗ ରାଜସ୍ୱ ବିଭାଗକୁ ଦେଖାଉଛି। ତେବେ ସରକାରୀ ଜାଗାରୁ ଜବର ଦଖଲ ଉଚ୍ଛେଦ ପାଇଁ ମାପ ଚିହ୍ନଟ ପୂର୍ତ୍ତ ବିଭାଗର କାର୍ଯ୍ୟ ନା ରାଜସ୍ୱ ବିଭାଗର କାର୍ଯ୍ୟ ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହାକୁ ଗୁରୁତ୍ୱର ସହ ନେଇ ଜିଲ୍ଲା ପ୍ରଶାସନ ଓ ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଥିପ୍ରତି ଦୃଷ୍ଟି ଦେଇ ବାଲୁଗାଁ ବଜାରରୁ ସଠିକ ମାପ ଚିହ୍ନଟ କରି ଉଚ୍ଛେଦ କରିବାକୁ ଦୃଢ ଦାବି ହେଉଛି।

## ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ବୈଠକ

# କେନ୍ଦ୍ର ସରକାରଙ୍କ ପାତର ଅନ୍ତର ନୀତିକୁ ବିରୋଧ



**ପୁରୀ, ୪।୧୨(ସମିସ):** ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ମା' ଭୁବନେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ସଭାପତି ଲକ୍ଷ୍ମୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପେନ୍‌ସନ ଭୋଗୀ ଶିକ୍ଷକ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାର ଗତ ଜାନୁୟାରୀ ୧୬ରେ ଅଷ୍ଟମ ବେତନ ଘୋଷଣା କରିବା ପରେ ଏବେ ସମ୍ପୂର୍ଣ୍ଣ ସର୍ତ୍ତାବଳୀ ସହ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର ସରକାର ଆୟୋଗଙ୍କ ସୁପାରିଶକୁ ଲାଗୁ କରିବା ଉଦ୍ଦେଶ୍ୟରେ ବିତ୍ତ ବିଧେୟକ ୨୦୨୫ରେ ଅବସର ତାରିଖକୁ ନେଇ ପାତର ଅନ୍ତର ନୀତି ସୃଷ୍ଟି କରିଛନ୍ତି। ଯାହାଫଳରେ ୨୦୨୬ ଜାନୁୟାରୀ ପହିଲା ପରେ ଅବସର ନେଇଥିବା କର୍ମଚାରୀମାନଙ୍କ ପ୍ରତି ଏହା ଲାଗୁ ହେବ ନାହିଁ। ଏ ସମ୍ପର୍କରେ ଚଳିତବର୍ଷ ଜାନୁୟାରୀ ୩ ତାରିଖରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଅଷ୍ଟମ ବେତନ ଆୟୋଗ ଗଠନ କରି ସରକାରଙ୍କ ଟର୍ମ ଅଫ୍ ରେଫରେନ୍ସରେ ଶିକ୍ଷକ କର୍ମଚାରୀମାନଙ୍କ ଅବସର ତାରିଖକୁ ନେଇ ବିଭେଦ ସୃଷ୍ଟି କରିଛନ୍ତି। ଉପରୋକ୍ତ ନିଷ୍ପତ୍ତି ଫଳରେ ସେମାନଙ୍କ ପେନ୍‌ସନ ସମୀକରଣ ହେବ ନାହିଁ ଓ ଏହାଦ୍ୱାରା ରାଜ୍ୟର ୩ ଲକ୍ଷରୁ ଅଧିକ ପେନ୍‌ସନଭୋଗୀ ଶିକ୍ଷକ କର୍ମଚାରୀ କ୍ଷତିଗ୍ରସ୍ତ ହେବେ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଅଭିଯୋଗ କରିଛନ୍ତି।

ଏ ସଂକ୍ରାନ୍ତରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଙ୍ଗଠନ ତରଫରୁ ପେନ୍‌ସନଭୋଗୀମାନଙ୍କ ସାମୁହିକ ଗଣ ଆବେଦନକୁ ବିଚାର କରି ଉକ୍ତ ନିୟମକୁ ପ୍ରତ୍ୟାହାର କରିବାକୁ ସଙ୍ଗଠନର ସଭାପତି ଓ ସମ୍ପାଦକ ଦାବି କରିଛନ୍ତି। ଏହି ଆଲୋଚନାରେ ସର୍ବଶ୍ରୀ ପ୍ୟାରୀମୋହନ ପଟ୍ଟନାୟକ, କେଳୁଚରଣ ଜେନା, ସନ୍ତୋଷ କୁମାର ମହାନ୍ତି, ବ୍ରହ୍ମାନନ୍ଦ ଦାସ, ରମେଶ ଚନ୍ଦ୍ର ପଣ୍ଡା, ଦାମୋଦର ପାଢ଼ୀ, ମିନତି ଓତା, ମନୋଜ କୁମାର ସାମନ୍ତରାୟ, ଆଶାଲତା ପ୍ରଧାନ, ଅଞ୍ଜଳି ରଥ, ବିଜୟ ପରିଡ଼ା, ବାଇଧର ଜେନା ଓ ନିରଞ୍ଜନ ପତି ଅଂଶଗ୍ରହଣ କରିଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ମୁଷ୍ଟିଯୁଦ୍ଧ ପ୍ରତିଯୋଗିତା

# ପୁରୀ ବକ୍ସିଂ ଏକାଡେମୀର ସଫଳତା

**ପୁରୀ, ୪।୧୨(ସମିସ):** ସୁନ୍ଦରଗଡ଼ସ୍ଥିତ ଯଶୋଦା ବିଷ୍ଣୁ ଏନଏମ୍‌ପି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁବାର ଆନ୍ତଃ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମୁଷ୍ଟିଯୁଦ୍ଧ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ବକ୍ସିଂ ଏକାଡେମୀରୁ ପ୍ରଶିକ୍ଷଣ ନେଉଥିବା ଖେଳାଳୀମାନେ ନିଜ ନିଜ ମାଧ୍ୟମିକ ବିଦ୍ୟାଳୟକୁ ପ୍ରତିନିଧିତ୍ୱ କରି ସଫଳତା ହାସଲ କରିଛନ୍ତି। ଏଥିସହ ଚୟନ ହୋଇଥିବା ଖେଳାଳିମାନେ ୧୯ରୁ କମ୍ ଜାତୀୟ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ବାଳକ ବର୍ଗରେ ପ୍ରକାଶ ବାନାର୍ଜୀ, ଲୋକନାଥ ବେହେରା, ଚନ୍ଦନ ଥାପା, ଅଂଶୁ ନାୟକ, ବସନ୍ତ କୁମାର ବେଜ, ଇନ୍ଦ୍ରଜିତ୍ ରାଏ, ବିଶ୍ୱଜିତ ରାଏ, ଲିକୁ ଖାଁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆର୍ଯ୍ୟ ଅମିତ୍ରାଂଶୁ ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବର୍ଗରେ ଇତିଶ୍ରୀ ପଲେଇ ଓ ମିକିଲ ନାୟକ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପୁରୀ ବକ୍ସିଂ ଏକାଡେମୀ ପ୍ରତିଷ୍ଠାତା ସୁଦର୍ଶନ ସାହୁ, ବିଶ୍ୱ ଭୂଷଣ ପଣ୍ଡା, ପ୍ରଫୁଲ୍ଲ ମିଶ୍ର, ସୂର୍ଯ୍ୟ ପ୍ରସାଦ ଦାସ, ରମେଶ ଚନ୍ଦ୍ର ସ୍ୱାଇଁ, ରଘୁନାଥ ଦଳ, ପ୍ରଦୀପ ଦାସ, ସଞ୍ଜୟ କୁମାର ଅଗ୍ରୱାଲ ପ୍ରମୁଖ ଖେଳାଳୀମାନଙ୍କୁ ସେମାନଙ୍କର ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ବଡ଼ବଡ଼ିଆଙ୍କ ମାସିକ ବିଦ୍ୟୁତ୍ ବିଲ୍ ୨୦ ଟଙ୍କା

# ୧୫ ଦିନରେ ସମାଧାନ ଦାବିକଲା ଆପ୍

**ପୁରୀ, ୪।୧୨(ସମିସ)**

କାହାର ୩ ମହଲା ତ ପୁଣି କାହାର ୪ ମହଲା ଘର। ସମସ୍ତଙ୍କ ଘରେ ଏସି, ଫ୍ରିଜ୍, ଟିଭି ଆଦି ବୈଦ୍ୟୁତିକ ଉପକରଣ ରହିଛି। ହେଲେ ମାସକୁ ବିଲ୍ ଆସୁଛି ମାତ୍ର ୨୦ ଟଙ୍କା। ହଁ, ଏ କଥା ଶୁଣିବା ପରେ ଯେ କେହି ଟିକେ ଚିନ୍ତାରେ ପଡୁଥିଲେ। ହେଲେ ପୁରୀରେ ଏମିତି ଚାଲିଛି ଟାଟା କମ୍ପାନୀର ବିଜୁଳି ପ୍ରୀତି। ବଡବଡ଼ିଆଙ୍କ ପାଇଁ ଟିପିସିଓଡିଏଲ୍ ଏଭଳି ମନୋଭାବ ରଖିଥିବା ବେଳେ ଗରିବ ଲୋକଙ୍କ ଉପରେ ଅଯଥା ଜୁଲମ୍ କରୁଛି। ଏଭଳି ଅଭିଯୋଗ କରିଛି ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି (ଆପ୍)। ଗୁରୁବାର ଆପ୍ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଏଭଳି ତାରତମ୍ୟକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଥିବା ବେଳେ ଟାଟା କମ୍ପାନୀର ମନମାନୀକୁ ବିରୋଧ କରିଛନ୍ତି। ଏଭଳି ଅନିୟମିତତା ଗତବର୍ଷରୁ ଜଣାପଡ଼ିଲାଣି। ହେଲେ ଏହାର ସମାଧାନ କରି ନ ଥିବା ଟିପିସିଓଡିଏଲ୍ ପୁରୀ ସେକ୍ସନର ବାବୁମାନେ କିନ୍ତୁ ଜୋର୍ ଜବରଦସ୍ତ ଘରେ ପଶି ବିଦ୍ୟୁତ୍ ସଂଯୋଗ କାଟି ଦେଉଛନ୍ତି। ଏଭଳି ମନମାନୀକୁ ଆଉ ବରଦାସ୍ତ କରାଯିବ ନାହିଁ। ୧୫ ଦିନ ଅର୍ଥାତ୍ ଆସନ୍ତା ୨୦ ତାରିଖ ସୁଦ୍ଧା ବଡ଼ବଡ଼ିଆଙ୍କ ମାସିକ ବିଦ୍ୟୁତ୍ ବିଲ୍ ୨୦ ଟଙ୍କାର ସମାଧାନ ନ ହେଲେ ଆମ୍ଭେମାନେ ବିଦ୍ୟୁତ୍ ବିଲ୍ ଦେବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି।

ଆପ୍ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି କହିଛନ୍ତି, ବିଧାନସଭାରେ ଶକ୍ତି ମନ୍ତ୍ରୀ କହିଛନ୍ତି, ଓଡ଼ିଶାରେ ବିଜୁଳି ବିଲ୍ ୭୦୦୦ କୋଟି ବାକି ରହିଛି। ହେଲେ ପୁରୀରେ ଟାଟା କମ୍ପାନୀର ବିଜୁଳି ପ୍ରୀତି ନେଇ ମନ୍ତ୍ରୀ ଅବଗତ ଅଛନ୍ତି ନା ନାହାନ୍ତି? ଗତବର୍ଷ ଆପ୍ ଖୁଲାସା କରିଥିଲା ଯେ, କଚେରୀ ସେକ୍ସନରେ ୫୫ ଜଣଙ୍କର ବିଜୁଳି ବିଲ୍ ୨୦ ଟଙ୍କା ଆସୁଛି। ଏହାର ଖୁଲାସା ପରେ ତତ୍କାଳୀନ ଜିଲ୍ଲାପାଳ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। କିନ୍ତୁ ସେ ଜିଲ୍ଲାପାଳ ବଦଳି ନୂଆ ଜିଲ୍ଲାପାଳ ଆସିଲେଣି। ହେଲେ ବଡ଼ବଡିଆଙ୍କ ୨୦ ଟଙ୍କା ବିଜୁଳି ବିଲ୍ ଆସିବା ବନ୍ଦ ହୋଇନାହିଁ। ଏବେ ପୁଣି ଜଣାପଡ଼ିଛି କେବଳ କଚେରୀ ସେକ୍ସନ ନୁହେଁ ପଶ୍ଚିମ ଦ୍ୱାର ସେକ୍ସନରେ ମଧ୍ୟ ସମାନ ଅବସ୍ଥା। ସାଧାରଣ ଗରିବ ଲୋକଟିଏ ଅଳ୍ପ କିଛି ବିଦ୍ୟୁତ୍ ଉପକରଣ ବ୍ୟବହାର କରୁଥିବାବେଳେ ମାସକୁ ୫ ଶହରୁ ୧ ହଜାର ଟଙ୍କା ପର୍ଯ୍ୟନ୍ତ ବିଲ୍ ଆସୁଛି। ହେଲେ ପ୍ରଭାବଶାଳୀ ବ୍ୟକ୍ତିଙ୍କର ଘରେ ଏକାଧିକ ବିଦ୍ୟୁତ୍ ଉପକରଣ ଲାଗିଥିବାବେଳେ ମାସକୁ ୨୦ ଟଙ୍କା ବିଲ୍ ଆସିବା ଦୁଃଖର ବିଷୟ। ଟାଟା ପାୱାର ଗରିବ ଲୋକଙ୍କୁ ଶୋଷଣ କରୁଥିବାବେଳେ ବଡ଼ବଡ଼ିଆଙ୍କୁ କାହିଁକି ଅହେତୁକ ଅନୁକମ୍ପା ଦେଖାଉଛି? ପୁରୀ ଟାଟା ପାୱାରରେ ବ୍ୟାପକ ଦୁର୍ନୀତି ହେଉଥିବାବେଳେ ଏବେ ପ୍ରାୟ ୨୦୦ ଜଣଙ୍କର ମାସକୁ ୨୦ ଟଙ୍କା ବିଲ୍ ଆସୁଛି। ଏ ପର୍ଯ୍ୟନ୍ତ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ବୋଲି ସଞ୍ଜୀବ ପ୍ରଶ୍ନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଏହା ଉପରେ ପଦକ୍ଷେପ ନିଆ ନ ଗଲେ ପୁରୀର ଅନ୍ୟ ଉପଭୋକ୍ତା ବିଦ୍ୟୁତ୍ ବିଲ୍ ପଇଠ ନ କରିବାକୁ ଆପ୍ ପ୍ରଚାର ମାଧ୍ୟମରେ ସଚେତନ କରିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଆପ୍‌ର ନଗର ସଭାପତି ରମାକାନ୍ତ ସ୍ୱାଇଁ, କୃଷକ ସଭାପତି ଦେବ ପ୍ରଧାନ, ନାରୀ ନେତ୍ରୀ ସନ୍ଧ୍ୟାରାଣୀ ଦାସ ଉପସ୍ଥିତ ଥିଲେ।

# ପଣ୍ଡୁ ପୂର୍ଣ୍ଣିମାରେ ଭାର୍ଗବୀ ଆଳତି

ପୁରୀ, ୪।୧୨(ସମିସ): ଧର୍ମୀୟ ପରମ୍ପରା ଅତୀତର ସ୍ମୃତିକୁ ମନେ ପକାଇ ଭାର୍ଗବୀ ମାଆକୁ ଏକ ନୂଆ ଜୀବନ ଦେବାର ପ୍ରୟାସରେ ଭାର୍ଗବୀ ମଞ୍ଚ। ଗୁରୁବାର ମାଆ ପଞ୍ଚମୁଖୀ ଘାଟ କପିଳେଶ୍ୱରପୁରଠାରେ ଭାର୍ଗବୀ ଆଳତି ଅନୁଷ୍ଠିତ ହୋଇଯାଇଛି। ଗତ ବୈଶାଖୀ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିବା ଏହି ଆଳତି ପ୍ରତି ପୂର୍ଣ୍ଣିମାରେ ମାଆ ପଞ୍ଚମୁଖୀଙ୍କ କୃପାରୁ ସୁଚାରୁ ରୂପେ ଆଗେଇ ଚାଲିଛି। ପଣ୍ଡିତ ଶୁଭାଶିଷ କରଙ୍କ ମନ୍ତ୍ର ଧ୍ୱନି, ମାଆ ମାନଙ୍କ ସଂକୀର୍ତ୍ତନ ଓ ଭକ୍ତମାନଙ୍କ ହରିବୋଲ ହୁଳହୁଳିରେ ଭାର୍ଗବୀ ଆଳତି ସମାପନ ହୋଇଛି। ଏଥିରେ ବହୁ ଭକ୍ତ ସାମିଲ ଥିଲେ। ମାଆ ପଞ୍ଚମୁଖୀ ପୀଠରେ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ସଂକୀର୍ତ୍ତନ ସହ ଭାର୍ଗବୀ ଜଳରେ ପୁଷ୍ପ, କ୍ଷୀର ମହାପ୍ରସାଦ ଦେଇ ପ୍ରଥମେ ଧୂପ ଦୀପ ଓ ପରେ କର୍ପୂର ଆଳତି କରା ଯାଇଥିଲା। ଏଥିରେ ଶ୍ରୀଧର କର, ଗଙ୍ଗାଧର କର, ଗୋପାଳ କର, ଭବାନୀ ଶଙ୍କର ତ୍ରିପାଠୀ, ବିରଞ୍ଚି ମିଶ୍ର, ବାପିନା ପତି, ସତ୍ୟ ସୁନ୍ଦର କର, ଗଣେଶ ବେହେରା, ଜିତେନ୍ଦ୍ର କୁମାର ଦାସ, ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଦ୍ୱାରକାନାଥ ବିଶ୍ୱାଳ, ବାନାମ୍ବର ପରିଡ଼ା ଓ ମନୋରମା ପ୍ରଧାନ ତାଙ୍କର ସଂକୀର୍ତ୍ତନ ସହଯୋଗୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଗାଁ ଗାଁରେ ଭାଗବତ କାର୍ଯ୍ୟକ୍ରମ ପଞ୍ଚମୁଖୀ ମାଆଙ୍କ ପାଖରେ ସମାପନ ହୋଇ ଭାର୍ଗବୀ ଆଳତି କରାଯିବ ବୋଲି ପ୍ରଶାନ୍ତ ତ୍ରିପାଠୀ ଓ ବଦ୍ରି ମିଶ୍ର କହିଛନ୍ତି।

# ମାନବ ସେବା ଓ ସମର୍ପଣ ହିଁ ବୁଦ୍ଧ ଦର୍ଶନ

**ପୁରୀ, ୪।୧୨(ସମିସ):** ସ୍ଥାନୀୟ ଏକ ହୋଟେଲରେ ବୋଧିଚକ୍ରର ପୂର୍ଣ୍ଣିମା ଆସର ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ. ଗିରିଜା ଶଙ୍କର ପାଢ଼ୀ ଏଥିରେ ଅଧ୍ୟକ୍ଷତା କରି ସେବା, ତ୍ୟାଗ ଓ ଇନ୍ଦ୍ରୀୟ ସଂଯମତା ଦ୍ୱାରା ମହାନିର୍ବାଣ ପ୍ରାପ୍ତି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଉପସଭାପତି ଡ. ବଳରାମ ଦାଶ ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗର ବ୍ୟାଖ୍ୟା କରି ସମାଜ ସେବାରେ ଓ ଭଗବାନଙ୍କ ନିକଟରେ ସମର୍ପଣ ହେଲେ ମୁକ୍ତି ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାବନ୍ଧିକ ସତ୍ୟ ନାରାୟଣ ମିଶ୍ର ଯୋଗ ଦେଇଥିଲେ। ଆବାହକ ଉମେଶ ଚନ୍ଦ୍ର ଦାସ ବୁଦ୍ଧ ବନ୍ଦନା ଗାନ କରିଥିଲେ। ଏହି ଆଲୋଚନାଚକ୍ରରେ କୃଷ୍ଣଚନ୍ଦ୍ର ତ୍ରିପାଠୀ, ରଞ୍ଜିତା ମହାପାତ୍ର, ଅଶୋକ କୁମାର ଆଢ଼ିୟ, କୋଟେଶ୍ୱର ପାତ୍ର, ବାସୁଦେବ ସାହୁ, କରୁଣାମୟୀ ମହାପାତ୍ର, ଶଙ୍କର ପଣ୍ଡା, ନକୁଳ ଚରଣ ସ୍ୱାଇଁ, ରାଜକିଶୋର ପାତ୍ର, ପଦ୍ମିନୀ ପାତ୍ର ଅଂଶଗ୍ରହଣ କରିଥିଲେ। ଯୋଗାଚାର୍ଯ୍ୟ ରାମବଲ୍ଲଭ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଆଇଏମ୍‌ଟି ଫାର୍ମାସୀ କଲେଜରେ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ

# ପ୍ରଥମଥର ରକ୍ତଦାନ କଲେ ୩୨ ଛାତ୍ରଛାତ୍ରୀ




**ପୁରୀ, ୪।୧୨(ସମିସ):** ସ୍ଥାନୀୟ ଗୋପାଳପୁରସ୍ଥିତ ପ୍ରସିଦ୍ଧ ପାରାମେଡିକାଲ ଶିକ୍ଷାନୁଷ୍ଠାନ ଆଇଏମ୍‌ଟି ଫାର୍ମାସୀ କଲେଜରେ ଭାରତୀୟ ରେଡ୍‌କ୍ରସ ସୋସାଇଟି ପକ୍ଷରୁ ଜିଲ୍ଲାସ୍ତରୀୟ ତିନିଦିନିଆ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଏବଂ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପ୍ରଶିକ୍ଷଣ ଶିବିରକୁ ଉଦ୍‌ଘାଟନ କରି ଉପଜିଲ୍ଲାପାଳ ଓ ଏମେର୍ଜେନ୍ସି ଅଧିକାରୀ ତଥା ମୁଖ୍ୟଅତିଥି ଅନୁସର୍ଭ ଗନ୍ତାୟତ ଛାତ୍ରଛାତ୍ରୀମାନଙ୍କୁ ନିସ୍ୱାର୍ଥପର ସମାଜ ଓ ଜନସେବାରେ ବ୍ରତୀ ହେବା ପାଇଁ ପ୍ରେରଣା ଦେଇଥିଲେ। ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ ଆଇଏମ୍‌ଟି କଲେଜର ଅଧ୍ୟକ୍ଷ ପ୍ରଫେସର ଡ. ଅଗ୍ନିମିତ୍ର ଦିଣ୍ଡା। ସମ୍ମାନିତ ଅତିଥି ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ ରଞ୍ଜନ ମହାପାତ୍ର, ଓ ସଭାପତି ଆଇଏମ୍‌ଟି ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ମନୋଜ କୁମାର ରଥ, ରେଡ୍‌କ୍ରସ ସୋସାଇଟିର ଜିଲ୍ଲା ଅଧିକାରୀ ଡ. ଶୋଭନା ତ୍ରିପାଠୀ, ରାଜ୍ୟ ସଂଯୋଜକ ଗୋପାଳକୃଷ୍ଣ ମିଶ୍ର, ଜିଲ୍ଲା ସଂଯୋଜକ ରବୀନ୍ଦ୍ର କୁମାର ସାହୁ ନିଜ ନିଜର ବକ୍ତବ୍ୟ ଦେଇଥିଲେ। ଡିସେମ୍ବର ୩ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ ୩୦ଟି ମହାବିଦ୍ୟାଳୟରୁ ପ୍ରାୟ ୧୪୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ରେଡ୍‌କ୍ରସ ପ୍ରଶିକ୍ଷକ ଅଂଶଗ୍ରହଣ କରିଛନ୍ତି।

ଶିବିରର ଦ୍ୱିତୀୟ ଦିବସ ଅର୍ଥାତ୍ ଗୁରୁବାର ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରକୁ ଅନୁଷ୍ଠାନରର ନିର୍ଦ୍ଦେଶକ ମନୋଜ କୁମାର ରଥ ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ରକ୍ତଦାନ କରିଥିଲେ। ମୋଟ ୮୯ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ଏବଂ ୩୨ ଜଣ ଛାତ୍ରଛାତ୍ରୀ ପ୍ରଥମଥର ପାଇଁ ରକ୍ତଦାନ କରିବା ବିଶେଷ ଆକର୍ଷଣ ଥିଲା। ଅନୁଷ୍ଠାନର ଶିକ୍ଷା ନିର୍ଦ୍ଦେଶକ ଡ. ଅନ୍ନଦା ପ୍ରସାଦ ମହାପାତ୍ର, ଅଧ୍ୟକ୍ଷ ଡ. ଅଗ୍ନିମିତ୍ର ଦିଣ୍ଡା, ନିର୍ଦ୍ଦେଶିକା ଦେବସ୍ମିତା ରଥ, ଉପାଧ୍ୟକ୍ଷ ଡ. ତୁଷାର ରଞ୍ଜନ ମହାପାତ୍ର, ଯୁବ ରେଡ୍‌କ୍ରସ କାଉନ୍ସିଲର ଅଧ୍ୟାପକ ଦେବଦତ୍ତ ସାହୁ ଏବଂ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ଅନ୍ୟ କର୍ମଚାରୀମାନେ ଶିବିର ପରିଚାଳନା କରିଥିଲେ। ପୁରୀ ବ୍ଲଡ ସେଣ୍ଟର ତରଫରୁ ବିବିଓ ଦୀପକ ସାହୁ ଆଇଏମ୍‌ଟି ଫାର୍ମାସୀ କଲେଜକୁ ସମ୍ବର୍ଦ୍ଧନା ଜଣାଇଥିଲେ।

# ଚିଲିକାରୁ ୧୫୨୦ ଏକର ବେଆଇନ ଘେରି ଉଚ୍ଛେଦ



**କୃଷ୍ଣପ୍ରସାଦ, ୪।୧୨(ସମିସ):** ପୁରୀ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୃଷ୍ଣପ୍ରସାଦ ତହସିଲ ଅଧୀନ ଚିଲିକାରୁ ଘେରି ଉଚ୍ଛେଦ ଆରମ୍ଭ ହୋଇଛି। ୩ ଦିନ ମଧ୍ୟରେ ସମୁଦାୟ ୧୫୨୦ ଏକର ଘେରି ମୁକ୍ତ କରାଯାଇଛି। ମଙ୍ଗଳବାର ତିତିପ ସର୍କଲ ଅଧୀନରେ ୨୦୦ ଏକର, ବୁଧବାର ବଜ୍ରକୋଟ ସର୍କଲ ଅଧୀନରେ ୬୦୦ ଏକର, ଗୁରୁବାର ବଜ୍ରକୋଟ ସର୍କଲ ଅଧୀନ ଡାମ୍ପଣା ପାର୍ଟ - ବାହାର ଚିଲିକା ଅଞ୍ଚଳରୁ ୨୨୦ ଏକର ଏବଂ କୁମାରପୁର ବାହାର ଚିଲିକା ଅଞ୍ଚଳରୁ ୫୦୦ ଏକର ଜାଲ ଘେରିକୁ ପ୍ରଶାସନ ଉଚ୍ଛେଦ କରିଛି। ଘେରିରେ ବ୍ୟବହାର ହୋଇଥିବା ଜାଲ, କିଲା, ବାଉଁଶ ଆଦିକୁ ନିଆଁ ଲଗାଇ ନଷ୍ଟ କରାଯାଇଛି। ଏହି ଉଚ୍ଛେଦରେ କୃଷ୍ଣପ୍ରସାଦ ତହସିଲଦାର ବିକାଶ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବର୍ଜ ( ଜେସିବି) ମେସିନ, ୪୦ ଜଣ ଶ୍ରମିକଙ୍କୁ ନେଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଛି।

## ଚାଷ, ଚାଷୀ ଓ ଭାଗଚାଷୀଙ୍କ ସମସ୍ୟା ସମାଧାନ ଦାବି

# ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ଦେଲା କିଷାନ କଂଗ୍ରେସ



**ପୁରୀ, ୪।୧୨(ସମିସ)**

ଚାଷ, ଚାଷୀ ଓ ଭାଗଚାଷୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପୁରୀ ଜିଲ୍ଲା ଶାଖା ପକ୍ଷରୁ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଓଡ଼ିଶାରେ ଖରିଫ୍ ଧାନ ଅମଳ ପ୍ରାୟ ଶେଷ ପର୍ଯ୍ୟାୟରେ। ମଣ୍ଡି ଖୋଲିବା ପ୍ରକ୍ରିୟା ଆରମ୍ଭ ହେଉଥିବା ବେଳେ ମିଲର ଓ ସରକାରଙ୍କ କଳି ପଦାକୁ ଆସିଛି। ଏହା କଳି ନା କୋଳାକୋଳି ଚାଷୀ ସନ୍ଦେହ ପ୍ରକାଶ କରିଛନ୍ତି। ଏ ସରକାର ସମୟରେ ଚାଷୀ ଏକ ଗମ୍ଭୀର ପରିସ୍ଥିତି ମଧ୍ୟରେ କାଳ କାଟୁଛି। ସରକାର ଯାହା ପ୍ରଚାର କରୁଛନ୍ତି ତାହାର ଓଲଟା ଘଟୁଛି। ତେଣୁ ଉଭୟ ସରକାରୀ ଓ ବିରୋଧୀ ଦଳର ସଦସ୍ୟମାନେ ଏକ ହୋଇ ଚାଷ, ଚାଷୀ ଓ ଭାଗଚାଷୀ ସମସ୍ୟାର ସ୍ଥାୟୀ ସମାଧାନ କରନ୍ତୁ ବୋଲି କିଷାନ କଂଗ୍ରେସ ଦାବି କରିଛି। ୪ଟି ଦାବି ପୂରଣ ହେଲେ ଚାଷୀ ସମସ୍ୟାମୁକ୍ତ ହୋଇ ପାରିବ। ନଚେତ୍ ଅସନ୍ତୋଷ ଆନ୍ଦୋଳନର ରୂପ ନେବ। ତେବେ ଏହି ଦାବିଗୁଡ଼ିକ ହେଉଛି, ବିନା କଟଣୀ ଛଟଣି ଓ ମାନ ନିର୍ଦ୍ଧାରଣରେ ସରକାର ଚାଷୀ ଓ ଭାଗ ଚାଷୀଙ୍କର ସମସ୍ତ ବଳକା ଧାନ କିଣନ୍ତୁ। ସେହିପରି ଫସଲ ବୀମାରେ ଥିବା ସମସ୍ତ ଅସଙ୍ଗତି ଦୂର କରି ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବିମାଭୁକ୍ତ କରିବା, ୫୫ବର୍ଷ ପରେ ଚାଷୀ ଓ ଭାଗ ଚାଷୀଙ୍କୁ ମାସିକ ୧୦, ୦୦୦ ଟଙ୍କା ଭତ୍ତା ପ୍ରଦାନ, ନୂଆହାଟସ୍ଥିତ ପାନ ମଣ୍ଡିର ଇ-ନିଲାମ ପ୍ରକ୍ରିୟାକରଣକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଦାବି ହୋଇଛି। ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱ ଏବଂ କିଷାନ କଂଗ୍ରେସର ଜିଲ୍ଲା ଅଧ୍ୟକ୍ଷ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ଅବିନାଶ ମିଶ୍ର, ରଜତ ସାହୁ, ତୁଷାରକାନ୍ତ ନାୟକ, କୃଷ୍ଣଚନ୍ଦ୍ର ଦାଶ, ଅର୍ଜୁନ ସାହୁ, ସୌମ୍ୟକାନ୍ତ ପ୍ରଧାନ, ପ୍ରକାଶ ପ୍ରଧାନ, ଜିବେଶ ଚନ୍ଦ୍ର ରଥ, ପବିତ୍ର ମୋହନ ସାହୁ, ଉମାକାନ୍ତ ବେହେରା, ସୁରେନ୍ଦ୍ର ପାଇକରାୟ, ରଞ୍ଜିତ ପଟ୍ଟନାୟକ, ସୁଧାକର ଦଳେଇ, ଦେବାଶିଷ ସାହୁ, ଭଗବାନ ଦଳେଇ, ପ୍ରଦପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


*With best compliments from:*



A WELL-WISHER
Dhenkanal

# ପ୍ରତିଶ୍ରୁତିରେ ଅଟକିଛି ପୋଲ ନିର୍ମାଣ କାର୍ଯ୍ୟ



କୁଆମରା,୪ା୧୨(ସମିସ): ଗ୍ରାମର ବିକାଶ ଘଟିଲେ ଦେଶର ବିକାଶ ଘଟିବ ବୋଲି ସରକାର ଭାଷଣବାଜି ଦେଉଥିବାବେଳେ ତାହା ଅନେକ ସ୍ଥାନରେ କାଗଜକଲମ ଓ ପ୍ରତିଶ୍ରୁତିରେ ଅଟକି ରହିଛି। ଏପରି ଚିତ୍ର ଦେଖିବାକୁ ମିଳିଛି ଖୁଣ୍ଟା ବ୍ଲକସ୍ଥିତ ବଡ଼ପଥରା ଅଞ୍ଚଳରେ। ବଡ଼ପଥରା ପଞ୍ଚାୟତରୁ ଭୋଲାଗଡ଼ିଆ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତାର ଦୂର୍ଗାସାହି ନିକଟରେ ଏକ ନାଳ ଉପରେ ପୋଲ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଦୁଇ ପଞ୍ଚାୟତର ଲୋକେ ଦାବି କରି ଆସୁଛନ୍ତି। ତେବେ ଜନସାଧାରଣଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ପୋଲ ନିର୍ମାଣ ପାଇଁ ବିଜେପି ପକ୍ଷରୁ ପାଞ୍ଚ ବର୍ଷ ପୂର୍ବରୁ ପ୍ରତିଶ୍ରୁତି ମିଳିଥିଲା। ମାତ୍ର ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ଦୁଇ ଦୁଇ ଥର ବିଜେପି ଉକ୍ତ ଆସନରୁ ବିଜୟଲାଭ କରିଥିଲେ ମଧ୍ୟ ନିର୍ବାଚନ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ଅଟକି ରହିଛି। ଖାଲି ଏତିକି ନୁହେଁ ପ୍ରତିଶ୍ରୁତି ମଧ୍ୟରେ ଟୁଙ୍କି ପର୍ଯ୍ୟଟନସ୍ଥଳୀ ରାସ୍ତାର ଉନ୍ନତୀକରଣ, ରଙ୍ଗମାଟିଆସ୍ଥିତ ଜିତେନ୍ ସାହିର ଉଜ୍ୱଳ ଆଲୋକ ବ୍ୟବସ୍ଥା, କମ୍ୟୁନିଟି ହଲ୍ ନିର୍ମାଣ ପ୍ରଭୃତି ୬ ବର୍ଷ ପରେ ବି ବିଧାୟକ ଏହାକୁ କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ପରିତାପର ବିଷୟ।

ତେବେ ଦୂର୍ଗାସାହି ନିକଟରେ ପ୍ରବାହିତ ନାଳରେ ବର୍ଷା ଋତୁ ୪ ମାସ ଦୁଇ ପଞ୍ଚାୟତ ମଧ୍ୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼େ। ଉକ୍ତ ନାଳରେ ସର୍ବଦା ବର୍ଷା ଦିନେ ୫/୬ ଫୁଟ୍ ଉଚ୍ଚରେ ପାଣି ପ୍ରବାହିତ ହେଉଥିବା ଯୋଗୁଁ ଯାତାୟାତ ସମ୍ଭବ ହୋଇପାରେ ନାହିଁ। କୌଣସି କାମରେ ଯିବାକୁ ହେଲେ ଲୋକମାନଙ୍କୁ ୫/୬ କିଲୋମିଟର ବୁଲି ଯିବାକୁ ପଡ଼ିଥାଏ। ତେବେ ବହଳଦା, ରଙ୍ଗମାଟିଆ, ଡବକ, ନୂଆଗାଁ, ଶ୍ରୀରାମପୁର ପ୍ରଭୃତି ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ସେହିଭଳି ଆଜି ପର୍ଯ୍ୟନ୍ତ ଉଜ୍ୱଳ ଆଲୋକ ବ୍ୟବସ୍ଥା ନ ଥିବାରୁ ସଞ୍ଜ ନଇଁଲେ ଗ୍ରାମ ଲୋକେ ପଦାକୁ ବାହାରନ୍ତି ନାହିଁ। ଶିମିଳିପାଳ ପାଦଦେଶରେ ଏହି ଗ୍ରାମଗୁଡ଼ିକ ଅବସ୍ଥିତ ଥିବାରୁ ବିଶେଷ କରି ସରୀସୃପ ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ଭୟ ଥାଏ। ତେବେ ନିର୍ବାଚନ ପହଞ୍ଚିଲେ ମାଳମାଳ ନେତା ପହଞ୍ଚୁଥିବାବେଳେ ନିର୍ବାଚନ ସରିଲେ ୫ ବର୍ଷ କାହାରି ଦେଖା ନ ଥାଏ। ତେବେ ରାଜନୈତିକ ଆନ୍ତରିକତା ଅଭାବ ଓ ନେତାଙ୍କ ମିଥ୍ୟା ପ୍ରତିଶ୍ରୁତି ଯୋଗୁଁ ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ସାଜିଛି ବୋଲି କହିଛନ୍ତି ରାମଚନ୍ଦ୍ର ଟୁଡୁ, ଜହର ହାଁସଦା, କୁଅଁର ହେମ୍ବ୍ରମ, ରଘୁନାଥ ହେମ୍ବ୍ରମ, ମହାତ୍ମା ଟୁଡୁ ପ୍ରମୁଖ।

## ବାଇକ୍‌ରୁ ଖସି ମହିଳା ମୃତ

ବହଳଦା,୪ା୧୨(ସମିସ): ତିରିଂ ଥାନା ଅଞ୍ଚଳର ସିଗଦି ନିକଟସ୍ଥ ଗାଲୁଡିହି ଗ୍ରାମର ଜନୈକା ମହିଳା ତିରିଂ ଥାନା ତଥା ବହଳଦା ବ୍ଲକ୍ ଅନ୍ତର୍ଗତ ଅସନା ଗ୍ରାମପଞ୍ଚାୟତ ଫଟାଟାଙ୍ଗର ଗ୍ରାମକୁ ଏକ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଯାଇ ଫେରୁଥିବାବେଳେ ବାଇକ୍‌ରୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କୁ ଏକ ଅଟୋ ଯୋଗେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ମହିଳା ଜଣକ ଗାଲୁଡିହି ଗ୍ରାମର ଟିଙ୍ଗରି ବଦ୍ରା (୫୫) ବୋଲି ଜଣାପଡ଼ିଛି।

## ଶଶୁର ଘର ସମ୍ମୁଖରେ ଜ୍ୱାଇଁର ଆତ୍ମହତ୍ୟା

କୁଆମରା,୪ା୧୨(ସମିସ): ଜଣେ ଯୁବକ ଶଶୁର ଘରକୁ ଆସି ଖୁଣ୍ଟା ଥାନାଠାରୁ ମାତ୍ର ଅଳ୍ପ ଦୂରରେ ଥିବା ଏକ ଗଛର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅନ୍ତର୍ଗତ ସାହାଡ଼ାହାର ଗ୍ରାମର କୈଳାସ ରାଉତଙ୍କ ପୁଅ ଈଶ୍ୱର(୩୫)। ଈଶ୍ୱର କିଛିଦିନ ତଳେ ତାଙ୍କ ସ୍ତ୍ରୀଙ୍କ ସହ ଶଶୁର ଘର ଖୁଣ୍ଟାକୁ ବୁଲିବାକୁ ଆସିଥିଲେ। କୌଣସି କାରଣକୁ ନେଇ ବୁଧବାର ରାତିରେ ଶଶୁର ଘରୁ ହଠାତ୍ ପଳାଇ ଆସି ଖୁଣ୍ଟା ବ୍ଲକ୍ ସମ୍ମୁଖରେ ଥିବା ଏକ ଗଛରେ ପ୍ଲାଷ୍ଟିକ୍ ରଶି ବେକରେ ବାନ୍ଧି ଈଶ୍ୱର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶଶୁର ଘର ଲୋକେ ତାଙ୍କୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାକୁ ନେଇଥିଲେ। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର ସଠିକ୍ କାରଣ ଜଣାପଡ଼ି ନ ଥିବାବେଳେ ତଦନ୍ତ ଚାଲିଥିବା ପୁଲିସ କହିଛି। ଏ ନେଇ ୮୪/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଧାନ ବିଲ ନଷ୍ଟ କଲା ଦନ୍ତା

ମୋରଡ଼ା,୪ା୧୨(ସମିସ): ବେତନଟୀ ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଦେଖିବାକୁ ମିଳିଛି। ସୂଚନା ମୁତାବକ, ଉକ୍ତ ରେଞ୍ଜ ତଥା ବଡ଼ାମପୁର ବିଟ୍ ଅଧୀନ ସାନମାଣିଦା ପଞ୍ଚାୟତର ପିଙ୍ଗୁଡ଼ି ବଇଁଚା ଗ୍ରାମରେ ଥିବା ବିଭିନ୍ନ ଧାନ ବିଲରେ ଏକ ଦନ୍ତା ହାତୀ ପଶି ଧାନ ଖାଇ ନଷ୍ଟ କରୁଥିବାର ଚାଷୀମାନେ ଚିନ୍ତାରେ ପଡ଼ିଥିବା ଦେଖିବାକୁ ମିଳିଛି। ତେବେ ବର୍ତ୍ତମାନ ଧାନକଟା ଚାଲିଥିବାରୁ ହାତୀକୁ ଦେଖି ଚାଷୀମାନେ ଭୟଭୀତ ହୋଇ ଧାନ ବିଲ ଛାଡ଼ି ଦୌଡ଼ି ପଳାଉଥିବାର ଦେଖିବାକୁ ମିଳିଛି। ଖବର ପାଇ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ଉପରେ ନଜର ରଖିଛି।

## ନାବାଳିକା ଛାତ୍ରୀକୁ ଦୁଷ୍କର୍ମ; ଅଭିଯୁକ୍ତ ଫେରାର୍, କିରାଣି ଗିରଫ

ରାସଗୋବିନ୍ଦପୁର,୪ା୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନସ୍ଥ ଦେବଶୂଳ ପଞ୍ଚାୟତ ଅନ୍ତର୍ଗତ ଏକ ବିଦ୍ୟାଳୟରେ ପଢୁଥିବା ଜନୈକା ନାବାଳିକା ଛାତ୍ରୀ ଦୁଷ୍କର୍ମର ଶିକାର ହୋଇଥିବା ସୂଚନା ମିଳିଛି। ସୂଚନା ମୁତାବକ, ନିଜର ଅଜା ଘରେ ରହି ପାଠ ପଢୁଥିବା ମୋରଡ଼ା ବ୍ଲକ୍ ଅଞ୍ଚଳର ନାବାଳିକାକୁ ବିଶ୍ୱଜିତ୍ ମହାନାୟକ ନାମକ ଯୁବକ ସ୍କୁଲ କିରାଣି ଡାକୁଛନ୍ତି ଅନ୍‌ଲାଇନ୍ ଛାତ୍ରବୃତ୍ତି ଫର୍ମ ପୂରଣ କରିବା ପାଇଁ। ତେଣୁ ତୁ ମୋ ସହିତ ଚାଲ୍ ଫର୍ମ ପୂରଣ କରି ଆସିବୁ। ଝିଅର ଆଈଙ୍କ କହିବା କଥାକି ଉକ୍ତ ଯୁବକ ଗାଁର ଛୁଆ ହିସାବରେ ଆମ ଘରକୁ ଯିବାଆସିବା କରେ। ସେହି ବିଶ୍ୱାସରେ ସନ୍ଧ୍ୟା ୭ଟାରେ ଫର୍ମ ପୂରଣ ପାଇଁ ଛାଡ଼ିଥିବା କହିଛନ୍ତି। କିନ୍ତୁ ନାତୁଣୀ ଦେଢ଼ ଘଣ୍ଟା ଧରି ନ ଫେରିବାରୁ ଅଜା ସ୍କୁଲ କିରାଣି ଓ ହଷ୍ଟେଲ ଦାୟିତ୍ୱରେ ଥିବା ଆଶିଷ ଦାଶଙ୍କୁ ନାତୁଣୀ ବିଷୟରେ ପଚାରିଥିଲେ। ଫର୍ମପୂରଣ କରିସାରି, ନେଇଆସିଥିବା ପିଲା ସହିତ ଘରକୁ ଚାଲି ଯାଇଥିବା କଥା କିରାଣି କହିଥିଲେ। ଘଟଣାଟି ୨୯ ତାରିଖ ସନ୍ଧ୍ୟାରେ ଘଟିଥିବାବେଳେ ପୀଡ଼ିତା ଛାତ୍ରୀର ଅଜା ଓ ଆଈ ସ୍ଥାନୀୟ ସରପଞ୍ଚ ଓ ୱାର୍ଡ ସଭ୍ୟଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ୱାର୍ଡ ସଭ୍ୟ ଓ ସରପଞ୍ଚ ଗ୍ରାମସଭା ମାଧ୍ୟମରେ ବୁଝାମଣା କରି ସମାଧାନ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ପୀଡ଼ିତା ତା'ର ଅଭିଭାବକ ସହିତ ଆସି ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ କେସ୍ ନଂ ୪୯୦/୨୫ ମୂଳେ ଏକ ମାମଲା ରୁଜୁ କରି କିରାଣିକୁ ବିଚାର ବିଭାଗୀୟ ଅଦାଲତକୁ ପଠାଇ ଦେଇଛନ୍ତି। ମୁଖ୍ୟ ଆସାମୀ କୁହାଯାଉଥିବା ବିଶ୍ୱଜିତ୍ ମହାନାୟକ ଫେରାର୍ ହୋଇଯାଇଛି।

## ସ୍କୁଲ ପରିସରରୁ ଉଠିପାରୁନି ହାଣ୍ଡିଆ ଦୋକାନ

ମହୁଲଡିହା,୪ା୧୨(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ୍ ଠାକୁରମୁଣ୍ଡା ମଧ୍ୟ ଇଂରାଜୀ ବିଦ୍ୟାଳୟ ତଥା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ପରିସରରେ ଦୈନିକ ହାଣ୍ଡିଆ ହାଟ ବସୁଛି। ଦୈନିକ ସ୍କୁଲକୁ ଛାତ୍ରଛାତ୍ରୀ ଯାଉଥିବାବେଳେ ମଦପିଇ ଅସାମାଜିକ ଲୋକେ ହାଣ୍ଡିଆ ନିଶାରେ ଅଶ୍ଳୀଳ ଭାଷା ପ୍ରୟୋଗ କରୁଛନ୍ତି। ଠାକୁରମୁଣ୍ଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସୁଜିତ କୁମାର ଲୁଗୁନ ହାଣ୍ଡିଆ ହାଟ ଉଠାଇବା ପାଇଁ ଅଗଷ୍ଟ ୧ ତାରିଖରେ ତାଗିଦ୍ କରିଥିଲେ। ସେତେବେଳେ ହାଣ୍ଡିଆ ଦୋକାନୀ ୧ ସପ୍ତାହ ସମୟ ମାଗିଥିଲେ। ମାତ୍ର ଇତି ମଧ୍ୟରେ ୪ ମାସ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉଠିପାରିଲା ନାହିଁ ହାଣ୍ଡିଆ ହାଟ।



ଠାକୁରମୁଣ୍ଡା ଏମ୍‌ଇ ସ୍କୁଲ ଜାଗାରେ ହାଣ୍ଡିଆ ହାଟ ଦୈନିକ ଚାଲିଥିବା ସମସ୍ତଙ୍କୁ ଜଣା। ହାଣ୍ଡିଆ ହାଟକୁ ସୁରକ୍ଷା ଦେବାକୁ ଆଇଟିଡିଏ ନିର୍ମିତ ହଷ୍ଟେଲ ସ୍କୁଲ ପରିସରରେ ନିର୍ମାଣ କରାଯାଇ ଅନାବଶ୍ୟକ ପାଚେରି ନିର୍ମାଣ କରାଗଲା। ଭିତରେ ପାଚେରି କରାଗଲା, ଅଥଚ ସ୍କୁଲ ନିଜସ୍ୱ ଜମି ଥିବା ସତ୍ତ୍ୱେ ହାଣ୍ଡିଆ ହାଟ ପାଇଁ ଛାଡ଼ି ଦିଆଯାଇଛି। ଏହି ଜାଗାରେ ହଷ୍ଟେଲ ନିର୍ମାଣ କରାଯାଇପାରିଥା'ନ୍ତା। ଏମିତି ବି କସ୍ତୁରବା ଏବଂ ଅନ୍ୟ ଏକ ୧୦୦ ବେଡ୍ ହଷ୍ଟେଲ ସ୍କୁଲରେ ରହିଛି। ଗୋଟାଏ ସ୍କୁଲ ପାଚେରି ଭିତରେ ଥିବାବେଳେ ଅନ୍ୟଟି ପାଚେରି ବାହାରେ ରହିଛି। ମୁଷ୍ଟିମେୟ ଲୋକ କାହା ସାହସରେ ହଷ୍ଟେଲ କଡ଼ରେ ହାଣ୍ଡିଆ ହାଟ ଖୋଲିଛନ୍ତି। ସ୍କୁଲ ପରିସରରେ ହାଣ୍ଡିଆ ଭାଟି ଉଠାଇବା ଦିଗରେ ଥାନା ଓ ଅବକାରୀ ବିଭାଗ ପ୍ରୟାସ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

● ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟା

## ସାନ୍ତାଳୀ ନୃତ୍ୟ, ଗୀତରେ ଦୁଲକିଲା ମଞ୍ଚ



ବାରିପଦା,୪ା୧୨(ସମିସ): ସ୍ଥାନୀୟ ଛଉ ପଡ଼ିଆରେ ଚାଲିଥିବା ଅଷ୍ଟମ ବାର୍ଷିକ ମୟୂରଭଞ୍ଜ ମହୋତ୍ସବର ୪ର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ, ସମ୍ମାନିତ ଅତିଥି ଭାବେ ବିଜେପି ନେତା ଜୀବନ ସାହୁ ଓ ଫାଗୁ ହାଁସଦା ପ୍ରମୁଖ ଯୋଗଦେଇ ଆୟୋଜକଙ୍କ ଭୂୟଶୀ ପ୍ରଶଂସା ମଧ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହୋତ୍ସବ କମିଟିର ଅଧ୍ୟକ୍ଷ ଅତିସ୍ ବରଣ ପତି, ସଭାପତି ତଥା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା ଓ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଜନସାଧାରଣଙ୍କ କହିବା ସହିତ ସମସ୍ତଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ମହୋତ୍ସବ ଚାଲିବ। ପ୍ରାରମ୍ଭରେ ସାଇ ନୃତ୍ୟ ଅନୁଷ୍ଠାନ, ବାଲଡିହା ଖଣ୍ଡିଆ ସ୍କୁଲ ବିଦ୍ୟାର୍ଥୀ, ଶିବନ ଟିମ୍ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟ ଆକର୍ଷଣ ଗାୟକ ଭଞ୍ଜ କଏଲ ମଙ୍ଗଲ ହାଁସଦା, ପାରାୟଣି, ଗୋପିନାଥ ସିଂ ଓ ଟିମ୍‌ଙ୍କ ନୃତ୍ୟ ଓ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଥିଲା। ଉପସ୍ଥାପିକା ସ୍ନେହାଶ୍ରୀ, ଉପସ୍ଥାପକ ଡ. ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ପଞ୍ଚମ ସନ୍ଧ୍ୟାରେ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ କ୍ରିଷ୍ଣା ବାଉରା ଓ ସାଥୀଙ୍କ କାର୍ଯ୍ୟକ୍ରମ ରହିଛି।

## ସ୍ପୋର୍ଟସ୍ କମ୍ପ୍ଲେକ୍ସ ଅନୁଧ୍ୟାନ କଲେ ପ୍ରତିନିଧି ଦଳ

ରାଇରଙ୍ଗପୁର,୪ା୧୨(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର କ୍ରୀଡ଼ାବିତ୍‌ମାନଙ୍କ ପ୍ରତିଭା ବିକାଶ ପାଇଁ ରାଇରଙ୍ଗପୁରରେ ଜାତୀୟ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାକୁ ପ୍ରଶାସନିକ ପ୍ରତିନିଧି ଦଳ ପରିଦର୍ଶନ କରିବା ସହ ସ୍ଥିତି ଅନୁଧ୍ୟାନ କରିଛନ୍ତି। କାର୍ଯ୍ୟକ୍ଷମ କରିବା ନେଇ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରିବେ।



ଉକ୍ତ ଦଳରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ଜମି ଅଧିଗ୍ରହଣ ଅଧିକାରୀ, ରାଇରଙ୍ଗପୁର ତହସିଲଦାର ସମେତ ଅନ୍ୟମାନେ ପରିଦର୍ଶନ କରି ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କ ସହ ଆଲୋଚନା କରିଥିଲେ। ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଖୁବ୍‌ଶୀଘ୍ର ଲୋକାର୍ପଣ ହେବାକୁ ଯାଉଛି। ସ୍ପୋର୍ଟସ୍ କମ୍ପ୍ଲେକ୍ସ ଦ୍ୱାରା ଗ୍ରାମୀଣ ଯୁବଶକ୍ତିଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉଜ୍ୱଳ ଭବିଷ୍ୟତ ପ୍ରଦାନ କରିବ। କିନ୍ତୁ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ବର୍ତ୍ତମାନ ପର୍ଯ୍ୟନ୍ତ ଆପ୍ରୋଚ୍ ରୋଡ୍ ନିର୍ମାଣ ହୋଇପାରିନାହିଁ। ବଇଦାପୋଷିସ୍ଥିତ ସ୍ପୋର୍ଟସ୍ କମ୍ପ୍ଲେକ୍ସକୁ ସଂଯୋଗ ରାସ୍ତା ପାଇଁ ରାଇରଙ୍ଗପୁର ପୌରପାଳିକା ପକ୍ଷରୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ୨କୋଟି ୭୦ଲକ୍ଷ ଟଙ୍କା ମଗାଯାଇଛି। କିନ୍ତୁ ତାହା ଅନୁମୋଦନ ମିଳିନାହିଁ। ତାହାକୁ ଅନୁମୋଦନ କରି ରାସ୍ତା ନିର୍ମାଣ ପ୍ରକ୍ରିୟା ନେଇ ଅନୁଧ୍ୟାନ କରିଛନ୍ତି। ଏହାସହିତ ସ୍ପୋର୍ଟସ୍ କମ୍ପ୍ଲେକ୍ସ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରତିନିଧି ଦଳ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

## ରାଜନଗର ଓ ଭୀମକୁଣ୍ଡରେ ବ୍ୟାରେଜ୍ ବିଚାରାଧୀନ

ତୁରୁମୁଙ୍ଗା, ୪ା୧୨(ସମିସ): ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ପାଟଣା ବ୍ଲକର ନୂଆପଡାଠାରେ ବୈତରଣୀ ନଦୀରେ ବ୍ୟାରେଜ ନିର୍ମାଣ ପାଇଁ ଦୀର୍ଘଦିନର ଦାବି ପ୍ରସଙ୍ଗରେ ବିଧାନସଭାରେ ୧୫୮୯ ଅଣତାରକା ପ୍ରଶ୍ନ ଉଠାଇଥିଲେ। ଏହାଛଡା ୨୦୨୦ରୁ ଆଜି ପର୍ଯ୍ୟନ୍ତ ବିଭାଗ ପକ୍ଷରୁ କେଉଁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥ ବ୍ୟୟ କରାଯାଇଛି ସେନେଇ ଉତ୍ତର ଚାହିଁ ଥିଲେ। ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆପଡା ବ୍ୟାରେଜ ପାଇଁ କୌଣସି ଉତ୍ତର ରଖି ନଥିବା ବେଳେ ପାଟଣା ବ୍ଲକର ରାଜନଗର ଓ ଭୀମକୁଣ୍ଡଠାରେ ବ୍ୟାରେଜ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ସୂଚନା ଦେବା ସହ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଘଟଗାଁ ବ୍ଲକର ୧୧୦୩ ହେକ୍ଟର, ସାହାରପଡା ବ୍ଲକର ପ୍ରାୟ ୧୨୪୧.୫୦ହେକ୍ଟର, ପାଟଣା ବ୍ଲକର ୧୧୬୮୧.୫୦ ହେକ୍ଟର ଏବଂ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ପ୍ରାୟ ୬୬୩୫ ହେକ୍ଟର ଜମିକୁ ଜଳଯୋଗାଣ କରାଯିବ। ଏନେଇ ଲକ୍ଷ୍ୟ ରଖାଯାଇ ଚୂଡାନ୍ତ ପ୍ରକଳ୍ପ ରିପୋର୍ଟ କାର୍ଯ୍ୟ ଚାଲୁଥିବା ସୂଚନା ଦେଇଛନ୍ତି। ଏହାଛଡା ବିଭିନ୍ନ ପ୍ରକଳ୍ପର ବ୍ୟୟବରାଦର ତଥ୍ୟ ମଧ୍ୟ ବିଧାୟକଙ୍କୁ ଦିଆଯାଇଛି।

## ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଲକ୍ଷାଧିକ ଟଙ୍କା ଗାଏବ୍ ଅଭିଯୋଗ




ବଡ଼ବିଲ, ୪ା୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲଠାରେ ଥିବା ଇଣ୍ଡସିଣ୍ଡ ବ୍ୟାଙ୍କ୍‌ରୁ ଟଙ୍କା ଗାଏବ ହୋଇଥିବା ଅଭିଯୋଗ ହୋଇଛି। ଫିକ୍ସ ଡିପୋଜିଟରୁ ଟଙ୍କା ଗାଏବ। ଏନେଇ ବ୍ୟାଙ୍କ୍ ଅଧିକାରୀ କୌଣସି ଉତ୍ତର ଦେବାକୁ ଅସମର୍ଥ। ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବାକୁ କହିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବଡ଼ବିଲ ଅଞ୍ଚଳର ଚନ୍ଦରେଶ ସାହୁଲିଆଙ୍କୁ ତାଙ୍କର ଠିକଣା ଅପଡେଟ କରିବାକୁ ଫୋନପେ ମାଧ୍ୟମରେ ୧୦ ଟଙ୍କା ପଠେଇବାକୁ କେହିଜଣେ କହିଥିଲେ। ତେବେ ସେ ୧୦ ଟଙ୍କା ପଠେଇବା ପରେ ତାଙ୍କ ଏକାଉଣ୍ଟରୁ ଆଠ ପର୍ଯ୍ୟାୟରେ ନ ଲକ୍ଷ ଟଙ୍କା ସାଇବର ଲୁଟେରା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୁଣି ହରଦେବ ସିଂ ନାମକ ଜଣେ ବ୍ୟକ୍ତିଙ୍କୁ ଏକ ମେସେଜ ଆସିଥିଲା। ସେ ମେସେଜଟି ପଢିଲା ପରେ ଫୋନକୁ ରଖିଦେଇଥିଲେ। ତାପରେ ହାକରମାନେ ପର୍ଯ୍ୟାୟକ୍ରମେ ତାଙ୍କ ଫିକ୍ସ ଡିପୋଜିଟ ଥିବା ପ୍ରାୟ ୧୧ ଲକ୍ଷ ଟଙ୍କା କାଢି ନେଇଥିଲେ। ସେମାନେ ଥାନା ଓ ବ୍ୟାଙ୍କରେ ବାରମ୍ବାର ଅଭିଯୋଗ କଲା ପରେ ବି କୌଣସି ପ୍ରକାର ସାହାଯ୍ୟ ମିଳୁ ନଥିବା ଅଭିଯୋଗ କରିଛନ୍ତି।

## ଅବସରପ୍ରାପ୍ତ ପ୍ରତିରକ୍ଷା କର୍ମଚାରୀଙ୍କ ନୌସେନା ଦିବସ



ବେତନଟୀ,୪ା୧୨(ସମିସ): ବେତନଟୀ ବ୍ଲକ୍‌ରେ ବସବାସ କରୁଥିବା ଅବସରପ୍ରାପ୍ତ ପ୍ରତିରକ୍ଷା ବିଭାଗ କର୍ମଚାରୀଙ୍କ ଦ୍ୱାରା ନୌସେନା ଦିବସ ଗୁରୁବାର ପାଳିତ ହୋଇଯାଇଛି। ୧୯୭୧ ମସିହାରୁ ଆଜିର ଦିନରେ ଏହି ନୌସେନା ଦିବସ ପାଳିତ ହୋଇଆସୁଥିବାବେଳେ ବେତନଟୀ ବ୍ଲକ୍‌ରେ ଗଠିତ ପୂର୍ବତନ ସୈନିକ ସଂଘ ଆନୁକୂଲ୍ୟରେ ଏହି ଦିବସ ଆନନ୍ଦ ଉଲ୍ଲାସର ସହିତ ଏକାଠି ୮୯ ପରିସରରେ ସଂଘର ସଭାପତି ଦୈତାରୀ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସଂଘର ବରିଷ୍ଠ ସଦସ୍ୟ ରାଜାରାମ ସିଂ ସଂଘୀୟ ପତାକା ଉତ୍ତୋଳନ କରିବା ପରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ କରିବା ସହ ନାରା ଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ଜନାର୍ଦ୍ଦନ ମହାନ୍ତ ନୌସେନା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ସଦସ୍ୟ ଅମୂଲ୍ୟ କୁମାର ମିଶ୍ରଙ୍କ ସମେତ ସମସ୍ତ ପୂର୍ବତନ ଦେଶ ରକ୍ଷାକାରୀ, ବୀର ନାରୀ, ବୀର ମାତା ପ୍ରମୁଖ ଯୋଗଦେଇଥିବା ବେଳେ ସଂଘର ସାଧାରଣ ସମ୍ପାଦକ ନରହରି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ମରାମତି ହେଲା ଛେନାପଦି-ପଞ୍ଚୁଗୋଛିଆ ପୁରୁଣା ରାସ୍ତା



ହାଟଡ଼ିହୀ,୪ା୧୨(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଛେନାପଦି ଛକଠାରୁ ପଞ୍ଚୁଗୋଛିଆ ଯାଏଁ ଲମ୍ବିଥିବା ରାସ୍ତାଟି ଅନେକ ଦିନ ଧରି ଖରାପ ହୋଇପଡ଼ିଥିଲା। ରାସ୍ତାର ଭଗ୍ନ ଅବସ୍ଥା ଏବଂ ବଡ଼ ବଡ଼ ଖାଲଖମା ଯୋଗୁଁ ଲୋକମାନେ ଯା'ଆସ କରିବାରେ ହଇରାଣ ହେଉଥିଲେ। ବିଶେଷ କରି ବର୍ଷାଦିନରେ ଲୋକେ ନାହିଁ ନଥିବା ଅସୁବିଧା ଭୋଗୁଥିଲେ। ଏପରିକି ପଞ୍ଚୁଗୋଛିଆଠାରୁ ଭୁବନେଶ୍ୱର ଯାଉଥିବା ଦୁଇ ଦୁଇଟି ଘରୋଇ ବସ୍ ଚଳାଚଳ ସହ ଗ୍ରାମାଞ୍ଚଳକୁ ଆସୁଥିବା ମୁଖ୍ୟମନ୍ତ୍ରୀ ବସ ଆସିବାରେ ନାନାଦି ପ୍ରକାରର ଅସୁବିଧା ହେଉଥିଲା। ଏହି ରାସ୍ତା ଉପରେ ସୁଲଣ ଓ ପଞ୍ଚୁଗୋଛିଆ ପଞ୍ଚାୟତର ୧୫ରୁ ଊର୍ଦ୍ଧ୍ୱ ଗ୍ରାମରୁ ହଜାର ହଜାର ଲୋକେ ପ୍ରତିଦିନ ଯାତାୟତ କରିଥା'ନ୍ତି। ଏଭଳି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ରାସ୍ତାର ନବୀକରଣ ଲୋକଙ୍କ ମନରେ ଅସରନ୍ତି ଖୁସି ଭରିଦେଇଛି। ଅନେକ ଦିନ ପରେ ଉତ୍ତମ ଚଳାଚଳ ପାଇଁ ବାଟ ଫିଟି ପାରିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାକାର୍ଯ୍ୟ ହେଉଥିଲା ବେଳେ ସରକାରୀ ଅଟକଳ ପରିମାଣ ପାଖାପାଖି ୬୪ଲକ୍ଷ ଟଙ୍କା ରହିଛି। ଟେଣ୍ଡର ଅନୁସାରେ ମୋଟ୍ ୧୨ କିମି ରାସ୍ତାରୁ ୩ କିମି ୮ଶହ ମିଟର ରାସ୍ତା ପିଚୁ ଏବଂ ଅବଶିଷ୍ଟାଂଶ କଂକ୍ରିଟ ରାସ୍ତା ହେବ ବୋଲି ନିର୍ଦ୍ଦେଶ ରହିଛି। ଦୁଇଦିନ ତଳେ ରାସ୍ତାକାର୍ଯ୍ୟ ନିମ୍ନମାନର ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସମ୍ପୃକ୍ତ ଠିକାଦାରଙ୍କୁ ପଚାରିବାରୁ ଏସବୁ ବିରୋଧୀଙ୍କ କାର୍ଯ୍ୟ ବୋଲି କହିଛନ୍ତି। ରାସ୍ତାରେ ପିଚୁ ପଡ଼ିବାଠାରୁ ସେଟ୍ ହେବା ଯାଏଁ ଅନ୍ତତଃପକ୍ଷେ ଏକ ସପ୍ତାହ ସମୟ ଆବଶ୍ୟକ ପଡିଥାଏ; ଯେ କୌଣସି କାମରେ ପିଚୁ ପଡିବା ଦିନ ହିଁ ଉଠେଇଲେ ପିଚୁ ଉଠିଯିବା ସ୍ୱାଭାବିକ। ଏଣୁ କାମର ମାନ ଉପରେ ଧ୍ୟାନ ଦିଆଯାଇ କାମ ହେଉଛି। କାମ ଆଦୌ ଖରାପ ନୁହଁ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ରଜତ ସେଠୀ କହିଛନ୍ତି।

## ସ୍କୁଲ ବସ୍ ଦୁର୍ଘଟଣାରେ ଦମ୍ପତି ଗୁରୁତର

କେନ୍ଦୁଝର, ୪ା୧୨(ସମିସ): ଟାଉନ ଥାନା ଅନ୍ତର୍ଗତ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ରବିନ୍ଦ୍ର ବିଦ୍ୟା ନିକେତନ ବିଦ୍ୟାଳୟର ଏକ ସ୍କୁଲ ବସ ଧକ୍କାରେ ବାଇକରେ ଯାଉଥିବା ଦମ୍ପତି ଆହତ ହୋଇଛନ୍ତି। ଏହାକୁ ନେଇ କିଛି ସମୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ଟାଉନ ବସଟିକୁ ଜବତକରି ଡ୍ରାଇଭର ଅର୍ଜୁନ ମହାନ୍ତକୁ ଅଟକ ରଖିଛି। ଆହତଦ୍ୱୟ ହେଉଛନ୍ତି ପାଟଣା ବ୍ଲକ ଅନ୍ତର୍ଗତ ଜଡିଚାତର ଗ୍ରାମର ପରମାନନ୍ଦ ଦାସ(୫୫) ଓ ମମତା ଦାସ(୪୭)। ସେମାନେ ଏକ ବାଇକରେ ଫେରିବା ସମୟରେ ଅପରାହ୍ନ ପ୍ରାୟ ୩ଟା ବେଳେ କରଞ୍ଜିଆ ବସଷ୍ଟାଣ୍ଡ ନିକଟରେ ଥିବା ଭି-୨ ସପିଂ ମଲକୁ ଯାଉଥିଲେ। ସେହି ସମୟରେ କେନ୍ଦୁଝର ସହରରୁ ରବିନ୍ଦ୍ର ବିଦ୍ୟା ନିକେତନ ସ୍କୁଲ ଅଭିମୁଖେ ଯାଉଥିବା ଓଡି୦୯-ଏନ-୫୪୬୫ ନମ୍ବର ବସଟି ଧକ୍କା ଦେଇଥିଲା। ଭୟରେ ଡ୍ରାଇଭର ଭି-୨ ମଲ ଭିତରକୁ ପଶି ଯାଇଥିଲା। ଆହତଙ୍କୁ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଆହତ ପରମାନନ୍ଦ ଦାସ ଜଡିଚାତର ଗ୍ରାମ ସବ୍ ପୋଷ୍ଟ ଅଫିସରେ ପୋଷ୍ଟ ମାଷ୍ଟର ଭାବେ କାମ କରୁଛନ୍ତି। ଟାଉନ ପୋଲିସ ସ୍କୁଲ ବସଟିକୁ ଜବତ୍ କରି ତଦନ୍ତ କରୁଛି।

## ଦୁଇ ବାଇକ୍ ଧକ୍କାରେ ୫ ଗୁରୁତର

ତୁରୁମୁଙ୍ଗା, ୪ା୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳ ବାରତୁଣିଆ ସ୍କୁଲ ଛକ ନିକଟରେ ଗୁରୁବାର ସକାଳେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ବୃଦ୍ଧାଙ୍କ ସମେତ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ବ୍ୟକ୍ତିମାନେ ହେଲେ ବରାଟିପିରା ଗ୍ରାମର ଦାସ ମୁଣ୍ଡା ଏବଂ ବିଜାନାଳୀ ଗ୍ରାମର ରାଜା ମୁଣ୍ଡାଙ୍କ ସହ ବାରତୁଣିଆ ଗ୍ରାମର ବିଜୟ ଭୂଷଣ ମହାନ୍ତ, ତାଙ୍କ ଜେଜେମା ଲକ୍ଷ୍ମୀ ମହାନ୍ତ। ବରାଟିପିରା ଗ୍ରାମର ୩ ଜଣ ସାଙ୍ଗ ଗୋଟେ ବାଇକ୍ ଯୋଗେ ବାରତୁଣିଆ ଗାଁରୁ ଫେରୁଥିବା ସମୟରେ ବାରତୁଣିଆ ଗ୍ରାମର ଲକ୍ଷ୍ମୀ ମହାନ୍ତ ଓ ଭୂଷଣ ମହାନ୍ତ ସାଙ୍ଗ ହୋଇ ନିଜ ଗ୍ରାମରକୁ ଯାଉଥିଲେ। ଏହି ସମୟରେ ଉଭୟ ବାଇକ୍ ଦୁର୍ଘଟଣା ଘଟିଥିଲା। ୫ ଜଣ ବାଇକ୍‌ରୁ ଛିଟିକି ପଡି ରାସ୍ତା ଉପରେ ପଡି ରହିଥିଲେ। ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ୪ ଜଣ ଅଧିକ ଗୁରୁତର ହେବାରୁ ଡାକ୍ତର ତାଙ୍କୁ ପୁଣିଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି।

## ପାଟଣା ରେଞ୍ଜରେ ମହାବଳ ବାଘର ଫଟୋ ଭାଇରାଲ୍

ତୁରୁମୁଙ୍ଗା, ୪ା୧୨(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ସନ୍ନିକଟ ବଣମହୁଲଡିହା ଗାଁ ନିକଟରେ ୨ଟି ମହାବଳ ବାଘ ବୁଲୁଥିବା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କିଛିଦିନ ହେବ ଏହି ବାଘ ରହିଥିବା ନେଇ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାକୁ ନେଇ ପାଟଣା ବନାଞ୍ଚଳ ଅଧିକାରୀ ବନ ବିହାରୀ ସର୍ଦ୍ଦାର ଗୁଜବ ବୋଲି କହିଛନ୍ତି।





## ବୃଦ୍ଧି ପାଇବେ ଉଜ୍ଜ୍ୱଳା ହିତାଧିକାରୀ: ଆଇଓସିଏଲ




କେନ୍ଦୁଝର, ୪ା୧୨(ସମିସ): ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମୟୁୱାଇ) ଅଧୀନରେ ୨୫ ଲକ୍ଷ ଅତିରିକ୍ତ ନିଶୁଳ୍କ ଏଲପିଜି ଅନୁମୋଦିତ ହୋଇଥିବା କେନ୍ଦୁଝର ଶ୍ରୀକ୍ଷେତ୍ର ଇଣ୍ଟରନ୍ୟାସନାଲ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆଇଓସିଏଲର ଓଡ଼ିଶା ଦାଇତ୍ୱରେ ଥିବା ଅଧିକାରୀମାନେ ସୂଚନା ପ୍ରଦାନ କରିଛନ୍ତି। ଏପର୍ଯ୍ୟନ୍ତ ଯୋଜନା ଅଧୀନରେ କେନ୍ଦୁଝର ଜିଲ୍ଲାର ୨ ଲକ୍ଷ ମହିଳା ଉପକୃତ ହୋଇଥିବା କୁହାଯାଇଛି। ଏବେ ଏହି ଯୋଜନାରେ ନୂତନ ଭାବେ ସାମିଲ ହେବାକୁ ଆବେଦନ ପ୍ରକ୍ରିୟା ଚାଲୁଥିବା ଜଣାପଡିଛି। ଯୋଗ୍ୟ ଆବେଦନକାରୀଙ୍କୁ ଜମାବିହୀନ ସିଲିଣ୍ଡର, ପ୍ରେସର ରେଗୁଲେଟର, ସୁରକ୍ଷା ହୋଜ, ଡୋମେଷ୍ଟିକ୍ ଗ୍ୟାସ କନ୍‌ଜ୍ୟୁମର୍ କାର୍ଡ, ପ୍ରଶାସନିକ ଶୁଳ୍କ ଛାଡ ସହ ନିଶୁଳ୍କ ଗ୍ୟାସ ଚୁଲ୍‌ହା ଏବଂ ପ୍ରଥମ ରିଫିଲ୍ ମଧ୍ୟ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଆବଶ୍ୟକତା ଅନୁଯାୟୀ, ୧୪.୨ କିଲୋଗ୍ରାମ, ୫ କିଲୋଗ୍ରାମ ସିଙ୍ଗଲ ସିଲିଣ୍ଡର କିମ୍ବା ୫ କିଲୋଗ୍ରାମର ଡବଲ ସିଲିଣ୍ଡର ବିକଳ୍ପ ଚୟନ କରିପାରିବେ। ଗରିବ ପରିବାରର ବୟସ୍କମାନେ ଯେଉଁ ପରିବାରରେ ପୂର୍ବରୁ କୌଣସି ଏଲପିଜି ସଂଯୋଗ ନଥାଏ ସେମାନେ ଆବେଦନ କରିପାରିବେ। ଆବଶ୍ୟକ କାଗଜପତ୍ର, କେୱାଇସି ଫର୍ମ (ଫଟୋ ସହ), ଠିକଣା ପ୍ରମାଣ (ଆଧାର ଠିକଣା ଯଦି ବର୍ତ୍ତମାନ ଠିକଣାସହିତ ମେଳ ନଖାଏ) ପରିବାର ଗଠନ ଦଲିଲ (ରାସନ କାର୍ଡ/ରାଜ୍ୟ ସରକାର ଦଲିଲ) ଆବେଦକ ଏବଂ ପରିବାରର ସମସ୍ତ ବୟସ୍କ ସଦସ୍ୟଙ୍କ ଆଧାର, ବ୍ୟାଙ୍କ ଖାତା ବିବରଣୀ, ଘୋଷଣାପତ୍ର, ପ୍ରବାସୀ ପରିବାରମାନଙ୍କ ପାଇଁ ପିଓଏ ଏବଂ ଆବଶ୍ୟକ କାଗଜପତ୍ର ସହ ନିକଟସ୍ଥ ଏଲପିଜି ବିତରକଙ୍କ ପାଖକୁ ଯାଇ କିମ୍ବା ଅନଲାଇନରେ ନିକଟସ୍ଥ (କମନ୍ ସର୍ଭିସ ସେଣ୍ଟର) ମାଧ୍ୟମରେ ଆବେଦନ କରିପାରିବେ। ଜାତି ପ୍ରମାଣପତ୍ର ଆବଶ୍ୟକତା ନଥିବାବେଳେ ଆବେଦନ କରିବାକୁ ଆଧାରର ବାୟୋମେଟ୍ରିକ ପ୍ରମାଣିକରଣ ଜରୁରୀ ବୋଲି ସୂଚନା ମିଳିଛି। ଗୁରୁବାର କେନ୍ଦୁଝରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଇଣ୍ଡିଆନ ଅଏଲ କର୍ପୋରେସନର ରାଜ୍ୟ ମୁଖ୍ୟ ପ୍ରବନ୍ଧକ କମଲ ଶୀଲ, କମ୍ପାନୀର ଏଲପିଜି ମୁଖ୍ୟ ମହାପ୍ରବନ୍ଧକ ନାରୋ ଟୁଣ୍ଡୁପ, କେନ୍ଦୁଝର ଜିଲ୍ଲା ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, କମ୍ପାନୀର କର୍ପୋରେଟ ସଞ୍ଚାର ଯୋଜନା ସମନ୍ୱୟ ମହାପ୍ରବନ୍ଧକ ସୁସ୍ମିତା ତ୍ରିପାଠୀ, ଆଇଓସିଏଲର ସମ୍ବଲପୁର ମଣ୍ଡଳୀୟ ଏଲପିଜି ବିକ୍ରୟ ମୁଖ୍ୟ ସନ୍ତୋଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ।

### ବିର୍ସା ମୁଣ୍ଡାଙ୍କୁ ଅପମାନିତ କରିବା ନେଇ ଅଭିଯୋଗ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଆଦିବାସୀ ସଂଗଠନର ଦାବିପତ୍ର

**ରାଇରଙ୍ଗପୁର, ୪।୧୨(ସମିସ)**

ଯଶିପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମେର ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡାଙ୍କୁ ଅପମାନିତ କରିଥିବାର ଅଭିଯୋଗ ହୋଇଛି। ଏନେଇ ବାମନଘାଟି ଆଦିବାସୀ ମିଳିତ ମଞ୍ଚ ପକ୍ଷରୁ ଅସନ୍ତୋଷ ପ୍ରକାଶ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳଙ୍କୁ ପ୍ରଦାନ କରାଯାଇଛି। ସ୍ୱାଧୀନତା ସେନାନୀ ସହିଦ ବିର୍ସା ମୁଣ୍ଡାଙ୍କ ସ୍ୱତନ୍ତ୍ର ପରିଚୟ ରହିଛି। ଆଦିବାସୀ ସମାଜ ତାଙ୍କୁ 'ଭଗବାନ ବିର୍ସା ମୁଣ୍ଡା' ବୋଲି ଆଖ୍ୟା ଦିଆଯାଇଛି। ଗତ ନଭେମ୍ବର ୧୫ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଜନଜାତୀୟ ଗୌରବ ଦିବସ ଅବସରରେ ଯଶିପୁରଠାରେ ସହିଦ ବିର୍ସା ମୁଣ୍ଡାଙ୍କୁ ପ୍ରତିମୂର୍ତ୍ତି ସ୍ଥଳରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ସମୟରେ ତାଙ୍କ ପ୍ରତିମୂର୍ତ୍ତିରେ ଗେରୁଆ ପତାକା ଧରାଇ ଉଦ୍‌ଘାଟନ କରାଯାଇଛି। ଯେଉଁଠାରେ କି ଖୋଦ୍ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହିଛନ୍ତି। ଯାହାକୁ ଆଦିବାସୀ ସମାଜ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ତାଙ୍କପରି ଜଣେ ରାଷ୍ଟ୍ରୀୟ ବ୍ୟକ୍ତିତ୍ୱଙ୍କୁ ଆପମାନିତ କରାଯାଇଛି। ବିର୍ସା ମୁଣ୍ଡାଙ୍କୁ ପାଥେୟ କରି କୌଣସି ପ୍ରକାର ରାଜନୈତିକ କାର୍ଯ୍ୟକଳାପ ନ କରିବାକୁ ଦାବି କରିଛନ୍ତି। ଏହିପରି କରିବା ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱକୁ ଅପମାନିତ କରାଯାଉଛି। ଏହିପରି କାର୍ଯ୍ୟ କରୁଥିବା ନକାରାତ୍ମକ ବିଚାରଧାରା ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ଆଦିବାସୀ ମିଳିତ ମଞ୍ଚ ତରଫରୁ ନିନ୍ଦା କରାଯାଇଛି। ଆଗକୁ ବିରୋଧ କରାଯିବା ବୋଲି ଚେତାବନୀ ଦେଇଛନ୍ତି। ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମାସକ ମଧ୍ୟରେ ଯଶିପୁରସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରୁ ଗେରୁଆ ପତକା ଧରିଥିବା ପ୍ରତିମୂର୍ତ୍ତିକୁ ହଟାଇବାକୁ ନିବେଦନ କରିଛନ୍ତି। ବୀର ବିର୍ସା ମୁଣ୍ଡାଙ୍କ ଚିର ପରିଚିତ ପ୍ରତିମୂର୍ତ୍ତି ସ୍ଥାପିତ କରିବାକୁ ଦାବି କରିଛନ୍ତି। ନଚେତ୍ ଆଗକୁ ଆନ୍ଦୋଳନ ନେଇ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ମୋଟକା ବିରୁଆ, ସୁନିଲ ମାଝୀ, ସାଲୁ କିସ୍କୁ, ଶ୍ୟାମ ଚରଣ ସୋରେନ, ବିଶୁ ବେଶ୍ରା, ଆଇନଜୀବୀ ଟିକୁଣ ଜେରାଇ, ଆଇନଜୀବୀ ଜାଟିଆ ସାବେୈୟାଁ ପ୍ରମୁଖ ଉପସ୍ଥିତ ଥିଲେ।



# ଅଜଣା ଗାଡ଼ି ଧକ୍କାରେ ୨ ମୃତ

**ବାରିପଦା/ବହଳଦା, ୪।୧୨(ସମିସ):** ୧୮ ନମ୍ବର ଜାତୀୟ ରାଜପଥର ମଞ୍ଜାବନ୍ଧାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ସ୍ୱରୂପଭିଲ୍ଲା ଅଞ୍ଚଳର ମଦନମୋହନ ସୋରେନ। ସେ ସ୍କୁଟି ଯୋଗେ ପାଲବଣିରୁ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିବାବେଳେ ମଞ୍ଜାବନ୍ଧାରେ ଅଜଣା ଗାଡ଼ି ଧକ୍କା ଦେଇଥିଲା। ସେ ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିଯାଇଥିଲେ। ଫଳରେ ଜୋର୍‌ରେ ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ପିଆର୍‌ଏମ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଏନେଇ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକ୍ରମେ ବାରିପଦା ସଦର ଥାନାରେ ମାମଲା ରୁଜୁ କରାଯାଇଛି।

ସେହିପରି ବହଳଦା ତହସିଲ୍ କାର୍ଯ୍ୟାଳୟ ନିକଟସ୍ଥ ବାନାଡୁଙ୍ଗୁରୀ ବସତି ବାସିନ୍ଦା ଲୁଲୁ କବାଟ (୪୨)ଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ବୁଧବାର ସନ୍ଧ୍ୟା ପାଖାପାଖି ୬ଟା ମଧ୍ୟରେ ଲୁଲୁ ତାଙ୍କ ଘର ସମ୍ମୁଖ ମୁଖ୍ୟରାସ୍ତାକଡ଼ରେ ଛିଡ଼ା ହୋଇଥିବାବେଳେ ରାଇରଙ୍ଗପୁରରୁ ବହଳଦା ପଟକୁ ଆସୁଥିବା ଏକ ଅଜଣା ଚାରି ଚକିଆ ଗାଡ଼ି ତାଙ୍କୁ ଧକ୍କା ଦେଇ ଖସି ପଳାଇଥିଲା। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଲୁଲୁଙ୍କୁ ପ୍ରଥମେ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚାକିତ୍ସା ପରେ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ କଟକ ନିଆଯାଉଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ ପରେ ଗୁରୁବାର ବହଳଦାରେ ଶୋକାକୁଳ ପରିବେଶରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତେବେ ଏନେଇ ବହଳଦା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ପ୍ରସ୍ତୁତି

**ବାରିପଦା, ୪।୧୨(ସମିସ):** ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ପ୍ରକୋଷ୍ଠରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା-୨୦୨୫ ଆୟୋଜନ ସମ୍ପର୍କିତ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ଜିଲ୍ଲା ମତ୍ସ୍ୟ ସମ୍ପଦ ଅଧିକାରୀ ମାନସ ରଞ୍ଜନ ସାହୁ ଉପସ୍ଥିତ ଅନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ମେଳା ସମ୍ବନ୍ଧରେ ସବିଶେଷ ସୂଚନା ଦେଇଥିଲେ। ନିଷ୍ପତି ଅନୁଯାୟୀ ଆସନ୍ତା ୧୯ ଓ ୨୦ ତାରିଖ ଦୁଇଦିନ ଧରି ଉକ୍ତ ମେଳା ବାରିପଦା ଛଉ ପଡ଼ିଆରେ ଆୟୋଜିତ ହେବ। ଏଥିରେ ପ୍ରାୟ ୫୦ଟି ବିଭିନ୍ନ, ପ୍ରକାର ପ୍ରଦର୍ଶନୀ ଷ୍ଟଲ୍ କରିବାକୁ ଯୋଜନା ଅଛି। ଏହି ଷ୍ଟଲ୍‌ଗୁଡ଼ିକରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ଅବଗତ କରାଯିବା ସହିତ ଯୋଜନାରୁ ହିତାଧିକାରୀମାନେ କିପରି ଉପକୃତ ହୋଇପାରିବେ ସେଥିପାଇଁ ସଚେତନ କରାଯିବ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୧ହଜାରରୁ ଊର୍ଦ୍ଧ୍ୱ କୃଷକ ଯୋଗଦେବେ। ସେହିପରି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଷୟ ବିଶେଷଜ୍ଞ ଓ ବୈଜ୍ଞାନିକମାନଙ୍କ ଦ୍ୱାରା ଚାଷୀମାନଙ୍କୁ ଅଧିକ ବୈଷୟିକ ଜ୍ଞାନକୌଶଳ ଓ ପ୍ରୋତ୍ସାହନ ଦେବାକୁ ମଧ୍ୟ ଯୋଜନା ରହିଛି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ଆଧାରିତ ବିଷୟବସ୍ତୁକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶିତ ହେବ। ବୈଠକରେ ସିଡିପିଓ ଡ. ରମଣୀ ରଞ୍ଜନ ବିଶ୍ୱାଳ, ଏଡିବିଓ ଡ. ଦେବଦତ୍ତ ଦାଶ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ପ୍ରଦୀପ ଘୋଷ, ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ ଜ୍ଞାନ ବଲ୍ଲଭ ଦାସ ପ୍ରମୁଖ ଯୋଗଦେଇଥିଲେ।

# ବିମାନବନ୍ଦର ଜମି ଅଧିଗ୍ରହଣ ସମ୍ପର୍କିତ ବୈଠକ



**ବାରିପଦା, ୪।୧୨(ସମିସ):** ଐତିହାସିକ ରାସଗୋବିନ୍ଦପୁର ବିମାନବନ୍ଦର ପ୍ରକଳ୍ପକୁ ଅବିଳମ୍ବେ ଶେଷ କରିବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏପର୍ଯ୍ୟନ୍ତ ଥିବା ଜମିଜମା ହସ୍ତାନ୍ତର ମାମଲାକୁ ଅନୁଧ୍ୟାନ ପାଇଁ ବେସାମରିକ ବିମାନ ଚଳାଚଳ ଉପଦେଷ୍ଟା ସୁରେଶ ଚନ୍ଦ୍ର ହୋତା, ଜମି ଅଧିଗ୍ରହଣ ଅଧିକାରୀ ଉମାକାନ୍ତ ବାରିକଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଗୁରୁବାର ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନେତ୍ରାନନ୍ଦ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଉକ୍ତ ପ୍ରକଳ୍ପ ପାଇଁ ବର୍ତ୍ତମାନ ସୁଦ୍ଧା ୧୬୦ ଏକର ପ୍ରତିରକ୍ଷା ବିଭାଗର ଜମି ହସ୍ତାନ୍ତର ହୋଇଛି। ଏଥିରୁ ୪୭ ଏକର ଜମି ଡିପିଆର୍‌ରେ ସ୍ଥାନିତ ହେବା ସହ ମାଷ୍ଟରପ୍ଲାନ୍‌ରେ ଅନ୍ତର୍ଭୁକ୍ତ ହୋଇଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ସେହିପରି ପ୍ରକଳ୍ପ ପାଇଁ ସମୁଦାୟ ୪୪୩ ଏକର ଜମି ଆବଶ୍ୟକତା ପୂରଣ କରିବାକୁ ଡିସେମ୍ବର ଶେଷ ସୁଦ୍ଧା ଗ୍ରାମସଭା ସମ୍ପୂର୍ଣ୍ଣ କରି ଏକ ବର୍ଷ ମଧ୍ୟରେ ସମସ୍ତ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ କରାଯିବା ନେଇ ସ୍ଥିରୀକୃତ ହୋଇଛି ବୋଲି ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡ଼ା ପ୍ରକାଶ କରିଛନ୍ତି। ଏହି ଆଲୋଚନା ସମୟରେ ଭୂ-ଅର୍ଜନ ଅଧିକାରୀ ଶିବାରାମ ମୁଣ୍ଡା, ଅଧୀକ୍ଷଣ ଯନ୍ତ୍ରୀ (ପୂର୍ତ୍ତ) ରୋହନ ଗୌରବ ରାୟ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା, ଡେପୁଟି କଲେକ୍ଟର (ରାଜସ୍ୱ) ଶ୍ରଦ୍ଧା ସୁମନ, ମୋରଡ଼ା ଏବଂ ରାସଗୋବିନ୍ଦପୁର ତହସିଲ୍‌ଦାର, ଜିଲ୍ଲା/ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ ବିଭାଗୀୟ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରସ୍ତୁତି ବୈଠକ

**କୁଆମରା, ୪।୧୨(ସମିସ):** ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆସନ୍ତା ୧୯ ତାରିଖରେ ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ପୃଥ୍ୱୀରାଜ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ଚୌଧୁରୀ, ତହସିଲ୍‌ଦାର ଓମ୍ ପ୍ରକାଶ ମହାନ୍ତି, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡ଼ିଆ, ବ୍ଲକ ସାମାଜିକ ସୁରକ୍ଷା ଅଧିକାର ଦେବାଶିଷ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ଦିବ୍ୟାଙ୍ଗମାନେ ଶିବିର ପୂର୍ବରୁ ଅନ୍‌ଲାଇନ୍ ମାଧ୍ୟମରେ ଇ-କେୱାଇସି କରିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ତେବେ ଯେଉଁ ଦିବ୍ୟାଙ୍ଗମାନଙ୍କର ଅବଧି ଶେଷ ହୋଇ ଯାଇଥିବ ସେମାନେ ପୁଣି ପୂର୍ବ ପ୍ରମାଣପତ୍ର ଦେଖାଇ ନବୀକରଣ କରିପାରିବେ। ନୂତନ ଦିବ୍ୟାଙ୍ଗମାନେ ନାମ ପଞ୍ଜୀକରଣ କରିବା ସହ ତାଙ୍କର ସହାୟକ ସାମଗ୍ରୀ ନେଇପାରିବେ। ତେବେ ଶିବିରରେ ଉପସ୍ଥିତ ଥିବା ଦିବ୍ୟାଙ୍ଗମାନେ ନିଜ ନିଜର ଆଧାର କାର୍ଡ ଆଣିବାକୁ କୁହାଯାଇଛି। ଦିବ୍ୟାଙ୍ଗମାନଙ୍କ ପାଇଁ ବସ୍ ପାସ୍, ଲୋନ୍, ପ୍ରମାଣପତ୍ର, ବିଭିନ୍ନ ଉପକରଣର ବ୍ୟବସ୍ଥା କରାଯିବ ବୋଲି ବିଡିଓ ଶ୍ରୀ ପରିଡ଼ା କହିଛନ୍ତି। ଏତଦ୍‌ବ୍ୟତୀତ ଉପଖଣ୍ଡର ଉଦଳାଠାରେ ଅନୁଷ୍ଠିତ ଧୂମ୍‌ସା ମହୋତ୍ସବ କାର୍ଯ୍ୟକ୍ରମ ୧୭ ତାରିଖରେ ଗୋପବନ୍ଧୁ ନଗର ବ୍ଲକ ପ୍ରଶାସନ ପକ୍ଷରୁ ପରିଚାଳନା କରାଯିବ ବୋଲି ସୂଚନା ଦିଆଯାଇଛି। ଏ ନେଇ ବୈଠକରେ ଆଲୋଚନା ହେବା ସହ ସମସ୍ତ ବିଭାଗକୁ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

# ବାରିପଦା କଲେଜର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



**ବାରିପଦା, ୪।୧୨(ସମିସ):** ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୪୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ବାଳିକା ବିଭାଗରେ ସୁମିତ୍ରା ମୁର୍ମୁ ଓ ବାଳକ ବିଭାଗରେ ଶ୍ରୀରାମ ହେମ୍ବ୍ରମ ଚାମ୍ପିଅନ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବ ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ମହାରାଜା ପୂର୍ଣ୍ଣଚନ୍ଦ୍ର ଜୁନିଅର କଲେଜର ପୂର୍ବତନ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଘଡ଼ାଇ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ୍ ପ୍ରଦାନ କରିଥିଲେ। କ୍ରୀଡ଼ା ଉପସଭାପତି ଅଧ୍ୟାପକ ଅଟଳ କୁମାର ମହାନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ତାପସ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ବାରିପଦା, ୪।୧୨(ସମିସ):** ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ଡ. ପ୍ରବୋଧ କୁମାର ଦେଙ୍କ ତତ୍ତ୍ୱାବଧାନରେ ରାଜ୍ୟ ସରକାର ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ସଶସ୍ତ୍ର ପୁଲିସ ବାହିନୀ ୫ମ ବଟାଲିୟନର ମୁଖ୍ୟ ପବିତ୍ର କୁମାର ସାମଲ ମୁଖ୍ୟ ପ୍ରଶିକ୍ଷକ ଭାବେ ଅରୁଣ କୁମାର ମହାନ୍ତ ଏବଂ ତାଙ୍କ ସହଯୋଗୀଗଣ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ପରିଚାଳନା ସମ୍ପର୍କର ପ୍ରଶିକ୍ଷଣ ଦେଇଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ, ସର୍ପାଘାତ, ଦୁର୍ଘଟଣା ଆଦି ସମୟରେ କିପରି ଧନଜୀବନ ସହ ଗୃହପାଳିତ ପଶୁପକ୍ଷୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇପାରିବା ତାଲିମ ପ୍ରଦାନ କରିଥିଲେ। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ ବେହେରା, ଜ୍ୟୋତ୍ସ୍ନାରାଣୀ ଦତ୍ତ, ଯୁବ ରେଡ୍‌କ୍ରସର ଅଧିକାରୀ ସଞ୍ଜୀବ କୁମାରଙ୍କ ସହ ରାଜନୀତି ବିଭାଗର ଅଧ୍ୟାପିକା ଜସ୍ମିନ ବାରିକ ସହଯୋଗ କରିଥିଲେ।

# ବିଭିନ୍ନ ବିଦ୍ୟାଳୟରେ ରାମାୟଣ ପ୍ରତିଯୋଗିତା

**ମୋରଡ଼ା, ୪।୧୨(ସମିସ):** ମୋରଡ଼ା ବ୍ଲକ ଅଧୀନ ଅନନ୍ତ ଦମ୍ପତି ବିଦ୍ୟାଳୟ, ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ ପାଟପୁର ବାଳିକା ଆଶ୍ରମ ବିଦ୍ୟାଳୟରେ ରାମାୟଣ ଉପରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ପ୍ରଖଣ୍ଡ ସଭାପତି ନରେନ୍ଦ୍ର ମହାନ୍ତ ଆୟୋଜନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବିଶ୍ୱ ହିନ୍ଦୁ ପରିଷଦ ପୂର୍ବପ୍ରାନ୍ତ ଓଡ଼ିଶାର କାର୍ଯ୍ୟକାରିଣୀ ସଦସ୍ୟ ଅଜୟ କୁମାର ପାଳ ଯୋଗଦେଇଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଦ୍ୱାରା ଗଳ୍ପ ଆକାରରେ ସରଳ ଭାଷାରେ ପ୍ରକାଶିତ ହୋଇଥିବା ରାମାୟଣ ପୁସ୍ତକ ପିଲାମାନଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିଲା। ସେହି ପୁସ୍ତକକୁ ଆଧାର କରି ୩ଦିନ ଧରି ଉକ୍ତ ବିଦ୍ୟାଳୟରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନନ୍ତ ଦମ୍ପତି ବିଦ୍ୟାଳୟରେ ଭୂମି ପାତ୍ର, ରିମା ମହାନ୍ତ ଓ ପ୍ରାଣଙ୍କୁରା ପ୍ରିୟଦର୍ଶିନୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବାବେଳେ ଜବାହର ବିଦ୍ୟାଳୟରେ ରମିତାଂଶୁ ସାହୁ, ସୁଭଦ୍ରା ବେହେରା, ରାଜବୀର ବେହେରା ଏବଂ ପାଟପୁର ବାଳିକା ଆଶ୍ରମ ବିଦ୍ୟାଳୟରେ କ୍ରିଷ୍ଣା ରାଉଳ, ଉର୍ମି ମୁଦୁଲି ଓ ମିଳନ ରାଉଳ କୃତକାର୍ଯ୍ୟ ହୋଇ ପୁରସ୍କୃତ ହୋଇଥିଲେ। ଉକ୍ତ ପ୍ରତିଯୋଗିତା ପରିଚାଳନାରେ ବରେନ୍ଦ୍ର କୁମାର ଦାସ, ଭାଗବତ ବାରିକ ଏବଂ ଅନ୍ୟମାନେ ପରିଚାଳନା କରିଥିଲେ।

# ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ ମେଳା

**ବଡ଼ସାହି, ୪।୧୨(ସମିସ):** ବଡ଼ସାହି ବ୍ଲକ ଅଧୀନ ବଳଭଦ୍ରପୁର ପଞ୍ଚାୟତ ସଂହଟିଆସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ମାତୃଜ୍ୟୋତି ପୀଠରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୪୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଶିକ୍ଷାକେନ୍ଦ୍ରର ସଭାପତି ମଧୁସୂଦନ ଦଣ୍ଡପାଟ, ସମ୍ପାଦକ ଆଦିକନ୍ଦ ଦଣ୍ଡପାଟ, ବସନ୍ତ ବାରିକ, ଜଗନ୍ନାଥ ଦଣ୍ଡପାଟ, ରାମେଶ୍ୱର ଭୂୟାଁ ଓ ରଜନୀକନ୍ତ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକ ପରିଦର୍ଶନ କରି ଏହାର ମୂଲ୍ୟାୟନ କରିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ତପନ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।






# ଜବରଦଖଲମୁକ୍ତ ଦାବିରେ ରାସ୍ତାରୋକ



**ବାରିପଦା, ୪।୧୨(ସମିସ):** ଗ୍ରାମ ରାସ୍ତା ଦଖଲମୁକ୍ତ ଦାବିରେ ଗ୍ରାମବାସୀମାନେ ରାସ୍ତାରୋକ କରିଛନ୍ତି। ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାକୁ ନିଜର ବୋଲି ଦର୍ଶାଇ ଜଣେ ବ୍ୟକ୍ତି ଅବାଧ କରି ରଖିଛନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇ ରାସ୍ତାରୋକ କରିଛନ୍ତି। ଗୁରୁବାର ବାରିପଦା ସଦର ଥାନା ଅଧୀନ ମହୁଲିଆ ଗ୍ରାମ ପଞ୍ଚାୟତର ଗୌଡ଼ଡିହା ଛକରେ ରାସ୍ତା ଅବରୋଧ କରିଥିଲେ। ମୁଖ୍ୟ ରାସ୍ତାରୁ ମହୁଲିଆ ଗ୍ରାମକୁ ସଂଯୋଗ ରାସ୍ତାକୁ ବ୍ୟକ୍ତି ଜଣକ ଜୋର୍ ଜବରଦସ୍ତ ଘେରି ରଖିଛନ୍ତି। ଅମିନ ଜମି ମାପ କରି ତାହା ରାସ୍ତା ଦର୍ଶାଇବା ପରେ ମଧ୍ୟ ବ୍ୟକ୍ତି ଜଣକ ନିଜସ୍ୱ ଜମି କହି ରାସ୍ତାକୁ ବନ୍ଦ କରି ରଖିଛନ୍ତି। ସେହି ରାସ୍ତା ବାଟେ ଜଣେ ଗ୍ରାମବାସୀ ଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗ୍ରାମରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ରାସ୍ତା ବନ୍ଦ କରିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଲିଖିତ ଅଭିଯୋଗ ମଧ୍ୟ କୌଣସି ସମାଧାନ ହେଉନାହିଁ ବୋଲି ସରପଞ୍ଚ କହିଛନ୍ତି। ଯାହାକୁ ନେଇ ରାସ୍ତା ଅବରୋଧ କରିଛନ୍ତି। ଉତ୍ତେଜନା ପ୍ରକାଶ ପାଇବାରୁ ଘଟଣାସ୍ଥଳରେ ସଦର ଥାନା ପୁଲିସ ପହଞ୍ଚି ଆନ୍ଦୋଳନକାରୀ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ଆନ୍ଦୋଳନ ଚେତାବନୀ

# ଆସୁନି ଟୋକନ, ଜଗିଛି ଚାଷୀ

ସମ୍ବଲପୁର, ୪।୧୨ (ସମିସ)

ସମ୍ବଲପୁର ଜିଲ୍ଲାରେ ଚଳିତ ଖରିଫ୍ ଧାନକିଣା ଆରମ୍ଭରୁ ଅଚଳାବସ୍ଥା ଦେଖାଦେଇଛି। ଡିଏଲପିସି ବୈଠକରେ ନଭେମ୍ବର ୨୮ ତାରିଖ ମଣ୍ଡି ଖୋଲିବାକୁ ନିଷ୍ପତ୍ତି ଥିବାବେଳେ





ମିଲର୍ଙ୍କ ଜିଦ୍ ଯୋଗୁଁ ଧାନ ଉଠିଲା ନାହିଁ। ଗତ ୧ ତାରିଖ ଚାଷୀ ଅସନ୍ତୋଷ ଉଗ୍ର ରୂପ ଗ୍ରହଣ କରି ଚାଷୀମାନେ ସିନ୍ଦୂରପଙ୍କ ତୁମ୍ବେସିଂହା ଛକରେ ପ୍ରାୟ ୮ ଘଣ୍ଟା ଧରି ଅର୍ଥନୈତିକ ଅବରୋଧ କଲେ। ଏହାପରେ ୨ ତାରିଖରୁ ବିଭିନ୍ନ ମଣ୍ଡିରେ ଧାନ ଉଠିବା ଆରମ୍ଭ ହେଲା। କିନ୍ତୁ ଧାନ କିଣାବିକା ଗୋଟିଏ ମାସ ବିଳମ୍ବରେ ଚାଲିଥିବାବେଳେ ଏବେ ଚାଷୀଙ୍କ ଟୋକନ ସମସ୍ୟା ଦେଖାଦେଲାଣି। ପ୍ରାୟ ୧୯ ହଜାରରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଆସିନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଯେଉଁ ଚାଷୀ ମାନଙ୍କ ଟୋକନ ଆସିଛି, ସେମାନଙ୍କ କେବଳ ୭୫ କ୍ୱିଣ୍ଟାଲ ଧାନ ବିକ୍ରୟ ପାଇଁ ଟୋକନ ଆସିଥିବାବେଳେ ବଳକା ଧାନ ବିକ୍ରୟ ସକାଶେ ଚାଷୀ ଟୋକନ ପାଇଁ ଅପେକ୍ଷା କରି ରହିଛି। ପ୍ରଥମ ପର୍ଯ୍ୟାୟ (ଲଟ୍)ର ଟୋକନ ଆସିଛି, କିନ୍ତୁ ଦ୍ୱିତୀୟ ଲଟ୍‌ର ଟୋକନ ପାଇଁ ଚାଷୀ ଧାନ ନେଇ ଅପେକ୍ଷା କରିଛି। ଅନ୍ୟପକ୍ଷରେ ଗୋଟିଏ ମାସ ବିଳମ୍ବରେ ଧାନ କିଣା ହେଉଥିବାରୁ କେତେକ ଚାଷୀ ଅମଳ ହୋଇଥିବା ଧାନକୁ ଗଚ୍ଛିତ କରି ରଖିନପାରି କମ୍ ଦରରେ ବିକ୍ରୟ କରିଥିବା ଅଭିଯୋଗ ହେଉଛି।

ସମ୍ବଲପୁର ଜିଲ୍ଲାର ଚାଷୀମାନେ ଗତ ଏପ୍ରିଲରେ ଧାନ ବିକ୍ରୟ ପାଇଁ ପଞ୍ଜିକରଣ ସମୟରେ ନଭେମ୍ବର ୧ ତାରିଖରୁ ଧାନ ବିକ୍ରୟ କରିବେ ବୋଲି ଉଲ୍ଲେଖ କରିଥିଲେ। ସରକାର ଏନେଇ ପ୍ରାରମ୍ଭରୁ ଅବଗତ ଥିଲେ। ତେବେ, ଡିଏଲପିସି ବୈଠକ ବହୁ ବିଳମ୍ବରେ ନଭେମ୍ବର ୧୭ ତାରିଖ ହୋଇଥିଲା। ସେଠାରେ ଚାଷୀ ୨୦ରେ ଧାନ କ୍ରୟ ଆରମ୍ଭ କରିବାକୁ ଦାବି କରିଥିବାବେଳେ ପ୍ରଶାସନ ପକ୍ଷରୁ ନଭେମ୍ବର ୨୮ରୁ ଧାନ କ୍ରୟ ପାଇଁ ନିଷ୍ପତ୍ତି ନିଆଗଲା। ଅନ୍ୟପକ୍ଷରେ ମିଲର୍‌ମାନେ ଯୋଗାଣ ବିଭାଗ ସହିତ ଏଗ୍ରିମେଣ୍ଟ କରିନଥିବାରୁ ଧାନ ଉଠାଇଲେ ନାହିଁ। ଏସବୁ ଭିତରେ ଧାନ ଚାଷ କରିଥିବା ଚାଷୀ ହରଡ଼ଘଣାରେ ପଡ଼ି ଶେଷରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେଲା।

ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ସଭାପତି ବ୍ୟୋମକେଶ ଠାକୁର କହିଛନ୍ତି, ଚାଷୀ ତିନିଦିନ ଧରି ଲଢ଼େଇ କଲାପରେ ୨ ତାରିଖରୁ ଧାନକିଣା ଆରମ୍ଭ ହୋଇଛି। ମିଲର୍ ଏଗ୍ରିମେଣ୍ଟ କରିଛନ୍ତି, ଆଇରିସ ସ୍କାନିଂ ମଧ୍ୟ ଆରମ୍ଭ ହେଲାଣି। ସମ୍ବଲପୁର ଜିଲ୍ଲାର ପଞ୍ଜିକୃତ କରିଥିବା ଚାଷୀଙ୍କଠାରୁ କେବଳ ୫୨ ହଜାର ଚାଷୀଙ୍କ ଟୋକନ ଆସିଛି, ତାହା ମଧ୍ୟ କେବଳ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ। ବାକି ୧୯ ହଜାର ଚାଷୀଙ୍କ ଟୋକନ ଏପର୍ଯ୍ୟନ୍ତ ଆସିନାହିଁ, ସେମାନେ ସୋସାଇଟିରୁ ମଣ୍ଡି ଓ ମଣ୍ଡିରୁ ସୋସାଇଟିକୁ ଦୌଡ଼ ଲଗାଉଛନ୍ତି। ଟୋକନ ନଆସିବାର କାରଣ ପ୍ରଶାସନିକ ଅଧିକାରୀମାନେ କହିପାରୁନାହାନ୍ତି। ଯେଉଁ ଚାଷୀ ୧୨୦ କ୍ୱିଣ୍ଟାଲ ଧାନ ବିକ୍ରୟ କରିପାରିବ, ତାକୁ ୭୫ କ୍ୱିଣ୍ଟାଲ ବିକ୍ରୟ ପାଇଁ ଟୋକନ ଦିଆହୋଇଛି। ସେ ୭୫ କ୍ୱିଣ୍ଟାଲ ବିକ୍ରୟ କରିବାପରେ ବସିରହୁଛି। ଦୁଇଦିନ ମଧ୍ୟରେ ଟୋକନ ସମସ୍ୟାର ସମାଧାନ ନହେଲେ ଆଗରୁ ଯେଉଁ ମିଲର୍ ଅସହଯୋଗ ପାଇଁ ଧାନ କିଣାବିକା ବନ୍ଦ ହୋଇଥିଲା, ଏବେ ଟୋକନ ସମସ୍ୟା ପାଇଁ ଧାନ କିଣାବିକା ବନ୍ଦ ହେବ। ଆମକୁ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ପଡ଼ିବ ବୋଲି ସଭାପତି ଶ୍ରୀ ଠାକୁର ଚେତାବନୀ ଦେଇଛନ୍ତି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଅଶୋକ ପ୍ରଧାନ କହିଛନ୍ତି, ଓଡ଼ିଶାର ଇତିହାସରେ ଏହି ପ୍ରକାରର ପରିସ୍ଥିତି ଆମେ କେବେ ଦେଖିନାହୁଁ। ସରକାର କହିଲେ ନଭେମ୍ବର ୧ରୁ ଧାନ କିଣାବିକା ଆରମ୍ଭ ହେବ, ଆମର ଦୁଇଟି ସ୍ଲଟ୍ ୧ରୁ ୧୫ ଓ ୧୬ରୁ ୩୦ ନଷ୍ଟ ହୋଇଗଲା। ମଣ୍ଡି ଖୋଲିଲା ପରେ ସବୁ ସ୍ୱାଭାବିକ ହେବ ବୋଲି ଆଶା କରୁଥିବାବେଳେ ପ୍ରଥମ ଦିନରୁ ହିଁ ଜଣାପଡ଼ିଗଲା ଯେ ସରକାରଙ୍କ ପାଖରେ ପ୍ରସ୍ତୁତି ନାହିଁ। ଗୋଟିଏ ଚାଷୀର ଯଦି ତିନୋଟି ଟୋକନ ତାରିଖ ଅନୁଯାୟୀ ଥିବ, ପୂର୍ବରୁ ଏକ ସମୟରେ ତାହାକୁ ପଠାଇ ଦିଆଯାଉଥିଲା। କିନ୍ତୁ ପ୍ରଥମଥର ପାଇଁ ଚାଷୀର ଗୋଟିଏ ଟୋକନ ଆସିଛି, ଅନ୍ୟ ଟୋକନ ପାଇଁ ଚାଷୀ ଅପେକ୍ଷା କରିଛି। ପୁଣି କେତେକ ଚାଷୀଙ୍କ ଟୋକନ ଆଦୌ ଆସିନାହିଁ। ଭୁବନେଶ୍ୱରରୁ ଯଦି ସେମାନେ ସମସ୍ତ ଟୋକନ ଦୁଇଦିନ ମଧ୍ୟରେ ନଛାଡ଼ିଲେ, ପୁଣି ଏକ ଅଚଳାବସ୍ଥା ସୃଷ୍ଟି ହେବ ବୋଲି ସେ କହିଛନ୍ତି।

ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି, ଧାନସଂଗ୍ରହ ପ୍ରକ୍ରିୟା ସୁରୁଖୁରୁରେ ଆରମ୍ଭ ହୋଇଛି। ଯେଉଁ ସ୍ଥାନରୁ ଅଭିଯୋଗ ଆସିଛି, ଅଧିକାରୀ ଯାଇ ତୁରନ୍ତ ସମାଧାନ କରୁଛନ୍ତି। କାଁଭାଁ ଏଭଳି ଅଭିଯୋଗ ଆସିଛି। ପାଖାପାଖି ୫୦ ହଜାର ଟୋକନ ଆସିଯାଇଛି। ସାଟେଲାଇଟ ସର୍ଭେର ଯାଞ୍ଚ ରିପୋର୍ଟ ବାକିଥିଲା, ତାହା ମଧ୍ୟ ସରିଯାଇଛି। ଦିନେ-ଦି'ଦିନ ମଧ୍ୟରେ ବଳକା ଟୋକନ ଆସିଯିବ ବୋଲି ଜିଲ୍ଲାପାଳ ଶ୍ରୀ ବୋନ୍ଦର ସୂଚନା ଦେଇଛନ୍ତି।

■ ସରକାରଙ୍କ କ୍ରୟ ନୀତିକୁ ବେଖାତିର

## କୁଟୁରାଚୁଆଁମଣ୍ଡିରୁ ୩ହଜାର ପ୍ୟାକେଟ ନନ ଏଫ୍ଏକ୍ୟୁ ଧାନ କିଣା

କୁଚିଣ୍ଡା, ୪।୧୨(ସମିସ): ଗୁରୁବାର କୁଟୁରାଚୁଆଁ ମଣ୍ଡିରୁ କୁଚିଣ୍ଡା ଲ୍ୟାମ୍ପ ୨୭ ଜଣ ଚାଷୀଙ୍କ ୩ହଜାର ପ୍ୟାକେଟ ନନ ଏଫଏକ୍ୟୁ ଧାନ କିଣିଛି। ଅନ୍ୟ ପକ୍ଷରେ ନନ ଏଫଏକ୍ୟୁ ଧାନ କିପରି କିଣିଲେ ବୋଲି କୁଚିଣ୍ଡା ସହକାରୀ ଯୋଗାଣ ନିରୀକ୍ଷକଙ୍କୁ ପଚାରିବାରୁ ଚାଷୀ ଏବଂ ମିଲରଙ୍କ ଭିତରେ ବୁଝାମଣା ହୋଇ ଧାନ କିଣା ହୋଇଛି ବୋଲି ଉତ୍ତର ଦେଇଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କୁଟୁରାଚୁଆଁ ମଣ୍ଡି ଖୋଲିବା ପରେ ଗତ ମଙ୍ଗଳବାର ଦିନ ୨ ଜଣ ଚାଷୀ ଏକ ବଡ ଗାଡ଼ିରେ ଧାନ ମଣ୍ଡିକୁ ଧାନ ବିକ୍ରି ପାଇଁ ଆଣିଥିଲେ। ତେବେ ଧାନର ମାନ ପରୀକ୍ଷା କରାଯିବାକୁ ନେଇ ସେଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହେବାରୁ ସେ ଦିନ ଧାନ କିଣା ବିକା ହୋଇ ପାରି ନ ଥିଲା। ଫଳରେ ଚାଷୀମାନେ ଧାନ ଗାଡ଼ି ନେଇ ଫେରି ଯାଇଥିଲେ। ଗୁରୁବାର ବଡ ବଡ ୬ ଟି ଗାଡ଼ିରେ ୨୭ ଜଣ ଚାଷୀ ୩୦୦୦ ବସ୍ତା ଧାନ ମଣ୍ଡିକୁ ବିକ୍ରି ପାଇଁ ଆଣିଥିଲେ। ତେବେ ସରକାରୀ ନିୟମକୁ ବେଖାତିର କରି ସମସ୍ତ ଧାନକୁ ପରୀକ୍ଷା ନ କରି, ଧାନର ଆଦ୍ରତା ଯାଞ୍ଚ ନ କରି ଏବଂ ଓଜନ ନକରି ମଣ୍ଡିକୁ ପହଞ୍ଚି ଥିବା ସମସ୍ତ ୩ହଜାର ବସ୍ତା ଧାନକୁ କୁଚିଣ୍ଡା ଲ୍ୟାମ୍ପ ପକ୍ଷରୁ କିଣା ଯାଇଥିଲା। ଏପରିକି ମଣ୍ଡିକୁ ଆଦୌ ନ ଆସି ରାସ୍ତା ଉପରେ ଧାନ ଲୋଡ କରି ଛିଡ଼ା ହୋଇଥିବା ଗାଡ଼ି ପାଖକୁ କୌଣସି କର୍ମଚାରୀ ନ ଯାଇ ସେହି ରାସ୍ତା ଉପରୁ ହିଁ ଧାନ କିଣା ହୋଇଥିଲା। ଏହି ପକ୍ରିୟାରେ ଧାନ କିଣାକୁ ସେଠାରେ ଉପସ୍ଥିତ ଥିବା କିଛି ଚାଷୀ ବିରୋଧ କରିଥିଲେ ମଧ୍ୟ ସେ ସବୁକୁ ବେଖାତିର କରି ଧାନ କିଣା ଯାଇଥିଲା। ମାତ୍ର ଏହି କିଣା ବିକା ପଛରେ କଣ ରହସ୍ୟ ରହିଛି ତାହା ସବୁଠି ଚର୍ଚ୍ଚାର ବିଷୟ ହୋଇଛି। ତେବେ ଧାନ କିଣା ସମୟରେ ମଣ୍ଡିକୁ ପହଞ୍ଚି ଥିବା କୁଚିଣ୍ଡାର ସହକାରୀ ଯୋଗାଣ ନିରୀକ୍ଷକ ରାଜ କିଶୋର ସ୍ୱାଇଁଙ୍କୁ ନନ ଏଫଏକ୍ୟୁ ଧାନ କିପରି କିଣାହେଲା ବୋଲି ପଚାରିବାରୁ ଚାଷୀ ଏବଂ ମିଲରଙ୍କ ଭିତରେ ବୁଝାମଣା ହୋଇ ଧାନ କିଣା ଯାଇଛି ବୋଲି ସେ କହିଥିଲେ।

# ଜିଏମ୍‌ୟୁରେ ଷ୍ଟାର୍ଟଅପ୍ ଆଇଡିଆ ପିଚିଂ ପ୍ରତିଯୋଗିତା

ସମ୍ବଲପୁର, ୪।୧୨ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ନବୀନ ବ୍ୟବସାୟ ଓ ପ୍ରସ୍ତୁତିକରଣ କେନ୍ଦ୍ର ଆନୁକୂଲ୍ୟରେ 'ଷ୍ଟାର୍ଟଅପ୍ ଆଇଡିଆ ପିଚିଂ ପ୍ରତିଯୋଗିତା' ସହିତ 'ନବୀନ ଓ ଉଦ୍ଭାବନଶୀଳ ଉତ୍ପାଦମାନଙ୍କର



ପ୍ରଦର୍ଶନୀ ଓ କ୍ରୟ ବିକ୍ରୟ' ଶୀର୍ଷକ ଦୁଇଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗୀୟ ମୁଖ୍ୟ ତଥା କାର୍ଯ୍ୟକ୍ରମ ସଂଯୋଜକ ଡଃ ପ୍ରିୟବ୍ରତ ପଣ୍ଡା ଯୋଗଦେଇ ଏହି ପ୍ଲାଟଫର୍ମ ଛାତ୍ରମାନଙ୍କ ନବଚିନ୍ତନକୁ ବ୍ୟବହାରିକ ଆକାର ଦେବାରେ କିପରି ସହାୟକ ହେବ ସେସମ୍ପର୍କରେ ଉପସ୍ଥାପନା କରିଥିଲେ। ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଛାତ୍ରଛାତ୍ରୀମାନେ ନିଜର ନବୋନ୍ମେଷୀ ବ୍ୟବସାୟ ଧାରଣା, ପ୍ରଟୋଟାଇପ୍ ବା ଆଦିମ ମଡେଲ୍ ଓ ନବୀନ ଉତ୍ପାଦ ପ୍ରଦର୍ଶନ କରି ବିଶ୍ୱବିଦ୍ୟାଳୟର ଉଦ୍ୟମୀତା ସଂସ୍କୃତିକୁ ଅଧିକ ସକ୍ରିୟ କରିଥିଲେ। ପ୍ରତ୍ୟେକ ପ୍ରତିଯୋଗୀ ନିଜ ଆଇଡିଆର ବଜାର ସମ୍ଭାବନା, ବ୍ୟାପାର ମଡେଲ୍, ସମସ୍ୟା ଓ ସମାଧାନ ଧାରଣା ଏବଂ ଭବିଷ୍ୟତ ବିକାଶ ପରିକଳ୍ପନାକୁ ଉନ୍ନତମାନର ସହ ପ୍ରସ୍ତୁତ କରିଥିଲେ। ବିଶ୍ୱବିଦ୍ୟାଳୟର ବିତ୍ତ ନିୟନ୍ତ୍ରକ ଜଗନ୍ନାଥ ରାଉତ ଓ ପଦାର୍ଥ ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ପ୍ରମୋଦ ସାମଲ ଯୋଗଦେଇ ପ୍ରତିଯୋଗୀମାନଙ୍କ ପିଚ୍ ପ୍ରଦର୍ଶନକୁ ବ୍ୟାପକ ଭାବରେ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସହକାରୀ ଅଧ୍ୟାପକ ଡଃ ପ୍ରଦୋଶ ଆଚାର୍ଯ୍ୟ, ଡ.ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ, ଡ. କ୍ଷୀରୋଦ ଚନ୍ଦ୍ର ମହାରଣା, ଅରୁଣା ଶର୍ମା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନାତ୍ମକ ଚିନ୍ତା ଓ ଉଦ୍ୟମକୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ତନୁଶ୍ରୀ ଭୋଇ ଓ ବିପ୍ଳବିନୀ ରାଉତ ପ୍ରଥମ, ପ୍ରିୟାଂଶ କୁମାର ଗୁପ୍ତା ଦ୍ୱିତୀୟ ଏବଂ ଶୁଭମ୍ କୁମାର ତୃତୀୟ ସ୍ଥାନ ହାସଲ କରିଥିଲେ।

ଘର ସମ୍ମୁଖରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର ଘଟଣା

# ସମ୍ପତ୍ତି ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ

ସମ୍ବଲପୁର, ୪।୧୨ (ସମିସ): ଅଇଁଠାପାଲି ଥାନା ଶାନ୍ତିନଗରର ଘର ସମ୍ମୁଖ ଡ୍ରେନରୁ ବୁଧବାର ୧୫ ବର୍ଷିଆ ନାବାଳିକା ସାଇ ଶ୍ରଦ୍ଧା ମିଶ୍ରଙ୍କ ସନ୍ଦେହଜନକ ଭାବେ ମୃତଦେହ ଉଦ୍ଧାର କରାଯାଇଥିଲା।ସମ୍ପତ୍ତି ପାଇଁ ଭାଣିଜିଙ୍କୁ ହତ୍ୟା କରାଯାଇଥିବା ଅନୁଗୁଳରୁ ମାମୁ ଘର ଲୋକ ଅଭିଯୋଗ କରିଛନ୍ତି। ମାମୁ ଘର ଲୋକ କହିଛନ୍ତି, ୨୦୧୪ରେ ସାଇଙ୍କ ପିତାଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ୩ ବର୍ଷ ପରେ ୨୦୧୭ରେ ସାଇଙ୍କ ମାଆ ଆତ୍ମହତ୍ୟା କରିଥିଲେ। ମାଙ୍କ ଆତ୍ମହତ୍ୟା ପରେ ମାମୁ ଘର ଲୋକ ଅଇଁଠାପାଲି ଥାନାରେ ଅଭିଯୋଗ ମଧ୍ୟ କରିଥିଲେ। ଏହା ପରେ ମାମୁ ଘର ଲୋକଙ୍କ ସହ ସାଇଙ୍କୁ ଦେଖା କରିବାର ସୁଯୋଗ ଦେଉନଥିଲେ। ନିଜ ଭଉଣୀଙ୍କୁ ହତ୍ୟା କରାଯାଇଛି, ଆତ୍ମହତ୍ୟା କରିନାହାନ୍ତି ବୋଲି ସାଇଙ୍କ ମାମୁ ମଧ୍ୟ ଏ ଅଭିଯୋଗ ଆଣିଛନ୍ତି। ମାଙ୍କୁ ହତ୍ୟା ବେଳେ ଭାଣିଜି ଦେଖିଥିଲେ। ତେଣୁ ସାଇଙ୍କୁ ମଧ୍ୟ ହତ୍ୟା କରାଯାଇଛି ବୋଲି ତାଙ୍କ ମାମୁ ଘର ଆଇ କହିଛନ୍ତି। ବାପା ମାଙ୍କ ମୃତ୍ୟୁ ପରେ ସମସ୍ତ ସମ୍ପତ୍ତି ସାଇଙ୍କ ନାମରେ ରହିଛି। ତେଣୁ ୧୮ ବର୍ଷ ହେବା ପୂର୍ବରୁ ସାଇକୁ ହତ୍ୟା କରାଯାଇଥିବା ସେମାନେ କହିଛନ୍ତି।

**ପିଉସୀଙ୍କ ଖଣ୍ଡନ**

ସେପଟେ ହତ୍ୟା ଅଭିଯୋଗକୁ ସାଇଙ୍କ ପିଉସୀ ଖଣ୍ଡନ କରିଛନ୍ତି। ସୂଚନା ଅନୁସାରେ ଗତକାଲି ଘର ସମ୍ମୁଖ ସଂକୁଚିତ ଡ୍ରେନରୁ ସାଇଙ୍କ ମୃତ ଦେହ ଉଦ୍ଧାର ମିଳିଥିଲା। ପାଖରେ ସ୍କୁଟି ପଡ଼ିରହିଥିଲା। ଦେହରେ କ୍ଷତି ଚିହ୍ନ ରହିଥିବାରୁ ଦୁର୍ଘଟଣା ବୋଲି ପୁଲିସ ସନ୍ଦେହ କରି ଦୁର୍ଘଟଣା ଜନିତ ମାମଲା ରୁଜୁ କରିଛି। ଏହା ହତ୍ୟା ନା ଦୁର୍ଘଟଣା ତାହା ତଦନ୍ତ ଚାଲୁଛି। ମାମୁ ଘର ଲୋକ ଲିଖିତ ଭାବେ ଅଇଁଠାପାଲି ଥାନାରେ ଅଭିଯୋଗ କରିନାହାନ୍ତି ବୋଲି ବୋଲି ସଦର ଏସ୍‌ଡିପିଓ ତୋଫାନ ବାଗ କହିଛନ୍ତି।

# ୧୧ପଡ଼ା ଖୋଲା ଶୌଚମୁକ୍ତ



ସମ୍ବଲପୁର, ୪।୧୨ (ସମିସ): ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ୱାସ ପଦକ୍ଷେପ ଦ୍ୱାରା ଲପଙ୍ଗା ପଞ୍ଚାୟତର ୧୧ଟି ପଡ଼ା ଖୋଲା ମଳତ୍ୟାଗ ମୁକ୍ତ ଓ ଖୋଲା ଅଳିଆ ମୁକ୍ତ ହୋଇ ପାରିଛି। ଏହି ପ୍ରକଳ୍ପ ଫିଡବ୍ୟାକ ଫାଉଣ୍ଡେସନ ଚାରିଟେବଲ ଟ୍ରଷ୍ଟ ସହଭାଗୀତାରେ କାର୍ଯ୍ୟକାରୀ ହୋଇଛି। ବିଭିନ୍ନ ସ୍ଥାନ ପରିଦର୍ଶନକରି ଲୋକଙ୍କୁ ସଚେତନ କରାଯାଇଥିଲା।ଫଳରେ ଏହି ସଫଳତା ହାସଲ ପରେ ଆଜି ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ମମତା ବେହେରା, ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ସମ୍ବଲପୁର ଝାରସୁଗୁଡ଼ା ମୁଖ୍ୟ ବିଶାଳ ରାଜ, ପିଇଓ ବିଶ୍ୱଜିତ ଶର୍ମା, ସମିତି ସଭ୍ୟ କିରଣ ବେହେରା, ପିଣ୍ଟୁ ବେହେରା, ବିଆରସି ହରିଶଙ୍କର କାଉଡ଼ି, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରିନ୍ସପାଲ ମନୋଜ କୁମାର ନାୟକ, ମୁକୁନ୍ଦ ବେହେରା ଓ ମନୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା, ପରିମଳ ସମ୍ପର୍କରେ ଆଲୋକପାତ ହୋଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତି କାର୍ଯ୍ୟକ୍ରମ ହୋଇଥିଲା। ଛାତ୍ରଛାତ୍ରୀ, ନିଗରାଣୀ କମିଟି, ଏମବିକେ, ୯ ଜଣ ସିଆରପିଙ୍କୁ ପୁରସ୍କୃତ କରାଯାଇଥିଲା।

# ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଦିବ୍ୟାଙ୍ଗଙ୍କୁ ସମ୍ବର୍ଦ୍ଧନା



ସମ୍ବଲପୁର, ୪।୧୨ (ସମିସ) : ଭୁବନେଶ୍ୱରଠାରେ 'ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ୨୦୨୫' ଅବସରରେ ଆୟୋଜିତ ବିଭିନ୍ନ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁରର ବୁର୍ଲା ସ୍ପେଶାଲ୍ ସ୍କୁଲ୍ ଫର୍ ଦ ଡେଫ୍ ଏବଂ ଆଇଆଇସି ବୈଜାମୁଣ୍ଡାର ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସେମାନେ ଆସି ସମ୍ବଲପୁରରେ ପହଞ୍ଚିବା ପରେ ଗୁରୁବାର ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାପାଳ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବାସହ ସେମାନଙ୍କ ଦକ୍ଷତାର ପ୍ରଶଂସା କରିଥିଲେ। ଏହାସହ ପିଲାମାନଙ୍କୁ ଜିଲ୍ଲା ପାଣ୍ଠିରୁ ସେମାନଙ୍କୁ ସବୁ ସୁବିଧା ସୁଯୋଗ ଯୋଗାଇଦେବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ ଆହୁରି ପରିଶ୍ରମ କରି ଉନ୍ନତି କରିବାକୁ ସେ ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୌରଚନ୍ଦ୍ର ପାଣି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଉଜାଗର ପଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲ୍ଲୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାର ଭିନ୍ନକ୍ଷମ ଛାତ୍ରଛାତ୍ରୀ ୭ଟି ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାର ଆଇଲେଟିକ୍ ଇଭେଣ୍ଟରେ ପୂଜା ଓରାମ ୧୦୦ ମିଟର୍ ଦୌଡ଼ରେ ପ୍ରଥମ ସ୍ଥାନ ହାସଲ କରିବା ସହିତ ସଟ୍‌ପୁଟ୍‌ରେ ମଧ୍ୟ ପ୍ରଥମ ସ୍ଥାନ ପାଇଛନ୍ତି। ଲିଜା ଓରାମ୍ ସଟ୍‌ପୁଟ୍‌ରେ ପ୍ରଥମ ସ୍ଥାନ ଓ ମହିମା ପଧାନ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚିତ୍ରାଙ୍କନ ପ୍ରତିଯୋଗିତାରେ ମଧ୍ୟ ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ଚିତ୍ରାଙ୍କନ ଜୁନିଅର୍ ବାଳିକା ବର୍ଗରେ ପ୍ରିୟା ସାହୁ ପ୍ରଥମ ସ୍ଥାନ, ସବଜୁନିଅର୍ ବର୍ଗରେ ସୁବର୍ଣ୍ଣ ଷଡ଼ଙ୍ଗୀ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଜୁନିଅର୍ ବାଳକ ବର୍ଗରେ ରଜତ ଭୋଇ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ସିନିଅର ବାଳକ ବର୍ଗରେ ଶୁଭମ ବାରିକ ପ୍ରଥମ ସ୍ଥାନ ହାସଲ କରିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

# ଆୟୁଷ ଛାତ୍ରଛାତ୍ରୀ ଆନ୍ଦୋଳନକୁ ୨୯ ଦିନ



ସମ୍ବଲପୁର, ୪।୧୨ (ସମିସ): ଆୟୁଷ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନକୁ ୨୯ ଦିନ ପୂରିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଆୟୁଷ ସଂଘ ନିଜର ଦାବିକୁ ଜଣାଇଥିଲା। ହେଲେ କୌଣସି ସମାଧାନ ହୋଇପାରିଲା ନାହି। ସମ୍ବଲପୁରସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ୍ ହୋମିଓପାଥି ଆଣ୍ଡ ରିସର୍ଚ୍ଚର ଛାତ୍ରଛାତ୍ରୀ ଗୁରୁବାର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି। ସୂଚନା ଅନୁସାରେ କଲେଜ ସମ୍ମୁଖରେ ୧୧ ଦିନ ହେଲାଣି ତାଲା ପଡ଼ିଛି। ୫ ଦିନ ହେଲାଣି ଦିନରାତି ଧାରଣାରେ ବସିଛନ୍ତି। ୩ ଦିନ ପୂର୍ବରୁ ସଂଘ ପକ୍ଷରୁ ଛାତ୍ରଛାତ୍ରୀ ନିଜର ଧଳା ୟୁନିଫର୍ମ ବର୍ଜନ କରିଛନ୍ତି।

**ଦିନରାତି ଧାରଣାରେ ବସିଛନ୍ତି ବିଦ୍ୟାର୍ଥୀ**

# ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର, ୪।୧୨(ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଦୁଇ ଦିନିଆ ଜିଲ୍ଲା କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ସମ୍ପନ୍ନ ହୋଇଛି। ପ୍ରାୟ ୧୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସମ୍ବଲପୁର ଆଥ୍‌ଲେଟିକ କ୍ଲବର ୬୦ ଜଣ ପ୍ରତିଯୋଗୀ ରହିଥିଲେ। ସମ୍ବଲପୁର ଆଥଲେଟିକ କ୍ଲବର ଅଣ୍ଡର ୧୮ ବାଳିକା ବର୍ଗ ଓ ପୁରୁଷ ବର୍ଗ ଗ୍ରୁପ ଚାମ୍ପିଅନ ହୋଇଥିଲେ। କ୍ଲବର ୪୦ ଜଣ ପ୍ରତିଯୋଗୀ ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତା ପାଇଁ କ୍ଲବ୍‌ର ସଭାପତି ଅଶୋକ ପ୍ରଧାନ, ସମ୍ପାଦକ ଅନ୍ତର୍ଜାତୀୟ ମାଷ୍ଟର କ୍ରୀଡ଼ାବିତ ସୁନ୍ଦରମଣି ବାରିକ, ଉପସଭାପତି ସିମାଞ୍ଚଳ ସେଠି ପ୍ରମୁଖଙ୍କୁ ଧନ୍ୟବାଦ ଦିଆଯାଇଥିଲା।



# ଜିଏମ୍‌ୟୁ ବାଣିଜ୍ୟ ବିଭାଗ ପକ୍ଷରୁ ପୋଷ୍ଟର ଉପସ୍ଥାପନା କାର୍ଯ୍ୟକ୍ରମ

ସମ୍ବଲପୁର, ୪।୧୨ (ସମିସ)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଗୁରୁବାର ଅଧ୍ୟାପନା ପ୍ରକୋଷ୍ଠ ପରିସରରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ 'ଗବେଷଣା ପଦ୍ଧତିଶାସ୍ତ୍ର' ସମ୍ପର୍କିତ ପୋଷ୍ଟର ଉପସ୍ଥାପନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ମୁଖ୍ୟ ଡଃ ପ୍ରିୟବ୍ରତ ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ ସୁଶାନ୍ତ କୁମାର ଦାସ ଛାତ୍ରଛାତ୍ରୀ ମାନଙ୍କ ପୋଷ୍ଟର ଉପସ୍ଥାପନାକୁ ପରିଦର୍ଶନ କରିବାସହ ଉତ୍ସାହିତ କରିଥିଲେ। ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ ସହକାରୀ ଅଧ୍ୟାପକ ଡଃ ପ୍ରିୟଦର୍ଶୀ ଯୋଶୀ





ପ୍ରତିଯୋଗୀମାନଙ୍କ ପୋଷ୍ଟର ପ୍ରଦର୍ଶନୀକୁ ମୂଲ୍ୟାଙ୍କନ କରିଥିଲେ। ପ୍ରତିଯୋଗୀମାନେ ଗବେଷଣାର ବିଭିନ୍ନ ମାପଦଣ୍ଡ, ପଦ୍ଧତି, ପ୍ରବୃତ୍ତି ଓ ପ୍ରାୟୋଗିକ ଦୃଷ୍ଟିକୋଣକୁ ସୃଜନଶୀଳ ପୋଷ୍ଟର ମାଧ୍ୟମରେ ପ୍ରତିପାଦନ କରିଥିଲେ। ବାଣିଜ୍ୟ ବିଭାଗ ଅଧ୍ୟାପକ ସୁବାସଚନ୍ଦ୍ର ଝାଙ୍କର, ଡଃ କ୍ଷୀରୋଦ ଚନ୍ଦ୍ର ମହାରଣା, ଡଃ ଜ୍ଞାନ ରଞ୍ଜନ ବଳ, ଅମ୍ବରୀଶ ପ୍ରତାପ ସିଂହ, ଅଧ୍ୟାପିକା ସରୋଜା ମେହେର, ଅରୁଣା ଶର୍ମା, ସୁବେଚ୍ଛା ନାୟକ ଓ ଝାନ୍ସିରାଣୀ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପୋଷ୍ଟର ଉପସ୍ଥାପନରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସାଇକିର୍ତ୍ତୀ ବାବୁ ପ୍ରଥମ, ଆଶିଷ ସାହୁ ଦ୍ୱିତୀୟ ଏବଂ ଅନ୍ୱେଷା ନାୟକ ଓ ସୌମ୍ୟରଞ୍ଜନ ମହାପାତ୍ର ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗବେଷଣାମୁଖୀ ଚିନ୍ତାଧାରା, ସୃଜନଶୀଳ ଦୃଷ୍ଟିଭଙ୍ଗୀ ଓ ଶିକ୍ଷାତ୍ମକ ଉତ୍ସାହକୁ ବୃଦ୍ଧି କରିବାରେ ବାଣିଜ୍ୟ ବିଭାଗର ଏହି ପ୍ରୟାସ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ଗୁଣାତ୍ମକ ପଦକ୍ଷେପ ଭାବେ ପ୍ରତିଫଳିତ ହୋଇପାରିଛି।

# କୁଚିଣ୍ଡା ଡେଲି ମାର୍କେଟରେ ଲକ୍ଷ୍ମୀପୂଜା

**କୁଚିଣ୍ଡା, ୪। ୧୨(ସମିସ):** ଗୁରୁବାର କୁଚିଣ୍ଡା ଡେଲି ମାର୍କେଟରେ ମାଁଲକ୍ଷ୍ମୀଙ୍କ ପୂଜୋତ୍ସବ ଆରମ୍ଭ ହୋଇଯାଇଛି। ପୂଜୋତ୍ସବ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ।ପୂଜାର ଆୟୋଜନ ରେ ମାଁ ଲକ୍ଷ୍ମୀ ମନ୍ଦିର ପୂଜା କମିଟି ଓ ମାଁଲକ୍ଷ୍ମୀ ବ୍ୟବସାୟୀ ସଂଘ ଯୁଗମ ଭାବେ ନେତୃତ୍ୱ



ନେଇଛନ୍ତି। ୩ ତାରିଖ ଅଧିବାସ ଓ କଳଶ ଯାତ୍ରା ହୋଇଥିଲା, ୪ ତାରିଖ ମାନବସା ଗୁରୁବାରର ଶେଷ ଗୁରୁବାର ହୋଇଥିବାରୁ ସକାଳ ୭ ଟାରୁ ପୂଜା ଆରମ୍ଭ ହୋଇଥିଲା, ଦିବା ୧୧ଟା ୩୦କୃଷ୍ଣଗୁରୁଙ୍କ ଭଜନ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା, ଅପରାହ୍ନ ୧୨ ଟା ଅନ୍ନଭୋଗ ବିତରଣ କରାଯାଇ, ସନ୍ଧ୍ୟା ୪ଟାରୁ ସାଂସ୍କୃତିକ କାର୍ଯ୍ୟକ୍ରମ କିର୍ତ୍ତନଧାରା, ବରଗଡ଼ ଦ୍ୱାରା ପ୍ରସ୍ତୁତି କରାଯାଇଥିଲା। ଶୁକ୍ରବାର ସକାଳ ୮ ଟାରେ ପୂର୍ଣ୍ଣାହୁତି ପକାଯିବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।ପୂଜା କମିଟିରେ ସଭାପତି (ବ୍ୟବସାୟୀ ସଂଘ) ବିଦ୍ୟାଧର ତନସନା, ଉପସଭାପତି ତ୍ରିନାଥ ପୃଷ୍ଟେଠ, ମନବୋଧ ବାଘ, ସମ୍ପାଦକ ବିପ୍ଳବ କୁମାର ଦାଶ, କୋଷାଧକ୍ଷ ସରାଫତ ମହମ୍ମଦ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।କୁଚିଣ୍ଡା ଡେଲି ମାର୍କେଟରେ ପ୍ରତିବର୍ଷ ହେଉଥିବା ପୂଜୋତ୍ସବ କଳାକାର ସାଂସ୍କୃତିକ ଉତ୍ସବମାନଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦର୍ଶାଏ। ଏବର୍ଷ ମଧ ବହୁ ସଂଖ୍ୟକ ଭକ୍ତ ଓ ଅତିଥିଙ୍କ ଯୋଗଦାନ କରିଥିଲେ।

# ବାଇକ୍ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୁଚିଣ୍ଡା, ୪।୧୨ (ସମିସ);** କୁଚିଣ୍ଡା ଗୋବିନ୍ଦପୁର ଥାନା ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ସନ୍ଧ୍ୟାରେ ବାମରା ନିକଟ ସାଧପଡ଼ାଗ୍ରାମର ରସାନନ୍ଦ କମାର(୩୫)ଘରୁ ଆସି ସାଧପଡ଼ା ଛକର ଆରପଟକୁ ପାରି ହେଉଥିବା ବେଳେ ରେଂଘାପଡ଼ାପଟୁ ଦ୍ରୁତ ଗତିରେ ଆସୁଥିବା ଜଣେ ବାଇକ୍ ଆରୋହୀ ଧକ୍କା ଦେବାରୁ ସେ ରାସ୍ତାରେ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ଖବର ପାଇ ଗୋବିନ୍ଦପୁର ଥାନା ଷ୍ଟାଫ ଓ ଅଗ୍ନିଶମ ବିଭାଗ ପହଞ୍ଚି ଗୋବିନ୍ଦପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଘଟଣା ସ୍ଥଳରେ ନ ଥିବା ଦେଖିବାକୁ ମିଳିଥିଲା। ଦୁର୍ଘଟଣା ପରେ ପୁଲିସ ବାଇକ୍ ନଂଓଡି-୧୬ କେ୨୯୫୦କୁ ଜବତ କରିବା ସହ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ମୃତ ରସାନନ୍ଦଙ୍କ ୩ ଝିଅ ଓ ୧ ପୁଅ ଥିବାବେଳେ, ସମସ୍ତେ ନାବାଳକ ଅଟନ୍ତି। ଘଟଣା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# ଦନ୍ତା ନଦୀରୁ ବେଆଇନ ବାଲି ଚୋରା ଚାଲାଣ, ଥାନାରେ ଅଭିଯୋଗ

**ଭେଡେନ, ୪।୧୨(ସମିସ)**

ଭେଡେନ ଅଞ୍ଚଳରେ ଦିନରାତି ହାଇୱା ଦ୍ୱାରା ନଦୀରେ ମେସିନ ଲଗାଇ, ନିର୍ଭୟରେ ବାଲି ମାଫିଆ ବାଲି ଚୋରା ଚାଲାଣ କରୁଛନ୍ତି। ଭେଡେନ ଦୁଇ ପାର୍ଶ୍ୱରେ ଦନ୍ତା ଓ ଜିରା ନଦୀ ପ୍ରବାହିତ। ଦିନେ ଚିର ପ୍ରବାହିତ ଏହି ନଦୀ ଦ୍ୱୟ ଜଳଯୋଗାଣ ଠୁ ଆରମ୍ଭ କରି ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଇ ଆସୁଥିଲା। ହେଲେ ଆଜି ବାଲି ମାଫିଆଙ୍କ ଯୋଗୁଁ ଶେଷ ନିଶ୍ୱାସ ନେଉଛି ଦନ୍ତା ଓ ଜିରା ନଦୀ। ଦିନରାତି ଚାଲିଛି ବାଲି ଚୋରା ଚାଲାଣ। ଦନ୍ତା ନଦୀ ଠାରେ ନିର୍ମିତ ବ୍ରିଜରୁ ମାତ୍ର ୧୦୦ମିଟର ଦୂରରୁ ମେସିନ ଲଗାଇ ବେଆଇନ ଭାବେ ବାଲି ମାଫିଆ ମାନେ ବାଲି ଚୋରା ଚାଲାଣ କରିବା ସହିତ ନିର୍ମିତ ହୋଇଥିବା ବ୍ରିଜ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଛି। ଏଠାରୁ ବାଲି ମାଫିଆ ମାନେ ବାଲି ଚୋରାରେ ନେଇ ଅନ୍ୟତ୍ର ବିକ୍ରି କରୁଛନ୍ତି। ଫଳରେ ଅଞ୍ଚଳର ଲୋକ ମାନେ ଘର ନିର୍ମାଣ ସହିତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବାଲି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେବା ସହିତ ବାଲି ମାଫିଆ ମାନେ ଅଞ୍ଚଳ ଲୋକଙ୍କୁ ଚଢ଼ା ଦରରେ ବାଲି ବିକ୍ରି କରୁଛନ୍ତି। ବାଲି ମାଫିଆଙ୍କୁ ବିରୋଧ କଲେ ସେମାନେ ଦାଦାଗିରି କରି ଲୋକଙ୍କୁ ଭୟଭୀତ କରିବାର ମଧ୍ୟ ନଜର ଅଛି। ଏନେଇ ବକଟି ପଞ୍ଚାୟତର ପୂର୍ବତନ ସରପଞ୍ଚ ଅରବିନ୍ଦ ହୋତା ଭେଡେନ ଥାନରେ ଅଭିଯୋଗ କରିଥିବା ସହିତ ବାଲି ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ପ୍ରକାଶ କରିଛନ୍ତି।



# ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୪।୧୨ (ସମିସ) :** ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରେମାନନ୍ଦ ପାଢ଼ୀ (୮୨)ଙ୍କ ଗତ ୨୬ ତାରିଖରେ ପରଲୋକ ହୋଇଯାଇଚି। ତାଙ୍କ ବିୟୋଗରେ ଜିଲ୍ଲାସ୍କୁଲ ସଭାକକ୍ଷରେ ବର୍ଷାଆନ ଶିକ୍ଷକ



ରଘୁନାଥ ପୂଜାରୀଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଏବଂ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀ ତଥା ପୁରାତନ ଛାତ୍ରମାନେ ତାଙ୍କ ସ୍ମୃତିଚାରଣ କରିଥିଲେ। ଶୋକସଭାରେ ରାଧାଚରଣ ମେହେର, ଦୋଳଗୋବିନ୍ଦ ସାହୁ, ହୃଷିକେଶ ବଡ଼ାଇ, ଭଗିରଥୀ ପ୍ରଧାନ, ବିହାରୀଲାଲ ମହାନ୍ତି, ରାମେଶ୍ୱର ପାଢ଼ୀ, ସିଭିଲ କୁମାର ନାଏକ, ଅଚ୍ୟୁତାନନ୍ଦ ପଟେଲ, ପ୍ରତିଭା ଦେବୀ, ସୁଷମା ଗୁରୁ, ଦିଲ୍ଲୀପ କୁମାର ପ୍ରଧାନ, କୁଳମଣି ଦାଶ, ଆଶୁତୋଷ ହୋତା, ବିଘ୍ନେଶ୍ୱର ପାରିଗ୍ରାହୀ ପ୍ରମୁଖ ଜିଲ୍ଲା ସ୍କୁଲର ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଭୀମଭୋଇ ମହାବିଦ୍ୟାଳୟରେ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ

**ରେଢ଼ାଖୋଲ, ୪।୧୨(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ଗୁରୁବାର ଦିନ ଓଡ୍ରାଫ୍ ତରଫରୁ ଦୁଇଦିନିଆ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ କଲେଜର ଅଧକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧକ୍ଷତା କରିଥିଲେ। ୩ ତାରିଖରୁ ଆରମ୍ଭ ହେଇଥିବା ପ୍ରଶିକ୍ଷଣ ଶିବିରକୁ ଓଏସଏପି ଦ୍ୱିତୀୟ ବାଟାଲିୟନ୍, ଝାରସୁଗୁଡ଼ାର ଓଡ୍ରାଫ୍ ୟୁନିଟ୍ ସବ୍ ଇନ୍ସପେକ୍ଟର ତେଜ୍ ବାହାଦୁର ଗୁରୁଙ୍ଗଙ୍କ ନେତୃତ୍ୱରେଛଅ ଜଣିଆ ଦଳ ପରିଚାଳନା କରିଥିଲେ। ଭୀମଭୋଇ ମହାବିଦ୍ୟାଳୟ, ଗୌରଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ରାଣୀ ଅନ୍ନପୂର୍ଣ୍ଣା ବାଳିକା ବିଦ୍ୟାଳୟ ଓ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏନସିସି କ୍ୟାଡେଟ, ସ୍କାଉଡ ଓ ଗାଇଡଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଭୀମଭୋଇ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅରୁଣ କୁମାର ଶାସନି, ଏନସିସି





ଅଧିକାରୀ ସୁଶାନ୍ତ କେରକେଟା ଓ ପ୍ରଭୁଜୀ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଏନସିସି ଅଧିକାରୀ ନୃସିଂହ ଚରଣ ମୁଦୁଲି ପରିଚାଳନାରେ ସହଯୋଗ କରିଥିଲେ।ଶିବିରରେ ଶିବିରାର୍ଥିଙ୍କୁ ମୁଖ୍ୟତଃ ବନ୍ୟା, ବାତ୍ୟା, ଭୂମିକମ୍ପ ଓ ସୁନାମି ପରି ପ୍ରାକୃତିକ ବିପର୍ଯ୍ୟୟ ଏବଂ ବିଭିନ୍ନ ପ୍ରକାରର ମନୁଷ୍ୟକୃତ ବିପର୍ଯ୍ୟୟ ଗୁଡ଼ିକ ସମ୍ମୁଖୀନ ହେବାର କୌଶଳ ଗୁଡ଼ିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହା ସହିତ ସିପିଆର ସମେତ ବିଭିନ୍ନ ପ୍ରକାରର ପ୍ରାଥମିକ ଚିକିତ୍ସା ବାବଦରେ ଶିବିରାର୍ଥିଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ମା'ତାରିଣୀ ମେଳା ବାର୍ଷିକ ଉତ୍ସବ

**ରେଢ଼ାଖୋଲ, ୪।୧୨ (ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରଏଲଆଇସି କଲୋନୀସ୍ଥିତ ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ଦିନ ବାର୍ଷିକୋତ୍ସବ ମା' ତାରିଣୀ ମେଳା ଅନୁଷ୍ଠିତ ହୋଇଯାଇଛି।ମେଳା ଅବସରରେ ସକାଳୁ ଘଣ୍ଟ, ବାଦ୍ୟ, କୀର୍ତ୍ତନ, ଦୁଲଦୁଲି, ନାମକିର୍ତ୍ତନ କରି ଶତାଧିକ ମହିଳା ପୁରୁଷ କଳସୀ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ବିଦ୍ଧିବିଦ୍ଧ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ସହିତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସହିତ ସହସ୍ରାଧିକ ଭକ୍ତଙ୍କ ସମାଗମରେ ମହୋତ୍ସବ ଶାନ୍ତି ଶୃଙ୍ଖଳା ସହିତ ପାଳନ ହୋଇଯାଇଛି। କର୍ତ୍ତା ଭାବରେ ସପତ୍ନି ସହିତ ସିଦ୍ଧାର୍ଥ ପ୍ରଧାନ ଦାୟିତ୍ୱ ତୁଲାଇଥିଲେ। ମନ୍ଦିର ମୁଖ୍ୟ ପୂଜକ ଶିଶିର ମହାପାତ୍ର, କମିଟି ସଭାପତି ଜ୍ଞାନ ରଞ୍ଜନ ପ୍ରଧାନ, ସମ୍ପାଦକ ସନ୍ଦୀପ ଦେହୁରୀ, କୋଷାଧକ୍ଷ ସୁଦିନ ରାଏ, ସହକୋଷାଧକ୍ଷ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଖଗେଶ୍ୱର ପ୍ରଧାନ, ଲକ୍ଷ୍ମୀକାନ୍ତ ସାହୁ, ଦେବବ୍ରତ ରାଉତ, ସୁରଥ କୁମାର ସାହୁ, ସତ୍ୟନାରାୟଣ ପ୍ରଧାନ, ଖେଳନିଧି ପ୍ରଧାନ, ବଳରାମ ଧଳ, ସଚିଦାନନ୍ଦ ସାହୁ, ଜୟନ୍ତ ପ୍ରଧାନ, ଭବାନିଶଙ୍କର ଦାସ, ପରମେଶ୍ୱର ପ୍ରଧାନ, ବିମ୍ବାଧର ନାଗ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ବିଦ୍ୟାବିକାଶ କ୍ୟାମ୍ପସରେ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର, ୪।୧୨ (ସମିସ):** ଶାସନସ୍ଥିତ ବିଦ୍ୟା ବିକାଶ କ୍ୟାମ୍ପସରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳେ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରମାନେ ମା'ସମଲେଶ୍ୱରୀଙ୍କ ମନ୍ଦିରରୁ ମଶାଲ




ଆଣି ଖେଳ ପଡ଼ିଆରେ ସ୍ଥାପନ କରିଥିଲେ। ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର ଉପସଭାପତି ତଥା ସମ୍ବଲପୁର ଜିଲ୍ଲା ଆଥଲେଟିକ୍ ଆସୋସିଏସନ୍‌ର ଉପସଭାପତି ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଖେଳର ଉଦ୍‌ଘାଟନ କରିଥିଲେ। ବିକାଶ ଦ କନ୍‌ସେପ୍ଟ ସ୍କୁଲର ଅଧକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ ସହିତ ସ୍ୱାଗତ ସମ୍ଭାଷଣ କରିଥିଲେ। ବିଦ୍ୟାର୍ଜନ ସହିତ ଶାରୀରିକ କ୍ରୀଡ଼ା ମନ ଓ ଶରୀରକୁ ସ୍ଫୂର୍ତ୍ତି ରଖିବା ସହିତ ମନରେ ଏକାଗ୍ରତା ଆଣିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟଅତିଥି ମତବ୍ୟକ୍ତ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ଚେୟାରମେନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଯୋଗଦେଇ ଖେଳ ପଡ଼ିଆକୁ ରାଜ୍ୟ ଓ ଅନ୍ତଃରାଷ୍ଟ୍ରୀୟସ୍ତରର ଖେଳ ପ୍ରତିଯୋଗିତା ଉପଯୋଗୀ କରିବା ପାଇଁ ପ୍ରତିଶ୍ରୁତି ଦେବାସହିତ ଛାତ୍ରଛାତ୍ରୀଙ୍କ ଉଚ୍ଚସ୍ତରୀୟ ପ୍ରଦର୍ଶନ ଏହି ପଡ଼ିଆ ସହଯୋଗୀ ହେବ ବୋଲି ମତ ରଖିଥିଲେ। ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା କ୍ରୀଡ଼ାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ବିଦ୍ୟା ବିକାଶ ଗ୍ରୁପ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜୀବ କୁମାର ବାବୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭା ଉନ୍ମୋଚିତ ହୋଇଥାଏ ବୋଲି କହିଥିଲେ। ବିକାଶ ନର୍ସିଂ କଲେଜ ଅଧକ୍ଷ ଈଶ୍ୱର ନାଗ, ହାୟର ସେକଣ୍ଡାରୀ ସ୍କୁଲ ଅଧକ୍ଷ ଡଃ ଦିବ୍ୟସିଂହ ମହାନ୍ତ, ବିକାଶ କନ୍‌ସେପ୍ଟ ସ୍କୁଲର ଉପାଧକ୍ଷ ଯଶୱନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସିବିଏସ୍‌ଇ ସିନିୟର ସେକଣ୍ଡାରୀ ସ୍କୁଲର ଅଧକ୍ଷା ଡଃ ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତାରେ ବିଦ୍ୟାଳୟର ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ, ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା, ଭାଲା ଫିଙ୍ଗା ଆଦି ପ୍ରତିଯୋଗିତା ଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ପ୍ରେମରାଜ ବଘାର, ସୁଦାମ ବିଶ୍ୱାସ, ସୁନିଲ ସିଂହଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀମାନେ କ୍ରୀଡ଼ା ପରିଚାଳନାରେ ସହଯୋଗ କରିଥିଲେ।

ଗୁରୁମୁଣ୍ଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ବଢେଇମୁଣ୍ଡାକୁ ହରାଇ ମାରୁତି-୧୧ ଚାମ୍ପିଅନ



**ଜମନକିରା, ୪।୧୨(ସମିସ)**

ଜମନକିରା ବ୍ଲକ ମହଦା ପଞ୍ଚାୟତ ଗୁରୁମୁଣ୍ଡା ଖେଳ ପଡ଼ିଆରେ ଦି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁମୁଣ୍ଡା କପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବୁଧୁବାର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଥିଲା। ଉଦ୍‌ଘାଟନରେ ମୁଖ୍ୟଅତିଥି ଭାବରେ ମହଦା ଗ୍ରାମର ସମାଜସେବୀ ମନୋଜ କୁମାର ପଟେଲ, ମୁଖ୍ୟବକ୍ତା ଭାବରେ ଲଖନପୁର ବ୍ଲକ ସୁନାରି ହାଇ ସ୍କୁଲର ପ୍ରଧାନଶିକ୍ଷକ କ୍ଷେତ୍ର ମୋହନ ସୁନାନୀ, ସମ୍ମାନୀତ ଅତିଥି ଭାବରେ ଜଗଦୀଶ ପ୍ରସାଦ ହର ଯୋଗ ଦେଇଥିଲେ। ବୁଧବାର ପ୍ରଥମ ମ୍ୟାଚ ହିର୍ମା ଏଫସି ଝାରସୁଗୁଡା ଓ ବୀଣାପାଣି କ୍ଲବ୍ ମଧ୍ୟରେ ହୋଇଥିଲା। ଖେଳକୁ ପରିଚାଳନା କରିଥିଲେ ନୀଳମଣି ନାଏକ, ସାଗର ନାଏକ, ତମୟ କିସାନ ଓ ମେଘନାଥ ଓରାମ। ସଭାପତି ଲୋଚନ ମୁଣ୍ଡା, ସମ୍ପାଦକ ସୁଶିଲ ମୁଣ୍ଡା, କୁଶ ମୁଣ୍ଡା, ଲବ ମୁଣ୍ଡା, ଗଙ୍ଗା ଧର ସୁନାନୀ, ଆକାଶ ମୁଣ୍ଡା, ସନ୍ତୋଷ ମୁଣ୍ଡା, ବୀର ମୁଣ୍ଡା, ବାବୁଲୁ ମୁଣ୍ଡା, ସୁଜିତ ଭୋଇ, ଅଜୟ ବାରିହା। ଆଜି ଫାଇନାଲ ଖେଳ ମାରୁତି ୧୧ସହ ବଢେଇମୁଣ୍ଡା ମଧ୍ୟରେ ହୋଇଥିଲା। ଟ୍ରାଇବେକରରେ ବଢେଇମୁଣ୍ଡାକୁ ହରାଇ ମାରୁତି-୧୧ ଚାମ୍ପିଅନ ହୋଇଥିଲା। ଉଦଯାପନୀଉତ୍ସବରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ମନୋଜ କୁମାର ପଟେଲ, ମୁଖ୍ୟବକ୍ତା ଭାବରେ ଅଙ୍କ ଡ଼ିହି ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରୁ ମୁନୁ ସୁନାନୀ, ସମ୍ମାନିତ ଅତିଥି ଭାବରେ ବଦ୍ରି କୁମାର ବରିହା, କ୍ଷିତି ରଞ୍ଜନ ପଧାନ, ଜଗଦୀଶ ପ୍ରସାଦ ହର, ସନାତନ ନାଏକ ଯୋଗ ଦେଇ ଚାମ୍ପିଅନ ମାରୁତି ୧୧କୁ ଟ୍ରଫି ସହ ୩୦ହଜାର ଟଙ୍କା ଓ ରନର୍ସଅପ ବଢେଇମୁଣ୍ଡାକୁ ଟ୍ରଫିସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

